# ପର୍ଯ୍ୟଟକଙ୍କ ଅପେକ୍ଷାରେ ପ୍ରାଚୀନ କୀର୍ତ୍ତିରାଜି ରାଇବଣିଆ ଦୁର୍ଗ

ଜଳେଶ୍ୱର,୧୮ ।୧୨(ସମିସ)



କର୍ମମୟ ଅବସାଦ ଭରା ଜୀବନରେ ଅବସର ବେଳେ ପରିବାର, ସାଙ୍ଗ ସାଥିଙ୍କ ସହ ବିଭିନ୍ନ ପର୍ଯ୍ୟଟନ କ୍ଷେତ୍ର ବୁଲିବାକୁ ଲୋକେ ବେଶ୍ ପସନ୍ଦ କରିଥାନ୍ତି । ବିଶେଷ କରି ଫସଲ ଅମଳ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସାରି କ୍ଳାନ୍ତ ମନରେ ପ୍ରଫୁଲ୍ଲ ଭରିଦେବା ଲାଗି ପିକନିକରେ ବୁଲି ଯିବାକୁ ସମୂହ ଦିନ ଧାର୍ଯ୍ୟ ହୁଏ । ଚଳିତ ବର୍ଷ ଟି ବୁଢ଼ା ହୋଇଥିବା ବେଳେ ଶୀତୁଆ ପାଗର ଉଷୁମ ବସ୍ତ୍ର ଭିତରେ ବୟସର ତାରତମ୍ୟ ହରାଇ ବୁଲିବାକୁ ହୃଦୟ କୁରୁଳି ଉଠେ । ବୟସ ବଢିବା ସହିତ ବହୁ ପର୍ଯ୍ୟଟନ ସ୍ଥଳୀ ବୁଲି ବୁଲି ସ୍ମୃତି ପୁରୁଣା ପାଲଟି ଯାଇଥାଏ । ନୂତନ ପର୍ଯ୍ୟଟନ ସ୍ଥଳ, ପରିଦର୍ଶନ ନିମନ୍ତେ ଉତ୍ତର ବାଲେଶ୍ୱରର ଐତିହାସିକ ପ୍ରାଚୀନ କୀର୍ତ୍ତିରାଜି ରାଇବଣିଆ ଦୁର୍ଗର ଭଗ୍ନାବଶେଷ, ଗଡ ଖାଇ ଓ ପ୍ରାକୃତିକ ସୌନ୍ଦର୍ଯ୍ୟ, ମାଁ ଗଡ଼ ଚଣ୍ଡୀଙ୍କ ପୀଠ ପର୍ଯ୍ୟଟକଙ୍କ ଆଗମନକୁ ସତେ ଯେମିତି ଚାହିଁ ବସିଛି ।

ଉତ୍ତର ବାଲେଶ୍ୱରର ଜଳେଶ୍ୱର ବ୍ଲକ ଅନ୍ତର୍ଗତ ରାଇବଣିଆ ପଞ୍ଚାୟତ ଅବସ୍ଥିତ ୫ହଜାର ବର୍ଷ ପୂର୍ବରୁ ରାଇବଣିଆ ଦୁର୍ଗକୁ ବର୍ଷ ଯାକ ହଜାର ହଜାର ପର୍ଯ୍ୟଟକ ଛୁଟି ଆସନ୍ତି । ଜିଲ୍ଲା ସଦର ମହକୁମାଠାରୁ ୭୫ କିମି ଓ ଜଳେଶ୍ୱର ରେଳଷ୍ଟେସନରୁ ୨୦ କିମି ଦୂରରେ ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ଅବସ୍ଥିତ ଏହି ଅଲୋଡା ପର୍ଯ୍ୟଟନ ସ୍ଥଳୀ । ଦୀର୍ଘ ଦିନରୁ ଅବହେଳିତ ହୋଇ ପଡିଥିବା ଭଗ୍ନାବଶେଷକୁ ଦେଖିବା ଲାଗି ପର୍ଯ୍ୟଟକ ଛୁଟି ଆସନ୍ତି । ବିଶେଷ କରି ଶୀତ ସମୟରେ ପଡୋଶୀ ପଶ୍ଚିମବଙ୍ଗ ରାଜ୍ୟରୁ ଓ ଓଡିଶାର ବିଭିନ୍ନ ଜିଲ୍ଲାରୁ ଏଠାକୁ ଲୋକଙ୍କ ସୁଅ ଛୁଟିଥାଏ । ରାଇବଣିଆ ଅଞ୍ଚଳ, ଚମାର ଗାଁ ପଞ୍ଚାୟତର ଅବସରପ୍ରାପ୍ତ ଅଧକ୍ଷ ଗବେଷକ ଡ. ଶ୍ରୀକାନ୍ତ ଚରଣ ପାତ୍ରଙ୍କ ପ୍ରଚେଷ୍ଟାରେ ରାଇବଣିଆ ଦୁର୍ଗକୁ ନେଇ ବିଭିନ୍ନ ପୁସ୍ତକ ରଚନା କରିବା ଓ ରାଇବଣିଆ ଦୁର୍ଗର ପୁନରୁଦ୍ଧାର ଏବଂ ବିକାଶ ନିମନ୍ତେ ପରିଷଦ ଗଠନ କରିବା ବଳିଷ୍ଠ ପଦକ୍ଷେପ । ଅଞ୍ଚଳର ବିଭିନ୍ନ ବୁଦ୍ଧିଜୀବୀଙ୍କ ସାଂଗଠନିକ ପ୍ରୟାସ କ୍ରମେ ରାଜ୍ୟ ସରକାର ତଥା ଭାରତ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଦୁର୍ଗର ପରିଚୟକୁ ଅଙ୍କୁରିତ କରାଯାଇଥିଲା । ଯାହା ଫଳରେ ବଣ, ଲତା ଘେରା ଓ ଭଗ୍ନ ଅବସ୍ଥାରେ ପଡିରହିଥିବା ଦୁର୍ଗକୁ ପୂର୍ବ ସରକାର ସମୟରେ ପର୍ଯ୍ୟଟନ ଓଡ଼ିଶା ଭାଷା ସାହିତ୍ୟ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ପ୍ରାଚୀନ ରାଇବଣିଆ ଦୁର୍ଗ ଉନ୍ନତିକରଣ ପାଇଁ ୧୬୮୭ଲକ୍ଷ ଟଙ୍କା ୨୦୨୩ ମସିହାରେ ମଞ୍ଜୁର କରି ଶିଳାନ୍ୟାସ କରିଥିଲେ । ଠିକାଦାରଙ୍କ ଦ୍ୱାରା ଦୁର୍ଗର ଉନ୍ନତିକରଣ କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ୍ୟ ନିମ୍ନମାନର ଓ କଚ୍ଛପ ଗତିରେ ନିର୍ମାଣ ଯୋଗୁଁ ପର୍ଯ୍ୟଟନ ସ୍ଥଳ ଲୋକାର୍ପଣ ହୋଇପାରୁନାହିଁ । ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ଓ ଅତି ନିମ୍ନମାନର ଅଭିଯୋଗ ହୋଇଆସୁଛି । ପିକନିକ ଓ ଭ୍ରମଣ ପାଇଁ ପ୍ରାୟତଃ ଡିସେମ୍ବର ୧୫ରୁ ଜାନୁୟାରୀ ୧୫ ପର୍ଯ୍ୟନ୍ତ ପର୍ଯ୍ୟଟକଙ୍କ ଭିଡ଼ ପରିଲକ୍ଷିତ ହୋଇଥାଏ । କିନ୍ତୁ ନିଆଁ ଜାଳି ଭୋଜି କରିବା ଓ ଡିଜେ ସାଉଣ୍ଡ ସହ ସେଠାରେ ମଦ୍ୟପ ଲୋକଙ୍କ ମାହୋଲ ପ୍ରାକୃତିକ ଶାନ୍ତ ପରିବେଶ ଓ ଦେବୀ ପୀଠକୁ କଳୁଷିତ କରିଥାଏ । ବିଶେଷ ମୌଳିକ ସୁବିଧା ନ ଥିଲା ବେଳେ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବାର କୌଣସି କାର୍ଯ୍ୟକ୍ରମ ହେଉନାହିଁ । ଏହାସହିତ ପର୍ଯ୍ୟଟକଙ୍କ ସୁରକ୍ଷା ସୁବିଧା ପାଇଁ ପ୍ରଶାସନ କୌଣସି ଠୋସ୍ ପଦକ୍ଷେପ ନେଉ ନାହାଁନ୍ତି । ଦୁର୍ଗର ଅଧିକାଂଶ ଜାଗାକୁ ଲୋକେ କବ୍‌ଜା କରି ରଖିବା ଓ କିଛି ଜମିକୁ ପଟ୍ଟା କରିନେବା ଏକ ଦୁର୍ଭାଗ୍ୟର ବିଷୟ । ଇଂରେଜ ସମୟରେ ବାଲେଶ୍ୱର ଜିଲ୍ଲାପାଳ ରାଇବଣିଆ ଦୁର୍ଗ ଜାଗାର ପରିମାଣ ସାଢେ ଛଅ ବର୍ଗ ମାଇଲ ବୋଲି ଦର୍ଶାଇ ଥିଲେ । କିନ୍ତୁ ଏବେ ମାତ୍ର କେଇ ଏକର ଜାଗାରେ ବୃହତ୍ ଦୁର୍ଗ ସୀମିତ ରହିଛି । ରାଇବଣିଆ ଦୁର୍ଗ ବଳୟର ସମସ୍ତ ଜାଗା ଓ ପୂର୍ବ କାଳର କାର୍ଯ୍ୟ,କଳା କୀର୍ତ୍ତିକୁ ଓଡ଼ିଶା ପର୍ଯ୍ୟଟନ ବିଭାଗ ହାତକୁ ନେଇ ସୁରକ୍ଷିତ ରଖନ୍ତୁ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି । ସେଠାରୁ ଅନେକ ମୂଲ୍ୟବାନ ପଥର ଚୋରି ହେବା ସହ ଏବେ ମାଙ୍କଡ଼ା ପଥର ଚୋରି ହେଉଛି । ଏଣୁ ପ୍ରତିଦିନ ସେଠାରେ ସରକାରୀ ଜଗୁଆଳ ରହିବା ବ୍ୟବସ୍ଥା ସହ ସଂସ୍କୃତି ବିଭାଗର ଜଣେ ପ୍ରଶାସକ ନିଯୁକ୍ତି ହେଲେ ସ୍ଥିତିର ସୁଧାର ଆସିବ ବୋଲି ମତପ୍ରକାଶ ପାଇଛି । ରାଇବଣିଆ ଦୁର୍ଗର ସୁରକ୍ଷା ପାଇଁ ଥିବା ଉଚ୍ଚ ମାଟି ଓ ପଥର ନିର୍ମିତ ଥିବା ଗଡ ଆଡି ଏବେ ଲୋକଙ୍କ ଦ୍ୱାରା ଖୋଳି ବୋହି ନିଆଯାଉଛି । ଏହାକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବା ସହିତ ଦୁର୍ଗର ଉନ୍ନତି ମୂଳକ କାର୍ଯ୍ୟକୁ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ତଦାରଖ ହେବାର ଆବଶ୍ୟକତା ଅଛି ।

## ସାଂସଦ ଖେଳ ମହୋତ୍ସବ ଉଦ୍‌ଘାଟିତ



ଭୋଗରାଇ,୧୮ ।୧୨(ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଜଳେଶ୍ୱରପୁର ପଞ୍ଚାୟତରେ ଥିବା ଜଳେଶ୍ୱରପୁର ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ଦୁଇଦିନ ଧରି ଅନୁଷ୍ଠିତ ବ୍ଲକସ୍ତରୀୟ ସାଂସଦ ଖେଳ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି । ଶିକ୍ଷକ ହିମାଂଶୁ ଶେଖର ଦାସଙ୍କ ସଂଚାଳନରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଭୋଗରାଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଶାନ୍ତ ମହାରଣା, ଅନ୍ୟତମ ଅତିଥି ଭୋଗରାଇ ଶିକ୍ଷା ଅଧିକାରୀ ନିହାର ରଞ୍ଜନ ଦାସ, ସାଂସଦ ପ୍ରତିନିଧି ଆଶିଷ ପାତ୍ର, ଜୟରାମପୁର ସମିତି ସଦସ୍ୟ ରାଧାକାନ୍ତ ପ୍ରଧାନ, କ୍ୟାପଟେନ୍ ଅଶୋକ ଦାସ, ସୁବାଷ ଚାନ୍ଦ, ସାଂସଦ ଖେଳ ମହୋତ୍ସବର ବ୍ଲକ ସଂଯୋଜକ ଦିବ୍ୟସୁନ୍ଦର ଦାସ ପ୍ରମୁଖ ଉପସ୍ଥିତ ହୋଇଥିଲେ । ୪ଟି ଜୋନରୁ ଆସିଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ୮ ଟି ବିଭାଗର ପ୍ରଥମ ହୋଇଥିବା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା ।

## ମାର୍କୋଣା ବଜାରରେ ଔଷଧ ଦୋକାନ ଯାଞ୍ଚ

ଦକ୍ଷିଣ ବାଲେଶ୍ୱର,୧୮ ।୧୨(ସମିସ): ବାଲେଶ୍ୱର ଜିଲ୍ଲା ସିମୁଳିଆ ଥାନା ଅନ୍ତର୍ଗତ ମାର୍କୋଣା ବଜାରରେ ଅବସ୍ଥିତ ବିଭିନ୍ନ ଔଷଧ ଦୋକାନରେ ଆଜି ଡ୍ରଗ୍ସ ବିଭାଗ ପକ୍ଷରୁ ଯାଞ୍ଚ କରାଯାଇଛି । ବାଲେଶ୍ୱର ଡ୍ରଗ୍ସ ଇନ୍ସପେକ୍ଟର ମୋନାଲିସା ମଲ୍ଲିକଙ୍କ ନେତୃତ୍ୱରେ ଏହି ଯାଞ୍ଚ ହୋଇଛି । ସିମୁଳିଆ ଅଞ୍ଚଳର କିଛି ଔଷଧ ଦୋକାନ ଓ ହୋଲସେଲରଙ୍କ ଦ୍ୱାରା ନକଲି ଔଷଧ ବିକ୍ରି ଓ ଲାଇସେନ୍ସ ନ ଥାଇ ଦୋକାନ କରିଥିବା ନେଇ ପୂର୍ବରୁ ବିଭିନ୍ନ ସମୟରେ ଅଭିଯୋଗ ହୋଇ ଆସୁଥିଲା । ଏହି ଅଭିଯୋଗକୁ ଆଧାର କରି ଆଜି ଡ୍ରଗ୍ସ ଇନ୍ସପେକ୍ଟର ସିମୁଳିଆ ଅଞ୍ଚଳରେ ପହଞ୍ଚି ଅନେକ ଔଷଧ ଦୋକାନରେ ଯାଞ୍ଚ



କରିଥିଲେ । ଯାଞ୍ଚ ସମୟରେ ବିଭିନ୍ନ ପ୍ରକାର ଔଷଧର ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଛି ।

## ବିଦ୍ୟାଳୟରେ କ୍ରୀଡ଼ା ଓ ସୃଜନଶୀଳତା କାର୍ଯ୍ୟକ୍ରମ

ଜଳେଶ୍ୱର,୧୮ ।୧୨(ସମିସ): ଜଳେଶ୍ୱର ବ୍ଲକ ରାଇବଣିଆର ମହୁଡୁମା ସ୍ଥିତ ଗଦାଧର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କ୍ରୀଡ଼ା ଓ ସୃଜନଶୀଳତାର କାର୍ଯ୍ୟକ୍ରମ 'ବିକଶିତ ଓଡ଼ିଶା ବିକଶିତ ମୋ ବିଦ୍ୟାଳୟ' ଉତ୍ସବ ଉଦ୍‌ଯାପିତ ହୋଇଯାଇଛି । ଗୁରୁବାର ସଭାରେ ପ୍ରଧାନଶିକ୍ଷକ ଶଶାଙ୍କ ଶେଖର ଜେନା ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ଭାବେ ପ୍ରାକ୍ତନ ବସ୍ତା ଗୋଷ୍ଠୀ ଶିକ୍ଷା ଅଧିକାରୀ ଲଲାଟେନ୍ଦୁ ଜେନା ଯୋଗଦେଇ ଶିକ୍ଷା ସହିତ ଖେଳ, ସଂଗୀତ, ନୃତ୍ୟ ଇତ୍ୟାଦି କ୍ଷେତ୍ରରେ ଛାତ୍ରଛାତ୍ରୀ ପାରଙ୍ଗମ ହେବାକୁ ପରାମର୍ଶ ଦେଇଥିଲେ । ପ୍ରାକ୍ତନ ଶିକ୍ଷକ ଶିଶିର କୁମାର ଗାନ୍ଧୀ ଓ ସ୍ଥାନୀୟ ସରପଞ୍ଚ ସସ୍ମିତା ପାତ୍ର ଯୋଗଦେଇ ଅଭିଭାଷଣ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ରାଧାକାନ୍ତ ସିଂ, ପରିଚାଳନା କମିଟି ସଭାପତି, ସଭ୍ୟ ସଭ୍ୟା, ଅଭିଭାବକ ଉପସ୍ଥିତ ହୋଇ ଅନୁଷ୍ଠାନ ଅଗ୍ରଗତି ଦିଗରେ ସୁଚିନ୍ତିତ ମତାମତ ଦେଇଥିଲେ । ପୂର୍ବରୁ ବିଭିନ୍ନ ବିଭାଗରେ ହୋଇଥିବା କ୍ରୀଡ଼ା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରି ଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ ହୋଇଥିଲା । ସରକାରୀ ଶିକ୍ଷକ ଲକ୍ଷ୍ମୀରାମ ମାର୍ଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ ।

## ୧୦ କେଜି ଗଞ୍ଜେଇ ଜବତ, ବେପାରୀ ଗିରଫ

ରୂପସା, ୧୮ ।୧୨ (ସମିସ): ଜିଲା ଭ୍ରାମ୍ୟମାଣ ଅବକାରୀ ମୋବାଇଲ ୟୁନିଟ ତରଫରୁ



ଗୁରୁବାର ରୂପସା ଥାନା ଅନ୍ତର୍ଗତ ବରହମପୁର ଛକ ନିକଟରେ ଚଢ଼ଉ କରାଯାଇ ଜଣେ ଗଞ୍ଜେଇ ବେପାରୀଙ୍କୁ ଗିରଫ୍ କରାଯାଇଥିବା ବେଳେ ତା ନିକଟରୁ ୧୦ କେଜି ଗଞ୍ଜେଇ ଜବତ୍ କରାଯାଇଛି । ଗିରଫ ଅଭିଯୁକ୍ତ ଜଣକ ହେଲେ ଜଳେଶ୍ୱର ଥାନା କୋଟସାହି ଗ୍ରାମର ମନୋରଞ୍ଜନ ଘୋଷ(୪୫) । ଆଜି ପୂର୍ବାହ୍ଣରେ ମନୋରଞ୍ଜନ ଏକ ବାଇକରେ ଗଞ୍ଜେଇ ବୋଝେଇ କରି ଜଳେଶ୍ୱର ପଟୁ ବାଲେଶ୍ୱର ଅଭିମୁଖେ ଆସୁଥିଲା । କୌଣସି ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଅବକାରୀ ଅଧୀକ୍ଷକ ମନୋଜ କୁମାର ସେଠୀଙ୍କ ନିର୍ଦ୍ଦେଶରେ ଇନ୍ସପେକ୍ଟର ହରିହର ସିଂ, ସବଇନ୍ସପେକ୍ଟର ଭବେଶ ଦାସ, ଏଏସଆଇ ଲମ୍ବୋଦର ମହାନ୍ତ ସଦଳବଳେ ଉକ୍ତ ଛକ ନିକଟରେ ମନୋରଞ୍ଜନଙ୍କୁ କାବୁ କରିବା ସହ ତା ନିକଟରୁ ୧୦ କେଜି ଗଞ୍ଜେଇ ଏବଂ ଗୋଟିଏ ବାଇକ ମଧ୍ୟ ଜବତ୍ କରିଥିଲେ । ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ ହୋଇ ମନୋରଞ୍ଜନକୁ କୋର୍ଟଚାଲାଣ କରାଯାଇଛି । ଜବତ ଗଞ୍ଜେଇର ମୂଲ୍ୟ ଲକ୍ଷେରୁ ଅଧିକ ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି ।

## ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି ଚୌମୁଖ ବେଳାଭୂମି

କାଳିପଦା, ୧୮ ।୧୨ (ସମିସ): ସୁବର୍ଣ୍ଣରେଖା ନଦୀ ମୁହାଁଣ ଚୌମୁଖ ବେଳାଭୂମି ପ୍ରତି ଏବେ ପର୍ଯ୍ୟଟକମାନେ ଅଧିକ ଆକୃଷ୍ଟ ହେଉଛନ୍ତି । ବଣଭୋଜି କରିବା ପାଇଁ ଏହା ଏବେ ଉତ୍କୃଷ୍ଟ ସ୍ଥାନ ଭାବରେ ଗଣ୍ୟ ହେଉଛି । ପଞ୍ଚାୟତ ପକ୍ଷରୁ ଏଠାରେ ମନୋରମ ଉଦ୍ୟାନ, କୁଟୀର, ବିଶ୍ରାମ ଗାର, ପାନୀୟ ଜଳ ଯୋଗାଣ, ବିଦ୍ୟୁତ କରଣ ଆଦି ବ୍ୟବସ୍ଥା କରାଯାଇଥିବା ବେଳେ ଓ ଜଙ୍ଗଲ ବିଭାଗ ପକ୍ଷରୁ ଧାଡି ଧାଡି ଝାଉଁ ଗଛ ଲଗାଯାଇଛି । ତାହାଛଡା ପ୍ରକୃତି ଦତ୍ତ ନାଲି କଙ୍କଡାଙ୍କ ମାଳ ମାଳ ସମାବେଶ, ନଦୀ ସମୁଦ୍ରର ସଙ୍ଗମ ସ୍ଥଳ, ଅଗଭୀର ସମୁଦ୍ରର ମାଳମାଳ ଲହଡି ଓ ସମତଳ ବେଳାଭୂମିରେ ସମସ୍ତ ସୁବିଧା ରହିଛି । ସବୁଠୁ ବଡ଼ କଥା ହେଉଛି ଏଠାକାର ଶାନ୍ତ ପରିବେଶ । ଗାଡି ପାର୍କିଂ ପାଇଁ କୌଣସି ଦେୟ ଦେବାକୁ ପଡିବ ନାହିଁ । ସମୁଦ୍ରର ଜଳ ରାଶି ଖୁବ ପାଖରେ ଥିବାରୁ ସମୁଦ୍ର ଜଳରେ ସ୍ନାନ କରିବା ପାଇଁ ଦୂରକୁ ଯିବାକୁ ପଡିବ ନାହିଁ ଡଗରା ଗୁମୁଟି ଛକ ଠାରୁ ବେଳାଭୂମି ରାସ୍ତା ଖୁବ ପ୍ରଶସ୍ତ ଓ ସୁନ୍ଦର । ଏବେ ପର୍ଯ୍ୟଟନ ଋତୁ ଆରମ୍ଭ



ହୋଇ ଯାଇ ଥିବାରୁ ପ୍ରତିଦିନ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ଦୂରଦୂରାନ୍ତରୁ ଆସୁଥିବା ବିଦେଶୀ ପର୍ଯ୍ୟଟକମାନେ ବୁଲା ବୁଲି ସାରି ବାଲିଆପାଳ ବଜାରରେ ଥିବା ବିଭିନ୍ନ ହୋଟେଲ ଓ ଲଜରେ ସ୍ୱଳ୍ପ ମୂଲ୍ୟରେ ରାତ୍ରିଯାପନ କରି ଫେରି ଯାଉଛନ୍ତି । ମାତ୍ର ବିଡମ୍ବନାର ବିଷୟ ଯେ, ୧୯୯୮ ମସିହାରେ ରାଜ୍ୟ ସରକାର ଏହି ବେଳାଭୂମିକୁ ପର୍ଯ୍ୟଟନ କେନ୍ଦ୍ରର ମାନ୍ୟତା ଦେଇଥିଲେ ବି ଏହାର ବିକାଶ ପାଇଁ ସରକାର କୌଣସି ପଦକ୍ଷେପ ନେଇ ନାହାଁନ୍ତି । ଯୋଜନାର ନାଲି ଫିତା ତଳେ ଚାପି ହୋଇ ରହିଛି ଏହାର ବିକାଶ । ୨୦୦୬ ମସିହାରେ ଏଠାରେ ସୁବର୍ଣ୍ଣ ରେଖା ବନ୍ଦର ହେବ ବୋଲି ସରକାର ଘୋଷଣା କରି ନୀରବରେ ବସିଛନ୍ତି କହିଲେ ଚଳେ । ଗଲା କେତେ ବର୍ଷ ହେଲା ଟାଟା କମ୍ପାନୀ ବନ୍ଦର ପାଇଁ ମାତ୍ର ଅଳ୍ପ କିଛି ଜମି ଅଧିଗ୍ରହଣ କରି ଚୁପ୍ ବସିଛି । କାମର ବିଶେଷ କିଛି ଅଗ୍ରଗତି ହେଉ ନାହିଁ । ଅନ୍ୟ ପକ୍ଷରେ ଓଡିଶା ହାଇକୋର୍ଟ ଏକ ଜନ ସ୍ୱାର୍ଥ ମାମଲାର ବିଚାର କରି ଚୌମୁଖ ବେଳାଭୂମିର ବିକାଶ ପାଇଁ ସରକାରଙ୍କୁ ନିର୍ଦ୍ଦେଶ ଦେଇ ଛନ୍ତି । ତେବେ ସରକାର କୋର୍ଟ ନିର୍ଦ୍ଦେଶକୁ କିଭଳି ଭାବେ କାର୍ଯ୍ୟ କରୁଛନ୍ତି, ତାହା ଦେଖିବାକୁ ବାକି ରହିଲା ।

## ବାଉଁଶଗଡିଆ ହାଇସ୍କୁଲରେ ପୁରାତନ ଛାତ୍ରଛାତ୍ରୀଙ୍କ ଗୁରୁ ପୂଜନ



ଖଇରା,୧୮ ।୧୨ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ରଣପୁର-ବାଉଁଶଗଡିଆ ହାଇସ୍କୁଲରେ ୧୯୯୨ ମାଟ୍ରିକ ବ୍ୟାଚର ଛାତ୍ରଛାତ୍ରୀଙ୍କ ଦ୍ୱାରା ଗୁରୁପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଭାବମୟ ପରିବେଶ ମଧ୍ୟରେ ୩୩ବର୍ଷ ତଳେ କାର୍ଯ୍ୟରତ ଗୁରୁମା ଗୁରୁଜୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଛାତ୍ରଛାତ୍ରୀ ତତକାଳୀନ ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ବେହେରା, ସହକାରୀ ଶିକ୍ଷକ ପ୍ରଶାନ୍ତ କୁମାର ବେହେରା, ସୁରେନ୍ଦ୍ରନାଥ ବେହେରା, ନିକୁଞ୍ଜ କିଶୋର ଦାସ, ହର କିଶୋର ମହାରଣା, ବାବାଜୀ ଚରଣ ପଣ୍ଡା, ବର୍ତ୍ତମାନର ଶିକ୍ଷକ ରତ୍ନାକର ପଣ୍ଡା, କାହ୍ନୁ ଚରଣ ସେଠୀଙ୍କୁ ଅଙ୍ଗବସ୍ତ୍ର, ମାନପତ୍ର ଓ ସ୍ମୃତି ପଦକ ଦେଇ ସମ୍ମାନିତ କରାଯାଇଥିଲା । ପ୍ରାକ୍ତନ ଛାତ୍ର ଗୌତମ ମହାରଣା ସଭା ପରିଚାଳନା କରିଥିବା ବେଳେ ଶିଶିର କୁମାର ଜେନା ଆଗାମୀ ଯୋଜନା ସମ୍ପର୍କରେ ଅବତାରଣା କରିଥିଲେ । ଭାରତୀ ନାୟକ ଗୁରୁବନ୍ଦନା ଗାନ ଏବଂ ବାସନ୍ତୀଲତା ଭୁତିଆ, ଗୀତାଞ୍ଜଳି ନାୟକ, ଚଞ୍ଚଳାବାଳା ସାହୁ, ଅଶେଷ ବେହେରା, ମାଧବ ଦେଉରୀ, ଦୈତାରୀ ବେହେରା, ଜଗନ୍ନାଥ ପାତ୍ର, ମାୟାଧର ଦେହୁରୀ, ନର୍ମଦା ବେହେରା, ସନ୍ଧ୍ୟାରାଣୀ ସ୍ୱାଇଁ ଓ ସନ୍ଧ୍ୟାରାଣୀ ବେହେରା ସହଯୋଗ, ଉଷାରାଣି ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ ।

## ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘର ଶିଶୁ ମହୋତ୍ସବ

ଖଇରା,୧୮ ।୧୨ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ନଛିପୁର ହାଇସ୍କୁଲ ପରିସରରେ ୪୨ତମ ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ସଭାରେ ଓଷ୍ଟା ଖଇରା ମଣ୍ଡଳ ସଭାପତି ବ୍ରହ୍ମାନନ୍ଦ ସାହୁ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବେ ଜିଲା ସଭାପତି ମନୋରଞ୍ଜନ ଦାସ, ପୂର୍ବତନ ସଭାପତି ଜିତେନ୍ଦ୍ର ବେହେରା ମୁଖ୍ୟବକ୍ତା, ହାଇସ୍କୁଲର ପ୍ରଧାନଶିକ୍ଷକ ରାମଚନ୍ଦ୍ର ପତ୍ରୀ, ବିଜୟ ପାତ୍ର, ଜୟନ୍ତ କୁମାର ପଣ୍ଡା, ରମେଶ ଚନ୍ଦ୍ର ପୁହାଣ, ପ୍ରଦୀପ ବେହେରା, ହରିପଦ ଭୂୟାଁ, ଉତ୍ତମ ଲେଙ୍କା, ଭାଗିରଥି ଖଟୁଆ, ରାଜ କିଶୋର ମିଶ୍ର, ନାରାୟଣ ମହାପାତ୍ର, ଦେବେନ୍ଦ୍ର ରାଉତ, ଗଜେନ୍ଦ୍ର ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ପରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ୩୦୦ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନୃତ୍ୟଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସେହିଭଳି ଉଦ୍‌ଯାପନୀ ସଭାରେ ବିଧାୟକ ପଦ୍ମଲୋଚନ ପଣ୍ଡା ମୁଖ୍ୟଅତିଥି, ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ ମୁଖ୍ୟବକ୍ତା, ସରପଞ୍ଚ ମନୋରଞ୍ଜନ ସାହୁ, ଜିଲା ପରିଷଦ ସଭ୍ୟ ରଶ୍ମିତା ମହାପାତ୍ର, ଓଷ୍ଟା ସମ୍ପାଦକ ବିଷ୍ଣୁ ପ୍ରସାଦ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ । ଦୁର୍ଗାମାଧବ ଓଝା ଓ ପ୍ରଶାନ୍ତ କୁମାର ହୋତା ମଞ୍ଚ ଆହ୍ୱାନ, ନରସିଂହ ପାଣି ବେଦପାଠ କରିଥିଲେ । ହରିହର ପତ୍ରୀଙ୍କ ସମେତ ସମସ୍ତ ଶିକ୍ଷକଶିକ୍ଷୟତ୍ରୀ ସହଯୋଗ କରିଥିଲେ ।

## ୨୧ରେ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଜିଲ୍ଲାସ୍ତରୀୟ ସତ୍‌ସଙ୍ଗ ଉତ୍ସବ



ବସ୍ତା ବ୍ଲକ, ୧୮ ।୧୨ (ସମିସ): ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ଛଚିନାଠାରେ ଆସନ୍ତା ୨୧ ତାରିଖରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୮ ତମ ଆବିର୍ଭାବ ଦିବସ ଉପଲକ୍ଷେ ଜିଲ୍ଲାସ୍ତରୀୟ ସତ୍‌ସଙ୍ଗ ଉତ୍ସବ "ଐଶାୟାନି' ପାଳିତ ହେବାକୁ ଯାଉଛି । କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ପାଳନ ସହ ଉତ୍ସବର ଆଭିମୁଖ୍ୟ ଓ ବିଭିନ୍ନ କାର୍ଯ୍ୟକ୍ରମକୁ ନେଇ ଗୁରୁବାର ଜିଲ୍ଲା ନେତୃମଣ୍ଡଳୀଙ୍କ ଦ୍ୱାରା ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏଥିରେ ବସ୍ତା, ବାଲିଆପାଳ, ଜଳେଶ୍ୱର, ବାଲେଶ୍ୱର ବ୍ଲକରୁ ଚକ୍ରଧର ଜେନା, ହୃଦୟ ରଞ୍ଜନ ତ୍ରିପାଠୀ, ଅଭିନ୍ନ ପଟ୍ଟନାୟକ, ଅଜିତ ଦାସ, ବାସୁଦେବ ବିହାରୀ, ସୁଦିପ ପ୍ରଧାନ, ସୁରେନ୍ଦ୍ର ପ୍ରସାଦ ପଟ୍ଟନାୟକ, ବସନ୍ତ ସାହୁ, ରାଜେନ୍ଦ୍ର ମହାପାତ୍ର, ସଞ୍ଜୟ ପାତ୍ର, ରତ୍ନାକର ପଣ୍ଡା, କେଦାର ନାଥ ମହାନ୍ତିଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ । ଏହି ସତସଙ୍ଗ ରେ ବାଲେଶ୍ୱର ଜିଲ୍ଲା ୧୨ ଟି ବ୍ଲକ ସହିତ ପଡ଼ୋଶୀ ରାଜ୍ୟରୁ ହଜାର ହଜାର ଶ୍ରଦ୍ଧାଳୁ ଯୋଗ ଦେବା ଆଶା ପ୍ରକଟ କରା ଯାଇଛି । ଦିବସ ବ୍ୟାପୀ ଦୀକ୍ଷା ଓ ଦୀକ୍ଷା ପତ୍ରର ସମୀକ୍ଷା, ସ୍ୱାସ୍ଥ୍ୟ ଶିବିର, ଭଜନ କୀର୍ତ୍ତନ, ସହ ସାଂସ୍କୃତିକ କାର୍ଯ୍ୟକ୍ରମ, ମାତୃ ସମ୍ମିଳନୀ ଓ ସାନ୍ଧ୍ୟ ଉଦଯାପନୀ ରେ ଆତସବାଜିର କାର୍ଯ୍ୟକ୍ରମ ରହିଛି । ଏହି ଜିଲ୍ଲା ସ୍ତରୀୟ ସତସଙ୍ଗ ପ୍ରଥମ ଥର ପାଇଁ ବସ୍ତା ସ୍ଥିତ ଛଚିନା ମିନି ଷ୍ଟାଡିୟମରେ ଅନୁଷ୍ଠିତ ହେବ ।

## ବାଲି ମାଫିଆଙ୍କ ବିରୋଧରେ ପ୍ରଶାସନର କାର୍ଯ୍ୟାନୁଷ୍ଠାନ

ରୂପସା, ୧୮ ।୧୨ (ସମିସ): ବସ୍ତା ଥାନା ଅଧୀନସ୍ଥ ଅମର୍ଦ୍ଦାରୋଡ ଫାଣ୍ଡି ଅନ୍ତର୍ଗତ ବେଣାପୁରାର ଏକ ବେଆଇନ ବାଲି ସୈରାତ ନିକଟରୁ ବୁଧବାର ବିଳମ୍ବିତ ରାତିରେ ଗୋଟିଏ ଜେସିବିକୁ ଖଣି ବିଭାଗ ଜବତ୍ କରିଛି । ସୁବର୍ଣ୍ଣରେଖା ନଦୀ ତଟବର୍ତ୍ତୀ ବେଣାପୁରା ବାଲି ସୈରାତରୁ ସେହି ଅଞ୍ଚଳର କିଛି ମାଫିଆ ପ୍ରତ୍ୟେକ ଦିନ ବେଆଇନ ଭାବେ ବାଲି ଉତ୍ତୋଳନ କରି ଆସୁଥିଲେ । ଏ ନେଇ ପ୍ରଶାସନ ନିକଟରେ ଅଭିଯୋଗ ହେବା ପରେ ବୁଧବାର କନିଷ୍ଠ ଖଣି ଅଧିକାରୀ ସତ୍ୟଚିନ୍ମୟ ଜେନା, ତାପସ ବେହେରା, ଅତିରିକ୍ତ ତହସିଲଦାର ପିଜ୍ୟୁସକାନ୍ତ ପ୍ରଧାନ ଏବଂ ଏଏସଆଇ ପ୍ରଶାନ୍ତ କୁମାର ରାଉତ ପହଞ୍ଚି ବାଲି ପରିବହନ ଲାଗି ବ୍ୟବହୃତ ରାସ୍ତାକୁ ଜେସିବି ଦ୍ୱାରା ଖୋଳି ଦେଇଥିଲେ । ଏହା ପରେ ସେମାନେ ସେଠାରୁ ପଳାଇଥିଲେ । ଏହି ସମୟରେ ମାଫିଆମାନେ ଅଧିକାରୀ ମାନଙ୍କର ଗତିବିଧିକୁ ନିରୀକ୍ଷଣ କରିବା



ସହ ବାଲି ପରିବହନ ଲାଗି ଅନ୍ୟ ଏକ ରାସ୍ତାର ସନ୍ଧାନ ଚଳାଇଥିଲେ । ତେବେ ଗତକାଲି ରାତି ପ୍ରାୟ ୧:୩୦ ସମୟରେ ମାଫିଆମାନେ ପୁଣି ଜେସିବି ଲଗାଇ ବାଲି ଉତ୍ତୋଳନ କାର୍ଯ୍ୟରେ ଲାଗି ପଡ଼ିଥିଲେ । ଏହି ସମୟରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ କନିଷ୍ଠ ଖଣି ଅଧିକାରୀ ତାପସ ବେହେରା ସଦଳବଳେ ଗ୍ରାମ ମଧ୍ୟକୁ ପ୍ରବେଶ କରୁଥିବା ଜାଣି ମାଫିଆମାନେ ବାଲି ଟ୍ରାକ୍ଟରଗୁଡ଼ିକୁ ଘଟଣାସ୍ଥଳରୁ ଖସାଇ ନେଇ ପଳାଇଥିବା ବେଳେ ଜେସିବିକୁ ବାଲି ସୈରାତର ଅନତି ଦୂର ଏକ ନିଛାଟିଆ ସ୍ଥାନରେ ଛାଡ଼ି ଚମ୍ପଟ୍ ମାରିଥିଲେ । ଶ୍ରୀ ଜେନା ଜେସିବିର ଚେନ୍ ଦାଗ ଗୁଡ଼ିକୁ ଅନୁସରଣ କରି ଜେସିବି ନିକଟରେ ପହଞ୍ଚି ତାହାକୁ ଜବତ କରି ପୁଲିସକୁ ହସ୍ତାନ୍ତର କରିଥିଲେ । ବେଆଇନ ବାଲି ଚାଲାଣକୁ ରୋକ ଲଗାଇବା ପାଇଁ ଦିନରେ ପ୍ରଶାସନର ରାସ୍ତା ତାଡ଼ିବା ଏବଂ ରାତିରେ ବାଲି ଉତ୍ତୋଳନ କରିବା ସମୟରେ ଚଢାଉ କରି ଜେସିବି ଜବତ୍ କରିବା ଘଟଣା ମାଫିଆ ମାନଙ୍କୁ କଡ଼ା ଜବାବ ଦିଆଯାଇଥିବା ସାଧାରଣରେ ଆଲୋଚନା ହେଉଛି ।

## ବ୍ଲକସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ

ଜଳେଶ୍ୱର,୧୮ ।୧୨ (ସମିସ)




ବ୍ଲକସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ ଜଳେଶ୍ୱର ମ୍ୟୁନିସିପାଲିଟି ଅନ୍ତର୍ଗତ ପଞ୍ଚୁଘଣ୍ଟାସ୍ଥିତ ପଞ୍ଚୁଘଣ୍ଟେଶ୍ୱରୀ ମନ୍ଦିର ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି । ସମାଜ ମଙ୍ଗଳ ବିଭାଗର ଭାରପ୍ରାପ୍ତ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ତଥା ପ୍ରକଳ୍ପ ଅଧିକାରିଣୀ ସ୍ୱପ୍ନା ପ୍ରହରାଜଙ୍କ ପରିଚାଳନାରେ ମୁଖ୍ୟଅତିଥି ଭାବେ ରାଜ୍ୟ ମହିଳା ଆୟୋଗର ଅଧ୍ୟକ୍ଷା ଶୋଭନା ମହାନ୍ତି ଯୋଗଦେଇ ମହିଳା ମାନଙ୍କ ଉପରେ ହେଉ ଥିବା ନିର୍ଯାତନାକୁ ଏଡ଼େଇବା ପାଇଁ ବିଭିନ୍ନ ପ୍ରକାର ଆଇନ ପ୍ରଣୟନ ସରକାର ଗ୍ରହଣ କରିଥିବା ବିଷୟରେ ବକ୍ତବ୍ୟ ରଖିଥିଲେ । ମୁଖ୍ୟବକ୍ତା ଭାବେ ରାଜ୍ୟ ପ୍ରଶିକ୍ଷକ ଡକ୍ଟର ଟୁନା ସାହୁ, ବରେଣ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଅନୁସୂୟା ପ୍ରଧାନ, ଜିଲ୍ଲା ପ୍ରକଳ୍ପ ଅଧିକାରିଣୀ ସୁବର୍ଣ୍ଣା ବେହେରା, ଜଳେଶ୍ୱର ବ୍ଲକ ଅଧ୍ୟକ୍ଷ ମାନସ ଜେନା, ମ୍ୟୁନିସିପାଲିଟି ଅଧ୍ୟକ୍ଷ ପ୍ରତୀପ କୁମାର ପ୍ରଧାନ, ଉପାଧ୍ୟକ୍ଷା ପୁଷ୍ପପ୍ରିୟା କାମିଳା, ଜଳେଶ୍ୱର ବିଡିଓ ଗୌରାଙ୍ଗ ଚରଣ ଘୋଷ, ପୁଲିସ ସବ୍‌ଇନିସ୍ପେକ୍ଟର ପାନମଣୀ ସୋରେନ, ସିଡିପିଓ ମିନତି ସିଂ ପ୍ରମୁଖ ମଞ୍ଚାସୀନ ହୋଇ ମହିଳାମାନଙ୍କ ପାଇଁ ବିଭିନ୍ନ ଆଇନ ସମ୍ବନ୍ଧୀୟ ସଚେତନତା ବାର୍ତ୍ତା ଦେଇଥିଲେ । ଅନ୍ୟ ନିମନ୍ତ୍ରିତ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ଶାନ୍ତନୁ ପଟ୍ଟନାୟକ, ସୁଗୋ ସରପଞ୍ଚ ଜୟନ୍ତୀ ପରିଡ଼ା, କଳମା ସରପଞ୍ଚ ସୁବନିତା ଦତ୍ତ, ଶ୍ରୀରାମପୁର ସରପଞ୍ଚ ଆଲୋକ କୁମାର ଗିରି, ବରଡିହା ସରପଞ୍ଚ ଅଜୟ ମହାନ୍ତି, ଲକ୍ଷ୍ମଣନାଥ ସରପଞ୍ଚ ରଞ୍ଜନ ମହାନ୍ତି, ଶିଖରପୁର ସରପଞ୍ଚ ବିଦ୍ୟାଧର ମଲ୍ଲିକ, ସର୍ଦ୍ଦାରବନ୍ଧ ସମିତି ସଭ୍ୟ ଗଣେଶ ସୋରେନ, ଡିପିପୁର ସମିତି ସଭ୍ୟ ମୁକୁନ୍ଦ ରଞ୍ଜନ ଜେନା, ଶ୍ୟାମନଗର ସରପଞ୍ଚ ଗିରିଜା ସାସମଲ, ମ୍ୟୁନିସିପାଲିଟି ୮ ନମ୍ବର ୱାର୍ଡ କାଉନସିଲର ଚିତ୍ତରଞ୍ଜନ ମହାନ୍ତି, ୭ ନମ୍ବର ୱାଡର୍ କାଉନସିଲର ମୀର ଆବାସ ଅଲ୍ଲି ପ୍ରମୁଖ ଉପସ୍ଥିତ ହୋଇଥିଲେ । ସମସ୍ତ ମହିଳା ପରିଦର୍ଶିକା, ବହୁ ଅଙ୍ଗନବାଡ଼ି କର୍ମୀ, ଆଶାକର୍ମୀ ଓ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିବା ବେଳେ ଜିଲ୍ଲା ସଂଯୋଜକ ପ୍ରଦୀପ କୁମାର ପାଳ, ଏଫଏଲ ବିନୟ କୁମାର ପାତ୍ର, ଆଇଟି ରାଜେଶ ଦାସ, ଏମଟିଏସ ଗୌରୀଶଙ୍କର ରାଉତ, ଅଙ୍ଗନବାଡ଼ି କର୍ମୀ ଲକ୍ଷ୍ମୀପ୍ରିୟା ଦାସ, ତୃପ୍ତିରାଣୀ ମହାନ୍ତି, କୁନ୍ତଳା ପାତ୍ର, ଦେବସ୍ମିତା ମହାନ୍ତି ଓ କବିତା ଘୋଷ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ସୁରକ୍ଷା ବାଡ଼କୁ ପିଟି ଓଲଟିଲା କାର, ୨ ଆହତ

## ● ଦେଢବର୍ଷର ଶିଶୁପୁତ୍ର ଗୁରୁତର

ରାଜଘାଟ, ୧୮।୧୨ (ସମିସ): ବସ୍ତା ଥାନା ୬୦ ନଂ ଜାତୀୟ ରାଜପଥର ନଳବାହାର ପୋଲ ଉପରେ ଥିବା ସୁରକ୍ଷା ବାଡ଼କୁ ଧକ୍କା ଦେଇ ଗୋଟିଏ କାର ରାସ୍ତା ଉପରକୁ ଓଲଟିବା ଯୋଗୁ ୨ଜଣ ଯାତ୍ରୀ ଆହତ ହୋଇଥିବା ବେଳେ ଜଣେ ଦେଢବର୍ଷର ଶିଶୁପୁତ୍ର ଗୁରୁତର ହୋଇଛି। ଗୁରୁବାର ମଧ୍ୟାହ୍ନ ସମୟରେ ପଶ୍ଚିମବଙ୍ଗ ଅଞ୍ଚଳର ଗୋଟିଏ ପରିବାରର ୫ଜଣ ଯାତ୍ରୀ ଏକ କାର ଯୋଗେ ପୁରୀ ଅଭିମୁଖେ ବାହାରିଥିଲେ। ଏହି ସମୟରେ କାରଟି ଭାରସାମ୍ୟ ହରାଇ ନଳବାହାର ଛକ ନିକଟ ପୋଲର ସୁରକ୍ଷା ବାଡ଼କୁ ଧକ୍କା ଦେଇ ରାସ୍ତା ଉପରେ ଓଲଟି ପଡ଼ିଥିଲା। ଫଳରେ କାରର ୫ଜଣ ଯାତ୍ରୀଙ୍କ ମଧ୍ୟରୁ ୨ଜଣ ଆହତ ହୋଇଥିବା ବେଳେ ଜଣେ ଦେଢବର୍ଷର ଶିଶୁପୁତ୍ର ଗୁରୁତର ହୋଇଛି। ସମସ୍ତଙ୍କୁ ଉଦ୍ଧାର କରାଯାଇ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିବା ବେଳେ ବସ୍ତା ପୁଲିସ ପହଞ୍ଚି କାରଟିକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି।

# ଆଜିଠୁ ସର୍ବଭାରତୀୟ ମହାବୀର କପ୍ କ୍ରିକେଟ

ସୋର, ୧୮।୧୨(ସମିସ): ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ବାଗୁଡ଼ି ପଡିଆରେ ଶୁକ୍ରବାରଠାରୁ ୨୭ ତମ ସର୍ବଭାରତୀୟ ମହାବୀର କପ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇ ଡିସେମ୍ବର ୨୫ ତାରିଖରେ ଶେଷ ହେବ ବୋଲି କ୍ଲବ ତରଫରୁ ସୂଚନା ଦିଆଯାଇଛି। ଏହି ଅବସରରେ ବାଗୁଡ଼ି ପଡିଆରେ ମହାବୀର କ୍ଲବର ପ୍ରାକ୍ତନ ସଭାପତି ଅଖିଳରାମ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଚଳିତବର୍ଷ ଓଡିଶା, ଝାଡଖଣ୍ଡ, ବିହାର ଏବଂ ପଶ୍ଚିମବଙ୍ଗରୁ ନାମୀ ଦାମୀ ୮ ଟି ଟିମ ଅଂଶ ଗ୍ରହଣ କରିବା ପାଇଁ ସହମତି ପ୍ରକାଶ କରିଥିବା ନେଇ ସମ୍ପାଦକ ବୀରେନ୍ଦ୍ର ଜେନା ସୂଚନା ଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ ବାଲେଶ୍ୱରର ୟୁ ଆଣ୍ଡ ମି କ୍ଲବ ଏବଂ ୟୁନାଇଟେଡ଼ ଇଲେଭେନ, ଗଞ୍ଜାମ ମଧ୍ୟରେ ଅନୁଷ୍ଠିତ ହେବ। ଏହି ଟୁର୍ନାମେଣ୍ଟ ସାତ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ବେଳେ ଡିସେମ୍ବର ୨୫ ତାରିଖରେ ଗ୍ରାଣ୍ଡ ଫାଇନାଲ ଅନୁଷ୍ଠିତ ହେବ ବୋଲି ବୈଠକରେ ଆଲୋଚନା ହୋଇଥିଲା। ଏହି ବୈଠକରେ ମହାବୀର କ୍ଲବର ସଦସ୍ୟ ଗିରିଜା ଶଙ୍କର ନାୟକ, ଜନ୍ମେଜୟ ବିନ୍ଧାଣି, ଶ୍ରୀକାନ୍ତ ମଲ୍ଲିକ, ଶକ୍ତି ସ୍ୱରୂପ ଦାସ, ମାନସ କୁମାର ବେହେରା, ଉତ୍ତମ ବେହେରା, ପ୍ରଶାନ୍ତ ଜେନା, ପୂର୍ଣ୍ଣଚନ୍ଦ୍ର ଜେନା, ଗଜେନ୍ଦ୍ର ଜେନା ପ୍ରମୁଖଙ୍କ ସମେତ କ୍ଲବର ସମସ୍ତ ସଦସ୍ୟମାନେ ଉପସ୍ଥିତ ଥିଲେ।

# ଦୁର୍ଘଟଣାରେ ତିନି ଗୁରୁତର

ରାଜଘାଟ, ୧୮।୧୨ (ସମିସ): ସିଂଲା ଥାନା ଜାମଶୂଳୀଠାରେ ଟାଟା ଏସିଇ ଓ ପିକଅପ ଭ୍ୟାନ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ତିନିଜଣ ଗୁରୁତର ଆହତ ହୋଇଛନ୍ତି। ଆଜି ଅପରାହ୍ନ ତିନିଟା ସମୟରେ ଜାମଶୂଳୀରୁ ଲଙ୍ଗଳେଶ୍ୱର ଅଭିମୁଖେ ଟାଟା ଏସିଇ ସହିତ ତିନି ଯୁବକ ଯାଉଥିବା ବେଳେ ସାମ୍ନାପଟରୁ ଆସୁଥିବା ପିକଅପ୍ ସହ ଧକ୍କା ଦେଇଥିଲା। ଫଳରେ ଟାଟା ଏସିଇରେ ଥିବା ତିନି ଯୁବକ ଗାଡ଼ି ସାମ୍ନା ପଟରୁ ଚାପି ହୋଇ ରହିଥିଲେ। ତାଙ୍କୁ ସ୍ଥାନୀୟ ଲୋକ ଗାଡ଼ି ଭାଙ୍ଗି ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିବା ବେଳେ ଘଟଣା ସ୍ଥଳରେ ୧୦୮ ଆମ୍ବୁଲାନ୍ସ ପହଞ୍ଚିବାପରେ ବିଳମ୍ବ ହେବାରୁ ସ୍ଥାନୀୟ ପୁଟୁରା ସରପଞ୍ଚ ରାଧାକୃଷ୍ଣ ବେହେରା ନିଜ କାରରେ ଗୁରୁତରଙ୍କୁ ବସ୍ତା ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ସମସ୍ତ ଗୁରୁତର ଅବସ୍ଥାରେ ସୁଧାର ନ ଆସିବାରୁ ବାଲେଶ୍ୱର ପରେ କଟକ ସ୍ଥାନାନ୍ତର କରାଯାଇଛି। ଏଣେ ଦୁର୍ଘଟଣା ଘଟାଇଥିବା ପିକ ଅପ ଭ୍ୟାନ ଚାଳକ ଗାଡ଼ି ଛାଡ଼ି ଘଟଣା ସ୍ଥଳରୁ ଫେରାର ହୋଇଛି। ଗୁରୁତର ଯୁବକ ମାନେ ଏହି ଥାନା ବେଣ୍ଟପୁର ଗ୍ରାମର ରତନ ରାଉତ(୨୨), ବିଶ୍ୱନାଥପୁର ଗ୍ରାମର ରାଜେଶ ମଲ୍ଲିକ(୩୧), ଇଡିଦା ଗ୍ରାମର ଦେବେନ୍ଦ୍ର ପାତ୍ର ବୋଲି ଜଣାଯାଇଛି। ଦୁର୍ଘଟଣାଗ୍ରସ୍ତ ଦୁଇଟି ଗାଡ଼ିକୁ ପୁଲିସ ଜବତ କରି ତଦନ୍ତ ଚଳାଇଛି।

# ବ୍ୟକ୍ତିଗତ ଜାଗାରେ ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ ଅଭିଯୋଗ

ଜଳେଶ୍ୱର, ୧୮।୧୨ (ସମିସ) : ଶିଖରପୁର ପଞ୍ଚାୟତର ମଥୁରାନାଥ ଗାଁରେ ତଞ୍ଚକତା କରି ଅଗନୱାଡି କେନ୍ଦ୍ରକୁ ଚନ୍ଦନେଶ୍ୱର ମହାଦେବଙ୍କ ନାମିତ ଜମିରେ ନିର୍ମାଣ କରାଯାଇଥିବାରୁ ଏହାକୁ ବିରୋଧ କରି କେତେକ ଗ୍ରାମବାସୀ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଘଟଣାରୁ ପ୍ରକାଶ ୨୦୨୦ ମସିହାରେ ଗ୍ରାମରେ ଥିବା ରକ୍ଷିତ ଅନାବାଦି ଖାତା ନଂ ୧୫୫ ଓ ପ୍ଲଟ ନଂ ୧୩୪ ଉପରେ ଥିବା ୪ ଡିସିମିଲ ସ୍ଥାନରେ ଏକ ଅଗନୱାଡି କେନ୍ଦ୍ର ନିର୍ମାଣ ଲାଗି ଜିଲା ମଙ୍ଗଳ ଅଧିକାରୀ ଓ ତହସିଲଦାରଙ୍କ ଅନୁମୋଦିତ୍ ହୋଇଥିଲା। ଗ୍ରାମର କେତେକ ଲୋକ ତଞ୍ଚକତା କରି ତତ୍‌କାଳୀନ କନିଷ୍ଠ ଯନ୍ତ୍ରୀଙ୍କ ଦ୍ୱାରା ଏହି ଅଗନବାଡି କେନ୍ଦ୍ରଟି ଚନ୍ଦନେଶ୍ୱର ମହାଦେବଙ୍କ ନାମିତ କିଛି ଲୋକଙ୍କ ବ୍ୟକ୍ତିଗତ ଜମିରେ ନିର୍ମାଣ କରାଯାଇଛି। ଅଗନୱାଡି କେନ୍ଦ୍ରଟି ସଂପୂର୍ଣ୍ଣ ହୋଇନଥିବା ବେଳେ ଏବେ ପିଲାମାନେ ବାରଣ୍ଡାରେ ବସି ପାଠପଢୁଛନ୍ତି। ଏଥିଲାଗି ୬ଲକ୍ଷ ଟଙ୍କା ମଧ୍ୟ ଠିକାଦାରଙ୍କୁ ପ୍ରଦାନ କରାଯାଇଛି। ତେବେ ଗ୍ରାମବାସୀ ଜାଣିବା ପରେ ତଞ୍ଚକତା କରିଥିବା ଅଧିକାରୀମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଲାଗି ଗ୍ରାମବାସୀ ଦାବି କରିବା ସହିତ ପିଲାମାନଙ୍କ ପାଠପଢାର ବ୍ୟବସ୍ଥା କରାଇବାକୁ ଗ୍ରାମର ପ୍ରଦୀପ ବେହେରା, କାଳିପଦ ମହାନ୍ତି କେଳୁଚରଣ ବେହେରା ପ୍ରମୁଖ ବହୁ ଲୋକ ଦାବି କରିଛନ୍ତି। ଏ ସଂପର୍କରେ ବିଡିଓ ଗୌରାଙ୍ଗ ଚରଣ ଘୋଷଙ୍କୁ ପଚାରିବାରୁ ଏ ସଂପର୍କରେ ବ୍ଲକ ନିର୍ବାହୀ ଯନ୍ତ୍ରୀ ସୌମ୍ୟରଂଜନ ସାହୁଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଥିବା କହିଛନ୍ତି।

# ରୋଗୀଙ୍କୁ ଔଷଧ ନ ଦେଇ ରାସ୍ତା କଡ଼ରେ ଫିଙ୍ଗିବା ଘଟଣା / ୨ ମହିଳା ସ୍ୱାସ୍ଥ୍ୟକର୍ମୀ ନିଲମ୍ବିତ

ବାହାନଗା, ୧୮।୧୨(ସମିସ)

ବାଲେଶ୍ୱର ଜିଲ୍ଲା ରେମୁଣା ବ୍ଲକ ଶ୍ରୀଜଙ୍ଗ ରସାଳପୁର ରାସ୍ତାକଡ଼ରେ ଅବଧିଥିବା ଔଷଧ ଫିଙ୍ଗିବା ୨ ଜଣ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କୁ ମହଙ୍ଗା ପଡିଛି। "ସକାଳ"ରେ ଖବର ପ୍ରକାଶ ପରେ ସ୍ୱାସ୍ଥ୍ୟ ବିଭାଗ ଆକ୍ସନ ମୋଡକୁ ଆସିବା ସହ ୨ ଜଣ ମହିଳା ସ୍ୱାସ୍ଥ୍ୟକର୍ମୀ କାର୍ଯ୍ୟରେ ଅବହେଳା ସହ ଔଷଧ ଫିଙ୍ଗା ଘଟଣାରେ ସମ୍ପୃକ୍ତ ଥିବା ଦର୍ଶାଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଉଭୟ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କୁ ନିଲମ୍ବିତ କରିଥିବା ଜଣାପଡିଛି।

ରେମୁଣା ବ୍ଲକ ଶ୍ରୀଜଙ୍ଗ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର କିଛି କିମି ଦୂରରେ ଶ୍ରୀଜଙ୍ଗ - ରସାଳପୁର ରାସ୍ତାର କଣ୍ଟିଆଚିରା ନାଳ ତୁଣ୍ଡରା ଠାରେ ରାସ୍ତା କଡ଼ରେ ଆଳିଆ ଗଦାରେ ସରକାରଙ୍କ ନିରାମୟ ଯୋଜନାରେ ରୋଗୀଙ୍କ ପାଇ ଉଦ୍ଦିଷ୍ଟ ଥିବା ତଥା ଏକ୍ସପାୟାରୀ ହୋଇନଥିବା ଆଇରନ ଓ ଫଲିକ ଏସିଡ ସିରପ ଶହଶହ ପ୍ୟାକେଟ ପଡିଥିବାର ଦେଖିବାକୁ ମିଳିଥିଲା। ଯେଉଁ ଔଷଧର ବ୍ୟାଚ ନମ୍ବର ସିଏଚଏସ-୫୦୦୬୫, ଔଷଧର ପ୍ରସ୍ତୁତି ତାରିଖ ଏପ୍ରିଲ ୨୦୨୫ ଲେଖାଥିବା ବେଳେ ଏକ୍ସପାୟାରୀ ତାରିଖ ସେପ୍ଟେମ୍ବର ୨୦୨୬ ଲେଖା ଯାଇଥିଲା।

ଏ ନେଇ ଗତ ୧୦ ତାରିଖରେ କେବଳ "ସକାଳ"ରେ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶ ପାଇବା ପରେ ଆକ୍ସନ ମୋଡକୁ ଆସିଥିଲା ଜିଲ୍ଲା ପ୍ରଶାସନ ଏବଂ ରାଜ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ। ଘଟଣା ଅତ୍ୟନ୍ତ ସମ୍ବେଦନଶୀଳ ଥିବାରୁ ଘଟଣାକୁ ଗୁରୁତର ଭାବେ ନେଇଥିଲା ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ। ତୁରନ୍ତ ତଦନ୍ତ କରି ତଦନ୍ତ ରିପୋର୍ଟ ପ୍ରଦାନ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ



ନିର୍ଦ୍ଦେଶ ଦେଇଥିଲେ। ଖବର ପ୍ରକାଶ ପାଇବାର କିଛି ଘଣ୍ଟା ମଧ୍ୟରେ ସିଡିଏମଓ ଡା. ପ୍ରଭାତ କୁମାର ବେହେରାଙ୍କ ନିର୍ଦ୍ଦେଶରେ ରେମୁଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମେଡିକାଲ ଅଫିସର ଡା. ରାମଚନ୍ଦ୍ର କିସ୍କୁଙ୍କ ନେତୃତ୍ୱରେ ଏକ ୩ ଜଣିଆ ଟିମ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିବା ସହ ରାସ୍ତା କଡ଼ରେ ଫିଙ୍ଗା ଯାଇଥିବା ୩୨୪ ବୋତଲ ଆଇରନ ଓ ଫଲିକ ଏସିଡର ୫୦ ଏମଏଲର ଔଷଧ ଜବତ କରି ନେବା ସହ ବିଭିନ୍ନ ମେଡିକାଲ କର୍ମଚାରୀଙ୍କୁ ବଣ୍ଟା ଯାଇଥିବା ଔଷଧର ବ୍ୟାଚ ନମ୍ବରକୁ ଆଧାର କରି ତଦନ୍ତ କରିଥିଲେ। ତଦନ୍ତରେ ରେମୁଣା ବ୍ଲକ କୁଲିଗାଁ ସବ୍‌ସେଣ୍ଟରର ଏ.ଏନ.ଏମ ତନୁସ୍ମିତା ନାୟକ ଏବଂ ଇଞ୍ଚୁଡି ସବ୍ ସେଣ୍ଟରର ଏ.ଏନ.ଏମ କବିତା ବେହେରା କାର୍ଯ୍ୟରେ ଅବହେଳା କରିବା ଏବଂ ଔଷଧ ଫିଙ୍ଗିବା ଘଟଣାରେ ସମ୍ପୃକ୍ତ ଥିବା ତଦନ୍ତକାରୀ ଟିମ ଜାଣିବାକୁ ପାଇବା ସହ ସିଡିଏମଓଙ୍କୁ ତଦନ୍ତ ରିପୋର୍ଟ ପ୍ରଦାନ କରିଥିଲେ। ପରେ ତଦନ୍ତ ରିପୋର୍ଟ ଜିଲ୍ଲାପାଳ ଏବଂ ସ୍ୱାସ୍ଥ୍ୟ ବିଭାଗକୁ ପ୍ରଦାନ କରାଯିବା ସହ ଉଭୟ ଏ.ଏନ.ଏମ ତନୁସ୍ମିତା ନାୟକ ଏବଂ କବିତା ବେହେରାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରଭାତ କୁମାର ବେହେରା ନିଲମ୍ବିତ କରିଥିବା ଜଣାପଡିଛି।

ସେପଟେ ଉଭୟଙ୍କୁ ନିଲମ୍ବନ କରି ସ୍ୱାସ୍ଥ୍ୟ ବିଭାଗ ନିଜ କାମ ସାରି ଦେଇଥିବା ବେଳେ ପ୍ରକୃତ ପକ୍ଷେ ଏଏନଏମ ଔଷଧ ସଠିକ ଭାବେ ବାଣ୍ଟୁଛନ୍ତି କି ନାହିଁ ତାହାର ତଦାରଖ ଉପରିସ୍ଥ ଅଧିକାରୀ କରୁଥିଲ କି , ଯଦି ନୁହଁ ତେବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ଉଠିବା ସହ ଘଟଣାର ଉଚ୍ଚସ୍ତରୀୟ ବିଭାଗୀୟ ତଦନ୍ତ ଦାବି ହେଉଛି।

## ● ଭିନ୍ନକ୍ଷମ ସାନଭାଇ ଓ ବୋହୂକୁ ନିର୍ଯାତନା ଅଭିଯୋଗ

# ନିଜର ଭୁଲ୍ ବୁଝି ପାଛୋଟି ନେଲେ ଭାଇ ଭାଉଜ

ନୀଳଗିରି, ୧୮।୧୨(ସମିସ): ନା ପାଟି ଖୋଲୁଛି, ନା ଶୁଣି ପାରୁଛନ୍ତି ଉଭୟ ଭିନ୍ନକ୍ଷମ ହୋଇଥିଲେ ମଧ ଉଭୟ ପରିବାରଙ୍କ ସହମତିରେ ପରସ୍ପରକୁ ବିବାହ ବନ୍ଧନରେ ଯୋଡ଼ି ହୋଇଥିଲେ। ବେଶ୍ ଉଭୟ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଖୁସିର ସଂସାର ଗଢି ତୋଳି ଥିଲେ। ଖୁସିର ସଂସାର ମଧ୍ୟରେ କଳା ବାଦଲ ଭଳି ଭାଇ ଭାଉଜ ମାଡ଼ି ଆସିଥିଲେ। ଏପରିକି ବଡ଼ ଭାଇ ବଡ଼ ଭାଉଜ ଉଭୟ ସାନ ଭାଇ ଓ ତାର ସ୍ତ୍ରୀକୁ ନିର୍ଯ୍ୟାତନା ଦେବା ଆରମ୍ଭ କରିଥିଲେ।

ନୀଳଗିରି ଥାନା ଅନ୍ତର୍ଗତ କଣ୍ଟିଆଟିକର ଗ୍ରାମର ସ୍ୱର୍ଗତ ଗଜେନ୍ଦ୍ର ବେହେରାଙ୍କ ସାନ ପୁଅ ସନ୍ତୋଷ ବେହେରା ଜନ୍ମରୁ ମୁକ, ବଧିର ହୋଇଥିବା ବେଳେ ଶ୍ରୀଜଙ୍ଗ ଗ୍ରାମର ଭିନ୍ନକ୍ଷମ ଯୁବତୀ ରିତାରାଣୀକୁ ଗତ ୨୦/୪/୨୫ରିଖରେ ବିବାହ କରିଥିଲେ। କିଛି ମାସ ଦେଢ଼ସୁର, ବଡ଼ ଭାଉଜଙ୍କ ସହିତ ଭଲରେ ରହିବା ପରେ ଭାଉଜ ନିର୍ଯ୍ୟାତନା ଆରମ୍ଭ କରିଥିଲେ ବୋଲି



ରିତାରାଣୀ ନୀଳଗିରି ଥାନାରେ ଅଭିଯୋଗ କରିଛନ୍ତି। ଉଭୟ ଭିନ୍ନକ୍ଷମ ସ୍ୱାମୀ ସ୍ତ୍ରୀ ଭତ୍ତା ପାଉଥିବା ବେଳେ ଭିନ୍ନକ୍ଷମ ସ୍ୱାମୀ ସନ୍ତୋଷ ହଳଦିପଦାରେ ଏକ ହୋଟେଲରେ କାମ କରି ମାସକୁ ଦଶ ହଜାର ଟଙ୍କା ପାଉଥିଲେ। ବଡ଼ ଭାଇ ବୃନ୍ଦାବନ ବେହେରା ସାନ ଭାଇ ପାଉଥିବା ଭତ୍ତା ଟଙ୍କା ଓ ହୋଟେଲରୁ ପାଉଥିବା ଦଶ ହଜାର ଟଙ୍କା ସବୁକୁ ନେଇଯାଉଥିଲା। ମାତ୍ର ସନ୍ତୋଷର ସ୍ତ୍ରୀ ପାଉଥିବା ଭତ୍ତା ଟଙ୍କା ନିଜ ଆକାଉଣ୍ଟରେ ରଖିଅଛି। ମାତ୍ର ବଡ ଭାଇ ଭାଉଜ ସେମାନଙ୍କର କୌଣସି କଥା ବୁଝିବା ତ ଦୂରର କଥା ପାଲଟା ଭିନ୍ନକ୍ଷମ ସାନ ବୋହୂକୁ ଉଭୟ ଶାରୀରିକ, ମାନସିକ ନିର୍ଯାତନା ଦେଉଥିବାର ଥାନାରେ ଅଭିଯୋଗ କରିଛନ୍ତି। ଗୁରୁବାର ଦିନ ନୀଳଗିରି ପୁଲିସ ବଡ଼ଭାଇ, ବଡ଼ ଭାଉଜକୁ ଥାନାକୁ ଡ଼କାଇ ଥିଲେ। ପରେ ଭଦ୍ରଲୋକଙ୍କ ଉପସ୍ଥିତିରେ ବଡ଼ଭାଇ ଓ ବଡ଼ ଭାଉଜ ନିଜର ଭୁଲ୍ ସ୍ୱୀକାର କରିବା ସହ ସାନ ଭାଇର ଭତ୍ତା ଟଙ୍କାକୁ ତାଙ୍କ ନାମରେ ଥିବା ଆକାଉଣ୍ଟରେ ରଖିବେ, ଏପରିକି କୌଣସି ଦିନ ଉଭୟ ଭିନ୍ନକ୍ଷମ ସ୍ୱାମୀ ସ୍ତ୍ରୀକୁ ନିର୍ଯ୍ୟାତନା ଦେବେ ନାହିଁ ବୋଲି କହିଥିଲେ। ସାନ ଭାଇ ଓ ତାର ସ୍ତ୍ରୀ ଦେଢ଼ଶୁର, ଯାଙ୍କୁ ସମ୍ମାନ ଜଣାଇ ଦେଇଥିବା ଅଭିଯୋଗକୁ ଫେରାଇ ନେଇଥିଲେ।

## ■ ନୀଳଗିରି କ୍ରିକେଟ ଲିଗ୍ ସିଜିନ-୫ର ଦ୍ୱିତୀୟ ଦିବସ

# ବାବା ସର୍ବେଶ୍ୱର ଫାଇଟର ଓ ହରପ୍ରିୟା ଚ୍ୟାଲେଞ୍ଜର ବିଜୟୀ

ନୀଳଗିରି, ୧୮।୧୨ (ସମିସ): ନୀଳଗିରି କ୍ରିକେଟ ଲିଗ୍ ସିଜିନ୍ -୫ର ଦ୍ୱିତୀୟ ଦିବସ ଖେଳରେ ଦୁଇଗୋଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ ଓମସାଇ ଷ୍ଟାରପାୱାର ଏବଂ ବାବା ସର୍ବେଶ୍ୱର ଫାଇଟର ମଧ୍ୟରେ ଅନୁଷ୍ଠିତ ହୋଇଥିଲାବେଳେ ବାବା ସର୍ବେଶ୍ୱର ୧୨ଓଭରରେ ୬ୱିକେଟ ହରାଇ ୧୫୨ରନ୍ ସଂଗ୍ରହ କରିଥିବା ବେଳେ ଓମସାଇ ଷ୍ଟାର ପାୱାର ୧୧.୩ଓଭରରେ ସମସ୍ତ ୱିକେଟ ହରାଇ ୧୧୬ରନ୍ ସଂଗ୍ରହ କରିବାରେ ସଫଳ ହୋଇଥିଲା। ଫଳରେ ବାବା ସର୍ବେଶ୍ୱର ଫାଇଟର୍ ବୃହତ୍ ବିଜୟଲାଭ କରିଥିଲା ବେଳେ ଦଳର ରାଜେଶ ପଣ୍ଡା ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଅନୁରୂପ ଭାବେ ଦ୍ୱିତୀୟ ମ୍ୟାଚ ହରପ୍ରିୟା ଚ୍ୟାଲେଞ୍ଜର ଏବଂ ମୁକ୍ତି -୧୧ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ହରପ୍ରିୟା ଚ୍ୟାଲେଞ୍ଜର ୧୨ଓଭରରେ ୪ୱିକେଟ ବିନିମୟରେ ୧୩୬ରନ୍ ସଂଗ୍ରହ କରିଥିଲା। ଜବାବରେ ମୁକ୍ତି -୧୧ସମସ୍ତ ୱିକେଟ ହରାଇ ୧୦୦ରନ୍ ସଂଗ୍ରହ କରିଥିଲା। ଫଳରେ ହରପ୍ରିୟା ଚ୍ୟାଲେଞ୍ଜର ପରବର୍ତ୍ତୀ ପର୍ଯ୍ୟାୟକୁ ଯୋଗ୍ୟ ବିବେଚିତ ହୋଇଛି। ଦଳର ବିକାଶ ବିଶ୍ୱାଳ ୪ଟି ୱିକେଟ ନେଇ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଲକ୍ଷ୍ମୀଧର ବାରିକ ଏବଂ ଦେବାଶିଷ ବେହେରା ଖେଳ ପରିଚାଳନା କରିଥିଲେ। ପ୍ରଥମ ପର୍ଯ୍ୟାୟ ଖେଳକୁ ପୂର୍ବତନ ଏନଏସି ଚେୟାରମେନ ରାଧାଗୋବିନ୍ଦ ଖଟୁଆ ଆନୁଷ୍ଠାନିକ ଉଦଘାଟନ କରିଥିବା ବେଳେ ପୁରସ୍କାର ବିତରଣ ଉତ୍ସବରେ ନୀଳଗିରି ବ୍ଲକ୍ ଉପାଧକ୍ଷ ଜ୍ୟୋତିର୍ମୟ ପୁଥାଳ ଏବଂ ଗରଡ଼ିହି ସରପଞ୍ଚ ଶିବାଜୀ ସିଂ ଅତିଥିଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଏନସିଏଲ ସଭାପତି ସୁମନ ଦାସ, ବିବେକ ସାହୁ, ଆଦର୍ଶଗୌରବ ଦାସ, ସତ୍ୟଜିତ ପ୍ରଧାନ, ଅଶ୍ୱିନୀ ପାତ୍ର, ଲୋକନାଥ ମିଶ୍ର, ଶୁଭ୍ରାଂଶୁ ଶେଖର ନନ୍ଦ, ସନ୍ତୋଷ ସାହୁ, ସୁନୀଲ ମଢେଇ, ସୁଶାନ୍ତ ସେନାପତି ପ୍ରମୁଖ ସହଯୋଗ କରିଥିଲେ।




## ● ତହସିଲ ପକ୍ଷରୁ ବାଲି ଗାଡ଼ି ଜବତ

# ଫେରାର ବେଳେ ଗୋଡ଼ାଇ ଧରିଲେ ତହସିଲଦାର

ସୋର, ୧୮।୧୨(ସମିସ): ସୋର ତହସିଲ ପକ୍ଷରୁ କଲେଜଛକ ନିକଟରେ ଚଢ଼ଉ କରି ଏକ ବାଲି ବୋଝେଇ ହାଇୱାକୁ ଜବତ କରି ତହସିଲକୁ ଆଣୁଥିବା ବେଳେ ହାଇୱା ଚାଳକ ଜଣକ ତଞ୍ଚକତା କରି ଫେରାର ହେଉଥିବା ବେଳେ ନୀଳଗିରି ପୁଲିସ ସହାୟତାରେ ଗାଡି ଟିକୁ ଜବତ କରିଛନ୍ତି। ସୋର ତହସିଲଦାର ଦୈତାରୀ ମଲ୍ଲିକ ଆଜି ସନ୍ଧ୍ୟାରେ କଲେଜଛକ ନିକଟରେ ଭଦ୍ରକରୁ ବାଲେଶ୍ୱର ଅଭିମୁଖେ ଆସୁଥିବା ବାଲି ଗାଡି ଗୁଡିକର କାଗଜପତ୍ର ଯାଞ୍ଚ କରୁଥିଲେ। ଏହି ସମୟରେ ଓଡି ୦୧ଏଏମ ୮୮୯୯ ନମ୍ବର ବିଶିଷ୍ଟ ହାଇୱାଟି ବେଆଇନ ଭାବେ ବାଲି ଚାଲାଣ କରୁଥିବା ଜାଣି ପାରି ଗାଡିକୁ ଜବତ କରି ତହସିଲକୁ ଆଣୁଥିଲେ। କିନ୍ତୁ ଏହି ସମୟରେ ହାଇୱା ଚାଳକ ଗାଡିକୁ ନୀଳଗିରି ଅଭିମୁଖେ ନେଇ ଯାଇଥିଲେ। ଫଳରେ ତହସିଲଦାର ଶ୍ରୀ ମଲ୍ଲିକ ଗାଡିକୁ ପିଛା କରିବା ସହିତ ନୀଳଗିରି ପୁଲିସକୁ ଯୋଗାଯୋଗ କରି ବାରାକୋଇଲି ଛକ ନିକଟରୁ ହାଇୱାଟିକୁ ଜବତ କରି ନୀଳଗିରି ପୁଲିସକୁ ହସ୍ତାନ୍ତର କରିଛନ୍ତି। ଏହାର ଚାଳକ ଚାଳକ ଫେରାର ହୋଇଯାଇଥିବା ଜଣା ପଡିଛି।

# ନିଶ୍ଚିନ୍ତପୁର ପଞ୍ଚାୟତରେ ତଦନ୍ତକାରୀ ଟିମ୍



ସୋର, ୧୮।୧୨(ସମିସ): ସୋର ବ୍ଲକ ନିଶ୍ଚିନ୍ତପୁର ପଞ୍ଚାୟତରେ ସରକାରଙ୍କ ବିଭିନ୍ନ ଯୋଜନାରେ କାମ କରା ନ ଯାଇ ଟଙ୍କା ଉଠାଯାଇଥିବା ଅଭିଯୋଗରେ ଏକ ତଦନ୍ତକାରୀ ଟିମ ଘଟଣାର ତଦନ୍ତ କରି ଫେରିଥିବା ଜଣାପଡିଛି। ଅଭିଯୋଗ ଅନୁସାରେ ଏହି ପଞ୍ଚାୟତର ପୂର୍ବତନ ସରପଞ୍ଚ ବିଭିନ୍ନ ଗ୍ରାମରେ କାମ କରିବା ନାଁରେ ୨୦ ଲକ୍ଷରୁ ଅଧିକ ଟଙ୍କା ଉଠାଇଥିବା ବେଳେ ବାସ୍ତବରେ ଉକ୍ତ ସ୍ଥାନରେ କାମ ହୋଇ ନ ଥିବା ନେଇ ବର୍ତ୍ତମାନର ସରପଞ୍ଚ ସୌମେନ୍ଦ୍ରନାଥ ଦାଶମହାପାତ୍ର, ସମିତି ସଭ୍ୟ ପ୍ରଶାନ୍ତ ସାହୁ ଆରଟିଆଇରେ ତଥ୍ୟ ମାଗିଥିଲେ। ଏହା ପରେ ସରପଞ୍ଚ, ସମିତି ସଭ୍ୟଙ୍କ ସମେତ ଗ୍ରାମର ହରିଶଙ୍କର ଜେନା, ଉମାକାନ୍ତ ଦାସ, କୈଳାଶ ମୁଦୁଲି ପ୍ରମୁଖ ବ୍ଲକରେ ଅନୁଷ୍ଠିତ ଜନ ଶୁଣାଣି ଶିବିରରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ତଦନ୍ତ କରିବାକୁ ନିର୍ଦ୍ଦେଶ ପାଇ ବାଲେଶ୍ୱର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ (ଅର୍ଥ ବିଭାଗ) ଉଦ୍ଧବ ଚରଣ ନାୟକ, ଡିଆଡିଏ ଏଇଇ ସୁଶାନ୍ତ ସାହୁ, ଜେଇ ସଞ୍ଜିବ ମହାପାତ୍ର ଓ ସୋର ବ୍ଲକ ଏଇଇ ନିର୍ମଳ ପରିଡା, ପିଇଓ ମାଧବୀ ସିଂ ପ୍ରମୁଖ ଆଜି ଅପରାହ୍ଣରେ ନିଶ୍ଚିନ୍ତପୁର ପଞ୍ଚାୟତରେ ପହଞ୍ଚି ତଦନ୍ତ କରିବା ସହିତ ସ୍ଥାନ ବିଭିନ୍ନ ସ୍ଥାନ ପରିଦର୍ଶନ କରି ସ୍ଥିତି ପରଖିଥିବା ଜଣାପଡିଛି।

# ଟ୍ରକ୍ ଚାପାରେ ଗୋଡ଼ ହରାଇଲେ ବୃଦ୍ଧ

ଜଳେଶ୍ୱର, ୧୮।୧୨(ସମିସ): ଜଳେଶ୍ୱର-ଚନ୍ଦନେଶ୍ୱର ୫୭ ରାଜ୍ୟ ରାଜପଥ ବାରାଗଡିଆ ଠାରେ ସିମେଣ୍ଟ ବୋଝେଇ ଟ୍ରକ୍ ଚାପାରେ ଗୋଡ଼ ହରାଇଲେ ବୃଦ୍ଧ। ଭୋଗରାଇ ଥାନା ଗୋପୀନାଥ ପୁର ଗ୍ରାମର ଜ୍ୟୋତିର୍ମୟ କାମିଲା(୭୯) କୋର୍ଟ କାର୍ଯ୍ୟ ସାରି ଘରକୁ ଫେରୁଥିଲେ। ରାଜ୍ୟ ରାଜପଥ ବାରାଗଡିଆ ଠାରେ ସ୍କୁଟି ସହ ବୃଦ୍ଧ ଜଣକ ଛିଡା ହୋଇଥିବା ବେଳେ ସିମେଣ୍ଟ ବୋଝେଇ ଟ୍ରକ ତାଙ୍କ ଗୋଡ଼ ଉପରେ ମାଡି ଯାଇଥିଲା। ସ୍ଥାନୀୟ ଯୁବକ ମାନେ ମୁମୂର୍ଷୁ ଅବସ୍ଥାରେ ତାଙ୍କୁ ନିକଟସ୍ଥ ଜିକେ ଭଟ୍ଟର ହସ୍ପିଟାଲରେ ଭର୍ତ୍ତି କରିଥିଲେ। ବୃଦ୍ଧଙ୍କ ଗୋଟିଏ ଗୋଡ ଅଧାରୁ କଟି ଯାଇଥିବା ବେଳେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଘଟଣାସ୍ଥଳରେ ପୁଲିସ୍ ପହଞ୍ଚି ଟ୍ରକ୍ ଡ୍ରାଇଭର ତପନ କୁମାର ନାୟକ (୨୫)କୁ ଅଟକ ରଖିଥିବାବେଳେ ଅଧିକ ତଦନ୍ତ କରୁଛନ୍ତି। ସୂଚନାଯୋଗ୍ୟ ଏହି ସ୍ଥାନ ବ୍ୟସ୍ତବହୁଳ ହୋଇଥିବାରୁ ଦୁର୍ଘଟଣା ପ୍ରବଣ ସ୍ଥଳରେ ଡିଭାଇଡର ଲଗାଇବାକୁ ଦାବି ହେଉଛି।

# ଅଙ୍ଗନବାଡି କେନ୍ଦ୍ରରେ ଖାଦ୍ୟ ହଡ଼ପ, ଅଭିଭାବକଙ୍କ ଧାରଣା

ନୀଳଗିରି, ୧୮।୧୨ (ସମିସ): ନୀଳଗିରି ବ୍ଲକର ନରସିଂହପୁର ପଞ୍ଚାୟତରେ ଥିବା ବଇଁଚା ଅଙ୍ଗନବାଡି କେନ୍ଦ୍ରରେ କର୍ମୀ କାଳେ ପିଲାମାନଙ୍କ ଖାଦ୍ୟକୁ ହଡ଼ପ କରୁଥିବାର ପାଟିତୁଣ୍ଡ କରିଥିଲେ। ପିଲାମାନଙ୍କ ଖାଦ୍ୟକୁ ସବୁ ହଡ଼ପ କରିଥିବା ନେଇ ମହିଳା ମାନେ ଅଭିଯୋଗ କରିଛନ୍ତି। କେନ୍ଦ୍ରର କର୍ମୀ କୁମୁଦିନୀ ସେଠୀ ସଠିକ୍ ତଥ୍ୟ ନଦେବାରୁ



ଜାଣି ଗୁରୁବାର ଦିନ ଅନେକ ପିଲାଙ୍କ ମାଆ ମାନେ କେନ୍ଦ୍ରରେ ପହଞ୍ଚି ପିଲାମାନଙ୍କ ପାଇଁ ସରକାରଙ୍କ ପକ୍ଷରୁ ଦିଆ ଯାଉଥିବା ଖାଦ୍ୟର ତଥ୍ୟ ମାଗିଥିଲେ। କେନ୍ଦ୍ରର କର୍ମୀ ସନ୍ତୋଷଜନକ ଉତ୍ତର ନ ଦେବାରୁ ଅଭିଭାବକମାନେ କେନ୍ଦ୍ରରେ ତାଲା ପକାଇ ଶେଷରେ ଆଶା ଦିଦି ପହଞ୍ଚି କାଗଜପତ୍ର ଦେଖାଇ ଥିଲେ। ବହୁବାର ଏନେଇ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିଲେ। ତୁରନ୍ତ ସିଡିପିଓ ଘଟଣାର ତଦନ୍ତ କରିବା ପାଇଁ ଦାବି ହୋଇଛି।

# ବିଭିନ୍ନ ସ୍ଥାନରେ ସାଂସଦ ଖେଳ ମହୋତ୍ସବ




ସୋର, ୧୮।୧୨(ସମିସ)

ସୋର ଉପେନ୍ଦ୍ରନାଥ ମହାବିଦ୍ୟାଳୟରେ ନିର୍ବାଚନ ମଣ୍ଡଳୀସ୍ତରୀୟ ସାଂସଦ ଖେଳ ମହୋତ୍ସବ ଉଦଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ସୋରର ପ୍ରାକ୍ତନ ବିଧାୟକ ପର୍ଶୁରାମ ଧଡ଼ା ଯୋଗଦେଇ ଏହାକୁ ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏହି ଅବସରରେ ଆଜି ସକାଳେ ମଶାଲ ଶୋଭାଯାତ୍ରା ସ୍ଥାନୀୟ କ୍ଷେମେଶ୍ୱର ମହାଦେବ ମନ୍ଦିର ନିକଟରୁ ବାହାରି କଲେଜ ପଡିଆରେ ପହଞ୍ଚିଥିଲା। ପରେ ପ୍ରାକ୍ତନ ବିଧାୟକ ଶ୍ରୀ ଧଡ଼ା କ୍ରୀଡା ପତାକା ଉତ୍ତୋଳନ କରି ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସୋର ବିଡ଼ିଓ ସତ୍ୟନାଥ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ବିଜେପି ସଭାପତି ଈଶ୍ୱରଚନ୍ଦ୍ର ବେହେରା, ସୋର ଗୋଷ୍ଠୀ ଶିକ୍ଷାଧିକାରୀ ସୋମାରାଣୀ ସେଠୀ, ମୁଖ୍ୟ ବକ୍ତା ଭାବେ ଉପେନ୍ଦ୍ରନାଥ କଲେଜ ଅଧକ୍ଷ ମନୋଜ କୁମାର ମହାନ୍ତି, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ପ୍ରଧାନ, ଅନ୍ୟତମ ଅତିଥି ଭାବେ ସୋର ବ୍ଲକ ସାଂସଦ ପ୍ରତିନିଧି ତଥା ଖେଳ ମହୋତ୍ସବର ସଂଯୋଜକ ଦୀପ୍ତିକାନ୍ତ ପଣ୍ଡା, ବାହାନଗା ବ୍ଲକ ଅଧକ୍ଷ ବିଶ୍ୱନାଥ ମିଶ୍ର, ବାହାନଗା ବ୍ଲକ ସାଂସଦ ପ୍ରତିନିଧି ଜୟନ୍ତ ମହାନ୍ତି, ପୌରପାଳିକା ସାଂସଦ ପ୍ରତିନିଧି ସଂଗ୍ରାମ ମହାନ୍ତି ପ୍ରମୁଖ ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଏହି ପଦକ୍ଷେପ ବିକଶିତ ଭାରତ ସୃଷ୍ଟି ପାଇଁ ଯୁଗାନ୍ତକାରୀ ପଦକ୍ଷେପ ବୋଲି କହିଥିଲେ। ଦୁଇ ଦିନ ଧରି ଚାଲିବାକୁ ଥିବା ଏହି ଖେଳ ମହୋତ୍ସବରେ ନିର୍ବାଚନ ମଣ୍ଡଳୀର ଦୁଇଟି ବ୍ଲକରୁ ବିଭିନ୍ନ ବିଦ୍ୟାଳୟରୁ ପ୍ରାୟ ୨ ହଜାରରୁ ଅଧିକ ପ୍ରତିଯୋଗୀ ଭାଗ ନେଇଛନ୍ତି।

ନୀଳଗିରି: ନୀଳଗିରି ଉପଖଣ୍ଡ ସଦର ମହକୁମାରେ ୨ଦିନିଆ ସାଂସଦ ଖେଳ ମହୋତ୍ସବ-୨୦୨୫ ଉଦଯାପିତ ହୋଇଯାଇଛି। ଉଦଯାପନୀ ଦିବସ ତଥା ଦ୍ୱିତୀୟ ଦିନ ଖେଳ ମହୋତ୍ସବରେ ନୀଳଗିରି ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରୁ ୧୬ଟି ଫୁଟବଲ ଦଳ, ୪ଟି କବାଡି ଦଳ, ୮ଟି ଭଲିବଲ ଦଳ ଏବଂ ଗୋଟିଏ ବାଳିକା ଖୋ ଖୋ ଦଳ, ଶାରୀରିକ ଶିକ୍ଷା ଅନୁଷ୍ଠାନର ଶିକ୍ଷାର୍ଥୀ କ୍ରିଡ଼ା ପ୍ରେମୀ, ମହାବିଦ୍ୟାଳୟସ୍ତର ଛାତ୍ର ଛାତ୍ରୀ ଏବଂ କ୍ରୀଡା ଅନୁଷ୍ଠାନର ଶିକ୍ଷାର୍ଥୀ ମାନଙ୍କୁ ନେଇ ସମସ୍ତ ଖେଳ ଅନୁଷ୍ଠିତ ହୋଇଯାଇଛି। ଏହି ବ୍ଲକ୍ ସ୍ତରୀୟ ସାଂସଦ ଖେଳ ସମାପନ ପରେ ବିଜେତା ଦଳଙ୍କୁ ଟ୍ରଫି ଏବଂ ରନର୍ସଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ଉପଖଣ୍ଡ ପୁଲିସ ଅଧୀକ୍ଷକ ପ୍ରମୋଦ ମଲ୍ଲିକ, ସମ୍ମାନୀତ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିକ୍ରମ କେଶରୀ ପରିଡ଼ା, ସମ୍ମାନିତ ଅତିଥି ଭାବେ ଚନ୍ଦ୍ର ଶେଖର ନନ୍ଦ, ସବ୍ୟସାଚୀ ମହାପାତ୍ର, ଆଇନଜୀବୀ ଦେବେନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି ସାଂସଦ ଖେଳ ମହୋତ୍ସବକୁ ସାଂସଦ କ୍ରୀଡ଼ା ସଂଯୋଜକ ଦେବାଶିଷ ଆଚାର୍ଯ୍ୟ, ବ୍ଲକ କ୍ରୀଡା ସମ୍ପାଦକ ଆଜମ ମାର୍ଣ୍ଡି, କ୍ରୀଡା ଶିକ୍ଷକ ଶିକ୍ଷୟତ୍ରୀ ସହଯୋଗ କରିଥିଲେ।

ଔପଦା: ଔପଦା ହାଇସ୍କୁଲ ପଡିଆରେ ସାଂସଦ ଖେଳ ମହୋତ୍ସବ ଉଦଯାପିତ ହୋଇଯାଇଛି। ଉଦଯାପନୀ ଦିବସରେ ଔପଦା ବିଡ଼ିଓ ଶାଶ୍ୱତୀ ସାତୁଆଳ, ଏବିଇଓ ରତ୍ନାକର ଦାସ ପତାକା ଦେଖାଇ ଖେଳକୁ ଶୁଭାରମ୍ଭ କରିଥିଲେ। ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀ ବିଭିନ୍ନ ପ୍ରକାର ଖେଳରେ ଭାଗ ନେଇଥିଲେ। ଅପରାହ୍ନରେ ଉଦଯାପନୀ ସଭାରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧାପକ ଡ. ହରପ୍ରସାଦ ପଣ୍ଡା ଯୋଗ ଦେଇ ଖେଳ କୁଦରେ ପିଲା ମାନଙ୍କର ଅନ୍ତର୍ନିହିତ ପ୍ରତିଭାର ବିକାଶ ହୁଏ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଏବିଇଓ ରତ୍ନାକର ଦାସ କ୍ରୀଡାର ତାତ୍ପର୍ଯ୍ୟ ସମ୍ପର୍କରେ କହିଥିବା ବେଳେ ସମାଜ ସେବୀ ଅଜୟ ପ୍ରଧାନ ସଭାପତିତ୍ୱ କରିଥିଲେ। ଉଦଯାପନୀ ସଭାରେ ଲକ୍ଷ୍ମୀକାନ୍ତ ବେହେରା, ସନାତନ ଜେନା, ଶାନ୍ତିଲତା ଲେଙ୍କା, କମଳ ଲୋଚନ ପଣ୍ଡା, ଉପେନ୍ଦ୍ର ପ୍ରସାଦ ପଣ୍ଡା, ଉଦୟ ଦାଶ, ଅଲେଖ ଜେନା, ସରୋଜ ନାୟକ, ରାଜେନ୍ଦ୍ର ଜେନା ପରି ବହୁ ସଦସ୍ୟ ଖେଳ ମହୋତ୍ସବରେ ସହଯୋଗ କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସାଂସଦ ଖେଳକୁ ଖେଳ ଶିକ୍ଷକ କରୁଣାକର ଦଳେଇ, ତାପସ ଖଣ୍ଡେଇ, ପ୍ରହ୍ଲାଦ ପରିଡା, ଆରତୀ ଜେନା, ମଧୁସୂଦନ ପରିଡା, ମଦନ ମୋହନ ପତି, ଶାନ୍ତିଲତା ଦାସ ପରିଚାଳନା କରିଥିଲେ।








# କମ୍ବଳ ବେପାରୀଙ୍କ ଗଞ୍ଜେଇ କାରବାର

- ମିଳିଲା ଗଞ୍ଜେଇ; ମିଳୁନାହାନ୍ତି ମାଫିଆ
- ଯଦୁପୁର ଗାଁରୁ ଗଞ୍ଜେଇ ଭର୍ତ୍ତି ଗାଡ଼ି ଠାବ
- କାରବାର ପଛରେ ଆନ୍ତଃରାଜ୍ୟ ଲିଙ୍କ୍
- ମାମଲା ରୁଜୁ କରି ଖଣ୍ଡଗିରି ପୁଲିସର ତନାଘନା

ଭୁବନେଶ୍ୱର, ୧୮।୧୨ (ସମିସ): ନାମକୁ ମାତ୍ର କମ୍ବଳ ବେପାରୀ; ପରଦା ପଛରେ ଗଞ୍ଜେଇ କାରବାର। ଏଭଳି ଢଙ୍ଗରେ ଚାଲିଥିବା ଗଞ୍ଜେଇ କାରବାରକୁ ଠାବ କରିଛି ଖଣ୍ଡଗିରି ଥାନା ପୁଲିସ। ଗଞ୍ଜେଇ ଭର୍ତ୍ତି ଗାଡ଼ି ଓ କମ୍ବଳ ବୋଝେଇ ଗାଡ଼ି ଜବତ କରିଛି ପୁଲିସ। ଗାଡ଼ିରୁ ଗଞ୍ଜେଇ ମିଳିଥିଲେ ମଧ୍ୟ ମାଫିଆଙ୍କ ପାଖରେ ପହଞ୍ଚି ପାରିନାହିଁ ପୁଲିସ। ପ୍ରାୟ ୨ କୁଇଣ୍ଟାଲ ଗଞ୍ଜେଇ ଜବତ କରିବା ସହ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଗଞ୍ଜେଇ କାରବାର ପଛରେ ଆନ୍ତଃରାଜ୍ୟ ଲିଙ୍କ୍ ଥିବା ପ୍ରାଥମିକ ତଦନ୍ତରୁ ସୁରାକ ମିଳିଛି।

ସୂଚନା ଅନୁସାରେ, ପ୍ରାୟ ଦୁଇ ମାସ ହେବ ୩ ଜଣ ଯୁବକ ଯଦୁପୁର ଗ୍ରାମରେ ଭଡ଼ାରେ ରହି ଆସୁଥିଲେ। ସମସ୍ତେ ଏକ ଭ୍ୟାନରେ କମ୍ବଳ ବେପାର କରୁଥିବା ଘର ମାଲିକଙ୍କୁ କହିଥିବା ବେଳେ ଦିନସାରା ବେପାରକୁ ମଧ୍ୟ ଯାଉଥିଲେ। ଦୁଇ ଦିନ ତଳେ ସେମାନେ ରହୁଥିବା ଘର ସାମ୍ନାରେ ଏକ ଥାର୍ ଗାଡ଼ି ଆଣି ରଖିଥିଲେ। ହେଲେ ଦିନ ଗଡ଼ି ଚାଲିଥିଲେ ମଧ୍ୟ ଗାଡ଼ି



କୁଆଡ଼େ ଯାଇ ନ ଥିଲା। ଗାଡ଼ି ନ ଘୁଞ୍ଚିବାରୁ ସ୍ଥାନୀୟ ଲୋକମାନଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଥିଲା। ଗ୍ରାମବାସୀମାନେ ଏକାଠି ହୋଇ ଗାଡ଼ିର ଡୋର୍ ଖୋଲିବାକୁ ଚେଷ୍ଟା କରିଥିଲେ ମଧ୍ୟ ପାରି ନ ଥିଲେ। ଖବରପାଇ ଖଣ୍ଡଗିରି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି କାର କାଚ ଭାଙ୍ଗି ଯାଞ୍ଚ କରିଥିଲା। ଆଉ ଥାର୍ ଗାଡ଼ି ଭିତରୁ ବସ୍ତା ବସ୍ତା ଗଞ୍ଜେଇ ଜବତ କରିଥିଲା।

ଘର ମାଲିକଙ୍କୁ ପଚରାଉଚରା କରି ଭଡ଼ା ଘରେ ଚଢ଼ଉ କରିଥିଲେ ମଧ୍ୟ ବେପାରୀଙ୍କୁ ପାଇ ନ ଥିଲା। ଦୁଇ କ୍ୱିଣ୍ଟାଲ ଗଞ୍ଜେଇ, ଥାର୍ ଗାଡ଼ି ଓ କମ୍ବଳ ବୋଝେଇ ଗାଡ଼ିକୁ ଜବତ କରିବା ସହ ମାମଲା ରୁଜୁ କରିଥିଲା। ଭଡ଼ା ରହୁଥିବା ୩ ଜଣ ଯୁବକ ହରିୟାଣାର ପାନିପଥର ବୋଲି ଜଣାପଡ଼ିଛି। ସେମାନେ କମ୍ବଳ ବ୍ୟବସାୟ ଆଳରେ ଓଡ଼ିଶାକୁ ଆସି ଗଞ୍ଜେଇ ଚାଲାଣରେ ଲିପ୍ତ ଥିବା ତଦନ୍ତ ବେଳେ ଜଣାପଡ଼ିଛି। ଏଭଳି କଥା ଜଣାପଡ଼ିବା ପରେ ଗଞ୍ଜେଇ କାରବାର ପଛରେ ଆନ୍ତଃରାଜ୍ୟ ଲିଙ୍କ୍ ପଦାକୁ ଆସିଛି। ଅଭିଯୁକ୍ତମାନେ କିଛି ଦିନ ପୂର୍ବେ ବରମୁଣ୍ଡା ଅଞ୍ଚଳର ଏକ ସେଲ୍ଫ ଡ୍ରାଇଭ୍ ସଂସ୍ଥାରୁ ସମ୍ପୃକ୍ତ ଥାର୍ ଗାଡ଼ି ଭଡ଼ାରେ ଆଣିଥିବା କଥା ତଦନ୍ତ ବେଳେ ସାମ୍ନାକୁ ଆସିଛି। ସେମାନେ କେତେଦିନ ହେବ ଏଠି ରହୁଥିଲେ? ପୂର୍ବରୁ କେତେଥର ଗଞ୍ଜେଇ ଚାଲାଣ କରିଛନ୍ତି? ବେଆଇନ କାରବାରହେଉଥିଲେମଧ୍ୟଘରମାଲିକକିପୁଲିସକିପରିସୁରାକପାଇଲେନାହିଁ? ଏଭଳି ଅନେକ ପ୍ରଶ୍ନ ଏବେ ପୁଲିସ ଆଡ଼କୁ ଆଙ୍ଗୁଳି ଉଠାଉଛି। ସେପଟେ ପୁଲିସ ତଦନ୍ତ ଚଳାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ମାଫିଆଙ୍କ ପାଖରେ ପହଞ୍ଚି ପାରିନାହିଁ।

## ଆକ୍ରମଣ ଅଭିଯୋଗରେ ଦୁଇ ଗିରଫ



ଭୁବନେଶ୍ୱର, ୧୮।୧୨ (ସମିସ): ପୃଥକ ପୃଥକ ଲିଖିତ ଅଭିଯୋଗ ଆଧାରରେ ତମାଣ୍ଡୋ ଥାନାରେ ଦୁଇଟି ପାଲଟା ମାମଲା ରୁଜୁ କରି ଦୁଇ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ସଞ୍ଜୟ ରାଉତରାୟ ଓ ବେଣୁଧର ଜେନା। ପୁଲିସ ସୂଚନା ମୁତାବକ, ହନୁମାନ ମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ ହୋଇଥିଲା। ଅଭିଯୁକ୍ତ ସଞ୍ଜୟ ରାଉତରାୟ ଓରଫ ନନ୍ଦୁ ମଦ୍ୟପାନ କରି ମନ୍ଦିର ପରିସର ନିକଟରେ ଭକ୍ତ ଓ ପଥଚାରୀମାନଙ୍କୁ ଦୁର୍ବ୍ୟବହାର କରିଥିଲେ। ବେଣୁଧର ଜେନା ଓରଫ ସାଦିଆଙ୍କ ସମେତ ମନ୍ଦିର କମିଟିର ସଦସ୍ୟମାନେ ଏବଂ ସ୍ଥାନୀୟ ଲୋକମାନେ ଏହାକୁ ବିରୋଧ କରିବାରୁ ଉଭୟ ପକ୍ଷ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା। ଏହି ବିବାଦ ହିଂସାତ୍ମକ ସଂଘର୍ଷରେ ପରିଣତ ହୋଇଥିଲା। ଘଟଣା ସମୟରେ ଅଭିଯୁକ୍ତ ସଞ୍ଜୟ ରାଉତରାୟ ଓରଫ ନନ୍ଦୁ ତାଙ୍କ ସ୍କୁଟିର ଡିକିରୁ ଏକ କଟାରୀ ବାହାର କରି ବେଣୁଧର ଜେନା ଓରଫ ସାଦିଆଙ୍କୁ ଆକ୍ରମଣ କରିଥିଲେ। ଫଳସ୍ୱରୂପ ସେ ରକ୍ତାକ୍ତ ଆଘାତ ପାଇଥିଲେ। ଏହି ଘଟଣାକ୍ରମରେ ସାଦିଆ ଏବଂ ତାଙ୍କ ସହଯୋଗୀମାନେ ନନ୍ଦୁଙ୍କୁ ସମାନ ଅସ୍ତ୍ରରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ଯାହାର ଫଳରେ ସେ ମୁଣ୍ଡରେ ଗଭୀର ଆଘାତ ପାଇଥିଲେ। ଆହତ ଉଭୟଙ୍କୁ ତୁରନ୍ତ ଚିକିତ୍ସା ପାଇଁ ଭୁବନେଶ୍ୱରସ୍ଥ ଏମ୍ସକୁ ସ୍ଥାନାନ୍ତରିତ କରାଯାଇଥିଲା। ଉଭୟଙ୍କ ଅଭିଯୋଗକୁ ଭିତ୍ତି କରି ପୁଲିସ ଦୁଇଟି ମାମଲା ରୁଜୁ କରି ଦୁଇ ଜଣଙ୍କୁ ଗିରଫ କରିଥିଲା।

## କାର୍ ଚାଳକଙ୍କୁ ଆକ୍ରମଣ ଘଟଣାରେ ଜଣେ ଗିରଫ

ଭୁବନେଶ୍ୱର, ୧୮।୧୨ (ସମିସ): ଗାଡ଼ି ଧକ୍କାକୁ କେନ୍ଦ୍ରକରି କାର୍ ଚାଳକଙ୍କୁ ଆକ୍ରମଣ କରିଥିବା ଘଟଣାରେ ଜଣେ ନାବାଳକ ସମେତ ଦୁଇ ଜଣଙ୍କୁ ଗିରଫ କରିଛି ଏୟାରପୋର୍ଟ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଗଙ୍ଗନଗର ପଲ୍ଲୀର ବିଶ୍ୱନାଥ ଭୋଇ (୨୨)।

ପୁଲିସ ସୂଚନାନୁସାରେ, ଗତକାଲି ବିକାଶ ସାହୁ ଏୟାରପୋର୍ଟ ଟ୍ରାଫିକ୍ ପଟରୁ କାର୍ ଚଳାଇ ଆସୁଥିବା ବେଳେ ଜଣେ ବାଇକ୍ ଆରୋହୀ ବିପରୀତ ଦିଗରୁ ଆସି ତାଙ୍କୁ ଧକ୍କା ଦେଇଥିଲା। ଏହି କଥାକୁ ନେଇ ବଚସା ହେବାପରେ ବାଇକ୍ ଆରୋହୀ ପଳାଇଥିଲେ। କିଛି ସମୟପରେ ବାଇକ୍ ଆରୋହୀ ଓ ତା'ର ସହଯୋଗୀମାନେ ଆସି ବିକାଶଙ୍କୁ ବନ୍ଧୁକ ଦେଖାଇ ହତ୍ୟା କରିବାକୁ ଧମକ ଦେଇଥିଲେ। ସମସ୍ତେ ମିଶି ତାଙ୍କୁ ସଙ୍ଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ଫଳରେ ବିକାଶଙ୍କ ମୁଣ୍ଡ ସମେତ ଶରୀରର ବିଭିନ୍ନ ସ୍ଥାନରେ ଅନେକ ଆଘାତ ଲାଗିଥିଲା। ଏହାକୁ ନେଇ ସ୍ମାର୍ଟ ସିଟି ଅନଲାଇନ ଅଟୋ ଚାଳକ ସଙ୍ଘ ଏୟାରପୋର୍ଟ ଥାନା ଘେରାଉ କରିଥିଲା। ବିକାଶଙ୍କ ଅଭିଯୋଗ କ୍ରମେ ଏୟାରପୋର୍ଟ ଥାନା ପୁଲିସ ମାମଲା ରୁଜୁ କରିଥିଲା। ଗୁରୁବାର ବିଶ୍ୱନାଥଙ୍କୁ କୋର୍ଟ ଚାଲାଣ କରିଥିବା ବେଳେ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରାଇଛି।

## ଧଉଳି ଦୁଷ୍କର୍ମ ପୀଡ଼ିତାଙ୍କୁ ନ୍ୟାୟ ଦାବିରେ ଗଣବିକ୍ଷୋଭ




ଭୁବନେଶ୍ୱର, ୧୮।୧୨(ସମିସ): ଧଉଳି ଦୁଷ୍କର୍ମ ପୀଡ଼ିତାଙ୍କୁ ନ୍ୟାୟ, ବିଧାୟକ-ମନ୍ତ୍ରୀମାନଙ୍କ ଦରମା ବୃଦ୍ଧି ପ୍ରତ୍ୟାହାର, ବିସ୍ଥାପିତଙ୍କ ଉଚିତ ଥଇଥାନ, ପାଚିକା ଆଦି ସ୍କିମ୍ ୱାର୍କରଙ୍କୁ ଉଚିତ ଦରମା ପ୍ରଦାନ, ଠିକା ଓ ଆଉଟସୋର୍ସିଂ କର୍ମଚାରୀମାନଙ୍କୁ ସ୍ଥାୟୀ କରିବା, ବିଦ୍ୟୁତ୍ କମ୍ପାନୀର ଅନ୍ୟାୟ ସିକ୍ୟୁରିଟି ଫିସ୍ ଆଦାୟ ବନ୍ଦ କରିବା ଆଦି ଦାବିରେ ଗୁରୁବାର ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଭୁବନେଶ୍ୱର ଜିଲ୍ଲା କମିଟି ପକ୍ଷରୁ ସ୍ଥାନୀୟ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଭୁବନେଶ୍ୱରର ଉପରୋକ୍ତ ଦାବି ସମୂହ ନେଇ ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଭୁବନେଶ୍ୱର ଜିଲ୍ଲା ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ବେହେରା, ରାଜ୍ୟ କମିଟି ସଦସ୍ୟ ରାଜେନ୍ଦ୍ର ବର୍ମ୍ମା, ଜିଲ୍ଲା କମିଟି ସଦସ୍ୟ ସନ୍ତୋଷ ରଥ, ନିରଞ୍ଜନ ମହାନ୍ତି, ନସିମ ସରକାର, ପ୍ରଭାମଞ୍ଜୁଳା ବ୍ରହ୍ମ, ବିଜୟଲକ୍ଷ୍ମୀ ପାତ୍ର, ସପ୍ତର୍ଷିନୀ ରାଉଳ, ସୁନିତା ପାଣିଗ୍ରାହୀ, ବିଜ୍ଞାନ ବେହେରା ପ୍ରମୁଖ ଏହି ବିକ୍ଷୋଭର ନେତୃତ୍ୱ ନେଇଥିଲେ। ବିକ୍ଷୋଭ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳଙ୍କୁ ଉପରୋକ୍ତ ସମସ୍ୟାଗୁଡିକର ଆଶୁ ସମାଧାନ ନିମନ୍ତେ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଥିଲା।

## ନାବାଳିକା ଅପହରଣକୁ ୩ ମାସ; ମିଳୁନି ପତ୍ତା

ଭୁବନେଶ୍ୱର, ୧୮।୧୨ (ସମିସ): ନାବାଳିକା ଅପହରଣ ଘଟଣାକୁ ୪ ମାସ ବିତିବାକୁ ବସିଲାଣି। ଏଯାଏଁ ପୁଲିସ ଅଭିଯୁକ୍ତକୁ ଧରି ପାରି ନ ଥିବା ବେଳେ ନାବାଳିକାର ପତ୍ତା ମଧ୍ୟ ପାଇ ପାରିନାହିଁ। ସବୁ ଦିଗରୁ ବିଫଳ ହେବାପରେ କମିସନରେଟ ପୁଲିସ ପକ୍ଷରୁ ପୁରସ୍କାର ରାଶି ଘୋଷଣା କରାଯାଇଛି। ନାବାଳିକା ସମ୍ପର୍କରେ ସୂଚନା ଦେଲେ ୨୫ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

ସୂଚନା ଅନୁସାରେ, ଜଣେ ୧୬ ବର୍ଷୀୟା ନାବାଳିକା ପରିବାର ସହ କ୍ୟାପିଟାଲ ଥାନା ଅନ୍ତର୍ଗତ ସଡ଼କ ବସ୍ତିରେ ରହୁଥିଲେ। ଗତ ସେପ୍ଟେମ୍ବର ମାସ ୨ ତାରିଖ ଦିନ ନାବାଳିକା ଜଣକ ଘରୁ କେଉଁଆଡ଼େ ଚାଲି ଯାଇଥିଲେ। ବିଳମ୍ବିତ ସମୟ ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ, ତଥାପି ତା'ର ସନ୍ଧାନ ପାଇନଥିଲେ। ଅମର ବେହେରା ନାମକ ଜଣେ ଯୁବକ ନାବାଳିକାକୁ ଅପହରଣ କରି ନେଇଥିବା ପରିବାର ପକ୍ଷରୁ କ୍ୟାପିଟାଲ ଥାନାରେ ଅଭିଯୋଗ କରାଯାଇଛି। ଅଭିଯୋଗ ଆଧାରରେ ପୁଲିସ କେସ୍ ନଂ - ୪୭୪/୨୫ ରେ ୧୩୭ (୨) ବିଏନ୍‌ଏସ୍ ଲଗାଇ ମାମଲା ରୁଜୁ କରିଛି। ହେଲେ ଘଟଣାକୁ ୪ ମାସ ପୂରିବାକୁ ବସିଥିବା ବେଳେ ଏପର୍ଯ୍ୟନ୍ତ ନାବାଳିକା କି ଅଭିଯୁକ୍ତ ଅମର ପାଖରେ ପୁଲିସ ପହଞ୍ଚି ପାରିନାହିଁ। ସେମାନଙ୍କ ବିଷୟରେ ସୂଚନା ଦେଲେ ପୁରସ୍କାର ରାଶି ମିଳିବ ବୋଲି ଗୁରୁବାର କମିସନରେଟ ପୁଲିସ ପକ୍ଷରୁ ଘୋଷଣା କରାଯାଇଛି।

'ବିଧାୟକଙ୍କ ପରିବର୍ଦ୍ଧିତ ଦରମା କେତେ ଯଥାର୍ଥ' ଶୀର୍ଷକ ଆଲୋଚନାଚକ୍ର

## ବିଧାୟକଙ୍କ ବର୍ଦ୍ଧିତ ଦରମା ଅଯୌକ୍ତିକ



ଭୁବନେଶ୍ୱର, ୧୮।୧୨(ସମିସ): ଗୀତଗୋବିନ୍ଦ ସମ୍ମିଳନୀ କକ୍ଷରେ ଓଡ଼ିଶା ନାଗରିକ ସମାଜର ଷୋଡଶ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ 'ବିଧାୟକଙ୍କ ପରିବର୍ଦ୍ଧିତ ଦରମା କେତେ ଯଥାର୍ଥ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇ ଯାଇଛି। ନିକଟରେ ଓଡ଼ିଶାରେ ବିଧାୟକ ମାନଙ୍କ ଦରମା ଓ ଭତ୍ତା ଏକା ଥରକେ ତିନି ଗୁଣରୁ ଅଧିକ ବୃଦ୍ଧି କରିବା ପାଇଁ ବିଲ ପାସ ହୋଇ ଅନୁମୋଦନ ମିଳିଛି। ଯାହାକି ସାରା ଦେଶର ସବୁ ରାଜ୍ୟର ବିଧାୟକଙ୍କୁ ଠୁ ଢେର ଅଧିକ। ଯେତେବେଳେ ବିଧାନସଭା ଚାଲୁଛି ଅଙ୍ଗନବାଡିଠୁ ଧରି ଡାକ୍ତର ଓ ମଧ୍ୟାହ୍ନ ଭୋଜନ ପାଚିକା ମାନଙ୍କଠୁ ଧରି ଶିକ୍ଷକ ଓ ଅଧ୍ୟାପକ ପର୍ଯ୍ୟନ୍ତ ସମସ୍ତେ ରାଜରାସ୍ତାରେ ବସିଛନ୍ତି ସେତିକିବେଳେ ବିଧାୟକମାନେ ସେମାନଙ୍କ କଥା ଟିକିଏ ବିଚାର ନ କରି ଦେଶରେ ବିକାଶରେ ରାଜ୍ୟର ଆର୍ଥିକ ସ୍ଥିତି ବିଷୟରେ ସାମାନ୍ୟତମ ବିଚାର ନକରି ନିଜ ଦରମା ଓ ଭତ୍ତା ତିନିଗୁଣ ବଢ଼ାଇ ନେବା ଅତ୍ୟନ୍ତ ନିନ୍ଦନୀୟ ଓ ଅଯୌକ୍ତିକ ବୋଲି ଆଜି ବୈଠକରେ ସମସ୍ତେ ମତ ପ୍ରକାଶ କରିଛନ୍ତି। ରାଜ୍ୟବାସୀଙ୍କ ଭିତରେ ଏହି ସମ୍ବେଦନଶୀଳ ଘଟଣାରେ ତୀବ୍ର ପ୍ରତିକ୍ରିୟା ହେତୁ ମାନ୍ୟବର ରାଜ୍ୟପାଳ ଏହି ପ୍ରସଙ୍ଗରେ ସ୍ୱତନ୍ତ୍ର ଅଧିବେଶନ ଡକାଇ ପୁଙ୍ଖାନୁପୁଙ୍ଖ ବିତର୍କ ପାଇଁ ନାଗରିକ ସମାଜ ଦାବି ରଖିଛି। ରାଜ୍ୟପାଳଙ୍କଠାରୁ ସାକ୍ଷାତ ପାଇଁ ସମୟ ମଗାଯାଇଛି। ନାଗରିକ ସମାଜର ପ୍ରତିନିଧି ମଣ୍ଡଳୀ ଭେଟି ଏ ସଂକ୍ରାନ୍ତରେ ଆଲୋଚନା କରିବ। ନାଗରିକ ସମାଜ କାର୍ଯ୍ୟକାରୀ ସଭାପତି ଇଂ ଲଳିତ ମୋହନ ପଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ମନୋଜ ଜେନା ଓ ସଦସ୍ୟ ବାସୁଦେବ ଭଟ୍ଟ, ପ୍ରସନ୍ନ ବିଷୋୟୀ, ସୁବାସ ଦାସ, ବିଜୟ ମଲ୍ଲ, ରଘୁନାଥ ମଣ୍ଡଳ, ପ୍ରଦ୍ୟୁମ୍ନ ମହାନ୍ତି, ନିରୂପମା ରଥ, ଲିଲି ଜେନାମଣି, ସୁଷମା ଦାସ, ଶ୍ୱେତଲୀନା ପଣ୍ଡା, ଭାବଗ୍ରାହୀ ସେଠୀ, କୁମୁଦିନୀ ପଣ୍ଡା, ପ୍ରତିଭା ରାଣୀ ବର୍ମା, ସୁଜାତା ପଶକ୍ଷୟତ, ନରସିଂହ ନାୟକ, ସୁଦର୍ଶନ ନାୟକଙ୍କ ସମେତ ଅନେକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ୪ ଜଣ ଇନ୍ସପେକ୍ଟରଙ୍କୁ ନୂଆ ନିଯୁକ୍ତି

ଭୁବନେଶ୍ୱର, ୧୮।୧୨ (ସମିସ): ପୁଣି କମିସନରେଟର ଇନ୍ସପେକ୍ଟର ସ୍ତରରେ ଅଦଳବଦଳ ହୋଇଛି। ନୂଆକରି ପଦୋନ୍ନତି ପାଇଥିବା ୪ ଜଣ ଇନ୍ସପେକ୍ଟରଙ୍କୁ ଦାୟିତ୍ୱ ମିଳିଛି। ସାଇବର ଥାନାର ଇନ୍ସପେକ୍ଟର ଜ୍ୟୋତିରଞ୍ଜନ ପରିଡ଼ାଙ୍କୁ ସେହି ଥାନା ଅଧିକାରୀ ଭାବେ ନିଯୁକ୍ତ କରାଯାଇଥିବା ବେଳେ ଚନ୍ଦ୍ରଶେଖରପୁର ଥାନାର ଇନ୍ସପେକ୍ଟର ସୁଶ୍ରୀ ଶର୍ମିଷ୍ଠା ସୁନାଙ୍କୁ ଶ୍ରୀ ଲିଙ୍ଗରାଜ ଥାନାର ଅତିରିକ୍ତ ଥାନା ଅଧିକାରୀ ଭାବେ ଅବସ୍ଥାପିତ କରାଯାଇଛି। ସେହିପରି ସିପି ଅଫିସର ଇନ୍ସପେକ୍ଟର ପ୍ରସନ୍ନ କୁମାର ଜେନାଙ୍କୁ ବାଲକାଟି ଫାଣ୍ଡି ଅଧିକାରୀ ଏବଂ ବଡ଼ଗଡ଼ ଥାନାର ଇନ୍ସପେକ୍ଟର ଦିବ୍ୟସ୍ମିତା ବଳିଆରସିଂହଙ୍କୁ ସେହି ଥାନାର ଅତିରିକ୍ତ ଥାନା ଅଧିକାରୀ ଭାବେ ଦାୟିତ୍ୱ ମିଳିଛି। ଗୁରୁବାର ପୁଲିସ କମିସନର ଡଃ ସୁରେଶ ଦେବଦତ୍ତ ସିଂଙ୍କ ଦସ୍ତଖତ ସମ୍ବଳିତ ବିଜ୍ଞପ୍ତି ପ୍ରକାଶ ପାଇଛି।






## ହିଂସ୍ର ଆଚରଣ ଦେଖାଉଛି ଆହତ ଦନ୍ତା

- ଟ୍ରାକ୍ କରିବାକୁ ଯାଇଥିବା ଫରେଷ୍ଟରଙ୍କ ହାତ ଭାଙ୍ଗିଲା
- ଆଜି ଅଧିକ ଫୋର୍ସ ସହ ଟ୍ରାଙ୍କୁଲାଇଜ୍ ପାଇଁ ହେବ ଉଦ୍ୟମ

ଭୁବନେଶ୍ୱର, ୧୮ ।୧୨(ସମିସ): ଚନ୍ଦକା ଜଙ୍ଗଲରେ ବୁଲୁଥିବା ଆହତ ହାତୀକୁ ଟ୍ରାକ କରିବାକୁ ଯାଇ ଜଣେ ଫରେଷ୍ଟରଙ୍କ ହାତ ଭାଙ୍ଗିଛି। ଆହତ ଅବସ୍ଥାରେ ୩ ଦିନ ହେବ ଚନ୍ଦକାରେ ବୁଲୁଥିବା ଏହି ଦନ୍ତା ହାତୀକୁ ଟ୍ରାକ କରି ଏହାର ଚିକିତ୍ସା ଆରମ୍ଭ କରିବା ପାଇଁ ବନ ବିଭାଗ ଅଣ୍ଟା ଭିଡ଼ିଛି। ହେଲେ ପ୍ରଥମ ଦିନରେ ହାତୀର ଅତି ନିକଟତର ହୋଇ ମଧ୍ୟ ଟିମ୍ ହାତୀକୁ ଟ୍ରାଙ୍କୁଲାଇଜ୍ କରିବାରେ ଅସଫଳ ହୋଇଛି। ଅନ୍ୟପଟେ ହାତୀର ଆଚରଣରେ ଅସ୍ୱାଭାବିକତା ପରିଲକ୍ଷିତ ହୋଇଥିବା ବେଳେ ଜଣେ ଫରେଷ୍ଟରଙ୍କର ମଧ୍ୟ ହାତ ଭାଙ୍ଗିବା ସହ ସେ ଗଭୀର ଆହତ ହୋଇଛନ୍ତି।



ମିଳିଥିବା ସୂଚନା ଅନୁଯାୟୀ ଚନ୍ଦକାରେ ବୁଲୁଥିବା ଅସୁସ୍ଥ ହାତୀକୁ ଠାବ କରିବା ପାଇଁ ଆଜି ସକାଳୁ ୧୦ରୁ ଅଧିକ ବନ ଅଧିକାରୀ ଓ କର୍ମଚାରୀ ୪ଟି ଟିମ୍ କରି ହାତୀକୁ ଟ୍ରାକ୍ କରିବା ଆରମ୍ଭ କରିଥିଲେ। ମଧ୍ୟାହ୍ନରେ ବନ ଅଧିକାରୀ ଓ କର୍ମଚାରୀମାନେ ହାତୀର ଅତି ନିକଟତର ହୋଇଥିଲେ। ହେଲେ ହଠାତ ହାତୀଟି ବନ କର୍ମଚାରୀଙ୍କ ଆଡ଼କୁ ଜୋର୍‌ରେ ମାଡ଼ି ଆସିଥିଲା। ଏହି ସମୟରେ ଚନ୍ଦକା ରେଞ୍ଜର୍ ଫରେଷ୍ଟର ଦୀପକ କୁମାର ନାୟକ ପ୍ରାଣ ବିକଳେ ଦୌଡ଼ିବାକୁ ଲାଗିଥିଲେ। ଏହି ସମୟରେ ସେ ଏକ ଖାତରେ ପଡ଼ିଯିବା ହେତୁ ତାଙ୍କ ବାମ ହାତରେ ଗଭୀର ଆଘାତ ଲାଗିଛି। ଏହାପରେ ତୁରନ୍ତ ତାଙ୍କୁ ଡାକ୍ତରଖାନାକୁ ନିଆଯିବା ପରେ ତାଙ୍କ ହାତ ଭାଙ୍ଗିଯାଇଥିବା ଜଣାପଡ଼ିଛି। ଡାକ୍ତର ତାଙ୍କର ପ୍ରାଥମିକ ଚିକିତ୍ସା କରିଥିବା ବେଳେ ଦିନେ ଦୁଇ ଦିନ ଭିତରେ ହାତର ଅସ୍ତ୍ରୋପଚାର କରାଯିବ ବୋଲି ଜଣାପଡ଼ିଛି।



ତେବେ ହାତୀଟି ହିଂସ୍ର ରୂପ ଧାରଣ କରିଥିବାରୁ ବନ ବିଭାଗ ଅଧିକ ଫୋର୍ସ ନେଇ ଶୁକ୍ରବାର ପୁଣି ଥରେ ହାତୀକୁ ଟ୍ରାକ୍ କରିବା ସହ ଟ୍ରାଙ୍କୁଲାଇଜ୍ କରିବାକୁ ଉଦ୍ୟମ କରିବ ବୋଲି ଜଣାପଡ଼ିଛି। କାରଣ ହାତୀର ଶରୀର ମଧ୍ୟ ଅଧିକ ଅସୁସ୍ଥ ହେବାର ଆଶଙ୍କା ରହିଛି। ଯେହେତୁ ହାତୀର ବାମ ଗୋଡ଼ଟି ଅତ୍ୟଧିକ ଫୁଲି ରହିଛି ଓ ବଡ଼ ଟ୍ୟୁମର ସଦୃଶ ମାଂଶପେଶୀ ବାହାରିଛି ତାହା ମଧ୍ୟ ବନ ବିଭାଗ ପାଇଁ ଚିନ୍ତାର କାରଣ ସାଜିଛି। ସୂଚନା ଥାଉ କି ହାତୀଟି ଗୁରୁବାର ଚନ୍ଦକାର ଭାଲୁଙ୍କା ଜଙ୍ଗଲରେ ବୁଲୁଥିଲା। ଏହି ହାତୀକୁ ଠାବ କରିବା ପାଇଁ ଆଜି ଏସିଏଫ୍ ମଧ୍ୟ ଘଟଣାସ୍ଥଳକୁ ଯାଇଥିଲେ। ତେବେ ହାତୀକୁ ଠାବ କରିବା ପାଇଁ ୪ ଟି ଟମ୍ ଗଠନ କରାଯାଇଥିବା ନେଇ ସେ କହିଛନ୍ତି। ଏହି ହାତୀଟି ଆଠଗଡ଼ରୁ ଆସିଥିବା ନେଇ ସନ୍ଦେହ କରାଯାଉଛି। ହାତୀକୁ ଟ୍ରାଙ୍କୁଲାଇଜ୍ କରିବା ପରେ ହିଁ ଚିକିତ୍ସା ନେଇ ପଦକ୍ଷେପ ନିଆଯିବ ବୋଲି ଏସିଏଫ୍ କହିଛନ୍ତି। ସୂଚନା ଏହି ଦନ୍ତା ହାତୀର ବାମପଟ ପଛ ଗୋଡ଼ରେ ଏକ ବିରାଟ ଟ୍ୟୁମର ସଦୃଶ ମାଂଶପେଶୀ ବାହାରି ପଡ଼ିଛି। ବର୍ତ୍ତମାନ ହାତୀଟି ଛୋଟେଇ ଛୋଟେଇ ଚାଲୁଛି ଓ ଏହି ସମୟରେ କଷ୍ଟ ଅନୁଭବ କରୁଥିବା ଜଣାପଡ଼ିଛି। ଯେହେତୁ ଏହି ମାଂଶପେଶୀର ଆକାର ବହୁତ ବଡ଼ ରହିଛି, ତେଣୁ ହାତୀର ଜୀବନ ପ୍ରତି ବିପଦ ଆଶଙ୍କା ବୃଦ୍ଧି ପାଇଛି।





# ଅଦିନେ କାଶତଣ୍ଡୀ; ପ୍ରାକୃତିକ ବିଲକ୍ଷଣ

ଭୁବନେଶ୍ୱର, ୧୮ ।୧୨(ସମିସ): କାଶତଣ୍ଡୀ ଫୁଲ ଭାଦ୍ରବ ମାସର ମଝିରୁ ଫୁଟିବା ଆରମ୍ଭ କରି ଆଶ୍ୱିନ ମାସରେ ମା ଦୁର୍ଗାଙ୍କୁ ଧରାପୃଷ୍ଠକୁ ଆସିବାକୁ ସ୍ୱାଗତ କରିଥାଏ। ପାର୍ବଣ ସରିବାର କିଛି ଦିନ ପରେ ଏହି ଫୁଲକୁ ଆଉ ଦେଖିବାକୁ ମିଳେନାହିଁ। ହେଲେ ଏବେବି ଅନେକ ସ୍ଥାନରେ କାଶତଣ୍ଡି ଫୁଲ ଫୁଟୁଥିବାର ଦେଖିବାକୁ ମିଳୁଛି। କେହି କେହି ଏହାକୁ ପ୍ରକୃତିର ବିଲକ୍ଷଣ ରୂପ ବୋଲି ବିବେଚନା କରୁଥିବା ବେଳେ ପରିବେଶବିତ୍‌ମାନେ ଏହାକୁ ଜଳବାୟୁ ପରିବର୍ତ୍ତନର ସୂଚନା ବୋଲି କହିଛନ୍ତି। ଯାହା ପ୍ରକୃତି ଏବଂ ପରିବେଶ ପାଇଁ ଆଗାମୀ ଦିନରେ ବ୍ୟାପକ କ୍ଷତି କରିବାର ଆଶଙ୍କା ରହିଛି।



## ଜଳବାୟୁ ପରିବର୍ତ୍ତନର ସୂଚନା

ବିଶେଷକରି ଜଳବାୟୁ ପରିବର୍ତ୍ତନର ହେଉଥିବାରୁ ବର୍ଷା, ଖରା ଆଦି ମାସ ଅନୁଭବ ହେବା ବହୁତ କମ୍। କେବେ ଖରାଦିନେ ବର୍ଷା ତ କେବେ ବର୍ଷା ମାସରେ ଟାଣ ଖରା ହୋଇଥାଏ। ଏହିପରି ଏବେ ବାୟୁ ପ୍ରଦୂଷଣ ମଧ୍ୟ ସମସ୍ତଙ୍କ ପାଇଁ ଏକ ବଡ଼ ଚିନ୍ତାର କାରଣ ସାଜିଛି। ଏହି ସବୁର ସିଧାସଳଖ ପ୍ରଭାବ ଜୈବବିବିଧତା ଉପରେ ପଡୁଛି। ବଣଜଙ୍ଗଲ ଦିନକୁ ଦିନ ଅବକ୍ଷୟ ହେବାରେ ଲାଗିଛି। ଏଥିରେ ଥିବା କୋଟି କୋଟି ଜୀବଜନ୍ତୁ ବୃକ୍ଷଲତା, ମୂଲ୍ୟବାନ ଔଷଧୀୟ ବୃକ୍ଷ, ବହୁ ପ୍ରଜାତିର ଜୀବଜନ୍ତୁ ଓ ବୃକ୍ଷଲତାର ବଂଶ ବିଲୋପ ପାଇବାରେ ଲାଗିଛି। ଜଳବାୟୁ ପରିବର୍ତ୍ତନ, ଦୂଷିତ ପରିବେଶ ଓ ତାପମାତ୍ରା ବୃଦ୍ଧି ଯୋଗୁଁ ଚାଷ, ମନୁଷ୍ୟ, ପଶୁପକ୍ଷୀ, ବନ୍ୟଜନ୍ତୁ ନୂଆ ନୂଆ ରୋଗରେ ଆକ୍ରାନ୍ତ ହୋଇପଡୁଥିବା ବେଳେ କିଛି ଫଳ, ଫୁଲ ମାନଙ୍କର ସିଜିନ ନ ଥିଲେ ବି ଅନ୍ୟ ସିଜିନ୍ ମାନଙ୍କରେ ସେହି ଫୁଲ, ଫଳ ଦେଖିବାକୁ ମିଳୁଛି। ଯାହା ଆଗାମୀ ଦିନରେ ବିଭିନ୍ନ ଜୀବଜନ୍ତୁ ଏବଂ ଉଦ୍ଭିଦ ଲୋପ ପାଇବାର ସୂଚନା ଦେଉଛି ବୋଲି କହିଛନ୍ତି ପରିବେଶ ବିତ୍ ଜୟକୃଷ୍ଣ ପାଣିଗ୍ରାହୀ। ଏମିତି କି ମାନବ ସମାଜକୁ ବ୍ୟାପକ କ୍ଷତି କରିବାର ପୂର୍ବ ସୂଚନା ବୋଲି କୁହାଯାଉଛି। ବିଶେଷକରି ଏହା ଅନିୟମିତ ଜଳବାୟୁର ପୂର୍ବ ସୂଚନା ଦେଉଛି। ଏହାଦ୍ୱାରା ଋତୁଚକ୍ରରେ ପରିବର୍ତ୍ତନ ସହ ଅତ୍ୟଧିକ ଗ୍ରୀଷ୍ମପ୍ରବାହ, ଅନିମିତ ବୃଷ୍ଟିପାତ ସମଗ୍ର ମାନବ ସମାଜକୁ ପ୍ରଭାବିତ କରିବାର ଆଶଙ୍କା ରହିଛି। ଗ୍ଲୋବାଲ୍ ୱାର୍ମିଂଠାରୁ ଆରମ୍ଭ କରି ପାମ୍ପରିକ କୃଷି ପଦ୍ଧତିକୁ ପ୍ରଭାବିତ କରିବାର ପୂର୍ବ ସୂଚନା ଦେଉଛି। ଏମିତି କି ସ୍ୱାସ୍ଥ୍ୟ ଉପରେ ଏହାର ପ୍ରଭାବକୁ ଅସ୍ୱୀକାର କରିହେବ ନାହିଁ। ବିଭିନ୍ନ ପ୍ରକାର ରୋଗଠାରୁ ଆରମ୍ଭ କରି ସଂକ୍ରମଣଜନିତ ରୋଗ ବ୍ୟାପିବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ।

# ବିଭୂତି ପଟ୍ଟନାୟକଙ୍କୁ 'ଶିଖର ସମ୍ମାନ'

## ଅଖିଳ ମୋହନ ପଟ୍ଟନାୟକଙ୍କର ଜୟନ୍ତୀ



ଭୁବନେଶ୍ୱର, ୧୮ ।୧୨ (ସମିସ): ପ୍ରତିବର୍ଷ ପରି ଚଳିତବର୍ଷ ଓଡ଼ିଆ ସାହିତ୍ୟର ଅନ୍ୟତମ ନିର୍ମାତା ଅଖିଳ ମୋହନ ପଟ୍ଟନାୟକଙ୍କର ଜୟନ୍ତୀ 'ଅଖିଳ ଦିବସ' ଉପଲକ୍ଷେ ପାନ୍ଥନିବାସର କଳିଙ୍ଗ ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଯାଇଛି। ଏହାକୁ ଅନୁଷ୍ଠାନର ଅଧ୍ୟକ୍ଷ ଅସିତ୍ ମହାନ୍ତି ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଚଳିତ ବର୍ଷର ଶିଖର ସମ୍ମାନ ପ୍ରଖ୍ୟାତ ସାହିତ୍ୟିକ ବିଭୂତି ପଟ୍ଟନାୟକଙ୍କୁ ଅର୍ପଣ କରାଯାଇଥିଲା। ସେହିପରି କଥାଶିଳ୍ପୀ ପୁଷ୍ପାଞ୍ଜଳି ନାୟକ ଓ ପ୍ରଖର କଥାଶିଳ୍ପୀ ସରୋଜ ବଳଙ୍କୁ ଚଳିତ ବର୍ଷର ଅଖିଳ କଥା ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ଜ୍ଞାନଦା ପଟ୍ଟନାୟକଙ୍କ ସ୍ମୃତିରେ ପ୍ରଦତ୍ତ ଜ୍ଞାନଦା କବିତା ସମ୍ମାନ ଅଶ୍ୱିନୀ କୁମାର ମିଶ୍ର ଓ ପ୍ରତୀକ୍ଷା ଜେନାଙ୍କୁ ପ୍ରଦାନ କରାଯାଇଥିଲା। କଥାକାର ତରୁଣକାନ୍ତି ମିଶ୍ର ଅଖିଳ ଦିବସ ଅଭିଭାଷଣ ପ୍ରଦାନ କରିଥିଲେ। ତେବେ ଚଳିତ ବର୍ଷର ଏହି ଉତ୍ସବକୁ ଫାଉଣ୍ଡେସନ୍‌ର ପୂର୍ବ ଅଧ୍ୟକ୍ଷ ତଥା ବିଶିଷ୍ଟ କବି ରାଜେନ୍ଦ୍ର କିଶୋର ପଣ୍ଡାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଇଥିବା ବେଳେ ବିଶିଷ୍ଟ କବି ଭାଗୀରଥି ମିଶ୍ର ଓ ଅଶ୍ୱିନୀ କୁମାର ମିଶ୍ର ଦିବଂଗତ କବିଙ୍କର ସ୍ମୃତି ଚାରଣ କରିଥିଲେ। ଏହାକୁ ଫାଉଣ୍ଡେସନ୍‌ର କର୍ମକର୍ତ୍ତା ତଥା କବି କେଦାର ମିଶ୍ର ସଂଯୋଜନା କରିଥିବା ବେଳେ ଧନ୍ୟବାଦ ଦେଇଥିଲେ ମନ୍ମଥ ମହାନ୍ତି।

# 'ଜାତୀୟ କଣ୍ଢେଇ ନାଟ ଉତ୍ସବ' ଉଦ୍‌ଘାଟିତ



ଭୁବନେଶ୍ୱର, ୧୮ ।୧୨ (ସମିସ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଭଞ୍ଜକଳାମଣ୍ଡପରେ ଜାତୀୟକଣ୍ଢେଇନାଟ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଦୁଇ ଦିନ ଧରି ଚାଲିବାକୁ ଥିବା ଏହି କଣ୍ଢେଇ ନାଟ ଉତ୍ସବରେ ଓଡ଼ିଶାରେ ୮ଟି ଓ ଭାରତବର୍ଷର କେରଳ, କର୍ଣ୍ଣାଟକ, ରାଜସ୍ଥାନ ଓ ପଶ୍ଚିମବଙ୍ଗ ରାଜ୍ୟର ପାଞ୍ଚଗୋଟି କଣ୍ଢେଇ ନାଟ ଦଳ ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ସମାରୋହରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ଡ. ବିଜୟ କେତନ ଉପାଧ୍ୟାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ, ବିଶିଷ୍ଟ ଅଭିନେତା ହରିହର ମହାପାତ୍ର ଉପସ୍ଥିତ ଥିଲେ। ପ୍ରଥମ ସନ୍ଧ୍ୟାରେ ଅନୁଗୋଳ ଜିଲ୍ଲାର ଖମାରସ୍ଥ ଶ୍ରୀରାମ ଛାୟାନାଟକ ଗବେଷଣା ତରଫରୁ 'ବନ୍ଦେ ମାତରମ' ପରିବେଷଣ କରାଯାଇଥିଲା। ଏହାପରେ ସଖୀ କଣ୍ଢେଇ ନାଟ, ଗୋପଲୀଳା କଣ୍ଢେଇ ନାଟ, ରାବଣଛାୟା, ରାମଲୀଳା କଣ୍ଢେଇ ନାଟ ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମର ବିଶେଷ ଆକର୍ଷଣ ଥିଲା ପଶ୍ଚିମବଙ୍ଗର ଚବିଶ ପ୍ରଗଣ ଅମରେନ୍ଦ୍ରନାଥ ନସ୍କରଙ୍କ ସମକାଳୀନ କଣ୍ଢେଇ ନାଟ ଏବଂ କର୍ଣ୍ଣାଟର ଗୁଣ୍ଡୁରାଜୁଙ୍କ ଛାୟାନାଟକ ପରିବେଷଣ। କାର୍ଯ୍ୟକ୍ରମକୁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ଡ. ଚନ୍ଦ୍ର ଶେଖର ହୋତା ପରିଚଳନା କରିଥିଲେ।

# ଉତ୍କଳ ବିଶ୍ୱବିଦ୍ୟାଳୟରେ 'ଅମୃତ ପିଢ଼ି ଛାତ୍ର ବିଶ୍ୱ ସମ୍ମିଳନୀ'

ଭୁବନେଶ୍ୱର, ୧୮ ।୧୨(ସମିସ): ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍) ଓ ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ମିଳିତ ଭାବେ 'ଅମୃତ ପିଢ଼ି ଛାତ୍ର ବିଶ୍ୱ ସମ୍ମିଳନୀ' ଗୁରୁବାର ଆରମ୍ଭ ହୋଇଛି। ଉତ୍କଳ ବିଶ୍ୱବିଦ୍ୟାଳୟର ଦୀକ୍ଷାନ୍ତ ଭବନରେ ଚାଲିଥିବା ଏହ କାର୍ଯ୍ୟକ୍ରମ ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ। 'କୃତ୍ରିମ ବୁଦ୍ଧିମତା ଓ ଏହାର ନୈତିକତା' ଶୀର୍ଷକରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ କହିଛନ୍ତି ଯେ କୃତ୍ରିମ ବୁଦ୍ଧିମତାକୁ ମଣିଷ ହିଁ ଏହାକୁ ତିଆରି କରିଛି, ବ୍ୟବହାର କରୁଛି ଏବଂ ଭବିଷ୍ୟତରେ ଏହାର ସଦୁପଯୋଗ କରିବା ସବୁଠାରୁ ବଡ଼ ଆହ୍ୱାନ। ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରି ନିଜର ଲିଖିତ ବିଷୟବସ୍ତୁକୁ ଉପସ୍ଥାପିତ କରିବେ ଓ ତାହାକୁ ଉତ୍କଳ ବିଶ୍ୱବିଦ୍ୟାଳୟର ଜର୍ଣ୍ଣାଲ୍ ଅଫ୍ କମ୍ପ୍ୟୁଟିଙ୍ଗ ଆଣ୍ଡ କମ୍ୟୁନିକେସନ୍‌ରେ ସ୍ଥାନିତ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ସେହିପରି ବିଶିଷ୍ଟ ଅତିଥି ଭାବେ ରିପବ୍ଲିକ ଅଫ୍ କୋରିଆ ଇଞ୍ଚୋ ବିଶ୍ୱବିଦ୍ୟାଳୟର କଲେଜ ଅଫ୍ ଏଆଇ କନଭରଜେନ୍ସର ପ୍ରଫେସର ହି-ଚେଓଲ-କିମ୍ ଯୋଗଦେଇ ଏଆଇର ବିଶେଷତା ଓ ଉପଯୋଗିତା ସମ୍ପର୍କରେ ଆଲୋକପାତ କରିଥିଲେ।



ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟ, ଭିସୁଟ୍ କୁଳପତି ପ୍ରଫେସର ଦୀପକ କୁମାର ସାହୁଙ୍କ ସମେତ କୁଳସଚିବ ଡ. ସ୍ୱାତୀ ମିଶ୍ର ଓ ପ୍ରଦୀପ ଡାଙ୍ଗ ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ। ଏହି ଅବସରରେ ଅନୁଷ୍ଠିତ 'ଯୁବ ସ୍ୱେଦେଶୀ ନବ ପ୍ରଚାର ପ୍ରଦର୍ଶନୀ' ଛାତ୍ରଛାତ୍ରୀଙ୍କ ଆକର୍ଷଣ ପାଲଟିଛି।

# ୨୭ରୁ ଜାତୀୟସ୍ତରୀୟ ବୟନ ଶିଳ୍ପ ସମ୍ମିଳନୀ

ଭୁବନେଶ୍ୱର, ୧୮ ।୧୨(ସମିସ): ପ୍ରକାଶନୀ ସଂସ୍ଥା 'ମାରୁତି ମିଡିଆ' ପକ୍ଷରୁ 'ଉତ୍କଳ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଲିମିଟେଡ' (ୟୁସିସିଆଇଏଲ୍) ସହଯୋଗରେ ଚଳିତ ମାସ ୨୭ ଓ ୨୮ ତାରିଖ ଦୁଇଦିନ ଧରି ଭୁବନେଶ୍ୱରରେ ବୟନ ଶିଳ୍ପ ସହିତ ସମ୍ପୃକ୍ତ ବ୍ୟକ୍ତିବିଶେଷ, ଅନୁଷ୍ଠାନ ଏବଂ ବୟନ ଶିଳ୍ପଦ୍ୟୋଗୀମାନଙ୍କୁ ନେଇ ଜାତୀୟସ୍ତରୀୟ ସମ୍ମିଳନୀ 'ଟେକ୍ସନୋଭା ଓଡ଼ିଶା' ଅନୁଷ୍ଠିତ ହେବାକୁ ଯାଉଛି।

ଡିସେମ୍ବର ୧୮ ତାରିଖ ଦିନ ଆଇଆରସି ଭିଲେଜସ୍ଥିତ ୟୁସିସିଆଇଏଲ୍ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ୟୁସିସିଆଇଏଲ୍ ସଭାପତି ତଥା ଶିଳ୍ପପତି ଡକ୍ଟର ପ୍ରବୋଧ କୁମାର ମହାନ୍ତି ଏବଂ ଆୟୋଜକ ମାରୁତି ମିଡିଆର ନିର୍ଦ୍ଦେଶକ ତଥା ଟେକ୍ସନୋଭା ଓଡ଼ିଶାର ଆବାହକ ମନୋଜ ପୃଷ୍ଟି ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ଏ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ୟୁସିସିଆଇଏଲ୍ ଉପସଭାପତି ମୁରଲୀ ଜାମୁଲା, କୋଷାଧ୍ୟକ୍ଷ ନାରାୟଣ କୁମାର, ଅତିରିକ୍ତ ନିର୍ଦ୍ଦେଶକ ଶଶୀ ଶେଖର ମହାନ୍ତି, ପୂର୍ବତନ ସଭାପତି ବ୍ରହ୍ମା ମିଶ୍ର, ବୁଣାକାର ସେବା କେନ୍ଦ୍ରର ଅବସରପ୍ରାପ୍ତ ଉପନିର୍ଦ୍ଦେଶକ ସୁରେନ୍ଦ୍ର ପାତ୍ର, ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ ବୟନ ପ୍ରଯୁକ୍ତି ବିଭାଗର ଅବସରପ୍ରାପ୍ତ ପ୍ରଫେସର ଡକ୍ଟର କେଦାରନାଥ ଦାସ, ବୟନ ଶିଳ୍ପ ଉଦ୍ୟୋଗୀ ମୁକେଶ ନାୟକ, ବୟନ ଶିଳ୍ପ ବିଶେଷଜ୍ଞ ସରୋଜ ଶତପଥୀ, ୱେଲସ୍ପନର ଓଡ଼ିଶା ମୁଖ୍ୟ ପାର୍ଥ ପଟ୍ଟନାୟକ, ଶିଳ୍ପୋଦ୍ୟୋଗୀ ଶ୍ରୀନିବାସ ସୁବୁଦ୍ଧି ଏବଂ ସୁନୀଲ ରାଉତ ଉପସ୍ଥିତ ଥିଲେ।

# ନକଲି ସୁନା ରଖି ନେଇଗଲେ ଅସଲି

ଭୁବନେଶ୍ୱର, ୧୮ ।୧୨ (ସମିସ): ଆଲମିରାରେ ନକଲି ସୁନା ରଖି ଅସଲି ସୁନାକୁ ନେଇ ଯାଇଛନ୍ତି। ପୁରୁଣା ଭୁବନେଶ୍ୱର ଅଞ୍ଚଳରେ ଏଭଳି ଘଟଣା ଘଟିଥିବା ବେଳେ ଶ୍ରୀମୟୀ ପତି ଏନେଇ ଶ୍ରୀ ଲିଙ୍ଗରାଜ ଥାନାରେ ଏତଲା ଦେଇଛନ୍ତି। ଅଭିଯୋଗ ଅନୁଯାୟୀ, ପୁରୁଣା ଭୁବନେଶ୍ୱର ଅଞ୍ଚଳର ଶ୍ରୀମୟୀ ତାଙ୍କ ସୁନାଗହଣା ଗୁଡ଼ିକୁ ଘରର ଆଲମିରାରେ ରଖିଥିଲେ। ଗତ ସେପ୍ଟେମ୍ବର ମାସରେ ୫ଟି ସୁନା ଚେନ୍ ଚୋରି ହୋଇ ଯାଇଥିଲା। ଥାନାର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ଲିଖିତ ଅଭିଯୋଗ କରିନଥିଲେ। ଗତମାସ ୨୬ ତାରିଖରେ ଦେଖିବା ବେଳକୁ ୨ଟି ସୁନା ଚେନର ଆକୃତି ବଦଳି ଯାଇଛି। ଦୋକାନକୁ ନେଇ ଯାଞ୍ଚ କରିବାରୁ ୨ଟି ଯାକ ସୁନା ଚେନ୍ ନକଲି ବୋଲି ଜାଣିବାକୁ ପାଇଥିଲେ। ତେବେ କେହି ଦୁଇଟି ନକଲି ସୁନା ଚେନ୍ ରଖି ଅସଲି ସୁନା ଚେନକୁ ନେଇ ଯାଇଥିବା ଶ୍ରୀମୟୀ ଶ୍ରୀ ଲିଙ୍ଗରାଜ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଘଟଣାରେ ନିକଟତମ ଲୋକ ସମ୍ପୃକ୍ତ ଥିବା ପୁଲିସ ସନ୍ଦେହ କରୁଛି।

# ବିନୋଦ ମିଶ୍ରଙ୍କ ତିରୋଧାନ ଦିବସରେ ଫାସିବାଦୀ ସରକାର ପରିବର୍ତ୍ତନର ଆହ୍ୱାନ

ଭୁବନେଶ୍ୱର, ୧୮ ।୧୨(ସମିସ): ନାଗଭୂଷଣ ଭବନ ଠାରେ ଗରିବ ମେହନତି ମଣିଷର କ୍ରାନ୍ତିକାରୀ ସିପିଆଇ (ଏମଏଲ) ଲିବରେସନ ପାର୍ଟିର ନେତା କମ୍ରେଡ଼ ବିନୋଦ ମିଶ୍ରଙ୍କ ୨୭ ତମ ତିରୋଧାନ ଦିବସ ପାଳିତ ହୋଇଯାଇଛି। ରାଜ୍ୟ କମିଟି ସଦସ୍ୟ ତଥା ବିଶିଷ୍ଟ ଶ୍ରମିକ ନେତା ମହେନ୍ଦ୍ର ପରିଡ଼ାଙ୍କ ସଭାପତିତ୍ୱରେ ଶ୍ରଦ୍ଧାସଭା ଅନୁଷ୍ଠିତ ହୋଇଥିଲା।

ସବକା ସାଥ ସବକା ବିକାଶ କହୁଥିବା ଆଜିର ସରକାର ଆଦିବାସୀ ଓ ଦଳିତ ଲୋକଙ୍କ ଘର ଓ ଜମି ଉପରେ ବୁଲଡୋଜର ଲଗାଇ ଉଚ୍ଛେଦ କରିବା, ବେଆଇନ ୪ ଟି ଶ୍ରମ ଆଇନ ଲାଗୁ କରିବା, କୃଷି ଉତ୍ପାଦନର ଲାଭଜନକ ଦରବୃଦ୍ଧି ନ ପାଇବା, ମନରେଗା ଆଇନକୁ ହତ୍ୟା କରିବା, ଜମି, ଜଳ, ଜଙ୍ଗଲକୁ ଆମ୍ବାନି, ଇନ୍ସୁରାନ୍ସ ବିଲକୁ ସାଂସଦରେ ପାରିତ କରି ଏମ୍‌ଏନ୍‌ସିମାନଙ୍କୁ ୧୦୦ ପ୍ରତିଶତ ଦେବାକୁ ସ୍ଥିର କରିଛି। ଭୋଟର ତାଲିକାରେ ବ୍ୟାପକ ସଂଶୋଧନ କରାଇ ବିରୋଧୀଙ୍କ ଭୋଟ କାଟିବାରେ ପାଇଁ ଦେଶବ୍ୟାପୀ ଅଭିଯାନ ଚାଲିଛି। ଦେଶର ସଂଘୀୟ ବ୍ୟବସ୍ଥା ଉପରେ ଆକ୍ରମଣ ତୀବ୍ର ହେଉଛି ଏବଂ ଦେଶବ୍ୟାପୀ ସାମ୍ପ୍ରଦାୟିକ ଧ୍ରୁବୀକରଣ ରାଜନୀତିକୁ ବ୍ୟାପକ କରାଯାଉଛି ଓ ଏହାକୁ ମୁକାବିଲା କରିବାକୁ ଆଗକୁ ଗୁରୁତ୍ୱପୂର୍ଣ୍ଣ ଆନ୍ଦୋଳନ ପାଇଁ ଆମେ ଏକଜୁଟ ହୋଇପାରିଲେ ସାଥୀ ବିନୋଦ ମିଶ୍ରଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହୋଇପାରିବ ବୋଲି ସିପିଆଇ (ଏମ-ଏଲ) ଲିବେରସନ ର ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, କେନ୍ଦ୍ର କମିଟି ସଦସ୍ୟ ଓ ପୂର୍ବତନ ବିଧାୟକ ରାଧାକାନ୍ତ ସେଠି, ରାଜ୍ୟ କମିଟି ସଦସ୍ୟ ଅଶୋକ ପ୍ରଧାନ, ବଂଶୀଧର ପରିଡ଼ା ଏହି ଆହ୍ୱାନ ଦେଇଛନ୍ତି।



ଭୁବନେଶ୍ୱର ଷ୍ଟୁଆର୍ଟ ସ୍କୁଲର ୬୫ ତମ ବାର୍ଷିକ କ୍ରୀଡ଼ା ଉତ୍ସବରେ ମୁଖ୍ୟ ଅତିଥି ଭାବେ କେ. ରବି କୁମାର, ବିଦ୍ୟାଳୟର ଅଧ୍ୟକ୍ଷା ମଧୁସ୍ମାନୀ ପାରମାଣିକ, ସେକ୍ରେଟାରୀ ଏଫ୍.ସି ନର୍ଥ ଓ ସଂଯୋଜିକା ସ୍ୱାତୀ ଦାସ।

**୧୪ ତମ ସର୍ବଭାରତୀୟ ମଦନପୁର ଫୁଟବଲ୍ କପ୍**

# ରାଜଧାନୀ ଏଫ୍‌ସିକୁ ହରାଇ ଫାଇନାଲରେ ଜଗା ୟୁନାଇଟେଡ୍

ବଡ଼ରଘୁନାଥପୁର, ୧୮ ।୧୨(ସମିସ): ଭୁବନେଶ୍ୱର ଉପକଣ୍ଠ ମଦନପୁର ନବଜ୍ୟୋତି କ୍ଲବ ଆନୁକୂଲ୍ୟରେ ୧୪ ତମ ସର୍ବଭାରତୀୟ ମଦନପୁର ଫୁଟବଲ୍ କପ୍‌ର ପ୍ରଥମ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଛି। ଏହି ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ଜଗା ୟୁନାଇଟେଡ ଭୁବନେଶ୍ୱର ଓ ରାଜଧାନୀ ଏଫ୍‌ସି ଜଗତସିଂହପୁର ମଧ୍ୟରେ ଅନୁଷ୍ଠିତ ହୋଇଛି। ଏଥିରେ ଜଗା ୟୁନାଇଟେଡ ଓ ରାଜଧାନୀ ଏଫ୍‌ସି ମଧ୍ୟରେ ୧-୧ ଗୋଲ ହେବାରୁ ଟ୍ରାଇ ବ୍ରେକର ମାଧ୍ୟମରେ ଜଗା ୟୁନାଇଟେଡ ଭୁବନେଶ୍ୱର ୫-୪ ଗୋଲ୍‌ରେ ରାଜଧାନୀ ଏଫ୍‌ସିକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ଏହି ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ଜଗା ୟୁନାଇଟେଡ ଭୁବନେଶ୍ୱର ପକ୍ଷରୁ ଫଗୁ ମାରାଣ୍ଡି ୧୮ ମିନିଟ୍ ବ୍ୟବଧାନ ରେ ଏବଂ ରାଜଧାନୀ ଏଫ୍‌ସି ଜଗତସିଂହପୁର ପକ୍ଷରୁ ଜଳନ୍ଧର ନାୟକ ୨୫ ମିନିଟ୍ ବ୍ୟବଧାନ ରେ ଗୋଲ୍ କରି ଥିଲେ। ଏଥି ସହ ଜଗା ୟୁନାଇଟେଡ ପକ୍ଷରୁ ଫଗୁ ମାରାଣ୍ଡି ଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଛି। ଆଜିର ଏହି ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ମୁଖ୍ୟ ଅତିଥି ଭାବେ ମନ୍ମଥ ରାଉତରାୟ ଏବଂ କ୍ରୀଡା ବିତ୍ ଶୁଭେନ୍ଦ୍ର ସ୍ୱାଇଁ, ବିଷ୍ଣୁ ବାହିନୀପତି ଯୋଗଦେଇଥିଲେ। ଆଜିର ମ୍ୟାଚ୍‌ରେ ଶିବ ଶଙ୍କର ପଣ୍ଡା, ଶିବ ସାମନ୍ତରାୟ, ଶିବ ଦେହୁରୀ, ସୁଜିତ୍ ପାତ୍ର ଏହି ମ୍ୟାଚ୍‌କୁ ପରିଚାଳନା କରିଥିଲେ। ଆସନ୍ତା କାଲିର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଭଞ୍ଜନଗର ଫୁଟବଲ୍ ଏକାଡେମୀ ଓ ଆଫ୍ରିକା ଏକାଦଶ ମଧ୍ୟରେ ଖେଳାଯିବ ବୋଲି ଟୁର୍ଣ୍ଣାମେଣ୍ଟର ମୁଖ୍ୟ ପରିଚାଳକ ଛେନୁ ଶେଖର ପଟ୍ଟନାୟକ ସୂଚନା ଦେଇଛନ୍ତି।





# 'ସ୍ୱରସୁଧା ଶାସ୍ତ୍ରୀୟ ସଙ୍ଗୀତ ସମାରୋହ' ଆଜି

ଭୁବନେଶ୍ୱର, ୧୮ ।୧୨(ସମିସ): କଳିଙ୍ଗ କଳାକ୍ଷେତ୍ର ପକ୍ଷରୁ ସ୍ୱର ସୁଧା ଡ. ସ୍ୱର୍ଣ୍ଣ ଖୁଣ୍ଟିଆ (ପଦ୍ମଭୂଷଣ ଡ. ଏନ୍ ରାଜମ୍ ଜୀଙ୍କ ବରିଷ୍ଠ ଶିଷ୍ୟ ଏବଂ ପ୍ରସିଦ୍ଧ ହିନ୍ଦୁସ୍ତାନୀ ଭାଓଲିନିଷ୍ଟ) ଙ୍କ ସ୍ମୃତିରେ ଶୁକ୍ରବାର ରବୀନ୍ଦ୍ରମଣ୍ଡପରେ ଆୟୋଜିତ ହେବ 'ସ୍ୱରସୁଧା ଶାସ୍ତ୍ରୀୟ ସଙ୍ଗୀତ ସମାରୋହ' ଓ 'ଗୁରୁ ପଣ୍ଡିତ ହରମୋହନ ଖୁଣ୍ଟିଆ ପୁରସ୍କାର ବିତରଣ ଉତ୍ସବ'। ଗୁରୁ ପଣ୍ଡିତ ହରମୋହନ ଖୁଣ୍ଟିଆଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ଅନୁଷ୍ଠାନ ଓଡ଼ିଶାର ଗର୍ବ ବିଜୁ ପଟ୍ଟନାୟକଙ୍କ ଦ୍ୱାରା ଅନୁପ୍ରାଣିତ ଏହି ଅନୁଷ୍ଠାନ ତିନି ଦଶନ୍ଧି ଧରି ଭାରତୀୟ ଶାସ୍ତ୍ରୀୟ ଏବଂ ଓଡ଼ିଶୀ ସଙ୍ଗୀତ, କଳା ଓ ସଂସ୍କୃତି ପ୍ରଚାର ପ୍ରସାର ସହ ଓଡ଼ିଶା ତଥା ବାହାରେ ଅନେକ ପ୍ରତିଷ୍ଠିତ ତଥା ଯୁବ କଳାକାରଙ୍କ ପାଇଁ ପ୍ଲାଟଫର୍ମ ପ୍ରଦାନ କରୁଛି। ଓଡ଼ିଶୀ କଳାକାର ବିଦୁଷୀ ସୁଜାତା ମହାପାତ୍ରଙ୍କୁ 'ଗୁରୁ ପଣ୍ଡିତ ହରମୋହନ ଖୁଣ୍ଟିଆ ପୁରସ୍କାର' ପ୍ରଦାନ କରାଯିବ। କାର୍ଯ୍ୟକ୍ରମରେ ଲେଖକ ତଥା ସାହିତ୍ୟିକ ଦାଶ ବେନହୁର, ବୈଷ୍ଣବ ଚରଣ ମହାନ୍ତି, ଚଳଚ୍ଚିତ୍ର ନିର୍ମାତା ବିୟୋତ ପ୍ରଜ୍ଞା ତ୍ରିପାଠୀ, ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ପ୍ରଫେସର ଗୋପବନ୍ଧୁ ମିଶ୍ର ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଉପଲକ୍ଷେ ଗୁରୁ ପଣ୍ଡିତ ହରମୋହନ ଖୁଣ୍ଟିଆଙ୍କ ଲିଖିତ 'ଓଡ଼ିଶା ସଙ୍ଗୀତ ସାରଣୀ' ପୁସ୍ତକ ଉନ୍ମୋଚନ ହେବ ବୋଲି ସମାରୋହର ଆବାହକ ପ୍ରଫେସର ବସନ୍ତ ସାହୁ ଏକ ପ୍ରେସ୍ ବିବୃତ୍ତି ମାଧ୍ୟମରେ ସୂଚନା ଦେଇଛନ୍ତି।

# ସୃଜନଶୀଳତାକୁ ମାରିଦେବ କି ଏଆଇ?

## ଚିତ୍ରଶିଳ୍ପୀଙ୍କ ପାଇଁ କୃତ୍ରିମ ବୁଦ୍ଧିମତା ସାଜିବ କି ଅଭିଶାପ

ଭୁବନେଶ୍ୱର, ୧୮ ।୧୨(ସମିସ): ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବା କୃତ୍ରିମ ବୁଦ୍ଧିମତ୍ତା(ଏଆଇ) ମଣିଷ ପାଇଁ ଆଶୀର୍ବାଦ ହେବ କି ଅଭିଶାପ ତାକୁ ନେଇ ବିତର୍କ ଚାଲିଛି। କିନ୍ତୁ ଏଆଇ ଆଗାମୀ ଦିନରେ ସୃଜନଶୀଳତାକୁ ମଧ୍ୟ ପ୍ରଭାବିତ କରିବାର ଆଶଙ୍କା ସୃଷ୍ଟି କରିଛି।

ଓଡ଼ିଶାରେ ପ୍ରାୟ ୧୨ଟି ଚାରୁକଳା ବା ଆର୍ଟ କଲେଜ ରହିଛି। ଯେଉଁ ଅନୁଷ୍ଠାନ ଗୁଡ଼ିକରୁ ପ୍ରତିବର୍ଷ ପ୍ରାୟ ୩ ଶହରୁ ୪ଶହ ଛାତ୍ରଛାତ୍ରୀ ଶିକ୍ଷାଲାଭ କରି କଳା କ୍ଷେତ୍ରରେ ନିଜର ଭବିଷ୍ୟତ ଗଢ଼ିବାକୁ ସଂଘର୍ଷ କରୁଛନ୍ତି। କିନ୍ତୁ ଆଗାମୀ ଦିନରେ ଏହି ଶିଳ୍ପୀ ବା କଳାକାରମାନେ ଏଆଇର ବହୁଳ ବ୍ୟବହାର ଯୋଗୁଁ ଜୀବିକା ହରାଇବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ଯେଉଁ କାମ ପାଇଁ ଶିଳ୍ପୀଟିଏ ଅକ୍ଳାନ୍ତ ପରିଶ୍ରମ ସହ ନିଜର ସୃଜନଶୀଳତା ବ୍ୟବହାର କରିଥାଏ ତାହାକୁ ନିମିଷକେ ସମ୍ଭବ କରୁଛି ଏଆଇ। ଫଳରେ ଚିତ୍ରଶିଳ୍ପୀ ବା ଛାତ୍ରଛାତ୍ରୀଙ୍କ ପାଇଁ କାଳ ସାଜିଲାଣି ଏଆଇ। କାରଣ ସାଧାରଣ ପୋଟ୍ରେଟ୍, ପେଣ୍ଟିଂ କିମ୍ବା କୌଣସି ଛବି ଆଙ୍କିବାକୁ ଚିତ୍ରଶିଳ୍ପୀଟିଏ ୧୫ରୁ ୨୦ ମିନିଟ୍ ସମୟ ନେଉଥିବା ବେଳେ ସେଥିପାଇଁ ଗ୍ରାହକଙ୍କ ଟଙ୍କା ଦେବାକୁ ପଡ଼ିଥାଏ। ତେବେ ସମାନ ଭାବେ ତିଆରି ହୋଇଥିବା ପେଣ୍ଟିଂକୁ ମାତ୍ର ଆଖି ପିଛୁଳାକେ ଏବଂ ସମ୍ପୂର୍ଣ୍ଣ ମାଗଣାରେ ଯୋଗାଇ ଦେଉଛି ଏଆଇ। ଯାହା ଏବେ ଚିତ୍ରକଳାରେ ନିଜର ଭବିଷ୍ୟତ ସ୍ୱପ୍ନ ଦେଖୁଥିବା ଶିଳ୍ପୀ ପାଇଁ ଚିନ୍ତାର କାରଣ ପାଲଟିଛି। ଯଦିଓ ଏଆଇ ସମସ୍ତ କାର୍ଯ୍ୟକୁ ସହଜରେ କରିଦେଉଛି କିନ୍ତୁ ସୃଜନଶୀଳତାକୁ ଟପିପାରିବ କି ଏଆଇ? ଏହାକୁ ନେଇ ଅନେକ ଚିତ୍ରଶିଳ୍ପୀଙ୍କ ମତାମତ ପ୍ରଦାନ କରାଯାଇଛି।



ଏଆଇ କଳା କ୍ଷେତ୍ରରେ ଯେତିକି ସହଯୋଗ କରୁଛି ଆଗକୁ ମଧ ସେତିକି କ୍ଷତି ହେବାର ସମ୍ଭାବନା ରହିଛି। ଯଦି ଆମେ ଏହାର ସକରାତ୍ମକ ଦୃଷ୍ଟିରୁ ଦେଖିବା, ଜଣେ ଶିଳ୍ପୀ ଏହାକୁ ବ୍ୟବହାର କରି ନିଜ କାମକୁ ସହଜ କରିପାରୁଛି। କିନ୍ତୁ ଏଆଇ ତାହାକୁ ଏକ କମାଣ୍ଡରେ କରି ଦେଖାଉଛି। ତେବେ ଏକ କଣ୍ଟେମ୍ପୋରାରୀ ଆର୍ଟ ବା ସମସାମୟିକ କଳାରେ ଯେଉଁ ଥିମ୍ ରହିଛି ତାହାକୁ ଏଆଇ କରିପାରିବ ନାହିଁ। ଯଦି ଭବିଷ୍ୟତ କଥା କୁହାଯାଏ ତେବେ କଳା ଛାତ୍ରଛାତ୍ରୀମାନେ ଏଆଇ ସହ ତାଳ ଦେଇ ଅପଗ୍ରେଡ ହେବେ, ଏଦିଗରେ ନିଜର ବୁଦ୍ଧି ଖଟାଇବେ ନାହିଁ।

**ସମରେନ୍ଦ୍ର ବେହେରା, କଳା ଶିକ୍ଷକ**



ବିଲଗେଟସ୍ କହିଥିଲେ ଯେ, କମ୍ପ୍ୟୁଟର ବହୁତ ମେମୋରୀ ରହିଛି କିନ୍ତୁ ଇମାଜିନେସନ୍ ନାହିଁ। ତେବେ ଏଆଇ କେବେ ଶିଳ୍ପୀଙ୍କ ଭଳି ନିଜର ବୁଦ୍ଧି ଖଟାଇ କୌଣସି ଚିତ୍ରକୁ ସ୍ୱତନ୍ତ୍ର ରୂପ ଦୋଇପାରିବ ନାହିଁ। କାରଣ କଳା କପି ନୁହେଁ ଏହା କେବଳ କ୍ରିଏଟିଭିଟିକୁ ନେଇ ସୃଷ୍ଟି। ଯେତେବେଳେ ପର୍ତ୍ତୁଗିଜ ମାନେ ଭାରତ ଆସିଥିଲେ, ଭାରତରେ ପ୍ରିଣ୍ଟିଂ ବିଷୟରେ ସମସ୍ତେ ଜାଣିଲେ ଏବଂ କଳାର ଭବିଷ୍ୟତକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। କିନ୍ତୁ ଆଜି ବି କଳା ତାର ସ୍ୱତନ୍ତ୍ରତା ବଜାୟ ରଖିଛି। ଏଆଇ କୋଡିଙ୍ଗ୍ ଡିକୋଡିଙ୍ଗ୍‌ରେ ଉପରେ ନିର୍ଭର କରେ। ଯାହାକୁ ମଣିଷ ତିଆରି କରିଛି। ତେଣୁ ଏଆଇ କେବେ କଳାକାର ବା ଶିଳ୍ପୀର ଇମାଜିନେସନକୁ ଟକ୍କର ଦେଇପାରିବ ନାହିଁ।

**ସୋଫିଆ ୟସମିନ୍, ଶିଳ୍ପୀ**



ଏଆଇର କ୍ରିଏଟିଭିଟି ନାହିଁ, ତେଣୁ ସେ କେବେ ଶିଳ୍ପୀର ସୃଜନଶତଳତାକୁ ଟପି ପାରିବ ନାହିଁ। କାରଣ ଏଆଇ ବା କୃତ୍ରିମ ବୁଦ୍ଧିମତାକୁ ଆମେ ଯାହା ଫିଡବ୍ୟାକ ଦେବୁ ସେ ସେହୟା ହିଁ କରିବ। କୌଣସି ନୂତନ ଜିନିଷ କରିପାରିବାର କ୍ଷମତା ଏଆଇର ନାହିଁ ବରଂ ମେସିନ୍ କେବଳ କପି ପେଷ୍ଟ କରିପାରିବ। ହେଲେ ପେଣ୍ଟିଂର ସ୍ୱତନ୍ତ୍ରତା ରହିଛି ଆଗକୁ ବି ରହିବ। ତାହର ଗ୍ରାହକ ମଧ୍ୟ ସ୍ୱତନ୍ତ୍ର ଅଛନ୍ତି। ତେଣୁ ଏଆଇର ପ୍ରଭାବ ଭବିଷ୍ୟତରେ ଶିଳ୍ପୀଙ୍କ ଜୀବିକା ଉପରେ କୌଣସି ପ୍ରଭାବ ପକାଇପାରିବ ନାହିଁ। ଏଆଇ ହେଉଛି ଏକ ଟୁଲ। ବରଂ ଏହାକୁ ଶିଳ୍ପୀମାନେ ଟୁଲ୍ ଭାବେ ବ୍ୟବହାର କରି ଅଧିକ ନିଜ କାର୍ଯ୍ୟରେ ରେକ୍ଟିଫାଏ କରିପାରିବେ।

**ପଞ୍ଚାନନ ସାମଲ, ଧଉଳି ଚାରୁକଳା ମହାବିଦ୍ୟାଳୟର ଅଧ୍ୟକ୍ଷ**



ବର୍ତ୍ତମାନ ଆମେ ସମସ୍ତେ ଏଆଇକୁ ନିର୍ଭର କରୁଛୁ। ଅସମ୍ଭବ କାର୍ଯ୍ୟକୁ ଏଆଇ ସହଜ କରି ଦେଉଛି। କିନ୍ତୁ ଜଣେ ବ୍ୟକ୍ତିଙ୍କ ଫଟୋ ନ ଦେଖି ଇମାଜିସେନ୍‌ରେ ଏକ ଫଟୋ ତିଆରି କରିବା ଏଆଇ କ୍ଷେତ୍ରରେ ସମ୍ଭବ ନୁହେଁ ଯାହାକି ଜଣେ ଶିଳ୍ପୀ କ୍ଷେତ୍ରରେ ସମ୍ଭବ। ତେଣୁ ଏଆଇ ଟେକ୍ନୋଲୋଜି ବ୍ୟବହାର କରି ଅନେକ କିଛି କରିପାରୁଛି କିନ୍ତୁ କବେ କଳାକାର ଭାବନାକୁ ଚିତ୍ରରେ ପ୍ରତିଫଳିତ କରିପାରିବ ନାହିଁ। ତେଣୁ କଳାକାର ବା ଶିଳ୍ପୀଙ୍କ ଜୀବିକା ଉପରେ ବେଶି କିଛି ପ୍ରଭାବ ପଡ଼ିବ ନାହିଁ ବୋଲି ଆଶା ରହିଛି।

**ସଞ୍ଜୟ କୁମାର ରାଉଳ, ଶିଳ୍ପୀ**



ଏଆଇ କେବେ ଜଣେ କଳା ଶିକ୍ଷକଙ୍କ ଭଳି ଡେମୋ କ୍ଲାସ୍ କରିପାରିବ ନାହିଁ। ଏକ ପେଣ୍ଟିଂ ହେଉ ଅବା ପୋଟ୍ରୋଟ୍‌ରେ ଏକ ଆଇ କେବେ ବ୍ରସ ଷ୍ଟ୍ରୋକ ଦେଇପାରିବ ନାହିଁ ଯାହା ଜଣେ ଶିଳ୍ପୀ ଦେଇପାରିବ। ଶିଳ୍ପୀ ଓ ଏଆଇ କାର୍ଯ୍ୟ ମଧ୍ୟରେ ବହୁତ ଫରକ ରହିବ। ତୁଳୀକୁ କେମିତି ଧରିବା, କେମିତି ସେଡିଂ ଦେବା, କଲର୍ କରିବା ଏସବୁ କେବେ ବି ଏଆଇ ଶିଖାଇ ପାରିବ ନାହିଁ। ତେବେ ଏଆଇ ପାଇଁ ଶିଳ୍ପୀଙ୍କୁ ଜୀବିକା ହରାଇବାକୁ ପଡ଼ିବ କିମ୍ବା ଜୀବିକା ବଢ଼ାଇବାକୁ ପଡ଼ିବ ତାହା ଭବିଷ୍ୟରେ ଜଣାପଡ଼ିବ।

**ଶତ୍ରୁଘ୍ନ ସାହୁ, କଳା ଶିକ୍ଷକ**

ସକାଳ THE SAKALA



www.sakalaepaper.com









# ଆଉ ୭ ଦିନ ପରେ 'ବଡ଼ ଦିନ' / ଚର୍ଚ୍ଚରେ ପ୍ରସ୍ତୁତି ପର୍ବ ଜୋର୍‌ଦାର୍

କଟକ,୧୮ ।୧୨(ସମିସ):

ଆସୁଛି ନୂଆ ବର୍ଷ-୨୦୨୬ । ମାତ୍ର ୧୨ ଦିନ ପରେ ପୁରୁଣା ବର୍ଷକୁ ବିଦାୟ ଦିଆଯିବ । ଖ୍ରୀଷ୍ଟଧର୍ମାବଲମ୍ବୀଙ୍କର ସବୁଠାରୁ ବଡ ପର୍ବ ଖ୍ରୀଷ୍ଟମାସ ଡେ' ବା ବଡ଼ଦିନ । ଏହାକୁ ଆଉ ମାତ୍ର ୭ ଦିନ ବାକି ଥିବାବେଳେ କଟକ ସହର ଏବେ ଠାରୁ ଚଳଚଞ୍ଚଳ ହୋଇଉଠିଛି । ଆସନ୍ତା ଡିସେମ୍ବର ୨୫ ତାରିଖ ମଧରାତ୍ରୀରେ ଧରାବତାରଣ କରିବେ ପ୍ରଭୁ ଯିଶୁଖ୍ରୀଷ୍ଟ । ପ୍ରଭୁ ଯୀଶୁଙ୍କ ଜନ୍ମଦିବସକୁ ପାଳନ କରିବାକୁ ଅପେକ୍ଷାରେ ଥାଆନ୍ତି ଶ୍ରଦ୍ଧାଳୁ । ଖ୍ରୀଷ୍ଟଧର୍ମାବଲମ୍ବୀ ଭାଇ ଭଉଣୀଙ୍କ ମଧ୍ୟରେ ଦେଖିବାକୁ ମିଳିଛି ଉତ୍ସାହ । ସହରର ୨ଟି ପ୍ରମୁଖ ଚର୍ଚ୍ଚ ଓଡିଆ ବାପଟିଷ୍ଟ ଚର୍ଚ୍ଚ ଏବଂ ହୋଲି ରୋଜାରି କ୍ୟାଥୋଡ୍ରାଲ ଚର୍ଚ୍ଚ ପକ୍ଷରୁ ବଡଦିନ ପାଳନ ନିମନ୍ତେ ପ୍ରସ୍ତୁତି ଜୋରଦାର ହେଲାଣି । ଏହି ବଡ ପର୍ବକୁ ଏଥର ଧୁମଧାମ୍ ପାଳନ କରାଯିବ । ଏହି ପରିପ୍ରେକ୍ଷୀରେ ପ୍ରତି ସ୍କୁଲ, କଲେଜରେ ଏବେ କ୍ୟାରେଲ କାର୍ଯ୍ୟକ୍ରମ ହେଉଥିବା ଦେଖିବାକୁ ମିଳୁଛି । ଅନ୍ୟପକ୍ଷରେ ବଡଦିନ ପାଇଁ ସହରର ବିଭିନ୍ନ ସ୍ଥାନରେ ସାଣ୍ଟା କ୍ଲଜ, ବେଲୁନ, ଟୋପି ଏବଂ ବିଭିନ୍ନ ପ୍ରକାର ମିଠା ଷ୍ଟଲ ଖୋଲିଛି । ବିଶେଷ କରି ଏଥର ମ୍ୟୁଜିକାଲ୍ ଡ୍ୟାନ୍ସି ସାଣ୍ଟାକ୍ଲଜ୍ ଓ ସ୍ନୋ ଟ୍ରି'ର ଚାହିଦା ଅଧିକ ରହିଛି । ବକ୍ସିବଜାର, ବିଜୁପଟ୍ଟନାୟକ ଛକ, ସିଡିଏ, ସେଲଟର୍ ଛକ, ଚଣ୍ଡିଛକ, ଚୌଧୁରୀବଜାର ଭଳି ସ୍ଥାନ ଗୁଡ଼ିକରେ କେକ୍ ଓ କୁକିଜ୍‌ର ପସରା ଖୋଲିଲାଣି । ଗତ ୫ଦିନ ହେବ ବ୍ୟବସାୟ ଜୋରଦାର ହୋଇଛି ।

**ମନ କିଣୁଛି ଡ୍ୟାନ୍ସି ସାଣ୍ଟାକ୍ଲଜ୍ ଓ ସ୍ନୋ'ଟ୍ରି**

**ବଜାରରେ କେକ୍ ଓ କୁକିଜ୍‌ର ପସରା**

କଟକ ସହରରେ ଥିବା ଚର୍ଚ୍ଚ ଗୁଡ଼ିକରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯିବ । ଏହି ଅବସରରେ ଯୀଶୁ ଖ୍ରୀଷ୍ଟଙ୍କ ଜନ୍ମ ଏବଂ ତାଙ୍କ ଜୀବନ ଉପରେ ଆଧାରିତ ବିଭିନ୍ନ ନାଟକ ପରିବେଷଣ କରାଯିବ । ଚର୍ଚ୍ଚ ଗୁଡ଼ିକରେ ଆର୍କଷଣୀୟ ଆଲୋକମାଳା ସାଙ୍ଗକୁ ରଙ୍ଗୀନ ଖ୍ରୀଷ୍ଟମାସ ଲ୍ୟାମ୍ପ ଓ ଜିଙ୍ଗଲବେଲ ଆକର୍ଷଣର କେନ୍ଦ୍ର ବିନ୍ଦୁ ପାଲଟିଥାଏ । ଏବର୍ଷ କ୍ୟାଣ୍ଟନମେଣ୍ଟ ରୋଡସ୍ଥିତ ହୋଲି ରୋଜାରି କ୍ୟାଥୋଡ୍ରାଲ ଚର୍ଚ୍ଚ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଦେଖିବାକୁ ମିଳିଛି । ଚର୍ଚ୍ଚ ବାହାରେ ପ୍ରଭୁଙ୍କର ଗୁହାଳ ଘର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି । ଚର୍ଚ୍ଚ ମଧ୍ୟରେ ପ୍ରାୟ ୨ହଜାର ଖ୍ରୀଷ୍ଟ ଧର୍ମାବଲମ୍ବୀ ସମୂହ ପ୍ରାର୍ଥନା କରିବେ । ଏଥି ନିମନ୍ତେ ୭ ରୁ ୮ ଜଣ ଚର୍ଚ୍ଚର ସଦସ୍ୟମାନଙ୍କୁ ନେଇ ଗଠିତ ହୋଇଥିବା ଏକ ଦଳ କ୍ୟାରେଲ୍ ଗାନ ନିମନ୍ତେ ଅଭ୍ୟାସ କରୁଛନ୍ତି । ଚର୍ଚ୍ଚ ପରିସର ରଙ୍ଗ ଦିଆଯିବା ସହ ଆଲୋକାମାଳାରେ ସଜେଇ ହେବାକୁ ପ୍ରସ୍ତୁତି ପର୍ବ ଜୋରଦାର ହେଉଛି । ଚର୍ଚ୍ଚର ସଦସ୍ୟମାନେ ପ୍ରତି ଖ୍ରୀଷ୍ଟିୟାନ ଭାଇ ଭଉଣୀଙ୍କ ଘରକୁ ଘର ବୁଲି ବଡି ଦିନ ପୂର୍ବରୁ ପ୍ରଭୁ ଶିଶୁ ଯୀଶୁଙ୍କ ମୂର୍ତ୍ତି ପ୍ରଦାନ କରି ସହ ଶାନ୍ତି, ପ୍ରେମର ବାର୍ତ୍ତା ଦେଉଛନ୍ତି । ଆସନ୍ତା ୨୪ ତାରିଖ ରାତି ୧୦ଟା ୪୫ ମିନିଟ୍ ଠାରୁ ମହାଉଜାଗର ପର୍ବ ଆରମ୍ଭ ହେବ । ୨୫ ତାରିଖ ରାତି ପର୍ଯ୍ୟନ୍ତ ଏହି ଯଜ୍ଞ, କ୍ୟାରୋଲ ଗାନ ଏବଂ ପ୍ରାର୍ଥନା କାର୍ଯ୍ୟ କରାଯିବ । ପରିଶେଷରେ ଦିବ୍ୟ ପ୍ରସାଦ ପ୍ରଦାନ କରାଯିବ । ଅନ୍ୟପକ୍ଷରେ ଓଡିଆ ବାପଟିଷ୍ଟ ଚର୍ଚ୍ଚରେ ବଡଦିନକୁ ମଧ୍ୟ ଧୁମଧାମରେ ପାଳନ କରିବା ପାଇଁ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ କରାଯାଇଛି । ଚର୍ଚ୍ଚ ପରିସର ମରାମତି କରାଯାଇଥିବାବେଳେ ଏହାକୁ ରଙ୍ଗୀନ ଆଲୋକମାଳାରେ ସାଜସଜ୍ଜା କରାଯାଉଛି । ୨୫ ତାରିଖ ମଧରାତ୍ରୀରେ ଉଜାଗର କାର୍ଯ୍ୟକ୍ରମ ପ୍ରତିବର୍ଷ ଭଳି ପାଳନ କରାଯିବ । ବଡ଼ ଦିନ ଅର୍ଥାତ ଡିସେମ୍ବର ୨୫ ତାରିଖରେ ୧୧ଟାରେ ତେଲୁଗୁରେ ପ୍ରାର୍ଥନା, ଅପରାହ୍ନ ୩ଟାରେ ଓଡିଆ ଏବଂ ସନ୍ଧ୍ୟା ୬ଟାରେ ଇଂରାଜୀରେ ପ୍ରାର୍ଥନା ହେବ । ପ୍ରାୟ ୫ହଜାର ଶ୍ରଦ୍ଧାଳୁ ସମୂହ ପ୍ରାର୍ଥନା କରିବେ ବୋଲି ସୂଚନା ମିଳିଛି । ଖ୍ରୀଷ୍ଟ ଧର୍ମର ଭାଇଭଉଣୀମାନଙ୍କୁ ନେଇ ୧୦ ସାହି ଅଞ୍ଚଳରେ କୀର୍ତ୍ତନ ଆରମ୍ଭ ହୋଇଗଲାଣି । ଲୋକମାନେ କେକ୍, ଆରିସା ପିଠା , କାକରା ବନାଉଛନ୍ତି । ସାଣ୍ଟାକ୍ଲଜ୍ ବେଶଧାରୀ ସାହି ଅଞ୍ଚଳରେ ପିଲାମାନଙ୍କୁ ଚକୋଲେଟ ବାଣ୍ଟୁଛନ୍ତି । ସାହିକୁ ଆଲୋକମାଳାରେ ସଜାଯାଉଛି । ପ୍ରତି ଘର ଷ୍ଟାର୍ ଲଗାଇବା କାର୍ଯ୍ୟ ହେଉଛି । ଏବର୍ଷ ଓଡ଼ିଆ ବାପଟିଷ୍ଟ ଚର୍ଚ୍ଚ ପାଣ୍ଠିରୁ ଗରିବ ଓ ଅସହାୟ ଲୋକମାନଙ୍କୁ ଆର୍ଥିକ ସହାୟତା ଦିଆଯିବ ବୋଲି ଓଡ଼ିଆ ବାପ୍ଟିଷ୍ଟ ଚର୍ଚ୍ଚ ପକ୍ଷରୁ ସୂଚନା ଦିଆଯାଇଛି ।

## ଏମ୍‌ଏସ୍‌ଏମ୍‌ଇ ଶିଳ୍ପରେ ସୌରଶକ୍ତିର ବିନିଯୋଗ ପାଇଁ ଆଲୋଚନାଚକ୍ର



କଟକ,୧୮ ।୧୨(ସମିସ): ଓଡ଼ିଶା କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ସଂଘ (ଓସମେ) ଏବଂ ବୃନ୍ଦାବତୀ ଆଗ୍ରୋ ଓ ପାୱାର ସଲ୍ୟୁସନ୍ସର ମିଳିତ ଆନୁକୂଲ୍ୟରେ କଟକ ସ୍ଥିତ ଓସମେ ସମ୍ମିଳନୀ କକ୍ଷରେ ଏକ ଐତିହାସିକ ଆଲୋଚନାଚକ୍ର ସଫଳତାର ସହିତ ଅନୁଷ୍ଠିତ ହୋଇଯାଇଛି । "ନିରନ୍ତର ବ୍ୟବସାୟ ପାଇଁ ନିରନ୍ତର ଶକ୍ତି ସମାଧାନ: ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ (ଏମଏସଏମଇ) ପାଇଁ ସୌରଶକ୍ତି ସମାଧାନକୁ ତ୍ୱରାନ୍ୱିତିକରଣ' ଶୀର୍ଷକ ଏହି କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ଅତିଥି ଓ ବିଶେଷଜ୍ଞ ଯୋଗଦେଇଥିଲେ । ଏହି ଅବସରରେ ଭାରତ ସରକାରଙ୍କ ଏମଏସଏମଇ ମନ୍ତ୍ରଣାଳୟର ସହନିର୍ଦ୍ଦେଶକ ଜଗଦୀଶ ସାହୁ, ଜିଇଓପିପିର ନିର୍ଦ୍ଦେଶକ ମୁକେଶ ଖଣ୍ଡେଲୱାଲ ଏବଂ କଟକ ଡିଆଇସିର ମହାପ୍ରବନ୍ଧକ ଟି.କେ ମହାନ୍ତି ପ୍ରମୁଖ ନବୀକରଣ ଶକ୍ତି ଗ୍ରହଣ ପାଇଁ ରାଜ୍ୟସ୍ତରୀୟ ସମର୍ଥନ ଓ ନୀତିଗତ ଢାଞ୍ଚା ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋକପାତ କରିଥିଲେ । ସେହିପରି ଓସମେର ମହାସଚିବ ସାତ୍ତ୍ୱିକ ସ୍ୱାଇଁ, ଯୁଗ୍ମ ସଚିବ ପ୍ରତ୍ୟୁଷ ମହାରଣା, ସଚିବ ରୁଦ୍ରାଶିଷ ନାୟକ ଏବଂ ବୃନ୍ଦାବତୀ ଆଗ୍ରୋର ପ୍ରତିଷ୍ଠାତା ସତ୍ୟଜିତ ତରେଇ ଶିଳ୍ପ କ୍ଷେତ୍ରରେ ସୌରଶକ୍ତିର ଆବଶ୍ୟକତା ସମ୍ପର୍କରେ ଅନ୍ତର୍ଦୃଷ୍ଟି ପ୍ରଦାନ କରିଥିଲେ ।

## ସ୍କୁଲ ପରିଦର୍ଶନ କଲେ ବାବା ସତ୍ୟାନନ୍ଦ



କଟକ,୧୮ ।୧୨(ସମିସ): କଟକ ମହାନଦୀବିହାରସ୍ଥିତ କ୍ରିଷ୍ଣା କନସିଅସ୍‌ନେସ୍ ମୋରାଲ ସ୍କୁଲରେ ବିଶିଷ୍ଟ ପ୍ରବଚକ ତଥା ଶ୍ରୀଜଗନ୍ନାଥ ଚେତନାର ବିଶ୍ୱବ୍ୟାପୀ ପ୍ରଚାରକ ବାବା ସତ୍ୟାନନ୍ଦ ଦାସଙ୍କ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ପରିଦର୍ଶନ ଅବସରରେ ବାବା ସତ୍ୟାନନ୍ଦ ଛାତ୍ରଛାତ୍ରୀଙ୍କୁ ଗଳ୍ପ ମାଧ୍ୟମରେ ନୈତିକ ଶିକ୍ଷା ପ୍ରଦାନ କରିବା ସହ ସେମାନଙ୍କ ସହିତ କିଛି ସମୟ ବିତାଇ ଆଧ୍ୟାତ୍ମିକ ଚେତନା ଜାଗ୍ରତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ସମେତ ବହୁ ସଂଖ୍ୟାରେ ଅଭିଭାବକ ମଧ୍ୟ ଉପସ୍ଥିତ ରହି ବାବାଙ୍କ ମୂଲ୍ୟବାନ ଉପଦେଶ ଶ୍ରବଣ କରିଥିଲେ । ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ ଅନ୍ନପୂର୍ଣ୍ଣା ଦାସ, ରାଜକିଶୋର ମହାନ୍ତି, ଅଧ୍ୟକ୍ଷା ରିତା ନାୟକ, ନିବେଦିତା ମହାନ୍ତି ଓ ଡ. ଶୁଭଲକ୍ଷ୍ମୀ ଦାସ ପ୍ରମୁଖ ବାବା ସତ୍ୟାନନ୍ଦଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

## ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ

କଣ୍ଟାପଡା,୧୩।୧୨(ସମିସ): ବାରଙ୍ଗ ବ୍ଲକ ଅନ୍ତର୍ଗତ ବ୍ରାହ୍ମଣଝରିଲୋ ନୋଡାଲ ଉଚ୍ଚ ବିଦ୍ୟାଳୟର ୫୮ତମ ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି । ନିକଟସ୍ଥ ନରନାରାୟଣ ମନ୍ଦିରରୁ କ୍ରୀଡ଼ା ମଶାଲକୁ ଶୋଭାଯାତ୍ରାରେ ନିଆଯାଇ ବ୍ରାହ୍ମଝରିଲୋସ୍ଥିତ ଖେଳ ପଡ଼ିଆରେ ସ୍ଥାପନ କରାଯାଇଥଲା । ବିଦ୍ୟାଳୟର ପ୍ରଧାନଶିକ୍ଷକ ଉତ୍ତମ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ପରିଚାଳନା କମିଟି ସଭାପତି ବିଘ୍ନେଶ୍ୱର ତରାଇ, ଆଲୁମନି କମିଟି ଉପସଭାପତି ରମେଶ ଚନ୍ଦ୍ର ପ୍ରଧାନ, ବରିଷ୍ଠ ସଦସ୍ୟ ବାବାଜି ଚରଣ ମହାନ୍ତି ଓ ସୁବାସ ବେହେରା ପ୍ରମୁଖ ଅତିଥିଭାବରେ ଯୋଗଦେଇ ବାର୍ଷିକ କ୍ରୀଡା ଉତ୍ସବକୁ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିଲେ । ବିଦ୍ୟାଳୟର କ୍ରୀଡା ଶିକ୍ଷକ ସନ୍ତୋଷ ମାଝୀ ଓ ଚୌଧୁରୀ ସୁକୁମାର ଦାସ କ୍ରୀଡା ଉତ୍ସବକୁ ପରିଚାଳନା କରିଥିବା ବେଳେ ମଞ୍ଜୁଶ୍ରୀ ବେହେରା, କଳ୍ପନା ସାହୁ, ଶୁଭଲକ୍ଷ୍ମୀ ସେଠୀ, ରଶ୍ମିପ୍ରଭା ବେହେରା, ସ୍ୱର୍ଣ୍ଣଲତା ସାମଲ, ଅନିମା ସ୍ୱାଇଁ, ଅଜିମ୍ ଅଖତାର ଖାଁ, ଅନାଦି ମଲ୍ଲିକ, ଜୀବନ ମହାରଣା, କାବ୍ୟତାରା ଦାସ, ବନ୍ଦନା ବେହେରା, ମନୋରମା ପାତ୍ରୀ, ବିଷ୍ଣୁ ପ୍ରିୟା ସାହୁ ପ୍ରମୁଖ ବିଦ୍ୟାଳୟର ସମସ୍ତ ଶିକ୍ଷାକର୍ମୀ ଉକ୍ତ କ୍ରୀଡା ପରିଚାଳନାରେ ସହଯୋଗ କରିଥିଲେ ।

## ଜରୁରିକାଳୀନ ପରିସ୍ଥିତି ମୁକାବିଲା ମକ୍‌ଡ୍ରିଲ



ଚୌଦ୍ୱାର,୧୮ ।୧୨(ସମିସ): ଇମ୍ଫା ଶିଳ୍ପଗୋଷ୍ଠୀ ଆନୁକୂଲ୍ୟରେ ଶିଳ୍ପାନୁଷ୍ଠାନରେ ଆପାତକାଳୀନ ପରିସ୍ଥିତିକୁ ମୁକାବିଲା କରିବା ପାଇଁ ଏକ ପୂର୍ଣ୍ଣ ଆପାତକାଳୀନ ଅଭ୍ୟାସ ଶିବିର ଅନୁଷ୍ଠିତ ହୋଇଯାଇଛି । କଟକସ୍ଥିତ କାରଖାନା ଓ ବାଷ୍ପିତ ନିର୍ଦ୍ଦେଶାଳୟର ଅତିରିକ୍ତ ନିର୍ଦ୍ଦେଶକ ସୁଧାଂଶୁ ଶେଖର ସାହୁ, ଚୌଦ୍ୱାର ଅଗ୍ନିଶମ କାର୍ଯ୍ୟାଳୟ ଅଧିକାରୀ ବିଷ୍ଣୁପ୍ରସାଦ ଦାସ, ଏନଡିଆରଏଫ ଅଧିକାରୀ ରାଜୀବଲୋଚନ ଆଚାର୍ଯ୍ୟ, ଚୌଦ୍ୱାର ରାଜ୍ୟ ବୀମା ଚିକିତ୍ସାଳୟର ଡାକ୍ତର ବରୁଣ ଅଗ୍ରୱାଲ, ଇମ୍ଫାର ଉପସଭାପତି ବିନୟ ଅଗ୍ରୱାଲ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ଆରତୀ ଷ୍ଟିଲ, କେକେ ଲକ୍ଷ୍ମୀ ସିମେଣ୍ଟ, ସତ୍ୟମ୍ କାଷ୍ଟିଂ, ଡାଲମିଆ ସିମେଣ୍ଟ ଆଦି ଶିଳ୍ପାନୁଷ୍ଠାନର ଅଧିକାରୀ ଓ କର୍ମଚାରୀମାନେ ଯୋଗଦେଇ ତାଲିମ ଗ୍ରହଣ କରିଥିଲେ । ଇମ୍ଫାର ମାନବ ସମ୍ବଳ ଅଧିକାରୀ ନିରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ ।

**■ ବଚନ ସ୍ମାରକୀ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ**

## ସିଆର୍‌ଆର୍‌ଆଇକୁ ହରାଇ ଚୌଦ୍ୱାର ବିଜୟୀ



ନିଶ୍ଚିନ୍ତକୋଇଲି,୧୮ ।୧୨(ସମିସ): ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନଙ୍କ ତତ୍ତ୍ୱାବଧାନରେ କଟକ ଜିଲ୍ଲା କ୍ରୀଡ଼ା ସଂସଦ ପକ୍ଷରୁ ମାହାଙ୍ଗା ଆଥଲେଟିକ୍ ଆସୋସିଏସନ୍ ଆନୁକୂଲ୍ୟରେ ନିଶ୍ଚିନ୍ତକୋଇଲିସ୍ଥିତ ପଞ୍ଚାୟତ ପ୍ରହଲ୍ଲାଦ ମହାବିଦ୍ୟାଳୟ ଖେଳପଡ଼ିଆରେ ବଚନ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେଉଛି । ଏହାର ଚତୁର୍ଥ ଦିନ ମ୍ୟାଚ୍‌ଟି ସିଆରଆରଆଇ କଟକ ଏବଂ ୱାଇଏଏଫ୍‌ସି ଚୌଦ୍ୱାର ମଧ୍ୟରେ କରାଯାଇଥିଲା । ଏଥିରେ ଚୌଦ୍ୱାର ଫୁଟବଲ ଦଳ ସିଆରଆରଆଇ ଦଳକୁ ୩-୧ ଗୋଲରେ ପରାଜିତ କରିଛି । ଏହି ମ୍ୟାଚ୍‌ରେ ସର୍ବୋଚ୍ଚ ଖେଳାଳୀ ଭାବେ ବସର ଅହମ୍ମଦ(ବଣ୍ଟି) ଆର୍ଥିକ ପୁରସ୍କୃତ ହୋଇଥିଲେ । ଏଥିରେ ରେଫେରୀ ଭାବେ ଏସ୍‌ଏସ୍ ଆଲମ୍, ସୁଶୀଲ ହେମ୍ବ୍ରମ, ରାମଚନ୍ଦ୍ର ହାସଦା, ସୁଶୀଲ ସୋରେନ, ପିଙ୍କି ହାସଦା ଓ ପ୍ରଦୀପ୍ତ ମହାନ୍ତି ଖେଳ ପରିଚାଳନା କରିଥିଲେ । ବ୍ଲକ ଉପାଧ୍ୟକ୍ଷ ନୃସିଂହ ଚରଣ ମିଶ୍ରଙ୍କ ସଂଯୋଜନାରେ କଲେଜ ଅଧ୍ୟକ୍ଷା ଡ. ତରୁଲତା ଦେବୀ, ବିଶିଷ୍ଟ କ୍ରୀଡା ସଂଗଠକ ସହଦେବ ରାଉତ, ଆତ୍ମା ସଭାପତି ଅଶୋକ ସାହୁ, ୨୬ନଂ ଜୋନ୍ ସଭାପତି କୈଳାସ ଚନ୍ଦ୍ର ବେହେରା, କ୍ରୀଡାପ୍ରେମୀ ରମେଶ ଚନ୍ଦ୍ର ସ୍ୱାଇଁ, ଦେବେନ୍ଦ୍ର ସାହୁ, ରଞ୍ଜନ ରାଉତ, ସନ୍ଦୀପ ସାମନ୍ତରାୟ, ବିଜୟ ବଳ ପ୍ରମୁଖ ଖେଳ ପଡିଆରେ ପ୍ରତିଯୋଗିତାକୁ ଆରମ୍ଭ କରି ଖେଳାଳୀଙ୍କୁ ଉତ୍ସାହିତ କରିଥିଲେ । ଏହାର ତୃତୀୟ ଦିନରେ ଅଶଗା କିଶୋରନଗର ସହିତ ଅର୍ବାନ ଆଡଭେଞ୍ଚର ବିଡାନାସୀଙ୍କ ମଧ୍ୟରେ ଖେଳ ପ୍ରତିଯୋଗିତା ହୋଇଥିଲା । କିଶୋରନଗର ୧-୦ ଗୋଲରେ ବିଡାନାସୀକୁ ପରାସ୍ତ କରିଥିଲା । ଏଥିରେ ସର୍ବୋଚ୍ଚ ଖେଳାଳି ଭାବେ ରୟମଣ୍ଡ ଭୋବାଙ୍କୁ ଆର୍ଥିକ ପୁରସ୍କୃତ କରାଯାଇଥିଲା ।

## ଡ. ଶଶିଭୂଷଣ ମହାନ୍ତିଙ୍କ ପ୍ରଥମ ଶ୍ରାଦ୍ଧଉତ୍ସବ



କଟକ,୧୮ ।୧୨(ସମିସ): ମହାନଦୀବିହାରସ୍ଥିତ ମହାନଦୀ ଭବନଠାରେ ଅଞ୍ଚଳର ଜଣାଶୁଣା ଶିକ୍ଷାବିତ୍, ସମାଜସେବୀ ତଥା ମୁରବୀ ସ୍ୱର୍ଗତ ଶଶୀଭୂଷଣ ମହାନ୍ତିଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧଉତ୍ସବ ଓ ଶ୍ରଦ୍ଧାଞ୍ଜଳି ସଭା ସମ୍ପନ୍ନ ହୋଇଯାଇଛି । ମହାନଦୀ ବିହାର ପେନ୍ସନର୍ସ ଆସୋସିଏସନ୍ ଏବଂ ସେକ୍ଟର-୧ କମିଟିର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସଭାକୁ ଶିକ୍ଷାବିତ୍ ଡ. କମଳ ପ୍ରସାଦ ମହାନ୍ତି ସଂଯୋଜନା କରିଥିବା ବେଳେ ଏମଡିଏର ପୂର୍ବତନ ସଭାପତି ରବୀନ୍ଦ୍ର ନାଥ ତ୍ରିପାଠୀ ପୌରୋହିତ୍ୟ କରିଥିଲେ । ଏନେଇ ମହାନଦୀ ବିହାର ମହିଳା ସମିତି, ବରିଷ୍ଠ ନାଗରିକ ମଞ୍ଚ ଏବଂ ପେନ୍ସନର୍ସ ଆସୋସିଏସନ୍‌ର ଅନେକ ସଦସ୍ୟ ତଥା ସ୍ଥାନୀୟ ବୁଦ୍ଧିଜୀବୀ ସ୍ୱର୍ଗତ ମହାନ୍ତିଙ୍କ ବହୁବିଧ ପ୍ରତିଭା ଓ ସ୍ମୃତିଚାରଣ କରିଥିଲେ । ପେସାରେ ଜଣେ ଅଧ୍ୟାପକ ହୋଇଥିଲେ ସୁଦ୍ଧା ସମାଜସେବା କ୍ଷେତ୍ରରେ ତାଙ୍କ ତ୍ୟାଗ ଅତୁଳନୀୟ ଥିଲା । ପେନ୍ସର୍ସ ଆସୋସିଏସନ୍‌ର ପୂର୍ବତନ ସଭାପତି ଭାବେ ସେ ଅଞ୍ଚଳର ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ସ୍ୱର୍ଗତ ମହାନ୍ତିଙ୍କ ଧର୍ମପତ୍ନୀ ଇନ୍ଦୁମତି ମହାନ୍ତି, ପୁତ୍ର ବିଦ୍ୟାଭୂଷଣ ଓ ନାତି ଆଦିତ୍ୟଙ୍କ ସମେତ ୪୭ ନମ୍ବର ୱାର୍ଡର କର୍ପୋରେଟର ସୁବ୍ରତ ଘଡାଇ, ଏମଡିଏ ସଭାପତି ସଞ୍ଜୟ ଜେନା ଏବଂ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତି ଯଥା ରବିନାରାୟଣ ମହାନ୍ତି, ନୃସିଂହଚରଣ ମହାନ୍ତି, ଚତୁର୍ଭୁଜ ମହାପାତ୍ର ଓ ଡ. କ୍ଷୀରୋଦଚନ୍ଦ୍ର ନନ୍ଦନ ପ୍ରମୁଖ ତାଙ୍କ ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସ୍ୱର୍ଗତ ମହାନ୍ତିଙ୍କ ପରିବାର ପକ୍ଷରୁ ସମସ୍ତଙ୍କ ସହଯୋଗ ଓ ଯୋଗଦାନ ପାଇଁ କୃତଜ୍ଞତା ଜ୍ଞାପନ କରାଯାଇଥିଲା ।

## ହାତୀ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ଟାଙ୍ଗୀ,୧୮ ।୧୨(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ସଫା ପଞ୍ଚାୟତ ଅଭୟପୁର ଗ୍ରାମରେ ଉତ୍କଳମଣି ବିଦ୍ୟାପୀଠ ସଫା ଇକୋ କ୍ଲବ୍ ଆନୁକୂଲ୍ୟରେ ହାତୀ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷୟିତ୍ରୀ ସୁଜାତା ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମାଜସେବୀ ରକ୍ଷ୍ୟାନନ୍ଦ ସ୍ୱାଇଁ, ଇକୋ କ୍ଲବ୍ ଇନଚାର୍ଜ ବିଘ୍ନେଶ୍ୱର ସ୍ୱାଇଁଙ୍କ ସମେତ ବନବିଭାଗ ଓ ବିଦ୍ୟୁତ ବିଭାଗ କର୍ମଚାରୀ ଅତିଥିଭାବେ ଯୋଗଦେଇ ହାତୀ ସୁରକ୍ଷା ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା କରାଯାଇଥିଲା । ବିଶ୍ୱନାହାକାଣୀ କଲେଜ ଅଧ୍ୟକ୍ଷ ଡ. ସଚ୍ଚିଦାନନ୍ଦ ପ୍ରଧାନ ପରିଚାଳନା କରିଥିବାବେଳେ ଶିକ୍ଷକ ସୁବ୍ରତ କୁମାର ଦାସ ଓ ସତ୍ୟପ୍ରକାଶ ମହାରଣା ସହଯୋଗ କରିଥିଲେ ।

**ଟିପିସିଓଡିଏଲ୍‌ର ଗ୍ରାହକ ମାରଣ ନୀତି ବିରୋଧରେ ପ୍ରତିବାଦ**

# ଡିଭିଜନ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

ସାଲେପୁର,୧୮ ।୧୨(ସମିସ):



ଟିପିସିଓଡିଏଲ୍ କମ୍ପାନୀର ଗ୍ରାହକ ଶୋଷଣ ନୀତି ଓ ମନମୁଖୀ କାର୍ଯ୍ୟ ପ୍ରତିବାଦରେ ଆଜି ସାଲେପୁର ବିଦ୍ୟୁତ୍ ଉପଭୋକ୍ତା ସଂଘ ପକ୍ଷରୁ ସାଲେପୁର ଡିଭିଜନ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି । ସାଲେପୁର ଉପଭୋକ୍ତା ସଂଘର ଆବାହକ ନନ୍ଦକିଶୋର ଭୂୟାଁଙ୍କ ତତ୍ତ୍ୱାବଧାନ ଓ ଗଗନ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟଅତିଥି ଭାବେ ରାଜ୍ୟ ବିଦ୍ୟୁତ୍ ଉପଭୋକ୍ତା ସଂଘର ସଭାପତି ତଥା ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ ଟିପିସିଓଡିଏଲ୍ କମ୍ପାନୀ ବିଦ୍ୟୁତ୍ ଗ୍ରାହକଙ୍କ ପ୍ରତି ଯେଉଁଭଳି ଭାବେ ଜୁଲମ୍ ଚଳାଇଛନ୍ତି, ତାକୁ ବନ୍ଦ ନ କଲେ ଆଗାମୀ ଦିନରେ ପରିଣାମ ଭୟଙ୍କର ହେବ ବୋଲି ସେ ପ୍ରକାଶ କରିଥିଲେ । ରାଜ୍ୟ ସଂଘର ଉପଦେଷ୍ଟା ତଥା ବରିଷ୍ଠ ସାମ୍ବାଦିକ ରବି ଦାସ କହିଥିଲେ, ରାଜ୍ୟ ସରକାର ଟିପିସିଓଡିଏଲ୍ ମାଧ୍ୟମରେ ଲୋକମାନଙ୍କୁ ଶୋଷଣ କରୁଛନ୍ତି । ଆଗାମୀ ଦିନରେ ଜନସାଧାରଣ ଏହାର ଉପଯୁକ୍ତ ଜବାବ ଦେବେ । ଏହି କାର୍ଯ୍ୟକ୍ରମରେ ନବକିଶୋର କର, ଦିଲ୍ଲୀପ ଦାଶ, ମନୋଜ ସାହୁ, ପ୍ରତାପଚନ୍ଦ୍ର ଭୂୟାଁ, ଅଶ୍ୱିନୀ ଦାସ, ସରପଞ୍ଚ ପବିତ୍ର ସାମଲ, ଗୁଲରେଜ ଅଲ୍ଲି, ଜୟଦେବ ଶତପଥୀ, ରାଜେଶ ଭୂୟାଁ, ସେହିପରି ମାହାଙ୍ଗା ବ୍ଲକ୍‌ର ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ରାମଚନ୍ଦ୍ର ବେହେରା, ନିଶ୍ଚିନ୍ତକୋଇଲି ବ୍ଲକ୍‌ର ଜ୍ୟୋତିରଞ୍ଜନ ସ୍ୱାଇଁ, ରମାକାନ୍ତ ବେହେରା, ବିଶ୍ୱଜିତ ଷଡ଼ଙ୍ଗୀ, ବେଣୁଧର ପ୍ରଧାନ, ଶ୍ରୀକାନ୍ତ ପଣ୍ଡା, ସୁର ମହାରଣା, ପରଭେଜ ଅଲ୍ଲୀ, କମ୍ୟୁନିଷ୍ଟ ନେତା ଉଦୟ କେଶରୀ ବର୍ମା, ସୁନାକର ବରାଳଙ୍କ ସମେତ ଶତାଧିକ କର୍ମକର୍ତ୍ତାମାନେ ଯୋଗଦେଇ ଟିପିସିଓଡିଏଲ୍ କମ୍ପାନୀର ମନମୁଖୀ କାର୍ଯ୍ୟକୁ ତୀବ୍ର ବିରୋଧ କରିବା ସହ ଯଦି ଟିପିସିଓଡିଏଲ୍ କମ୍ପାନୀ ଏହାକୁ ବନ୍ଦ ନ କରେ, ତେବେ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ଚେତାବନୀ ଦେଇଥିଲେ । ଏହି ଅବସରରେ ସଂଘ ପକ୍ଷରୁ ଏକ ୮ ଦଫା ସମ୍ବଳିତ ଏକ ଦାବିପତ୍ର ବିଭାଗୀୟ ଅଧିକାରୀଙ୍କ ଜରିଆରେ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗର ଅଧ୍ୟକ୍ଷଙ୍କୁ ପ୍ରଦାନ କରାଯାଇଥିଲା । ଆସନ୍ତା ୧୫ଦିନ ମଧ୍ୟରେ ଯଦି ବିଦ୍ୟୁତ୍ ଉପଭୋକ୍ତାମାନଙ୍କର ସମସ୍ୟାକୁ ସମାଧାନ କରା ନ ଯାଏ, ତେବେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି । ପ୍ରକାଶଯୋଗ୍ୟ, କିଛି ଦିନ ହେବ ଟିପିସିଓଡିଏଲ୍ କମ୍ପାନୀ ପକ୍ଷରୁ ସମସ୍ତ ବିଦ୍ୟୁତ୍ ଗ୍ରାହକଙ୍କ ମୋବାଇଲ୍‌କୁ ଅତିରିକ୍ତ ଜମା ରାଶି ଜମା କରିବା ପାଇଁ ମେସେଜ୍ ଆସିବା ପରେ ସ୍ଥାନୀୟ ଅଞ୍ଚଳର ବିଦ୍ୟୁତ୍ ଗ୍ରାହକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା । କେତେକ ଗ୍ରାହକ ବିଦ୍ୟୁତ୍ ସଂଯୋଗ ନେବା ସମୟରେ ଦେଇଥିବା ସ୍ଥାୟୀ ଜମାର ସୁଧ ଅର୍ଥ କେତେ କମ୍ପାନୀ ତାହାର ହିସାବ ଦେଉ ବୋଲି ଦାବି କରିଥିଲେ । ଯଦି ଟିପିସିଓଡିଏଲ୍ କମ୍ପାନୀ ଏହି ମନମୁଖୀ କାର୍ଯ୍ୟକୁ ବନ୍ଦ ନ କରନ୍ତି, ତେବେ ଆଗାମୀ ଦିନରେ ଘରେ ଘରେ ଟିପିସିଓଡିଏଲ୍ କମ୍ପାନୀର କର୍ମଚାରୀଙ୍କୁ ବିରୋଧ କରାଯିବ ବୋଲି ଚେତାବନୀ ଦିଆଯାଇଛି ।

# କଟକ ସିଟି



● ହାଇକୋର୍ଟରେ କଟକ ସହର ସମସ୍ୟା

## ଡ୍ରେନେଜ୍ ପ୍ରକଳ୍ପ ଅନୁଧାନ ପାଇଁ ଆସିବେ ଆଇଆଇଟି ବିଶେଷଜ୍ଞ



କଟକ,୧୮ ।୧୨(ସମିସ): ଆଜି କଟକ ସହର ସମସ୍ୟାର ଶୁଣାଣି ସମୟରେ ସହରକୁ ଜଳବନ୍ଦୀ ସମସ୍ୟାରୁ ମୁକ୍ତ କରିବା ପାଇଁ ପ୍ରସ୍ତାବିତ ୪୯୬କୋଟି ଟଙ୍କାର ଡ୍ରେନେଜ ପ୍ରକଳ୍ପର ଡିପିଆର ଅଗ୍ରଗତି ପ୍ରସଙ୍ଗରେ ହାଇକୋର୍ଟ ରିପୋର୍ଟ ତଲବ କରିଛନ୍ତି। ପରବର୍ତ୍ତୀ ଶୁଣାଣି ସମୟରେ ଆଇଆଇଟିର ଜଣେ ଅଧିକାରୀଙ୍କୁ ଶୁଣାଣି ସମୟରେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି ଅଦାଲତ। ଜଷ୍ଟିସ ସଂଗମ କୁମାର ସାହୁ ଓ ଜଷ୍ଟିସ ଭି.ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ସହରର ବର୍ଷା ଜଳ ନିଷ୍କାସନ ପାଇଁ ୪୯୬ କୋଟି ଟଙ୍କାରେ ୫ ଗୋଟି ବିଏସଡବ୍ଲୁସି (ବ୍ରାଞ୍ଚ ଷ୍ଟର୍ମ ୱାଟର ଚାନେଲ) ପାଇଁ ୱାଟକୋ ପ୍ରସ୍ତୁତ କରିଥିବା ଡିପିଆରର ସାନି ଅନୁଧାନ ପାଇଁ ଆଇଆଇଟି ଭୁବନେଶ୍ୱରକୁ ପଠାଇଥିବା ବେଳେ ଗତ ୧୬ ତାରିଖ ଦିନ ୱାଟକୋ କର୍ତ୍ତୃପକ୍ଷ ଓ ଆଇଆଇଟି ଅଧିକାରୀଙ୍କ ସହ ଏକ ବୈଠକ ଅନୁଷ୍ଠିତ ହୋଇ ବିଭିନ୍ନ ବୈଷୟିକ ଦିଗରେ ଆଲୋଚନା ହୋଇଛି। ଆସନ୍ତା ଜାନୁଆରୀ ପ୍ରଥମ ସପ୍ତାହରେ ଆଇଆଇଟିର ବିଶେଷଜ୍ଞ ପ୍ରତିନିଧି ଦଳ କଟକ ଆସି କ୍ଷେତ୍ର ଅନୁଧାନ କରିବେ। ସେହିଭଳି ଆଇଆଇଟିକୁ ପ୍ରସ୍ତାବିତ ଡ୍ରେନ ଅଞ୍ଚଳର ୧୯ଟି ସ୍ଥାନର ମୃତ୍ତିକା ନମୂନା ପରୀକ୍ଷା ରିପୋର୍ଟ ୱାଟକୋ ପକ୍ଷରୁ ପ୍ରଦାନ କରାଯାଇଛି ବୋଲି ଆଜି ଭର୍ଚୁଆଲ ଶୁଣାଣିରେ ଉପସ୍ଥିତ ରହି ୱାଟକୋ ପରିଚାଳନା ନିର୍ଦ୍ଦେଶକ ଦେବବ୍ରତ ମହାନ୍ତି ହାଇକୋର୍ଟଙ୍କୁ ଅବଗତ କରିଛନ୍ତି। ଆସନ୍ତା ୨୦୨୬ ଜାନୁଆରି ୮ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି କରାଯିବ। ମେହିନ୍ଦପୀର ଠାରୁ ଖଟବିନ ସାହି ୧୩୦୫ ମିଟର, ଫ୍ରେଣ୍ଡସ କଲୋନୀ-ବଜ୍ରକବାଟୀ ରୋଡ ୭୧୬ ମିଟର, ଏସପି ଅଫିସରୁ ସେମିନାରୀ ଛକ ରାଉସାପାଟଣା ୨୯୦୦ ମିଟର, ପୁରୀଘାଟ ତ୍ରିଶା ହସପିଟାଲରୁ ବଜ୍ରକବାଟୀ ୨୪୨୨ ମିଟର ଓ ମାତୃଭବନରୁ ଖାନନଗର ୧୩୦୦ ମିଟର ଶାଖା ଡ୍ରେନ ଗୁଡିକ ନିର୍ମାଣ ଏହି ଡିପିଆରରେ ରହିଛି।

### ଦିବ୍ୟାଙ୍ଗ ଛାତ୍ରୀଙ୍କ ସୁବିଧା ପାଇଁ ଶୈଳବାଳା କଲେଜକୁ ୧.୭ କୋଟି ଅନୁଦାନ

ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟରେ ୭୭ଜଣ ଦିବ୍ୟାଙ୍ଗ ଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ସେମାନଙ୍କ ପାଇଁ ଆବଶ୍ୟକ ସୁବିଧା ନ ଥିବା ପ୍ରସଙ୍ଗକୁ ଅଦାଲତ ଗୁରୁତ୍ୱର ସହ ଗ୍ରହଣ କରି ଶୁଣାଣି କରୁଛନ୍ତି। ଶୈଳବାଳା ମହିଳା ମହାବିଦ୍ୟାଳୟରେ ବାଧାମୁକ୍ତ ଚଳାଚଳ ପାଇଁ ରାମ୍ପ ସହ ଶୌଚାଳୟ ସୁବିଧା, ଲିଫ୍ଟ, ବ୍ରେଲି ପୁସ୍ତକ ଆଦି ନ ଥିବା ନେଇ ଆଡଭୋକେଟ କମିଟି ପକ୍ଷରୁ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଶୈଳବାଳା କଲେଜରେ ଦିବ୍ୟାଙ୍ଗ ଛାତ୍ରୀଙ୍କ ଅନୁକୂଳ ରାମ୍ପ ବ୍ୟବସ୍ଥା, ଲିଫ୍ଟ, ସ୍ୱତନ୍ତ୍ର ଶୌଚାଳୟ ଆଦି କାର୍ଯ୍ୟ ଆରମ୍ଭ ହୋଇଥିବା ନେଇ ଅଦାଲତଙ୍କୁ ଅବଗତ କରିଥିଲେ କଲେଜ ଅଧ୍ୟକ୍ଷ। ସେହିଭଳି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ସ୍ୱତନ୍ତ୍ର ସଚିବ ଭର୍ଚୁଆଲ ଶୁଣାଣିରେ ଉପସ୍ଥିତ ରହି ଦିବ୍ୟାଙ୍ଗ ଛାତ୍ରୀଙ୍କ ପାଇଁ ବିଭିନ୍ନ ଉପକରଣ କ୍ରୟ ଓ ସୁବିଧା ପ୍ରଦାନ ପାଇଁ କଲେଜର ଚିଠି କ୍ରମେ ୧ କୋଟି ୭୦ ଲକ୍ଷ ଟଙ୍କାର ଅନୁଦାନ ମଞ୍ଜୁର କରାଯାଇଛି ବୋଲି ହାଇକୋର୍ଟଙ୍କୁ ଜଣାଇଥିଲେ। ଏହି ଅନୁଦାନ ରାଶି ଦିନେ ଦୁଇଦିନ ମଧ୍ୟରେ ଶୈଳବାଳାକୁ ମିଳିବାକୁ ଥିବାରୁ ଏହାର ଉପଯୋଗ ନେଇ ଜିଲ୍ଲା ପ୍ରଶାସନ ଓ କଲେଜ ପକ୍ଷରୁ ମିଳିତ କମିଟି କରାଯିବା ଉପରେ ଅଦାଲତ ଗୁରୁତ୍ୱାରୋପ କରିଥିଲେ।

### ରାସ୍ତାଘାଟର ଇ-ଟେଣ୍ଡର ହେଉ ନ ଥିବା ନେଇ ହାଇକୋର୍ଟ କ୍ଷୁବ୍ଧ; ବିବରଣୀ ଦାଖଲ ନିର୍ଦ୍ଦେଶ

କଟକ ମହାନଗର ନିଗମର ବିଭିନ୍ନ ୱାର୍ଡରେ ରାସ୍ତାଘାଟଗୁଡିକର ଏକକ ଇ-ଟେଣ୍ଡର କରାଯିବା ବଦଳରେ ସ୍ଲିଟ ଟେଣ୍ଡର କରାଯାଉଥିବା ନେଇ ହାଇକୋର୍ଟ ଆଜି କ୍ଷୁବ୍ଧ ହୋଇଛନ୍ତି। ଗତ ଜାନୁଆରୀରୁ ସେପ୍ଟେମ୍ବର ମଧ୍ୟରେ ବିଭିନ୍ନ ୱାର୍ଡରେ ୨ ଲକ୍ଷ ଟଙ୍କା ବ୍ୟୟଅଟକଳରେ ବହୁ ରାସ୍ତା କାମ କରାଯାଇଛି। ଏପରିକି ଗୋଟିଏ ରାସ୍ତାକୁ ଭାଗ ଭାଗ କରି ସରକାରୀ ଅର୍ଥ ଖର୍ଚ୍ଚ କରାଯାଇଥିବା ବେଳେ ଏହା ନିମ୍ନମାନର ହୋଇଥିବା ନେଇ ଆଡଭୋକେଟ କମିଟି ଅଦାଲତଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। କିଭଳି ଓ କେଉଁ ପରିପ୍ରେକ୍ଷୀରେ ଏଭଳି କାମ କରାଯାଇଥିଲା ବୋଲି ଅଦାଲତ ପ୍ରଶ୍ନ କରିଥିଲେ। ଆଜି ସିଏମସି କମିସନର ଭର୍ଚୁଆଲ ଶୁଣାଣିରେ ଉପସ୍ଥିତ ରହି ତତ୍କାଳ ମରାମତି ଲୋଡୁଥିବା କାମଗୁଡିକର ଅଫଲାଇନ ଟେଣ୍ଡର କରାଯାଇ କାର୍ଯ୍ୟ ସମ୍ପନ୍ନ ହୋଇଥିବା କହିଥିଲେ। ସିଏମସି ୱାର୍କସ ଷ୍ଟାଣ୍ଡିଂ କମିଟିର ଅନୁମୋଦନ ପରେ କାର୍ଯ୍ୟ କରାଯାଇଛି। କେଉଁ ୱାର୍ଡରେ କେଉଁ ରାସ୍ତା କାମ ତଥା କେଉଁ ଠିକାଦାର କରିଛନ୍ତି ତାହାର ସମ୍ପୂର୍ଣ୍ଣ ବିବରଣୀ ମାଗିଛନ୍ତି ହାଇକୋର୍ଟ। ସମ୍ପୃକ୍ତ ୱାର୍ଡ ଅଞ୍ଚଳ ପରିଦର୍ଶନ କରି ଆଡଭୋକେଟ କମିଟି ରିପୋର୍ଟ ପ୍ରଦାନ କରିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଆଡଭୋକେଟ କମିଟି ପକ୍ଷରୁ ଏନେଇ ଅଦାଲତଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ମହାନଗର ନିଗମ ପ୍ରଶାସନ ପକ୍ଷରୁ ଏବେ ବି ସହରର ୧୨୧୧ଟି ରାସ୍ତା ମରାମତି ଯୋଗ୍ୟ ତଥା ବିପର୍ଯ୍ୟସ୍ତ ଅବସ୍ଥାରେ ଥିବା ନେଇ ତଥ୍ୟ ଉପସ୍ଥାପନ କରାଯାଇଥିଲା। ଅନେକ ରାସ୍ତାକୁ ଗତ ପୂଜା ପୂର୍ବରୁ ମରାମତି କରାଯାଇଥିଲେ ମଧ୍ୟ ଏହା ଉପରୁ ପିଚୁ ଉଠିଯାଇଥିବା ନେଇ ଅଭିଯୋଗ ହୋଇଥିଲା। ପୂଜା ସମୟରେ ୨୮୪ ଟି ରାସ୍ତା ମରାମତି ପାଇଁ ଗ୍ରହଣ କରାଯାଇଥିଲା।

■ ବକ୍ସ ଡ୍ରେନ ଓ ଓପନ୍ ଡ୍ରେନ୍ ସଂଯୋଗ କାମ ବନ୍ଦ

### ରେଳବାଇ ଅଧିକାରୀଙ୍କୁ ହାଜିରା ନିର୍ଦ୍ଦେଶ

ନିର୍ମାଣ ହୋଇଥିବା ବକ୍ସ ଡ୍ରେନକୁ କଟକ ମାତୃଭବନ ନିକଟ ରେଳପଥ ତଳ ଦେଇଯାଇଥିବା ଓପନ ଡ୍ରେନ ସହ ସଂଯୋଗ କାମ ଗତ ନଭେମ୍ବର ମାସରୁ ବନ୍ଦ ହୋଇଥିବା ନେଇ ଆମିକସକ୍ୟୁରୀଙ୍କ ପକ୍ଷରୁ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ବେଳେ ଅଦାଲତ ଏହାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ଡ୍ରେନ ଏପରିକି ରେଳବାଇକୁ ୱାଟକୋ ପକ୍ଷରୁ ଏହି କାର୍ଯ୍ୟ ପାଇଁ ୧୮ କୋଟି ଟଙ୍କା ବର୍ଷାଧିକ ସମୟ ପୂର୍ବରୁ ଦିଆଯାଇଥିଲେ ସୁଦ୍ଧା କାମ ବିଶେଷ ଅଗ୍ରଗତି କରି ନ ଥିବାରୁ ମାମଲାର ପରବର୍ତ୍ତୀ ଶୁଣାଣିରେ ପୂର୍ବତଟ ରେଳପଥର ଅଧିକାରୀ ଉପସ୍ଥିତ ରହିବେ ବୋଲି ହାଇକୋର୍ଟ କହିଛନ୍ତି। ପ୍ରକାଶଥାଉ କି, ଏହି ଡ୍ରେନ ସଂଯୋଗ ହେଲେ ମଉଗଜପୁର ବିଶୋଧନା କେନ୍ଦ୍ର ପର୍ଯ୍ୟନ୍ତ ସିଧାସଳଖ ଉଦବୃତ୍ତ ଜଳ ପହଞ୍ଚିପାରିବ।

ବାଲିଯାତ୍ରା ପଡ଼ିଆରେ ଘରୋଇ କାର୍ଯ୍ୟକ୍ରମ ଆୟୋଜନ ପ୍ରସଂଗ

## ମିଳିତ ବୈଠକ ପରେ ଆସିବ ଏସ୍ଓପି

ବାଲିଯାତ୍ରା ଉପର ଓ ତଳ ପଡ଼ିଆରେ ଘରୋଇ କାର୍ଯ୍ୟକ୍ରମଗୁଡିକ ଆୟୋଜନ ପ୍ରସଂଗକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରି ଶୁଣାଣି କରୁଛନ୍ତି। ନିକଟରେ ବାଲିଯାତ୍ରା ପଡିଆରେ ଏକ ସତସଙ୍ଗ କାର୍ଯ୍ୟକ୍ରମରେ ୨୦ହଜାର ଲୋକଙ୍କ ସମାଗମ ହୋଇଥିଲା। ଏହିଭଳି କାର୍ଯ୍ୟକ୍ରମ ପାଇଁ ଟ୍ରାଫିକ ଜାମ ଓ ପରବର୍ତ୍ତୀ ସମୟରେ ବିପର୍ଯ୍ୟସ୍ତ ହେଉଥିବା ପରିମଳ ବ୍ୟବସ୍ଥାର ଉତ୍ତରଦାୟିତ୍ୱ ସମ୍ପର୍କରେ ଅଦାଲତ ରିପୋର୍ଟ ତଲବ କରିଥିଲେ। ଏହି ପ୍ରସଙ୍ଗରେ ଜିଲ୍ଲା ପ୍ରଶାସନ, ମହାନଗର ନିଗମ ଓ ପୁଲିସ ପ୍ରଶାସନର ଏକ ମିଳିତ ବୈଠକ ପରେ ଏସଓପି (ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡିଓର) ଜାରି କରାଯିବ ବୋଲି କଟକ ଅତିରିକ୍ତ ଜିଲ୍ଲାପାଳ ଶିବ ଟପ୍ପୋ ହାଇକୋର୍ଟଙ୍କୁ ଅବଗତ କରିଛନ୍ତି।

## କଟକ ନଗର କଂଗ୍ରେସ ପକ୍ଷରୁ ବିକ୍ଷୋଭ

କଟକ,୧୮ ।୧୨(ସମିସ): ଆଜି କଟକ ନଗର କଂଗ୍ରେସ ପକ୍ଷରୁ ନ୍ୟାସନାଲ ହେରାଲ୍ଡ ମାମଲାରେ କଂଗ୍ରେସର ନୈତିକ ବିଜୟ ଉପଲକ୍ଷେ ବିଜେପି ସରକାର ବିରୋଧରେ ସଭାପତି ଗିରିବାଳା ବେହେରାଙ୍କ ନେତୃତ୍ୱରେ ବିକ୍ଷୋଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଧାୟିକା ସୋଫିଆ ଫିରଦୋସ ଯୋଗଦେଇ କୌଣସି ଏଫଆଇଆର ବିନା କାହାରି ଅଭିଯୋଗରେ ଇଡି ମାଧ୍ୟମରେ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ କଂଗ୍ରେସର ଛବିକୁ କଳୁଷିତ କରିବା ପ୍ରଚେଷ୍ଟା ଦୁର୍ଭାଗ୍ୟଜନକ ବୋଲି କହିଥିଲେ। ଏହି ଅବସରରେ ଶତାଧିକ କର୍ମୀ କେନ୍ଦ୍ର ସରକାର ବିରୋଧରେ ନାରାବାଜି କରିଥିଲେ। ବରିଷ୍ଠ କଂଗ୍ରେସ ନେତା ନିକୁଞ୍ଜ ପଶାୟତ, କର୍ପୋରେଟର ସନ୍ତୋଷ ଭୋଳ, ଲିଜାରାଣୀ ରାଉତ, ସୁବାଶିଷ ପଟ୍ଟନାୟକ, ସ୍ୱର୍ଣ୍ଣପ୍ରଭା ପଶାୟତ, କଂଗ୍ରେସ ନେତା କେଦାର ପୃଷ୍ଟି, ବିକି ଚକ୍ରବର୍ତ୍ତୀ, ସନ୍ତୋଷ ପାତ୍ର, ଲକ୍ଷ୍ମୀପ୍ରକାଶ ମହାପାତ୍ର, ଦେବୀ ପ୍ରସାଦ ମହାପାତ୍ର, ଅନୁସୂୟା ମହାରଣା, ସଞ୍ଜୟ ଦାସ, ରାଜଶ୍ରୀ ରାୟ ପ୍ରମୁଖ ଉପସ୍ଥିତ ଥିଲେ।

● କର୍କଟ କେନ୍ଦ୍ରରେ ବଢୁଛି ସମସ୍ୟା

## ପୁଣି ଥରେ ଆଟେଣ୍ଡାଣ୍ଟଙ୍କ କାର୍ଯ୍ୟବନ୍ଦ

କଟକ,୧୮ ।୧୨(ସମିସ): ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରର ଠିକା କର୍ମଚାରୀଙ୍କ ବକେୟା ଦରମା ଟଙ୍କା ଗୁରୁବାର ସୁଦ୍ଧା ମିଳିବା ନେଇ କ୍ରେସ୍ କର୍ପ ଲିମିଟେଡର ମ୍ୟାନେଜର ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ପ୍ରତିଶ୍ରୁତି ଅନୁଯାୟୀ ଗୁରୁବାର ରାତି ସୁଦ୍ଧା ଟଙ୍କା ନମିଳିବାରୁ ସମସ୍ତ ଆଟେଣ୍ଡାଣ୍ଟ ପୁଣି ଥରେ କାର୍ଯ୍ୟବନ୍ଦରେ ସାମିଲ ହୋଇଛନ୍ତି। ଯାହାଫଳରେ ଡାକ୍ତରଖାନାରେ ରୋଗୀ ସେବା ପୁଣି ଥରେ ପ୍ରଭାବିତ ହୋଇଛି। ଶୁକ୍ରବାର ସକାଳେ ଆଉଟଡୋରରେ ଏହାର ସିଧାସଳଖ ପ୍ରଭାବ ପଡ଼ିବ। ପ୍ରକାଶଥାଉକି, ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରରେ କ୍ରେସ୍ କର୍ପ ଲିମିଟେଡ୍ ନାମକ ଠିକା ସଂସ୍ଥା ପକ୍ଷରୁ ମୋଟ ୧୬୪ ଜଣ ଆଟେଣ୍ଡାଣ୍ଟ ନିୟୋଜିତ ହୋଇଛନ୍ତି। ମାସକୁ ଏମାନେ ୧୧ ହଜାର ୬୧୫ ଟଙ୍କା ଦରମା ପାଉଛନ୍ତି। ତେବେ ନଭେମ୍ବର ୧୦ ତାରିଖରେ ଶେଷ ଥର ଦରମା ମିଳିଥିଲା। ୧୭ ତାରିଖ ସୁଦ୍ଧା ଦରମା ଟଙ୍କା ନମିଳିବାରୁ ସମସ୍ତ ଆଟେଣ୍ଡାଣ୍ଟମାନେ କାର୍ଯ୍ୟବନ୍ଦ ଡାକରା ଦେଇ ଧାରଣାରେ ବସିଥିଲେ। କ୍ରେସ୍ ମ୍ୟାନେଜର ଗୁରୁବାର ସୁଦ୍ଧା ଦରମା ଟଙ୍କା ମିଳିବା ନେଇ ଲିଖିତ ଆକାରରେ ଜଣାଇଥିଲେ। ଯାହାଫଳରେ ବୁଧବାର ରାତି ପ୍ରାୟ ୭ଟା ବେଳେ ଆଟେଣ୍ଡାଣ୍ଟମାନେ ଧାରଣାରୁ ଓହରିଯାଇଥିଲେ। କିନ୍ତୁ କ୍ରେସ୍ ମ୍ୟାନେଜରଙ୍କ ପ୍ରତିଶ୍ରୁତି ମୁତାବକ ଗୁରୁବାର ରାତି ସୁଦ୍ଧା ଦରମା ଟଙ୍କା କୌଣସି କର୍ମଚାରୀଙ୍କୁ ନମିଳିବାରୁ ରାତି ୮ଟା ପରଠାରୁ ଧାରଣାରେ ବସିଛନ୍ତି।

## ନ୍ୟୁ ଷ୍ଟିୱାର୍ଟ ସ୍କୁଲରେ ଖ୍ରୀଷ୍ଟମାସ କ୍ୟାରୋଲ୍ ଉତ୍ସବ



କଟକ,୧୮ ।୧୨(ସମିସ): କଟକ ମିଶନ ରୋଡ଼ ସ୍ଥିତ ନ୍ୟୁ ଷ୍ଟିୱାର୍ଟ ସ୍କୁଲ ପରିସରରେ ବୁଧବାର ବିଦ୍ୟାଳୟର ଅଧ୍ୟକ୍ଷ ରେଭେରେଣ୍ଡ ମୋଜେସ ମହାନ୍ତିଙ୍କ ପୌରହିତ୍ୱରେ ଖ୍ରୀଷ୍ଟମାସ କ୍ୟାରୋଲ ଉତ୍ସବ ବହୁ ଆଡ଼ମ୍ବରରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅଧ୍ୟକ୍ଷ ପ୍ରାରମ୍ଭିକ ପ୍ରାର୍ଥନା କରି ସଭା ଆରମ୍ଭ କରିଥିବା ବେଳେ ବରିଷ୍ଠ ଶିକ୍ଷୟିତ୍ରୀ ସୁଲତା ବେହେରା ସମସ୍ତଙ୍କୁ ସ୍ୱାଗତ ଭାଷଣ ମାଧ୍ୟମରେ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ କଟକ ଓଡ଼ିଆ ବାପଟିଷ୍ଟ ଚର୍ଚ୍ଚର ପାଷ୍ଟର ରେଭେରେଣ୍ଡ ଡ. ନିହାର କୁମାର ବର୍ଦ୍ଧନ ମୁଖ୍ୟଅତିଥି ଭାବେ ପ୍ରଭୁ ଯୀଶୁଙ୍କ ଜନ୍ମ ବୃତ୍ତାନ୍ତ ଏବଂ ଖ୍ରୀଷ୍ଟମାସ ଦିବସ ପାଳନର ମହତ୍ୱ ଓ ଶାନ୍ତିର ବାର୍ତ୍ତା ବିଷୟରେ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ଉତ୍ସବରେ ବିଦ୍ୟାଳୟର ସଙ୍ଗୀତ ଦଳ ଦ୍ୱାରା ପରିବେଷିତ ଖ୍ରୀଷ୍ଟମାସ କ୍ୟାରୋଲ ଏବଂ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରଭୁ ଯୀଶୁଙ୍କ ଉପରେ ଆଧାରିତ ବିଭିନ୍ନ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଛାତ୍ରୀ ଶ୍ରେୟାଂଶୀ ମିଶ୍ର ପବିତ୍ର ବାଇବେଲ ପାଠ କରିଥିବା ବେଳେ ଶ୍ରେୟାଂଶୀ ରାଓ, ପ୍ରଚେତା ତ୍ରିପାଠୀ, ସ୍ନେହା ମିଶ୍ର ଏବଂ ଛାତ୍ର ପୃଥ୍ୱିରାଜ ଚକ୍ରବର୍ତ୍ତୀ ଏହି ସାମଗ୍ରିକ କାର୍ଯ୍ୟକ୍ରମକୁ ଅତି ସୁନ୍ଦର ଭାବେ ଉପସ୍ଥାପନା କରିଥିଲେ। ସଭାସ୍ଥଳକୁ ସୁସଜ୍ଜିତ କରିବା ସହ ସମଗ୍ର କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସଂଯୋଜିକା ସୁମିତ୍ରା ପଣ୍ଡା, ଆଭା ବିଶ୍ୱାଳ, ମର୍ସି ରାଉତ, ରୋଜାଲିନ ନାୟକ, ସୁଲତା ବେହେରା, ମିତାଲି ସାହୁ ଏବଂ ଆକ୍ଟିଭିଟି ସଂଯୋଜକ ଆଲୋକ ପ୍ରକାଶ ସାହୁ ସୁଚାରୁରୂପେ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମର ଶେଷ ଭାଗରେ ମୁଖ୍ୟଅତିଥି ରେଭରେଣ୍ଡ ଡ. ନିହାର ବର୍ଦ୍ଧନ ସମସ୍ତଙ୍କର ସୁଖ ଓ ସମୃଦ୍ଧି ପାଇଁ ଈଶ୍ୱରଙ୍କ ନିକଟରେ ଆଶୀର୍ବାଦ ଭିକ୍ଷା କରିଥିଲେ। ଆକ୍ଟିଭିଟି ସଂଯୋଜକ ଆଲୋକ ପ୍ରକାଶ ସାହୁ ଧନ୍ୟବାଦ ଦେଇଥିଲେ।

## ଏସ୍ସିବିରେ ଅଭାବନୀୟ ଘଟଣା

## ଷ୍ଟ୍ରେଚର୍ ଭାଙ୍ଗି ପାହାଚରେ ପଡ଼ିଲେ ଗୁରୁତର ରୋଗୀ

କଟକ, ୧୮।୧୨ (ସମିସ): ବଡ଼ ମେଡିକାଲରେ ଏକ ଅଭାବନୀୟ ଘଟଣାକୁ ନେଇ ଏବେ ଆଲୋଚନା ତୀବ୍ର ହେଉଥିବା ବେଳେ ମେଡିକାଲ କର୍ତ୍ତୃପକ୍ଷ ନିଜ ଦୋଷ ଘୋଡ଼ାଇବାକୁ ଆପ୍ରାଣ ଉଦ୍ୟମ ଚଳାଇଛନ୍ତି। ଷ୍ଟ୍ରେଚର୍ ଭାଙ୍ଗିବା ଯୋଗୁଁ ଭେଷଜ ବିଭାଗକୁ ବୁହା ହୋଇଯାଉଥିବା ଜଣେ ଗୁରୁତର ରୋଗୀ ପାହାଚରେ ପଡ଼ି ଆହତ ହୋଇଛନ୍ତି। ସମ୍ପୃକ୍ତ ରୋଗୀଙ୍କ କାନ୍ଧରେ ଆଘାତ ଲାଗିଛି। ତେବେ ଏହି ଘଟଣା ନେଇ ମେଡିକାଲ କର୍ତ୍ତୃପକ୍ଷ ମୁହଁ ଖୋଲୁ ନଥିବା ବେଳେ ବିଭାଗୀୟ କର୍ମଚାରୀମାନେ ମଧ୍ୟ ଘଟଣାକୁ ଲୁଚାଉଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ସମ୍ପୃକ୍ତ ରୋଗୀଙ୍କୁ ଡିସଚାର୍ଜ କରାଯାଇଥିବା ଯୋଗୁଁ ସବିଶେଷ ତଥ୍ୟ ହସ୍ତଗତ ହୋଇପାରିନାହିଁ।

ମିଳିଥିବା ସୂଚନା ମୁତାବକ, ଚକ୍ଷୁ ବିଭାଗ ଉପର ମହଲାରେ ଭେଷଜ ବିଭାଗର ୭ମ ୟୁନିଟ କାର୍ଯ୍ୟ କରୁଛି। ୪ର୍ଥ ମହଲାରେ କାର୍ଯ୍ୟ କରୁଥିବା ଏହି ୟୁନିଟକୁ ଯିବା ପାଇଁ ଲିଫ୍ଟ ରହିଛି। ମାତ୍ର ଲିଫ୍ଟ ଅଚଳ ହୋଇଥିବା ଯୋଗୁଁ ପାହାଚ ବାଟ ଦେଇ ରୋଗୀଙ୍କୁ ଟେକିଟେକି ନେବାକୁ ପଡୁଛି। ସୋମବାର ଅପରାହ୍ଣ ସମୟର ଘଟଣା। ଜଣେ ରୋଗୀଙ୍କୁ ତାଙ୍କ ସମ୍ପର୍କୀୟ ଓ ମେଡିକାଲର କର୍ମଚାରୀ ଷ୍ଟ୍ରେଚର ଦ୍ୱାରା ବୋହି ନେଉଥିଲେ। ୪ର୍ଥ ମହଲା ହେବା ବେଳକୁ ହଠାତ୍ ଷ୍ଟ୍ରେଚରଟି ଭାଙ୍ଗି ଯାଇଥିଲା। ଯଦ୍ୱାରା ରୋଗୀ ଜଣକ ଖସି ପଡ଼ି ପାହାଚ ଦେଇ ତଳକୁ ଗଡି ଆସିଥିଲେ। ଘଟଣାସ୍ଥଳରେ ଲୋକେ ରୁଣ୍ଡ ହେବା ସହ ଚାପା ଉତ୍ତେଜନା ଦେଖା ଦେଇଥିଲା। ହେଲେ ମେଡିକାଲର କେତେକ ବରିଷ୍ଠ ଅଧିକାରୀ ସେଠାରେ ପହଞ୍ଚି ବୁଝାସୁଝା କରିବା ସହ ପରିସ୍ଥିତିକୁ ସମ୍ଭାଳି ନେଇଥିଲେ। ଷ୍ଟ୍ରେଚର ଭାଙ୍ଗି ରୋଗୀ ଗଳି ପଡ଼ିବା ଭଳି ସମ୍ବେଦନଶୀଳ ଘଟଣା ଘଟିଥିଲେ ମଧ୍ୟ ମେଡିକାଲ କର୍ତ୍ତୃପକ୍ଷ ଏ ଦିଗରେ ବିଶେଷ ଗୁରୁତ୍ୱ ଦେଇନଥିବା ମଧ୍ୟ ଅଭିଯୋଗ ହୋଇଛି। ପାହାଚରେ ଖସି ପଡ଼ିଥିବା ରୋଗୀଙ୍କ କାନ୍ଧରେ ସାମାନ୍ୟ ଆଘାତ ଲାଗିଛି। ଯଦି କୌଣସି ଅଘଟଣ ଘଟିଥା'ନ୍ତା, ତାହେଲେ ଏଥିପାଇଁ କାହାକୁ ଦାୟୀ କରାଯାଇଥାନ୍ତା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

ପ୍ରକାଶଯୋଗ୍ୟ, ଷ୍ଟ୍ରେଚର୍ ସଙ୍କଟ ଦେବା ସହ ଷ୍ଟ୍ରେଚର ଭାଙ୍ଗିବା ଭଳି ଘଟଣା ବଡ ମେଡିକାଲରେ ନୂଆ ନୁହେଁ। କିଛି ଦିନ ପୂର୍ବେ ଷ୍ଟ୍ରେଚର ଭାଙ୍ଗିବା ଯୋଗୁଁ ଜଣେ ମହିଳାଙ୍କ ମୃତଦେହ ଖସି ପଡ଼ିଥିଲା। ମହିଳାଙ୍କ ଶବକୁ ବ୍ୟବଚ୍ଛେଦ ଗୃହକୁ ନିଆଯାଉଥିବା ବେଳେ ଷ୍ଟ୍ରେଚର ଭାଙ୍ଗି ଯାଇଥିଲା। ମହିଳାଙ୍କ ଶବ ତଳେ ପଡ଼ି ରହିଥିବା ବେଳେ କିଛି ସମୟ ପରେ ଅନ୍ୟ ଏକ ଷ୍ଟ୍ରେଚର ଆଣି ଶବ ବୁହା ହୋଇଥିଲା। ବାରମ୍ବାର ଏଭଳି ଘଟଣା ଘଟି ଚାଲିଥିଲେ ସୁଦ୍ଧା ମେଡିକାଲ କର୍ତ୍ତୃପକ୍ଷ ନିରବ ରହିବା ସାଧାରଣରେ ବିସ୍ମୟ ସୃଷ୍ଟି କରୁଛି।

## ମହିଳାଙ୍କୁ ଦୁଷ୍କର୍ମ; ଯୁବକ ଗିରଫ

କଟକ,୧୮ ।୧୨(ସମିସ): ବାହାହେବାକୁ ପ୍ରତଶ୍ରୁତି ଦେଇ ଜଣେ ମହିଳାଙ୍କୁ ଦୁଷ୍କର୍ମ କରିବା ନେଇ ଆଜି ଅଭିଯୁକ୍ତକୁ ପୁରୀଘାଟ ଥାନା ପୁଲିସ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଉଛି ମଙ୍ଗଳାବାଗ ଥାନା ଅନ୍ତର୍ଗତ ମକରବା ସାହି ଅଞ୍ଚଳର ମନୋଜକୁମାର ବେହେରା(୩୫)। ପୁଲିସ ସୂଚନା ଅନୁସାରେ, ପୀଡ଼ିତା ମହିଳାଜଣକ ପୁରୀଘାଟ ଥାନାଞ୍ଚଳରେ ଏକ ବିୟୁଟି ପାର୍ଲର କରିଛନ୍ତି। ଦେଢ଼ବର୍ଷ ତଳେ କୌଣସି ଏକ କାର୍ଯ୍ୟକ୍ରମ ପାଇଁ ମନୋଜର ପତ୍ନୀ ସଂପୃକ୍ତ ମହିଳାଙ୍କ ସହିତ ଯୋଗାଯୋଗ କରିଥିଲେ। ତାଙ୍କ କହିବାନୁଯାୟୀ, ନିର୍ଦ୍ଧାରିତ ତାରିଖରେ ସେ ତାଙ୍କ ଘରକୁ ଆସିଥିଲେ। ଏହି ସମୟରେ ମନୋଜ ଘରେ ଉପସ୍ଥିତ ଥିଲା। ସେଠାରେ ସାମାନ୍ୟ କଥାବାର୍ତ୍ତାରୁ ଉଭୟଙ୍କ ମଧ୍ୟରେ ସଂପର୍କ ବଢ଼ିବାରେ ଲାଗିଥିଲା। ମନୋଜ ପ୍ରାୟ ସମୟ ମହିଳାଙ୍କୁ ଭେଟ କରୁଥିଲା। ପରବର୍ତ୍ତୀ ସମୟରେ ବିବାହ କରିବାର ପ୍ରତିଶ୍ରୁତି ଦେଇ ସେ ମହିଳାଙ୍କ ସହିତ ବାରମ୍ବାର ଶାରୀରିକ ସମ୍ପର୍କ ରଖିଥିଲା। ତେବେ ମହିଳାଜଣକ ବିବାହ ପାଇଁ ଜିଦି ଧରିବାରୁ ସେ ତାଙ୍କଠାରୁ ଦୂରେଇବାକୁ ଲାଗିଥିଲା। ଏପରିକି ତାଙ୍କ ମୋବାଇଲ ନମ୍ବରକୁ ବ୍ଲକ୍ ମଧ୍ୟ କରିଦେଇଥିଲା। ଦିନେ ସେ ହାବୁଡ଼ରେ ପଡିଯିବାରୁ ମହିଳାଜଣଙ୍କ ପୁଣି ବିବାହ କଥା ଉଠାଇଥିଲେ। ଏହା ଶୁଣିବା ପରେ ମନୋଜ ଉତ୍ତ୍ୟକ୍ତ ହୋଇ ତାଙ୍କୁ ଗାଳିଗୁଲଜ କରିଥିଲା। ଫଳରେ ଦୁଷ୍କର୍ମ ନେଇ ମହିଳାଜଣକ ଏତଲା ଦେଇଥିଲେ। ଘଟଣାର ତଦନ୍ତ କରାଯାଇ ଆଜି ଅଭିଯୁକ୍ତକୁ ଗିରଫ କରାଯାଇଛି।

## ଦୋକାନରୁ ଚୋରି

କଟକ,୧୮ ।୧୨(ସମିସ): ବିଡ଼ାନାସୀ ଥାନା ଅନ୍ତର୍ଗତ ବନ୍ଧ ଛକଠାରୁ ଅଳ୍ପ ଦୂରରେ ରହିଥିବା ଏକ ଡାଲି ଚାଉଳ ଦୋକାନାରୁ ଚୋରି ହୋଇଛି। ଗତକାଲି ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଦୋକାନ ସଟର ତାଡ଼ି ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି କରି ନେଇଛନ୍ତି। ଏ ସଂକ୍ରାନ୍ତରେ ଥାନାରେ ଏତଲା ହେବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଛାନଭିନ୍ କରିଥିଲା। ସ୍ଥାନୀୟ ଅଞ୍ଚଳର ସିସି କ୍ୟାମେରା ଫୁଟେଜ୍ ସଂଗ୍ରହ କରି ପୁଲିସ ତଦନ୍ତ ଚଳାଇଛି।



## କେଦାରନାଥ ମନ୍ଦିରର ନୂତନ କମିଟି



**ରାୟଗଡ଼, ୧୮।୧୨(ସମିସ):** ରାୟଗଡ଼ ବ୍ଲକ କରଡ଼ାସିଂ ପଞ୍ଚାୟତର ଗୁଡ଼ି ସାହି ନିକଟସ୍ଥ କେତନ ଜଙ୍ଗଲରେ ଫୁଟି ବାହାରିଥିବା କେଦାରନାଥ ମନ୍ଦିରର ଉନ୍ନତିକରଣ ଦିଗରେ ଏକ ନୂତନ କମିଟି ଗଠନ କରାଯାଇଛି। ଏଥିରେ ସଭାପତି ଭାବେ କିଶୋର ଚନ୍ଦ୍ର ରାଉତ, ଉପସଭାପତି ଚିତ୍ତ ରଞ୍ଜନ ରାଉତ, ସମ୍ପାଦକ ଦୁର୍ଗା ପ୍ରସାଦ ଭୂୟାଁ, ସହସମ୍ପାଦକ ରମାକାନ୍ତ ମହାଙ୍କୁଡ, କୋଷାଧ୍ୟକ୍ଷ ଚନ୍ଦ୍ର ଶେଖର ଚୌଧୁରୀ, ପରାମର୍ଶ ଭାବେ ସୁରେନ୍ଦ୍ର କୁମାର ଦଳାଇଙ୍କ ସମେତ ୧୭ ଜଣ ସଦସ୍ୟଙ୍କୁ ଉପଦେଷ୍ଟା ମଣ୍ଡଳୀ, ୧୨ ଜଣ ସଦସ୍ୟଙ୍କୁ ସ୍ଥାୟୀ କମିଟି, ୭୨ ଜଣଙ୍କୁ ପରିଚାଳନା କମିଟିର ସଦସ୍ୟ ଭାବେ ମନୋନୀତ କରାଯାଇଛି। ଆଗାମୀ ଦିନରେ ଏହି ମନ୍ଦିରର ଉନ୍ନତିକରଣ ଦିଗରେ ଏକ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇ ଅଞ୍ଚଳରେ ଏକ ପ୍ରତିଷ୍ଠିତ ମନ୍ଦିର ଭାବେ ଗଢିବା ପାଇଁ ସ୍ଥିର କରାଯାଇଥିବା ଜଣାପଡ଼ିଛି।

**ନିମ୍ନମାନର ରାସ୍ତା କାମ ଅଭିଯୋଗ**

## ଟାଣିଲେ ଅଞ୍ଚଳବାସୀ; ଏସଡ଼ିଓଙ୍କୁ ରଖିଲେ ଅଟକ

ଫିରିଙ୍ଗିଆ, ୧୮।୧୨(ସମିସ)

ନିମ୍ନ ମାନର ଏକ ରାସ୍ତା କାମକୁ ନେଇ ରାଜରାସ୍ତାକୁ ଓହ୍ଲାଇ ପ୍ରତିବାଦ କରିଛନ୍ତି ଅଞ୍ଚଳବାସୀ। ଏଥିସହ ରାସ୍ତା କାମ ଦାୟିତ୍ୱରେ ଥିବା ବିଭାଗୀୟ ଏସଡ଼ିଓଙ୍କୁ ପ୍ରାୟ ୨ଘଣ୍ଟା ଅଟକ ରଖିବା ସହ କାମ ଠିକ୍‌ଠାକ୍ ନକଲେ କାମ ବନ୍ଦ କର ନଚେତ ପରିସ୍ଥିତି ଭୟାବହ ହେବ ବୋଲି ମଧ୍ୟ ଚେତାବନୀ ଦେଇଛନ୍ତି। ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ପବିଙ୍ଗିଆ ପଞ୍ଚାୟତ ମଗମୁଣ୍ଡା ଗାଁ ନିକଟରେ।

ସୂଚନାଯୋଗ୍ୟ, ଗତ ଦୁଇବର୍ଷ ହେବ ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ପ୍ରାୟ ଅଢେଇ କୋଟି ଟଙ୍କା ବ୍ୟୟ ଅଟକଳରେ ପବିଙ୍ଗିଆ ପଞ୍ଚାୟତର ସାଇତିଙ୍ଗିଆ ଠାରୁ ଫୁଲବାଣୀ ସଦର ବ୍ଲକ ଅଧୀନରେ ଥିବା ମିଣିଆ ପଞ୍ଚାୟତ ଅଡ଼ିଗାର ଭାୟା ମାଗମୁଣ୍ଡାକୁ ପ୍ରାୟ ୭ କିଲୋମିଟର ଦୂରତା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ନିର୍ମାଣ କରାଯାଉଛି। ଏଠାରେ ସରକାରୀ ନିୟମକୁ ଖୋଲାଖୋଲି ଭାବରେ ଉଲ୍ଲଂଘନ କରି ସମ୍ପୃକ୍ତ ଠିକା ସଂସ୍ଥା କୌଣସି ଜାଗାରେ କୌଣସି ସୂଚନା ଫଳକ



ଲଗାଇନାହିଁ। ରାସ୍ତା ନିର୍ମାଣ କାମ ଆରମ୍ଭରୁ ସମ୍ପୃକ୍ତ ଠିକା ସଂସ୍ଥା ନିମ୍ନ ମାନର କାମ କରିଆସୁଥିବାବେଳେ ଏହାକୁ ନେଇ ବାରମ୍ବାର ଅଭିଯୋଗ କରିବା ପରେ ମଧ୍ୟ ସମ୍ପୃକ୍ତ ଠିକାସଂସ୍ଥା ବେଫିକର ରହିଛି। ରାସ୍ତା କାମରେ ଠିକା ସଂସ୍ଥାର ଭୁଲ ପାଇଁ ସାଇତିଙ୍ଗିଆ ଅଞ୍ଚଳର କିଛି ଚାଷୀଙ୍କ ଚାଷ ଜମିକୁ ପାଣି ଯାଉନଥିବାରୁ ଦୀର୍ଘ ଦୁଇ ବର୍ଷ ହେବ ଚାଷକାମ ହୋଇ ପାରୁନଥିବା ସ୍ଥାନୀୟଅଞ୍ଚଳର କ୍ଷତିଗ୍ରସ୍ତ ଚାଷୀ ଅଭିଯୋଗ କରିଛନ୍ତି। ଗତ କିଛିଦିନ ହେଲା ଏହି ରାସ୍ତାରେ ସମ୍ପୃକ୍ତ ଠିକସଂସ୍ଥା ପିଚୁ ପକାଇବା ଆରମ୍ଭ କରିଛି। ବିଭାଗୀୟ ଯନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ଏସଡ଼ିଓଙ୍କ ପର୍ଯ୍ୟନ୍ତ ରାସ୍ତା ନିର୍ମାଣର ତଦାରଖ କରାଯାଉଛି। କିନ୍ତୁ ନିମ୍ନମାନ କାମ ଯୋଗୁଁ ଗୋଟେ ପଟେ ପିଚୁ ପଡ଼ିପଡ଼ି ଚାଲିଥିବା ବେଳେ ଅନ୍ୟପଟେ ଉଠିଉଠି ଯାଉଛି। ଗୁରୁବାର କାମ ଚାଲିଥିବା ବେଳେ ତଦାରଖ କରିବାକୁ ବିଭାଗୀୟ ଏସଡ଼ିଓ ସୁଶିଲ କୁମାର ମହାନ୍ତି ଆସିଥିଲେ। ଖବର ପାଇ ସ୍ଥାନୀୟ ଅଞ୍ଚଳର ଶତାଧିକ ମହିଳା ଓ ପୁରୁଷ ତାଙ୍କୁ ଅଟକ ରଖିବା ସହ ଉତ୍ତ୍ୟକ୍ତ ହୋଇ ଉଠିଥିଲେ। କିଛିସମୟ ପାଇଁ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଥିଲା। ଅଞ୍ଚଳବାସୀଙ୍କ ଦାବିକୁ ସମର୍ଥନ ଜଣାଇ କାମ ଠିକ୍ ଠାକ୍ ଚାଲିବ ଓ ଚାଷୀ ମାନଙ୍କ ଜମିକୁ ପାଣି ଯିବାର ବନ୍ଦୋବସ୍ତ କରିବାକୁ ପ୍ରତିଶ୍ରୁତି ଦେବାପରେ ଉତ୍ତେଜନା ଶାନ୍ତ ପଡ଼ିଥିଲା।

ସୂଚନା ଥାଉ କି, ଏହି ରାସ୍ତା ନିର୍ମାଣ ପାଇଁ ସ୍ଥାନୀୟ ଅଞ୍ଚଳବାସୀ ୨ ଥର ଭୋଟ ବର୍ଜନ କରିସାରିଥିବା ବେଳେ ଅଞ୍ଚଳର ଏକ ଟିମ୍ ତିନିଥର ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରସ୍ତ ହୋଇଛନ୍ତି। ପରେ ତତ୍କାଳୀନ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଶ୍ମିରଞ୍ଜନ ମହନ୍ତଙ୍କ ପ୍ରଚେଷ୍ଟାରେ ରାସ୍ତା ନିର୍ମାଣ ପାଇଁ ରାଜ୍ୟ ସରକାର ଅନୁମୋଦନ କରିଥିଲେ। ରାଜ୍ୟ ଓ କେନ୍ଦ୍ର ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ସହରାଞ୍ଚଳ ଠାରୁ ଗ୍ରାମାଞ୍ଚଳକୁ ପକ୍କା ରାସ୍ତା ନିର୍ମାଣ କରୁଛନ୍ତି। କିନ୍ତୁ କିଛି ଭିଭାଗୀୟ ଅଧିକାରୀ ଓ ଠିକସଂସ୍ଥା ମାନଙ୍କର ମଧୁଚନ୍ଦ୍ରିକା ପାଇଁ ନିମ୍ନ ମାନର କାମ ହେଉଥିବା ଅଭିଯୋଗ ହେଉଛି।

## ଖରିଫ ଧାନ ସଂଗ୍ରହ ନିମନ୍ତେ ପ୍ରସ୍ତୁତି

**ଶେରଗଡ଼, ୧୮ ।୧୨(ସମିସ):** ଶେରଗଡ଼ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଚଳିତ ବର୍ଷ ଖରିଫ ଧାନ ସଂଗ୍ରହ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ବ୍ଲକ ଯୋଗାଣ ନିରୀକ୍ଷକ ବିଭୁ ପ୍ରସାଦ ସାହୁଙ୍କ ସଂଯୋଜନା ରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ତହସିଲଦାର ତ୍ରିଦେବ ରଥ, ବିଡିଓ ତୃପ୍ତିମୟୀ ଜେନା, ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ, ସ୍ଥାନୀୟ ବିଧାୟକ ତଥା ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକଙ୍କ ବ୍ଲକ ପ୍ରତିନିଧି ଦିଗାମ୍ବର ନାହାକ ମଞ୍ଚାସୀନ ଥିଲେ। ଚଳିତ ଖରିଫ ଋତୁ ନିମନ୍ତେ ସରକାରଙ୍କ ଦ୍ୱାରା ଗୁଣାତ୍ମକ ମାନର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ପୂର୍ବ ବର୍ଷ ଭଳି କ୍ୱିଣ୍ଟାଲ ପ୍ରତି ୩୧ ଶହ ଟଙ୍କା ପ୍ରଦାନ, ରାଜ୍ୟ ଯୋଗାଣ ନିଗମ ଦ୍ୱାରା ପରିଚାଳିତ ପ୍ରାଥମିକ କୃଷି ସେବା ସମବାୟ ସମିତି, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଖୋଲା ଯାଇଥିବା ମଣ୍ଡିରେ ପଞ୍ଜିକୃତ ଚାଷୀ ସେମାନଙ୍କ ଉତ୍ପାଦିତ ଧାନ ବିକ୍ରୟ ବେଳେ ସଫା, ଶୁଖିଲା ଧାନ ଆଣିବା ଲାଗି ପରାମର୍ଶ ଦିଆଯାଇଥିଲା। ଆସନ୍ତା ୨୩ ତାରିଖ ଠାରୁ ଧାନକ୍ରୟ ଶୁଭାରମ୍ଭ ହେବା ଲାଗି ଦିନ



ଧାର୍ଯ୍ୟ କରାଯାଇଛି। ବୈଠକରେ ତହସିଲର ସମସ୍ତ ଆର୍‌ଆଇ, ସୁପରଭାଇଜର, ବ୍ଲକ ବିଜେଡି ସଭାପତି ଶରତ ଚନ୍ଦ୍ର ପାତ୍ର, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ପ୍ରମୋଦ କୁମାର ପାତ୍ର, ବରିଷ୍ଠ ନେତା ହୀନ ବେହେରା, ବରିଷ୍ଠ ଚାଷୀ ବଳରାମ ରାଉତ, ଶେରଗଡ଼ ବ୍ଲକ ଅଧିନରେ ଥିବା ସମସ୍ତ ସମବାୟ ସମିତିର ସମ୍ପାଦକ, ସମସ୍ତ ମିଲର, ବହୁତ ଚାଷୀ, ବ୍ଲକର ବହୁ ଜନପ୍ରତିନିଧି ଉପସ୍ଥିତ ଥିଲେ।

**ନାବାଳିକା ଅପହରଣ ବଳାତ୍କାର ମାମଲା**

## ଅଭିଯୁକ୍ତଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

**ଫୁଲବାଣୀ, ୧୮।୧୨(ସମିସ):** ଏକ ନାବାଳିକା ଅପହରଣ ଏବଂ ବଳାତ୍କାର ମାମଲାର ବିଚାର କରି ଗୁରୁବାର ଫୁଲବାଣୀ ପୋକ୍‌ସୋ କୋର୍ଟ ବିଚାରପତି ମନୋରଞ୍ଜନ ଦାସ ଅଭିଯୁକ୍ତଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ଖଜୁରିପଡ଼ା ଥାନା ଅଞ୍ଚଳର ବିଷ୍ଣୁ ଚରଣ ବେହେରା ଓରଫ ପିଙ୍କୁ। ସୂଚନା ଅନୁସାରେ, ୨୦୨୩ ସେପ୍ଟେମ୍ବର ୧୯ରେ ଫୁଲବାଣୀ ଥାନା ଅଞ୍ଚଳର ଜଣେ ନାବାଳିକା ତାଙ୍କ ଭାଇଙ୍କ ସହ ସ୍ଥାନୀୟ ପୁଲିସ ସ୍କୁଲକୁ ଗଣେଶ ପୂଜା ଦେଖିବାକୁ ଯାଇଥିଲେ। ସେଠାରେ ବିଷ୍ଣୁଙ୍କ ସହ ତାଙ୍କର ଭେଟ ହୋଇଥିଲା। ବିଷ୍ଣୁ ହେଉଛନ୍ତି ନାବାଳିକାଙ୍କ ମାମୁଘର ପାଖର। ସେ ବି ନାବାଳିକାଙ୍କ ଘରକୁ ଯିବାଆସିବା କରୁଥିଲେ। ଉଭୟଙ୍କ ମଧ୍ୟରେ ପରିଚିତ ଥିଲା। ଏହି ସମୟରେ ବିଷ୍ଣୁ ନାବାଳିକାଙ୍କୁ ଗଣେଶ ପୂଜା ଦେଖିବାକୁ ଯିବା କହି ଗାଡ଼ିରେ ବସିବାକୁ କହିଥିଲେ। ପାଖରେ ଥିବା ଭାଇ ତାଙ୍କ ସହ ଯିବାକୁ କହିବାରୁ ବିଷ୍ଣୁ ତାଙ୍କୁ ଠେଲି ନାବାଳିକାଙ୍କୁ ଧରି ମାଧପୁର ଚାଲିଯାଇଥିଲେ। ସେଠାରେ ବିବାହ ପ୍ରଲୋଭନ ଦେଖାଇ ଶାରୀରିକ ସମ୍ପର୍କ ରଖିଥିଲା। ସେପଟେ ଭାଇ ଘଟଣା ବିଷୟରେ ଘରେ କହିଥିଲେ। ରାତି ପ୍ରାୟ ୮ଟାରେ ନାବାଳିକାଙ୍କ ମା' ଥାନାରେ ଏତଲା ଦେଇଥିଲେ। ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଏହି ବିଷୟରେ ବିଷ୍ଣୁ ଜାଣିବା ପରେ ୨୨ ତାରିଖରେ ନାବାଳିକାଙ୍କୁ ଆଣି ଥାନା ପାଖ ପୋଷ୍ଟ ଅଫିସ ପାଖରେ ଛାଡି ପଳାଇଥିଲେ। ନାବାଳିକା ଥାନାକୁ ଯାଇ ସବୁ କଥା କହିଥିଲେ। ପୁଲିସ ବିଷ୍ଣୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସାନ ଭାଇଙ୍କ ବୟାନ, ୧୪ ଜଣଙ୍କ ସାକ୍ଷ୍ୟ ପ୍ରମାଣ ଏବଂ ମେଡିକାଲ ରିପୋର୍ଟକୁ ଆଧାର କରି ବିଚାରପତି ଉପରୋକ୍ତ ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ପୀଡ଼ିତାଙ୍କୁ କ୍ଷତିପୂରଣ ବାବଦରେ ୫ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ଜିଲ୍ଲା ଆଇନସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଅସୀମ ପ୍ରହରାଜ ମାମଲା ପରିଚାଳନା କରୁଥିଲେ।

## ୟୁନିଅନ୍ ବ୍ୟାଙ୍କ ଅଧିକାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା



**ଶେରଗଡ଼, ୧୮ ।୧୨(ସମିସ):** ଶେରଗଡ଼ ୟୁନିଅନ ବ୍ୟାଙ୍କ ଅଧିକାରୀ ଶିଶିର ମସିରଞ୍ଜନ ହାଁସଦାଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଶ୍ରୀ ହାଁସଦା ଶେରଗଡ଼ ଶାଖାରେ ପ୍ରାୟ ତିନି ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଅଞ୍ଚଳବାସୀଙ୍କ ସେବା କରି ସମସ୍ତଙ୍କ ପ୍ରିୟ ହୋଇ ପାରିଥିଲେ। ଶ୍ରୀ ହାଁସଦାଙ୍କ ଆସିକା ୟୁନିଅନ ବ୍ୟାଙ୍କ ଶାଖାକୁ ବଦଳି ହୋଇଥିବା ବେଳେ ତାଙ୍କ ସ୍ଥାନରେ ନୂତନ ଶାଖା ଅଧିକାରୀ ଭାବେ ଆସିକା ଶାଖାର କାର୍ଯ୍ୟରତ ଅଧିକାରୀ ରମୁଣୀ ପ୍ରଧାନଙ୍କୁ ଦାୟିତ୍ୱ ମିଳିଛି।

ଏହି ଅବସରରେ ସୂର୍ଯ୍ୟ ନାରାୟଣ ରଥ, ଅମିତ ପ୍ରଧାନ, ସୌରଭ ସୁମନ ସାହୁ, ନୀତିଶ କୁମାର ଦାସ, ଅଜିତ ବେହେରା, ଭିକାରୀ ଚରଣ ପାଢ଼ୀ, ବଳରାମ ପାଢ଼ୀ, ଏ.ପ୍ରଶାନ୍ତ ଆଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ୨୦୦୩ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ

**ବେଲଗୁଣ୍ଠା, ୧୮ ।୧୨(ସମିସ):** ବେଲଗୁଣ୍ଠା ବ୍ଲକ ଅନ୍ତର୍ଗତ ନାଟଙ୍ଗା ଦୀନବନ୍ଧୁ ବିଦ୍ୟାପୀଠର ୨୦୦୩ ମାଟ୍ରିକ୍ ବ୍ୟାଚ୍‌ର ଏକ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବହୁ ବର୍ଷର ବ୍ୟବଧାନ ପରେ ପୁରାତନ ଛାତ୍ରମାନେ ନିଜ ବନ୍ଧୁଙ୍କୁ ଗୋଟିଏ ସ୍ଥାନରେ ପାଇ ପରସ୍ପରକୁ ଅଭିନନ୍ଦନ ଜଣାଇଥିଲେ। ସହପାଠୀଙ୍କ ମାଧମରେ ଆଗାମୀ ଦିନରେ ବୃକ୍ଷରୋପଣ, ରକ୍ତଦାନ ଭଳି ସାମାଜିକ କାର୍ଯ୍ୟକ୍ରମ କରାଯିବା ସମ୍ପର୍କରେ ମତ ପ୍ରକାଶ ପାଇଥିଲା। ପୁରାତନ ଛାତ୍ର ଅନିଲ, କୃତିବାସ, ପୂର୍ଣ୍ଣଚନ୍ଦ୍ର, ବିରୁପାକ୍ଷ, ନରେନ୍ଦ୍ର, ସୁନିଲ, ନୀଳମାଧବ, ଶ୍ରୀନିବାସ, ଭଗବାନ, କୈଳାଶ, ସନ୍ତୋଷ, ଯୋଗେନ୍ଦ୍ର, ରାମଚନ୍ଦ୍ର, ପଞ୍ଚାନନ, ନୀଳାଚଳ, ସୁଶାନ୍ତ, ବିଷ୍ଣୁ, ରବି, କୁମାର ପ୍ରମୁଖ ପରିଚାଳନା କରିଥିଲେ।

## ଛତ୍ରପୁର ପବ୍ଲିକ୍ ସ୍କୁଲର ବାର୍ଷିକ କ୍ରୀଡ଼ା

**ଛତ୍ରପୁର, ୧୮ ।୧୨(ସମିସ):** ଛତ୍ରପୁର ପବ୍ଲିକ୍ ସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ 'ଅଭିପ୍ରାୟ' ମହାସମାରୋହରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଛତ୍ରପୁର ବ୍ଲକ ଶିକ୍ଷାଧିକାରୀ ସୁଜିତ୍ କୁମାର ପାଢ଼ୀ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହନ ବାର୍ତ୍ତା ଦେଇଥିଲେ। ଅନ୍ୟତମ ଅତିଥି ଭାବେ ପୂର୍ବତନ ଛତ୍ରପୁର ବିଧାୟକ ତଥା ପରିଚାଳନା ମଣ୍ଡଳୀର ଉପସଭାପତି ଅଶୋକ କୁମାର ଚୌଧୁରୀ ଯୋଗ ଦେଇଥିଲେ। ପରିଚାଳନା ମଣ୍ଡଳୀର ସମ୍ପାଦକ ପ୍ରଫୁଲ୍ଲ କୁମାର ପଟ୍ଟନାୟକ ଅତିଥିଙ୍କୁ ସ୍ୱାଗତ ଜଣାଇଥିଲେ। ରେଫେରୀ ଭାବେ ସନ୍ତୋଷ ବିଶୋୟୀ, ପ୍ରିୟରଞ୍ଜନ ପାତ୍ର, ଚତୁର୍ଭୁଜ ତ୍ରିପାଠୀ, କେ. ସୁନୀଲ କୁମାର ରାଓ ଏବଂ ସୁନିତା ପାତ୍ର ଯୋଗଦେଇଥିଲେ। ଉଦଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଛତ୍ରପୁର ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ଅଜୟ କୁମାର ତ୍ରିପାଠୀ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଆଇନଜୀବୀ ତଥା ଛତ୍ରପୁର ଓକିଲ ସଂଘର ସଭାପତି ପ୍ରଦୀପ କୁମାର ପାଢ଼ୀ ଯୋଗଦେଇ ଜିତି ପାରିନଥିବା ଛାତ୍ରଛାତ୍ରୀଙ୍କୁ ମନ ଛୋଟ ନକରି ଶିଖିବା ଗୁରୁତ୍ୱପୂର୍ଣ୍ଣ




ବୋଲି କହିଥିଲେ। ଏହି କ୍ରୀଡା ଉତ୍ସବର ଶୃଙ୍ଖଳିତ ପରିଚାଳନା ପାଇଁ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ମମତା ପଣ୍ଡା, ଦ୍ୱାରକା ପଟ୍ଟନାୟକ, ସନ୍ତୋଷ ସେଠି, ଇନ୍ଦିରା ପଟ୍ଟନାୟକ, ଅର୍ଚ୍ଚନା ଅଞ୍ଜଳି ପଣ୍ଡା, ଜିତେନ୍ଦ୍ର ବ୍ରହ୍ମା ଏବଂ ଅନ୍ୟ ଶିକ୍ଷୟିତ୍ରୀ ଓ ଶିକ୍ଷକ ମାନେ ସହଯୋଗ କରିଥିଲେ।

## ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପିତ




**ପାତ୍ରପୁର, ୧୮ ।୧୨(ସମିସ):** ପାତ୍ରପୁର ବ୍ଲକ ସାମନ୍ତିଆପଲ୍ଲୀ ସ୍ଥିତ ପିଏମ୍‌ଶ୍ରୀ ମହନ୍ତ ଶ୍ରୀପରାଙ୍କୁଶ ବିଦ୍ୟାପୀଠର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦଯାପିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ନାରାୟଣ କହଁର ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ବିଇଓ ମଧୁସ୍ମିତା ପୁଷ୍ଟି, ମୁଖ୍ୟବକ୍ତା ଭାବେ ଭରତ ପତି ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଗିରିଶ ଚନ୍ଦ୍ର ବେହେରା, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ, ସଏମସି ସଭାପତି ଏନ. ସଦାନନ୍ଦ, ପଞ୍ଚଶିକ୍ଷା ସେତୁର ସଭାପତି କେ. କ୍ରିଷ୍ଣା ରାଓ, ସିଆରସିସି ପ୍ରସନ୍ନ ରଣା ପ୍ରମୁଖ ମଞ୍ଚାସିନ ହୋଇଥିଲେ। ଏହି ଅବସରରେ କୃତିତ୍ୱ ହାସଲ କରିଥିବା ୧୪୮ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ମଞ୍ଚ ପରିଚାଳନା ବସନ୍ତ କୁମାର ସାହୁ ଓ ଏ. ମୋହନ ରାଓ କରିଥିବା ବେଳେ କ୍ରୀଡା ଶିକ୍ଷକ ଅରୁଣ କୁମାର ମହାନ୍ତିଙ୍କ ସମେତ ବିଦ୍ୟାଳୟ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ।

## ମୁଣ୍ଡରେ ଅମୃତଭଣ୍ଡା ପଡ଼ି ମହିଳା ମୃତ

**ବାଲିଗୁଡ଼ା, ୧୮।୧୨(ସମିସ):** ବାଲିଗୁଡ଼ା ଥାନା ଗୋଛାପଡ଼ା ଗାଁରେ ଅମୃତଭଣ୍ଡା ମୁଣ୍ଡ ଉପରେ ପଡ଼ିବାରୁ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ହେଲେ ଚନ୍ଦ୍ରକଳା ଦିଗାଲ। ସେ ଗଛରୁ ଅମୃତଭଣ୍ଡା ତୋଳିବା ସମୟରେ ତାଙ୍କ ମୁଣ୍ଡ ଓ ଛାତିରେ ଅମୃତଭଣ୍ଡା ପଡ଼ିଥିଲା। ଯାହା ଫଳରେ ସେ ଅଚେତ୍ ହୋଇ ପଡ଼ିଯାଇଥିଲେ। ପରିବାର ଓ ସମ୍ପର୍କୀୟ ସଙ୍ଗେ ସଙ୍ଗେ ତାଙ୍କୁ ବାଲିଗୁଡ଼ା ଉପଖଣ୍ଡ ଚକିତ୍ସାଳୟକୁ ନେଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ମହିଳାଙ୍କ ମୃତ୍ୟୁ ହୋଇଥିଲା। ଖବର ପାଇ ବାଲିଗୁଡ଼ା ଥାନା ଅଧିକାରୀ ସମ୍ବିତ ସ୍ୱାଇଁ ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ।

## ଗ୍ୟାସ ସିଲିଣ୍ଡର ଜଳିଗଲା; ଅଳ୍ପକେ ବର୍ତ୍ତିଲେ ପରିବାର

**ଦିଗପହଣ୍ଡି, ୧୮ ।୧୨(ସମିସ):** ଦିଗପହଣ୍ଡି ବ୍ଲକ ବଡ଼ଡୁମୁଲା ଗ୍ରାମ ଶ୍ରୀରଘୁନାଥ ମନ୍ଦିର ନିକଟ ଧୁଆଁବାଡ଼ ସାହି କୈଳାସ ଗୌଡ଼ଙ୍କ ସ୍ତ୍ରୀ ରଜନୀ ଗୁରୁବାର ସନ୍ଧ୍ୟା ପ୍ରାୟ ୫ଟାରେ ରୋଷେଇ କରୁଥିବା ବେଳେ ଗ୍ୟାସ ସିଲିଣ୍ଡରରେ ଆକସ୍ମିକ ନିଆଁ ଲାଗି ଯାଇଥିଲା। ସେ ପାଟି କରିବାରୁ ଆଖପାଖ ପଡୋଶୀ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲାଗିଥିବା ସିଲିଣ୍ଡରକୁ କୌଶଳ କ୍ରମେ ଘର ବାରିପଟ ଖୋଲା ଜାଗାକୁ ନେଇଯାଇଥିଲେ। ଖବରପାଇ ସରପଞ୍ଚ ଗୀତାଞ୍ଜଳି ଜାନି ଦିଗପହଣ୍ଡି ଅଗ୍ନିଶମ ବାହିନୀକୁ ଘଟଣା ଜଣାଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏହି ଅଘଟଣରେ କେହି ଆହତ ହୋଇନଥିବା ବେଳେ ନିଶ୍ଚିତ ଦୁର୍ଘଟଣାରୁ କୈଳାସଙ୍କ ପରିବାର ଲୋକେ ଅଳ୍ପକେ ବର୍ତ୍ତି ଯାଇଛନ୍ତି।

## ପ୍ରଶାସନର ଜବରଦଖଲ ଉଚ୍ଛେଦ ଅଭିଯାନ

**କୋଦଳା, ୧୮ ।୧୨(ସମିସ):** ଛତ୍ରପୁର ଆସିଷ୍ଟାଣ୍ଟ ଫାୟାର ଅଫିସର, ଅଗ୍ନିଶମ ବାହିନୀ କର୍ମଚାରୀ, କୋଦଳା ପୁଲିସ ଫୋର୍ସ ଓ ତହସିଲଦାରଙ୍କ ଉପସ୍ଥିତିରେ ଗୁରୁବାର ଜବରଦଖଲ ଉଚ୍ଛେଦ କରାଯାଇଛି। ଦୀର୍ଘ ବର୍ଷ ଧରି ଏଠାରେ କିଛି ପରିବାର ବେଆଇନ ଭାବେ ଘର କରିଥିଲେ। ଅଗ୍ନିଶମ ବିଭାଗ କାର୍ଯ୍ୟାଳୟ ସମ୍ମୁଖ ପାର୍ଶ୍ୱରେ ଥିବା କିଛି ଘର ବେଆଇନ ଭାବେ ନିର୍ମାଣ ହୋଇଥିବା ବେଳେ ଆଜି ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ଉଚ୍ଛେଦ କରାଯାଇଛି। ତେବେ ବିନା ନୋଟିସରେ ଉଚ୍ଛେଦ କରାଯାଇଥିବା ଅଭିଯୋଗ କରିଥିଲେ ପରିବାର ଲୋକେ। ଘରର ଆସବାବପତ୍ର ଥିବା ବେଳେ ଘର ଗୁଡିକୁ ଜେସିବି ଲଗାଇ ଗୁଣ୍ଡ କରାଯାଇଛି। ଅଗ୍ନିଶମ ବିଭାଗ କାର୍ଯ୍ୟାଳୟର ପାଚେରୀ ନିର୍ମାଣ ହେବାକୁ ନେଇ ଜବରଦଖଲ ଉଚ୍ଛେଦ କରାଯାଇଛି। ତେବେ କେବଳ ଅଗ୍ନିଶମ ବିଭାଗ କାର୍ଯ୍ୟାଳୟ ନୁହେଁ, କୋଦଳାର ବହୁ ସ୍ଥାନରେ ସରକାରୀ ଜମି ଜବରଦଖଲ ହୋଇଛି। ଜବରଦଖଲ ଉଚ୍ଛେଦ କରାଯିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ପେନସେନର୍ସ ବିରୋଧୀ ବିଲ୍ ପ୍ରତ୍ୟାହାର ଦାବି

**ସେବାନିବୃତ୍ତ କର୍ମଚାରୀ ସଂଘର ସ୍ମାରକପତ୍ର**

ଛତ୍ରପୁର, ୧୮ ।୧୨(ସମିସ)

ପାର୍ଲାମେଣ୍ଟରେ ପେନସନର୍ସ ବିରୋଧୀ ୨୦୨୫ ଭ୍ୟାଲିଡ଼େସନ ବିଲ ପାସ କରାଇ କେନ୍ଦ୍ର ସରକାର ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ପେନସନ ପ୍ରଦାନ ନେଇ ଯେଉଁ ଅଗଣତାନ୍ତ୍ରିକ ଓ କଠୋର ନିଷ୍ପତ୍ତି ନେଇଛନ୍ତି, ତାକୁ ତୁରନ୍ତ ପ୍ରତ୍ୟାହାର ଦାବିରେ ପେନସନର୍ସ ସଂଘ ସ୍ମାରକପତ୍ର ପ୍ରଦାନ କରିଛି। ସର୍ବ ଭାରତୀୟ ପେନସନର୍ସ ଫେଡେରେସନ ନିର୍ଦ୍ଦେଶ ପ୍ରକାରେ ଗଞ୍ଜାମ ଜିଲ୍ଲା ସେବାନିବୃତ୍ତ କର୍ମଚାରୀ ଓ ଶିକ୍ଷକ ବିକାଶ ମଞ୍ଚ ତରଫରୁ ବ୍ରହ୍ମପୁର ଏନ୍‌ଜିଓ କାର୍ଯ୍ୟାଳୟ ଠାରୁ ଏକ ବାଇକ୍



ରାଲି ବାହାରି ଛତ୍ରପୁର ଠାରେ ପହଞ୍ଚି ଜିଲ୍ଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀ ଓ ଅର୍ଥମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲ୍ଲାର ବିଭିନ୍ନ ବ୍ଲକରୁ ଅବସରପ୍ରାପ୍ତ କର୍ମଚାରୀମାନେ ରାଜ୍ୟ ସମ୍ପାଦକ ଶ୍ୟାମସୁନ୍ଦର ଖାଡ଼ଙ୍ଗା, ନିଖିଳ ଉତ୍କଳ ଶିକ୍ଷକ ମହାସଙ୍ଘ ଅଧ୍ୟକ୍ଷ କାମରାଜୁ ମହାରଣା, ଜିଲ୍ଲା ସଭାପତି ପ୍ରଦୀପ ସାହୁ, ସମ୍ପାଦକ ଅଶୋକ କୁମାର ଦଳେଇ, ଉପଦେଷ୍ଟା ରାଜେନ୍ଦ୍ର କୁମାର ପଣ୍ଡା, ସୋମନାଥ ସାହୁ, ବିଜୟ ବିଶ୍ୱାଳ ପ୍ରମୁଖଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରି ପ୍ରଧାନମନ୍ତ୍ରୀ ଓ ଅର୍ଥ ମନ୍ତ୍ରୀଙ୍କ ନିକଟକୁ ପ୍ରେରଣ କରିବାକୁ ଅନୁରୋଧ କରିଛନ୍ତି। ଉକ୍ତ ଅଗଣତାନ୍ତ୍ରିକ ନିଷ୍ପତ୍ତି ପ୍ରତ୍ୟାହାର ନ ହେଲେ ଆଗାମୀ ଦିନରେ ନୂଆଦିଲ୍ଲୀ ଠାରେ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ଗ୍ରହଣ କରାଯିବ ବୋଲି ନେତୃବୃନ୍ଦ ପ୍ରକାଶ କରିଛନ୍ତି।

● ଗଜପତି ମହୋତ୍ସବ ପ୍ରସ୍ତୁତି ବୈଠକ

## ଉତ୍ସବ ପାଇଁ ମାସକର ଦରମା ଦେବେ ବିଧାୟକ

**ପାରଳାଖେମୁଣ୍ଡି, ୧୮ ।୧୨(ସମିସ):** ଗଜପତି ମହୋତ୍ସବକୁ ନେଇ ଆଜି ଜିଲ୍ଲାପାଳ ତଥା ଜିଲ୍ଲା ସଂସ୍କୃତ ପରିଷଦ ଅଧ୍ୟକ୍ଷ ମୁନୀନ୍ଦ୍ର ହୋନାଗାଙ୍କ ଅଧ୍ୟକ୍ଷତାରେ ପାରଳାଖେମୁଣ୍ଡି ସ୍ଥିତ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ କେନ୍ଦ୍ରର ସମ୍ମିଳନୀ କକ୍ଷରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜାନୁୟାରୀ ୧୮ରୁ ୨୨



ପର୍ଯ୍ୟନ୍ତ ୫ ଦିନ ଧରି ମହୋତ୍ସବ ଅନୁଷ୍ଠିତ ହେବ। ବୈଠକରେ ମୁଖ୍ୟଅତିଥି ଭାବରେ ପାରଳାଖେମୁଣ୍ଡି ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବରେ ଜିଲ୍ଲାପରିଷଦ ଅଧ୍ୟକ୍ଷ ଜି. ତିରୁପତି ରାଓ, ପାରଳାଖେମୁଣ୍ଡି ପୌରାଧ୍ୟକ୍ଷା ନିର୍ମଳା ସେଠୀ, ଅତିରିକ୍ତ ଜିଲ୍ଲାପାଳ ଫାଲ୍‌ଗୁନୀ ମାଝୀ, ଜିଲ୍ଲାପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ ପୃଥୀରାଜ ମଣ୍ଡଳ, ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଅନୁପ ପଣ୍ଡା ଓ ଜିଲ୍ଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ ମଞ୍ଚାସୀନ ଥିଲେ। ଜାନୁୟାରୀ ୧୮ ଠାରୁ ୨୨ ତାରିଖ ଗଜପତି ଉତ୍ସବ ଓ ପଲ୍ଲୀଶ୍ରୀ ମେଳା ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ଗଜପତି ଷ୍ଟାଡିୟମ୍ ଠାରେ ଅନୁଷ୍ଠିତ ମହା ଆଡ଼ମ୍ବରରେ ପାଳିତ ହେବ।

ଏହା ବ୍ୟତୀତ ଜିଲ୍ଲାର ଉତ୍ପାଦିତ କୁଟୀର ଶିଳ୍ପ ସାମଗ୍ରୀ, କୃଷୀ ଜାତ ଦ୍ରବ୍ୟ, ହସ୍ତତନ୍ତ୍ର ସାମଗ୍ରୀ ସମେତ ବିଭିନ୍ନ ଜିଲ୍ଲାରୁ ଆସୁଥିବା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତି ସାମଗ୍ରୀ ଗୁଡ଼ିକର ବିକ୍ରୀ ଓ ପ୍ରଦର୍ଶନ କରାଯିବ। ସେହିପରି ଉତ୍ସବକୁ ସୁରୁଖୁରୁରେ ସମ୍ପାଦନ ପାଇଁ ଭାରପ୍ରାପ୍ତ ଜିଲ୍ଲାପାଳ ସମସ୍ତ ସଭ୍ୟସଭ୍ୟଙ୍କୁ ସହଯୋଗ କରିବାକୁ ଅନୁରୋଧ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ଶ୍ରୀ ପାଣିଗ୍ରାହୀ ଉତ୍ସବ ପାଳନ ପାଇଁ ନିଜର ଏକମାସର ଦରମା ପ୍ରଦାନ କରିବେ ବୋଲି ଘୋଷଣା କରିଥିଲେ।

## ଶୀତ ପାଇଁ ଶନିବାର ସକାଳୁଆ ସ୍କୁଲ ବାତିଲ

ବ୍ରହ୍ମପୁର,୧୮।୧୨(ସମିସ): ପାଣିପାଗ ବିଭାଗର ଆକଳନ ଅନୁଯାୟୀ ଜିଲ୍ଲାରେ ଶୀତପ୍ରକୋପ ବୃଦ୍ଧି ପାଉଛି। ଏହାକୁ ଦୃଷ୍ଟିରେ ରଖି ଜିଲ୍ଲା ଶିକ୍ଷା ପ୍ରଶାସନ ପକ୍ଷରୁ ଶନିବାର ଦିନ ସକାଳୁଆ ବିଦ୍ୟାଳୟ ପରିବର୍ତ୍ତେ ଅନ୍ୟଦିନ ଭଳି ୧୦ଟାରେ ବିଦ୍ୟାଳୟ ଖୋଲିବାକୁ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି। ଚଳିତ ସପ୍ତାହରୁ ଜିଲ୍ଲାର ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଗୁଡିକରେ ଶନିବାର ଦିନ ସକାଳୁଆ ପରିବର୍ତ୍ତେ ୧୦ଟାରୁ ଅପରାହ୍ନ ୪ଘଣ୍ଟା ପର୍ଯ୍ୟନ୍ତ ଶ୍ରେଣୀ ଶିକ୍ଷାଦାନ କାର୍ଯ୍ୟ ଜାରିରହିବ। ଛାତ୍ରଛାତ୍ରୀଙ୍କ ଶ୍ରେଣୀ ଶିକ୍ଷାଦାନ ସମୟ ଓ ଉପସ୍ଥିତିକୁ ସୁନିଶ୍ଚିତ କରିବାକୁ ଜିଲ୍ଲା ଶିକ୍ଷା ପ୍ରଶାସନ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେଇଛନ୍ତି। ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଏହି ଧାରା ବଳବତ୍ତର ରହିବା ନେଇ ଜିଲ୍ଲା ଶିକ୍ଷାଧିକାରୀ ଅଜୟ କୁମାର ପାତ୍ର ସୂଚନା ଦେଇଛନ୍ତି।

## ମା' ଦ୍ୱାଦଶାହରେ ପୁଅ ମୃତ

ସାନଖେମୁଣ୍ଡି,୧୮।୧୨(ସମିସ): ମା'ଙ୍କ ଦ୍ୱାଦଶାହରେ ଚାଲିଗଲା ବଡ଼ପୁଅ। ଏଭଳି ଦୁଃଖଦ ଘଟଣା ଘଟିଛି ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ପାଟପୁର ଥାନା ସାହାସପୁର ପଞ୍ଚାୟତ ତିତିଖଣ୍ଡି ଗ୍ରାମରେ। ମା'ଙ୍କ ବାରପତ୍ର ଦେଇ ଘରକୁ ଆସି ଟଳିପଡ଼ିଲେ ଏନ୍. କୈଳାସ। ତାଙ୍କୁ ତୁରନ୍ତ ଦିଗପହଣ୍ଡି ମେଡିକାଲକୁ ନିଆଯାଇଥିବାବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପ୍ରକାଶ ଯେ, ତିତିଖଣ୍ଡି ଗାଁର ଏନ.ସଜନୀଙ୍କ ଆଜକୁ ଠିକ୍ ୧୨ଦିନ ତଳେ ମୃତ୍ୟୁ ହୋଇଥିଲା। ବଡ଼ପୁଅ କୈଳାସ ମା'ଙ୍କ କ୍ରିୟାକର୍ମ ୧୨ଦିନ ହେଲା କରି ଆସୁଥିଲେ। ଆଜି ବାରପତ୍ର ପଡ଼ିବା ପରେ କୈଳାସ ହଠାତ୍ ଟଳି ପଡିଥିଲେ। ପରିବାର ଲୋକେ ତାଙ୍କୁ ଦିଗପହଣ୍ଡି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

## ଧାରୁଆ ଅସ୍ତ୍ରରେ ଆକ୍ରମଣ; ଜଣେ ଗିରଫ

ବ୍ରହ୍ମପୁର,୧୮।୧୨(ସମିସ): ଜଣେ ବ୍ୟକ୍ତିଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ ଅଭିଯୋଗରେ ସଦର ଥାନା ପୁଲିସ କୁକୁଡାଖଣ୍ଡି ଧୋବା ସାହିର ସୁନୀଲ ସେଠୀ(୩୨)ଙ୍କୁ ଗିରଫ କରିଛି। ଅଭିଯୁକ୍ତ ସୁନୀଲ ନାମରେ ପୂର୍ବରୁ ୨ଟି ମାମଲା ରହିଥିବା ବେଳେ ସେ ଜାମିନରେ ଆସି ଏହି ଆକ୍ରମଣ କରିଥିବା ଜଣାପଡିଛି। ସୂଚନା ପ୍ରକାରେ, ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଅଭିଯୁକ୍ତ ସୁନୀଲ ଗତ ୧୫ତାରିଖରେ କୁକୁଡାଖଣ୍ଡିର ଲକ୍ଷ୍ମଣ ସେଠୀଙ୍କୁ ଗାଳିଗୁଲଜ ସହ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ଏନେଇ ଲକ୍ଷ୍ମଣ ନିଜ କୁଳସମାଜର ସଭାପତିଙ୍କୁ ଜଣାଇଥିଲେ। କୁଳସମାଜ ପକ୍ଷରୁ ଅଭିଯୁକ୍ତ ସୁନୀଲଙ୍କୁ ତାଗିତ କରାଯାଇଥିଲେ ହେଁ ସେ ଏଥିରୁ ନିବୃତ ହୋଇନଥିଲେ। ଅନ୍ୟ ଉପାୟ ନପାଇ ଲକ୍ଷ୍ମଣ ନିଜ ପ୍ରତି ବିପଦ ଥିବା ଦର୍ଶାଇ ସଦର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା(୫୪୩/୨୫) ରୁଜୁ କରି ଆଜି ଅଭିଯୁକ୍ତ ସୁନୀଲଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଥାନା ଅଧିକାରୀ ରାମ ସୁବ୍ରମନିୟମ ପ୍ରଧାନ ସୂଚନା ଦେଇଛନ୍ତି।

# ଶିଶୁ ସେବିକା ନିଯୁକ୍ତିକୁ ନେଇ ସ୍କୁଲ ଆଗରେ ଗ୍ରାମବାସୀଙ୍କ ଧାରଣା

## ନବବିବାହିତାଙ୍କୁ ନିଯୁକ୍ତି ଦେଇ ଅଡୁଆରେ ଶିକ୍ଷକ

ରମ୍ଭା/ହୁମ୍ମା,୧୮।୧୨(ସମିସ)



ଗଞ୍ଜାମ ବ୍ଲକ ଅନ୍ତର୍ଗତ ଗୌରାଙ୍ଗପାଟଣା ପ୍ରାଥମିକ ବିଦ୍ୟାଳୟରେ ଶିଶୁ ସେବିକା ନିଯୁକ୍ତିରେ ଅନିୟମିତତା ଅଭିଯୋଗରେ ଗ୍ରାମବାସୀ ବିଦ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ଗତ ୧୪ ତାରିଖରେ ଗ୍ରାମର ଶିଶୁ ସେବିକା ନିଯୁକ୍ତିକୁ ନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦେବରାଜ ବେହେରା ନୋଟିଫିକେସନ ଜାରି କରିଥିଲେ। ଏହାପରେ ଗ୍ରାମର ୬ଜଣ ମହିଳା ଶିକ୍ଷକଙ୍କୁ ଡକ୍ୟୁମେଣ୍ଟ ପ୍ରଦାନ କରିଥିଲେ।

୧୬ ତାରିଖରେ ଗ୍ରାମର ଅନ୍ୟାନ୍ୟ ଅସହାୟ ମହିଳା ଆବେଦନ ପାଇଁ ଯାଇଥିଲେ ସୁଦ୍ଧା ଶିକ୍ଷକମାନେ ଡକ୍ୟୁମେଣ୍ଟ ନେବାକୁ ବାରଣ କରିଥିଲେ। ଅପରପକ୍ଷେ ପରିଚାଳନା କମିଟି ସଦସ୍ୟଙ୍କ ଦ୍ୱାରା ପ୍ରଧାନ ଶିକ୍ଷକଙ୍କ ସମର୍କୀୟ ଏକ ନବବିବାହିତା ମହିଳାଙ୍କୁ ଅସହାୟ ଦର୍ଶାଇ ନିଯୁକ୍ତି ଦିଆଯାଇଥିବା ଜଣାପଡିଥିଲା। ଏହାକୁ ନେଇ ଗ୍ରାମରେ ଉତ୍ତେଜନା ଦେଖା ଦେଇଥିଲା। କିନ୍ତୁ ୱାର୍ଡସଭ୍ୟାଙ୍କ ପ୍ରତିନିଧି ପ୍ରଜାପତି ବେହେରା ପରିଚାଳନା କମିଟିର ସଭାପତିଙ୍କୁ ପଚାରିଥିଲେ। ପୂର୍ବଦିନ ପରି ଖାଲି ପେପର ଦସ୍ତଖତ କରିବାକୁ ଶିକ୍ଷକ କହିଥିଲେ। ପରେ ୧୬ ତାରିଖ ଦିନ ପ୍ରଥମ ଦିନ ଆବେଦନ କରିଥିବା ୬ମହିଳାଙ୍କୁ ନେଇ ଏକ ତୃତୀୟାଂଶ କମିଟି ସଭ୍ୟ ଓ ଶିକ୍ଷକମାନଙ୍କ ଉପସ୍ଥିତିରେ ଗାଇଡ୍‌ଲାଇନ ନଥିବା ଦର୍ଶାଇ ଶିକ୍ଷକ ରମାକାନ୍ତ ନାହାକ ସେମାନଙ୍କ ଆବେଦନପତ୍ରକୁ ନାକଚ କରିଥିଲେ। ଏହାପରେ ପ୍ରଜାପତି ବେହେରା ବିଇଓଙ୍କୁ ଅଭିଯୋଗ କରିଥିଲେ। ଗ୍ରାମର କିଛି ମହିଳା ଅସହାୟ ମହିଳାଙ୍କୁ ନିଯୁକ୍ତି ପାଇଁ ବିଡ଼ିଓଙ୍କୁ ଦାବିପତ୍ର ଦେଇଥିଲେ ମଧ୍ୟ ବିଡ଼ିଓ ପତ୍ରଟିକୁ ନେବାକୁ ମନା କରିଥିଲେ। ଉକ୍ତ ମହିଳାମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଅଭିଯୋଗପତ୍ର ଦାଖଲ କରିଥିବା ଗ୍ରାମବାସୀ କହିଛନ୍ତି। ଅନ୍ୟପଟେ ଅନ୍ୟ ଏକ ୱାର୍ଡମେମ୍ବର ଚନ୍ଦ୍ରମୋହନ ବେହେରା କହିଛନ୍ତି ଶିଶୁ ସେବିକା ଚୟନ ପୂର୍ବରୁ ଗତ ୧୪ ତାରିଖ ଦିନ ଶିକ୍ଷକ ରମାକାନ୍ତ ନାହାକ କଲ୍ କରି କଥାବାର୍ତ୍ତା ହୋଇଥିଲେ। ଶିଶୁ ସେବିକା ନିଯୁକ୍ତିରେ ୱାର୍ଡମେମ୍ବରଙ୍କ ନକଲି ଦସ୍ତଖତ କରିବାକୁ ସାହାଯ୍ୟ ମାଗିଥିଲେ। ଏହା ବଦଳରେ କିଛି ଟଙ୍କା ଫୋନ୍ ପେ'ରେ ପଠାଇବାକୁ କହିଥିଲେ। କିନ୍ତୁ ଚନ୍ଦ୍ରମୋହନ ଅସହାୟ ମହିଳାଙ୍କୁ ନିଯୁକ୍ତି ଦିଅ ବୋଲି ଶିକ୍ଷକଙ୍କୁ ତାଗିଦ୍ କରିଥିଲେ। କିନ୍ତୁ ପ୍ରଧାନ ଶିକ୍ଷକ ଦେବରାଜ ବେହେରା କହିଛନ୍ତି ସରକାରୀ ଗାଇଡ୍‌ଲାଇନ ଅନୁସାରେ ନବବିବାହିତା ମହିଳାଙ୍କୁ ନିଯୁକ୍ତି ପାଇଁ ସ୍ଥିର କରାଯାଇଛି। କିନ୍ତୁ ଶିକ୍ଷକ ରମାକାନ୍ତ ନାହାକଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ଗ୍ରାମରେ ଶିକ୍ଷକ ରମାକାନ୍ତ ନାହାକ ଓ ଦେବରାଜ ବେହେରାଙ୍କ ମନଇଚ୍ଛା ନିଷ୍ପତ୍ତିକୁ ନେଇ ଗ୍ରାମରେ ଉତ୍ତେଜନା ବୃଦ୍ଧି ପାଇଥିଲା।

ରମ୍ଭା ପୁଲିସ ଖବର ପାଇ ବୁଝାସୁଝା କରିଥିଲେ। କିନ୍ତୁ ପ୍ରଶାସନ ହସ୍ତକ୍ଷେପ କରି ଅସହାୟ ମହିଳାଙ୍କୁ ନିଯୁକ୍ତି ପାଇଁ ଗ୍ରାମବାସୀ ନିଜ ଜିଦ୍‌ରେ ଅଟଳ ରହିଛନ୍ତି।

## ବିଦେଶୀ ପକ୍ଷୀଙ୍କ କଳରବରେ ମୁଖରିତ ସମରଝୋଳ ପୋଖରୀ

କୁକୁଡ଼ାଖଣ୍ଡି,୧୮।୧୨(ସମିସ): ଶୀତଋତୁରେ ସୁଦୂର ବରଫାବୃତ୍ତ ଅଞ୍ଚଳ ସାଇବେରିଆ, ରୁଷିଆ, କାଜାଖସ୍ତାନ, ଇରାନ, ଇରାକ, ମଙ୍ଗୋଲିଆ ଆଦି ଅଞ୍ଚଳରୁ ପ୍ରବଳ ହିମପ୍ରବାହ ଓ ଅସହ୍ୟ ଶୀତ ଦାଉରୁ ରକ୍ଷା ପାଇବାକୁ ବିଭିନ୍ନ ପ୍ରଜାତିର ରଙ୍ଗବେରଙ୍ଗ ପକ୍ଷୀ ହଜାର ହଜାର ମାଇଲ ଅତିକ୍ରମ କରି ଓଡିଶାକୁ ଆସିଛନ୍ତି। ଗଞ୍ଜାମ ଜିଲ୍ଲା ହିଞ୍ଜିଳି ବ୍ଲକ ସମରଝୋଳ ପୋଖରୀ ଏବେ ବିଭିନ୍ନ ବିଦେଶୀ ଓ ଦେଶୀ ପକ୍ଷୀଙ୍କ ସମାଗମ ଓ କଳରବରେ ମୁଖରିତ ହୋଇଉଠିଛି।



ପୋଖରୀ ପୁନରୁଦ୍ଧାର ପାଇଁ ବିଗତ କିଛିବର୍ଷ ହେଲା ପକ୍ଷୀ ଆସୁନଥିଲେ। ଦୀର୍ଘ ୫ବର୍ଷ ପରେ ପୁଣି ଖାଦ୍ୟ ଅନ୍ୱେଷଣରେ ରେଡ୍ କ୍ରେସ୍ଟେଡ୍ ପୋଚାର୍ଡ, ଟଫଟେଡ଼ ଡକ, ଲିଟିଲ ଟେର୍ଣ୍ଣ, ଇଉରିସିଆନ କୁଟ୍ ପ୍ରଜାତିର ପକ୍ଷୀ ଆସିଛନ୍ତି। ଏହାସହ ସ୍ଥାନୀୟ ପକ୍ଷୀ ମଧ୍ୟରେ କଟନପିଗ୍‌ମୀ ଘୋସ, ମାଟିଆ ଗେଣ୍ଡି, ମାଛରଙ୍କା, କାମ ଚଢ଼େଇ ଆଦିଙ୍କ ସମାଗମ ହୋଇଛି। ତେବେ ବନ ବିଭାଗ ଏଥିପ୍ରତି ଦୃଷ୍ଟି ଦେବା ସହ ପକ୍ଷୀଙ୍କ ସୁରକ୍ଷା ଲାଗି ବ୍ୟାପକ ବ୍ୟବସ୍ଥା ଅବଶ୍ୟାମ୍ଭବୀ ହୋଇପଡ଼ିଛି। ସେହିପରି ସ୍ଥାନୀୟ ଲୋକଙ୍କ ଏନେଇ ସଚେନତ କରିବାକୁ ପଡ଼ିବ। ଫଳରେ ସ୍ଥାନୀୟ ଲୋକମାନେ ପକ୍ଷୀରେ ସୁରକ୍ଷାରେ ବନବିଭାଗକୁ ସହାୟତା କରିବେ। ଫଳରେ ଶିକାରୀମାନେ ଶିକାରରୁ ଦୂରେଇ ରହିବେ। ଚଳିତବର୍ଷ ଆସିଥିବା ପକ୍ଷୀ ସୁରକ୍ଷିତ ଫେରିଲେ ପୁଣି ଆସନ୍ତା ବର୍ଷକୁ ଏମାନଙ୍କ ସଂଖ୍ୟା ବୃଦ୍ଧି ପାଇବ ବୋଲି ପରିବେଶବିତ୍‌ମାନେ ଆଶା ପ୍ରକଟ କରିଛନ୍ତି।

## ମୁଣ୍ଡମରାଇ କଲେଜର ବାର୍ଷିକ କ୍ରୀଡ଼ା ଉତ୍ସବ



ଧରାକୋଟ,୧୮।୧୨(ସମିସ): ଧରାକୋଟ ବ୍ଲକ ମୁଣ୍ଡମରାଇ ସ୍ଥିତ ସୋମନାଥ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଦିଗାମ୍ବର ବିଷୋୟୀ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଧରାକୋଟ ବିଇଓ କାର୍ଯ୍ୟାଳୟର ବିଆରସିସି ସୌରୀ ଶଙ୍କର ବେହେରା ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ବାଳକ ବିଭାଗରେ ମୁକେଶ ଓ ବାଳିକା ବିଭାଗରେ ସାଇ ଗାୟତ୍ରୀ ଚାମ୍ପିଅନ ହୋଇଥିଲେ। ପ୍ରତିଯୋଗିତାକୁ ବିଭିନ୍ନ ଶିକ୍ଷାନୁଷ୍ଠାନର ଶାରୀରିକ ଶିକ୍ଷା ଶିକ୍ଷକ (ପିଇଟି) ଧରାକୋଟ ଶ୍ରୀରାଜ ଉଚ୍ଚ ବିଦ୍ୟାଳୟର ଅନିଲ ନାୟକ, ବାଲୁଙ୍କେଶ୍ୱର ଉଚ୍ଚ ବିଦ୍ୟାଳୟର ମଙ୍ଗୁଲୁ ଜେନା, ମୁଣ୍ଡମରାଇ ବାଳିକା ଉଚ୍ଚ ବିଦ୍ୟାଳୟର ଶିବରାମ ପାଣିଗ୍ରାହୀ ଓ ସରଧାପୁର ଉଚ୍ଚ ବିଦ୍ୟାଳୟର ଲକ୍ଷ୍ମୀନାରାୟଣ ବେହେରା ଓ ବିଦ୍ୟାଳୟର ପୂର୍ବତନ କ୍ରୀଡାବିତ୍ ମହେଶ ସାହୁ, ଅକ୍ଷୟ କୁମାର, ସନ୍ତୋଷ କୁମାର, ଦିନେଶ କୁମାର, ଆମଜ୍ୟୋତି ଦୋରା, ଚାନ୍ଦିନୀ ପ୍ରଧାନ, ପୁଷ୍ପାଞ୍ଜଳି ପଣ୍ଡା, ବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ଶାରୀରିକ ଶିକ୍ଷକ କେ . ନାନବାବୁ ଦୋରା ପରିଚାଳନା କରିଥିଲେ।

## ପ୍ରତିବାଦ ସଭାରେ ବର୍ଷିଲେ ନେତା

# ବିଜେପି ଚକ୍ରାନ୍ତର ଉଚିତ୍ ଜବାବ ଦେବ କଂଗ୍ରେସ

ଆସିକା,୧୮।୧୨(ସମିସ): ଆସିକା ସଂସଦୀୟ କ୍ଷେତ୍ର ଏବଂ ଗଞ୍ଜାମ ଜିଲ୍ଲା ପଶ୍ଚିମ ଭାଗ ସଭାପତି ତଥା ସାନ ଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନାଙ୍କ ଆହ୍ୱାନ କ୍ରମେ ଆସିକା ସାଂସଦ ପ୍ରାର୍ଥୀ ଦେବକାନ୍ତ ଶର୍ମାଙ୍କ ନେତୃତ୍ୱରେ ଆସିକା କଂଗ୍ରେସ କାର୍ଯ୍ୟାଳୟଠାରୁ ଏକ ବିରାଟ ରାଲିରେ ବାହାରି ହାଟପଦା ସ୍ଥିତ ମହାତ୍ମା ଗାନ୍ଧୀ ପ୍ରତି ମୂର୍ତ୍ତି ଉପରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ଲକ୍ଷ୍ମୀ ବଜାର ଦେଇ ନୂଆ ବସଷ୍ଟାଣ୍ଡଠାରେ ଏକ ପ୍ରତିବାଦ ସଭା ଆୟୋଜିତ ହୋଇଥିଲା।

ବିନା ଏଫଆଇଆର ଓ ଅଭିଯୋଗ ନଥାଇ ହୋଇଥିବା ମାମଲାକୁ କୋର୍ଟ ଖାରଜ କରିବା ପରେ କଂଗ୍ରେସ ଏବେ କେନ୍ଦ୍ର ସରକାରଙ୍କ ବିରୋଧରେ ରାଜ ରାସ୍ତାକୁ ଓହ୍ଲାଇ ରାଲି ଓ ପ୍ରତିବାଦ ସଭା କରୁଛି। ଉପସ୍ଥିତ ନେତାମାନେ କେନ୍ଦ୍ର ସରକାର କଂଗ୍ରେସ ଦଳ ଉପରେ ଚଳାଇଥିବା ଚକ୍ରାନ୍ତକୁ ସମାଲୋଚନା କରିଥିଲେ। ଅଦାଲତ ନେସନାଲ ହେରାଲଡ଼ ମାମଲାକୁ ଖାରଜ କରୁଥିବାରୁ ଉଚିତ ନ୍ୟାୟ ମିଳିଛି ବୋଲି ବକ୍ତବ୍ୟ ରଖିଥିଲେ। ଆଗାମୀ ଦିନରେ ବିଜେପିର ଚକ୍ରାନ୍ତ ନେଇ କଂଗ୍ରେସ ଉଚିତ ଜବାବ ଦେବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ନେତା ମାନେ। ଏହି ରାଲି ଓ ପ୍ରତିବାଦ ସଭାରେ କଂଗ୍ରେସର ଗଞ୍ଜାମ ଜିଲ୍ଲା ଏସ୍‌ସି ସେଲର ଚେୟାରମ୍ୟାନ୍ ଚିତ୍ରସେନ ବେହେରା, ଯୁବ ନେତା ପ୍ରିୟାଂଶୁ ପରିଡା, ଅଜିତ ମୁନି, ଲକ୍ଷ୍ମୀ ଚରଣ ପାତ୍ର, ହରେକୃଷ୍ଣ ରଥ, ବାବୁଲା ଦୋରା, ମନୋରଞ୍ଜନ ଦାସ, ଦୀପକ ଭୂୟାଁ, କୁଲୁ ଭୂୟାଁ, ଶିବରାମ ପ୍ରଧାନଙ୍କ ସମେତ ଗଞ୍ଜାମ ଜିଲ୍ଲା ପଶ୍ଚିମ ଭାଗରୁ ଆସିଥିବା ସମସ୍ତ ବିଧାୟକ ପ୍ରାର୍ଥୀ, ଛାମୁଆ ନେତା ଓ କଂଗ୍ରେସର ଯୁବ ଓ ଛାତ୍ରମାନେ ସାମିଲ ହୋଇଥିଲେ।




## ଆୟାପ୍ପା ସ୍ୱାମୀଙ୍କ ପୂଜା ଅନୁଷ୍ଠିତ



ଛତ୍ରପୁର,୧୮।୧୨(ସମିସ): ଓଁ ସ୍ୱାମୀ ସରଣମ ଆୟପ୍ପା ଧ୍ୱନିରେ କମ୍ପିଲା ଅଂଚଳ। ମାନସିକଧାରୀ ମାନେ କଳାବସ୍ତ୍ର ପରିଧାନ କରି, ରୁଦ୍ରାକ୍ଷ ମାଳ ପକାଇ ସିନ୍ଦୁର, ଚନ୍ଦନ ଲଗାଇ ଶୀତ କାକରରେ ଭୋରରୁ ଗାଧୋଇ ଆୟପା ସ୍ୱାମୀଙ୍କ ପୂଜାର୍ଚ୍ଚନା ଆରମ୍ଭ କରିଥାନ୍ତି, ଏମିତି ଏକ ଆଧ୍ୟାତ୍ମିକ ପରିବେଶ ଦେଖିବାକୁ ମିଳିଛି ଛତ୍ରପୁର ସହରରେ। ପୂର୍ବତନ କାଉନସିଲର ବି. ରାଜୁ ବାବୁ ଓ ବି. ଜୟନ୍ତୀ ଦୋରାଙ୍କ ବାସଭବନ ତଥା ଗୌତମ ନଗର ସମସ୍ତ ଆୟାପ୍ପା ଦୀକ୍ଷାଧାରୀ ଯୋଗ ଦେଇ ପୂର୍ଣ୍ଣକୁମ୍ଭ ପୂଜା କରିଥିଲେ। ସ୍ୱାମୀମାନେ ଆୟାପ୍ପାଙ୍କ ଭଜନ କୀର୍ତ୍ତନ ଗାନ କରିଥିଲେ। ୪୧ ଦିନରୁ ଅଧିକ ଦିନ ଧରି ମାନସିକ କରିଥିବା ଆୟାପ୍ପା ବ୍ରତଧାରୀମାନେ ଇରିମୁଡ଼ି ଧରି ଶବରମଳେଇ ଅଭିମୁଖେ ବାହାରିବେ ବୋଲି ସୂଚନା ମିଳିଛି।

## ଯୌନ ଉତ୍ପୀଡ଼ନ ନିରୋଧ ଆଇନ ସଚେତନତା

ଦିଗପହଣ୍ଡି,୧୮।୧୨(ସମିସ): ପଦ୍ମନାଭପୁର ସରସ୍ୱତୀ ଉଚ୍ଚ ମାଧ୍ୟମିକ ବିଦ୍ୟା ମନ୍ଦିରରେ କାର୍ଯ୍ୟସ୍ଥଳରେ ମହିଳାଙ୍କୁ ଯୌନ ଉତ୍ପୀଡନ (ସୁରକ୍ଷା , ନିଷିଦ୍ଧ ଓ ପ୍ରତିକାର) ଆଇନ - ୨୦୧୩ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦିଗପହଣ୍ଡି କୋର୍ଟର ବରିଷ୍ଠ ଦେୱାନି ବିଚାରପତି ମହାଶ୍ୱେତା ପରିଜା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ନିଳିମା ଷଡ଼ଙ୍ଗୀ, ଖେମୁଣ୍ଡି ଓକିଲ ସଂଘର ପୂର୍ବତନ ସଭାପତି ହରପ୍ରସାଦ ରଥ, ଉଚ୍ଚ ମାଧ୍ୟମିକ ବିଦ୍ୟା ମନ୍ଦିର ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଦାସ, ଓକିଲ ସଂଘର ଉପସଭାପତି ସନ୍ତୋଷ କୁମାର ସାହୁ, ସମ୍ପାଦକ ପ୍ରଦୀପ କୁମାର ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନ ଗୁଡିକରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠନ କରିବା ସହ ଉତ୍ପୀଡନ ମୁକ୍ତ ପରିବେଶ ସୃଷ୍ଟି କରାଯିବା ଉପରେ ଅତିଥି ବୃନ୍ଦ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମକୁ ବିଚାର ବିଭାଗୀୟ ବରିଷ୍ଠ କର୍ମଚାରୀ ଶିବରାମ ସାହୁ ପରିଚାଳନା କରିଥିବା ବେଳେ ପ୍ରଦୀପ କୁମାର ପୁରୋହିତ, ଅଞ୍ଜଳି ମହାରଣା, ସସ୍ମିତା ମହାରଣା, ସଂଗ୍ରାମ କେଶରୀ ପଣ୍ଡା, ଅଶ୍ୱିନୀ କୁମାର ପଟ୍ଟନାୟକ, ରୁଦ୍ର ପ୍ରସାଦ ତାଣ୍ଡିଆ, ପିଲଟୁ ହେମ୍ବ୍ରମ, ପପୁନ ମହାରଣା, ନିରଞ୍ଜନ ଶବର ପ୍ରମୁଖ ସହଯୋଗ କରିଥିଲେ।

## ମୃତ ପୂଜକଙ୍କ ସ୍ମୃତିରେ କ୍ୟାଣ୍ଡେଲ ଶୋଭାଯାତ୍ରା




ଗଞ୍ଜାମ,୧୮।୧୨(ସମିସ): ଗଞ୍ଜାମ ଏନଏସି ଅନ୍ତର୍ଗତ ପୁଇଁତୋଳା ଗ୍ରାମର ନୃସିଂହ ପୂଜକ ରାଜେନ୍ଦ୍ର ରଥଙ୍କ ଅକାଳ ବିୟୋଗ ଘଟିଥିଲା। ସେ ବଡ଼ ନୃସିଂହ ଠାକୁରଙ୍କ ପୂଜାର୍ଚ୍ଚନା ସହ ପୁଇଁତୋଳା ସାନସାହି ହନୁମାନଙ୍କର ମଧ୍ୟ ପୂଜାରୀ ଥିଲେ। ସ୍ୱର୍ଗତ ପୂଜକଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଗ୍ରାମର ୫ଶହରୁ ଉର୍ଦ୍ଧ ଯୁବଗୋଷ୍ଠୀ କ୍ୟାଣ୍ଡେଲ ଶୋଭାଯାତ୍ରା କରିଥିଲେ।

## ବୈଷୟିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ରଙ୍ଗେଇଲୁଣ୍ଡା,୧୮।୧୨(ସମିସ): କନିଷି ତହସିଲ ଅଧିନସ୍ଥ ଗୋଳନ୍ଥରା ଚଟି ସ୍ଥିତ ବିଶ୍ୱନାଥ ଉଚ୍ଚ ଓ ବୈଷୟିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ହେମପ୍ରଭା ସେଠୀଙ୍କ ସଭାପତିତ୍ୱ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୋଳନ୍ଥରା ସରପଞ୍ଚ ପ୍ରବୀଣା ଜେନା, ମୁଖ୍ୟବକ୍ତା ଟୁନା ଜେନା, ସମ୍ମାନିତ ଅତିଥି ରୂପେ ସମିତି ସଭ୍ୟା ପ୍ରବୀଣା ପ୍ରଧାନ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୁଜାତା ରାଉଳ ଯୋଗ ଦେଇଥିଲେ। ଶିକ୍ଷକ ଦାଶରଥି ପ୍ରଧାନ ସ୍ୱାଗତ ଅଭିଭାଷଣ ପ୍ରଦାନ ଓ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ରଥ ମଞ୍ଚ ପରିଚାଳନା କରିଥିଲେ। ପୂର୍ବରୁ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପ୍ରିୟଙ୍କା ମଳନା, କଳ୍ପନା ମହାନ୍ତି, ରଶ୍ମିତା ନାୟକ, ଅର୍ଚ୍ଚିତା ନାୟକ, ସୁଜାତା ପଟ୍ଟନାୟକ, ଜଗତ ଜନନୀ ପ୍ରଧାନ, ସକୁନ୍ତଳା ପଣ୍ଡା, ନରେଶ ବ୍ରହ୍ମା, ନିବେଦିତା ପଣ୍ଡା, ଧର୍ମେନ୍ଦ୍ର ପ୍ରସାଦ ପାଢ଼ୀ, କାର୍ତ୍ତିକେଶ୍ୱର ସାହୁ, ଦିଲ୍ଲୀପ କୁମାର ପାଢ଼ୀ, ଡି ଭାଗିରଥି ସହଯୋଗ କରିଥିଲେ।

## ଶାଶ୍ୱତୀ ରଙ୍ଗ ମହୋତ୍ସବ

# ଦ୍ୱିତୀୟ ସନ୍ଧ୍ୟାରେ ନାଟକ 'ମୁରବୀ' ଓ 'ସମ୍ପରକୋ'





ବ୍ରହ୍ମପୁର,୧୮।୧୨(ସମିସ)

ସ୍ଥାନୀୟ କବିସୂର୍ଯ୍ୟ ରଙ୍ଗମଞ୍ଚରେ ଚାଲିଥିବା ଶାଶ୍ୱତୀ ରଙ୍ଗ ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟାରେ ପହଞ୍ଚିଛି। ନାଟ୍ୟସଂଘର ଉପସଭାପତି ପ୍ରଦୀପ ପଣ୍ଡାଙ୍କ ସଭାପତିତ୍ୱ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଓଡିଶା ନାଟ୍ୟ ସଂଘର ଉପସଭାପତି ଭବାନୀ ଶଙ୍କର ମିଶ୍ର, ନାଟ୍ୟ ନିର୍ଦ୍ଦେଶକ ଇଂ.ରାଜେଶ ରେଡ୍ଡୀ, ଡା. ରାମକୃଷ୍ଣ ସାହୁ ଓ ପୂର୍ବତନ ବିଇଡ଼ିଏ ଅଧ୍ୟକ୍ଷ ସୁବାସ ମହାରଣା ପ୍ରମୁଖ ଉପସ୍ଥିତ ରହି ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ସଂଜ୍ଞା ପାଢ଼ୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କୈଳାସ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ସନ୍ଧ୍ୟାରେ ରବିନାରାୟଣ ବେହେରାଙ୍କ ରଚିତ ଓ ନିର୍ଦ୍ଦେଶିତ ଓଡ଼ିଆ ନାଟକ "ମୁରବୀ' ଦର୍ଶକଙ୍କୁ ବେଶ ଆନ୍ଦୋଳିତ କରିଥିଲା। ନାଟକରେ ଅରୁଣ ସାହୁ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବା ବେଳେ ସୁନିଲ ସ୍ୱାଇଁ, ସଂଜ୍ଞା ସମାହିତ ପାଢ଼ୀ, ରାଜେଶ ନାୟକ, ସରୋଜ ପଣ୍ଡା, ଶିବସଙ୍କର ପାତ୍ର, ସନ୍ଦୀପ ପାତ୍ର, ସସ୍ମିତାରାଣୀ ରାଉତ ଓ କମଳିନୀ ପ୍ରଧାନ ପ୍ରମୁଖ ଅଭିନୟ କରିଥିଲେ। ସେହିପରି ଦ୍ୱିତୀୟ ନାଟକ ଭାବେ ପଶ୍ଚିମବଙ୍ଗ ସମଯାତ୍ରୀକ ନାଟ୍ୟସଂସ୍ଥା ପକ୍ଷରୁ ପଦ୍ମା ସରକାରଙ୍କ ରଚିତ ଓ ନିର୍ଦ୍ଦେଶିତ ବଙ୍ଗଳା ନାଟକ 'ସମ୍ପରକୋ' ନାଟକ ମଞ୍ଚସ୍ଥ ହୋଇଥିଲା। ଏଥିରେ ପଦ୍ମା ସରକାର, ଅରିନ୍ଦମ ବୋଷାକ, ଦେବ ମାନଲୋ ମଣ୍ଡଳ, ସୁବଳ କର୍ମକାର ଅଭିନୟ କରିଥିଲେ।

## ବ୍ରହ୍ମପୁର ଟେନିସ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ବ୍ରହ୍ମପୁର,୧୮।୧୨(ସମିସ): ସ୍ଥାନୀୟ ୟୁନିୟନ କ୍ଲବ୍ ପରିସରରେ ଗଞ୍ଜାମ ଜିଲ୍ଲା ଟେନିସ ସଂଘ ତରଫରୁ ଆୟୋଜିତ ବ୍ରହ୍ମପୁର ଟେନିସ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ଦକ୍ଷିଣାଞ୍ଚଳ ଆଇ.ଜି ନୀତି ଶେଖର ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ। ଉଦଘାଟନୀ ସମାରୋହରେ ସେ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ୪ଦିନ ଧରି ହେବାକୁ ଥିବା ଏହି ଟେନିସ ଟୁର୍ଣ୍ଣାମେଣ୍ଟରେ ବହୁ କ୍ଲବର ପ୍ରତିଭାବାନ ଟେନିସ ଖେଳାଳି ଅଂଶଗ୍ରହଣ କରିଛନ୍ତି। ଏଥିରେ ୟୁନିୟନ କ୍ଲବର ସଭାପତି ଭି.ସନ୍ତୋଷ କୁମାର, ସଂପାଦକ ପାର୍ଥ ପାଢ଼ୀଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ। ଏଭଳି ଖେଳ ପ୍ରତିଯୋଗିତା ମାଧ୍ୟମରେ ବ୍ରହ୍ମପୁର ଅଞ୍ଚଳରେ ଟେନିସ ଖେଳର ଲୋକପ୍ରିୟତା ବୃଦ୍ଧି ପାଇବ ବୋଲି ଆଶା କରାଯାଇଛି। ଏହି ଅବସରରେ ବ୍ରହ୍ମପୁର ଏସପି ଡ଼ା ଶ୍ରବଣ ବିବେକ ଏମ୍ ଉପସ୍ଥିତ ଥିଲେ। ସର୍ବମୋଟ ୧୯ଟି ଦଳ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ୨୧ତାରିଖରେ ପ୍ରତିଯୋଗିତାର ଉଦଯାପନୀ ଅବସରରେ ଚାମ୍ପିଅନ ଓ ରନର୍ସଅପ୍ ଦଳକୁ ପୁରସ୍କୃତ କରାଯିବ।

## ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ଛତ୍ରପୁର,୧୮।୧୨(ସମିସ): ଗଞ୍ଜାମ ପୁଲିସ ଜିଲ୍ଲା ଅନ୍ତର୍ଗତ ଆର୍ଯ୍ୟପଲ୍ଲୀ ସାମୁଦ୍ରିକ ଥାନା ପକ୍ଷରୁ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି। କମ୍ୟୁନିଟି ପୁଲିସ ପ୍ରୋଗ୍ରାମ ଆନୁକୂଲ୍ୟରେ ମୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଆର୍ଯ୍ୟପଲ୍ଲୀ ସାମୁଦ୍ରିକ ଥାନାର ମିଳିତ ସହଯୋଗରେ ଆୟୋଜିତ ଏହି ମାଗଣା ସ୍ୱାସ୍ଥ୍ୟ ଶିବିରକୁ ଛତ୍ରପୁର ଏସ୍‌ଡିପିଓ ଚନ୍ଦନ ଘଡେଇ, ଆର୍ଯ୍ୟପଲ୍ଲୀ ସାମୁଦ୍ରିକ ଥାନା ଅଧିକାରୀ ବିଦ୍ୟା ଭାରତୀ ନାୟକ, ଆର୍ଯ୍ୟପଲ୍ଲୀ ସରପଞ୍ଚ ତ୍ରିଲୋଚନ ବେହେରା, ମୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକ୍ଷକ ଡାକ୍ତର ସ୍ୱାଧୀନ କୁମାର ରଥ, ତଟରକ୍ଷୀ ବାହିନୀର ବରିଷ୍ଠ ଅଧିକାରୀଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। ଏଲ୍‌ଭି ପ୍ରସାଦ ଏବଂ ମୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ମାନେ ଯୋଗ ଦେଇ ରୋଗୀଙ୍କୁ ଚିକିତ୍ସା କରିବା ପରେ ମାଗଣା ଔଷଧ ପ୍ରଦାନ କରାଯାଇଥିଲା।

## ଦୁର୍ଘଟଣାରେ ଧର୍ମଶାଳା ପ୍ରେସ୍ କ୍ଲବ୍‌ର ବରିଷ୍ଠ ସାମ୍ବାଦିକ ଆହତ



ଧର୍ମଶାଳା,୧୮ ।୧୨(ସମିସ): ଧର୍ମଶାଳା ପ୍ରେସ୍ କ୍ଲବର ପୂର୍ବତନ ସଭାପତି ତଥା ବରିଷ୍ଠ ଉପଦେଷ୍ଟା ବଟକୃଷ୍ଣ ପରିଡା ଦୁର୍ଘଟଣାରେ ଗୁରୁତର ଆହତ ହୋଇଛନ୍ତି। ସେ ଜାରକାରୁ କାମ ସାରି ଘରେ ପହଞ୍ଚି ବାଇକ୍ ରଖୁଥିବା ସମୟରେ ଭାରସାମ୍ୟ ହରାଇବାରୁ ବାଇକ୍ ତାଙ୍କ ବାମ ଗୋଡ ଉପରେ ପଡ଼ିଯାଇଥିଲା। ଫଳରେ ତାଙ୍କ ଗୋଡ଼ରେ ଗଭୀର ଆଘାତ ଲାଗିଥିଲା। ପରିବାର ଲୋକେ ତାଙ୍କୁ ମେଡିକାଲକୁ ନେଇ ପରୀକ୍ଷା କରିବା ପରେ ବାମ ଗୋଡ ଭାଙ୍ଗିଯାଇଥିବା ଜଣାପଡ଼ିଥିଲା। ତାଙ୍କ ଗୋଡକୁ ପ୍ଲାଷ୍ଟର କରାଯାଇଥିଲାବେଳେ ଏକ ମାସ ପାଇଁ ଘରେ ରହି ବିଶ୍ରାମ ନେବାକୁ ଡାକ୍ତର ପରାମର୍ଶ ଦେଇଛନ୍ତି। ପ୍ରେସ କ୍ଲବ୍‌ର ସମସ୍ତ ସଦସ୍ୟ ଓ ତାଙ୍କର ଶୁଭେଚ୍ଛୁ ତାଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି।

## ଗୁରୁକୁଳ ପବ୍ଲିକ୍ ସ୍କୁଲରେ ବାର୍ଷିକ କ୍ରୀଡ଼ା



ଧର୍ମଶାଳା,୧୮ ।୧୨(ସମିସ): ଧର୍ମଶାଳା ବ୍ଲକ୍ ହରିଦାସପୁରସ୍ଥ ଗୁରୁକୁଳ ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦଯାପିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ଅଲିମ୍ପିଆନ୍ ଦୂତୀ ଚାନ୍ଦ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଜୀବନରେ ସଂଘର୍ଷ, ନିରନ୍ତର ପ୍ରଚେଷ୍ଟା ଓ କ୍ରୀଡ଼ାର ଗୁରୁତ୍ୱ ବିଷୟରେ ନିଜର ସମ୍ଭାଷଣ ଉପସ୍ଥାପନ କରି ସମସ୍ତଙ୍କୁ ପ୍ରେରଣା ଯୋଗାଇଥିଲେ। ସ୍କୁଲର ଚେୟାରମ୍ୟାନ ଅଭୟ ଜେନା ସଭାପତିତ୍ୱ କରିଥିବାବେଳେ ବିଦ୍ୟାଳୟର ନିର୍ଦ୍ଦେଶକ ସୁଶାନ୍ତ ମହାପାତ୍ର ଏହି କ୍ରୀଡା ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀର କର ଅତିଥି ପରିଚୟ ପ୍ରଦାନ କରିବା ସହିତ ସ୍ୱାଗତ ଭାଷଣ ଦେଇଥିଲେ। ବିଦ୍ୟାଳୟର ଭାବା, କଲାମ, ଖୋରାନା ଓ ରମନ ଆଦି ବିଭିନ୍ନ ହାଉସର ଛାତ୍ରଙ୍କ ଦ୍ୱାରା ପିରାମିଡ୍ ପ୍ରଦର୍ଶନୀର ପ୍ରତିଯୋଗିତା କରାଯିବା ସହିତ ରିଲେ ଦୌଡ଼ ପ୍ରତିଯୋଗିତା ମଧ୍ୟ କରାଯାଇଥିଲା। ଅଲିମ୍ପିଆନ୍ ଦୂତୀ ଚାନ୍ଦ ପିଲାଙ୍କ ସହ ଦୌଡ଼ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସେମାନଙ୍କୁ ଉତ୍ସାହିତ କରିଥିଲେ। ଦ୍ୱିତୀୟ ଦିବସରେ ଅଧ୍ୟକ୍ଷ ପ୍ରଶାନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦଯାପନୀ ଉତ୍ସବରେ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ଚଣ୍ଡିଖୋଲ ଶାଖାର ଉପମୁଖ୍ୟ ପରିଚାଳକ ଶୁଭଦର୍ଶିନୀ ସାହାଣୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ କ୍ରୀଡ଼ାର ମୂଲ୍ୟବୋଧ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଖେଳ ଶିକ୍ଷକ ପଲୁ କୁମାର ପାଲ୍ ଓ ଶିକ୍ଷୟିତ୍ରୀ ଦୀପ୍ତିରେଖା ଦାସଙ୍କ ଦ୍ୱାରା ସମସ୍ତ କ୍ରୀଡା ପ୍ରତିଯୋଗିତାର ସୁପରିଚାଳନା କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ଅସହାୟ ପରିବାରକୁ ମିଳିଲା ସହାୟତା



ମଙ୍ଗଳପୁର, ୧୮ ।୧୨(ସମିସ): ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ୍ ବୋଡ଼କ ପଞ୍ଚାୟତ ଓଳଗ ଗ୍ରାମର ନିତ୍ୟାନନ୍ଦ ସୂତାର ଦୁଇବର୍ଷ ପୂର୍ବରୁ ସଡ଼କ ଦୁର୍ଘଟଣାରେ ଶିକାର ହୋଇ ଶଯ୍ୟାଶାୟୀ ଥିବାବେଳେ ପରିବାର ପ୍ରତିପୋଷଣ ପାଇଁ ଅନ୍ୟ ପନ୍ଥା ନାହିଁ। ଗରିବ ପରିବାର ମଧ୍ୟରେ ତାଙ୍କ ସ୍ତ୍ରୀଙ୍କୁ ଛାଡି ଗୋଟିଏ ୮ ବର୍ଷ ଓ ଗୋଟିଏ ୫ ବର୍ଷର ଝିଅ ଅଛନ୍ତି। ଏକମାତ୍ର ରୋଜଗାର କରୁଥିବା ବ୍ୟକ୍ତି ନିତ୍ୟାନନ୍ଦ ଏବେ ରୋଗାକ୍ରାନ୍ତ ହୋଇପଡିଛନ୍ତି। ଏହି ଅସମୟରେ ଖବର ପାଇ ଦଶରଥପୁର ବ୍ଲକ୍‌ର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଆମେ ଅଛୁ ଆପଣଙ୍କ ସାଥିରେ ହେଲପିଂ ଗ୍ରୁପ ଓଳଗ ଗ୍ରାମର ନିତ୍ୟାନନ୍ଦଙ୍କ ଘରେ ପହଞ୍ଚି ରାସନ ସାମଗ୍ରୀ, କମ୍ବଳ ସହିତ ନଗଦ ଅର୍ଥ ରାଶି ପ୍ରଦାନ କରିଥିଲେ। ଏଥିସହିତ ତାଙ୍କ ସ୍ୱାସ୍ଥ୍ୟବସ୍ଥା ପାଇଁ ଆର୍ଥିକ ସହାୟତା ଦେବା ସହିତ ଦୁଇଝିଅଙ୍କ ପାଠପଢା ପାଇଁ ଆର୍ଥିକ ସହାୟତା ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଅନୁଷ୍ଠାନର ମୁଖ୍ୟ ଦେବବ୍ରତ ନାୟକଙ୍କ ସହିତ ଉମେଶ ଦାସ, ପଦ୍ମଲୋଚନ ଦାସ, କୈଳାସ ମଲ୍ଲିକ ପ୍ରମୁଖ ନିତ୍ୟାନନ୍ଦଙ୍କ ପରିବାର ନିକଟରେ ଉପସ୍ଥିତ ରହି ଆଲୋଚନା କରିଥିଲେ।

### ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ

# 'ଆଧୁନିକ ଯାନ୍ତ୍ରିକ ବ୍ୟବହାର କୃଷି କ୍ଷେତ୍ରକୁ ଆଗକୁ ନେବ'

ଯାଜପୁର, ୧୮ ।୧୨(ସମିସ)

ଆଜି ଅପରାହ୍ନରେ ଜିଲ୍ଲା କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ କୁସୁମା ସମ୍ମୁଖସ୍ଥ ପଡିଆରେ ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ନଳିନୀପ୍ରଭା ଜେନାଙ୍କ ଦ୍ୱାରା ଉଦଘାଟିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ନଳିନୀପ୍ରଭା ଜେନା ଯୋଗଦେଇ କହିଲେ, କୃଷି ବିନା ଜୀବନ ଅସମ୍ଭବ। କୃଷି କାର୍ଯ୍ୟ ହେଲେ ଆମକୁ ଆହାର ମିଳୁଛି। ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ। କୃଷି କ୍ଷେତ୍ରରେ ବିକାଶ ହେଲେ ଆମ ରାଜ୍ୟର ବିକାଶ ହେବ। ଆଜିର ଦିନରେ ଆଧୁନିକ ଯାନ୍ତ୍ରିକକରଣ ଉପଯୋଗ କରି କୃଷିକୁ ଆହୁରି ଆଗକୁ ନେଇ ଯିବାକୁ ପରାମର୍ଶ ଦେଇଥିଲେ।

ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ସ୍ୱାଇଁ କହିଲେ, ଆଜିର ଏହି କୃଷି ଯନ୍ତ୍ରପାତି ମେଳାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି କୃଷି ଯନ୍ତ୍ରପାତି ମାଧ୍ୟମରେ କୃଷି କାର୍ଯ୍ୟକୁ କିପରି ଆମେ ଆହୁରି ଆଗକୁ ନେଇପାରିବ ଓ ସରଳ ଉପାୟରେ ଫସଲ ଉତ୍ପାଦନ କରିପାରିବା। ସରକାରଙ୍କ ପକ୍ଷରୁ କୃଷି ଯନ୍ତ୍ରପାତିରେ ୫୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି ଦିଆଯାଉଛି। ଯାହାକୁ ଉପଯୋଗ କରି କୃଷକ ଭାଇ କୃଷି କାର୍ଯ୍ୟ ସୁବିଧାରେ କରିପାରିବେ। ସମ୍ମାନିତ ଅତିଥି ଭାବେ ଯାଜପୁର ପୌରପାଳିକା ଅଧ୍ୟକ୍ଷା ଶ୍ରୀମତୀ ରଞ୍ଜୁଲତା ହୋତା, ସାଂସଦ ପ୍ରତିନିଧି ଜିତେନ୍ଦ୍ର ବିଶ୍ୱାଳ, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ସୁନୀଲ ମହାପାତ୍ର, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ତପନ ମହାପାତ୍ର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ (କୃଷି), କେନ୍ଦ୍ରାପଡ଼ା ସଞ୍ଜୀବ ତ୍ରିପାଠୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଯୋଗଦେଇ ଚାଷୀଙ୍କୁ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ସଚେତନ କରି ଆଧୁନିକ ବୈଷୟିକ ଜ୍ଞାନକୌଶଳ ଓ କୃଷି ଯନ୍ତ୍ରପାତିର ବ୍ୟବହାର ମାଧ୍ୟମରେ ଚାଷୀମାନେ ଚାଷ କ୍ଷେତ୍ରରେ କିପରି ଉନ୍ନତି କରିପାରିବେ ସେ ସମ୍ପର୍କରେ ଏହି ମେଳା ବିଶେଷ ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ। ଓଡ଼ିଶା ଆଗ୍ରୋ ଇଣ୍ଡଷ୍ଟ୍ରି,ଯାଜପୁର ଆନୁକୂଲ୍ୟରେ ୪ ଜଣ ହିତାଧିକାରୀଙ୍କୁ ସଳଖ ରିହାତି ମୂଲ୍ୟରେ ଟ୍ରାକ୍ଟର ବିତରଣ କରାଯାଇଥିଲା। ରବିଋତୁ ପାଇଁ କୃଷି ରଥ ମାଧ୍ୟମରେ ପ୍ରସାର ପାଇଁ ଉଦଘାଟିତ ହୋଇଥିଲା। କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଦ୍ୱାରା ଆୟୋଜିତ ଏହି କୃଷି ଯନ୍ତ୍ରପାତି ମେଳାରେ କୃଷି ଓ ଆନୁଷଙ୍ଗିକ ବିଭାଗ ଉଦ୍ୟାନ କୃଷି, ପ୍ରାଣୀ ସମ୍ପଦ, ମତ୍ସ୍ୟ, ଜଳ ବିଭାଜିକା, ଆଗ୍ରୋ ଇଣ୍ଡଷ୍ଟ୍ରି କର୍ପୋରେସନ, ଇଫକୋ, ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ମିଶନ ଶକ୍ତି, ଆଇପିଏଲ ସୁଗାର ଆଦି ଅଂଶଗ୍ରହଣ କରିଛନ୍ତି। ଘରୋଇ କୃଷି ଯନ୍ତ୍ରପାତି ବିକ୍ରେତାଙ୍କ ପାଇଁ ୫୦ଟି ମଣ୍ଡପ (ଷ୍ଟଲ୍) ଓ ସରକାରୀ ବିଭାଗ ପାଇଁ ୩୮ ଟି ମଣ୍ଡପ (ଷ୍ଟଲ୍) ର ବ୍ୟବସ୍ଥା କରାଯାଇଛି। ଏହି ମଣ୍ଡପରେ ବିଭାଗୀୟ କାର୍ଯ୍ୟକ୍ରମ ଓ ବିଭିନ୍ନ ପ୍ରକାର କୃଷି ଯନ୍ତ୍ରପାତିର ତତ୍କାଳ ବୁକିଂ ଓ ବିକ୍ରୟର ବ୍ୟବସ୍ଥା କରାଯାଇଛି। କୃଷି ମେଳାରେ କୃଷକ ଭାଇଙ୍କୁ ବିଭିନ୍ନ ଆଧୁନିକ କୃଷି କୌଶଳ ସମ୍ବନ୍ଧରେ ଅବଗତ କରିବା ପାଇଁ ତାରିଖ ୧୯ରୁ ୨୧ ତାରିଖ ମଧ୍ୟରେ ୧୨ଟି କୃଷକ ବୈଜ୍ଞାନିକ ଆଲୋଚନାଚକ୍ରର ବ୍ୟବସ୍ଥା କରାଯାଇଛି। ପ୍ରତ୍ୟେକ ଦିନ ଆଲୋଚନାଚକ୍ରରେ ଶହେ ଜଣ କୃଷକ ଅଂଶଗ୍ରହଣ କରିବେ। ୨୦୨୪-୨୫ ଆର୍ଥିକ ବର୍ଷରେ ସର୍ବାଧିକ ରିହାତି ଉପଯୋଗ କରିଥିବା ବ୍ଲକ୍‌କୁ ସମ୍ବର୍ଦ୍ଧିତ କରାଯିବ।



## ଓଡ଼ିଆ ବିଭାଗର ଶୈକ୍ଷିକ ପରିଭ୍ରମଣ



କୁନ୍ଦଳ,୧୮ ।୧୨(ସମିସ): ବାଲିଚନ୍ଦ୍ରପୁରସ୍ଥ ସାହାସପୁର ମହାବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ଏକ ଶୈକ୍ଷିକ ପରିଭ୍ରମଣ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଓଡ଼ିଆ ବିଭାଗର ମୁଖ୍ୟ ଅଧ୍ୟାପିକା ମିନତି ମଞ୍ଜରୀ ନାୟକ, ଅଧ୍ୟାପିକା ଆଦ୍ୟାମୌସୁମୀ ମହାନ୍ତି, ଅଧ୍ୟାପକ ଅଶୋକ ମଲ୍ଲିକ ଓ ଅଧ୍ୟାପକ ଦିପୁନ୍ ପୁହାଣଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀଙ୍କ ପାଇଁ ଏହି ଏକଦିବସୀୟ ଶୈକ୍ଷିକ ପରିଭ୍ରମଣର ଆୟୋଜନ କରାଯାଇଥିଲା। ଏହି ପରିଭ୍ରମଣର ଉଦ୍ଦେଶ୍ୟ ଥିଲା ପ୍ରାଚୀ ସଭ୍ୟତା, ସାହିତ୍ୟ ଓ ସଂସ୍କୃତିର ଅନୁଶୀଳନ। ଓଡ଼ିଶାର ଇତିହାସ ଓ ପୁରାଣ ପ୍ରସିଦ୍ଧ ପ୍ରାଚୀ ନଦୀ ଅବବାହିକାସ୍ଥିତ କବି ଜୟଦେବଙ୍କ ଜନ୍ମପୀଠ ପରିଦର୍ଶନ ସହିତ ଗୀତଗୋବିନ୍ଦର ସାହିତ୍ୟିକ ଓ ସାଂସ୍କୃତିକ ମୂଲ୍ୟବୋଧ ବିଷୟରେ ପିଲାଙ୍କୁ ଅବଗତ କରାଯାଇଥିଲା। ପରେ ନିଆଳିସ୍ଥ ମାଧବ ମନ୍ଦିର ପରିଦର୍ଶନ କରି ଓଡ଼ିଶାରେ ମାଧବ ଉପାସନାର ଇତିହାସ ଓ ବୈଷ୍ଣବ ଧର୍ମର ମହତ୍ତ୍ୱ ତଥା କଳିଙ୍ଗ ଶୈଳୀରେ ନିର୍ମିତ ମନ୍ଦିରର କାରୁକାର୍ଯ୍ୟ ବିଷୟରେ ପିଲାଙ୍କୁ ଅବଗତ କରାଯାଇଥିଲା। ପରେ ପ୍ରାଚୀ ଅବବାହିକା ସ୍ଥିତ ମାଆ ମଙ୍ଗଳା ମନ୍ଦିର ଦର୍ଶନ କରି ଓଡ଼ିଶାରେ ଶାକ୍ତ ପରମ୍ପରା ବିଷୟରେ ପିଲାଙ୍କୁ ଧାରଣା ଦିଆଯାଇଥିଲା। ଏହି ଶୈକ୍ଷିକ ପରିଭ୍ରମଣ ଦ୍ୱାରା ପିଲାଙ୍କ ମଧ୍ୟରେ ସାହିତ୍ୟ, ସଂସ୍କୃତି ଓ ଉତ୍କଳର କଳା କାରିଗରୀ ପ୍ରତି ବିଶେଷ ଧାରଣା ତିଆରି ହୋଇପାରିଥିବ ବୋଲି ବିଭାଗର ଅଧ୍ୟାପକ ଅଧ୍ୟାପିକା ଆଶା ପୋଷଣ କରିଛନ୍ତି।

## ବାଇକ୍ ଦୁର୍ଘଟଣାରେ ୩ ଗୁରୁତର

ସୁକିନ୍ଦା,୧୮ ।୧୨(ସମିସ): ସୁକିନ୍ଦା-ଅଶୋକଝର ରାସ୍ତାର ବିରିଗୋଡା ନାଳ ପାଖ ରାସ୍ତାରେ ଦୁଇ ବାଇକ ଦୁର୍ଘଟଣାରେ ତିନିଜଣ ଗୁରୁତର ହୋଇଛନ୍ତି। କେନ୍ଦୁଝର ଥାନା ଅଞ୍ଚଳର ଭୋଲେଶ୍ୱର୍ ମହାନ୍ତଙ୍କ ପୁଅ ପ୍ରୀତିମୟ ମହାନ୍ତ (୨୫) ପତ୍ନୀ ଓ ଶିଶୁପୁତ୍ରକୁ ନେଇ ବାଇକ ଯୋଗେ ଆମ୍ବପାଳସ୍ଥ ବନ୍ଧୁ ଘରକୁ ଯାଇ ଫେରୁଥିବା ସମୟରେ ବିରିଗୋଡା ନାଳ ପାଖ ବୁଲାଣି ରାସ୍ତାରେ ବିପରୀତ ଦିଗରୁ ବାଇକରେ ଆସୁଥିବା ବନ୍ଧଗାଁ ଲାଲମୋହନ ମହାନ୍ତଙ୍କ ପୁଅ ସୂର୍ଯ୍ୟକାନ୍ତ ମହାନ୍ତ(୧୮)ଙ୍କ ସହ ଧକ୍କା ହୋଇଥିଲା। ପ୍ରୀତିମୟ ଓ ଶିଶୁପୁତ୍ର ଗୋଡ଼ରେ ଗଭୀର ଆଘାତ ଲାଗିଥିବାବେଳେ ସୂର୍ଯ୍ୟକାନ୍ତଙ୍କ ଗୋଡ ଓ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ସମସ୍ତଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ସୁକିନ୍ଦା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପ୍ରୀତିମୟଙ୍କ ଅବସ୍ଥା ଗୁରୁତର ଥିବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ମା' ବିରଜା ମନ୍ଦିରରେ ନିଷେଧ ହେବ ଆମିଷ ଓ ମଦ

ଯାଜପୁର,୧୮ ।୧୨(ସମିସ): ଯାଜପୁର ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ପୀଠର ପବିତ୍ରତା ଓ ସାତ୍ତ୍ୱିକ ପରିବେଶ ବଜାୟ ରଖିବା ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯିବା ସମ୍ବନ୍ଧରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହେବ। ଆସନ୍ତା ୨୩ ତାରିଖ ଅପରାହ୍ନ ୫.୩୦ଟା ସମୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ମା'ଙ୍କ ମନ୍ଦିର ପରିସରରେ ବିଶେଷ କରି ମନ୍ଦିରର ୨ କିମି ବ୍ୟାସାର୍ଦ୍ଧ ଅଞ୍ଚଳ ମଧ୍ୟରେ କୌଣସି ପ୍ରକାର ଆମିଷ ଦ୍ରବ୍ୟ ଓ ମଦ ବିକ୍ରୟକୁ ସମ୍ପୂର୍ଣ୍ଣ ନିଷେଧ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯିବ। ବିଭିନ୍ନ ବୁଦ୍ଧିଜୀବୀ ପରିଷଦ, ସାମାଜିକ ଅନୁଷ୍ଠାନ ଓ ସେବାୟତ ସଂଘ ପକ୍ଷରୁ ଦୀର୍ଘ ବର୍ଷର ଦାବି ମୁତାବକ ମନ୍ଦିରର ୨ କିମି ବ୍ୟାସାର୍ଦ୍ଧ ଅଞ୍ଚଳକୁ ସମ୍ପୂର୍ଣ୍ଣ ଆମିଷ ଓ ମଦ ମୁକ୍ତ ''ସାତ୍ତ୍ୱିକ ଜୋନ' ଘୋଷଣା ଓ ଏଥିସହିତ ଅନ୍ୟାନ୍ୟ ଦାବି ଉପସ୍ଥାପନ କରାଯିବ। ଉକ୍ତ ପରିଧି ମଧ୍ୟରେ ଥିବା ଆମିଷ ବ୍ୟବସାୟୀଙ୍କୁ ସୁବ୍ୟବସ୍ଥିତ ଭାବେ ଆରଏମସି ପରିସର କିମ୍ବା ଅନ୍ୟାନ୍ୟ ନିର୍ଦ୍ଧାରିତ ସ୍ଥାନକୁ ସ୍ଥାନାନ୍ତରିତ କରାଯିବା ଆଦି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ବିସ୍ତୃତ ଭାବେ ଆଲୋଚନା ହେବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।




### ଖରସ୍ରୋତା ପୁସ୍ତକ ମେଳା

# 'ପୁସ୍ତକର ଆବଶ୍ୟକତା ମନୁଷ୍ୟ ଜାତି ପାଇଁ ଅପରିହାର୍ଯ୍ୟ'




ସିଂହପୁର,୧୮ ।୧୨(ସମିସ) : ରାଜ୍ୟସ୍ତରୀୟ ଖରସ୍ରୋତା ପୁସ୍ତକ ମେଳାର ପ୍ରତିଷ୍ଠାତା ସଭାପତି ପଦ୍ମାକର ଗୁରୁଙ୍କ ଅଧ୍ୟକ୍ଷତାରେ ମଲ୍ଲିଆ ଯଜ୍ଞ ପଡିଆରେ ପୁସ୍ତକ ମେଳା ଆୟୋଜିତ ହେଉଛି। ରାଜ୍ୟ ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସୁଲେଖକ ଗୋବିନ୍ଦ ଚନ୍ଦ୍ର ଭୂୟାଁ ଉଦ୍‌ଘାଟକ ରୂପେ ଯୋଗଦେଇ ପୁସ୍ତକ ମେଳା ଓ ପୁସ୍ତକର ଆବଶ୍ୟକତା ମନୁଷ୍ୟ ଜାତି ଲାଗି ଅତ୍ୟନ୍ତ ପରିହାର୍ଯ୍ୟ ବୋଲି କହିଥିଲେ। ମୁଖ୍ୟଅତିଥି ରୂପେ ଖରସ୍ରୋତା ମହାବିଦ୍ୟାଳୟର ଅଧ୍ୟକ୍ଷ ବ୍ରଜକିଶୋର ସାହୁ ଯୋଗଦେଇ ଖରସ୍ରୋତା ପୁସ୍ତକ ମେଳା ଖରସ୍ରୋତା ଅବବାହିକାର ଅସ୍ମିତା, ସ୍ୱାଭିମାନ ଓ ସମ୍ମାନର ପ୍ରତୀକ ବୋଲି ବର୍ଣ୍ଣନା କରିଥିଲେ। ମୁଖ୍ୟବକ୍ତା ଭାବେ ସୁଲେଖକ ଓ ଗବେଷକ ଅନୀଲ କୁମାର ଧିର ଯୋଗଦେଇ ଗ୍ରାମାଞ୍ଚଳରେ ସରକାରୀ ଆର୍ଥିକ ସହଯୋଗରେ ପୁସ୍ତକ ମେଳାକୁ ପ୍ରୋତ୍ସାହନ ଦିଆଗଲେ ପୁସ୍ତକ ମେଳାର ସ୍ଥାୟିତ୍ୱ ଓ ସଫଳତା ଅଧିକ ମିଳିପାରିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବିଞ୍ଝାରପୁର ମଣ୍ଡଳ ଉନ୍ନୟନ ଅଧିକାରୀ ହିତାଂଶୁ ସାମଲ ଯୋଗ ଦେଇଥିଲେ। ତୃତୀୟ ଖରସ୍ରୋତା ପୁସ୍ତକ ମେଳାର ସାରସ୍ୱତ ସମ୍ମାନରେ ଆଳି ଇତିହାସର ଲେଖକ ଗୋଲକ ବିହାରୀ ସିଂହଙ୍କୁ ମେଳା କମିଟି ପକ୍ଷ୍ୟରୁ ଉତ୍ତରୀୟ, ପୁଷ୍ପଗୁଚ୍ଛ, ବହି ଓ ଟ୍ରଫି ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଉପଦେଷ୍ଟା ସୁଧୀର ଆଚାର୍ଯ୍ୟ ମନ୍ତ୍ର ପାଠ କରିଥିଲେ। ଉପଦେଷ୍ଟା ବ୍ରହ୍ମାନନ୍ଦ ମଲ୍ଲିକ ମାନପତ୍ର ପଠନ କରିଥିବାବେଳେ ଉପଦେଷ୍ଟା ନିରଞ୍ଜନ ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ରୂପେ କାର୍ଯ୍ୟକାରୀ ସଭାପତି ସୁବାସ ପ୍ରଧାନ, ଉପଦେଷ୍ଟା ଭରତ ନାୟକ ପୁସ୍ତକ ମେଳା ପ୍ରତି ସମସ୍ତଙ୍କର ନିରନ୍ତର ସହଯୋଗ ଓ ଶ୍ରଦ୍ଧା ନିୟମିତ ରଖିବାକୁ ସମସ୍ତଙ୍କୁ ନିବେଦନ କରିଥିଲେ। ପ୍ରାଧ୍ୟାପକ ଅଜୟ ଓଝା ଧନ୍ୟବାଦ୍ ଦେଇଥିଲେ। କାର୍ଯ୍ୟକ୍ରମକୁ ଉପଦେଷ୍ଟା ରବିନାରାୟଣ ସାମଲ, ନାରାୟଣ ଦାସ, ଶରତ ସାହୁ, ଅମ୍ବିକା ସାମଲ, ବିଷ୍ଣୁଚରଣ ସାହାଣୀ, ଅରୁଣ ସାମଲ, ଶରତ ନାୟକ, ପ୍ରତାପ ବେହେରା, ଭାରତ ଭୂଷଣ ମଲ୍ଲିକ, ପୂର୍ଣ୍ଣଚନ୍ଦ୍ର ଦାଶ, ରମାକାନ୍ତ ନାୟକ, ରବିନ୍ଦ୍ର ଦାଶ, ପ୍ରତିଜ୍ଞା ସାହୁ ପରିଚାଳନା କରିଥିବା ସଭାପତି ଶ୍ରୀ ଗୁରୁ ଜଣାଇଛନ୍ତି।

## ଭଦ୍ରକ ଜିଲ୍ଲା ନୂତନ ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ଅଭାବ

# ମଞ୍ଜୁରୀ ପ୍ରାପ୍ତ ପଦ ସଂଖ୍ୟା ୧୭୧; ଅଛନ୍ତି ୪୨

ଭଦ୍ରକ,୧୮ ।୧୨(ସମିସ)

ଭଦ୍ରକ ଜିଲ୍ଲାର ସ୍ୱାସ୍ଥ୍ୟସେବା ଦିନକୁ ଦିନ ବିଗିଡ଼ିବାରେ ଲାଗିଛି । ଜିଲ୍ଲାର ଲୋକ ସଂଖ୍ୟା ୨୦ ଲକ୍ଷରୁ ଅଧିକ ହୋଇଥିବା ବେଳେ ଏମାନଙ୍କର ସ୍ୱାସ୍ଥ୍ୟ ସେବା ପାଇଁ ଏକମାତ୍ର ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ଅଭାବ ସମସ୍ୟା କିନ୍ତୁ ସରକାର ଦୂର କରୁନାହାନ୍ତି । ଫଳରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଟି ଏବେ କେବଳ ''ରେଫରାଲ' ଡାକ୍ତରଖାନା ଭାବେ ଖ୍ୟାତି ଲାଭ କରିବାକୁ ଯାଉଛି । ପୂର୍ବ ସରକାର ଅମଳରେ ପ୍ରାୟ ୧୪୬କୋଟି ଟଙ୍କା ବ୍ୟୟରେ ୩ଶହ ଶଯ୍ୟା ବିଶିଷ୍ଟ ନୂତନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଗେଲପୁର ଠାରେ ନିର୍ମିତ ହେଲା । ଗତ ୪ ମାସ ହେବ ଡାକ୍ତରଖାନା କାର୍ଯ୍ୟକ୍ଷମ ହେଲାଣି । ତେବେ ଅତ୍ୟାଧୁନିକ ଭିତ୍ତିଭୂମି ସତ୍ତ୍ୱେ ଲୋକେ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି । ବିଶେଷକରି ଡାକ୍ତର ଅଭାବ ଯୋଗୁଁ ଲୋକେ ସେବା ପାଇପାରୁନାହାନ୍ତି ।

ସୂଚନାନୁଯାୟୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ(ଡିଏଚ୍ଏଚ୍)ରେ ୧୭୧ଟି ମଞ୍ଜୁରପ୍ରାପ୍ତ ଡାକ୍ତର ପଦବୀ ରହିଛି । ହେଲେ ଅଛନ୍ତି ମାତ୍ର ୪୨ ଜଣ । ସେହିଭଳି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ମୁଖ୍ୟ ଜିଲ୍ଲା ସ୍ୱାସ୍ଥ୍ୟାଧିକାରୀ(ସିଡିଏମ ଏଣ୍ଡ ପିଏଚ୍ଓ) ପଦବୀଟି ୩ ମାସ ହେବ ଖାଲି ରହିଛି । କେବଳ ସେତିକି ନୁହେଁ ଜିଲ୍ଲାରେ ଆରମ୍ଭରୁ ମଞ୍ଜୁର ହୋଇଥିବା ଜଣେ ମାନସିକ ରୋଗ ବିଶେଷଜ୍ଞ ଡାକ୍ତର ପଦବୀ ଖାଲି ପଡ଼ିଛି । ଫଳରେ ମାନସିକ ରୋଗୀଙ୍କ ଚିକିତ୍ସା ଓ ସେମାନଙ୍କ ଭିନ୍ନକ୍ଷମ ପ୍ରମାଣପତ୍ର ଆଦି କାର୍ଯ୍ୟ ଲାଗି ଅକଥନୀୟ ଦୁର୍ଦ୍ଦଶାରେ ସମ୍ମୁଖୀନ ହେଉଛନ୍ତି ରୋଗୀଙ୍କ ସମ୍ପର୍କୀୟ । ତେବେ ଦୀର୍ଘ ୩ବର୍ଷ ହେବ ଅନଅଥରାଇଜଡ୍ ଲିଭ୍‌ରେ ରହିଥିବା ଚର୍ମରୋଗ ବିଶେଷଜ୍ଞ ପଦବୀ ଖାଲି ରହିଥିଲା । ତେବେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଗତ ୧୬.୧୨.୨୫ତାରିଖ, ଚିଠି ନମ୍ବର-୩୭୦୨୦୧ରେ ରାଜ୍ୟରେ ଖାଲିଥିବା ଡାକ୍ତର ଅଭାବକୁ ଲକ୍ଷ୍ୟ କରି ୧୮୫ଜଣ ନୂତନ ଡାକ୍ତର ଓ ବିଶେଷଜ୍ଞ ଡାକ୍ତରଙ୍କୁ ନିଯୁକ୍ତି କରିଛନ୍ତି ସରକାର । ତେବେ ଦୁର୍ଭାଗ୍ୟର କଥା, ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପ୍ରାୟ ୭୦ଭାଗ ଡାକ୍ତର ପଦବୀ ଖାଲି ଥିବା ବେଳେ ମାତ୍ର ୪ଜଣ ଡାକ୍ତରଙ୍କୁ ନିଯୁକ୍ତି କରିଛନ୍ତି । ଅବଶ୍ୟ ଏହି ନିଯୁକ୍ତିରେ ଜଣେ ଚର୍ମ ବିଶେଷଜ୍ଞ ଡାକ୍ତର କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ନିଯୁକ୍ତି ପାଇଥିବା ୪ଜଣ ହେଲେ-ଡାକ୍ତର ପ୍ରିୟବ୍ରତ ସାରମନ୍ତରାୟ(ଚର୍ମ), ଡାକ୍ତର ରାକେଶରୋଶନ ବେହେରା(ଶଲ୍ୟ), ଡାକ୍ତର ସୌମ୍ୟରଞ୍ଜନ ପଣ୍ଡା(ଚକ୍ଷୁ) ଓ ଡାକ୍ତର ଆଶୀଷ କୁମାର ଦାସ(ମାଇକ୍ରୋବାୟୋଲୋଜିଷ୍ଟ) । ତେବେ ୧୭୧ଡାକ୍ତର ଅଭାବ ସମସ୍ୟାକୁ ମାତ୍ର ୪ଜଣ ଡାକ୍ତରଙ୍କୁ ନିଯୁକ୍ତି ମିଳିବା ସମୁଦ୍ରକୁ ଶଙ୍ଖେ ବୋଲି ବୁଦ୍ଧିଜୀବୀ ମହଲ ପ୍ରତିକ୍ରିୟା ରଖି ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ଅଭାବ ସମସ୍ୟାର ସୁଯୋଗ ନେଇ ଏଠାକାର ଘରୋଇ କ୍ଲିନିକ୍ ଓ କେତେକ ନର୍ସିଂହୋମ ରୋଗୀଙ୍କୁ ଶୋଷଣ କରିବା ବଢାଇଥିବା ଅଭିଯୋଗ ହୋଇଛି । ଗୋଟିଏ ପଟେ ସିଂହଭାଗ ସରକାରୀ ଡାକ୍ତର ପଦବୀ ଖାଲି ପଡିଥିବା ବେଳେ ସରକାର ମାତ୍ର ୪ଜଣ ଡାକ୍ତରଙ୍କୁ ନିଯୁକ୍ତି ଦେବା ଜିଲ୍ଲାବାସୀଙ୍କ ସ୍ୱାସ୍ଥ୍ୟ ସେବା ପ୍ରତି ସରକାରଙ୍କ ଉପହାସ ବୋଲି ଅଭିଯୋଗ ହୋଇଛି ।

### ନିଯୁକ୍ତ ହେଲେ ୧୮୫ ନୂଆ ଡାକ୍ତର; ଜିଲ୍ଲାକୁ ମିଳିଲା ୪



## ୨ ନାବାଳିକା ଛାତ୍ରୀ ଉଦ୍ଧାର

ଦୋବଲ,୧୮ ।୧୨(ସମିସ): ଧାମନଗର ଥାନା ଅଧୀନ ୭ ନମ୍ବର ତାଳପଦା ଅଞ୍ଚଳର କାଉନସିଲର୍ ସ୍ୱାଧୀନ ସମ୍ବିଦ ଦାଶ ୨ଜଣ ନାବାଳିକା ଛାତ୍ରୀଙ୍କୁ ଉଦ୍ଧାର କରିଛନ୍ତି । ଉଦ୍ଧାର ଛାତ୍ରୀ ଦୁଇଜଣ ହେଲେ ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ ଇଜାପୁର ଅଞ୍ଚଳର । ଉଭୟ ଛାତ୍ରୀ ଦଶମ ଶ୍ରେଣୀରେ ପଢୁଥିବାବେଳେ ଟ୍ୟୁସନ ପଢ଼ିବା ପାଇଁ ଷେଣ୍ଢପୁର ଅଞ୍ଚଳର ଜଣେ ପରିଚିତଙ୍କ ଘରକୁ ଆସିଥିଲେ । ଛୁଟି ପରେ ବହି ଦୋକାନରୁ ଖାତା କିଣିବାକୁ ଯାଇଥିବା ସମୟରେ କିଛି ଯୁବକ ଏକ ୪ ଚକିଆ ଯାନରେ ଆସି ଭୟଭୀତ କରି ଗାଡ଼ିରେ ବସାଇବାକୁ ଚେଷ୍ଟା କରିଥିଲେ । ଏଥିରେ ଡରିଯାଇ ଉଭୟ ଛାତ୍ରୀ ଲକ୍ଷ୍ମୀ ବସରେ ବସି ଧାମନଗରକୁ ପଳାଇଥିଲେ । ସେଠାରୁ ରାତି ହୋଇଯିବାରୁ ବାଟ ନପାଇ ଚାଲି ଚାଲି ଧାମନଗର କୋଠାର ରାସ୍ତାରେ ଯାଉଥିବା ସମୟରେ ତାଳପଦା ଠାରେ ଜଣେ ଛାତ୍ରୀ ଅସୁସ୍ଥ ହୋଇ ତଳେ ପଡ଼ିଯାଇଥିଲେ । ଏହି ସମୟରେ କାଉନସିଲର ସ୍ୱାଧୀନ ସମ୍ବିଦ ଦାଶ ପହଞ୍ଚି ଉଭୟଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ । ସୁସ୍ଥ ହେବା ପରେ ଛାତ୍ରୀଙ୍କ ପରିବାରର ଫୋନ ନମ୍ବର ନେଇ ଯୋଗାଯୋଗ କରିଥିଲେ । ପରିବାର ଲୋକେ ଆସି ପହଞ୍ଚିବା ପରେ ଉଭୟ ଛାତ୍ରୀଙ୍କୁ ସୁରକ୍ଷିତ ଭାବେ ହସ୍ତାନ୍ତର କରାଯାଇଥିଲା । ଏହି ଘଟଣା ପ୍ରଘଟ ହେବା ପରେ ସେଠାରେ ଲୋକଙ୍କ ଭିଡ଼ ଜମିଥିଲା ।

## ଯାତ୍ରୀ ସୂଚନା ଫଳକ ପ୍ରତିଷ୍ଠା ଦାବି

ବାରିକପୁର,୧୮ ।୧୨(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ପାଳଦା ବାଙ୍କଠାରେ ଏକ ଯାତ୍ରୀ ସୂଚନା ଫଳକ ପ୍ରତିଷ୍ଠା କରିବାକୁ ଦାବି ହୋଇଛି । ଜାତୀୟ ରାଜପଥ ସଂଲଗ୍ନ ପାଳଦା ବାଙ୍କଠାରୁ ପଡ଼ୋଶୀ ଯାଜପୁର ସହର ବିରଜା କ୍ଷେତ୍ରକୁ ପୂର୍ତ୍ତ ରାସ୍ତା ସଂଯୋଗ ହୋଇଛି । ବିଭିନ୍ନ ସ୍ଥାନକୁ ଯିବାକୁ ପଥର ଦୂରତା ହ୍ରାସ ଓ ସମୟ ବଂଚେଇବା ସକାଶେ ପ୍ରାୟ ୧୩ କିମି ବିଶିଷ୍ଟ ଏହି ରାସ୍ତା ଦେଇ ଦୈନିକ ହଜାର ହଜାର ଜନସାଧାରଣ ବିଭିନ୍ନ ଯାନବାହାନ ରେ ଯାତାୟାତ କରିଥାନ୍ତି । ଯାଜପୁର ସମେତ କଟକ ଓ ଭୁବନେଶ୍ୱର ପଟୁ ଆସୁଥିବା ଲୋକମାନେ ଏହି ରାସ୍ତା ଅତିକ୍ରମ କରି ଜାତୀୟ ରାଜପଥ ଦେଇ ଭଦ୍ରକ, ବାଲେଶ୍ୱର ଓ କଲିକତା ଅଭିମୁଖେ ଯାତ୍ରା କରିଥାନ୍ତି । ସେହିପରି ଅପରପାର୍ଶ୍ୱର ଅଧିକାଂଶ ଯାନବାହାନ ମଧ୍ୟ ଏହି ରାସ୍ତାରେ ଯାଜପୁର ଓ ଭୁବନେଶ୍ୱର ଅଭିମୁଖେ ଯାଇଥାଏ । ବିଶେଷ କରି ଯେଉଁ ଲୋକମାନେ ବାଲେଶ୍ୱର ଓ କଲିକତା ପଟୁ ଆସୁଛନ୍ତି ସେମାନେ ପୂର୍ତ୍ତ ରାସ୍ତାରେ ବିରଜା କ୍ଷେତ୍ରକୁ ଯିବା ପାଇଁ ହଠାତ ମାର୍ଗ ଚୟନ କରିପାରୁ ନାହାନ୍ତି । ପାଳଦା ବାଙ୍କ ଠାରୁ ଯାଜପୁରକୁ ରାସ୍ତା ରହିଥିଲେ ମଧ୍ୟ ସୂଚନା ଫଳକ ବିନା ଦୂରଦୁରାନ୍ତ ଲୋକ ମାନେ ଗନ୍ତବ୍ୟ ସ୍ଥଳକୁ ଯିବା ପାଇଁ ବାଟ ଜାଣି ପାରୁ ନାହାଁନ୍ତି । ଫଳରେ ସ୍ଥାନୀୟ ଲୋକଙ୍କ ଠାରୁ ପଚାରି ବୁଝି ଯାଉଛନ୍ତି । ଦିନବେଳେ ଯେକୌଣସି ପ୍ରକାରେ ଅଜଣା ଯାତ୍ରୀମାନେ ଯାତାୟାତ କରୁଥିବା ବେଳେ ରାତିରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତେଣୁ ଲୋକମାନଙ୍କ ସୁବିଧା ଦୃଷ୍ଟିରୁ ପ୍ରଶାସନ ପକ୍ଷରୁ ପାଳଦା ବାଙ୍କ ଠାରେ ବିରଜା କ୍ଷେତ୍ରକୁ ରାସ୍ତା ସୂଚିତ କରି ଏକ ନାମଫଳକ ପ୍ରତିଷ୍ଠା କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି ।

## ବି-ଟେକ୍ ଛାତ୍ରୀ ଅଙ୍କିତାଙ୍କ ସଫଳତା



ଭଦ୍ରକ,୧୮ ।୧୨(ସମିସ): ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ ଚଳିତ ଶିକ୍ଷାବର୍ଷ ୨୦୨୫-୨୬ରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ ହୋଇଯାଇଛି । ଏହି ପ୍ରତିଯୋଗିତାରେ ବିଶ୍ୱ ବିଦ୍ୟାଳୟ ଅଧୀନରେ ଓଡ଼ିଶାର ସମସ୍ତ ବୈଷୟିକ ଶିକ୍ଷାନୁଷ୍ଠାନ ଅଂଶଗ୍ରହଣ କରିଥିଲେ ଓ ଓଡ଼ିଶାର ବିଭିନ୍ନ ପ୍ରାନ୍ତରରେ ଜୋନ୍ ଅନୁସାରେ ବିଭିନ୍ନ ସ୍ଥାନରେ ପ୍ରତିଯୋଗିତା କରାଯାଇଥିଲା । ବରପଦା ଇଞ୍ଜିନିୟରିଂ କଲେଜ ଭଦ୍ରକ, ବାଲେଶ୍ୱର ଜୋନରେ ବ୍ୟାଡମିଣ୍ଟନ ସିଙ୍ଗଲରେ (ବିଟେକ) ତୃତୀୟ ବର୍ଷ ଛାତ୍ରୀ ଅଙ୍କିତା ଦାସଙ୍କୁ ଆଇଟି ଜୋନ୍ ବିଜେତା ଭାବେ ଘୋଷିତ ହୋଇଛନ୍ତି । ବରପଦା ଇଞ୍ଜିନିୟରିଂ କଲେଜର ଖେଳ ଶିକ୍ଷକ ଏସ୍.କେ. ନାସିର ଅଲ୍ଲୀଙ୍କ ତତ୍ତ୍ୱାବଧାନରେ କଲେଜର କ୍ରୀଡ଼ାବିତ୍‌ମାନେ ବିଭିନ୍ନ ଖେଳରେ ଅଂଶ ଗ୍ରହଣ କରୁଛନ୍ତି । ଅଙ୍କିତା ଦାସଙ୍କ ସଫଳତା ପାଇଁ କଲେଜର ସଭାପତି ପ୍ରୟାସକାନ୍ତ ସାମଲ, ସମ୍ପାଦକ ମିହିର ମହାନ୍ତି, ଆଇଟି ଅଧ୍ୟକ୍ଷ ଡ଼. ଦିଲ୍ଲୀପ କୁମାର ସାହୁ ଏବଂ ବିଏମଇଟିର ଅଧ୍ୟକ୍ଷ ଗଙ୍ଗାଧର ଧଳ ଶୁଭେଚ୍ଛା ଜଣାଇବା ସଙ୍ଗେ ସଙ୍ଗେ ତା'ର ଭବିଷ୍ୟତ ଉଜ୍ଜଳ ପାଇଁ କାମନା କରିଛନ୍ତି ।

### ● ଆଖଣ୍ଡଳମଣି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ

## 'ସମଗ୍ର ମାନବୀୟ ବିକାଶରେ କ୍ରୀଡା ସଂଯୋଗ ସେତୁ'




ଅସୁରାଳି,୧୮ ।୧୨(ସମିସ): ସମଗ୍ର ମାନବୀୟ ତଥା ବ୍ୟକ୍ତିତ୍ୱର ବିକାଶ, ଶିକ୍ଷାର ମୁଖ୍ୟ ଉଦ୍ଦେଶ୍ୟ ଏବଂ କ୍ରୀଡ଼ା ଉକ୍ତ ଉଦ୍ଦେଶ୍ୟର ସଂଯୋଗ ସେତୁ ଭଳି କାମ କରିଥାଏ । ଶାରୀରିକ ବିକାଶରେ କ୍ରୀଡ଼ା ମୁଖ୍ୟ ଭୂମିକା ଗ୍ରହଣ କରେ ଏବଂ ଉତ୍ତମ କ୍ରୀଡ଼ା ନୈପୁଣ୍ୟତା ଗୋଟିଏ ଜାତିର ପରିଚୟ ସୃଷ୍ଟି କରିଥାଏ ବୋଲି ପାଳସାହି ସ୍ଥିତ ଆଖଣ୍ଡଳମଣି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ - ୨୦୨୫ ଉଦ୍‌ଘାଟନ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ଅଧ୍ୟକ୍ଷ ନିହାର ରଞ୍ଜନ କରଙ୍କ ଅଧ୍ୟକ୍ଷତା ତଥା ଅଧ୍ୟାପକ ନିକୁଞ୍ଜ କିଶୋର ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ବାର୍ଷିକ କ୍ରୀଡା ଉତ୍ସବକୁ ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ଉଦଘାଟନ କରିଥିଲେ । ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧୀରଞ୍ଜନ ନାୟକ ମୁଖ୍ୟ ଅତିଥି, ଶିକ୍ଷାବିତ୍ ଗୟାଧର ପଣ୍ଡା ମୁଖ୍ୟ ବକ୍ତା, ବାବାମଣି ମହାବିଦ୍ୟାଳୟ ଅଧ୍ୟକ୍ଷ ସନ୍ତୋଷ କୁମାର ସାହୁ, ପୂର୍ବତନ ଅଧ୍ୟକ୍ଷ ମାଧବ ଚନ୍ଦ୍ର ଜେନା, କବି ତଥା ସଂଗଠକ ନାରାୟଣ ଚନ୍ଦ୍ର ପାଢ଼ୀ, ପୂର୍ବତନ ସରପଂଚ ସୁଶାନ୍ତ କୁମାର ନାୟକ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ଅଧ୍ୟାପିକା ଇପ୍ସିତା ବେହେରା ଅତିଥିମାନଙ୍କୁ ମଂଚ ନିମନ୍ତ୍ରଣ କରିଥିଲା ବେଳେ ଅଧ୍ୟାପକ ଲକ୍ଷ୍ମୀଧର ଦାଶ ଅତିଥି ପରିଚୟ, କ୍ରୀଡା ଶିକ୍ଷକ ଅନିଲ କୁମାର ରାଉତ ସ୍ୱାଗତ ଭାଷଣ, ଅଧ୍ୟାପକ ସୂର୍ଯ୍ୟକାନ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ଓ ମନମୋହନ ତ୍ରିପାଠୀ ବେଦ ପାଠ କରିଥିଲେ । ଅଧ୍ୟାପିକା ଗାୟତ୍ରୀ ମହାନ୍ତି, ଅଧ୍ୟାପକ ସୋମନାଥ ମଲିକ, ଅଧ୍ୟାପକ ପ୍ରିୟଦୀପ ପରିଡ଼ା, ଅଧ୍ୟାପକ ଲୋକନାଥ ସିଂ, ଅଧ୍ୟାପିକା ପୟସ୍ୱତୀ ରାଉତ, ଅଧ୍ୟାପିକା କଳ୍ପନା ମଞ୍ଜରୀ ଜେନା, ଅଧ୍ୟାପିକା ଆଶାଲତା ବିଶ୍ୱାଳ, ଅଧ୍ୟାପିକା ଅଲିଭା ପ୍ରିୟଦର୍ଶିନୀ ଖିଲାର ପ୍ରମୁଖ କ୍ରୀଡା ଉତ୍ସବ ପରିଚାଳନା କରିଥିଲେ ।

## ତୁଳସୀ ପୂଜନ ଉତ୍ସବ



ବାରିକପୁର,୧୮ ।୧୨(ସମିସ): ଭାରତୀୟ ଧର୍ମ ସଂସ୍କୃତିକୁ ଉଜ୍ଜୀବିତ ରଖିବା ସମସ୍ତଙ୍କ ପାଇଁ ପ୍ରଧାନ କର୍ତ୍ତବ୍ୟ । ତେଣୁ ଡିସେମ୍ବର ୨୫ ତାରିଖ ସମସ୍ତେ ତୁଳସୀ ପୂଜନ ଉତ୍ସବ ପାଳନ କରିବା ଉଚିତ ବୋଲି ମତପ୍ରକାଶ ପାଇଛି । ଏହି ଉପଲକ୍ଷେ ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ସ୍ଥାନରେ ପ୍ରତୀକାତ୍ମକ ଭାବେ ତୁଳସୀ ପୂଜନ ଉତ୍ସବ ଆରମ୍ଭ ହୋଇଛି । ବ୍ଲକର ମଞ୍ଜୁରୀ ରୋଡ ହେଲ୍ପ ଲାଇନ କମ୍ପ୍ୟୁଟର ସେଂଟର ଠାରେ ଛାତ୍ର ଛାତ୍ରୀଙ୍କ ଦ୍ୱାରା ଆଜି ତୁଳସୀ ମାତାଙ୍କୁ ପୂଜାର୍ଚ୍ଚନା କରାଯାଇଛି । ଏଥିରେ ଶ୍ରୀ ଯୋଗ ବେଦାନ୍ତ ସେବା ସମିତି ସଦସ୍ୟ ମନୋଜ କୁମାର ସାହୁ ଉପସ୍ଥିତ ରହି ତୁଳସୀ ମହିମା ସମ୍ପର୍କରେ ବିଭିନ୍ନ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ଡିସେମ୍ବର ୨୫ ଦିନ ସମସ୍ତେ ତୁଳସୀ ପୂଜନ କରିବାକୁ ଆହ୍ୱାନ ଦେଇଛନ୍ତି । ପ୍ରଭାତି ସାହୁଙ୍କ ତତ୍ତ୍ୱାବଧାନରେ ବିଦ୍ୟାର୍ଥୀ ମାନେ ବୃନ୍ଦାବତୀଙ୍କୁ ବୈଦିକ ରୀତି ନୀତି ଅନୁଯାୟୀ ପୂଜନ କରିଥିଲେ । ଆଗାମୀ ଦିନରେ ବିଭିନ୍ନ ବିଦ୍ୟାଳୟ ଓ ଗ୍ରାମମାନଙ୍କରେ ଏହି ଉତ୍ସବ ଆୟୋଜିତ ହେବ ବୋଲି ଜଣା ଯାଇଛି ।

## କଂଗ୍ରେସର ବନ୍ଧୁମିଳନରେ ସରକାରକୁ ଟାର୍ଗେଟ

ବନ୍ତ/ଆଗରପଡ଼ା,୧୮ ।୧୨(ସମିସ): ଆଗରପଡ଼ା ୧୪ନମ୍ବର ଜିଲ୍ଲାପରିଷଦ ଜୋନ ସ୍ତରୀୟ ଯୁବ କଂଗ୍ରେସ ପକ୍ଷରୁ ସ୍ଥାନୀୟ ହେମପଦ୍ମ ଗାଲାକ୍ସି ଠାରେ ଏକ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ନେତା ନବଜ୍ୟୋତି ପଟ୍ଟନାୟକ ପୂର୍ବ ବିଜେଡି ଓ ବର୍ତ୍ତମାନର ବିଜେପି ସରକାରକୁ ଜନବିରୋଧୀ ସରକାର କହିବା ସହିତ ଆଗାମୀ ପଞ୍ଚାୟତ ନିର୍ବାଚନରେ ଏବେଠୁ ସଜାଗ ହେବାକୁ ଦଳୀୟ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ । ପିସିସି ସାଧାରଣ ସମ୍ପାଦକ ମନୋଜ ବିଶ୍ୱାଳ, ଅଭିଜିତ ଜେନା,ଭଣ୍ଡାରିପୋଖରୀ ବ୍ଲକ ଯୁବ ସଭାପତି ସେକ୍ ସିଦ୍ଦିକ୍,ବନ୍ତ ବ୍ଲକ ଯୁବ ସଭାପତି ସନ୍ଦୀପ ଜେନା,ବ୍ଲକ ସଭାପତି ରାଜକିଶୋର ସ୍ୱାଇଁ, ସରପଞ୍ଚ ସବିତା ନାୟକ, କାର୍ତ୍ତିକ ଜେନା, ରବିନାରାୟଣ ମହାନ୍ତି, ଦିଲୀପ ପୁହାଣ, ଅକ୍ଷୟ ରାଉତ,ଯୁବନେତା ମହେଶ୍ୱର ଦାଶ, ସତ୍ୟବାନ ଦାସ, ପ୍ରଦୀପ୍ତ ନାୟକ, ଚିନ୍ମୟ ସିଂହ, ନୃସିଂହ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଅନ୍ୟ ଦଳ ଛାଡ଼ି କଂଗ୍ରେସରେ କିଛି ବ୍ୟକ୍ତି ଯୋଗ ଦେଇଥିଲେ ।

## ଚାଷୀଙ୍କୁ ବିପଦ ଚକବନ୍ଧୀ ଛକ



ବାରିକପୁର, ୧୮ ।୧୨(ସମିସ): ଜାତୀୟ ରାଜପଥରେ ତ୍ରୁଟିପୂର୍ଣ୍ଣ ନିର୍ମାଣ ଶୈଳୀ ଯୋଗୁଁ ଅନେକ ସ୍ଥାନ ବିପଦସଙ୍କୁଳ ଭାବେ ପରିଗଣିତ ହୋଇଛି । ତନ୍ମଧ୍ୟରୁ ଭଣ୍ଡାରିପୋଖରୀ ପାଳଦାବାଙ୍କ ନିକଟସ୍ଥ ଚକବନ୍ଧୀ ଛକ ଅନ୍ୟତମ । ଏଠାରେ ଅନେକ ସମୟରେ ଦୁର୍ଘଟଣା ଘଟି ଜୀବନ ହାନି ହେଉଥିବା ବେଳେ ଅନେକ ଆହତ ମଧ୍ୟ ହେଉଛନ୍ତି । ବିଶେଷ କରି ସ୍ଥାନୀୟ ବାସିନ୍ଦା ଓ କୃଷକମାନେ ଦୈନିକ ଏହି ଛକରେ ଅତିକ୍ରମ କରିବା ପାଇଁ ସୁରକ୍ଷିତ ମଣୁନାହାନ୍ତି । ଜାତୀୟ ରାଜପଥର ନବିକରଣ କାର୍ଯ୍ୟ ପରେ ଅଦ୍ୟାବଧି ଚକବନ୍ଧୀ ଛକ ଠାରୁ ପାଳଦା ବାଙ୍କ ଯାଏଁ ବାମ ପାର୍ଶ୍ୱ ବାଇପାସ୍ ରାସ୍ତା ନିର୍ମାଣ ହୋଇନାହିଁ । ତେଣୁ ବାଇକ ଓ ସାଇକେଲ ଆରୋହୀ ଛକ ଠାରେ ସୃଷ୍ଟି କରାଯାଇଥିବା ଅସ୍ଥାୟୀ ଡାଇଭର୍ସନରେ ରାସ୍ତା ଅତିକ୍ରମ କରୁଥିବା ଦେଖିବାକୁ ମିଳିଛି । ଏଥିପାଇଁ ଅନେକ ସମୟରେ ଦୁର୍ଘଟଣା ମାନ ଘଟୁଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ନିକଟସ୍ଥ ଗ୍ରାମର ଚାଷୀ ମାନେ ବିଲବାଡ଼ିକୁ ଯାତାୟାତ ପାଇଁ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏପରିକି ଅନେକ ସମୟରେ ଗାଁର ଗାଈଗୋରୁ ଏଠାରେ ଦୁର୍ଘଟଣାର ଶିକାର ହେଉଛନ୍ତି । ସଂପ୍ରତି ଧାନ ଅମଳ ସମୟରେ ଯେଉଁ ଚାଷୀ ଭାଇମାନେ ଶସ୍ୟ ଭାର ନେଇ ଖଳାବାଡିକୁ ଆସୁଛନ୍ତି ସେମାନେ ରାଜପଥ ଅତିକ୍ରମ କରିବାକୁ ଅନେକ ସମୟ ଧରି ଅପେକ୍ଷା କରୁଛନ୍ତି । ଗୋଟିଏ ରାସ୍ତା ପାରି ହୋଇ ଯିବା ପରେ ମଧ୍ୟ ଅନ୍ୟ ଏକ ରାସ୍ତାକୁ ଅତିକ୍ରମ କରିବାକୁ କାନ୍ଧରେ ଶସ୍ୟ ଭାର ଧରି ବୋହୁ ସମୟ ଯାଏଁ ଠିଆ ହୋଇ ରହୁଛନ୍ତି ଚାଷୀ । ମୋଟରସାଇକେଲ ଓ ସାଇକେଲ ଚାଳକଙ୍କ କ୍ଷେତ୍ରରେ ମଧ୍ୟ ସମାନ ଅବସ୍ଥା ଦେଖା ଯାଇଛି । ଦୁର୍ଘଟଣା ରୁ ବର୍ତ୍ତିବାକୁ ଲୋକେ କଷ୍ଟ ପାଉଥିବା ବେଳେ ଟିକିଏ ଅସାବଧାନ ହେଲେ ଜୀବନ ଚାଲି ଯିବାର ଭୟ ରହୁଛି । ଦୀର୍ଘ ବର୍ଷ ଧରି ଏହି ଭଳି ଭାବେ ଚକବନ୍ଧୀ ଛକରେ ଯାତାୟାତ ବ୍ୟବସ୍ଥା ରହିଥିବା ବେଳେ ଜାତୀୟ ରାଜପଥ ପ୍ରାଧିକରଣ ସଂସ୍ଥା ଏହା ଉପରେ ଦୃଷ୍ଟି ନଦେବା ପରିତାପର ବିଷୟ ପାଲଟିଛି ।

## ବର୍ଦ୍ଧିତ ଭତ୍ତାକୁ ଚାହିଁ ବସିଛନ୍ତି ବୃଦ୍ଧା ରଙ୍ଗଲତା



ଦୋଳସାହି,୧୮ ।୧୨(ସମିସ): ସରକାର ଅସହାୟ, ବିଧବା ଓ ଭିନ୍ନକ୍ଷମଙ୍କ ସେବା କରୁଥିବା ନେଇ ଡିଣ୍ଡିମ ପିଟୁଥିବାବେଳେ ବହୁ ଭତ୍ତା ଆବେଦନ କରଥିବା ହିତାଧିକାରୀ ଅଧିକ ରାଜନୈତିକ ଆକ୍ରୋଶର ଶିକାର ହେଉଥିବା ଜଣାପଡ଼ିଛି । ଏଥିସହ ସରକାରୀ ସହାୟତାରୁ ବଞ୍ଚିତ ହେଉଥିବାବେଳେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ସୂଚନା ମୁତାବକ ତିହିଡ଼ି ବ୍ଲକ୍‌ର ୩୧ ପଞ୍ଚାୟତରେ ୭୨୦୦ ରୁ ଅଧିକ ୬୦ ବର୍ଷରୁ ଅଧିକ ବୟସର ବ୍ୟକ୍ତି ଭତ୍ତା ପାଇଁ ଅନ୍‌ଲାଇନ୍‌ରେ ଆବେଦନ କରିଛନ୍ତି । ୩ ଶହରୁ ଅଧିକ ବିଧବା ଏକ ବର୍ଷ ପୂର୍ବରୁ ଅନଲାଇନ୍ ଆବେଦନ କରି ଭତ୍ତା ପାଇଁ ଚାହିଁ ବସିଥିବା ଜଣାଯାଇଛି । ଅନ୍ୟପକ୍ଷରେ ୪ ଶହ ଜଣ ବିଧବା ଭତ୍ତା ଗତ ଅକ୍ଟୋବର ମାସରେ ପ୍ରଶାସନ ପକ୍ଷରୁ ପ୍ରଦାନ କରାଯାଇଥିବା ଜଣାଯାଇଛି । ସେହିପରି ଏହି ବ୍ଲକ୍‌ର ୩୧ ପଞ୍ଚାୟତରେ ହଜାରରୁ ଅଧିକ ବର୍ଦ୍ଧିତ ଭତ୍ତା ପାଇବାକୁ ଅନାଇ ବସିଥିବା ବେଳେ ଗୁଆମାଳ ପଞ୍ଚାୟତର ମୋଡସାହି ଗାଁ ର ସ୍ୱର୍ଗତ ବାଞ୍ଛାନିଧି ପୃଷ୍ଟିଙ୍କ ବିଧବା ପତ୍ନୀ ବୃଦ୍ଧା ରଙ୍ଗଲତା ପୃଷ୍ଟି (୮୨) ବଢ଼ା ଭତ୍ତା ମିଳୁନଥିବା କହି ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଏ ଦିଗରେ ଜିଲ୍ଲା ପ୍ରଶାସନ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

## ଛାତ୍ରଛାତ୍ରୀଙ୍କୁ ପୋଷାକ ବିତରଣ



ଧାମନଗର,୧୮ ।୧୨(ସମିସ): ଧାମନଗର ବ୍ଲକ୍ ଦଇପୁର ପଞ୍ଚାୟତର ଶ୍ରୀଜଗନ୍ନାଥ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ପୋଷାକ ବିତରଣ କରାଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଧାଂଶୁ ଶେଖର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ପୋଷାକ ବିତରଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଧାମନଗର ମଣ୍ଡଳ ଅତିରିକ୍ତ ଶିକ୍ଷାଧିକାରୀ ତଥା ବିଆର୍‌ସିସି ଭୀମସେନ ହୋ ଯୋଗଦେଇ ଶୁଭାରମ୍ଭ କରିଥିଲେ । ଏଥିରେ ଅନ୍ୟତମ ମୁଖ୍ୟ ବକ୍ତା ଭାବେ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ସତ୍ୟସୁନ୍ଦର ପରିଡ଼ା ଯୋଗଦେଇ ବିଦ୍ୟାଳୟର ଉନ୍ନତି, ପାଠ ପଢ଼ିବା ପାଇଁ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ବିଦ୍ୟାଳୟର ସହକାରୀ ଶିକ୍ଷକ ତଥା ପୂର୍ବତନ ସିଆରସିସି ପ୍ରଶାନ୍ତ କୁମାର ବେହେରା ସ୍ୱାଗତ ଅଭିଭାଷଣ ତଥା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦେଶ୍ୟ ଓ ସରକାରଙ୍କର ଲକ୍ଷ୍ୟ ବିଷୟରେ ଛାତ୍ରଛାତ୍ରୀଙ୍କୁ ବହୁ ଉପାଦେୟ ତଥ୍ୟ ନିଜ ନିଜର ବକ୍ତବ୍ୟ ମାଧ୍ୟମରେ ପିଲାମାନଙ୍କୁ ଏହି ପରିପେକ୍ଷୀରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀଙ୍କୁ ପୋଷାକ, ଜୋତା, ଟି -ଶାର୍ଟ, ଟୋପି ପ୍ରଦାନ କରାଯାଇଥିଲା । ସହକାରୀ ଶିକ୍ଷକ ଚିତରଞ୍ଜନ ସେଠୀ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସନାତନ ମୁର୍ମୁ,ଶିକ୍ଷୟତ୍ରୀ ରଶ୍ମିତା କର, ସ୍ନିଗ୍ଧା ବେହେରା, ଭାଗ୍ୟଲକ୍ଷ୍ମୀ ଦାଶ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ନଟବର ଦାଶ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

# କଂଗ୍ରେସ ପକ୍ଷରୁ ବିଜେପି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

ଭଦ୍ରକ,୧୮ ।୧୨(ସମିସ)

ନ୍ୟାସନାଲ ହେରାଲ୍ଡ ମିଛ କେଶ ମାମଲାକୁ ବିରୋଧ କରି ଆଜି ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ବିଜେପି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ଓ ଘେରାଉ କରାଯାଇଥିଲା । ଏହି ଅବସରରେ ଏକ ରାଲି ଜାତୀୟ ରାଜପଥରେ ଯାଉଥିବାବେଳେ ୨ଶହରୁ ଊର୍ଦ୍ଧ୍ୱ ଦଳୀୟ କର୍ମୀଙ୍କୁ ପୁଲିସ ଅଟକାଇବା ସହ ବହୁ କର୍ମୀଙ୍କୁ ଉଠାଇ ନେଇଛି । ଜିଲ୍ଲା ସଭାପତି ନଳିନୀ ମହାନ୍ତିଙ୍କ ନେତୃତ୍ୱରେ ଦଳୀୟ କର୍ମୀମାନେ ଆରଡ଼ି ଛକ ସ୍ଥିତ ସର୍କିଟ ହାଉସଠାରେ ବିରାଟ ରାଲି ଯୋଗେ ୧୬ନମ୍ବର ଜାତୀୟ ରାଜପଥର ପାର୍ଶ୍ୱ ରାସ୍ତାରେ ବିଜେପି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବାକୁ ଯାଉଥିବା ବେଳେ ପୂର୍ବପ୍ରସ୍ତୁତିରେ ଥିବା ଜିଲ୍ଲା ପୁଲିସ ରାଲିକୁ ଅଟକାଇଥିଲା । ଏହି ବିକ୍ଷୋଭ ପ୍ରଦର୍ଶନରେ ବରିଷ୍ଠ ନେତା ଦେବେନ୍ଦ୍ର ମହାନ୍ତି, ଅବଦୁଲ ମୋକିତ ଖାଁ, ଦେବରୂପ ମହାନ୍ତି, ଦଳିତ ନେତା ରାଜେନ୍ଦ୍ରପ୍ରସାଦ ଜେନା,ପୀତବାସ ଧଳ, ରାଜକିଶୋର ସ୍ୱାଇଁ, ରମେଶ ବେହେରା, ରଜନୀକାନ୍ତ ଚନ୍ଦ, ମହିଳା ନେତ୍ରୀ ଶର୍ମିଷ୍ଠା ପଣ୍ଡା, ଅମିତାବାଳା ଆଚାର୍ଯ୍ୟ, ସବିତା ଚନ୍ଦ,ହସିନା ଖାତୁନ, ଲାଲୁ ଖାଁ, ଇଲିଆସ ଅଲି ଖାଁ, ଗୋଲକ ଚନ୍ଦ୍ର ବେହେରା, କାଉନସିଲର ଜାହିଦ ସାହା କାଉସିଲର ସେକ ସାହିଲ କାଦ୍ରୀ, ଜ୍ୟୋସ୍ନାରାଣୀ ଜେନା, ସମିତି ସଭ୍ୟ ଗୟାଧର ସେଠୀ, ହାଡିବନ୍ଧୁ ବିଶ୍ୱାଳ, ଅଜୟ ସାହୁ,ବିଦ୍ୟାଧର ଜେନା, ପ୍ରଦ୍ୟୁମ୍ନ ଦାସ, ବିଜୟ ଦାସ, ରଞ୍ଜନ ଜେନା, ଶଶିକାନ୍ତ ଜେନା, ଖଗେଶ୍ୱର ଜେନା ପ୍ରମୁଖ ନେତା ସାମିଲ ହୋଇଥିଲେ । ନ୍ୟାସନାଲ ହେରାଲ୍ଡ ମିଛ ମାମଲା କରି ବିଜେପି ସରକାର କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ବଦନାମ କରିବା ସହ ଦଳକୁ ବଦନାମ କରିବା ପାଇଁ ଯେଉଁ ହୀନ ଚେଷ୍ଟା କରିଥିଲେ ତାହା ବିଫଳ ହୋଉଛି ଏବଂ ଶେଷରେ ସତ୍ୟର ବିଜୟ ହୋଇଥିବାରୁ ଦେଶବାସୀଙ୍କ ପାଖରେ ବିଜେପି ସରକାର କ୍ଷମା ମାଗନ୍ତୁ ବୋଲି ଜିଲ୍ଲା ସଭାପତି ଶ୍ରୀ ମହାନ୍ତି ଗଣମାଧ୍ୟମକୁ କହିଛନ୍ତି । ପରେ ଘଟଣାସ୍ଥଳରୁ ଜିଲ୍ଲା ସଭାପତିଙ୍କ ସମେତ ବହୁ ବରିଷ୍ଠ ନେତାଙ୍କ ସମେତ ୩୦ରୁ ଊର୍ଦ୍ଧ୍ୱ ଦଳୀୟ କର୍ମୀଙ୍କୁ ଗିରଫ କରି ନଳାଙ୍ଗ ସ୍ଥିତ ଗ୍ରାମାଞ୍ଚଳ ଥାନାକୁ ନେଇ ଅଟକ ରଖି ପରେ ଛାଡ଼ି ଦେଇଥିବା ଜଣାଯାଇଛି ।

### ୩୦ରୁ ଊର୍ଦ୍ଧ୍ୱ ନେତା, କର୍ମୀ ଗିରଫ



୧୮/୧୨/୨୦୨୫ (ଗୁରୁବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୫,୭୯,୬୬୬/- ସୁନା: ୦୧.୦୪୦ ଗ୍ରାମ୍ ରୁପା: ୧୧୯.୫୦୦ ଗ୍ରାମ୍







### ପୁରୀରେ ଗର୍ଜିଲେ ଆଇନଜୀବୀ

# ଅତିରିକ୍ତ ସୁରକ୍ଷା ଜମା ପ୍ରତ୍ୟାହାର କରାଯାଉ



ପୁରୀ,୧୮।୧୨(ସମିସ): ବିଦ୍ୟୁତ୍ ବିତରଣ କମ୍ପାନୀ ଟାଟା ପାୱାର ଓଡ଼ିଶାରେ ମନମାନୀ ଚଲାଇଛି। କମ୍ପାନୀର ଗ୍ରାହକ ବିରୋଧୀ ନୀତିରେ ଅତିଷ୍ଠ ହୋଇ ଗୁରୁବାର ପୁରୀରେ ଗର୍ଜିଛନ୍ତି ଆଇନଜୀବୀ। ଟିପିସିଓଡିଏଲ୍ (ଟାଟା ପାୱାର) ପକ୍ଷରୁ ଅତିରିକ୍ତ ସୁରକ୍ଷା ଜମା ଆଦାୟ କରିବା ପାଇଁ ଯେଉଁ ନୋଟିସ୍ ଜାରି କରାଯାଇଛି ତାହାକୁ ତୁରନ୍ତ ପ୍ରତ୍ୟାହାର ପାଇଁ ଦାବି କରିଛନ୍ତି। ବିକ୍ଷୋଭକାରୀ ଆଇନଜୀବୀମାନେ କହିଛନ୍ତି, ଟାଟା ପାୱାରର ବେଆଇନ ଓ ଗ୍ରାହକ ବିରୋଧୀ ନୀତିରେ ଲୋକେ ଅତିଷ୍ଠ। ଜବରଦସ୍ତ ଘରେ ପଶି ମିଟର ଡିଫେକ୍ଟ ଓ ଟ୍ୟାମ୍ପରିଂ କହି ଭଲି ମିଟକୁ ବଦଳାଇ ପ୍ରି ପେଡ ସ୍ମାର୍ଟ ମିଟର ଲଗାଇ ଦେଉଛନ୍ତି। ଲୋକେ ଅଧିକ ବିଲ୍ ଦେଉଛନ୍ତି। ଅଭିଯୋଗ ଓ ବିବାଦ ଶୁଣିବା ପାଇଁ ପୁରୀରେ ଇଲେକ୍ଟ୍ରିକାଲ ଇନ୍ସପେକ୍ଟର ଅଫିସ ନାହିଁ। ପ୍ରତି ଗ୍ରାହକ ବିଦ୍ୟୁତ୍ ସଂଯୋଗ ବେଳେ ସୁରକ୍ଷା ରାଶି ଦେଇଥିଲେ। ସେ ଟଙ୍କା ଏବେ ଗଲା କୁଆଡେ? ଏବେ ଆହୁରି ଲୁଟିବା ପାଇଁ ଉପଭୋକ୍ତାମାନଙ୍କୁ ଅତିରିକ୍ତ ସୁରକ୍ଷା ଜମା ପାଇଁ ଡିମାଣ୍ଡ ନୋଟିସ ପଠାଇଛି ଟାଟା ପାୱାର। ପୂର୍ବରୁ ସୁରକ୍ଷା ରାଶି ପ୍ରତି ଗ୍ରାହକଙ୍କଠାରୁ ଆଦାୟ ହୋଇଛି। ନିୟମ ଅନୁଯାୟୀ ପ୍ରତି ବର୍ଷ ସୁରକ୍ଷା ଜମାର ସୁଧ ଗ୍ରାହକ ପାଇବେ। ଟାଟା ପାୱାର ଗ୍ରାହକଙ୍କୁ ସୁଧ ନ ଦେଇ ଲୁଟି ଚାଲିଛି। ୪ ବର୍ଷ ହେଲା ବିଦ୍ୟୁତ୍ ତାରିଫ ଅପରିବର୍ତ୍ତିତ ଥିଲା ବେଳେ ଅତିରିକ୍ତ ସୁରକ୍ଷା ଜମା ପାଇଁ ନୋଟିସ ପଠାଇବା ଆଇନ ବିରୁଦ୍ଧ ଅଟେ। ନୋଟିସ ପାଇବାର ୩୦ ଦିନରେ ପୈଠ ନ କଲେ ୧୦ ଶତକଡା ଜରିମାନା ଆଦାୟ ହେବ। ଅନାଦେୟ ହେଲେ ବିଦ୍ୟୁତ୍ ବିଚ୍ଛିନ୍ନ କରିବେ ବୋଲି ନୋଟିସରେ ଉଲ୍ଲେଖ କରିଛନ୍ତି। ଓଡ଼ିଶାରେ ୧ କୋଟି ୧୧ ଲକ୍ଷ ଗ୍ରାହକଙ୍କଠାରୁ ସର୍ବନିମ୍ନ ୧୦୦୦ ଟଙ୍କା ଲେଖାଏଁ ଅତିରିକ୍ତ ସୁରକ୍ଷା ଜମା ରାଶି ଯଦି ଆଦାୟ ହୁଏ ତେବେ ଟାଟା ପାୱାର ୧୦୦୦ କୋଟି ଟଙ୍କାରୁ ଅଧିକ ପାଇବ। ସେ ଟଙ୍କା କେଉଁଠି ରହିବ? ନା ଟାଟା ପାୱାର ଲୁଟିବା ପାଇଁ ସରକାର ଏବଂ ଓଇଆର୍‌ସି ବାଟ ଫିଟାଉଛନ୍ତି। ତେଣୁ ତୁରନ୍ତ ଅତିରିକ୍ତ ସୁରକ୍ଷା ଜମା ନୋଟିସ ପ୍ରତ୍ୟାହାର, ସ୍ମାର୍ଟ ମିଟର ପ୍ରଚଳନ ବନ୍ଦ କରିବା, ବିଦ୍ୟୁତ୍ ସମ୍ବନ୍ଧୀୟ ବିବାଦ ଅଭିଯୋଗର ସମାଧାନ ପାଇଁ ପୁରୀରେ ଇଲେକ୍ଟ୍ରିକାଲ ଇନ୍ସପେକ୍ଟର ଅଫିସ ତୁରନ୍ତ ଖୋଲିବା ଦାବିରେ ପୁରୀର ଆଇନଜୀବୀମାନେ ଶୋଭାଯାତ୍ରାରେ ଆସି ରେଡକ୍ରସ୍ ରୋଡସ୍ଥିତ ଟାଟା ପାୱାର ଅଫିସରେ ବିକ୍ଷୋଭ କରିଥିଲେ। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟରଙ୍କୁ ଦାବିପତ୍ର ଦେଇଥିଲେ। ଏଥିରେ ସଭାପତି ପ୍ରେମାନନ୍ଦ ମହାନ୍ତି, ସାଧାରଣ ସମ୍ପାଦକ ଶରତ କୁମାର ରାୟଗୁରୁ, ବିଭୁଦତ୍ତ ପଟ୍ଟନାୟକ, ସମୀର ଘୋଷ, ଅନିଲ ସାହୁ, ଭାଗବତ ପଟ୍ଟନାୟକ, କର୍ଣ୍ଣବୀର ମହାପାତ୍ର, ଜ୍ୟୋତି ପାଇକରାୟ, ତାପସ ବଳିଆର ସିଂ, ସୋମନାଥ ଦାସ, ସାରଦା ସାମଲ, ବିଭୂତି ତ୍ରିପାଠୀ, ରମେଶ ପ୍ରଧାନ, ପୁଷ୍କର ମହାପାତ୍ର, ଦେବାଶିଷ ଦାସ, ବିଶ୍ୱକେଶନ ହରିଚନ୍ଦନ ମହାପାତ୍ର, ଶ୍ରୀକାନ୍ତ ପରିଜା, ତପନ ବାରିକ, ସୁଶାନ୍ତ ଦାସ, ଜୟନ୍ତ ମହାପାତ୍ର, ପ୍ରମୋଦ ପ୍ରଧାନ, ରଞ୍ଜିତା ମହାନ୍ତି, କାହ୍ନୁ ଚରଣ ଜେନା, ବୈଦ୍ୟନାଥ ପାଣି, ମନୋରଞ୍ଜନ ସାହୁ ପ୍ରମୁଖ ସାମିଲ ଥିଲେ।

### ସୌନ୍ଦର୍ଯ୍ୟକରଣ ନାଁରେ ମହାଦୁର୍ନୀତି

# ୪ କିମି ବେଳାଭୂମିରେ ଗଛଲଗା ଖର୍ଚ୍ଚ ଦେଢ଼ କୋଟି

ପୁରୀ, ୧୮।୧୨ (ସମିସ): ପୁରୀ ବେଳାଭୂମିରେ ସୌନ୍ଦର୍ଯ୍ୟକରଣ ନାଁରେ ହୋଇଛି ମହାଦୁର୍ନୀତି। ମାତ୍ର ୪ କିମି ବେଳାଭୂମିରେ ଚାରା ରୋପଣରେ ୧ କୋଟି ୫୦ ଲକ୍ଷ ଟଙ୍କା ଖର୍ଚ୍ଚ ହେବା ଘଟଣାକୁ କେହି ହଜମ କରିପାରୁ ନାହାନ୍ତି। ବିଧାନସଭାରେ ନିଜ ଦଳ ବିଧାୟକଙ୍କ ପ୍ରଶ୍ନରେ ଉପମୁଖ୍ୟମନ୍ତ୍ରୀ ତଥା ବିଭାଗୀୟ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଉତ୍ତର ରଖିବା ପରେ ଏହି ମହାଦୁର୍ନୀତି ସାମ୍ନାକୁ ଆସିଛି ବୋଲି ଅଭିଯୋଗ କରିଛନ୍ତି ଆମ୍ ଆଦ୍‌ମୀ ପାର୍ଟି (ଆପ୍) ପୁରୀ ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତି। ଗୁରୁବାର ଗ୍ରାଉଣ୍ଡକୁ ଯାଇ ଲାଇଭ୍ ମାଧ୍ୟମରେ ଏହି ଦୁର୍ନୀତିର ଖୁଲାସା କରିଛନ୍ତି ସଞ୍ଜୀବ, ଯାହାକି ଏବେ ପୁରୀରେ ବେଶ୍ ଚର୍ଚ୍ଚାର ବିଷୟ ପାଲଟିଛି।

ପୂର୍ବ ଭାରତର ଏକ ମନୋରମ ବେଳାଭୂମି ପୁରୀ। ଏଠାକୁ ପ୍ରତ୍ୟେକ ଦିନ ହଜାର ହଜାର ପର୍ଯ୍ୟଟକ ଆସିଥାନ୍ତି। ତେବେ ପର୍ଯ୍ୟଟକମାନଙ୍କ ଲାଗି ବିଭିନ୍ନ ପ୍ରକାର ସେବା ସୁବିଧା ଉପଲବ୍ଧ କରିବା ବିଶେଷକରି ବେଳାଭୂମିର ସୌନ୍ଦର୍ଯ୍ୟକରଣ ବୃଦ୍ଧିକୁ ସର୍ବଦା ଗୁରୁତ୍ୱ ଦିଆଯାଉଛି। ଏଥିପାଇଁ ବୈଠକ ବସି ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ଆଲୋଚନା ହେଉଛି। ଏପରି କି ବେଳାଭୂମିକୁ ପର୍ଯ୍ୟଟକ ଫ୍ରେଣ୍ଡ୍‌ଲୀ କରିବା ଲାଗି କୋଟି କୋଟି ଟଙ୍କା ବି ଖର୍ଚ୍ଚ କରାଯାଉଛି। ହେଲେ ସୌନ୍ଦର୍ଯ୍ୟକରଣ ପାଇଁ କାଗଜପତ୍ରରେ ବ୍ୟୟ ହେଉଥିବା ଟଙ୍କା ବାସ୍ତବରେ ଗ୍ରାଉଣ୍ଡରେ ଖର୍ଚ୍ଚ କରାଯାଉଛି କି ନାହିଁ ତାହାର ତଦାରଖ ହେଉନି। ଫଳରେ

### ଘଟଣାସ୍ଥଳରେ ଖୁଲାସା କଲା ଆପ୍

ପ୍ରକଳ୍ପ ବାବଦ ମଞ୍ଜୁର ଅର୍ଥର ସିଂହଭାଗ ବାଟମାରଣା ହେଉଛି। ଏମିତି ଏକ ବଡ଼ ଦୁର୍ନୀତିର ଖୁଲାସା କରିଛି ଆପ୍।

ଆପ୍ ଜିଲ୍ଲା ସଭାପତି ସଞ୍ଜୀବ ମହାନ୍ତି କହିଛନ୍ତି, ପୁରୀ ବେଳାଭୂମିରେ ସୌନ୍ଦର୍ଯ୍ୟକରଣ ନାଁରେ ମହାଦୁର୍ନୀତି କରାଯାଇଛି। ବେଳାଭୂମିର ସୌନ୍ଦର୍ଯ୍ୟକରଣ ପାଇଁ ଦିଗବାରିଣୀ ଛକଠାରୁ ହୋଟେଲ ଷ୍ଟର୍ଲିଂ (ପ୍ରାୟ ୪ କିମି ହେବ)ରେ ଲଗାଯାଇଛି ନଡ଼ିଆ ଏବଂ ପେସ୍ତା ବାଦାମ। ଗତ ନଭେମ୍ବର ୨୯ ତାରିଖରେ ପର୍ଯ୍ୟଟନ ପ୍ରକଳ୍ପରେ ଅର୍ଥ ବିନିଯୋଗ ଆଲୋଚନା ବେଳେ ପୁରୀ ବେଳାଭୂମି ସୌନ୍ଦର୍ଯ୍ୟକରଣ ନାଁରେ ଏକ ବଡ଼ ଦୁର୍ନୀତି ହୋଇଥିବା ଜଣାପଡିଛି। ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ଏକ ଅଣତାରକା ପ୍ରଶ୍ନ କରି ପର୍ଯ୍ୟଟନ ପ୍ରକଳ୍ପଗୁଡ଼ିକର ଉନ୍ନତି ପାଇଁ ଗତ ୫ ବର୍ଷ (୨୦୧୯-୨୦ରୁ ୨୦୨୫-୨୬)





ମଧ୍ୟରେ ରାଜ୍ୟ ସରକାର କେଉଁ ଜିଲ୍ଲାକୁ କେତେ ପରିମାଣର ଅର୍ଥ ପ୍ରଦାନ କରିଛନ୍ତି ଏହାର ଏକ ବର୍ଷୱାରୀ ଏବଂ ଜିଲ୍ଲା ୱାରୀ ତଥ୍ୟ ପ୍ରଦାନ କରିବାକୁ କହିଥିଲେ।

ଏହାର ଉତ୍ତର ରଖି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହି ୫ ବର୍ଷ ମଧ୍ୟରେ ୧,୬୬୫ କୋଟି ୭୬ ଲକ୍ଷ ୮୯ ହଜାର ୮୯୭ ଟଙ୍କା ମଞ୍ଜୁର କରାଯାଇ ବିଭିନ୍ନ ପର୍ଯ୍ୟଟନ ଭିତ୍ତିଭୂମି ଉନ୍ନୟନ ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରୀ କରାଯାଇଛି। ତେବେ ଏହାରି ଭିତରେ ପୁରୀ ଜିଲ୍ଲାରେ ପର୍ଯ୍ୟଟନ ବିକାଶ ପାଇଁ ଦିଆଯାଇଥିବା ତଥ୍ୟରେ ଉପରୋକ୍ତ ପ୍ରକଳ୍ପ କଥା ସାମ୍ନାକୁ ଆସିଥିଲା। ଅର୍ଥାତ୍ ୨୦୨୪-୨୫ ଆର୍ଥିକ ବର୍ଷରେ ଦିଗବାରିଣୀ ଛକଠାରୁ ହୋଟେଲ ଷ୍ଟର୍ଲିଂ ପର୍ଯ୍ୟନ୍ତ ବେଳାଭୂମିରେ ନଡ଼ିଆ ଏବଂ ପେସ୍ତା ବାଦାମ ଗଛ ଲଗାଯାଇ ଏହାର ରକ୍ଷଣାବେକ୍ଷଣ ବାବଦରେ ୧ କୋଟି ୫୨ ଲକ୍ଷ ୩୬ ହଜାର ୫୫୧ ଟଙ୍କା ଖର୍ଚ୍ଚ କରାଯାଇଛି। ଯାହାକୁ ନେଇ ପ୍ରଶ୍ନ ଉଠାଇବା ସହ ଗୁରୁବାର ସକାଳେ ଗ୍ରାଉଣ୍ଡକୁ ଯାଇ ଲାଇଭ୍ ଭିଡ଼ିଓ ମାଧ୍ୟମରେ ଏଥିରେ ବଡ଼ ଦୁର୍ନୀତି ହୋଇଥିବା ଅଭିଯୋଗ ଆଣିଛନ୍ତି ଆପ୍ ସଭାପତି ଶ୍ରୀ ମହାନ୍ତି। ପ୍ରାୟ ୨.୫ କିମି ଚାଲି ଚାଲି ଭିଡିଓ ମାଧ୍ୟମରେ ବାସ୍ତବ ସ୍ଥିତି ଲୋକଲୋଚନକୁ ଆଣିଥିଲେ। ସେ କହିଛନ୍ତି, ଝାଉଁ ଚାରା ଭିତରେ ଦଶ ଷ୍ଟେପ ବ୍ୟବଧାନରେ ଗୋଟିଏ ଲେଖାଏଁ କେଉଁଠି ନଡ଼ିଆ ତ ଆଉ କେଉଁଠି ପିସ୍ତା ବାଦାମ ଗଛ ଲଗାଯାଇଛି। ଦିଗବାରିଣୀରୁ ଷ୍ଟର୍ଲିଂ ପର୍ଯ୍ୟନ୍ତ ପ୍ରାୟ ୪ କିମି ମଧ୍ୟରେ ଅତିବେଶୀରେ ୨୦୦ଟି ଗଛ ଲାଗିଥିବ।

ହେଲେ ଆଶ୍ଚର୍ଯ୍ୟଜନକ କଥା ହେଉଛି ଏହି ୨୦୦ଟି ଗଛ ପାଇଁ ଖର୍ଚ୍ଚ କରାଯାଇଛି ୧.୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା। ଏ ତଥ୍ୟ ପୁଣି ବିଧାନସଭାରେ ରଖିଛନ୍ତି ଉପମୁଖ୍ୟମନ୍ତ୍ରୀ ତଥା ବିଭାଗୀୟ ମନ୍ତ୍ରୀ ପୁରୀ ଜିଲ୍ଲାର ପ୍ରଭାତୀ ପରିଡ଼ା। ତେବେ ୨୦୦ ଗଛ ପାଇଁ ଯଦି ଦେଢ଼ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି ତେବେ ଗଛ ଗୋଟିଏକୁ କେତେ ପଡ଼ିଲା, ତାହା ହିଁ ପ୍ରଶ୍ନ। ଏଥିରୁ ପୁରୀରେ କେଉଁ ପ୍ରକାର ଦୁର୍ନୀତି ଚାଲିଛି ତାହା ସ୍ପଷ୍ଟ ଅନୁମେୟ। ତେଣୁ ଜନସାଧାରଣ ଏ ଦିଗରେ ସଚେତନ ହେବା ଦରକାର। ସେମାନଙ୍କ ଟ୍ୟାକ୍ସ ଟଙ୍କା କେଉଁ ପରି ଭାବେ ବାଟମାରଣା ହେଉଛି ତାହାର ଉତ୍ତର ସରକାରଙ୍କୁ ପଚାରିବା ଆବଶ୍ୟକ ବୋଲି କହିଛନ୍ତି ଆପ୍ ଜିଲ୍ଲା ସଭାପତି ଶ୍ରୀ ମହାନ୍ତି।

# ଶ୍ରୀମନ୍ଦିର ପ୍ରଶାସନର ନୂଆବର୍ଷ କ୍ୟାଲେଣ୍ଡର ଲୋକାର୍ପିତ



ପୁରୀ, ୧୮।୧୨ (ସମିସ): ଇଂରାଜୀ ନବବର୍ଷ ୨୦୨୬ ଅବସରରେ ପ୍ରକାଶ ପାଇଛି ଶ୍ରୀମନ୍ଦିର ପ୍ରଶାସନର କ୍ୟାଲେଣ୍ଡର। ପୂର୍ବରୁ ଏହି କ୍ୟାଲେଣ୍ଡର ମୁଦ୍ରଣ ପରେ ମହାପ୍ରଭୁଙ୍କ ଚରଣକମଳରେ ଦେବାର୍ପଣ ହୋଇଥିବାବେଳେ ଗୁରୁବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଭୁବନେଶ୍ୱରଠାରେ ଏହା ଲୋକାର୍ପିତ ହୋଇଛି।

ଏହି ଅବସରରେ ଆଇନ ବିଭାଗ ପ୍ରମୁଖ ଶାସନ ସଚିବ ପବିତ୍ର ମୋହନ ସାମଲ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ, ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା, ଆରକ୍ଷୀ ଅଧୀକ୍ଷକ ପ୍ରତୀକ୍ ସିଂ, ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଶ୍ରୀମନ୍ଦିର ପ୍ରଶାସନର ସମସ୍ତ ସୂଚନା କେନ୍ଦ୍ରରେ ଏହି କ୍ୟାଲେଣ୍ଡର ଶ୍ରଦ୍ଧାଳୁମାନଙ୍କ କ୍ରୟ ନିମନ୍ତେ ଉପଲବ୍ଧ ହେବ। ଏହି କ୍ୟାଲେଣ୍ଡରର କଳେବର ମହାପ୍ରଭୁଙ୍କ ବିଭିନ୍ନ ବେଶର ପଟ୍ଟଚିତ୍ର, ବାଲୁକା କଳା ତଥା ତାଳପତ୍ର ପୋଥିର ଚାରୁକଳାକୁ ନେଇ ଆକର୍ଷଣୀୟ ଦୃଷ୍ଟିରୁ ଭକ୍ତଙ୍କ ନିକଟରେ ଆଦୃତ ହେବ। ଇଂରାଜୀ ନବବର୍ଷ ଅବସରରେ ଶ୍ରଦ୍ଧାଳୁଙ୍କୁ ଅଭିନନ୍ଦନ ଜଣାଇବାସହ ମହାପ୍ରଭୁଙ୍କ ପଦ୍ମପାଦରେ ସମସ୍ତଙ୍କ ପାଇଁ ଆଶୀର୍ବାଦ କାମନା କରିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ପାଢୀ।

### ନାବାଳିକାକୁ ଯୌନ ନିର୍ଯାତନା ମାମଲା

# ୨ ଅଭିଯୁକ୍ତଙ୍କୁ ୩ ବର୍ଷ ଲେଖାଏଁ ଜେଲ୍‌ଦଣ୍ଡ

ପୁରୀ,୧୮।୧୨(ସମିସ): ପୋକ୍‌ସୋ ମାମଲାରେ ୨ ଅଭିଯୁକ୍ତଙ୍କୁ ୩ ବର୍ଷ ଲେଖାଏ ଜେଲ୍ ଦଣ୍ଡାଦେଶ ହୋଇଛି। ୨୦୧୭ ମସିହାରେ ପୁରୀ ଥାନା ଅଞ୍ଚଳରେ ଘଟିଥିବା ନାବାଳିକାକୁ ଯୌନ ନିର୍ଯାତନା ମାମଲାର ରାୟ ପ୍ରକାଶ ପାଇଛି। ସ୍ୱତନ୍ତ୍ର ପୋକ୍ସୋ ଫାଷ୍ଟଟ୍ରାକ କୋର୍ଟରେ ଦୋଷୀଙ୍କୁ ଦଣ୍ଡାଦେଶ ହୋଇଛି। ୨୦୧୭ ମସିହା ନଭେମ୍ବର ୨୧ ତାରିଖରେ ଚାଇଲ୍ଡ ଲାଇନ ଡାଇରେକ୍ଟର ଦେବାଶିଷ ରଥ ଟାଉନ ଥାନାରେ ଏ ନେଇ ଅଭିଯୋଗ କରିଥିଲେ। ହାଡଗୋଡିଆ ସାହି ରାଧାଗୋବିନ୍ଦ ଲେନ୍‌ର ଜଣେ ମହିଳା ନିଜ ନାବାଳିକା ଝିଅକୁ ଏଭଳି ଖରାପ କାମ କରିବାକୁ ବାଧ କରୁଥିଲେ। ମହିଳାଙ୍କ ସ୍ୱାମୀଙ୍କ ମୃତ୍ୟୁ ପରେ ନାବାଳିକା ଝିଅକୁ ସେ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ବାସେଳିସାହିର ବିନୋଦ ପଣ୍ଡା ତାଙ୍କ ଘରକୁ ଯିବାଆସିବା କରିବା ସହ ନାବାଳିକାକୁ ଯୌନ ନିର୍ଯାତନା ଦେଉଥିବା ଶ୍ରୀ ପଣ୍ଡା ଥାନାରେ ଅଭିଯୋଗ କରିଥିଲେ। ଏହାପରେ ପୁଲିସ ଏକ ମାମଲା (ନଂ.୧୭୩/୧୭) ରୁଜୁ କରି ଏହାର ତଦନ୍ତ କରିଥିଲା। ନାବାଳିକାଙ୍କ ଘରେ ପହଞ୍ଚି ପୁଲିସ ଅଭିଯୋଗର ସତ୍ୟତା ଜାଣିବାକୁ ପାଇଥିଲା। ଅଭିଯୁକ୍ତ ବିନୋଦ ଶାରୀରିକ ସମ୍ପର୍କ ରଖିବା ପାଇଁ ନାବାଳିକାଙ୍କୁ ମାଡ ମାରୁଥିଲା। ଯେଉଁଥିପାଇଁ ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହୋଇଥିଲା। ଏହି ମାମଲାର ବିଚାର କରି କୋର୍ଟ ଅଭିଯୁକ୍ତ ବିନୋଦ ଏବଂ ନାବାଳିକାର ମା'ଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଉଭୟଙ୍କୁ ୩ ବର୍ଷ ଲେଖାଏ ଜେଲ୍‌ଦଣ୍ଡ ସହ ୫ ହଜାର ଟଙ୍କା ଲେଖାଏ ଜରିମାନା କରାଯାଇଛି। ଜରିମାନା ଅନାଦେୟ ଅନାଦେୟ ଅଧିକ ୧ ମାସ ଜେଲ୍‌ଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ଶିଶୁ ପାର୍କ ଏବେ ବିବାହ ମଣ୍ଡପ; ଅଭିଯୋଗ କଲେ ବି ଶୁଣୁନି ପୌରସଂସ୍ଥା

ପୁରୀ,୧୮।୧୨(ସମିସ): ଶିଶୁ ପାର୍କର ମୂଳ ଉଦ୍ଦେଶ୍ୟ ହେଉଛି ପିଲାମାନେ ଖେଳିବେ, ବୁଲିବେ। ଏଥିପାଇଁ ବିଭିନ୍ନ ପୁରୀ ସହରର କିଛି ୱାର୍ଡରେ ଏଭଳି ପାର୍କ ନିର୍ମାଣ କରାଯାଇଛି। ହେଲେ ଅନେକ ଜାଗାରେ ଏହି ଉଦ୍ଦେଶ୍ୟ ପୂରଣ ହୋଇପାରୁ ନାହିଁ। ଏମିତି କି ଗୁଣ୍ଡିଚା ବିହାରରେ ନିର୍ମିତ ଶିଶୁ ପାର୍କ ଏବେ ପାଲଟିଯାଇଛି ବିବାହ ମଣ୍ଡପ। ସେହିପରି ସାହି ବାସିନ୍ଦାଙ୍କ ଆର୍ôଥକ ସହଯୋଗରେ ନିର୍ମାଣ ହୋଇଥିବା ମନ୍ଦିର ଭିତରେ ଗଡୁଛି ମଦବୋତଲ, ଯାହାକୁ ନେଇ ଅତିଷ୍ଠା ସାହିବାସିନ୍ଦା ପୌର କର୍ତ୍ତୃପକ୍ଷଙ୍କ ନିକଟରେ ଫେରାଦ ହୋଇଛନ୍ତି। ଅଭିଯୋଗପତ୍ରରେ ଦର୍ଶାଯାଇଛି ଯେ, ସେମାନେ ଗଠନ କରିଥିବା ଗୁଣ୍ଡିଚା ବିହାର ଉନ୍ନୟନ ପରିଷଦ ବିନା ସାଧାରଣ ବୈଠକରେ କିଛି ଲୋକ ଟ୍ରଷ୍ଟ ଗଠନ କରିଛନ୍ତି। ଏହି ଟ୍ରଷ୍ଟ ଏବେ ବିବାହ ବ୍ରତ ପାଇଁ ପାର୍କକୁ ଭଡ଼ା ଲଗାଇ ସାହିରେ ଏକପ୍ରକାର ମଦ୍ୟପ ଆସର ଜମାଉଛନ୍ତି। ଉନ୍ନୟନ ପରିଷଦ ଘର ପାଲଟିଯାଇଛି ବିବାହ ମଣ୍ଡପ। ଡିଜେର ଉତ୍କଟ ଶବ୍ଦରେ ବୃଦ୍ଧବୃଦ୍ଧା, ଶିଶୁ, ରୋଗୀ ଓ ମହିଳା ଅତିଷ୍ଠ ହୋଇପଡୁଛନ୍ତି। ବିନା ଲାଇସେନ୍ସରେ କିପରି ସାହି ଭିତରେ ଏଭଳି ମଣ୍ଡପ ଭଡା ଲାଗୁଛି ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଅଞ୍ଚଳକୁ ମଦମୁକ୍ତ, ଡିଜେ ମୁକ୍ତ କରିବା ସହ ମଣ୍ଡପ ବ୍ୟବସାୟ ବନ୍ଦ ଲାଗି ଗତ ମେ ୧୯ ତାରିଖରେ ପୁରୀ ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ସାହି ବାସିନ୍ଦାଙ୍କ ପକ୍ଷରୁ ଡାକ୍ତର ଜଗନ୍ନାଥ ମହାପାତ୍ର, ସନ୍ତୋଷ କୁମାର ଦାଶ, ଜଟାଧାରୀ ନନ୍ଦ, ଚିତ୍ତରଞ୍ଜନ ପଟ୍ଟନାୟକ, ରାଜକିଶୋର ମିଶ୍ର, କୃତିବାସ ଦାସ ପ୍ରାୟ ୩୦ ଜଣ ଅଧିବାସୀ ସ୍ମାରକପତ୍ର ଦେଇଥିଲେ। ପାର୍କ ସମସ୍ୟାର ସମାଧାନ ପାଇଁ ସେମାନେ ଦାବି କରିଥିଲେ। ହେଲେ ଇତିମଧ୍ୟରେ ୭ ମାସ ବିତିଯାଇଥିଲେ ମଧ୍ୟ ଏହା ଉପରେ ରୋକ୍ ଲଗାଯାଇ ନାହିଁ। ତେବେ ବିନା ଲାଇସେନ୍ସରେ ଚାଲୁଥିବା ମଣ୍ଡପରେ ଆଇନଗତ ଭାବେ ବିଦ୍ୟୁତ୍ ସଂଯୋଗ ନ ଥାଇ ସମସ୍ତ କାର୍ଯ୍ୟକ୍ରମ ଚାଲିଛି। ଏ ବାବଦରେ ପୁରୀର ବିଦ୍ୟୁତ୍ ବିଭାଗକୁ ମାସିକ ଟଙ୍କା ଦିଆଯାଉଥିବା ଅଭିଯୋଗ ଶୁଣିବାକୁ ମିଳୁଛି।

### ପୁରୀବାସୀଙ୍କ ସହଜ ଶ୍ରୀମନ୍ଦିର ପ୍ରବେଶ ପ୍ରସଙ୍ଗ

# ଆଇନମନ୍ତ୍ରୀଙ୍କୁ ଭେଟିଲା ମଞ୍ଚ; ଖୁବ୍‌ଶୀଘ୍ର ହେବ ଘୋଷଣା

ପୁରୀ,୧୮।୧୨(ସମିସ): ପୁରୀ ସହରବାସୀଙ୍କ ନିମନ୍ତେ ଶ୍ରୀମନ୍ଦିର ପ୍ରବେଶ ଓ ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବା ଲାଗି ଦାବି ହୋଇଆସୁଛି। ଏଥିପାଇଁ ଗଠିତ ଅଭିଯାନ ମଞ୍ଚ ବିଭିନ୍ନ ଫୋରମ ଜିଲ୍ଲା ପ୍ରଶାସନଠାରୁ ଆରମ୍ଭ କରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛି। ଏମିତି ବି ମୁଖ୍ୟମନ୍ତ୍ରୀଙ୍କୁ ଭେଟି ସେମାନଙ୍କ ଦାବିର ପ୍ରାସଙ୍ଗିକତା ଥିବା ଜଣାଇଥିଲେ ମଞ୍ଚ ପ୍ରତିନିଧି। ମୁଖ୍ୟମନ୍ତ୍ରୀଙ୍କ ସକରାତ୍ମକ ଆଭିମୁଖ୍ୟ ପରେ ଗୁରୁବାର ମଞ୍ଚ ପ୍ରତିନିଧି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ସାକ୍ଷାତ୍ କରିଛନ୍ତି। ଏହି ମିଳିତ ଆଲୋଚନାରେ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀ, ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ଓ ଆରକ୍ଷୀ ଅଧୀକ୍ଷକ ପ୍ରତୀକ୍ ସିଂଙ୍କ ଉପସ୍ଥିତ ଥିଲେ। ପ୍ରାକ୍ତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀଙ୍କ ନେତୃତ୍ୱରେ ମଞ୍ଚ ପକ୍ଷରୁ ବଦ୍ରି ମିଶ୍ର, ମଧୁସୂଦନ ମିଶ୍ର, ମନୋଜ ରଥ, ରାଜେଶ ମହାନ୍ତି, ଡ. ବିଶ୍ୱନାଥ ମିଶ୍ର, ଚକ୍ରଧର ମହାପାତ୍ର, ଭବାନୀ ଶଙ୍କର ସାହୁ, ଶ୍ୟାମାପ୍ରସାଦ ମିଶ୍ର, ହେକ୍ଟର ମିଶ୍ର, ଶ୍ୟାମ ପ୍ରକାଶ ସେନାପତି, ଶିବ ସୁନ୍ଦର ମିଶ୍ର ପ୍ରମୁଖ ଏହି ଆଲୋଚନାରେ ଭାଗ ନେଇଥିଲେ। ଏଥିରେ ଠାକୁରଙ୍କ ଦର୍ଶନ ପାଇଁ ୨ଲକ୍ଷରୁ ଅଧିକ ପୁରୀବାସୀଙ୍କ ଦର୍ଶନ ପାଇଁ ଆକୁଳ ନିବେଦନ, ବାରମ୍ବାର ମହାପ୍ରସାଦ ଓ ଶୁଖିଲି ମାହାର୍ଦ୍ଦ କିଣା, ନିର୍ବନ୍ଧ, ଲକ୍ଷ୍ମୀ ପୂଜା, ଶୀତଳା ଓ ସତ୍ୟନାରାୟଣ ପୂଜା ପାଇଁ ପୁରୀବାସୀଙ୍କ ସମସ୍ୟା ଉପରେ ଗଠନମୂଳକ ଓ ସକରାତ୍ମକ ଆଲୋଚନା ହୋଇଛି। ଆଇନମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଥିଲେ ଯେ, ପୁରୀବାସୀଙ୍କ ସହଜ ଶ୍ରୀମନ୍ଦିର ପ୍ରବେଶ ଓ ଦର୍ଶନ ଖୁବ୍‌ଶୀଘ୍ର ବୋଲି ଗତ ୧୦ ତାରିଖରେ ମୁଖ୍ୟମନ୍ତ୍ରୀ ଘୋଷଣା କରିସାରିଛନ୍ତି। ତେବେ ପୁରୀବାସୀମାନେ କିପରି ସୁବିଧାରେ ପ୍ରବେଶ କରିବେ ଓ ଦର୍ଶନ କରିବେ ସେ ନେଇ ଖୁବ୍‌ଶୀଘ୍ର ଆଉଥରେ ଶ୍ରୀମନ୍ଦିର ଓ ଜିଲ୍ଲା ପ୍ରଶାସନ ସହ ବିଷଦ ଆଲୋଚନା ହେବ। ନୂଆବର୍ଷ ଉପଲକ୍ଷେ ଲକ୍ଷ ଲକ୍ଷ ଭକ୍ତ, ପର୍ଯ୍ୟଟକ ପୁରୀ ଆସୁଥିବାରୁ ନୂଆବର୍ଷ ପ୍ରବେଶ ସହ ପୁରୀବାସୀଙ୍କ ସହଜ ପ୍ରବେଶ ସଂକ୍ରାନ୍ତରେ ନିଷ୍ପତ୍ତି ଘୋଷଣା ହେବ। ତେବେ ପୁରୀବାସୀଙ୍କ ସହ ସରକାର ସବୁବେଳେ ରହିଛନ୍ତି ଓ ରହିବେ ବୋଲି ମନ୍ତ୍ରୀ କହିଥିଲେ। ଅନ୍ୟପକ୍ଷରେ ଶ୍ରୀମନ୍ଦିର ପ୍ରବେଶ ଓ ଦର୍ଶନ ପାଇଁ ସରକାରଙ୍କ ସକରାତ୍ମକ ଆଭିମୁଖ୍ୟକୁ ମଞ୍ଚ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି।






## ଖଣି ପୋଖରୀରୁ ଯୁବକଙ୍କ ମୃତଦେହ ଉଦ୍ଧାର

ବେଗୁନିଆ,୧୮।୧୨(ସମିସ): ବାଘମାରୀ ଥାନା ଅନ୍ତର୍ଗତ ଅଟ୍ରି ଗ୍ରାମ ହରିଜନ ସାହିର ବସନ୍ତ ନାୟକ (୪୮) ବୁଧବାର ମଧ୍ୟାହ୍ନରେ ଗାଧୋଇବାକୁ ଯାଇ ଘରକୁ ଫେରି ନ ଥିଲେ। ତେବେ ବୁଧବାର ସନ୍ଧ୍ୟା ସମୟରେ ପୋଖରୀ କୂଳରେ ମୋବାଇଲ, ପିନ୍ଧିଥିବା ସାର୍ଟ ଓ ଟଙ୍କା ଥୁଆ ହୋଇ ଥିବାର ଦେଖିବାକୁ ମିଳିଥିଲା। ଏଥିରେ ସନ୍ଦେହରେ ପରିବାର ସଦସ୍ୟ ବେଗୁନିଆ ଦମକଳ ବାହିନୀକୁ ଫୋନ କରିବାରୁ କର୍ମଚାରୀ ପହଂଚି ପୋଖରୀ ଭିତରେ ଖୋଜା ଆରମ୍ଭ କରିଥିଲେ। କିଛି ସମୟ ଖୋଜିବା ପରେ ଅତ୍ୟଧିକ ଥଣ୍ଡା ଓ ଆନୁଷଙ୍ଗିକ ବ୍ୟବସ୍ଥା ନ ଥିବାରୁ ଖୋଜିବା ସମ୍ଭବପର ହୋଇ ପାରି ନ ଥିଲା। ଗୁରୁବାର ପୂର୍ବାହ୍ନରେ ଖୋର୍ଦ୍ଧାରୁ ଆସିଥିବା ସ୍କୁବା ଡାଇଭ ସହଯୋଗରେ ଦୀର୍ଘ ଏକ ଘଣ୍ଟା ଧରି ଅକ୍ଳାନ୍ତ ପରିଶ୍ରମ କରି ଖୋଜିବାରୁ ଶ୍ରୀ ନାୟକଙ୍କ ଶବ ଉଦ୍ଧାର କରିବାକୁ ସକ୍ଷମ ହୋଇଥିଲେ। ପରେ ବାଘମାରି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ଶବ ବ୍ୟବଚ୍ଛେଦ ନିମନ୍ତେ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିବା ଥାନା ଅଧିକାରୀ ସୁଚିତ୍ରା ଜେନା କହିଛନ୍ତି।

## ବାଲି ଓ ପଥର ଗାଡ଼ି ଜବତ, ୨ ଗିରଫ

ଖୋର୍ଦ୍ଧା,୧୮।୧୨(ସମିସ) : ସଦର ଥାନା ପୁଲିସ ୧୬ନଂ ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ଚଢ଼ଉ କରି ଦୁଇଟି ବାଲି ଓ ପଥର ବୋଝେଇ ଗାଡିକୁ ଜବତ କରିଛି। ଏହି ଘଟଣାରେ ପୁଲିସ ଦୁଇଜଣ ଡ୍ରାଇଭରଙ୍କୁ ଗିରଫ କରିଛି। ଗିରଫ ଦ୍ୱୟ ହେଲେ ସ୍ଥାନୀୟ କାଇପଦରମାଧପୁରରଭୁବନାମାର୍ଥା(୪୮) ଏବଂବାଜପୁରରପ୍ରଭାକରସାହୁ(୩୨)।

ରାତିରେ ଗଳାବାଟ ଦେଇ ଲଘୁଖଣିଜ ଦ୍ରବ୍ୟ ଚୋରା ଚାଲାଣ କରୁଥିବା ଦୁଇଟି ଗାଡି କୁ କାଲି ରାତିରେ ପୁଲିସ ଧରିଛି। ଏକ ବାଲିବୋଝେଇ ଗାଡିକୁ ତାପଙ୍ଗ ଛକରୁ ଧରିଥିଲା। ଅନ୍ୟ ଗାଡିକୁ କଳା ମୁଗୁନି ପଥର ଚୋରା ଚାଲାଣ କଲାବେଳେ ଦଧିମାଛଗାଡିଆ ଛକରୁ ପୁଲିସ ଧରିଛି। ଦୁଇଟି ଯାକ ଗାଡି ଯାଞ୍ଚବେଳେ କୌଣସି ବୈଧ କାଗଜ ଚାଳକ ଦେଖାନପାରିବାକୁ ଗାଡି କୁ ପୁଲିସ ଜବତ କରିବା ୨ଟି ପୃଥକ ମାମଲାରେ ଦୁଇଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ବାସୁଦେବ ଜୟସିଂ ସୂଚନା ଦେଇଛନ୍ତି।

## ପୂର୍ବତନ ସୈନିକଙ୍କ ବିୟୋଗ



ନିରାକାରପୁର,୧୮।୧୨ (ସମିସ): କଳିଙ୍ଗ ଭେଟରାନ ଆସୋସିଏସନ, ଜଙ୍କିଆ, ଖୋର୍ଦ୍ଧାର ବରିଷ୍ଠ ସଦସ୍ୟ ଭେଟରାନ ରବୀନ୍ଦ୍ର କୁମାର ରାଉତରାୟଙ୍କ ୬୪ବର୍ଷ ବୟସରେ ଗୁରୁବାର ପରଲୋକ ଘଟିଛି। ସେ ଭାରତୀୟ ସେନାର କୋର ଅଫ ଅର୍ଟିଲାରୀରେ ପନ୍ଦର ବର୍ଷ ଭାରତ ମାତାର ସେବା କରି ସେବା ନିବୃତ୍ତ ହୋଇ ଆସିଥିଲେ। ଅବସର ପରେ ସେ ଓଡ଼ିଶା ପୁଲିସ ରେ ଯୋଗ ଦେଇ ନିଜର ଦ୍ୱିତୀୟ କ୍ୟାରିଅର ଆରମ୍ଭ କରି ୨୦୨୦ରେ ସେଥିରୁ ସେବା ନିବୃତ ହୋଇ ପରବର୍ତ୍ତୀ ଜୀବନ ସମାଜ ସେବାରେ ନିୟୋଜିତ କରିଥିଲେ। ଅଦ୍ୟାବଧି ସଖାସଂଘ କ୍ରୀଡା ସଂସଦର ଜଣେ ସକ୍ରିୟ ସଦସ୍ୟ ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ କଳିଙ୍ଗ ଭେଟରାନ୍ସ ଆସୋସିଆନର ସଭାପତି ସୁବେଦାର ମେଜର ବିଜୟ ବଳିଆରସିଂହ, ଯୁଗ୍ମ ସମ୍ପାଦକ ୱାରେଣ୍ଟ ଅଫିସର ବିପିନ ବିହାରି ମାନସିଂହ, ଭେଟେରାନ ୱାରେଣ୍ଟ ଅଫିସର ମହେଶ୍ୱର ବେହେରା, ଭେଟରାନ ୱାରେଣ୍ଟ ଅଫିସର ହରିବନ୍ଧୁ ସିଂହ ଙ୍କ ସମେତ ଆସୋସିଏସନର ଶତାଧିକ ସୈନିକ ତାଙ୍କ ନିରାକାରପୁରସ୍ଥିତ ବାସ ଭବନରେ ଏକତ୍ରିତ ହୋଇ ତାଙ୍କ ମର ଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

## ଅବସରପ୍ରାପ୍ତ ସାମରିକ କର୍ମଚାରୀଙ୍କ ଶୋକସଭା

ନିରାକାରପୁର,୧୮।୧୨ (ସମିସ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଗ୍ରାମର ଅବସରପ୍ରାପ୍ତ ସାମରିକ କର୍ମଚାରୀ ତଥା ଶାଖା ସଂଘ ସଭ୍ୟ ସ୍ୱର୍ଗତ ରବି ରାଉତରାୟଙ୍କ ପାଇଁ ଆଜି ସ୍ଥାନୀୟ ସଖା ସଂଘ କ୍ରୀଡା ସଂସଦ ପକ୍ଷରୁ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସଂସଦ ସଭାପତି ବିପିନ କୁମାର ଜୟସିଂହ, କାର୍ଯ୍ୟକାରୀ ସଭାପତି ଶ୍ୟାମ ସୁନ୍ଦର ପଟ୍ଟନାୟକ, ଜିଲ୍ଲା ପରିଷଦ ସଦସ୍ୟ ବିଜୟ ପାଲଟାସିଂହ, କାର୍ଯ୍ୟକାରୀ ସମ୍ପାଦକ ଦୀପକ ପ୍ରଧାନ, ଉପସଭାପତି ପ୍ରକାଶ ବଳିଆରସିଂହ, ମାନସ ଚନ୍ଦ୍ର ପଟ୍ଟନାୟକ, କୋଷାଧ୍ୟକ୍ଷ ହରିହର ସିଂହ, ଉପଦେଷ୍ଟା ମହେଶ୍ୱର ବେହେରା, ଯୁଗ୍ମ ସମ୍ପାଦକ ଉମେଶ ଚନ୍ଦ୍ର ମିଶ୍ର, ହିମାଂଶୁ ଭୂଷଣ ଚମ୍ପତିରାୟ, କାର୍ଯ୍ୟକାରୀ କୋଷାଧ୍ୟକ୍ଷ ପ୍ରସାଦ ଦାସ, ଅବସରପ୍ରାପ୍ତ ସାମରିକ ଅଧିକାରୀ ବିଜୟ କୁମାର ବଳିଆରସିଂହ ପ୍ରମୁଖ ଶୋକବ୍ୟକ୍ତ କରିଥିଲେ।

## ପୂର୍ବତନ ଅଧ୍ୟକ୍ଷଙ୍କ ବିୟୋଗରେ ସ୍ମୃତିସଭା

ବାଲୁଗାଁ,୧୮ ।୧୨(ସମିସ) : ବାଲୁଗାଁ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ମେଜର ବି.କେ.ନରେନ୍ଦ୍ରଙ୍କ ଗତ ୧୫ ତାରିଖରେ ୮୩ ବର୍ଷ ବୟସରେ ପରଲୋକ ଘଟିଛି। ଏହି ପରିପ୍ରେକ୍ଷୀରେ ବାଲୁଗାଁ ମହାବିଦ୍ୟାଳୟ ପକ୍ଷରୁ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ସଭାପତିତ୍ୱରେ ଯୁକ୍ତ ଦୁଇ ଅଧ୍ୟକ୍ଷ ସୁବାସ ଶ୍ରୀଚନ୍ଦନ, ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ. କୈଳାସ ଚନ୍ଦ୍ର ମହାରଣା, ପ୍ରତିଷ୍ଠାନ୍ ଅଧିକାରୀ ସୁଧାକର ନାୟକ ପ୍ରମୁଖଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ସାମିଲ ହୋଇ ପ୍ରାରମ୍ଭରେ ସ୍ୱର୍ଗତ ନରେନ୍ଦ୍ରଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରିବା ସହ ତାଙ୍କ କର୍ମମୟ ଜୀବନ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ।

## ଇଟାମାଟି ଯଦୁମଣି କ୍ଲବ୍ ଫାଇନାଲରେ

ବୋଲଗଡ଼,୧୮।୧୨(ସମିସ): ସ୍ଥାନୀୟ ବାମନ ସରକାରୀ ଉଚ୍ଚ ବିଦ୍ୟାଳୟ ମିନି ଷ୍ଟାଡିୟମରେ ବୋଲଗଡ଼ ଫ୍ରେଣ୍ଡ୍ସ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଜାନକୀ ପାଢ଼ୀ ମେମୋରିଆଲ ରାଜ୍ୟସ୍ତରୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ଗୁରୁବାର ଅପରାହ୍ନ ରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚରେ ଇଟାମାଟିର ଯଦୁମଣି କ୍ଲବ ଫୁଟବଲ ଟିମ ୧-୦ ଗୋଲରେ କେରଙ୍ଗର ଅହମଦିଆ ଫୁଟବଲ ଟିମ୍‌କୁ ହରାଇ ଫାଇନାଲରେ ପ୍ରବେଶ କରିଛି । ରେଫରୀ ଭାବେ ଲକ୍ଷ୍ମୀଧର ଚୌଧୁରୀ ପରିଚାଳନା କରିଥିଲେ। ଏମ ଏସ ବେଗ ଖେଳ ଓ ବୈକୁଣ୍ଠ ମହାପାତ୍ର ଲାଇନ୍ସରେ ସହାୟତା କରିଥିବା ବେଳେ ଭଞ୍ଜକିଶୋର ଯତି ଚତୁର୍ଥ ରେଫରି ଥିଲେ। ଅତିଥି ଭାବେ ସ୍ଥାନୀୟ ଥାନା ଆଇଆଇସି ସୁକାନ୍ତ ଦଳେଇ ଏବଂ ତହସିଲଦାର ବିଜୟ ସେଠୀ ଯୋଗଦେଇ ଥିଲା ବେଳେ ଆୟୋଜକ ଫ୍ରେଣ୍ଡସ କ୍ଲବ ସଦସ୍ୟ ତଥା ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଅଶ୍ୱିନୀ ପଟନାୟକ, ପୂର୍ବତନ ସମିତି ସଭ୍ୟ ବୀର କିଶୋର ଦାସ, ଜିତେନ୍ଦ୍ର ମାର୍ଥା, ବାବୁ ସିଂହ, ମନୋଜ ସାହୁ, ରାକେଶ ମହାପାତ୍ର, ହରଷ ଦୁଆରୀ, ବଳରାମ ମାର୍ଥା ପ୍ରମୁଖ ଉପସ୍ଥିତ ଥିଲେ। ଶନିବାର ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ଇଟାମାଟିର ଯଦୁମଣି କ୍ଲବ ଫୁଟବଲ ଟିମ ଏବଂ ଖୋର୍ଦ୍ଧା ପାଇକ ତିଗିରିଆର ଏଜେ କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ।

### ଖୋର୍ଦ୍ଧା ଜଳସେଚନ ବିଭାଜନ

# କାର୍ଯ୍ୟକାରୀ ହେଉନି ସରକାରଙ୍କ ବଦଳି ନୀତି



ଖୋର୍ଦ୍ଧା,୧୮।୧୨(ସମିସ): ଇନ୍ଦ୍ରଚନ୍ଦ୍ର ମାନୁ ନାହାନ୍ତି ସରକାରୀ ବାବୁ ଓ କର୍ମଚାରୀ। ଦୀର୍ଘଦିନ ହେବ ଗୋଟିଏ ସ୍ଥାନରେ ଚାକିରି କରୁଥିବାରୁ ରହୁନି ଭୟ। ଉପରିସ୍ଥ ଅଧିକାରୀଙ୍କ ପୃଷ୍ଠପୋଷକତାରେ ଦେଖାଉଛନ୍ତି ହାକିମଗିରି। ଗୋଟିଏ ସ୍ଥାନରେ ୩ ବର୍ଷରୁ ଅଧିକ ସମୟ ରହିଥିବା ସରକାରୀ କର୍ମଚାରୀଙ୍କୁ ବଦଳି କରିବାକୁ ରାଜ୍ୟ ସରକାରଙ୍କ ନିୟମ ରହିଛି। ହେଲେ ଏ ନିୟମ ଯେମିତି ଖୋର୍ଦ୍ଧା ଜଳସେଚନ ବିଭାଜନରେ କାର୍ଯ୍ୟକାରୀ ହେଉନଥିବା ଅଭିଯୋଗ ହେଉଛି। ଶାଳିଆ ଜଳସେଚନ ଉପବିଭାଜନରେ କାର୍ଯ୍ୟରତ ସହକାରୀ ନିର୍ବାହୀ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ୩ବର୍ଷରୁ ଉଦ୍ଧ୍ୱର୍ ଚୌକି ମାଡି ବସିଥିବାବେଳେ ବରିଷ୍ଠ ସହାୟକ, କନିଷ୍ଠ ସହାୟକ ପ୍ରମୁଖଙ୍କ ସମେତ ଅନ୍ୟ କିଛି କର୍ମଚାରୀ ୧୦ରୁ ଅଧିକ ବର୍ଷ ଗୋଟିଏ କାର୍ଯ୍ୟାଳୟରେ ବସିଛନ୍ତି। କାମ କରିବା ତ ଦୂରର କଥା ଲୋକଙ୍କୁ ଭଲ ବ୍ୟବହାର ମିଳୁ ନ ଥିବା ଅଭିଯୋଗ ହେଉଛି। ସରକାରୀ ବାବୁ ଓ କର୍ମଚାରୀ ବର୍ଷବର୍ଷ ଧରି ଗାଦି ମାଡି ବସିଥିବାରୁ ଫାଇଦା ଉଠାଇ ବିଭିନ୍ନ ରାସ୍ତାରେ ଶୋଷଣ କରୁଥିବା ଅଭିଯୋଗ ହେଉଛି।

ମିଳିଥିବା ତଥ୍ୟ ଅନୁସାରେ, ଖୋର୍ଦ୍ଧା ଜଳସେଚନ ବିଭାଜନ ରେ କାର୍ଯ୍ୟରତ ଅଧିକାଂଶ କର୍ମଚାରୀ ଦୀର୍ଘ ୧୫ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଗୋଟିଏ ଚୌକି ରେ ବସି କାର୍ଯ୍ୟ କରୁଛନ୍ତି। ଜନୈକ କର୍ମଚାରୀ ସେହି କାର୍ଯ୍ୟାଳୟରେ ନିଯୁକ୍ତି ପାଇ ପରବର୍ତ୍ତୀ ସମୟରେ ପଦୋନ୍ନତି ପାଇ ଥିଲେ ମଧ୍ୟ ଅନ୍ୟତ୍ର ବଦଳି ହୋଇ ନାହାଁ। ସେହି ପ୍ରଭାବଶାଳୀ କର୍ମଚାରୀଙ୍କ ମଧ୍ୟରୁ ଖୋର୍ଦ୍ଧା ଜଳ ସେଚନ ବିଭାଜନ ରେ ବର୍ତ୍ତମାନ କାର୍ଯ୍ୟରତ ବରିଷ୍ଠ ସହାୟକ ଦିବ୍ୟରଞ୍ଜନ ଆଚାର୍ଯ୍ୟ ଗୋଟିଏ ସ୍ଥାନ ରେ ୨୭ବର୍ଷରୁ ଉଦ୍ଧ୍ୱର୍ ସମୟ ରହି କାର୍ଯ୍ୟ କରୁଥିବା ମିଳିଥିବା ତଥ୍ୟରୁ ଜଣାଯାଇଛି।

ସେହିପରି ବରିଷ୍ଠ ସହାୟକ ବିଶ୍ୱଜିତ ବେହେରା ଡେପୁଟେସନରେ ଯାଇ ପ୍ରାଚୀ ଜଳସେଚନ ବିଭାଜନ ରେ ୯ବର୍ଷ, ଡ୍ରାଫ୍ଟସ ମେନ ଗୋକୁଳ ମହାରଣା ୧୦ ବର୍ଷ, କନିଷ୍ଠ ସହାୟକ ସତ୍ୟ ରଞ୍ଜନ ରାୟ ୨୫ ବର୍ଷ, କନିଷ୍ଠ ସହାୟକ ଶ୍ରୀକାନ୍ତ ଦାଶ ୨୫ ବର୍ଷ, କନିଷ୍ଠ ସହାୟକ ପ୍ରଫୁଲ୍ଲ କୁମାର ସେଠି ୧୭ ବର୍ଷ, ୱାର୍କ ସରକାର ପତିତପାବନ ବେହେରା ୨୪ ବର୍ଷ, ଖଲାସୀ ତ୍ରିନାଥ ଚରଣ ଭୁଜବଳ ୨୬ ବର୍ଷ, ଖଲାସୀ ସୁଦାମ ରଣା ୨୮ ବର୍ଷ, ଖଲାସୀ ତ୍ରିନାଥ ବାରିକ,୨୮ ବର୍ଷ ଧରି ଗୋଟିଏ ସ୍ଥାନ ରେ କାର୍ଯ୍ୟ କରୁଥିବା ସରକାରୀ ତଥ୍ୟରୁ ଜଣାଯାଇଛି।

ଏଥିସହିତ ଶାଳିଆ ଜଳସେଚନ ଉପ ବିଭାଜନରେ କାର୍ଯ୍ୟରତ ସହକାରୀ ନିର୍ବାହୀ ଯନ୍ତ୍ରୀ ସୁରେନ୍ଦ୍ର କୁମାର ସାହୁ ୩ ବର୍ଷରୁ ଉର୍ଦ୍ଧ୍ୱ ସମୟ ରହିଥିବାବେଳେ ଖୋର୍ଦ୍ଧା ସହକାରୀ ନିର୍ବାହୀ ଯନ୍ତ୍ରୀ ବିନୋଦ କୁମାର ସାହୁ, ରାଜୁଆ ଜଳସେଚନ ଉପ ବିଭାଜନର ଅକ୍ଷୟ କୁମାର ବେହେରା ପ୍ରମୁଖ ୭ବର୍ଷରୁ ଉର୍ଦ୍ଧ୍ୱ ରହିଥିବା ତଥ୍ୟରୁ ଜଣାଯାଇଛି। ଶାଳିଆ ସହକାରୀ ଯନ୍ତ୍ରୀ ମନୋଜ କୁମାର ସାହୁ ୪ବର୍ଷରୁ ଉର୍ଦ୍ଧ୍ୱ, ବାଳକୃଷ୍ଣ ବିଷୋୟୀ ୩ ବର୍ଷ ରୁ ଉର୍ଦ୍ଧ୍ୱ ସମୟ ଧରି ଖୋର୍ଦ୍ଧା ଜଳ ସେଚନ ବିଭାଜନ ଅଧୀନରେ କାର୍ଯ୍ୟ କରୁଥିଲେ ମଧ୍ୟ ସେମାନଙ୍କ ଦୀର୍ଘଦିନ ଧରି ଖୋର୍ଦ୍ଧା ଜିଲ୍ଲା ରୁ ଅନ୍ୟତ୍ର ବଦଳି ହେଉ ନଥିବା ଅଭିଯୋଗ ହୋଇଛି। ଗୋଟିଏ ସ୍ଥାନରେ ଚୌକି ଲାଗି ଦୀର୍ଘଦିନ ବାବୁମାନେ ବସିଥିବାବେଳେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟରେ କିପରି ସ୍ୱଚ୍ଛତା ରହୁଥିବ ତାହା ଅନୁମେୟ।

ପ୍ରକାଶ ଥାଉକି, ଦୁର୍ନୀତି ବିରୋଧ ରେ ସଚେତନତା ପାଇଁ ଜିଲ୍ଲାରେ ବ୍ୟାପକ କାର୍ଯ୍ୟକ୍ରମ କରାଯାଉଛି। ଅନେକ ସମୟରେ ଦୁର୍ନୀତିଖୋର ଅଧିକାରୀ ଏବଂ କର୍ମଚାରୀ ଦୁର୍ନୀତି ନିବାରଣ ଅଧିକାରୀଙ୍କ ହାବୁଡ଼ରେ ପଡୁଥିବାବେଳେ ଏବେ ବି ଏହି କାର୍ଯ୍ୟାଳୟର ଅନେକ ଦୁର୍ନୀତି ନିବାରଣ ବିଭାଗ ନଜରରେ ଅଛନ୍ତି। କିଛିବର୍ଷ ତଳେ ଏହି ବିଭାଗର ଜଣେ ଏସଡିଓ ଲାଞ୍ଚ ନେବା ଅଭିଯୋଗରେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିଲେ। ତଥାପି ସୁଧୁରୁନାହାନ୍ତି ଗାଦିମଡା ସରକାରୀ ବାବୁ ଓ କର୍ମଚାରୀ। ଏପଟେ ସରକାର ଦୁର୍ନୀତିମୁକ୍ତ ଓଡ଼ିଶା ଗଠନ କରିବାକୁ ସ୍ୱପ୍ନ ଦେଖୁଥିବା ବେଳେ ଆଇନ ଫାଙ୍କରେ ଦୁର୍ନୀତିରେ ଲିପ୍ତ ରହୁଛନ୍ତି ଏହି ବିଭାଗର ସରକାରୀ ବାବୁ ଓ କର୍ମଚାରୀ। ତେଣୁ ଏହି ବିଭାଗରେ ରାଜ୍ୟ ସରକାରଙ୍କ ବଦଳି ନୀତି କାର୍ଯ୍ୟକାରୀ କରାଯିବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

## ସର୍ବଭାରତୀୟ ମହାବୀର କପ୍ ଫୁଟବଲ୍ ଉଦ୍‌ଘାଟିତ



ଟାଙ୍ଗୀ,୧୮।୧୨(ସମିସ) : ଟାଙ୍ଗୀ ବ୍ଲକ କୁହୁଡି ଜନତା ଷ୍ଟାଡିୟମ୍‌ରେ ଆଜି ମହାବୀର ଆଥଲେଟିକ ଆସୋସିଏସନ ଆନୁକୂଲ୍ୟରେ ୬୬ତମ ସର୍ବଭାରତୀୟ ମହାବୀର କପ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉଦଘାଟନୀ ମ୍ୟାଚରେ ପଶ୍ଚିମବଙ୍ଗ ଦକ୍ଷିଣପୂର୍ବ ରେଳପଥ ସ୍ପୋର୍ଟସ ଆସୋସିଏସନକୁ ହରାଇ ନୟାଗଡ ସ୍ପୋର୍ଟସ ହଷ୍ଟେଲ ୨-୦ ରେ ବିଜୟୀ ହୋଇଛି। ଅନୁଷ୍ଠାନର ଉପସଭାପତି ରାଜ କିଶୋର ବୈରୀଗଞ୍ଜନ ଓ ସମ୍ପାଦକ ମନୋଜ ମାନସିଂହଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ଜନତା ହାଇସ୍କୁଲ ପଡିଆଠାରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟର ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ସମ୍ମାନିତ ଅତିଥି ଭାବେ ପୂର୍ବତନ ଚିଲିକା ବିଧାୟକ ବିଭୂତି ଭୂଷଣ ହରିଚନ୍ଦନ, ପୂର୍ବତନ ଖୋର୍ଦ୍ଧା ଜିଲ୍ଲା ପରିଷଦ ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ର, ପୂର୍ବତନ ଚିଲିକା ପଞ୍ଚାୟତ ସମିତି ଅଧ୍ୟକ୍ଷ ଲଳିତ ମୋହନ ପଟ୍ଟନାୟକ, ଜନତା ହାଇସ୍କୁଲର ପ୍ରଧାନଶିକ୍ଷକ ମମତା ଦାସ, ପୂର୍ବତନ ସରପଞ୍ଚ ଜୟଦେବ ବେହେରା, ପୂର୍ବତନ ସଭାପତି ହୃଷିକେଶ ପ୍ରଧାନ, ରତନପୁର ସରପଞ୍ଚ ଗୁରୁବନ୍ଧୁ ବେହେରା, ମଣ୍ଡଳ ସଭାପତି ଜୟରାମ ବେହେରା, ଆଥଲେଟିକ୍ ଆସୋସିଏସନର ସଂପାଦକ ମନୋଜ କୁମାର ମାନସିଂହ ପ୍ରମୁଖ ଯୋଗଦେଇ ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

ଆଜିର ଖେଳରେ ନୟାଗଡ଼ର ଦେବାଶିଷ ମାରାଣ୍ଡି ଓ ଖଡ଼ଗପୁରର ବିଟୁ ଦାସଙ୍କୁ "ବିଭୂତି ମେମୋରିଆଲ ଟ୍ରଫି"ର ମ୍ୟାନ ଅଫ ଦ ମ୍ୟାଚ ପୁରସ୍କାର ପ୍ରଦାନ ଦିଆଯାଇଥିଲା । ଜାତୀୟ ସ୍ତରର ରେଫରୀ ସେଖାବତ ଖାନ ଖେଳ ପରିଚାଳନା କରିଥିବା ବେଳେ ଲାଇନ ରେ ସହାୟତା କରିଥିଲେ ସରୋଜ ମହାରଣା ଓ ବିଜୟ ମଙ୍ଗରାଜ। ଚତୁର୍ଥ ରେଫର ଭାବେ ଗୋପାଳ ସାମନ୍ତରାୟ କାର୍ଯ୍ୟ ସଂପାଦନ କରିଥିଲେ।

## ଅଟ୍ରି ମକର ମହୋତ୍ସବ ପ୍ରସ୍ତୁତି ବୈଠକ

ବେଗୁନିଆ,୧୮।୧୨(ସମିସ): ବେଗୁନିଆ ପଞ୍ଚାୟତ ସମିତିର ସଭା ଗୃହରେ ଅଟ୍ରି ମକର ମହୋତ୍ସବର ପ୍ରସ୍ତୁତି ବୈଠକ ତହସିଲଦାର ତାପସ ବିଶିଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଛି। ମହୋତ୍ସବ କମିଟିର ସଭାପତି ବିଧାୟକ ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ବିଡ଼ିଓ ସନ୍ତୋଷ ଜେନା, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ଜିଲ୍ଲା ପରିଷଦ ସଭ୍ୟ ପ୍ରକାଶ ଚନ୍ଦ୍ର ସାହୁ, ଉପନିବନ୍ଧକ ଅମିତ୍ ସେଠୀ ଓ ବାଘମାରି ଥାନା ଅଧିକାରୀ ସୁଚିତ୍ରା ଜେନା ପ୍ରମୁଖ ଯୋଗ ଦେଇ ଆସନ୍ତା ଜାନୁଆରୀ ୧୪ରୁ ଆରମ୍ଭ ହୋଇ ୧୮ ତାରିଖ ପର୍ଯ୍ୟନ୍ତ ମହୋତ୍ସବ ଚାଲୁ ରହିବ। ମହୋତ୍ସବ ସ୍ଥଳରେ ପାନୀୟ ଜଳ, ସ୍ୱାସ୍ଥ୍ୟ ସେବା ଅଗ୍ନିଶମ ସେବା, ପରିମଳ ବ୍ୟବସ୍ଥା, ବିଜୁଳି ଆଲୋକୀକରଣ ବ୍ୟବସ୍ଥା, ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ମହୋତ୍ସବ ସ୍ଥଳକୁ ସଂଯୋଗୀକରଣ ରାସ୍ତାର ମରାମତି ଓ ବିଭିନ୍ନ ଷ୍ଟଲ୍ ନିର୍ମାଣ ଆଦି ଉପରେ ଆଲୋଚନା ହୋଇଥିଲା।

ପ୍ରାରମ୍ଭରେ ମହୋତ୍ସବ କମିଟିର କାର୍ଯ୍ୟକାରୀ ସଭାପତି ତଥା ବରିଷ୍ଠ ସାମ୍ବାଦିକ ଭଗବାନ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସାଧାରଣ ସମ୍ପାଦକ ଦିଲ୍ଲୀପ କୁମାର ମହାପାତ୍ର କାର୍ଯ୍ୟକ୍ରମ ସମ୍ବନ୍ଧରେ ସମସ୍ତଙ୍କୁ ଅବଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ମୀରାବାଇ ବେହେରା, ବ୍ଲକ କୃଷି ଅଧିକାରୀ ଶୁଭ୍ରାନ ରାଉଳ, ଜଳ ଯୋଗାଣ ଅଧିକାରୀ ସରିତା ଦାସ, ସରପଞ୍ଚ ମାନସ ରଞ୍ଜନ ବିଶ୍ୱାଳ, ପୂର୍ବତନ ସରପଞ୍ଚ ପ୍ରଶାନ୍ତ ବେହେରା ଓ ଅଟ୍ରି ବାରପଲି କମିଟିର ସଦସ୍ୟମାନେ ଉପସ୍ଥିତ ରହିଥିଲେ।

## ଖୋର୍ଦ୍ଧା ମହୋତ୍ସବର ତୃତୀୟ ସନ୍ଧ୍ୟା

ଖୋର୍ଦ୍ଧା,୧୮।୧୨(ସମିସ): ସ୍ଥାନୀୟ ବିଡିଏ ପଡିଆ ଠାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିୟୁଥିଙ୍ଗ ଫୋରମ ଆନୁକୂଲ୍ୟରେ ଚାଲିଥିବା ଖୋର୍ଦ୍ଧା ମହୋତ୍ସବର ଗୁରୁବାର ଥିଲା ତୃତୀୟ ସନ୍ଧ୍ୟା। ମହୋତ୍ସବ କମିଟି ସଭାପତି ଡ. ଦିଲ୍ଲୀପ ଶ୍ରୀଚନ୍ଦନଙ୍କ ପୌରହିତ୍ୟରେ ଅନୁଷ୍ଠିତ ସାନ୍ଧ୍ୟ ସଭାରେ ମୁଖ୍ୟଅତିଥି ରୂପେ ଓଡ଼ିଶା ବିଧାନ ସଭାର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା, ପୌରନିର୍ବାହୀ ଅଧିକାରୀ ରିଜୱାନ କଅକବ, ଖୋର୍ଦ୍ଧା ଆଦର୍ଶ ଥାନା ଅଧିକାରୀ ସଞ୍ଜୟ ନାୟକ, କୃଷ୍ଣଚନ୍ଦ୍ର ହରିଚନ୍ଦନ, ପୂର୍ବତନ ପୌରାଧ୍ୟକ୍ଷା କୁନିଲତା ସାହୁ ପ୍ରମୁଖ ଯୋଗଦେଇଥିଲେ। ଖୋର୍ଦ୍ଧାର ଏହି ମହୋତ୍ସବ ବିକଶିତ ଓଡ଼ିଶା ଗଠନରେ ମୁଖ୍ୟ ଭୂମିକା ନିର୍ବାହ କରୁଥିବାବେଳେ ଖୋର୍ଦ୍ଧା ଜିଲ୍ଲା ବିକଶିତ ଜିଲ୍ଲାରେ ଏକ ନମ୍ବର୍ ହେବ ଏବଂ ଯୁବଶକ୍ତି ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ବିଧାୟକ ତଥା ମହୋତ୍ସବ କମିଟି ମୁଖ୍ୟ ଉପଦେଷ୍ଟା ପ୍ରଶାନ୍ତ କୁମାର ଜଗଦ୍ଦେବ ସ୍ୱାଗତଭାଷଣ ଦେଇଥିବାବେଳେ ମହୋତ୍ସବ କମିଟି ସାଧାରଣ ସମ୍ପାଦକ ନରେନ୍ଦ୍ର ପୃଷ୍ଟି ଧନ୍ୟବାଦ ଦେଇଥିଲେ। ମଂଚ ଉପସ୍ଥାପନା ଶ୍ରୀକାନ୍ତ କୁମାର ନାୟକ ସମ୍ପାଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିକୁଞ୍ଜ ପଟ୍ଟନାୟକ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ। ଶୀତୁଆ ସନ୍ଧ୍ୟାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କ ମନ ମୋହିଥିଲା।

## ଶ୍ରୀରଙ୍ଗନାଥ ଦେବଙ୍କ ପହିଲି ଭୋଗ ନୀତିକାନ୍ତି



ବାଣପୁର,୧୮।୧୨(ସମିସ); ଭଗବତୀ କ୍ଷେତ୍ର ବାଣପୁରର ଆରାଧ୍ୟ ଦେବ ଶ୍ରୀରଙ୍ଗନାଥ ଦେବଙ୍କ ମାନବୀୟ ଲୀଳାର ଅନ୍ୟତମ ପ୍ରତୀକ ଓଢ଼ଣୀ ଲାଗି ବେଶ ଅନୁଷ୍ଠିତ ହୋଇଯାଇଛି। ମହାପ୍ରଭୁ ଓଢ଼ଣୀ ଷଷ୍ଠୀଠାରୁ ଶୀତ ଦାଉରୁ ରକ୍ଷା ପାଇବା ପାଇଁ ଶୀତ ବସ୍ତ୍ର ପରିଧାନ କରି ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ରହିଥିବା ବେଳେ ଧନୁ ସଂକ୍ରାନ୍ତି ମଙ୍ଗଳବାର ଧନୁ ମୁଆଁ ଭୋଗ ହେବା ଠାରୁ ପହିଲି ଭୋଗ ଆରମ୍ଭ ହୋଇ ଯାଇଛି। ଏହି ଅବସରରେ ଦୈନନ୍ଦିନ ଶ୍ରୀ ରଙ୍ଗନାଥ ଦେବଙ୍କ ନିକଟରେ ପହିଲି ଭୋଗ ଲାଗି ହେଉଛି। ଶୁକ୍ଳ ପକ୍ଷ ଓଢ଼ଣୀ ଷଷ୍ଠୀରେ ଶ୍ରୀ ରଙ୍ଗନାଥଦେବ ଓ ବାଣପୁରର ଇଷ୍ଟଦେବୀ ମା' ଭଗବତୀଙ୍କ ଓଢ଼ଣୀ ଲାଗି ବେଶ ଅନୁଷ୍ଠିତ ହୋଇଥିଲା।

## କ୍ଲଷ୍ଟରସ୍ତରୀୟ ଶିକ୍ଷା ସଭା




ଟାଙ୍ଗୀ,୧୮।୧୨(ସମିସ): ଟାଙ୍ଗୀ ବ୍ଲକ ଲକ୍ଷ୍ମୀଧରପୁର କ୍ଲଷ୍ଟର ବିଦ୍ୟାଳୟରେ ଶିକ୍ଷା ସଚେତନତା ପାଇଁ କ୍ଲଷ୍ଟର ସ୍ତରୀୟ 'ଶିକ୍ଷା ସଭା' "ଆସ ସ୍କୁଲ୍ ଯିବା ଅନୁଷ୍ଠିତ ହୋଇଯାଇଅଛି। ମୁଖ୍ୟଅତିଥୀ ଭାବେ ରତନପୁର ସରପଞ୍ଚ ଗୁରୁବନ୍ଧୁ ବେହେରା, ମୁଖ୍ୟବକ୍ତା ପ୍ରାକ୍ତନ ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ଶ୍ରୀଚନ୍ଦନ ଯୋଗଦେଇଥିଲେ। ଜନତା ଉଚ୍ଚ ବିଦ୍ୟାଳୟ କୁହୁଡିର ପ୍ରଧାନ ଶିକ୍ଷୟତ୍ରୀ ମମତା ଦାଶ ସଭାପତିତ୍ୱ କରିଥିଲେ। ମଞ୍ଚ ପରିଚାଳନା କରିଥିଲେ ବିଭୂତି ଭୂଷଣ ଯୁଝାରସିଂ ଓ ଉକ୍ତ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସର୍ବେଶ୍ୱର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଦୀନବନ୍ଧୁ ପୃଷ୍ଟି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବିଦ୍ୟାଳୟରେ ଖାଦ୍ୟ ମେଳା

ନିରାକାରପୁର,୧୮।୧୨ (ସମିସ): ଖୋର୍ଦ୍ଧା ଜିଲ୍ଲା ଭଗବତ ଦେବ ସରକାରୀ ଉଚ୍ଚ ବିଦ୍ୟାଳୟ ଜଙ୍କିଆ ପରିସରରେ ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାରାଣୀ ପ୍ରହରାଜଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟସ୍ତରୀୟ ଖାଦ୍ୟ



ମେଳା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷୟିତ୍ରୀ ସଞ୍ଜୁକ୍ତା ଚମ୍ପତିରାୟ, ସୁମିତ୍ରା ରାଉତରାୟ, ସୁଲୋଚନା ଦାସ, ନିରୁପମା ପାତଲାସିଂହ, ସ୍ୱାଗତିକା ସାହୁ, ଅନୁସୟା କଅଁର, ମଧୁସ୍ମିତା ମଙ୍ଗରାଜ, ଭୂମିକା ଜେନା, ଶୁଭଲକ୍ଷ୍ମୀ ପାଇକରାୟ, ସୁପ୍ରଭା ବେହେରା, ଅଞ୍ଜନା ମୁଖୀ ଓ ଶିକ୍ଷକ ରଞ୍ଜିତ ବେହେରା ଓ ବିକାଶ ଦାସ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## କାନ୍ଥ କାଟି ମୋବାଇଲ ଦୋକାନରୁ ଚୋରି



ନିରାକାରପୁର, ୧୮।୧୨(ସମିସ): ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଥାନା ଅନ୍ତର୍ଗତ ଜଙ୍କିଆ ବଜାରରେ ଥିବା ଭଗବତୀ କମ୍ୟୁନିକେସନ ମୋବାଇଲ ଦୋକାନର ପଶ୍ଚିମପଟ କାନ୍ଥ କାଟି ବୁଧବାର ରାତିରେ ଲୁଟେରା କଳାକନା ବୁଲାଇଦେଇଛନ୍ତି। ଭଗବତୀ କମ୍ୟୁନିକେସନର ମାଲିକ ବୁଧବାର ରାତି ୧୦ଟାରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ଗୁରୁବାର ଭୋର ସମୟରେ ସ୍ଥାନୀୟ ଲୋକମାନେ ମୋବାଇଲ ଦୋକାନର ପଶ୍ଚିମ ପଟ କାନ୍ଥ ଖୋଲା ହୋଇଥିବା ଦେଖି ମୋବାଇଲ ଦୋକାନ ମାଲିକଙ୍କୁ ଖବର ଦେଇଥିଲେ । ଦୋକାନ ଭିତରେ କୌଣସି ଲୁଟେରା ରହିଯାଇଥିବା ସନ୍ଦେହ କରି ମୋବାଇଲ ଦୋକାନୀ ଦୁର୍ଯ୍ୟୋଧନ ଶ୍ରୀଚନ୍ଦନ ଜଙ୍କିଆ ଥାନାରେ ଅଭିଯୋଗ କରିଥିଲେ। ଜଙ୍କିଆ ପୁଲିସ ଉପସ୍ଥିତିରେ ଦୋକାନ ସଟର ଖୋଲାଯାଇଥିଲା। ପ୍ରାୟ ଲକ୍ଷାଧିକ ଟଙ୍କାର ମୋବାଇଲ ଚୋରି ହେବା ସହ ଦୋକାନର ଶୋ'କେସ ଭାଙ୍ଗି ଦେଇଥିବା ଦେଖିବାକୁ ମିଳିଥିଲା। ପୁଲିସର ଘଟଣାର ତଦନ୍ତ ଚଳାଇଛି।

# କେନ୍ଦ୍ର ସରକାର ବିରୋଧରେ ଜିଲ୍ଲା କଂଗ୍ରେସର ବିକ୍ଷୋଭ

ଖୋର୍ଦ୍ଧା,୧୮।୧୨(ସମିସ)




କେନ୍ଦ୍ର ସରକାରର ମନମୁଖୀ ଶାସନ ତଥା ଇଡି, ସିବିଆଇ ଭଳି ସାମ୍ବିଧାନିକ ସଂସ୍ଥାର ଦୁରୁପଯୋଗ କରି ବିରୋଧୀ ଦଳର ନେତାମାନଙ୍କୁ ହଇରାଣ ହରକତ ସହ ସେମାନଙ୍କର ଭାବମୂର୍ତ୍ତିକୁ କ୍ଷୁର୍ଣ୍ଣ କରିବା ପ୍ରତିବାଦରେ ଜିଲ୍ଲା କଂଗ୍ରେସ ପକ୍ଷରୁ ଖୋର୍ଦ୍ଧାରେ ଏକ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସ୍ଥାନୀୟ ଟାଉନହଲଠାରୁ ବ୍ୟାଙ୍କ ଛକ ପର୍ଯ୍ୟନ୍ତ ଜିଲ୍ଲା ସଭାପତି ରାଜୀବ ପଟ୍ଟନାୟକଙ୍କ ନେତୃତ୍ୱରେ ଜିଲ୍ଲାର କଂଗ୍ରେସ ନେତା ଓ କର୍ମୀ ଶୋଭାଯାତ୍ରା କରି କେନ୍ଦ୍ର ସରକାର ବିରୋଧି ନାରାବାଜି କରିଥିଲେ। ପରେ ବ୍ୟାଙ୍କ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ ଯୋଗଦେଇ ନ୍ୟାସନାଲ ହେରାଲଡ଼ ମାମଲାରେ ନ୍ୟାୟାଳୟ ଇଡିକୁ ଭର୍ତ୍ସନା କରିବା ସହ କେଶ୍‌ଟିକୁ ଖାରଜ କରିବା ପରେ ଦୀର୍ଘ ଦଶନ୍ଧି ଧରି ବିଜେପି ଇଡି, ସିବିଆଇକୁ ହାତବାରିସି କରି ଗାନ୍ଧୀ ପରିବାର ଓ କଂଗ୍ରେସ ବିରୁଦ୍ଧରେ ଚଳାଇ ଥିବା ଅପଚେଷ୍ଟା ଓ ଷଡଯନ୍ତ୍ରର ପର୍ଦାଫାଶ ହୋଇଛି ବୋଲି କହିଥିଲେ। ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ ଓ ସୋନିଆ ଗାନ୍ଧୀଙ୍କୁ ଦୀର୍ଘ ୭୦ଘଂଟାରୁ ଉଦ୍ଧ୍ୱର୍ ସମୟ ଜେରାକୁ ପ୍ରତିବାଦ କରିବା ସହ ବିରୋଧୀ ଦଳକୁ ବଦନାମ କରି ନିର୍ବାଚନ ଜିତି କ୍ଷମତା ହାସଲ କରିବା ବିଜେପି ଦଳର ଏକମାତ୍ର ଲକ୍ଷ୍ୟ ବୋଲି ମତ ବ୍ୟକ୍ତ କରିଛନ୍ତି। ପୂର୍ବତନ ପିସିସି ମୁଖପାତ୍ର ଅମିତ୍ ମହାନ୍ତି ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀ ଦେଶବାସୀଙ୍କୁ କ୍ଷମାପ୍ରାର୍ଥନା କରନ୍ତୁ ନଚେତ ଇସ୍ତଫା ଦିଅନ୍ତୁ ବୋଲି ଦାବି କରିଥିଲେ। ଚିଲିକା ବିଧାୟକ ପ୍ରାର୍ଥୀ ପ୍ରଦୀପ ସ୍ୱାଇଁ, ସ୍ୱାଗତିକା ପଟ୍ଟନାୟକ, ଶୈଳେନ୍ଦ୍ର ଦାସ, ଜୟନ୍ତ ଭୋଇ, ରଣଜିତ ମହାପାତ୍ର, ସୁବାସ ପାତ୍ର, ତାପସ ମିଶ୍ର, ସଦାଶିବ ମହାପାତ୍ର, ମହିଉଦ୍ଦୀନ ଅହମଦ, ରମେଶ ପଟ୍ଟନାୟକ, ପ୍ଲାବନ୍ ପଟ୍ଟନାୟକ, ପ୍ରଦୋଷ ହରିଚନ୍ଦନ ପ୍ରମୁଖ ସାମିଲ ହୋଇଥିଲେ।

## ସଙ୍କୁଳସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

ନିରାକାରପୁର,୧୮।୧୨ (ସମିସ): ଶିକ୍ଷା ବିକାଶ ସମିତି ଆନୁକୂଲ୍ୟରେ ଖୋର୍ଦ୍ଧା ଜିଲ୍ଲା ରାମେଶ୍ୱର ଖେଳ ପଡିଆରେ ନିରାକାରପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଦ୍ୱାରା ସଙ୍କୁଳ ସ୍ତରୀୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସମୁଦାୟ ୯ ଟି ବିଦ୍ୟାଳୟର ବିଦ୍ୟାଳୟ ସ୍ତରରୁ ଉନ୍ନୀତ ହୋଇ ଆସିଥିବା ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଭାଗ ନେଇଥିଲେ।



ଉଦଘାଟନୀ ସମାରୋହରେ ସଙ୍କୁଳ ପ୍ରମୁଖ ଗିରିଜା ମହାପାତ୍ର ଅଧ୍ୟକ୍ଷତା କରିଥିବେଳେ ଅତିଥି ଭାବେ ଯୁବନେତା ରଞ୍ଜିତ କୁମାର ଜଗଦେବ, ଉମେଶ ଚନ୍ଦ୍ର ପଟ୍ଟନାୟକ, ସହଯୋଗ ପରିବାର ଆବାହକ ହିମାଂଶୁ ଭୂଷଣ ଚମ୍ପତିରାୟ, ନିରାକାରପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସଭାପତି ସୁରେନ୍ଦ୍ର ନାଥ ସାହୁ, ଉପସଭାପତି ମନ୍ମଥ ରଞ୍ଜନ ବେହେରା, ପୂର୍ବତନ ସଭାପତି ନବକୃଷ୍ଣ ମହାପାତ୍ର, ଚିତ୍ତରଞ୍ଜନ ତ୍ରିପାଠୀ ଓ ପ୍ରସାଦ କୁମାର ଦାସ, ପ୍ରତିମା ପ୍ରଧାନ ପ୍ରମୁଖ ଉପସ୍ଥିତ ରହି କ୍ରୀଡ଼ା ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଶିଶୁ ବିଦ୍ୟା ମନ୍ଦିର ସମ୍ପାଦକ ଅଜୟ ପାଇକରାୟ ସଞ୍ଚାଳନ କରିଥିବାବେଳେ ପ୍ରଧାନ ଆଚାର୍ଯ୍ୟା ଅନୁସୟା ମିଶ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ।

## ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓଙ୍କ ଜୟନ୍ତୀ ଉତ୍ସବ

# ଅରୁଣ କୁମାର ରଥଙ୍କୁ 'ଭଞ୍ଜ ଗୌରବ ସମ୍ମାନ'



**ବାରିପଦା, ୧୮।୧୨(ସମିସ)**

ଆମେ ମୟୂରଭଞ୍ଜିଆ ଆନୁକୂଲ୍ୟରେ ସ୍ଥାନୀୟ ଶିଶୁ ଉଦ୍ୟାନ ପରିସରରେ ଥିବା ଐତିହାସିକ ବ୍ୟାଣ୍ଡ ଷ୍ଟାଣ୍ଡଠାରେ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ସ୍କୁଲ, କଲେଜ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ସହିତ ଚିତ୍ରକଳା, ରଙ୍ଗୋଲି ଓ ଅନ୍ୟାନ୍ୟ ପ୍ରତିଯୋଗିତା, ମହିଳାମାନଙ୍କ ମଧ୍ୟରେ ମେହେନ୍ଦି, ଝୋଟି, ହୁଳହୁଳି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ସନ୍ଧ୍ୟାରେ ଉଦ୍‌ଯାପନୀ ଉତ୍ସବରେ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ଅବସରରେ ଗତ ୩ବର୍ଷ ଧରି ସଂସ୍କାର ଶିଶୁ ମହୋତ୍ସବ ମୟୂରୀରେ ଚାମ୍ପିଅନ ହେଉଥିବା କୃତୀ ଛାତ୍ର ସତ୍ୟ ପ୍ରକାଶ ପତିଙ୍କୁ ସୁପର ଚାମ୍ପିଅନ ଟ୍ରଫି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଚଳିତ ବର୍ଷ ପୂର୍ବତନ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟର ସଚିବ ତଥା ପ୍ରଖ୍ୟାତ ଲେଖକ ସେବାନିବୃତ୍ତ ଆଇଏଏସ୍ ଡ. ଅରୁଣ କୁମାର ରଥଙ୍କୁ 'ଆମେ ମୟୂରଭଞ୍ଜିଆ' ପକ୍ଷରୁ ମର୍ଯ୍ୟାଦାଜନକ 'ଭଞ୍ଜ ଗୌରବ ସମ୍ମାନ' ପ୍ରଦାନ କରାଯାଇଥିଲା। ଉତ୍ସବକୁ ଡ. ଅରୁଣ କୁମାର ରଥ ପ୍ରଦୀପ ପ୍ରଜ୍ୱଳନ କରି ଶୁଭ ଉଦ୍‌ଘାଟନ କରିଥିବାବେଳେ ପ୍ରଥମ ଅଧିବେଶନର ମୁଖ୍ୟଅତିଥି ଭାବେ ମହାରାଜା ଶ୍ରୀରାମ ଚନ୍ଦ୍ର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରମୋଦ କୁମାର ଶତପଥୀ, ମୁଖ୍ୟବକ୍ତା ଭାବେ ପଦ୍ମଶ୍ରୀ ଡ. ଦମୟନ୍ତୀ ବେଶ୍ରା, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସ୍ତମ୍ଭକାର ତଥା ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ ଭୁବନେଶ୍ୱରର ରାଜନୀତି ବିଜ୍ଞାନ ବିଭାଗର ପୂର୍ବତନ ମୁଖ୍ୟ ପ୍ରଫେସର ଅଭିରାମ ବିଶ୍ୱାଳ, ବିଶେଷ ଅତିଥି ଭାବେ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ସେହିପରି ଦ୍ୱିତୀୟ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ମୁଖ୍ୟବକ୍ତା ଭାବେ ଉପଜିଲ୍ଲାପାଳ ଡ. ଦୟସିନ୍ଧୁ ପରିଡ଼ା, ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ. କୈଳାସ ଚନ୍ଦ୍ର ମହାନ୍ତି ପ୍ରମୁଖ ମଞ୍ଚାସୀନ ହୋଇ କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଆମେ ମୟୂରଭଞ୍ଜିଆର ଅଧ୍ୟକ୍ଷ ସଞ୍ଜୟ କୁମାର ଚୌଧୁରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଦିବସବ୍ୟାପୀ କାର୍ଯ୍ୟକ୍ରମରେ ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ବନଜା ମହାନ୍ତି ଅଧ୍ୟକ୍ଷତା କରିଥିଲେ। ପ୍ରଥମ ଅଧିବେଶନରେ ବିଶିଷ୍ଟ ପରିବେଶବିତ୍ ବିବେକାନନ୍ଦ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିବାବେଳେ ଉଦ୍‌ଯାପନୀ ପରେ ସମାଜସେବୀ ସାଇ ପ୍ରକାଶ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

### ଖୁଣ୍ଟି



ମୟୂରଭଞ୍ଜ ଭଞ୍ଜ ରାଜବଂଶର ସର୍ବଶ୍ରେଷ୍ଠ ଦାୟାଦ ତଥା ଉତ୍କଳ ଜନନୀର ଅନନ୍ୟ ବରପୁତ୍ର ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓଙ୍କ ୧୫୫ତମ ଜୟନ୍ତୀ ପୁଣ୍ୟତୀର୍ଥ ଦୋମୁହାଣୀ ବିକାଶ ପରିଷଦ, ଆଦିପୁର ପକ୍ଷରୁ ପାଳିତ ହୋଇଯାଇଛି। ଏହି ଅବସରରେ ପରିଷଦର ସଭାପତି ଡ. ବଳଭଦ୍ର ଘଡ଼ାଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ପରିଷଦର ମୁଖ୍ୟ ଉପଦେଷ୍ଟା ତଥା ସୁନାମଧନ୍ୟ ସାରସ୍ୱତ ସାଧକ ଉମେଶ ଚନ୍ଦ୍ର ନାୟକ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରିବା ସହିତ ମହାରାଜାଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସମାଜସେବୀ ଅଜୟ କୁମାର ପଟ୍ଟନାୟକ ନିଜ ବକ୍ତବ୍ୟରେ ମହାରାଜାଙ୍କର ଶିକ୍ଷା, ସ୍ୱାସ୍ଥ୍ୟ, କଳା, ସଂସ୍କୃତି, ଗମନାଗମନ, ଜଳସେଚନ, ଭାଷା ଆନ୍ଦୋଳନ, ଉତ୍ତମ ଶାସନ ବ୍ୟବସ୍ଥା କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ରାଜ୍ୟ ତଥା ଦେଶରେ ସର୍ବଦା ସ୍ମରଣୀୟ ହୋଇ ରହିବେ ବୋଲି କହିଥିଲେ।

## ରୂପାନ୍ତରିତ ପାର୍କର ଲୋକାର୍ପଣ ଉତ୍ସବ



**ବାରିପଦା, ୧୮।୧୨(ସମିସ):** ସ୍ଥାନୀୟ ଶ୍ରୀରାମଚନ୍ଦ୍ର ପାଠାଗାର (ଜୁବିଲୀ ଲାଇବ୍ରେରୀ) ପରିସରରେ ମୟୂରଭଞ୍ଜର ପୁଣ୍ୟଶ୍ଳୋକ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ଲାଇବ୍ରେରୀ ପରିସରରେ ବହୁ ଆକାଂକ୍ଷିତ ରୂପାନ୍ତରିତ ପାର୍କକୁ ଗୃହ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଲୋକାର୍ପଣ କରିଥିଲେ। ଏହାପରେ ଲାଇବ୍ରେରୀ ସଭାଗୃହରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ମହାରାଜାଙ୍କ ପ୍ରତି ସମସ୍ତେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ମହାରାଜାଙ୍କ ବିଦେଶ ଗସ୍ତ ଉପଲକ୍ଷେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ରଚିତ ଗୀତିକାକୁ ଦୀପକ ଭଞ୍ଜ ଆବୃତି କରିଥିଲେ। ମୁଖ୍ୟ ଅତିଥି ମନ୍ତ୍ରୀ ଡ. ମହାପାତ୍ରଙ୍କ ସହିତ ସ୍ୱତନ୍ତ୍ର ଅତିଥି ଭାବେ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଦେବୀ, ବାରିପଦା ବିଧାୟକ ପ୍ରକାଶ ସୋରେନ, ମୁଖ୍ୟବକ୍ତା ଭାବେ ଶ୍ରୀରାମ ଚନ୍ଦ୍ର ଭଞ୍ଜ ବିଶ୍ୱବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ସହକାରୀ ପ୍ରାଧ୍ୟାପକ ଡ. ଶିଶିର ବେହେରା, ସମ୍ମାନିତ ଅତିଥି ଭାବେ ବରିଷ୍ଠ ସିନେ ସମୀକ୍ଷକ ସୂର୍ଯ୍ୟ ଦେଓ, ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଯୋଗଦେଇ ଚିରନମସ୍ୟ ପ୍ରଜାବତ୍ସଳ ମହାରାଜା ଶ୍ରୀରାମ ଚନ୍ଦ୍ରଙ୍କ ସ୍ମୃତିଚାରଣ ସହିତ ତାଙ୍କର ଅକ୍ଷୟ କୀର୍ତ୍ତି, ମହାନୁଭବତାର ଆଦର୍ଶକୁ ଆଗକୁ ବଢ଼ାଇବାକୁ ଆହ୍ୱାନ ଦେଇଥିଲେ। ଲାଇବ୍ରେରୀର ସମ୍ପାଦକ ସଭାର ପରିଚାଳନା କରିଥିଲେ। ମହାରାଜା ଓ ମୟୂରଭଞ୍ଜ ବିଷୟରେ ଯୁବପୀଢ଼ିଙ୍କୁ ଜାଗରୁକ ଓ ସଚେତନ କରାଇବା ନିମନ୍ତେ ଲାଇବ୍ରେରୀ ଆୟୋଜିତ ଓ ସ୍ଥପତି ମନୋଜ କୁଅଁରଙ୍କ ଦ୍ୱାରା ପ୍ରାୟୋଜିତ ଆନ୍ତଃମହାବିଦ୍ୟାଳୟ କୁଇଜ୍ ପ୍ରତିଯୋଗିତାର କୃତି ଛାତ୍ରମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

ଏହି ଅବସରରେ ବାରିପଦା ବର୍ଷିଆନ ଶିକ୍ଷାବିତ୍, ପ୍ରାବନ୍ଧିକ ଏବଂ ସର୍ବୋପରି ଲାଇବ୍ରେରୀର ଶୁଭକାଂକ୍ଷୀ ଡ. ମୋହିତ ଷଡ଼ଙ୍ଗୀଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ତାଙ୍କ ଜୀବନାନୁଭୂତି ଆଧାରିତ ପୁସ୍ତକ 'ସ୍ମୃତି ଅର୍ଘ୍ୟ' ମଧ୍ୟ ଉନ୍ମୋଚିତ ହୋଇଥିଲା। ପ୍ରଦୀପ କୁମାର ଲେଙ୍କାଙ୍କ ପୁରାତନ ମୁଦ୍ରା ଓ ଡାକ ଟିକଟର ଏକକ ପ୍ରଦର୍ଶନୀ କାର୍ଯ୍ୟକ୍ରମ ଆକର୍ଷଣ ସାଜିଥିଲା। ପ୍ରତିଷ୍ଠିତ ମାସିକ ପତ୍ରିକା 'ସମଦୃଷ୍ଟି' ଓ 'ପଞ୍ଚକୋଷ'ର ମିଳିତ ପ୍ରୟାସରେ ସମ୍ପାଦିତ ଡିସେମ୍ବରର ବିଶେଷ ସଂଖ୍ୟା 'ସ୍ମୃତି ଓ ଅନୁଭୂତିରେ ମୟୂରଭଞ୍ଜ ରାଇଜ୍' ମଧ୍ୟ ଉନ୍ମୋଚିତ ହୋଇଥିଲା। ପାଠାଗାର ସଭାପତି ଜୟନ୍ତ କୁମାର ପାଲ୍ ଓ ସମ୍ପାଦକ ଅଶୋକ ବେହେରାଙ୍କ ସହିତ ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବାବେଳେ ଦେବବ୍ରତ ହୋତା ଧନ୍ୟବାଦ ଅର୍ପଣ କରିଥିଲେ।

## 'ମହାରାଜାଙ୍କ ମହାନୁଭବତା' ଆଲୋଚନା ଚକ୍ର ଓ ଜୟନ୍ତୀ ଉତ୍ସବ




**ବାରିପଦା, ୧୮।୧୨(ସମିସ):** ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଜୟନ୍ତୀ ପାଳନ ସମାରୋହ ସହିତ 'ମହାରାଜାଙ୍କ ମହାନୁଭବତା' ଶୀର୍ଷକ ଏକ ଆଲୋଚନାଚକ୍ର ବିଶ୍ୱବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଜୟନ୍ତୀ ସମାରୋହରେ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓଙ୍କ ଉତ୍ତରଦାୟାଦ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ମୁଖ୍ୟଅତିଥି ରୂପେ ଯୋଗଦେଇ ଶ୍ରୀରାମଚନ୍ଦ୍ରଙ୍କ ଗୁଣଗାନ କରିଥିଲେ। ବିଶିଷ୍ଟ ସ୍ତମ୍ଭକାର ପ୍ରଫେସର ଅଭିରାମ ବିଶ୍ୱାଳ ମୁଖ୍ୟବକ୍ତା ଭାବରେ ଯୋଗଦେଇ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓଙ୍କ ଜୀବନାଲେଖ୍ୟ ଉପସ୍ଥାପନା କରିବା ସହିତ ତାଙ୍କୁ ଜଣେ ଦୂରଦୃଷ୍ଟିସମ୍ପନ୍ନ ବହୁଦିଗ୍‌ଦର୍ଶୀ ସଫଳ ରାଜା ଭାବରେ ଉପସ୍ଥାପନା କରିଥିଲେ। ବିଶ୍ୱବିଦ୍ୟାଳୟ ସାଂସ୍କୃତିକ ପରିଷଦର ସଂଯୋଜିକା ଡ. ମୋନାଲି ଗୋସ୍ୱାମୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଭାରପ୍ରାପ୍ତ କୁଳସଚିବ ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ଡ. ସୁବ୍ରତ କୁମାର ରଣା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସହକାରୀ ପ୍ରଫେସର ଡ. ଶାନ୍ତିସ୍ୱରୂପ ବଶା ମଞ୍ଚ ପରିଚାଳନା ଓ ସଂଯୋଜନା କରିଥିଲେ।

## ବେତନଟୀ ପ୍ରିମିୟର ଲିଗ୍

## ଜଗନ୍ନାଥ ୱାରିୟର୍ସ ଓ ଜୟ ଶ୍ରୀରାମ ଫାଇଟର ବିଜୟୀ

**ବେତନଟୀ, ୧୮।୧୨(ସମିସ):** ବେତନଟୀ କ୍ରିକେଟ କ୍ଲବ୍ ଦ୍ୱାରା ଆୟୋଜିତ ବେତନଟୀ ପ୍ରିମିୟର ଲିଗ୍ ସିଜିନ୍-୧୨ର ଦ୍ୱିତୀୟ ଦିନରେ ୨ଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମଟି ୧୧ ଷ୍ଟାର୍ ମୋରଡ଼ା ଓ ଜଗନ୍ନାଥ ୱାରିୟର୍ସ ମଧ୍ୟରେ ହୋଇଥିବାବେଳେ ଦ୍ୱିତୀୟ ମ୍ୟାଚ୍ କାଳଭୈରବ ଓ ଜୟ ଶ୍ରୀରାମ ଫାଇଟର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ଦୁଇଟି ମ୍ୟାଚ୍‌ରେ ଜଗନ୍ନାଥ ୱାରିୟର୍ସ ଓ ଜୟ ଶ୍ରୀରାମ ଫାଇଟର ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚ୍‌ରେ ୧୧ ଷ୍ଟାର ମୋରଡ଼ା ୨୦ ଓଭରରେ ୯ ୱିକେଟ୍ ହରାଇ ୯୯ ରନ୍ ସଂଗ୍ରହ କରିଥିବାବେଳେ ଜଗନ୍ନାଥ ୱାରିୟର୍ସ ୧୦.୫ ଓଭରରେ ୨ ୱିକେଟ ହରାଇ ୧୦୦ ରନ୍ କରି ବିଜୟଲାଭ କରିଥିଲା। ସେହିଭଳି ଦ୍ୱିତୀୟ ମ୍ୟାଚ୍‌ରେ କାଳଭୈରବ ୨୦ ଓଭରରେ ୭ ୱିକେଟ ହରାଇ ୧୭୩ ରନ୍ ସଂଗ୍ରହ କରିଥିବାବେଳେ ଜୟ ଶ୍ରୀରାମ ଫାଇଟର ୧୬.୫ ଓଭରରେ ୨ ୱିକେଟ ହରାଇ ୧୭୫ ରନ୍ ସଂଗ୍ରହ କରି ବିଜୟଲାଭ କରିଥିଲା। ଏଥିରେ ଜୟ ଶ୍ରୀରାମ ଫାଇଟରର ସୁଧାକର ନାଏକ ୫୬ ବଲ୍‌ରେ ୧୦୬ ରନ୍ କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଖେଳକୁ ସୁଧାକର ପଣ୍ଡା ଓ ଅନୁପ ଦଣ୍ଡପାଟ ପରିଚାଳନା କରିଥିଲେ। ସ୍କୋର୍ ଦାୟିତ୍ୱରେ ଟିକି ମହାନ୍ତ ଓ ଅନ୍‌ଲାଇନ୍ ସ୍କୋରର ଭାବରେ ଗୌରବ ନାଥ, ସୋରଜ ନାଥ ପରିଚାଳନା କରିଥିଲେ।

## କରଞ୍ଜିଆରେ ମୁସଲ୍‌ମାନ ସମ୍ପ୍ରଦାୟର 'ଜଲ୍‌ସା'



**କରଞ୍ଜିଆ, ୧୮।୧୨(ସମିସ):** ଅଖିଳ ଓଡ଼ିଶା ମୁସ୍‌ଲିମ କମିଟି, କରଞ୍ଜିଆ ଶାଖା ପକ୍ଷରୁ ଗୁରୁବାର ସନ୍ଧ୍ୟାରେ ମୁସଲ୍‌ମାନ ଧର୍ମାବଲମ୍ବୀମାନଙ୍କ ଏକ ଧର୍ମସଭା ବା ଜଲ୍‌ସା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ମୁସଲ୍‌ମାନ ଧର୍ମଗୁରୁ ମୌଲାନା ନଜିବୁଲ୍ ଅମିନ (କଟକ), ମୁଫ୍‌ତି ଜାହିଦ (ବଡ଼ବିଲ), ଆବୁବାକର ଜାବିର ସାହେବ୍ ହାଇଦରାବାଦ ଓ ମହମ୍ମଦ ସାବିର(କଟକ) ଯୋଗଦେଇ କୋରାନ୍ ଧର୍ମଗ୍ରନ୍ଥ ଉପରେ ଆଲୋକପାତ କରିବା ସହ ଧାର୍ମିକ ବାକ୍ୟ ପ୍ରଦାନ କରିଥିଲେ। ଉପସ୍ଥିତ ମୁସଲ୍‌ମାନ ଧର୍ମାବଲମ୍ବୀମାନଙ୍କୁ କୋରାନରେ ଲିପିବଦ୍ଧ ଆଲ୍ଲାଙ୍କ ବିଭିନ୍ନ ବାଣୀ ପ୍ରକାଶ କରିଥିଲେ। ଜଣେ ସଚ୍ଚା ମୁସଲ୍‌ମାନ ସମସ୍ତ ଧର୍ମାବଲମ୍ବୀଙ୍କୁ ପ୍ରେମ କରିବା ସହ ଅନ୍ୟ ଧର୍ମର ଲୋକମାନଙ୍କ ପ୍ରତି ବିଦ୍ୱେଷ ଭାବପୋଷଣ କରିବା ଅନାବଶ୍ୟକ। କୋରାନ୍ ପଢ଼, କୋରାନରେ ଲେଖାଥିବା ବାକ୍ୟ ମାନ, ରୋଗଗ୍ରସ୍ତ ଓ ଦୁଃଖିରଙ୍କୀଙ୍କ ସେବା କର, ପ୍ରତିବାସୀମାନଙ୍କୁ ପ୍ରେମ କର ବୋଲି ପରାମର୍ଶ ଦେଇଥିଲେ। ସେମାନେ ହିନ୍ଦୁ-ମୁସଲମାନ ଏକତା ଉପରେ ଗୁରୁତ୍ୱ ପ୍ରଦାନ କରି ଆମେ ସମସ୍ତେ ପ୍ରଥମେ ଭାରତୀୟ ବୋଲି କହିଥିଲେ। ଏହି ସଭାରେ କରଞ୍ଜିଆ, କେନ୍ଦୁଝର, ଚମ୍ପୁଆ, ଝୁମ୍ପୁରା, ତାଟୋ, ଝାଟିଆଳି, ଠାକୁରମୁଣ୍ଡା, ଚଢ଼େଇଭୋଳ ପ୍ରଭୃତି ସ୍ଥାନରୁ ପ୍ରାୟ ୧୫୦୦ରୁ ଊର୍ଦ୍ଧ୍ୱ ମୁସଲମାନ ଧର୍ମାବଲମ୍ବୀ ପୁରୁଷ, ମହିଳା ଓ ପିଲାମାନେ ଉପସ୍ଥିତ ରହି ଧାର୍ମିକ ବାକ୍ୟ ଶ୍ରବଣ କରିଥିଲେ।

## ବାଇକ୍ ଦୁର୍ଘଟଣାରେ ୨ ଗୁରୁତର

**ମହୁଲଡିହା, ୧୮।୧୨(ସମିସ):** ମହୁଲଡିହା ଥାନା ଠାକୁରମୁଣ୍ଡା-ଆନନ୍ଦପୁର ୫୩ ନମ୍ବର ରାଜ୍ୟ ରାଜପଥର ଘୁଲୁଘୁଲିଆ ବାଙ୍କରେ ଗୁରୁବାର ଅପରାହ୍ନରେ ବାଇକ୍ ଚାଳକ ଭାରସାମ୍ୟ ହରାଇ ପିଲାର ଖୁଣ୍ଟିକୁ ଧକ୍କା ଦେବାରୁ ଦୁଇ ଜଣ ଗୁରୁତର ହୋଇଥିବା ଜଣାପଡ଼ିଛି। ଗୁରୁତର ଦ୍ୱୟ ହେଲେ ଠାକୁରମୁଣ୍ଡା (ମନ୍ଦିରସାହି)ର ଦୀପକ ଦେହୁରୀ (୨୫) ଓ ତାଙ୍କ ସାଙ୍ଗ ଦୀପୁନ ବାନସିଙ୍ଗ(୩୫)। ଗୁରୁବାର ସାପ୍ତାହିକ ହାଟକୁ ଦୁଇ ସାଙ୍ଗ ବାଇକ୍‌ରେ ଯାଉଥିବାବେଳେ ଦୁର୍ଘଟଣା ଘଟିଛି। ଖବର ପାଇ ମହୁଲଡିହା ଥାନା ଏଏସ୍‌ଆଇ ବିଜୟକୃଷ୍ଣ ସାନ୍ତରା ସ୍ଥାନୀୟ ଲୋକଙ୍କ ସହାୟତାରେ ଆମ୍ବୁଲାନ୍ସ ଯୋଗେ ଉଭୟଙ୍କୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଛନ୍ତି।

## ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରୁ ଚୋରି

**ରାଇରଙ୍ଗପୁର, ୧୮।୧୨(ସମିସ):** ଗିଧ୍‌ଘାଟିସ୍ଥିତ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ସବ୍ ସେଣ୍ଟରରୁ ଚୋରି ହୋଇଛି। ଏନେଇ ସିଏଚ୍‌ଓ ଫୁଲମଣି ହେମ୍ବ୍ରମ ତିରିଂ ଥାନାରେ ଅଭିଯୋଗ କରିଛନ୍ତି। ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଅନେକ ସାମଗ୍ରୀ ଚୋରି କରିଛନ୍ତି। ଯାହାର ଆନୁମାନିକ ମୂଲ୍ୟ ୩୫ ହଜାରରୁ ଊର୍ଦ୍ଧ୍ୱ ହେବ। ସେ ଏ ବାବଦରେ ଜାଣିବା ପରେ ଥାନାରେ ଅଭିଯୋଗ କରିଛନ୍ତି।

## 'ସତ୍ୟବାଦିତା, ନିର୍ଭିକତା ଓ ଏକାଗ୍ରତା ହିଁ ସଫଳତାର ମୂଳମନ୍ତ୍ର'




**ବାରିପଦା, ୧୮।୧୨(ସମିସ):** ସ୍ଥାନୀୟ ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ସଭାକକ୍ଷରେ ଆଧ୍ୟାତ୍ମିକ ଅନୁଷ୍ଠାନ ଗୀତାବାଣୀ ପ୍ରଚାର ସଂଘ ଆନୁକୂଲ୍ୟରେ ଏକ ଶ୍ରୀମଦ୍ ଭଗବତ ଗୀତା କୁଇଜ୍ ପ୍ରତିଯୋଗିତା ଓ ଆଲୋଚନାଚକ୍ର ବିଦ୍ୟାଳୟର ପ୍ରଧାନଶିକ୍ଷକ ବାସନ୍ତୀ ଟୁଡୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନାଚକ୍ରରେ ମୁଖ୍ୟ ଆଲୋଚକ ଭାବେ ଜଗନ୍ନାଥ ସଂସ୍କୃତିର ଗବେଷକ ତଥା ଗୀତା ପ୍ରଚାରକ ଭାଗବତ ପଣ୍ଡା ଛାତ୍ରଛାତ୍ରୀମାନଙ୍କୁ ସଫଳ ଓ ସାର୍ଥକ ମଣିଷ ହେବା ପାଇଁ ଶ୍ରୀମଦ୍ ଭଗବତ ଗୀତାର ବାଣୀକୁ ଆଧାର କରି ସତ୍ୟବାଦିତା, ନିର୍ଭିକତା ଓ ଏକାଗ୍ରତା ଭଳି ଗୁଣର ଅଧିକାରୀ ହେବାକୁ ପରାମର୍ଶ ଦେବା ସହିତ ତ୍ୟାଗ ହିଁ ଗୀତାର ସାରମର୍ମ ବୋଲି କହିଥିଲେ। ମୁଖ୍ୟ ଅତିଥି ଭାବେ ଆଧ୍ୟାତ୍ମିକ ପ୍ରବକ୍ତା ଡ. ପାର୍ଥସାରଥୀ ଜେନା ଜୀବନରେ ଦେଖାଯାଉଥିବା ସମସ୍ତ ସମସ୍ୟାର ସମାଧାନର ପନ୍ଥା ଶ୍ରୀମଦ୍ ଭଗବତ୍ ଗୀତାରେ ନିହିତ ବୋଲି ଉଲ୍ଲେଖ କରିବା ସହ ଜୀବନକୁ ସୁଧାରିବା ପାଇଁ ଗୀତାକୁ ଆଶ୍ରୟ କରିବା ଉଚିତ୍ ବୋଲି ମନ୍ତବ୍ୟ ଦେଇଥିଲେ। ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶିକା ଭାରତୀ ବେର୍ବା ଅନ୍ୟତମ ବକ୍ତାଭାବେ ଛାତ୍ରଛାତ୍ରୀଙ୍କ ଶୃଙ୍ଖଳିତ ଜୀବନ ପାଇଁ ଗୀତାର ବାଣୀକୁ ସମସ୍ତେ ଆଚରଣରେ ପ୍ରକାଶ କରିବା ଉଚିତ୍ ବୋଲି କହିଥିଲେ। ଏହି ଅବସରରେ ଅନୁଷ୍ଠିତ ପ୍ରତିଯୋଗିତାରେ ବିଦ୍ୟାଳୟର ନବମ ଶ୍ରେଣୀର ଛାତ୍ର ନୈତିକ ଦାସ ଓ ନବଜିତ୍ ସାସମଲ ତଥା ଅଷ୍ଟମ ଶ୍ରେଣୀ ଛାତ୍ର ଅଙ୍କିତ ଦାସ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ବେଦଙ୍କ ନିତ୍ୟାନନ୍ଦ ପଣ୍ଡା ସ୍ମୃତି ପୁରସ୍କାର ଲାଭ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ପୁଷ୍ପଲତା ସାହୁ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।



ସକାଳ THE SAKALA



### କୋଳିମାଟି ହାଟ ଛକରେ ସିରିଜ୍ ଦୁର୍ଘଟଣା

# ତୀର୍ଥଯାତ୍ରୀ ବସ୍‌ର ୧୮ ଆହତ, ଜଣେ ଗୁରୁତର







ଆନନ୍ଦପୁର, ୧୮।୧୨ (ସମିସ): ଏକ ଟ୍ରେଲର୍ କାର୍‌କୁ ଧକ୍କା ଦେଲା ପରେ ତୀର୍ଥଯାତ୍ରୀ ବସ୍ ସହ ଧକ୍କା ହେବାରୁ ବସ୍‌ରେ ଥିବା ୧୮ ଜଣ ଯାତ୍ରୀ ଆହତ ହୋଇଛନ୍ତି। ୨୦ ନଂ ଜାତୀୟ ରଜପଥସ୍ଥିତ କୋଳିମାଟି ଛକ ନିକଟରେ ଘଟିଥିବା ଏହି ଦୁର୍ଘଟଣାରେ ଜଣେ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ରାସ୍ତା ପାର୍ଶ୍ୱରେ ଛିଡ଼ା ହୋଇଥିବା ବସ୍ ପଛରେ ଟ୍ରେଲର୍‌ର ଧକ୍କା ହୋଇଥିଲା। ସମସ୍ତ ଆହତଙ୍କୁ ଆମ୍ବୁଲାନ୍ସ ଓ ଅଗ୍ନିଶମ ବିଭାଗ ଗାଡି ସହାୟତାରେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଉଛି। ସୂଚନା ଅନୁସାରେ, କେନ୍ଦୁଝର ଜିଲ୍ଲା ଘସିପୁରା ଥାନା ଅନ୍ତର୍ଗତ କୋଳିମାଟି ପଞ୍ଚାୟତ କୋଳିମାଟି ଛକ ନିକଟରେ ଏହି ଦୁର୍ଘଟଣା ଘଟିଛି। ପୁରୀ ଜିଲ୍ଲା ରାମଚଣ୍ଡୀ ଥାନା ଇଞ୍ଚରା ଗ୍ରାମବାସୀ ଏକ ବସ ଯୋଗେ ତାରିଣୀ ଦର୍ଶନ ନିମନ୍ତେ ଘଟଗାଁ ମା'ତାରିଣୀ ପୀଠକୁ ଆସିଥିଲେ। ଦର୍ଶନ ସାରି ଫେରିବା ବାଟରେ କୋଳିମାଟି ଛକଠାରେ ବିଶ୍ରାମ ନେବା ବେଳେ ପଛପଟୁ ଏକ ଟ୍ରେଲର ପ୍ରଥମେ ଏକ କାରକୁ ଧକ୍କା ଦେଇ ପୁନର୍ବାର ଏହି ବସକୁ ଦେଇଥିଲା। ଘଟଣାସ୍ଥଳରେ ୧୮ ରୁ ଅଧିକ ତୀର୍ଥଯାତ୍ରୀ ଆହତ ହୋଇଥିବା ଜଣାପଡ଼ିଛି। ଆହତଙ୍କ ମଧ୍ୟରୁ ତିନି ଶିଶୁ ଗୁରୁତର ଥିବାରୁ ସେମାନଙ୍କୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି। ଉତ୍ତ୍ୟକ୍ତ ଜନତା କୋଳିମାଟି ଛକ ଜାତୀୟ ରାଜପଥ ଅବରୋଧ କରିଛନ୍ତି। ଘସିପୁରା ପୋଲିସ ତଦନ୍ତ ଚଳାଇଛି। ଉତ୍ତେଜନା ଓ ଟ୍ରାଫିକ୍‌କୁ ଦୃଷ୍ଟିରେ ରଖି ପୁଲିସ ପକ୍ଷରୁ ରାସ୍ତା ଅବରୋଧକାରୀଙ୍କୁ ବୁଝାସୁଝା ଜାରି ରହିଛି। ଖବର ପାଇ ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା, ତହସିଲଦାର ପଲ୍ଲବୀ ପ୍ରିୟଦର୍ଶିନୀ, ଯୁବନେତା ଦେବପ୍ରିୟ ପାତ୍ର, ମେଡିକାଲ ସୁପାରିଟେଣ୍ଟ କୃଷ୍ଣଚନ୍ଦ୍ର ଦାଶ ବ୍ଲକ ଉପାଧ୍ୟକ୍ଷ ପଞ୍ଚାନନ ବେହେରା, ବିଜେପି ନେତା ଶମ୍ଭୁନାଥ ରାଉତ ଆନନ୍ଦପୁର ଡାକ୍ତରଖାନାରେ ପହଞ୍ଚି ଆହତଙ୍କ ସ୍ୱାସ୍ଥ୍ୟବସ୍ଥା ବୁଝିଛନ୍ତି। ଆଶୁ ଚିକିତ୍ସା ବ୍ୟବସ୍ଥା ଅନୁଧାନ କରିବା ପରେ ଗୁରୁତରଙ୍କୁ ସ୍ଥାନାନ୍ତର ଏବଂ ପ୍ରାଥମିକ ଚିକିତ୍ସା ପରେ ଅନ୍ୟମାନଙ୍କୁ ନିଜ ଘର ପୁରୀ ଅଞ୍ଚଳକୁ ପଠାଇବା ପାଇଁ ବ୍ୟବସ୍ଥା କରାଇଥିବା ଜଣାପଡ଼ିଛି।

## ଆନନ୍ଦପୁର ବନଖଣ୍ଡ ପକ୍ଷରୁ ପ୍ରଶିକ୍ଷଣ ଶିବିର



ଆନନ୍ଦପୁର, ୧୮।୧୨ (ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବନଖଣ୍ଡ ପକ୍ଷରୁ ବନଖଣ୍ଡ ସଭାଗୃହଠାରେ ସାପ ଧରିବା ଓ ସୁରକ୍ଷିତ ଭାବେ ସାପକୁ ଜଙ୍ଗଲରେ ଛାଡ଼ିବା ନିମନ୍ତେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ବନାଧିକାରୀ ପ୍ରଶାନ୍ତ କୁମାର ପଣ୍ଡାଙ୍କ ନେତୃତ୍ୱରେ ଅନୁଷ୍ଠିତ ପ୍ରଶିକ୍ଷଣ ଶିବିରରେ ଆନନ୍ଦପୁର, ହଦଗର, ଦେଓଗାଁ, ବ୍ରାହ୍ମଣୀପାଳ, ଚାରିଟି ରେଞ୍ଜର ଅଫିସର, ଫରେଷ୍ଟର, ଫରେଷ୍ଟଗାର୍ଡ ପ୍ରମୁଖ ଯୋଗ ଦେଇଥିଲେ। ଭୁବନେଶ୍ୱର ଦକ୍ଷ ପ୍ରଶିକ୍ଷକ ଶୁଭେନ୍ଦୁ ମଲ୍ଲିକ ଓ ଦୁଇ ଜଣ ସହ ପ୍ରଶିକ୍ଷକ ସାପ ଧରିବା ଓ ସୁରକ୍ଷିତ ଭାବେ ସାପକୁ ଜଙ୍ଗଲରେ ଛାଡ଼ିବା ସମୟରେ ସାପ କିପରି ସୁରକ୍ଷିତ ଭାବେ ବଞ୍ଚିପାରିବ ଏବଂ ସାପକୁ ଧରିବା ସମୟରେ ପୋଷାକ ଏବଂ ଜୋତା ବ୍ୟବହାର ସମ୍ବନ୍ଧୀୟ ତାଲିମ ପ୍ରଦାନ କରିଥିଲେ। ସାପକୁ ନେଇ ଲୋକଙ୍କୁ ଭୟଭୀତ କରୁଥିବା ବ୍ୟକ୍ତି ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ଏବଂ ଜଙ୍ଗଲ ଆଇନ ଅନୁଯାୟୀ, ସାପକୁ ନେଇ ନୂତନ ଆଇନ ପ୍ରଣୟନ କରାଯାଇଥିବା ସମ୍ପର୍କିତ ସୂଚନା ଦିଆଯାଇଥିଲା। ଏହି ପ୍ରଶିକ୍ଷଣକୁ ସଫଳ କରିବା ପାଇଁ ସହକାରୀ ବନାଧିକାରୀ ଅଶୋକ କୁମାର ବିଶ୍ୱାଳ, ପ୍ରବୀର କୁମାର ମୁର୍ମୁଙ୍କ ସମେତ ଆନନ୍ଦପୁର ରେଞ୍ଜ ଅଫିସର ନବକିଶୋର ନାୟକ ଦେଓଗାଁ ରେଞ୍ଜ ଅଫିସର ଏବଂ ସହକାରୀ ବନାଧିକାରୀ ଉମାକାନ୍ତ ଦାସ ହଦଗର ରେଞ୍ଜ ଅଫିସର ମାର୍ଶାଲ କିସ୍କୁ ବ୍ରାହ୍ମଣୀପାଳ ରେଞ୍ଜ ଅଫିସର ବ୍ରହ୍ମାନନ୍ଦ ବେହେରାଙ୍କ ସମେତ ବନଖଣ୍ଡର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ଗ୍ରାମ୍ୟ ଜଙ୍ଗଲରୁ କାଠ ଜବତ



ତୁରୁମୁଙ୍ଗା, ୧୮।୧୨(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜମଲିପୋଷିବିଟ୍‌ଅନ୍ତର୍ଗତଚିନାମାଳିପଶିପଞ୍ଚାୟତର ଚିନାମାଳିପଶି ଗ୍ରାମ୍ୟ ଜଙ୍ଗଲରୁ ଗୁରୁବାର ୨୦ଟି ଆକାଶିଆଗଣ୍ଡିକୁ ବନବିଭାଗଜବତକରି ରେଞ୍ଜ କାର୍ଯ୍ୟାଳୟକୁ ଆଣିଛି। ଜବତ କାଠର ଆନୁମାନିକ ମୂଲ୍ୟ ପଚାଶ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ପାଟଣା ବନପାଳ ନିରଞ୍ଜନ ସେଠୀ କହିଛନ୍ତି। ଏହି ଚଢ଼ଉରେ ବନପାଳ ଶ୍ରୀ ସେଠୀଙ୍କ ସହ ବନପାଳ ନରେନ୍ଦ୍ର ଜେନା, ବନରକ୍ଷୀ ହୃଦାନନ୍ଦ ମହାନ୍ତି, ବନରକ୍ଷୀ ଦୀପକ ସ୍ୱାଇଁ ଏବଂ ପାରା ଷ୍ଟାଫ ସଞ୍ଜୟ ମହାନ୍ତ ଓ ସ୍କ୍ୱାଡ୍ ସାମିଲ ହୋଇଥିଲେ।

## କୁଶଳେଶ୍ୱର ହାଇସ୍କୁଲ ପ୍ରଧାନଶିକ୍ଷକଙ୍କୁ ସମ୍ବର୍ଦ୍ଧନା



ଆନନ୍ଦପୁର, ୧୮।୧୨ (ସମିସ): ଦେଓଗାଁଠାରେ ଥିବା କୁଶଳେଶ୍ୱର ସରକାରୀ ବାଳକ ହାଇସ୍କୁଲର ନୂତନ ପ୍ରଧାନଶିକ୍ଷକ ଭାବେ ଯୋଗଦାନକରିଥିବା ପ୍ରକାଶକୁମାର ପଣ୍ଡାଙ୍କୁ ବିଦ୍ୟାଳୟର ପ୍ଲାଟିନମ ଜୁବିଲି କମିଟିର ସଭାପତି ହାଡିବନ୍ଧୁ ପଟ୍ଟନାୟକ ସେକ୍ରେଟେରୀ ଅମ୍ବିକା ପ୍ରସାଦ ଦାଶ, କୋଷାଧ୍ୟକ୍ଷ ବସନ୍ତ କୁମାର ପଣ୍ଡାଙ୍କ ସମେତ ମୋ ସ୍କୁଲ ଅଭିଯାନର ସଭାପତି ମୁରଲୀଧର ରାଉତ, ଶ୍ରୀକାନ୍ତ ବାରିକ, ଦେଓଗାଁ ସରପଞ୍ଚ ସତ୍ୟରଞ୍ଜନ ଭୂୟାଁ, ପୁରାତନ ଛାତ୍ର ନେତାରାଧାଶ୍ୟାମରଣାସ୍ୱାଗତସମ୍ବର୍ଦ୍ଧନାଜଣାଇଛନ୍ତି।ଆଗାମୀଦିନରେବିଦ୍ୟାଳୟରପାଳନ ହେବାକୁ ଯାଉଥିବା ପ୍ଲାଟିନମ ଜୁବିଲି କାର୍ଯ୍ୟକ୍ରମକୁ ସଫଳ କରିବା ନିମନ୍ତେ ସମସ୍ତ ପ୍ରକାର ସହଯୋଗ କରିବା ନିମନ୍ତେ ପ୍ଲାଟିନମ ଜୁବିଲି କମିଟିର ସଦସ୍ୟମାନେ ଅନୁରୋଧ କରିଛନ୍ତି।

## କନକ ମଞ୍ଜରୀ ବାଲ୍ ଶିକ୍ଷାସଂସ୍ଥାନର ବାର୍ଷିକ କ୍ରୀଡ଼ା



ଆନନ୍ଦପୁର, ୧୮।୧୨(ସମିସ): ଆନନ୍ଦପୁରର ଅଗ୍ରଣୀ ଘରୋଇ ଶିକ୍ଷାନୁଷ୍ଠାନ କନକ ମଞ୍ଜରୀ ବାଲ ଶିକ୍ଷା ସଂସ୍ଥାନର ୩୮ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ମନମୋହନ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବିଦ୍ୟାଳୟର ନିର୍ଦ୍ଦେଶକ ଶ୍ରୀଧର ମହାରଣା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ସତ୍ୟଜିତ ସାହୁ ଏବଂ ଶ୍ରୀଲୋଚନ ପୁହାଣଙ୍କ ତତ୍ତ୍ୱାବଧାନରେ ଶୈଳଙ୍ଗସ୍ଥିତ ଶନିମନ୍ଦିରରୁ କ୍ରୀଡ଼ା ମଶାଲ ଶୋଭାଯାତ୍ରାରେ ଅଣାଯାଇଥିଲା। ପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ହଂସଚାଲି, ବେଙ୍ଗ ଡିଆଁ ପରି ବିଭିନ୍ନ ପ୍ରକାରର ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଖେଳ ତିନିଦିନ ଧରି ଚାଲିବ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଉପ ପ୍ରଧାନଆଚାର୍ଯ୍ୟ ସଂଗ୍ରାମ କେଶରୀ ପରିଡ଼ା, ଆଚାର୍ଯ୍ୟ ରବିନ୍ଦ୍ର କୁମାର ସାହୁ, ନଟବର ସାହୁ, କାଳନ୍ଦୀ ମହାରଣା, ଚିତ୍ରସେନ ସାହୁ, ଆଚାର୍ଯ୍ୟା ରୋନାଲୀ ଜେନା, ଜ୍ୟୋସ୍ନାମୟୀ ନାଏକ, ରଶ୍ମିତା ସିଂ, ସ୍ନିଗ୍ଧା ସରିତା ମହାରଣା, ସନ୍ଧ୍ୟାରାଣୀ ପଟ୍ଟନାୟକ, ଶ୍ରୀୟାଶ୍ରୀ ମହାରଣା, ପଦ୍ମିନୀ ରାଉତ, ଶଙ୍କର୍ଷଣ ରାଉତ ଏବଂ ସେବିକା ଶାନ୍ତି ପାତ୍ର ପ୍ରମୁଖ ସହଯୋଗ କରିଥିଲେ।

## ସତ୍ୟନାରାୟଣ ଉଚ୍ଚବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



ଆନନ୍ଦପୁର, ୧୮।୧୨ (ସମିସ): ଆନନ୍ଦପୁର ପୌରାଞ୍ଚଳର ପଦ୍ମପୁର ସତ୍ୟନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ତତ୍ତ୍ୱାବଧାନରେ ମୁଖ୍ୟଅତିଥି ଭାବେ ନିରଞ୍ଜନ ସାହୁ, ସମ୍ମାନିତ ଅତିଥି ସିଆରସିସି ରବିନାରାୟଣ ପଣ୍ଡା, ଯୁବ ସମାଜସେବୀ ଅକ୍ଷୟ ସାମଲ ଓ ପୂର୍ଣ୍ଣଚନ୍ଦ୍ର ସାହୁ ଯୋଗ ଦେଇଥିଲେ। ପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ହଂସଚାଲି, ବେଙ୍ଗଡିଆଁ, ଆଳୁ ଚାମଚ ଦୌଡ଼ ଓ ଦଉଡ଼ି ଡିଆଁ ପରି ବିଭିନ୍ନ ପ୍ରକାରର ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ।

## ତେଲକୋଇ ବଜାରରେ ଲକ୍ଷ୍ମୀନାରାୟଣ ପୂଜା



ତେଲକୋଇ, ୧୮।୧୨(ସମିସ): ତେଲକୋଇ ବଜାର ମଧ୍ୟରେ ଥିବା ରାଧାମୋହନ ମଣ୍ଡପରେ ତେଲକୋଇ ବଣିକ ସଂଘ ପକ୍ଷରୁ ଲକ୍ଷ୍ମୀନାରାୟଣ ପୂଜା ଅନୁଷ୍ଠିତ ହୋଇଯାଇଛି। ଏହି ପୂଜା ମଙ୍ଗଳବାରଠାରୁ ଆରମ୍ଭ ହୋଇ ଶନିବାରଭସାଣିଅନୁଷ୍ଠିତହେବାରକାର୍ଯ୍ୟସୂଚୀରହିଥିବାବଣିକସଂଘପକ୍ଷରୁ ସୂଚନା ଦିଆଯାଇଛି। ମନୋରଞ୍ଜନ ପାଇଁ ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଗୁରୁବାର ପ୍ରସାଦ ସେବନର କାର୍ଯ୍ୟକ୍ରମ ରହିଛି। ପ୍ରଭୁ ଲକ୍ଷ୍ମୀନାରାୟଣଙ୍କ ମୃଣ୍ମୟ ମୂର୍ତ୍ତି ଦର୍ଶନ କରିବାକୁ ଭକ୍ତଙ୍କ ଭିଡ଼ ଲାଗିରହିଛି। ବଣିକ ସଂଘ ସଭାପତି କୌନୂଜ ବିଶ୍ୱାଳ, ସମ୍ପାଦକ ପ୍ରଭାତ କୁମାର ସାହୁ, କୋଷାଧ୍ୟକ୍ଷ ସତ୍ୟାନନ୍ଦ ବିଶ୍ୱାଳଙ୍କ ସମେତ ସମସ୍ତ କାର୍ଯ୍ୟକାରୀ ସଦସ୍ୟ ଓ ସଂଘର ସମସ୍ତ ସଦସ୍ୟ ପୂଜା କାର୍ଯ୍ୟରେ ସହଯୋଗ କରୁଛନ୍ତି।

## ଧର୍ମ ପରିବର୍ତ୍ତନ ପାଇଁ କାନ୍ଧ ଦେଲେନି ସାହିଭାଇ

### ୩୬ ଘଣ୍ଟା ପଡ଼ି ରହିଲା ଶବ



ତୁରୁମୁଙ୍ଗା, ୧୮।୧୨(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ବାଇଦବଜା ଗ୍ରାମରେ ଘଟିଛି ଅଭାବନୀୟ ଘଟଣା। ନିଜ ଧର୍ମ ଛାଡ଼ି ଅନ୍ୟ ଧର୍ମ ଗ୍ରହଣ କରିଥିବାରୁ ମୃତ୍ୟୁ ପରେ ଘରେ ୩୬ ଘଣ୍ଟା ଧରି ପଡ଼ି ରହିଥିଲା ଶବ। ଶବକୁ ୪ କାନ୍ଧ ନମିଳିବା ସହ ଗାଁ ମଶାଣିରେ ମୃତଦେହକୁ ସତ୍କାର ପାଇଁ ଅନୁମତି ଦେଲେନାହିଁ ପଡ଼ୋଶୀ କି ସାହି ଭାଇ। ଶେଷରେ ୩୬ ଘଣ୍ଟା ପରେ ମାଜିଷ୍ଟ୍ରେଟଙ୍କ ହସ୍ତକ୍ଷେପ ପରେ ପୁଲିସ ଉପସ୍ଥିତିରେ ଶବକୁ ସତ୍କାର କରଯାଇଛି। ଘଟଣା ସାରା ପାଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲିଟିଛି। ଗ୍ରାମର ଅବିବାହିତ ୪୨ ବର୍ଷୀୟ ମକୁର ମୁଣ୍ଡା କିଛିଦିନ ହେବ ରୋଗରେ ପୀଡ଼ିତ ଥିଲେ। ଗତ ମଙ୍ଗଳବାର ରାତିରେ ତାଙ୍କ ମୃତ୍ୟୁ ପରେ ପଡ଼ୋଶୀ ସାହି ଭାଇ ନିଜ ଜାଗାରେ ଶବ ସତ୍କାର କରିବା ଦେଇ ନଥିଲେ। ଫଳରେ ମଙ୍ଗଳବାର ରାତିଠାରୁ ଗୁରୁବାର ସକାଳ ପର୍ଯ୍ୟନ୍ତ ୩୨ ଘଣ୍ଟା ଧରି ମୃତଦେହ ଘରେ ପଡ଼ିରହିଥିଲା। ଖବର ପାଇ ବୁଧବାର ରାତିରେ ପାଟଣା ତହସିଲଦାର ଅଶ୍ୱିନୀ କୁମାର ନାଏକ, ଘଟଗାଁ ଏସଡିପିଓ ବିଜୟକୃଷ୍ଣ ମହାପାତ୍ର, ଘଟଗାଁ ଥାନାଧିକାରୀ ଶୁଭ୍ରାନ୍ତ ଜେନା ଲୋକଙ୍କୁ ବୁଝାସୁଝା କରିବା ପରେ ଗୁରୁବାର ସକାଳ ୯ଟାରେ ପୁଲିସ ଉପସ୍ଥିତିରେ ଘରଠାରୁ କିଛି ଦୂରରେ ମୃତ ମକୁର ମୁଣ୍ଡାଙ୍କ ଶବ ସତ୍କାର କରାଯାଇଛି। ଘଟଣାକୁ ନେଇ ଗ୍ରାମରେ ଉତ୍ତେଜନା ଦେଖାଦେଇଥିବା ବେଳେ ଶାନ୍ତିଶୃଙ୍ଖଳା ପାଇଁ ଗ୍ରାମରେ ପୁଲିସ ମୁତୟନ ହୋଇଛନ୍ତି।

## ଉଠା ଜଳସେଚନ ପ୍ରକଳ୍ପ ପରିଦର୍ଶନ କଲେ ମୁଖ୍ୟଯନ୍ତ୍ରୀ



ଚମ୍ପୁଆ, ୧୮।୧୨(ସମିସ): ରାଜ୍ୟ ଜଳସଂପଦ ବିଭାଗର ମୁଖ୍ୟଯନ୍ତ୍ରୀ ତଥା ଜଳପ୍ରଭାରୀ ଅବିନାଷ ରାହୁଳ କେନ୍ଦୁଝର ଗସ୍ତକ୍ରମରେ ଆଜି ଚମ୍ପୁଆ ବ୍ଲକ୍ ଇଚିଣ୍ଡା ଗ୍ରାମରେ ଉଠା ଜଳସେଚନ ପ୍ରକଳ୍ପ ପରିଦର୍ଶନ କରିଛନ୍ତି। ଏହି ଅବସରରେ ପ୍ରକଳ୍ପର ସମୀକ୍ଷା କରିବା ସହିତ ଉପକୃତ ହେଉଥିବା ଚାଷୀଙ୍କ ସହ ଆଲୋଚନା କରି ବିଭିନ୍ନ ପ୍ରକାର ଚାଷ ବୁଲି ଦେଖିଛନ୍ତି। ଶ୍ରୀ ରାହୁଳ ଅପରାହ୍ନରେ ଇଚିଣ୍ଡାଠାରେ ପହଞ୍ଚି ଉକ୍ତ ଅଞ୍ଚ୍ଳର ସଫଳ ଚାଷୀ ପ୍ରମୋଦ ମହାନ୍ତଙ୍କ ଚାଷଜମି ବୁଲି ଦେଖବା ସହ ଚାଷର ପ୍ରଣାଳୀ, ଅମଳ,ବିକ୍ରି ଆଦି ଉପରେ ଆଲୋଚନା କରି ଖୁସି ପ୍ରକଟ କରିଥିଲେ। ଚାଷୀ ଶ୍ରୀ ମହାନ୍ତ ଅନ୍ୟ ଏକ ପ୍ଲଟ ପାଇଁ ନୂତନ ବୋରୱେଲ ପ୍ରଦାନ ପାଇଁ ଅନୁରୋଧ କରିଥିବା ବେଳେ ସମସ୍ୟା ସମାଧାନ କରାଯିବ ବୋଲି ସୂଚନା ଦେଇଥିଲେ। ଗୋଟିଏ ପ୍ରକଳ୍ପ ଦ୍ୱାରା ଅଧିକ ଜମି ଚାଷ କିପରି ହେଉଛି ସେନେଇ ଶ୍ରୀ ରାହୁଳ ପ୍ରଶ୍ନ କରିବାରୁ ଚାଷୀ ବୁନ୍ଦା ଜଳସେଚନ ଦ୍ୱାରା ଚାଷ କରାଯାଏ ବୋଲି ସୂଚନା ଦେଇଥିଲେ। ଏହି ପରିଦର୍ଶନ ସମୟରେ ନିର୍ବାହୀଯନ୍ତ୍ରୀ କେନ୍ଦୁଝର ନିମାଇ ଚରଣ ବେହେରା, ସହକାରୀ ଯନ୍ତ୍ରୀ ବୁଧୁରାଇ ସାଙ୍ଗେ ସାମଦ ପ୍ରମୁଖ ଉପସ୍ଥିତ ଥିଲେ।

## ମରେଇଗାଁ ଓ ସଢ଼ା ପାକ୍ସ ପରିଦର୍ଶନ କଲେ ଜିଲ୍ଲାପାଳ



ହାଟଡ଼ିହୀ,୧୮।୧୨(ସମିସ): ହାଟଡ଼ିହୀ ବ୍ଲକ୍ ମରେଇଗାଁ ସମବାୟ ସମିତି (ପାକ୍ସ) କୁ ଜିଲ୍ଲାପାଳ ବିଶାଲ ସିଂ ପରିଦର୍ଶନ କରି ଗୋଦାମ ଗୃହ ଓ ଧାନ କିଣା ବ୍ୟବସ୍ଥାର ଅନୁଧାନ କରିଛନ୍ତି। ଆଗାମୀ ଦିନରେ ଧାନ କିଣାଯିବାକୁ ଥିବାବେଳେ ଏନେଇ ଗ୍ରହଣ କରାଯାଇଥିବା ବ୍ୟବସ୍ଥା ସମ୍ପର୍କରେ ସମ୍ପାଦକ ଶରତ ସେଠୀଙ୍କୁ ପଚାରି ବୁଝିଥିଲେ। ଏହି ସମୟରେ ବହୁ ଚାଷୀ, ସମିତିର ସଭାପତି ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ସେହିପରି ଜିଲ୍ଲାପାଳ ଶ୍ରୀ ସିଂ ସଢ଼ା ସମବାୟ ସମିତି କାର୍ଯ୍ୟାଳୟକୁ ଯାଇ ଗୋଦାମ ଗୃହ, ମଣ୍ଡିରେ ଚାଷୀଙ୍କ ପାଇଁ ସୁବିଧା ସୁଯୋଗର ତଦାରଖ କରିଥିଲେ। ଜିଲ୍ଲାପାଳଙ୍କ ସହ ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ପବିତ୍ର ମୋହନ ସାହୁ ଓ ହାଟଡ଼ିହୀ ତହସିଲଦାର ଶିବବ୍ରତ ତ୍ରିପାଠୀ, ସମିତିର ସଭାପତି ଅଲେଖ ମଲ୍ଲିକ, ସମ୍ପାଦକ ରଞ୍ଜିତା ଜେନା ଓ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

## କଂଗ୍ରେସ ପକ୍ଷରୁ ନ୍ୟାସ୍‌ନାଲ ହେରାଲ୍ଡ ମାମଲାରେ ଧାରଣା



କେନ୍ଦୁଝର, ୧୮।୧୨(ସମିସ): କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କ ବିରୋଧରେ ବିଗତ ୧୦ ବର୍ଷ ଧରି ବିଭିନ୍ନ ଉପାୟରେ ବିଜେପି ସରକାର ବିଭିନ୍ନ ମାମଲା କରିଥିବା ବେଳେ ଦିଲ୍ଲୀ ହାଇକୋର୍ଟ ନ୍ୟାସନାଲ ହେରାଲଡ ମାମଲାକୁ ନେଇ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ କ୍ଷମା ପ୍ରାର୍ଥନା ମାଗିବାକୁ କଂଗ୍ରେସ କର୍ମୀ ଦାବି କରିଛି। କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନାଙ୍କ ସହ ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ମୋହନ ପରିଡା, ପୂର୍ବତନ ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ପୂର୍ବତନ ପିସିସି ସମ୍ପାଦକ ସଂଗ୍ରାମ ଦାସ, ପୂର୍ବତନ ସାଂସଦ ଯଶବନ୍ତ ସିଂ ଲାଗୁରି, ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକ, ଘସିପୁରା ପୂର୍ବତନ ବିଧାୟକ ପ୍ରାର୍ଥୀ ସୁବ୍ରତ କୁମାର ଚକ୍ର, ଜିଲ୍ଲା ଯୁବ କଂଗ୍ରେସ ସଭାପତି ସୁନେଶ ଧୀର, ବରିଷ୍ଠ କଂଗ୍ରେସ ନେତା ବସନ୍ତ କୁମାର ଦାସ, ସଦର ବ୍ଲକ କଂଗ୍ରେସ ସଭାପତି ଉତ୍ତମ କୁମାର ସାହୁ, କଂଗ୍ରେସ ନେତା ଲଳିତ ମୋହନ ନାୟକ, ଗୋବିନ୍ଦ ମହାନ୍ତ, ଆର୍ତ୍ତତ୍ରାଣ ଦାସ, ରଘୁନାଥ ପାତ୍ର, କ୍ଷତିଶ ପାତ୍ର, ସୁଢଳ ସେଠି, ଦିନେଶ ରାଉତ, ଲିନୁ ସିଂହ, ନିର୍ମଳ ନାଏକ, ମହିଳା ନେତ୍ରୀ ପ୍ରତିଭା ମଞ୍ଜରୀ ନାଏକ, ସବିତା ସାହୁ, ସୋନାଲି ମାର୍ଣ୍ଡି ପ୍ରମୁଖ ଯୋଗ ଦେଇଥିଲେ।

## ଠିକଣା ସମୟରେ ମିଳୁନି ମଧ୍ୟାହ୍ନ ଭୋଜନ ପାରିଶ୍ରମିକ

### ସ୍ୱୟଂ ସହାୟକ ଗୋଷ୍ଠୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

ବାଲିବନ୍ଧ,୧୮।୧୨(ସମିସ):ସଂପ୍ରତି ସରକାର ସରକାରୀ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ଯୋଗାଉଛନ୍ତି। ସରକାର ପିଲାଙ୍କ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ କରିବା ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ବିଶେଷ ଅଗ୍ରାଧିକାର ପ୍ରଦାନ କରିଛନ୍ତି। ଯେଉଁ ବିଦ୍ୟାଳୟରେ ସ୍ୱୟଂ ସହାୟକ ଗୋଷ୍ଠୀ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ କରୁଛନ୍ତି ସେହି ବିଦ୍ୟାଳୟର ପ୍ରଧାନଶିକ୍ଷକ/ ଶିକ୍ଷୟିତ୍ରୀ ଦାୟିତ୍ୱ ତୁଲାଉଥିବା ପଦାଧିକାରୀଙ୍କୁ ନାନାପ୍ରକାର ହଇରାଣ କରୁଥିବା ପରି ଗୁରୁତର ଅଭିଯୋଗ ସାମ୍ନାକୁ ଆସୁଛି। ଝୁମ୍ପୁରା ବ୍ଲକ ନାରଦପୁରଠାରେ ରହିଥିବା ପିଏମଶ୍ରୀ ଉଚ୍ଚବିଦ୍ୟାଳୟରେ ୨୦୨୨ ଏପ୍ରିଲରୁ ମା' ଦାରିଦ୍ର୍ୟଭଞ୍ଜନ ସ୍ୱୟଂ ସହାୟକ ଗୋଷ୍ଠୀ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ କରି ପିଲାଙ୍କୁ ପ୍ରଦାନ କରିଛନ୍ତି। ବିଦ୍ୟାଳୟରେ କେତେ ପିଲା ଶିକ୍ଷା ଗ୍ରହଣ କରୁଛନ୍ତି, କେଉଁ ଦିନ କେତେ ପିଲା ଆସୁଛନ୍ତି ତାର ତଥ୍ୟ ପ୍ରଦାନ ନକରି ମନ ଇଚ୍ଛା ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ କରାଇ ନେଉଛନ୍ତି ବିଦ୍ୟାଳୟ କର୍ତ୍ତୃପକ୍ଷ। ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ତାଙ୍କର ପ୍ରାପ୍ୟ ଦାବି କଲା ବେଳେ ଦାୟିତ୍ୱରେ ରହିଥିବା ଶିକ୍ଷକଶିକ୍ଷୟିତ୍ରୀମାନେ ପ୍ରାପ୍ୟ ପ୍ରଦାନ କରିବାରେ କାଣ୍ଟଛାଣ୍ଟ କରୁଛନ୍ତି। ବିଦ୍ୟାଳୟ କର୍ତ୍ତୃପକ୍ଷ ପାରିଶ୍ରମିକ ପ୍ରଦାନରେ ଅବହେଳା କରିବାରୁ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ସାକ୍ଷାତ କରି ଅଭିଯୋଗ ଜଣାଇଥିଲେ। ଜିଲ୍ଲା ଶିକ୍ଷାଧିକାରୀ ତୁରନ୍ତ ମଧ୍ୟାହ୍ନ ଭୋଜନ ଟଙ୍କା ପ୍ରଦାନ କରିବା ପାଇଁ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗୋଷ୍ଠୀର ସଦସ୍ୟମାନେ ତାଙ୍କର ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ ପାରିଶ୍ରମିକ ପାଇଥିଲେ। ପୁଣିଥରେ ବିଦ୍ୟାଳୟ କର୍ତ୍ତୃପକ୍ଷ ତାଙ୍କର ପ୍ରାପ୍ୟ ପ୍ରଦାନ କରୁ ନାହାନ୍ତି। ଗୋଷ୍ଠୀର ସଦସ୍ୟାମାନେ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ ପାରିଶ୍ରମିକ ମାଗିବାରୁ ଡିସେମ୍ବର ୧୩ ତାରିଖ ବିଦ୍ୟାଳୟର ଶିକ୍ଷୟିତ୍ରୀ ପ୍ରୀତି ବର୍ମା ଅସମ୍ମାନ କରିଥିଲେ। ମଧ୍ୟାହ୍ନ ଭୋଜନ ପାରିଶ୍ରମିକ ପ୍ରଦାନ କରିବା ପାଇଁ ମନା କରିଦେଇଥିଲେ। ସ୍ୱୟଂ ସହାୟକ ଗୋଷ୍ଠୀ ମଧ୍ୟାହ୍ନ ଭୋଜନ ପ୍ରାପ୍ୟ ପାଇଁ ଶେଷରେ ୧୫ ତାରିଖ ଝୁମ୍ପୁରାଠାରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଅଭିଯୋଗ କରିଛନ୍ତି। ଜିଲ୍ଲାପାଳ ଅଭିଯୋଗ ପାଇବା ପରେ ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତି ଜାନକୀ ବାରିକ ଏବଂ ସମ୍ପାଦକ ସୁମିତ୍ରା ନାଏକଙ୍କୁ ଆଶ୍ୱାସନା ଦେବା ସହ ସପ୍ତାହକ ମଧ୍ୟରେ ସେମାନଙ୍କ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ ପାରିଶ୍ରମିକ ପ୍ରଦାନ କରିବା ପାଇଁ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେବା ସହ ଉକ୍ତ ବିଦ୍ୟାଳୟକୁ ପରିଦର୍ଶନ କରି ମଧ୍ୟାହ୍ନ ଭୋଜନ ପ୍ରଦାନରେ ଯେପରି ବାଧା ସୃଷ୍ଟି ନହେବ ତାହା ତଦାରଖ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାପାଳ ଦେଇଥିବା ନିର୍ଦ୍ଦେଶକୁ ଜିଲ୍ଲା ଶିକ୍ଷାଧିକାରୀ କେବେ କାର୍ଯ୍ୟକାରୀ କରୁଛନ୍ତି ତାକୁ ଉକ୍ତ ମହିଳାମାନେ ଅପେକ୍ଷା କରିଛନ୍ତି।

■ ଦୁର୍ଘଟଣାଜନିତ ମୃତ୍ୟୁ ରୋକିବାକୁ ଏନ୍‌ଫୋର୍ସମେଣ୍ଟକୁ ଗୁରୁତ୍ୱ

# ୧୧ ମାସରେ ୩୬୨ ଦୁର୍ଘଟଣା, ୧୭୯ ମୃତ

ସମ୍ବଲପୁର, ୧୮।୧୨ (ସମିସ)

ସମ୍ବଲପୁର ଜିଲ୍ଲାରେ ଗତବର୍ଷ ତୁଳନାରେ ଚଳିତବର୍ଷର ୧୧ ମାସରେ ୧୭.୫୪% କମ୍ ସଡ଼କ ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି। ଗତବର୍ଷ ଜାନୁଆରୀରୁ ନଭେମ୍ବର ମାସ ମଧ୍ୟରେ ୪୩୯ ଦୁର୍ଘଟଣାରେ ୧୯୭ ଜଣ ମୃତ୍ୟୁବରଣ କରିଥିବାବେଳେ ଚଳିତବର୍ଷ ସେହି ସମୟ ମଧ୍ୟରେ ୩୬୨ ଦୁର୍ଘଟଣାରେ ୧୭୯ ଜଣ ମୃତ୍ୟୁବରଣ କରିଛନ୍ତି। ଜିଲ୍ଲାରେ ସଡ଼କ ଗୁଡ଼ିକର ଦୟନୀୟ ସ୍ଥିତି ଏବଂ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟାକୁ ନେଇ ସଚେତନ ମହଲରେ ଉଦ୍‌ବେଗ ପ୍ରକାଶ ପାଉଛି। ଗତ ଅକ୍ଟୋବର ୧୪ ତାରିଖରେ ବସିଥିବା ଜିଲ୍ଲା ସଡ଼କ ସୁରକ୍ଷା ବୈଠକରେ ଉଭୟ ଜାତୀୟ ରାଜପଥ ଓ ରାଜ୍ୟ ରାଜପଥର ମରାମତି, ପାର୍କିଂ ସମସ୍ୟା, ଉପଯୁକ୍ତ ସଙ୍କେତର ବ୍ୟବହାର, ସର୍ଭିସ୍ ରୋଡ୍‌ରେ ପାର୍କିଂ ଆଦି ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା ହୋଇଥିଲା। ତେବେ, ତାହାର ଦୁଇମାସ ପରେ ବି ଆଖିଦୃଶିଆ ପଦକ୍ଷେପ ନିଆଯାଇନଥିବା ଅଭିଯୋଗ ହେଉଛି।

ମିଳିଥିବା ତଥ୍ୟ ଅନୁସାରେ ୨୦୨୪ ମସିହା (ଜାନୁଆରୀ-ନଭେମ୍ବର) ରେ ମୋଟ ୪୩୯ଟି ଦୁର୍ଘଟଣା ଘଟିଥିଲା, ଯେଉଁଥିରୁ ୧୯୭ ଜଣ ମୃତ୍ୟୁବରଣ କରିଥିବାବେଳେ ୧୫୯ ଜଣ ଗୁରୁତର ଆହତ ହୋଇଥିଲେ। ୨୦୨୫ ମସିହାରେ ସେହି ୧୧ ମାସ ମଧ୍ୟରେ ୩୬୨ଟି ଦୁର୍ଘଟଣା ହୋଇଛି, ଯେଉଁଥିରେ ୧୭୯ ଜଣ ମୃତ୍ୟୁବରଣ କରିଥିବାବେଳେ ୧୧୪ ଜଣ ଗୁରୁତର ଆହତ ହୋଇଛନ୍ତି। ସମଗ୍ର ତଥ୍ୟ ଅନୁସାରେ ୨୦୨୪ ତୁଳନାରେ ଚଳିତବର୍ଷ ଦୁର୍ଘଟଣା ସଂଖ୍ୟାରେ ହ୍ରାସ ଦେଖାଯାଇଛି। ସେହିପରି ଗତ ଜାନୁଆରୀରୁ ନଭେମ୍ବର ପର୍ଯ୍ୟନ୍ତ ସମ୍ବଲପୁର ଜିଲ୍ଲାରେ ମଦପିଇ ଗାଡ଼ିଚାଳନା ପାଇଁ ୬୭୨ ଜଣଙ୍କଠାରୁ ଜୋରିମାନା ଆଦାୟ କରାଯାଇଥିବାବେଳେ ଦ୍ରୁତଗତିରେ ଗାଡ଼ିଚାଳନା ପାଇଁ ୪୯୫୫ ଜଣ, ବିନା ସିଟବେଲ୍ଟରେ ଗାଡ଼ିଚାଳନା ପାଇଁ ୧୩୧୯ ଜଣ, ହେଲମେଟ ପାଇଁ ୫୯୮୯ ଜଣ, ଦି'ଚକିଆରେ ଦୁଇରୁ ଅଧିକ ବସିବା ପାଇଁ ୫୨୦ ଜଣ, ଗାଡ଼ିଚାଳନା ସମୟରେ ମୋବାଇଲ ଫୋନ ବ୍ୟବହାର ପାଇଁ ୬୨୭ ଜଣ, ଓଭରଲୋଡିଂ ପାଇଁ ୪୪୪ ଗାଡ଼ି, ମାଲଗାଡ଼ିରେ ଯାତ୍ରୀ ପରିବହନ ପାଇଁ ୩୪୯ ଜଣ, ବାୟୁ ଓ ଶବ୍ଦ ପ୍ରଦୂଷଣ ପାଇଁ ୩୭୯ ଜଣ, ସ୍ୱାଭାବିକ ଟ୍ରାଫିକ ଅବରୋଧ କରି ରାସ୍ତାରେ ଗାଡ଼ି ରହିଥିବାରୁ ୨୨୨୭ଟି ଗାଡ଼ି ଆଦି ବିଭିନ୍ନ ନିୟମ ଉଲ୍ଲଂଘନକାରୀଙ୍କଠାରୁ ଜୋରିମାନା ଆଦାୟ କରାଯାଇଛି। ଏଥିପାଇଁ ମୋଟ ୨୨୪୩୯ଟି ଚଲାନ କଟାଯାଇଥିବାବେଳେ ୬ କୋଟି ୨୫ ଲକ୍ଷ ୬୫ ହଜାର ୬୮ ଟଙ୍କା ଜୋରିମାନା କରାଯାଇଥିବା ଆଞ୍ଚଳିକ ପରିବହନ ବିଭାଗ ସୂତ୍ରରୁ ପ୍ରକାଶ।

ଜିଲ୍ଲା ଆଞ୍ଚଳିକ ପରିବହନ ଅଧିକାରୀ ରାମଦାସ ଟୁଡୁ କହିଛନ୍ତି, ଦୁର୍ଘଟଣାଜନିତ ମୃତ୍ୟୁ ରୋକିବା ପାଇଁ ଏନ୍‌ଫୋର୍ସମେଣ୍ଟ ଉପରେ ଗୁରୁତ୍ୱାରୋପ କରାଯାଉଛି। ବିଭିନ୍ନ ସମୟରେ ଚଢ଼ଉ କରି ମଦପିଇ ଗାଡ଼ିଚାଳନାଠାରୁ ଆରମ୍ଭକରି ବିଭିନ୍ନ ସଡ଼କ ନିୟମ ଉଲ୍ଲଂଘନକାରୀଙ୍କୁ ଦଣ୍ଡବିଧାନ କରାଯାଉଛି। ଏହାସହ ପୁଲିସର ଇଆରଭି ଗାଡ଼ି ଆସିବାପରେ ଦୁର୍ଘଟଣାପରେ ରେସପନ୍‌ସ ସମୟରେ ଉନ୍ନତି ଘଟିଛି, ଫଳରେ ଅଧିକ ଜୀବନ ରକ୍ଷା କରାଯାଇପାରୁଛି।

**ସମ୍ବଲପୁର ଜିଲ୍ଲା : ଜାନୁଆରୀରୁ ନଭେମ୍ବର**

| ମାସ | ଦୁର୍ଘଟଣା | ମୃତ | ଗୁରୁତର |
|---|---|---|---|
| ଜାନୁଆରୀ | ୩୩ | ୧୮ | ୧୦ |
| ଫେବୃଆରୀ | ୩୬ | ୧୮ | ୧୪ |
| ମାର୍ଚ୍ଚ | ୩୭ | ୧୮ | ୧୫ |
| ଏପ୍ରିଲ | ୩୬ | ୧୪ | ୧୩ |
| ମେ | ୩୪ | ୨୦ | ୧୧ |
| ଜୁନ | ୩୨ | ୧୩ | ୧୦ |
| ଜୁଲାଇ | ୩୩ | ୧୦ | ୧୪ |
| ଅଗଷ୍ଟ | ୩୧ | ୧୯ | ୦୬ |
| ସେପ୍ଟେମ୍ବର | ୧୯ | ୦୯ | ୦୬ |
| ଅକ୍ଟୋବର | ୩୮ | ୨୩ | ୦୬ |
| ନଭେମ୍ବର | ୩୩ | ୧୭ | ୦୯ |
| ମୋଟ | ୩୬୨ | ୧୭୯ | ୧୧୪ |



ସମ୍ବଲପୁର ରାସ୍ତାରେ ଇ-ବସ୍‌ର ଟ୍ରାଏଲ୍ ରନ୍

# ଧାନକ୍ରୟ କେନ୍ଦ୍ର ନିରୀକ୍ଷଣ କଲେ ଜିଲ୍ଲାପାଳ



**ସମ୍ବଲପୁର, ୧୮।୧୨ (ସମିସ) :** ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଆଜି ଜିଲ୍ଲାର ବିଭିନ୍ନ ଧାନକ୍ରୟ କେନ୍ଦ୍ର (ପିପିସି) ଯଥା ଷଣ୍ଢପଥର, ଫାଶୀମାଲ, ଗୁଣ୍ଡରୁଚୂଆଁ, ସୁବର୍ଣ୍ଣପାଲି, ବକ୍ସମା, ଗୋଛରା, କୁନ୍ତରା ଓ କୁସୁମୀ ଆଦି ପରିଦର୍ଶନ କରିଥିଲେ। ମଣ୍ଡିର ସୁଚାରୁ ଓ ସମୟୋପଯୋଗୀ କାର୍ଯ୍ୟକୁ ନିଶ୍ଚିତ କରିବା ସହିତ ବିଭିନ୍ନ ସମସ୍ୟାର ସମାଧାନ କରାଯାଇଛି। ଚଳିତ ଖରିଫ ଋତୁରେ ଜିଲ୍ଲା ପ୍ରଶାସନଙ୍କ ସକ୍ରିୟ ନିରୀକ୍ଷଣ ଫଳରେ ଧାନକ୍ରୟ କ୍ଷେତ୍ରରେ ସୁସ୍ପଷ୍ଟ ଓ ସକାରାତ୍ମକ ପ୍ରଗତି ପରିଲକ୍ଷିତ ହେଉଛି। ସୂଚନା ଅନୁଯାୟୀ, ଗତବର୍ଷ ଜିଲ୍ଲାରେ ମୋଟ ୬୦, ୩୫୯ ଜଣ ଚାଷୀ ପଞ୍ଜୀକୃତ ହୋଇଥିଲେ, ଯେଉଁଥିରୁ ୬୦, ୨୮୧ ଜଣ ଚାଷୀଙ୍କୁ ଯାଞ୍ଚ କରାଯାଇଥିଲା। ଚଳିତବର୍ଷ ଏହି ସଂଖ୍ୟା ବୃଦ୍ଧିପାଇ ୬୫, ୧୪୩ ଜଣ ପଞ୍ଜୀକୃତ ହୋଇଛନ୍ତି ଏବଂ ୬୪, ୩୩୭ ଜଣ ଚାଷୀଙ୍କୁ ଯାଞ୍ଚ କରାଯାଇଛି। ସେହିପରି ଗତବର୍ଷ ଆଜିଦିନ ପର୍ଯ୍ୟନ୍ତ ମୋଟ ୧୪, ୮୯୬ ଜଣ ଚାଷୀଙ୍କଠାରୁ ୮, ୮୬, ୧୯୦ କ୍ୱିଣ୍ଟାଲ ଧାନ କ୍ରୟ ହୋଇଥିଲା। ଚଳିତବର୍ଷ ଆଜିପର୍ଯ୍ୟନ୍ତ ୨୦, ୮୦୯ ଜଣ ଚାଷୀଙ୍କଠାରୁ ୯, ୬୧, ୫୬୬.୬୦ କ୍ୱିଣ୍ଟାଲ ଧାନକ୍ରୟ କରାଯାଇଥିବା ଜଣାପଡ଼ିଛି। ଗତବର୍ଷ ୭୪, ୭୮୬ ଟୋକନ୍ ଜାରି ହୋଇଥିଲେ, ଚଳିତବର୍ଷ ୭୩, ୪୩୭ ଟୋକନ୍ ଜାରି ହୋଇଥିବା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଅବଗତ କରାଯାଇଛି।

## ହାଇୱା-ଯାତ୍ରୀବାହୀ ବସ୍ ମୁହାମୁହିଁ ଧକ୍କା, ୩ ଗୁରୁତର

**ରେଢ଼ାଖୋଲ, ୧୮।୧୨(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବୌଦ୍ଧ ରାସ୍ତାର ପଣ୍ଡକିମାଳ ଚୌରି ଛକ ନିକଟରେ ଅଗ୍ନି ନାମକ ଯାତ୍ରୀବାହୀ ବସ୍ ସହ ପାଉଁଶ ବୋଝେଇ ହାଇୱା ମୁହାମୁହିଁ ଧକ୍କା ହୋଇଥିଲା। ଫଳରେ ପାଉଁଶ ବୋଝେଇ ହାଇଓ୍ୱା ଗାଡିଟି ଧକ୍କା ଦେବା ପରେ ରାସ୍ତା ତଳକୁ ଓଲଟି ପଡ଼ିଛି। ହାଇୱା ଗାଡିର ଡ୍ରାଇଭର, ହେଲପର ଗୁରୁତର ହୋଇଥିବା ବେଳେ ବସ୍‌ର ଜଣେ ଯାତ୍ରୀ ସାମାନ୍ୟ ଆହତ ହୋଇଥିବା ସୂଚନା ମିଳିଛି।ବସ୍ ରାତି ପ୍ରାୟ ୧.୩୦ ସମୟରେ ବ୍ରହ୍ମପୁରରୁ ରାଉରକେଲା ଯାଉଥିବା ବେଳେ ହାଇୱା ଝାରସୁଗୁଡାରୁ ବୌଦ୍ଧ ଯାଉଥିବା ସୂଚନା ମିଳିଛି।ଘଟଣାର ଖବର ପାଇ ରେଢାଖୋଲ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି।

## ବେଲାରହୁସେନଙ୍କ ବିୟୋଗରେ ରୋହିତଙ୍କ ଶୋକ

**ସମ୍ବଲପୁର, ୧୮।୧୨ (ସମିସ) :** ସ୍ଥାନୀୟ ବିନାଖଣ୍ଡି ନିବାସୀ ବିଜୁ ଜନତା ଦଳ ନେତ୍ରୀ ତଥା ସାମାଜିକ କର୍ମୀ ସୁସ୍ମିତା ଦୀପଙ୍କ ସ୍ୱାମୀ ବେଲାରହୁସେନ ବେହେରାଙ୍କ ଆଜି ପରଲୋକ ହୋଇଯାଇଛି। ଖବରପାଇ ପୂର୍ବତନ ମନ୍ତ୍ରୀ ତଥା ବିଜେଡି ଜିଲ୍ଲା ସଭାପତି ରୋହିତ ପୂଜାରୀ ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରି ଆତ୍ମାର ସଦଗତି କାମନା କରିବା ସହ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ବରିଷ୍ଠ ନେତା ବେଣୁଧର ଦାଶ, ସତ୍ୟେନ୍ଦ୍ର ଦାଶ, ହରଦୀପ ସିଂଭୁର୍ଜି, ସୁରୁବାବୁ ମେହେର, ଏମ୍‌ଡି ସନାଉଲ୍ଲା, ଅଶୋକ ପଟେଲ, ପ୍ରହଲ୍ଲାଦ ଗୁରୁ, ସୁକେଶ ସିଂ, ଦୁଲାଲ ରାୟ, ମମତା ପଣ୍ଡା, ମୁନି ବେଗମ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରତାପ କେଶରୀ ପଣ୍ଡାଙ୍କ ପରଲୋକ

**ସମ୍ବଲପୁର, ୧୮।୧୨ (ସମିସ) :** ପ୍ରଧାନପଡ଼ାସ୍ଥିତ ନିଜ ବାସଭବନରେ ଆଜି ସକାଳେ ପ୍ରତାପ କେଶରୀ ପଣ୍ଡାଙ୍କ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ସେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପିଏଚଡି ବିଭାଗରେ



ସେକ୍ସନ ଅଫିସର ଭାବରେ କାର୍ଯ୍ୟକରି ଅବସର ଗ୍ରହଣ କରିଥିଲେ। ସେ ଜଣେ ମେଳାପୀ, ମିଷ୍ଟଭାଷୀ ବ୍ୟକ୍ତି ଥିଲେ। ସେ ସମ୍ବଲପୁରର ବିଭିନ୍ନ ଅନୁଷ୍ଠାନ ସହ ଜଡ଼ିତ ଥିଲେ। ତାଙ୍କ ପଛରେ ଝିଅ ଅଙ୍କିତା, ପୁଅ ଅଙ୍କିତ, ବୋହୂ, ଜ୍ୱାଇଁ, ନାତିନାତୁଣୀ ଓ ପରିବାରବର୍ଗ ଅଛନ୍ତି। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶେଷଦର୍ଶନ କରିଥିଲେ।

ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ତାଙ୍କ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସେ ଜଣେ ଅମାୟିକ, ବନ୍ଧୁବତ୍ସଳ ତଥା କର୍ତ୍ତବ୍ୟନିଷ୍ଠ କର୍ମଚାରୀ ଭାବେ ସମସ୍ତଙ୍କ ପ୍ରିୟ ଥିଲେ। ସଂଘର ସଭାପତି ପ୍ରଫେସର ଶଙ୍କର ପ୍ରସାଦ ପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶୋକସଭା ପ୍ରାରମ୍ଭରେ ଆତ୍ମାର ସଦଗତି ପାଇଁ ଦୁଇମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସଭାରେ ସାଧାରଣ ସମ୍ପାଦକ ନୀଳକଣ୍ଠ ମହାପାତ୍ରଙ୍କ ସମେତ ସଭ୍ୟମାନେ ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# କଂଗ୍ରେସର ପ୍ରତିବାଦ ଶୋଭାଯାତ୍ରା



**ସମ୍ବଲପୁର, ୧୮।୧୨ (ସମିସ):** ଏଆଇସିସିର ନିର୍ଦ୍ଦେଶକ୍ରମେ ନେସନାଲ ହେରାଲ୍ଡ ମିଛ ମାମଲାରେ କଂଗ୍ରେସର ନୈତିକ ବିଜୟ ପରିପ୍ରେକ୍ଷୀରେ ଗୁରୁବାର କଂଗ୍ରେସ ପକ୍ଷରୁ ପ୍ରତିବାଦ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ସମ୍ବଲପୁର ଜିଲ୍ଲା କଂଗ୍ରେସ ପୂର୍ବତନ ଜିଲ୍ଲା ସଭାପତି ଜୟ ଶଙ୍କର ମିଶ୍ର ଏବଂ ଆଇନଜୀବି ନିରଞ୍ଜନ ତ୍ରିପାଠୀଙ୍କ ନେତୃତ୍ୱରେ ବିଜେପିର ମିଛ ମାମଲା ବିରୁଦ୍ଧରେ ପ୍ରତିବାଦ ଶୋଭାଯାତ୍ରା ହୋଇଥିଲା। ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରୁ ଗୋଲବାଜର ଛକ ପର୍ଯ୍ୟନ୍ତ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ମହିଳା ସଭାନେତ୍ରୀ ବିଜୟଲକ୍ଷ୍ମୀ ବେହେରା, ଏମଡି ମୁକ୍ତାର, ଜୟରାମ ବଣିଆ, ଚତୁର୍ଭୁଜ ଝଙ୍କାର, ଦିନ ପରିଡ଼ା, ସଞ୍ଜୟ କୁମାର ଛୁରିଆ, ଜିତେନ୍ଦ୍ର ପ୍ରଧାନ, ରବି ରାଉତ୍, ଗଣେଶ ସୋହେଲା, ଅନିଲ ବେହେରା, ଜିତେନ୍ ମହାନନ୍ଦ, ମକରଧ୍ୱଜ ରଣବିଡା, କାହ୍ନୁ ମେହେର, ଶ୍ୟାମା ସିଂ, ଗୀତା ନାଗ, ସକ୍କୁ ଅବଦୁଲା, ସଞ୍ଜୀବ ଗର୍ଡ଼ିୟା, ମୁସ୍ତାକ ହୁସେନ, ଅଜୟ କୌଷଲ୍, ଆଦେଶ ରାଓ, ପପୁ ବେହେରା, ଟୁନା ବେହେରା, ସବିର ଆଲି, ସଦାନନ୍ଦ ବରାଳ ଏବଂ ଅନ୍ୟାନ୍ୟ କର୍ମ କର୍ତ୍ତା ଉପସ୍ଥିତ ଥିଲେ।

# ପଞ୍ଚାୟତ ପାଣ୍ଠିରୁ ଟଙ୍କା ହଡ଼ପ, ଜଣେ ଗିରଫ



**ସମ୍ବଲପୁର, ୧୮।୧୨ (ସମିସ):** ପଞ୍ଚାୟତ ପାଣ୍ଠିରୁ ଚାଲାକି କରି ଟଙ୍କା ଠକେଇ କରିଥିବା ଅଭିଯୋଗରେ ସାଇବର ପୁଲିସ ଜଣକୁ ଗିରଫ କରିଛି। ସୂଚନା ଅନୁସାରେ ମହୁଲପାଲି ଥାନା କବ୍ରିବାହାଲ ପଞ୍ଚାୟତ ପାଣ୍ଠିରୁ ୪ଲକ୍ଷ ୮ହଜାର ୩୯ଟଙ୍କା ଠକେଇ ହୋଇଥିବା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସମ୍ବଲପୁର ସାଇବର ଥାନାରେ ଅଭିଯୋଗ କରିଥିଲେ। ସାଇବର ଥାନାରେ କେସ ନମ୍ବର୨୭/୨୫ରେ ଗତ ମାସ ୧୦ ତାରିଖ ମାମଲା ରୁଜୁ ହୋଇଥିଲା। ପୁଲିସ ତଦନ୍ତ କରି ଟାଉନଥାନା ଦଳେଇପଡ଼ାର ବିଷ୍ଣୁପ୍ରସାଦ ପାଣ୍ଡେ(୪୮)ଙ୍କୁ ଗିରଫ କରିଛି। ଏହି ଘଟଣା ସମ୍ପୃକ୍ତ ଥିବା ଦୁଇଜଣ ଶଙ୍କର୍ମାର କମଳେଶ କୁମାର ପୁରୋହିତ(୩୯) ଓ ଧର୍ମେନ୍ଦ୍ର ଯାଦବକୁ ନୋଟିସ ଦେଇଛି। ସୂଚନା ଅନୁସାରେ ଘଟଣାର ମୁଖ୍ୟ ଅଭିଯୁକ୍ତ ବିଷ୍ଣୁପ୍ରସାଦ ପଞ୍ଚାୟତରେ କମ୍ପ୍ୟୁଟର ବିଭାଗରେ କାମ କରୁଥିଲେ। ତେଣୁ ଆଇଡି ପାସୱାର୍ଡ ଦେଇ କିପରି ଟଙ୍କା ଉଠାଯାଏ ତାହା ଜାଣିଥିଲେ। ତେଣୁ କବ୍ରିବାହାଲ ପଞ୍ଚାୟତର ୟୁଜର ଆଇଡି ପାସୱାର୍ଡକୁ ବ୍ୟବହାର କରି ସେ ଟଙ୍କା ଉଠାଇଥିଲେ। ଏହି ଘଟଣାରେ ଅନ୍ୟ କମଳେଶ ଟଙ୍କା ଟ୍ରାନ୍ସଫର ଲାଗି ଧର୍ମେନ୍ଦ୍ରଙ୍କୁ ଠିକ କରିଥିଲେ।ମୁଖ୍ୟ ଅଭିଯୁକ୍ତକୁ ବିଷ୍ଣୁପ୍ରସାଦକୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ତା ନିକଟରୁ ଲକ୍ଷେ ୪୮ ହଜାର ଟଙ୍କା, ସହ ଅନ୍ୟାନ ସାମଗ୍ରୀ, ଗାଡ଼ି ଜବତ କରିଥିବା ପୁଲିସ ସୂଚନା ଦେଇଛି।

## ବାରବାଙ୍କ ଉଚ୍ଚ ବିଦ୍ୟାଳୟ ବାର୍ଷିକ କ୍ରୀଡ଼ା ଉତ୍ସବ

**ରେଢ଼ାଖୋଲ, ୧୮।୧୨(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଅନ୍ତର୍ଗତ ବାରବାଙ୍କ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁସ୍ମିତା ପ୍ରଧାନଙ୍କ ଅଧ୍ୟକ୍ଷତାରେ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଅଛି। ଉଦ୍‌ଘାଟନୀ ଉତ୍ସବରେ ବଂଶାଜାଲ ପଞ୍ଚାୟତର ସରପଞ୍ଚ ଲୋକନାଥ ପ୍ରଧାନ ମୁଖ୍ୟ ଅତିଥି ଭାବେ ଓ ସମ୍ମାନିତ ଅତିଥି ଭାବେ ପଞ୍ଚ ସଖା ଶିକ୍ଷା ସେତୁର ସଭାପତି ରଞ୍ଜିତ କୁମାର ନାଏକ ଯୋଗ ଦେଇଥିଲେ। ବାଳକ ଓ ବାଳିକା ବର୍ଗରେ ୧୮ଟି ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହଇଥିଲା। ଖେଳ ଶିକ୍ଷକ ବିରେନ୍ଦ୍ର କୁମାର ବେହେରା ସମସ୍ତ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ବିଦ୍ୟାଳୟର ପୂର୍ବତନ ବରିଷ୍ଠ ଶିକ୍ଷକ ଶତ୍ରୁଘ୍ନ ସ୍ୱାଇଁ ଓ ସମ୍ମାନିତ ଅତିଥି ରୂପେ ପଞ୍ଚ ସଖା ଶିକ୍ଷା ସେତୁ ସଭାପତି ରଞ୍ଜିତ କୁମାର ନାଏକ ଓ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ। ବାଳକ ବର୍ଗରେ ଶୈଳେଶ ସାମଲ ଓ ବାଳିକା ବର୍ଗରେ ଚୁଲବୁଲି ପ୍ରଧାନ ଚାମ୍ପିଅନ ହୋଇଥିଲେ। ଶିକ୍ଷକ ସତ୍ୟନାରାୟଣ ପୋଡ଼ ଓ ଆଶିଷ କୁମାର ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ହିନ୍ଦୀ ଶିକ୍ଷକ ବଳରାମ ବେହେରା ଧନ୍ୟବାଦ୍ ଅର୍ପଣ କରିଥିଲେ ଓ ବିଦ୍ୟାଳୟ ସମସ୍ତ ଶିକ୍ଷକ ସହଯୋଗ କରିଥିଲେ।

## ଜେଏସ୍‌ଡବ୍ଲ୍ୟୁରେ ଜରୁରୀକାଳୀନ ମକ୍‌ଡ୍ରିଲ




**ସମ୍ବଲପୁର, ୧୮।୧୨ (ସମିସ):** ଜେଏସଡବ୍ଲ୍ୟୁବିପିଏସଏଲରେ ଅନସାଇଟ ଜରୁରୀକାଳୀନ ଯୋଜନା(ଓଏସଇପି)କୁ କାର୍ଯ୍ୟକାରୀ କରିବା ପାଇଁ ଗୁରୁବାର ଦିନ ମକଡ୍ରିଲ ଅନୁଷ୍ଠିତ ହୋଇଛି। ମକଡ୍ରିଲରେ ବିଭିନ୍ନ ପ୍ରାଥମିକ ପର୍ଯ୍ୟାୟକୁ ଯାଞ୍ଚ କରାଯାଇଥିଲା। କମ୍ପାନୀରେ କୌଣସି ଜରୁରୀକାଳୀନ ସ୍ଥିତି ଉପୁଜିଲେ କିପରି ଏହାର ମୁକାବିଲା କରାଯିବ ତା ନେଇ ପରାମର୍ଶ ଦିଆଯାଇଥିଲା। କାରଖାନା ଏବଂ ବଏଲରର ଉପନିର୍ଦ୍ଦେଶକ ସ୍ୱରୂପ ଜେନା, କାରଖାନା ଏବଂ ବଏଲରର ସହାୟକ ନିର୍ଦ୍ଦେଶକ ଉମାକାନ୍ତ ସାମନ୍ତରାୟ ଏବଂ ବେଦାନ୍ତ, ରୁଙ୍ଗଟା ଷ୍ଟିଲ୍, ଆସର ଶିଳ୍ପ, ଓଡ଼ିଶା ଷ୍ଟିଲ୍ସ ଶିଳ୍ପର ପ୍ରତିନିଧିମାନେ ଡ୍ରିଲରେ ସାମିଲ ହୋଇଥିଲେ। କମ୍ପାନୀର ଅଧ୍ୟକ୍ଷ ଅନିଲ କୁମାର ସିଂହ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଶ୍ରୀ ସ୍ୱରୂପ ଜେନା ମକଡ୍ରିଲର ଗୁରୁତ୍ୱ ଏବଂ ପ୍ରକ୍ରିୟାଗୁଡ଼ିକୁ ଆହୁରି ସୁଧାରିବା ପାଇଁ ପରାମର୍ଶ ଦେଇଥିଲେ। ବରିଷ୍ଠ ଭିପି ପ୍ରକାଶ ସପ୍ତା ଏବଂ ସୁରକ୍ଷା ଏବଂ ଅଗ୍ନିଶମ ସେବାର ଏଚଓଡି ଅଶୋକ ବିଶ୍ୱାଳଙ୍କ ନେତୃତ୍ୱରେ ପରିଚାଳିତ ହୋଇଥିଲା।

## ସ୍ୱାମୀ ହତ୍ୟା ଅଭିଯୋଗରେ ସ୍ତ୍ରୀ ଗିରଫ

**ସମ୍ବଲପୁର, ୧୮।୧୨(ସମିସ):** ଏକ କମ୍ପାନୀରେ ସ୍ଥାୟୀ ଭାବେ ସ୍ୱାମୀ ଚାକିରି କରୁଥିଲେ। ମାସିକ ଭଲ ଦରମା ମଧ୍ୟ ପାଉଥିଲେ। ଏକାଠି ସ୍ୱାମୀ, ସ୍ତ୍ରୀ ଓ ୭ ମାସର ଛୁଆ ରହୁଥିଲେ। କିନ୍ତୁ ପ୍ରତିଦିନ ଝଗଡ଼ାରେ ଅତିଷ୍ଠ ହୋଇ ସ୍ତ୍ରୀ ଶେଷରେ ନିଜ ସ୍ୱାମୀକୁ ହତ୍ୟା କରିବାକୁ ପଛାଇଲେ ନାହିଁ। ଏପରି କାଣ୍ଡ ବୁର୍ଲା ଥାନା ଅଞ୍ଚଳରେ ଘଟିଯାଇଛି। ସ୍ୱାମୀ ହତ୍ୟା ଅଭିଯୋଗରେ ବୁର୍ଲା ପୁଲିସ ସରସ୍ୱତୀ ମୁଣ୍ଡା(୨୩)କୁ ଗିରଫ କରିଛି। ମୃତ ସ୍ୱାମୀ ଝାରସୁଗୁଡ଼ା ଲଖନପୁର ଉବୁଡ଼ାର ଆକାଶ ମୁଣ୍ଡା(୨୫)ଙ୍କ ବଡ଼ନାନୀଙ୍କ ଅଭିଯୋଗ ଆଧାରରେ ପୁଲିସ ଅଭିଯୁକ୍ତାକୁ ଗିରଫ କରିଛି। ସୂଚନା ଅନୁସାରେ ଆକାଶ ବୁର୍ଲାର ଏକ




କମ୍ପାନୀରେ କାମ କରୁଥିଲେ। ନିଜ ପରିବାର ସହ କ୍ୱାର୍ଟର୍ସରେ ରହୁଥିଲେ। ଗତ ମଙ୍ଗଳବାର ସ୍ୱାମୀ ସ୍ତ୍ରୀ ମଧ୍ୟରେ ଝଗଡ଼ା ହୋଇଥିଲା। ଆକାଶ ନିଶା ସେବନ କରି ପ୍ରତିଦିନ ଝଗଡ଼ା ହୁଏ। ସେଦିନ ଝଗଡ଼ା ପରେ ବୁର୍ଲା ମେଡିକାଲକୁ ଆକାଶକୁ ନିଆଯାଇଥିବା ପାଖ ପୋଡଶୀ ପରିବାର ଲୋକଙ୍କୁ ଖବର ଦେଇଥିଲେ। ଦେହରେ ଖତ ଚିହ୍ନ ଥିବାରୁ ହତ୍ୟା ଅଭିଯୋଗ କରିଥିଲେ। ସେପଟେ ପୁଲିସ ତଦନ୍ତ କରି ସରସ୍ୱତୀଙ୍କୁ ଗିରଫ କରିଛି। ଗାମୁଛା ସାହାଯ୍ୟରେ ସେ ହତ୍ୟା କରିଥିବା ଥାନା ଅଧିକାରୀ କହିଛନ୍ତି। ବ୍ୟବହୃତ ଗାମୁଛାକୁ ମଧ୍ୟ ଜବତ କରିଛି।

# ଜିଲ୍ଲାସ୍ତରୀୟ ଜୁନିୟର ରେଡକ୍ରସ ଶିବିର ଉଦ୍‌ଘାଟିତ

**ସମ୍ବଲପୁର, ୧୮।୧୨ (ସମିସ) :** ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ପିଏମ୍‌ଶ୍ରୀ ମଥୁରା ପ୍ରସାଦ ସରକାରୀ ଉଚ୍ଚ ବିଦ୍ୟାଳୟ, ଧମାଠାରେ ତ୍ରିଦିବସୀୟ ଜିଲ୍ଲାସ୍ତରୀୟ ଜୁନିୟର ରେଡକ୍ରସ ଶିକ୍ଷା ତଥା ପ୍ରଶିକ୍ଷଣ ଶିବିର ଆଜି ଜିଲ୍ଲା ଶିକ୍ଷାଧିକାରୀ




ଲକ୍ଷ୍ମଣ ଭୋଇଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଟଙ୍କିକିଆ ଡାକ୍ତର ଭାବେ ପ୍ରସିଦ୍ଧି ଲାଭ କରିଥିବା ସହକାରୀ ପ୍ରଫେସର ଡା. ଶଙ୍କର ରାମଚନ୍ଦାନୀ ଯୋଗଦେଇ 'ସେବା ପାଇଁ ଅର୍ଥ କେବେ ବାଧକ ନୁହେଁ' ବୋଲି ମତବ୍ୟକ୍ତ କରିବାସହ ସେବାକ୍ଷେତ୍ରରେ ରେଡକ୍ରସର ଅଗ୍ରଣୀ ଭୂମିକାକୁ ପ୍ରଶଂସା କରିଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସତ୍ୟବ୍ରତ ସାହୁ, ପ୍ରିମିୟର ଗ୍ରୀନ ଇନୋଭେସନ ପ୍ରାଇଭେଟ ଲିମିଟେଡ୍‌ର ମାନବସମ୍ବଳ ଅଧିକାରୀ ଆଲୋକ ରାଉତ, ମାନେଶ୍ୱର ବ୍ଲକ ଶିକ୍ଷାଧିକାରୀ ଲୋକିତା ଦାଶ, ଜିଲ୍ଲା ଶାରୀରିକ ଶିକ୍ଷା ନିରୀକ୍ଷକ ସୁଜାତା ପଟ୍ଟନାୟକ, ଜିଲ୍ଲା ରେଡକ୍ରସ ଅଧିକାରୀ ବିଶ୍ୱାମିତ୍ର ଦୀପ ଏବଂ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଚିତ୍ରା ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଥମ ଦିବସ ସନ୍ଧ୍ୟାରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଦଳଗତ କଣ୍ଠ ସଙ୍ଗୀତ ଏବଂ ଡ୍ରାମା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସତ୍ୟନାରାୟଣ ପଣ୍ଡା, ରାଜାରାମ ପଣ୍ଡା, ଦୀପିକା ପଧାନ, ଆନନ୍ଦ ଡନସନା, ପ୍ରତାପ ଚନ୍ଦ୍ର ସେନାପତି ପ୍ରମୁଖ ରେଡକ୍ରସ କାଉନସିଲର୍ ମାନଙ୍କ ତତ୍ତ୍ୱାବଧାନରେ ସଭାକାର୍ଯ୍ୟ ସମ୍ପନ୍ନ ହୋଇଥିବାବେଳେ ଶିକ୍ଷୟିତ୍ରୀ ପଙ୍କଜିନୀ ନାୟକଙ୍କ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ରେଡକ୍ରସ କାଉନସିଲର ପୃଥ୍ୱୀ ସୁଧାଂଶୁ, ତ୍ରିବିକ୍ରମ ରଣା, ସ୍ୱରୂପା ବେହେରା, ନିକିତା ବେହେରା, ସନ୍ତୋଷ ମଣ୍ଡଳ, ଜେନାମଣି ପ୍ରଧାନ, ଗୀତା ପ୍ରଧାନ, ପୁଷ୍ପବତୀ ମେହେର, ରମେଶ ବେରିହା, ବିକାଶ ରଞ୍ଜନ ସାହୁ, ଅମିତ ବେହେରା, ରାଜୀବ ମେହେର, ଗୋବିନ୍ଦ ଝଙ୍କର, ଯୁଗଳକିଶୋର ପେରା ତଥା ସ୍ଥାନୀୟ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ସହଯୋଗ କରିଥିଲେ।

ବେଆଇନ ଭାବେ ସରକାରୀ ଜମିର ପଟ୍ଟା ପ୍ରଦାନ ଅଭିଯୋଗ

# ମକର ମେଳଣ ପଡ଼ିଆ ହସ୍ତାନ୍ତରକୁ ନେଇ ତାତିଲେ ଗ୍ରାମବାସୀ

କୁଚିଣ୍ଡା, ୧୮।୧୨(ସମିସ)

ବାମରା ସମ୍ବଲପୁର ଜିଲ୍ଲା ବାମରା ତହସିଲ କାର୍ଯ୍ୟାଳୟରେ ଅଧିନରେ ଥିବା ଗୋବିନ୍ଦପୁର ଅଞ୍ଚଳରେ କେତେକ ସରକାରୀ ଓ ସର୍ବସାଧାରଣ ଜମିକୁ ବେଆଇନ ଭାବେ ଏକ ପରିବାରକୁ ହସ୍ତାନ୍ତର କରାଯାଉଥିବା ଅଭିଯୋଗ ରହିଛି। ଏହାକୁ ନେଇ ବୁଧବାର ଦିନ ଗ୍ରାମବାସୀ ବାମରା ତହସିଲ ଅଫିସ ରେ ବିରୋଧ ପ୍ରଦର୍ଶନ କରୁଛନ୍ତି। ସୂଚନା ମୁତାବକ ବାମରା ବ୍ଲକ ସଦର ମହକୁମାସ୍ଥିତ ଗୋବିନ୍ଦପୁର ଛକ ଠାରେ ଥିବା ପ୍ରାୟ ୧୨ଏକର ଜମି ଗତ ପ୍ରାୟ ଶହେ ବର୍ଷରୁ ମକର ମେଳଣ ପଡ଼ିଆ ଓ ଖେଳ ପଡ଼ିଆ ଭାବେ ବ୍ୟବହାର ହୋଇ ଆସୁଛି। ମାତ୍ର ସ୍ଥାନୀୟ ଜମି ମାଫିଆମାନେ ଉକ୍ତ ଜମିକୁ ନିଜ ନାମରେ କରିବା ପାଇଁ ଚକ୍ରାନ୍ତ ଚଳାଇଛନ୍ତି। ଏଥିପାଇଁ ବୁଧବାର ଦିନ ବାମରା ତହସିଲ କାର୍ଯ୍ୟାଳୟରେ ଅଭିଯୋଗ ଶୁଣାଣି ଡାକରା ଦିଆ ଯାଇଥିଲା। ମାତ୍ର ଉକ୍ତ ଆପତ୍ତି ଅଭିଯୋଗ ଶୁଣାଣି ଶିବିରରେ ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟ, ସ୍ଥାନୀୟ ଗ୍ରାମବାସୀ କିମ୍ବା ଅନ୍ୟ କହି ଜନପ୍ରତିନିଧିଙ୍କୁ ନୋଟିସ ଦିଆ ଯାଇନଥିଲା। ସୂଚନା ପାଇ ଅଞ୍ଚଳ ଅଞ୍ଚଳବାସୀ ତହସିଲ ଅଫିସ କୁ ପହଞ୍ଚି ପାଟିତୁଣ୍ଡ କରିବା ସହ ଉକ୍ତ ଆପତ୍ତି ଅଭିଯୋଗ ଶୁଣାଣିକୁ ବେଆଇନ ଦର୍ଶାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଫଳରେ ସେଠାରେ ଉତ୍ତେଜନା ପ୍ରକାଶ ପାଇ ଥିବା ବେଳେ ଗୋବିନ୍ଦପୁର ପୁଲିସ ପହଞ୍ଚି ପରିସ୍ଥିତି ଆୟତ୍ତ କରିଥିଲେ। ଅନ୍ୟପଟେ ଗୋବିନ୍ଦପୁର ଠାରେ ରାଜା ରାଜୁଡ଼ି ଅମଳରୁ ଥିବା ଉଦ୍ୟାନ ବିଭାଗର ପ୍ରାୟ ୧୧ଏକଡ଼ ଆମ୍ବ ବଗି ଜମିକୁ ମଧ୍ୟ ବେଆଇନ ଭାବେ ସମ୍ପୃକ୍ତ ପରିବାର ସଦସ୍ୟଙ୍କ ନାମରେ ପଟ୍ଟା ପ୍ରଦାନ କରାଯାଇଥିବା ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି। ବାମରା ରାଜସ୍ୱ ବିଭାଗ



ଅଧିକାରୀମାନେ ପଟ୍ଟା ପ୍ରଦାନ ପୂର୍ବ ଆପତ୍ତି ଅଭିଯୋଗ ଶୁଣାଣିରେ କାହାରିକୁ ସୂଚନା ନ ଦେଇ, ନୋଟିସ ଗୁଡ଼ିକୁ ଚପାଇ ଦେଇ ଅତି ଚତୁରତାର ସହିତ ଏକ ପରିବାର ପକ୍ଷରେ ରାଏ ଶୁଣାଇବା ସହ ପଟ୍ଟା ପ୍ରଦାନ କରୁଥିବା ଅଭିଯୋଗ ରହିଛି। ବାମରା ଠାରେ ଥିବା ଜାନି ଖାତା ସଂଖ୍ୟା ୫୦୬ର ପ୍ରାୟ ୮୦ଏକଡ଼ ଜମିକୁ ଏକ ପରିବାର ସଦସ୍ୟଙ୍କ ନାମରେ ପଟ୍ଟା ପ୍ରଦାନ ନକରି ଜମି ଗୁଡ଼ିକର ସରଜମିନ ତଦନ୍ତ କରିବା ଓ ପ୍ରକୃତ ଦଖଲକାରିଙ୍କୁ ପଟ୍ଟା ପ୍ରଦାନ, ରାଜସ୍ୱ ବିଭାଗ ପକ୍ଷରୁ ବେଆଇନ ଭାବେ ପଟ୍ଟା ପ୍ରଦାନର ଯାଞ୍ଚ, ଏବଂ ୫୦୬ ଖାତାରେ ପ୍ରଦାନ କରାଯାଇଥିବା ପଟ୍ଟା ପ୍ରଦାନ ସ୍ଥଗିତ କରିବା ଦାବି ସମେତ ଆମ୍ବ ବଗିଚା ପଟ୍ଟା ପ୍ରଦାନର ଯାଞ୍ଚ କରି ପଟ୍ଟା ବାତିଲ କରିବାକୁ ଦାବି କରାଯାଇଛି। ବାମରା ମକର ମେଳଣ ପଡ଼ିଆ ଜମି ପଟା ହସ୍ତାନ୍ତରକୁ ଗ୍ରାମବାସୀ ଦୃଢ଼ ବିରୋଧ କରିଥିବା ବେଳେ ଏହାକୁ ନେଇ ସମଗ୍ର ଅଞ୍ଚଳରେ ଉତ୍ତେଜନାର ମାହୋଲ ରହିଛି।

# ବୁଲୁଛନ୍ତି ହାତୀପଲ, ଆତଙ୍କିତ ଚାଷୀ



**ସମ୍ବଲପୁର, ୧୮ ।୧୨ (ସମିସ) :** ସମ୍ବଲପୁର ଜିଲ୍ଲାରେ ଖରିଫ ଧାନ ଗତ ଅକ୍ଟୋବର ମଧ୍ୟଭାଗରୁ ଚାଷୀ ଧାନ ଅମଳ ଆରମ୍ଭ କଲାଣି । ଏବେ ଧାନ ଅମଳ ପରେ ଖଳା ଓ ଘରବାଡ଼ିରେ ଗଚ୍ଛିତ ଥିବାବେଳେ ହାତୀମାନଙ୍କ ଉପସ୍ଥିତି ଚାଷୀ ମହଲରେ ଆତଙ୍କ ଖେଳାଇଛି । ହାତୀମାନେ ଗ୍ରାମାଞ୍ଚଳରେ ବୁଲି ଧାନଖରି ମାନଙ୍କରୁ ଧାନ ଖାଇ ଦେଉଥିବା ଦେଖାଯାଉଛି । ଗୋଟିଏ କି ଦୁଇଟି ହାତୀ ବୁଲୁଥିବାବେଳେ କେତେକ ସମୟରେ ହାତୀପଲ ଗାଁକୁ ପଶି ଆସୁଛନ୍ତି । ବନ ବିଭାଗ ପକ୍ଷରୁ ହାତୀ ଘଉଡ଼ାଇବାକୁ ଉଦ୍ୟମ କରାଯାଉଛି ।

ଆଜି ସମ୍ବଲପୁର ଜିଲ୍ଲା ଯୁଯୋମୁରା ବ୍ଲକର ଖେଜୁରପାଲି ଦେଇଯାଇ ମୁର୍ଗାବାଏର ଅଞ୍ଚଳରେ ତିନୋଟି ହାତୀ ବୁଲୁଥିବା ଦେଖାଯାଇଛି । ହାତୀମାନେ ବହୁ ସମୟରେ ଘରବାଡ଼ିରେ ପଶି ଧାନ ଖାଇ ଯାଉଛନ୍ତି । ପ୍ରାୟ ଦିନକ ତଳେ ରଙ୍ଗିଆଟିକ୍ରା ଅଞ୍ଚଳରେ ଗାଁ ଦାଣ୍ଡରେ ହାତୀ ଚାଲୁଥିବା ଭିଡିଓ କେହିଜଣେ ଛାଡ଼ିଥିବା ଦେଖାଯାଇଥିଲା । ବନବିଭାଗ ପକ୍ଷରୁ ହାତୀମାନଙ୍କ ଗତିବିଧି ଉପରେ ନଜର ରଖାଯାଉଥିବାବେଳେ ଯଦି କେହି ହାତୀ ଦେଖନ୍ତି ତା'ହେଲେ ବନବିଭାଗ କର୍ମଚାରୀଙ୍କୁ ଅବଗତ କରିବାକୁ ଅନୁରୋଧ କରାଯାଇଛି । ଉଲ୍ଲେଖଯୋଗ୍ୟ ଯେ, ଗତ ନଭେମ୍ବର ୨୮ ତାରିଖ ବେଳକୁ ଜମନକିରା ବ୍ଲକ କୁଲୁଣ୍ଡି ପଞ୍ଚାୟତର ବିଭିନ୍ନ ଗ୍ରାମାଞ୍ଚଳରେ ବିଭିନ୍ନ ବୟସର ଏକ ୨୨ଟିକିଆ ହାତୀପଲ ବୁଲୁଥିଲେ । ହାତୀ ଉପସ୍ଥିତିକୁ ନେଇ କେବଳ ଚାଷୀ ନୁହଁ, ଅଞ୍ଚଳବାସୀ ମଧ୍ୟ ଭୟଭୀତ ରହିଛନ୍ତି । ଏପରିକି ଚାଷୀ ଧାନଗାଡ଼ି ନେଇ ମିଲ୍ ବାହାରେ ଅପେକ୍ଷା କରିଥିବାବେଳେ ହାତୀ ଆସି ଖାଇଯିବା ବା ନଷ୍ଟ କରିବା ଭୟ ମଧ୍ୟ ରହୁଛି ।

# ବରିଷ୍ଠ ସାମ୍ବାଦିକ ରମାକାନ୍ତ ମହାନନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି

**ରେଢ଼ାଖୋଲ, ୧୮ ।୧୨(ସମିସ):** ସାମ୍ବାଦିକ ତଥା ଓୟୁଜେ ରେଢ଼ାଖୋଲ ୟୁନିଟ୍‌ର ପୂର୍ବତନ ସଭାପତି ତଥା ପ୍ରେସ୍‌କ୍ଲବ୍ ସଭାପତି ରମାକାନ୍ତ ମହାନନ୍ଦଙ୍କ ଗତ ୮ ତାରିଖ ଦିନ ସଡକ ଦୁର୍ଘଟଣାରେ ଦେହାନ୍ତ ହୋଇଯାଇଛି । ତାଙ୍କ ବିୟୋଗରେ ରେଢ଼ାଖୋଲ ସହର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା । ସ୍ୱର୍ଗତ ରମାକାନ୍ତ ମହାନନ୍ଦଙ୍କ ବିୟୋଗରେ ରେଢ଼ାଖୋଲବାସୀ ପକ୍ଷରୁ ଏକାଦଶାହ ପାଳନ କରାଯାଇଥିଲା ବେଳେ ସମ୍ବଲପୁର ଜିଲ୍ଲା ସାମ୍ବାଦିକ ୟୁନିୟନ (ଓୟୁଜେ) ରେଢ଼ାଖୋଲ ୟୁନିଟ୍ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ରେଢ଼ାଖୋଲ ବ୍ଲକ ୟୁନିଟର ସଭାପତି ପ୍ରସନ୍ନ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳୀ ସଭାରେ ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ଓୟୁଜେ ରାଜ୍ୟ ସଭାପତି ପ୍ରସନ୍ନ ମହାନ୍ତି, ପୂର୍ବତନ ରାଜ୍ୟ ସାଧାରଣ ସମ୍ପାଦକ ଅଶୋକ ନନ୍ଦ, ରାଜ୍ୟ କୋଷାଧ୍ୟକ୍ଷ ଅମୂଲ୍ୟ ସ୍ୱାଇଁ, କିଷାନ ରାଉତ, ଅନୁଗୁଳ ଜିଲ୍ଲା ସଭାପତି ଅଜିତ ଧର, ବୌଦ୍ଧ ସଭାପତି କମ୍ବୁ କ୍ଷତି, ସୁନ୍ଦରଗଡ଼ ଜିଲ୍ଲା ସଭାପତି ଅଶୋକ ଦାଶ, ଜିଲ୍ଲା ସାଧାରଣ ସମ୍ପାଦକ ଶରତ ପ୍ରଧାନ, ଶଚିକାନ୍ତ ସାହୁ, ରାଜେନ୍ଦ୍ର ନାୟକ, ମନୋଜ ରାଜ, କଣ୍ଠଶିଳ୍ପୀ ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ, ଶତ୍ରୁଘନ ଲୁହା, ସମାଜସେବୀ ନିହାଲ ସିଂ, ରେଢ଼ାଖୋଲ ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ଏନ୍‌ଏସି ଅଧ୍ୟକ୍ଷ ଶିବରାମ ସାହୁ, ବିଜେଡି ଜିଲ୍ଲା ସଭାପତି ରୋହିତ ପୂଜାରୀ, ସାମ୍ବାଦିକ ମନୋରଞ୍ଜନ ଯୋଶୀ, ସାମ୍ବାଦିକ ସଞ୍ଜୟ ଜେନା, କବି ମାନେନୀ ମିଶ୍ର, ଜିଲ୍ଲା ପରିଷଦ ସଭ୍ୟ ଶରତ ପ୍ରଧାନ ବରିଷ୍ଠ ଆଇନଜୀବୀ ପ୍ରମୋଦ ରଥ, ଆଠମଲ୍ଲିକର ପୂର୍ବତନ ବିଧାୟକ ସଞ୍ଜିବ ସାହୁ, ରମେଶ ସାଏ, ବରିଷ୍ଠ ସାମ୍ବାଦିକ ଶିବ ନନ୍ଦ, ପ୍ରଫୁଲ୍ଲ ଦାସ, ବିଜେପି ନେତା ଗୋବିନ୍ଦ ଅଗ୍ରୱାଲ, ଦେବେନ୍ଦ୍ର ମହାପାତ୍ର ପ୍ରମୁଖଙ୍କ ସମେତ ବହୁ ଶିକ୍ଷାବିତ ଓ ବରିଷ୍ଠ ନାଗରିକ ଯୋଗ ଦେଇ ସ୍ୱର୍ଗତ ସାମ୍ବାଦିକ ରମାକାନ୍ତ ମହାନନ୍ଦଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭାରେ ସ୍ମୃତିଚରଣ କରି ସଦଗତି କାମନା କରିଥିଲେ । ଏଥିରେ ରେଢ଼ାଖୋଲ ଜନ ସାଧାରଣ ପକ୍ଷରୁ ଏକାଦଶାହ ପାଳନ ହୋଇଥିଲା । ଶ୍ରଦ୍ଧାଞ୍ଜଳି ସଭାକୁ ଜିଲ୍ଲା ସମ୍ପାଦକ ସୁଶାନ୍ତ ନାଗ ପରିଚାଳନା କରିଥିଲେ । ରେଢ଼ାଖୋଲ ୟୁନିଟ ସମ୍ପାଦକ ସରୋଜ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।




**ରେଢ଼ାଖୋଲବାସୀ ପକ୍ଷରୁ ଏକାଦଶାହ ପାଳନ**

# ବୀରତା ଦିବସ ପାଇଁ ପ୍ରଶାସନ ଓ ଆୟୋଜକଙ୍କ ପ୍ରସ୍ତୁତି

**ବରଗଡ଼, ୧୮ ।୧୨(ସମିସ)**

ବରଗଡ଼ ଜିଲ୍ଲାର ବୀରଭୂମି ଘେଁସର ବୀର ଶହୀଦ ମାଧୋ ସିଂ ଓ ତାଙ୍କ ପରିବାରର ସଶସ୍ତ୍ର ସ୍ୱାଧୀନତା ସଂଗ୍ରାମର ସ୍ମୃତିଚାରଣ କରିବାକୁ ବୀର ଭୂମି ଘେଁସରେ ରାଜ୍ୟସ୍ତରୀୟ ଏବଂ ବରଗଡ଼ ବୀର ଛକରେ ଜିଲ୍ଲାସ୍ତରୀୟ ବୀରତା ଦିବସ ପ୍ରତିବର୍ଷ ଡିସେମ୍ବର ୩୧ ତାରିଖରେ ପାଳିତ ହୋଇଆସୁଛି । ଏହି ପରିପ୍ରେକ୍ଷୀରେ ବରଗଡ଼ ବୀର ଛକରେ ପାଳିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ବୀରତା ଦିବସର ଆୟୋଜନ ପାଇଁ ଜିଲ୍ଲା ପ୍ରଶାସନ ଏବଂ ସ୍ଥାନୀୟ ସଂଗଠନ ତଥା ଆୟୋଜକ ମାନଙ୍କର ଯୁଗ୍ମ ତଥା ପୃଥକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏନେଇ ଗତ ୧୮ ତାରିଖ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତା ଏବଂ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସଲାଙ୍କ ସଂଯୋଜନାରେ ଜିଲ୍ଲା ସ୍ତରୀୟ ବୀରତା ଦିବସ ୨୦୨୫ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ, ପୂର୍ତ୍ତ ବିଭାଗ, କାର୍ଯ୍ୟନିର୍ବାହୀ ଅଧିକାରୀ, ବରଗଡ଼ ମ୍ୟୁନିସିପାଲିଟି, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବରଗଡ଼, ଅଧ୍ୟକ୍ଷ ଓ ସମ୍ପାଦକ, ସହିଦ ଓ ସ୍ମୃତି କମିଟି, ଅଧ୍ୟକ୍ଷ ଓ ସଚିବ, ବରିଷ୍ଠ ନାଗରିକ ସଂଘର ଅଧ୍ୟକ୍ଷ ଓ ସମ୍ପାଦକ, କୋଶଳ ରାଜ୍ୟ ସମନ୍ୱୟ କମିଟି ଏବଂ ଅଧ୍ୟକ୍ଷ ଓ ସମ୍ପାଦକ, କୁଞ୍ଜଲ ସିଂ କ୍ଲବ୍ ସଦସ୍ୟ ଉପସ୍ଥିତ ଥିଲେ । ଗତକାଲି ମଧ୍ୟ ବରଗଡ଼ ବରିଷ୍ଠ ନାଗରିକ ସଂଘର କାର୍ଯ୍ୟାଳୟ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ କାର୍ଯ୍ୟାଳୟରେ ଜିଲ୍ଲା ସ୍ତରୀୟ ବୀରତା ଦିବସ ପାଳନ ପରିପ୍ରେକ୍ଷୀରେ ଦୁଇଟି ପୃଥକ ପୃଥକ ଚୂଡାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ପାଣ୍ଡବ କର୍ଣ୍ଣଙ୍କ ନେତୃତ୍ୱରେ ଚଳିତ ବର୍ଷ ମଧ୍ୟ ମାଧୋ ସିଂ ଓ ତାଙ୍କ ଦାୟାଦ ମାନଙ୍କ ବେଶରେ ସଜ୍ଜିତ ହୋଇ ବୀର ଶହୀଦ ପୀଠ ଘେଁସରୁ ମଶାଲ ଅଣାଯିବ । ବରଗଡ଼ର ଇଷ୍ଟଦେବୀ ମାଁ ସମଲେଶ୍ୱରୀଙ୍କ ପୀଠରେ ପୂଜାର୍ଚ୍ଚନା ପରେ ମଶାଲ ଗାନ୍ଧୀ ଛକ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ପାଖରେ ପହଞ୍ଚିବ । ସେଠାରେ ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଏକ ଗଣଦୌଡ ଆୟୋଜିତ ହେବ । ମଶାଲକୁ ବୀର ଛକ (ହଳଦୀ ପାଲି) ଠାରେ ସ୍ଥାପିତ ମଧୋ ସିଂ ଓ ତାଙ୍କ ସୁପୁତ୍ର ମାନଙ୍କ ସ୍ମୃତିରେ ନିର୍ମିତ ସ୍ମୃତି ସ୍ତମ୍ଭ ପାଖକୁ ନିଆଯିବ । ପରେ ବୀରତା ଦିବସ ଉପଲକ୍ଷେ ସାଧାରଣ ସଭା ଅନୁଷ୍ଠିତ ହେବ ବୋଲି ବୈଠକରେ ଆଲୋଚନା ହୋଇଥିଲା । ସଭାରେ ଅତିଥି ମାନେ ବୀରତା ଦିବସ ଉପଲକ୍ଷେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ସ୍ମାରକୀ ଓ ସାର୍ଟିଫିକେଟ ଦେଇ ସମ୍ବର୍ଦ୍ଧିତ କରିବେ । ଉଭୟ ବୈଠକରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସଲା, ପ୍ରମୋଦ ଝାଙ୍କର, ବରିଷ୍ଠ ସାମ୍ବାଦିକ ରବି ପଣ୍ଡା, କେଦାର ମିଶ୍ର, ପ୍ରିତମ ସିଂ, ପାଣ୍ଡବ କର୍ଣ୍ଣ, ଦୀପକ ରଥ, ଗୋବିନ୍ଦ ଦାଶ, ବିକାଶ ଅଗ୍ରୱାଲ, ଦେବୀ ପଟ୍ଟନାୟକ, ପ୍ରସନ୍ନ ପ୍ରଧାନ, ସୁଜାତା ମାଝୀ, ନବୀନ ବୁଡେକ୍ ପ୍ରମୁଖଙ୍କ ସମେତ ବରଗଡ଼ ଜିଲ୍ଲା ବରିଷ୍ଠ ନାଗରିକ ସଂଘ, ଶହୀଦ ଓ ସ୍ମୃତି କମିଟି, କୋଶଳ ରାଜ୍ୟ ସମନ୍ୱୟ ସମିତି, ଭାରତ ନିର୍ମାଣ ସମିତି, ସଙ୍କଳ୍ପ ପରିବାରର ବହୁ ସଦସ୍ୟ ସାମିଲ ଥିଲେ ।



## ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପାଇଁ ପ୍ରଶାସନର ପ୍ରସ୍ତୁତି



**ପଦ୍ମପୁର, ୧୮ ।୧୨(ସମିସ):** ଘେଁସ ଠାରେ ଆଗାମୀ ବୀରତା ଦିବସରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ପାଇଁ ପଶ୍ଚିମ ଓଡ଼ିଶା ଆଦିବାସୀ ମହାସଂଘ ଓ ଜିଲ୍ଲା ପ୍ରଶାସନ ମଧ୍ୟରେ ଗୁରୁବାର ପ୍ରସ୍ତୁତି ବୈଠକ ହୋଇଛି । ସଂଘ ପକ୍ଷରୁ ପ୍ରତିଷ୍ଠାତା ଗୋବର୍ଦ୍ଧନ ଭୋଏ, ଜିଲ୍ଲା ସଭାପତି ଗୋବିନ୍ଦ ବରିହା ଏବଂ ପ୍ରଶାସନ ତରଫରୁ ସିଡିଓ ତଥା ଇଓ ଜିଲ୍ଲାପରିଷଦ ବରଗଡ଼, ଉପ ଜିଲ୍ଲାପାଳ ପଦ୍ମପୁର, ବିଡିଓ ସୋହେଲା ଓ ଅନ୍ୟାନ୍ୟ ଜିଲ୍ଲା ପଦାଧିକାରୀ ଯୋଗ ଦେଇଥିଲେ । ସଭାସ୍ଥଳ, ହେଲିପ୍ୟାଡ, ଗାଡିପାର୍କିଂ ସ୍ଥାନ, ଖାଦ୍ୟସ୍ଥଳ ପରିଦର୍ଶନ କରିଥିଲେ ।

# ଦିବ୍ୟାଙ୍ଗ ଯୁବତୀଙ୍କୁ ପ୍ରତାରଣା କରି ଯୁବକ ଗିରଫ

**ରେଢ଼ାଖୋଲ, ୧୮ ।୧୨(ସମିସ):** ବିବାହର ପ୍ରତିଶ୍ରୁତି ଦେଇ ଜଣେ ଦିବ୍ୟାଙ୍ଗ ଯୁବତୀଙ୍କୁ ପ୍ରତାରଣା କରିବା ଅଭିଯୋଗରେ ଜଣେ ଯୁବକକୁ ଗିରଫ କରାଯାଇଛି । ପ୍ରେମିକା ଜଣଙ୍କ ଦିବ୍ୟାଙ୍ଗ ଜାଣି ସୁଦ୍ଧା ପ୍ରେମିକ ତାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ସମ୍ପର୍କ ରଖି ଗର୍ଭବତୀ କରିବା ପରେ ଶେଷରେ ତାଙ୍କୁ ପ୍ରତ୍ୟାଖାନ କରିଥିଲା । ଏଭଳି ଅଭାବନୀୟ ଘଟଣା ରେଢ଼ାଖୋଲ ଉପଖଣ୍ଡ ଅନ୍ତର୍ଗତ ନାକଟିଦେଉଳ ଥାନା ଅଞ୍ଚଳରେ ଦେଖିବାକୁ ମିଳିଛି । ସୂଚନା ଅନୁଯାୟୀ ସମ୍ବଲପୁର ଜିଲ୍ଲା ନାକଟିଦେଉଳ ଥାନା ସାଲେଭଟା ପଞ୍ଚାୟତ କେଉଟବେର୍ଣ୍ଣି ଗ୍ରାମର ଉମାକାନ୍ତ ବେହେରା ଜଣେ ଦିବ୍ୟାଙ୍ଗ ଯୁବତୀକୁ ଭଲ ପାଉଥିଲା । ଉମାକାନ୍ତ ସମ୍ପୃକ୍ତ ଯୁବତୀକୁ ବିବାହର ପ୍ରତିଶ୍ରୁତି ଦେଇ ସମ୍ପର୍କ ରଖିଥିଲା । ଯୁବତୀ ଜଣଙ୍କ ବର୍ତ୍ତମାନ ୫ ମାସର ଗର୍ଭବତୀ ହେବା ପରେ ତାଙ୍କୁ ବିବାହ କରିବାକୁ ଉମାକାନ୍ତଙ୍କୁ କହିଥିଲା । ଏକଥା ଶୁଣିବା ପରେ ଉମାକାନ୍ତ ସମ୍ପୃକ୍ତ ଯୁବତୀ ସହିତ ଆଉ ସମ୍ପର୍କ ନ ରଖି ଫେରାର ହୋଇଯାଇଥିଲା । ଏହାପରେ ଗର୍ଭବତୀ ଦିବ୍ୟାଙ୍ଗ ଯୁବତୀ ଜଣଙ୍କ ୧୪ରେ ନାକଟିଦେଉଳ ଥାନାରେ ଅଭିଯୋଗ କରିବା ପରେ ପୁଲିସ କେସ ନଂ ୨୫୨/୨୫ ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରି ବୁଧବାର ସକାଳୁ ଫେରାର ଉମାକାନ୍ତଙ୍କୁ ଦେବଗଡ଼ରୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି ।

# ଶୁଣ୍ଡି ସମାଜ ପକ୍ଷରୁ ବୃଦ୍ଧାଶ୍ରମକୁ ଖାଦ୍ୟ ପ୍ରଦାନ

**ବରଗଡ଼, ୧୮ ।୧୨(ସମିସ):** ଶୁଣ୍ଡି ସମାଜ ବରଗଡ଼ର କିଛି ସଦସ୍ୟ ସଭାପତି ଉଦ୍ଧବ ଚରଣ ବେହେରାଙ୍କ ନେତୃତ୍ୱରେ ବରଗଡ଼ ନିକଟସ୍ଥ ବିଜେପୁର ବ୍ଲକ ଅଧୀନ ସମଲାଇପଦର ଗାଁ ଠାରେ ଥିବା ପାର୍ବତୀ ଗିରି ବୃଦ୍ଧାଶ୍ରମକୁ ଯାଇ ଶୁଖିଲା ଖାଦ୍ୟ ପଦାର୍ଥ ପ୍ରଦାନ କରିଛନ୍ତି । ଆଶ୍ରମରେ ରହୁଥିବା ସମସ୍ତ ଅନ୍ତେବାସୀଙ୍କୁ ଭେଟି ତାଙ୍କର ସ୍ୱାସ୍ଥ୍ୟବ୍ୟସ୍ଥା ବୁଝିଥିଲେ । ସମାଜ ତରଫରୁ ଚାଉଳ, ଡାଲି, ଅଟା, ସୁଜି, ଚଣା, ଚୁଡା, ତେଲ, ବିସ୍କୁଟ ଓ ପନିପରିବା ପ୍ରଦାନ କରାଯାଇଥିଲା । ଆଶ୍ରମର ପରିଚାଳକ ଜଳନ୍ଧର ପଟେଲ ସମସ୍ତ ଅନ୍ତେବାସୀଙ୍କ ତରଫରୁ ସମାଜର ସମସ୍ତଙ୍କ ଉତ୍ତରୋତ୍ତର ଉନ୍ନତି ତଥା ଶୁଭକାମନା କରିଥିଲେ । ଆଶ୍ରମର ସୁପରିଚାଳନା ଓ ନିଜ ପ୍ରୟାସରେ ଗେଣ୍ଡୁ ଫୁଲ ଚାଷ କରି ବଜାରକୁ ପଠାଉ ଥିବାରୁ ଉଦ୍ଧବ ଚରଣ ବେହେରା ଜଳନ୍ଧର ବାବୁଙ୍କୁ ସାଧୁବାଦ ଜଣାଇ ତାଙ୍କର ମଙ୍ଗଳ କାମନା କରିଥିଲେ । ଆଗାମୀ ଦିନରେ ସମାଜ ତରଫରୁ ସାହାଯ୍ୟ ସହଯୋଗ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ସମସ୍ତ ସଦସ୍ୟ ଗେଣ୍ଡୁଫୁଲ ଚାଷ ପରିଦର୍ଶନ କରିବା ସହିତ ଅନ୍ତେବାସୀଙ୍କ ସହିତ କିଛି ମୁହୂର୍ତ୍ତ ବିତାଇ ଖୁବ୍ ଆନନ୍ଦ ଅନୁଭବ କରିଥିଲେ । କାର୍ଯ୍ୟକ୍ରମରେ ସଭାପତିଙ୍କ ସହିତ ଡ.ପାଣ୍ଡବ ବେହେରା, ଅଶୋକ ବେହେରା, ନୀଳମାଧବ ସାହୁ, ଅଶୋକ ପରିଡ଼ା, ସୁଜାତା ବେହେରା, ସୁନୀତା ବେହେରା, ଦିପ୍ତିଲତା ବେହେରା, ମୀନାକ୍ଷୀ ପରିଡ଼ା ଓ ନାରୀ ସଭାପତି ଅଧ୍ୟାପିକା ଅନୁପମା ବେହେରା ପ୍ରମୁଖ ଯୋଗ ଦେଇଥିଲେ ।




# ଷ୍ଟେସନରୁ ଗଞ୍ଜେଇ ଜବତ, ୨ଗିରଫ

**ସମ୍ବଲପୁର, ୧୮ ।୧୨ (ସମିସ):** ସରକାରୀ ରେଳବାଇ ପୁଲିସ ସମ୍ବଲପୁର ଷ୍ଟେସନରୁ ଗଞ୍ଜେଇ ଜବତ କରିଛି । ପାଟ୍ରୋଲିଂ ସମୟରେ ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇ ପ୍ଲାଟଫର୍ମ ନମ୍ବର ୩ରୁ ଦୁଇ ଜଣକୁ ଗିରଫ କରିଛି । ସେମାନେ ହେଲେ ବିହାର ଅରୌଙ୍ଗବାଦ ଜିଲ୍ଲାର ରାଜ କୁମାର(୧୯) ଓ ଅକ୍ଷୟ କୁମାର(୩୩) । ସେମାନଙ୍କ ନିକଟରୁ ୧୪ କେଜି ଗଞ୍ଜେଇ ଜବତ କରାଯାଇଛି । ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି ।

## ଖ୍ରୀଷ୍ଟୀୟ ସଙ୍ଗୀତ ସମାରୋହ

**ବରଗଡ଼, ୧୮ ।୧୨(ସମିସ):** ବରଗଡ଼ ଅମ୍ବାପାଲି ସ୍ଥିତ ମିଶନ କମ୍ପାଉଣ୍ଡରେ ବରଗଡ଼ ଜିଲ୍ଲା ଚର୍ଚ୍ଚ କାଉନସିଲ ସମ୍ବଲପୁର ଡାଏସିସ ସିଏନଆଇ ତରଫରୁ ପ୍ରଭୁ ଯିଶୁଙ୍କ ଜନ୍ମର ସ୍ୱାଗତ ସଙ୍ଗୀତ ସମାରୋହ ମହା ଆଡମ୍ବରରେ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ରାଇଟରେଭେରେନ ଇମାନୁଏଲ ଦାନୀ ଯୋଗ ଦେଇଥିଲେ । ଯୀଶୁଙ୍କର ଜନ୍ମର ବୃତ୍ତାନ୍ତ, ସଙ୍ଗୀତ ସମାରୋହ ବିଷୟରେ ବାକ୍ୟ ପରିବେଷଣ କରିଥିଲେ । ସମ୍ମାନିତ ଅତିଥି ଭାବେ ବରଗଡ଼ ବରିଷ୍ଠ ସମାଜସେବୀ ଚନ୍ଦ୍ରଶେଖର ବାଗ, ଡାଏସିସ ସମ୍ପାଦକ ସୌମ୍ୟରଞ୍ଜନ ବାଗ, ପ୍ରେସ ବାଇଟର ଇନଚାର୍ଜ ବରଗଡ଼ ଡିସିସି ନକୁଳ ବାଗ, ବରଗଡ଼ ଡିସିସି ଉପସଭାପତି ଏଲିୟ ନନ୍ଦ, ସମ୍ପାଦକ ମନୋଜ, କୋଷାଧ୍ୟକ୍ଷ ଦୁର୍ଯ୍ୟୋଧନ ନାଗ, ବରଗଡ଼ ଖ୍ରୀଷ୍ଟିଆନ କାଉନସିଲର ସମ୍ପାଦକ ଜନ ନିଉଟନ ସିଂ, ରେଭଜରେନ ମହୀପାଳ ବାଗ, ସାମ୍ବାଦିକ ସୁବ୍ରତ ବିର୍ତ୍ତିଆ, ସମ୍ବଲପୁର ଆଞ୍ଚଳିକ ସମ୍ପାଦିକା ତରଣୀ ସୁନା ପ୍ରମୁଖ ଉପସ୍ଥିତ ଥିଲେ । ମନୋଜ ମଞ୍ଚ ପରିଚାଳନା କରିଥିଲେ । ଜ୍ୟୋତିରଞ୍ଜନ ପାଇକ, ଆଶିଷ ଓ ବିଶପ ଇମାନୁଏଲ ଦାନୀ ପ୍ରାର୍ଥନା କରିଥିଲେ ।

# ସମ୍ବଲପୁରୀ ସଂଳାପରେ କମ୍ପୁଛି ଆଖଡ଼ାଶାଳ

**ବରଗଡ଼, ୧୮ ।୧୨(ସମିସ):** ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ଚଳିତ ଡିସେମ୍ବର ୨୪ ତାରିଖରୁ ଆରମ୍ଭ ହେବ । ଏନେଇ ଜୋରସୋରରେ ଅଖାଡାଶାଳାରେ ଅଭ୍ୟାସ କରୁଛନ୍ତି କଂସ ସମେତ ସମସ୍ତ ପାର୍ଶ୍ୱ କଳାକାର । ତେବେ ଗୁରୁବାର ପୂର୍ବତନ କଂସ ମହାରାଜ ହୃଷିକେଶ ଭୋଇ ଓ ଭୁବନେଶ୍ୱର ପ୍ରଧାନ ଅଖାଡାଶାଳାରେ ପହଞ୍ଚିଥିଲେ । ଚଳିତ ବର୍ଷ ନୂତନ କଳାକାର ମାନେ ରହିଥିବା ବେଳେ ଅଭିନୟ ଏବଂ ସଂଳାପ କିପରି ହେବ ସେନେଇ ପୂର୍ବତନ କଂସ ମହାରାଜ ନୂତନ କଳାକାର ମାନଙ୍କ ମାର୍ଗଦର୍ଶନ କରିଥିଲେ । ଆଜି ସମ୍ବଲପୁରୀ ସଂଳାପରେ ଅଖାଡାଶାଳା କମ୍ପିଥିଲା । ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରାକୁ ସାରା ବିଶ୍ୱର ଦର୍ଶକ ଦେଖିଥାନ୍ତି । ତେବେ ଚଳିତ ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରାରେ ଓଡ଼ିଆ, ସମ୍ବଲପୁରୀ, ହିନ୍ଦୀ, ସଂସ୍କୃତ ଓ ଛତିଶଗଡ଼ି ଭାଷା ସହ ଅନେକ ଭାଷାରେ ମଞ୍ଚ ଦୁଲୁକିବ ବୋଲି ଜଣାଯାଇଛି । ଅଶୋକ ବେହେରା, ଗୋପାଳ କୃଷ୍ଣ ଦାଶ, ସୁଗ୍ରିବର ଭୋଇ, ନକୁଲ ବାଦି, ପ୍ରଶାନ୍ତ ମହାପାତ୍ର, ସୁଶିଲ ମହାପାତ୍ର, ଶଙ୍କର ପଟ୍ଟନାୟକ, ମାନସ ଚାନ୍ଦଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ । ଧନୁଯାତ୍ରା ମହୋତ୍ସବ ଯେତିକି ପାଖେଇ ଆସୁଛି ସମସ୍ତଙ୍କ ମନରେ ଉତ୍କଣ୍ଠା ବଢ଼ିଚାଲିଛି ।

# ସମ୍ବଲପୁର ଲୋକ ମହୋତ୍ସବ ପୋଷ୍ଟର ଉନ୍ମୋଚିତ

**ସମ୍ବଲପୁର, ୧୮ ।୧୨ (ସମିସ):** ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ସମ୍ବଲପୁର ଲୋକ ମହୋତ୍ସବର ପ୍ରସ୍ତୁତି ବୈଠକରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଲୋକ ମହୋତ୍ସବରେ ସମ୍ବଲପୁରୀ କଳା, ସଂସ୍କୃତି ଓ ଐତିହ୍ୟକୁ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ । ମୋଟ ୫୦୦ଜଣ ସମ୍ବଲପୁରୀ ନୃତ୍ୟଶିଳ୍ପୀଙ୍କ ନୃତ୍ୟ ସହ ଲୋକ ମହୋତ୍ସବର ଶୁଭ ଉଦ୍‌ଘାଟନ କରିବାକୁ ନିଷ୍ପତି ନିଆଯାଇଥିଲା । ଏହି ଅବସରରେ ଲୋକ ମହୋତ୍ସବ- ୨୦୨୬ର ପୋଷ୍ଟର ଉନ୍ମୋଚନ କରାଯାଇଥିଲା । ମହୋତ୍ସବରେ ପ୍ରତ୍ୟହ ଅପରାହ୍ନ ୫ଟାରୁ ୬ଟା ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ସାମିଲ ଓ ଯୁବ କଳାକାରଙ୍କୁ ପ୍ରୋତ୍ସାହିତ କରିବା ନେଇ ଆଲୋଚନା ହୋଇଥିଲା । ସ୍ୱଚ୍ଛତା, ପ୍ରଚାର ଓ ପ୍ରସାର ଉପରେ ଗୁରୁତ୍ୱ ଦେବାକୁ ଜିଲ୍ଲାପାଳ କହିଥିଲେ । ନୋଡାଲ ଅଧିକାରୀ ତଥା ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ରେହାନ ଖତ୍ରୀ ଚଳିତ ମହୋତ୍ସବରେ କିଛି ନୂତନ କରିବାକୁ ଚେଷ୍ଟା କରାଯାଉ, ଯେଭଳି ଜନସାଧାରଣ ପରିବର୍ତ୍ତନକୁ ଅନୁଭବ କରିବେ ବୋଲି କହିଥିଲେ । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଅଶୋକ ଭୋଇ ଓ ସୁଧାଂଶୁ ଭୋଇ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରସନ୍ନ ପାତ୍ର, ସଦର ଉପଜିଲ୍ଲାପାଳ ଡା. ପୁଷ୍ପାଞ୍ଜଳି ପଣ୍ଡା, ସଂଯୋଜକ ଦୀପକ କୁମାର ପଣ୍ଡାଙ୍କ ସମେତ ବିଭିନ୍ନ ଉପସମିତିର ଆବାହକ ଓ ଉପଆବାହକ ମାନେ ଉପସ୍ଥିତ ଥିଲେ । ଶେଷରେ ଜିଲ୍ଲା ସଂସ୍କୃତି ଅଧିକାରୀ ଅମୃତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# 'ଡ. ସୁଦର୍ଶନ ପୂଜାରୀଙ୍କ ସମୃଦ୍ଧ ବୌଦ୍ଧିକ କୀର୍ତ୍ତି ସ୍ମରଣୀୟ ହୋଇରହିବ'

**ସମ୍ବଲପୁର, ୧୮ ।୧୨ (ସମିସ)**

ବିଶିଷ୍ଟ ସାହିତ୍ୟିକ, ଦର୍ଶନଶାସ୍ତ୍ର ଗବେଷକ ତଥା କବି ଡ. ସୁଦର୍ଶନ ପୂଜାରୀଙ୍କ ପ୍ରଥମ ବାର୍ଷିକ ଶ୍ରଦ୍ଧା ସମାବେଶ ଆଜି ଜିଲ୍ଲା ପ୍ରେକ୍ଷାଳୟ 'ତପସ୍ୱିନୀ'ଠାରେ ଅନୁଷ୍ଠିତ ହୋଇଯାଇଛି । ଡ. ପ୍ରଦୀପ କୁମାର ପଣ୍ଡାଙ୍କ ପୌରୋହିତ୍ୟରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଡ. ପୂଜାରୀଙ୍କ ବାଲ୍ୟବନ୍ଧୁ ତଥା ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ କହିଲେ ଯେ, ସୁଦର୍ଶନ ପୂଜାରୀଙ୍କ ଦ୍ୱାରା ପ୍ରେରଣା ପାଇଥିବା ଅନେକ ଛାତ୍ରଛାତ୍ରୀ ଆଜି ଯଶ ଲାଭ କରିଛନ୍ତି । ଡ. ପୂଜାରୀଙ୍କ ବନ୍ଧୁତ୍ୱରେ ଆତ୍ମିକ ରହିଥିଲା । ସେ ଅଧ୍ୟାପକ, ଗବେଷକ ଓ ଦାର୍ଶନିକ ଭାବରେ ଯୋଗ୍ୟତା ହାସଲ କରିଥିଲେ । ଡ. ପୂଜାରୀଙ୍କ କୀର୍ତ୍ତି ତାଙ୍କ ଜୀବନରେ ପ୍ରତିଫଳିତ ହେଉଥିଲେ ମଧ୍ୟ ପ୍ରଚାର ଓ ପ୍ରସାରରୁ ଊର୍ଦ୍ଧ୍ୱରେ ଥିଲେ । ମଣିଷ ଜୀବନରେ ଅଗ୍ରଗତି ସହିତ ନାନ୍ଦନୀକତା ରହିଲେ ବୌଦ୍ଧିକ ଅମରତ୍ୱରେ ପହଞ୍ଚିହେବ ବୋଲି ଶ୍ରୀ ଆଚାର୍ଯ୍ୟ କହିଥିଲେ । ଅନ୍ୟତମ ଅତିଥି ଜୀବନମୁକ୍ତାନନ୍ଦଜୀ ମହାରାଜ କହିଲେ ଯେ, ବୌଦ୍ଧିକ ସର୍ଜନା ଦୃଷ୍ଟିରୁ ଡ. ପୂଜାରୀଙ୍କ ଜୀବନ ସର୍ବଦା ଜୀବନ୍ତ ରହିଥିଲା । ସେ ଯେକୌଣସି ସେବାକାର୍ଯ୍ୟ ପାଇଁ ପଛଘୁଞ୍ଚା ଦେଉନଥିଲେ । ଡ. ପୂଜାରୀଙ୍କ ଛାତ୍ର ତଥା ଢେଙ୍କାନାଳର ପୂର୍ବତନ ଲୋକସଭା ସଦସ୍ୟ ମହେଶ ସାହୁ କହିଲେ ଯେ, ସୁଦର୍ଶନ ପୂଜାରୀଙ୍କ ଛାତ୍ରବତ୍ସଳତା ଅବିସ୍ମରଣୀୟ ଥିଲା । ଆଚାରଣ ଓ ଉଚ୍ଚାରଣରୁ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଡ. ପୂଜାରୀ ଦେଖି ପାରୁଥିଲେ । ବଡ଼ ନୁହେଁ, ଭଲମଣିଷ ଓ ସ୍ପଷ୍ଟବାଦୀ ହେବାକୁ ସେ ଉତ୍ସାହିତ କରୁଥିଲେ ବୋଲି ଶ୍ରୀ ସାହୁ କହିଥିଲେ । ସମ୍ମାନିତ ବକ୍ତା ସାହିତ୍ୟିକା ଡ. ସଂଘମିତ୍ରା ମିଶ୍ର କହିଲେ ଯେ, ପୂଜାରୀ ସାର୍ ଚିନ୍ତା ଓ ଚେତନାରେ ପରିପୁଷ୍ଟ ଥିଲେ । ଗର୍ବ ଓ ଅହଙ୍କାରରୁ ଊର୍ଦ୍ଧ୍ୱରେ ରହି ସମସ୍ତଙ୍କୁ ସ୍ନେହ ଓ ମାର୍ଗଦର୍ଶନ କରୁଥିଲେ । ସେ କେବଳ ଅଧ୍ୟାପକ ନଥିଲେ ଅତୀତ ଓ ସୁଦୂର ଭବିଷ୍ୟତର ସମ୍ମିଶ୍ରଣକୁ ନେଇ ଅଧ୍ୟୟନ କରୁଥିଲେ ।

ଏହି ଅବସରରେ ସୁଦର୍ଶନ ପୂଜାରୀ ସ୍ମୃତି କମିଟି ପକ୍ଷରୁ ପ୍ରକାଶିତ ସ୍ମରଣିକା 'ସୁ ଦର୍ଶନ' ଲୋକାର୍ପିତ ହୋଇଥିଲା । ଡ. ଗୌରୀଦାସ ପଧାନଙ୍କ ସଂଯୋଜନାରେ ହୋଇଥିବା ସଭାରେ ଶିକ୍ଷକ ଲମ୍ବୋଦର ହୋତା, ବିରଞ୍ଚି ନାରାୟଣ ମିଶ୍ର, ସୀତାରାମ ମହାକୁଡ଼ ପ୍ରମୁଖ ପୂଜାରୀଙ୍କ ସାଧନା ଏବଂ କୃତିତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ । ବାଗ୍ମୀ ବରେଣ୍ୟା ନାୟକ ସ୍ୱାଗତ ଭାଷଣ ଦେଇଥିବାବେଳେ ଡ. ପଞ୍ଚାନନ ପୂଜାରୀ, ଜିଜ୍ଞାସା ପୂଜାରୀ, ଡ. ଜିଜିସା ପୂଜାରୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶେଷରେ ଡ. ବିଶ୍ୱରଞ୍ଜନ ପୂଜାରୀ ଧନ୍ୟବାଦ ଅର୍ପଣ କରିଥିଲେ ।



## ଜେଏସଡବ୍ଲ୍ୟୁ ରାସ୍ତା ନିର୍ମାଣକୁ ନେଇ ସାହାଜବାହାଲରେ ତୁମୁଳକାଣ୍ଡ

- ଗ୍ରାମବାସୀ ଓ ସୁରକ୍ଷାକର୍ମୀଙ୍କ ମଧ୍ୟରେ ଧସ୍ତାଧସ୍ତି
- ଉତ୍ତ୍ୟକ୍ତ ଲୋକଙ୍କ ଜେଏସ୍‌ଡବ୍ଲ୍ୟୁ କାର୍ଯ୍ୟାଳୟରେ ଭଙ୍ଗାରୁଜା ଅଭିଯୋଗ

ଇବଥର୍ମାଲ,୧୮ ।୧୨(ସମିସ): ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ୍ ସାହାଜବାହାଲ ସ୍ଥିତ ଜେଏସଡବ୍ଲ୍ୟୁ ଉତ୍କଳ ଏନର୍ଜି କମ୍ପାନୀ ସକାଶେ ସାହାଜବାହାଲ ଗାଁର ଏକ ପୋଖରୀ କଡରେ ରାସ୍ତା କାମକୁ ନେଇ ତୁମୁଳ କାଣ୍ଡ ଘଟିଥିବା ଜଣାପଡିଛି। ରାସ୍ତା କାମ ଦ୍ୱାରା ପୋଖରୀ ପୋତି ହେବ ଏବଂ ଲୋକେ ଅସୁବିଧାର ସମ୍ମୁଖୀନ ହେବେ ବୋଲି ଏହିରାସ୍ତା କାମକୁ ଗ୍ରାମବାସୀ ବିରୋଧ କରି ଆସୁଥିଲେ। ହେଲେ କମ୍ପାନୀ କର୍ତ୍ତୃପକ୍ଷ ଗ୍ରାମବାସୀଙ୍କ ଦାବିକୁ ଅଣଦେଖା କରି ଜୋର ଜବରଦସ୍ତ କରି କାମ କରୁଥିବା ଅଭିଯୋଗ ହୋଇଛି। ଆଜି ସୁରକ୍ଷାକର୍ମୀଙ୍କୁ ଲଗାଇ କମ୍ପାନୀ କର୍ତ୍ତୃପକ୍ଷ ରାସ୍ତାକାମ କରୁଥିଲେ। ଏହି ସମୟରେ ଗାଁର କିଛି ମହିଳା ଓ ପୁରୁଷ ଆସି ବିରୋଧ ପ୍ରଦର୍ଶନ କରିଥିଲେ। ଫଳରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇବା ସହ ଠେଲାପେଲା ପରିସ୍ଥିତି ହୋଇଥିଲା। ମହିଳା ମାନଙ୍କୁ ଠେଲାପେଲା କରି ଅସଦାଚରଣ କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ହରିଜନ ଆଦିବାସୀ ମହିଳାଙ୍କ ପ୍ରତି ଏଭଳି ଅନ୍ୟାୟ ଓ ବଳପୂର୍ବକ କାର୍ଯ୍ୟକୁ ଲୋକେ ଦୃଢ଼ ବିରୋଧ କରିଛନ୍ତି। ଅନ୍ୟପକ୍ଷେ ଗ୍ରାମବାସୀ ଘଟଣା ଘଟିବା ପରେ ବଳପୂର୍ବକ କମ୍ପାନୀ କାର୍ଯ୍ୟାଳୟରେ ଧସେଇ ପଶି ବ୍ୟାପକ ଭଙ୍ଗାରୁଜା କରିଥିବା ଏବଂ କର୍ମଚାରୀଙ୍କୁ ଗାଳିଗୁଲଜ କରିବା ସହ ମାଡ ମାରିଥିବା କମ୍ପାନୀ କର୍ତ୍ତୃପକ୍ଷଙ୍କ ଠାରୁ ପାଲଟା ଅଭିଯୋଗ ହୋଇଛି। ଖବରପାଇ ବ୍ରଜରାଜନଗର ଏସଡିପିଓ ଚିନ୍ତାମଣି ପ୍ରଧାନ, ବନହରପାଲି ଆଇ ଆଇ ସିରଞ୍ଜିତ ନାଏକ ପୁଲିସ ଫୋର୍ସ ସହ ଘଟଣା ସ୍ଥଳରେ ପହଞ୍ଚି ପରିସ୍ଥିତିକୁ ଆୟତ୍ତ କରିବାରେ ଲାଗିଛନ୍ତି। ଗ୍ରାମବାସୀଙ୍କ ସହ ଆଲୋଚନା ହୋଇଥିଲେ ମଧ୍ୟ ଖବର ଲେଖା ହେବା ପର୍ଯ୍ୟନ୍ତ କୌଣସି ସମାଧାନ ବାଟ ବାହାରି ପାରି ନାହିଁ। ଅନ୍ୟପଟେ ଗ୍ରାମବାସୀଙ୍କ ପକ୍ଷରୁ ଏକ ଏତଲା ବନହରପାଲି ପୁଲିସକୁ ଦିଆଯାଇଥିବା ବେଳେ ଜେଏସଡବ୍ଲ୍ୟୁ ସାହାଜବାହାଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ମଧ୍ୟ ଏକ ଏତଲା ପୁଲିସକୁ ଦିଆଯାଇଥିବା ପୁଲିସ କହିଛି। ଉଭୟ ଏତଲାକୁ ଆଧାରକରି ତଦନ୍ତ ଜାରି ରଖିଥିବା ପୁଲିସ ସୂତ୍ରରୁ ପ୍ରକାଶ।

### ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବଙ୍କ କ୍ଷେତ୍ର ପରିଦର୍ଶନ

# ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷାକରି କାର୍ଯ୍ୟ କରିବାକୁ ପରାମର୍ଶ

ରାଉରକେଲା,୧୮ ।୧୨(ସମିସ)



ସୁନ୍ଦରଗଡ଼ ଜିଲ୍ଲାର ନୋଡାଲ ଅଧିକାରୀ ତଥା ଗୃହ ଓ ନଗର ଉନ୍ନୟନ ବିଭାଗ ଏବଂ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଦୁଇ ଦିନିଆ ସୁନ୍ଦରଗଡ ଜିଲ୍ଲା ଗସ୍ତରେ ଆସି ଜିଲ୍ଲାର ବିଭିନ୍ନ ଅଞ୍ଚଳ ଗସ୍ତ କରି ବିଭିନ୍ନ ପ୍ରକଳ୍ପ, ଯୋଜନା ଆଦିର କାର୍ଯ୍ୟକାରିତା ତଥା ଅଗ୍ରଗତି ସମୀକ୍ଷା କରିଥିଲେ। ଏହା ସହିତ ଆଜି ସ୍ଥାନୀୟ ସଦ୍‌ଭାବନା ଭବନଠାରେ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନେଇ ଏକ ସମୀକ୍ଷା ବୈଠକ ମଧ୍ୟ କରିଥିଲେ। ଏହି ଅବସରରେ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ପାଢ଼ୀ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିଭଳି ନିୟମିତ ଭାବେ ବିଭାଗର ଯୋଜନା, ପ୍ରକଳ୍ପ, କାର୍ଯ୍ୟକ୍ରମ ଆଦିର ନିରୀକ୍ଷଣ କରିବା ସହିତ ସେ ସମ୍ବନ୍ଧୀୟ କୌଣସି ବ୍ୟବଧାନ ରହିଥିଲେ ତାହାର ନିରାକରଣ କରାଯିବା ଆବଶ୍ୟକ କହିଥିଲେ। ଏହା ସହିତ ଜନସାଧାରଣଙ୍କର ସମସ୍ୟା ଗୁଡ଼ିକର ତ୍ୱରିତ ସମାଧାନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜିଲ୍ଲାର ସ୍ୱାସ୍ଥ୍ୟ ଭିତ୍ତିଭୂମି, ମାନବ ସମ୍ବଳ ସମସ୍ୟା ଆଦି ଉପରେ ଆଲୋଚନା କରାଯାଇଥିଲା। ସେହିଭଳି ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ ପକ୍ଷରୁ ଭିତ୍ତିଭୂମି, ସ୍ମାର୍ଟକ୍ଲାସ ରୁମ୍, ପି ଏମ ଶ୍ରୀ ବିଦ୍ୟାଳୟ ଆଦି ଉପରେ ଆଲୋଚନା କରିଥିଲେ। ଗୃହ ଓ ନଗର ଉନ୍ନୟନ ବିଭାଗ ଓ ୱାଟକୋ ର ବିଭିନ୍ନ କାର୍ଯ୍ୟକ୍ରମ ଗୁଡ଼ିକ ଉପରେ ଆଲୋଚନା ହୋଇଥିଲା ଏବଂ ବିଶେଷ କରି ପରିମଳ ବ୍ୟବସ୍ଥା ଏବଂ ଉପାନୀୟ ଜଳ ଯୋଗାଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସେହିଭଳି କୃଷି, ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଏବଂ ପରିମଳ ବିଭାଗର ବିଭିନ୍ନ ପ୍ରକଳ୍ପ ଉପରେ ସମୀକ୍ଷା କରାଯିବା ବିଭିନ୍ନ ପ୍ରକଳ୍ପ ଗୁଡ଼ିକ କାର୍ଯ୍ୟକାରୀ କରିବା ସମୟରେ ଆନୁଷଙ୍ଗିକ ବିଭାଗଗୁଡ଼ିକ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷାକରି କାର୍ଯ୍ୟ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି ଜିଲ୍ଲା ମଙ୍ଗଳ ବିଭାଗ ପକ୍ଷରୁ ଭିତ୍ତିଭୂମି, ମାନବ ସମ୍ବଳ ଆଦି ଉପରେ ଆଲୋଚନା କରାଯାଇଥିଲା। ହଷ୍ଟେଲ ତଥା ଶୌଚାଳୟ ଗୁଡ଼ିକର ସ୍ୱଚ୍ଛତା ବଜାୟ ରଖାଯିବା ନେଇ ଆଲୋଚନା କରାଯାଇଥିଲା। ସେହିଭଳି ମହିଳା ଓ ଶିଶୁ ବିକାଶ, ଜିଲ୍ଲା ଯୋଗାଣ ବିଭାଗ, ଟିପିଡବ୍ଲୁଡିଏଲ୍, ସାମାଜିକ ସୁରକ୍ଷା ବିଭାଗ, ସମବାୟ ଆଦି ଅନ୍ୟାନ୍ୟ ବିଭାଗ ଗୁଡ଼ିକ ର ବିଭିନ୍ନ ପ୍ରକଳ୍ପ ଯୋଜନା ଆଦି ଉପରେ ଆଲୋଚନା କରାଯାଇଥିଲା ଏବଂ ବିଭାଗୀୟ ଅଧିକାରୀ ମାନେ ନିଜ ବିଭାଗ ଅର୍ନ୍ତଗତ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରାଇବା ସହିତ ମତାମତ ମଧ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆକାଂକ୍ଷା ବ୍ଲକ ଗୁଡ଼ିକ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ବୈଠକରେ ଆରକ୍ଷୀ ଅଧିକ୍ଷକ ଅମ୍ରିତପାଲ କୌର, ଅତିରିକ୍ତ ଜିଲ୍ଲାପାଳ ସୁରଜ ପଟ୍ଟନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ସଦର ଉପଜିଲ୍ଲାପାଳ ତେଜସ୍ୱନୀ ବେହେରା, ଆଇଏଏସ ଶିକ୍ଷାନବିସ ଫାବୀ ରସିଦ ଏବଂ ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

ପ୍ରକାଶ ଥାଉ କି ଆଜି ଜିଲ୍ଲାର ବିଭିନ୍ନକ୍ଷେତ୍ର ପରିଦର୍ଶନ କରିଥିଲେ। ଲାଠିକଟା ବ୍ଲକ୍ ର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିଥିଲେ। ଟାଇଁସର ପଞ୍ଚାୟତ ପରିଦର୍ଶନ କରିବା ସହିତ ପିଆର୍‌ଆଇ ସଦସ୍ୟ ତଥା ସମସ୍ତ ଅଧିକାରୀମାନଙ୍କ ଆଲୋଚନା କରିଥିଲେ। ପରେପରେ ଟାଇଁସର ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିବା ସହିତ ଛାତ୍ରଛାତ୍ରୀ , ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହିତ କରିଥିଲେ। ସେହିଭଳି କୁଆଁରମୁଣ୍ଡା ବ୍ଲକ ଅଧୀନ ଗ୍ରାମ୍ୟ ଶିଳ୍ପ ପାର୍କ ପରିଦର୍ଶନ କରିଥିଲେ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟଙ୍କର ବିଭିନ୍ନ କାର୍ଯ୍ୟଦେଖିବା ସହିତ ସେମାନଙ୍କ ସହ ଆଲୋଚନା କରିଥିଲେ।

## ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଧାରଣା




ଦେବଗଡ,୧୮ ।୧୨(ସମିସ): ନ୍ୟାସନାଲ୍ ହେରାଲ୍ଡ ମାମଲାରେ କଂଗ୍ରେସର ନୈତିକ ବିଜୟ ପାଇଁ ଗୁରୁବାର ଦେବଗଡ଼ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଠାରେ ଜିଲ୍ଲା ସଭାପତି ସେମ ହେମ୍ବ୍ରାମଙ୍କ ନେତୃତ୍ୱରେ ବହୁ ଦଳୀୟ କର୍ମୀଙ୍କ ପକ୍ଷରୁ ବିଜେପି ବିରୋଧରେ ଧାରଣା ପ୍ରଦର୍ଶନ କରାଯାଇଛି। ବିଜେପି ପକ୍ଷରୁ ବିନା କାରଣରେ ରାହୁଲ ଗାନ୍ଧୀ ଓ ସୋନିଆ ଗାନ୍ଧୀଙ୍କ ସହ କଂଗ୍ରେସ ଦଳକୁ ବଦନାମ୍ କରିବା ପାଇଁ ଚକ୍ରାନ୍ତ କରାଯାଇଥିବା ନେଇ ଶ୍ରୀ ହେମ୍ବ୍ରାମ ଅଭିଯୋଗ କରିଥିଲେ। ଦଳୀୟ ପଦାଧିକାରୀ ମାନେ ବିଜେପି ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇ ନାରାବାଜି କରିଥିଲେ। ବରିଷ୍ଠ ନେତା କ୍ଷୀରୋଦ ନାରାୟଣ ସାହୁ, ରେବତୀ ମୋହନ ପଟ୍ଟନାୟକ, କଂଗ୍ରେସ ଆଦିବାସୀ ସେଲ ସଭାପତି ସୁଶୀଲ ଗୁଡିଆ, କଂଗ୍ରେସ ଏସସି ସେଲ ସଭାପତି ରମେଶ ଚନ୍ଦ୍ର ପାତ୍ର, ରାଜ୍ୟ କିଷାନ କଂଗ୍ରେସ ସଂଯୋଜକ ଦେବେନ୍ଦ୍ର ଗଡନାୟକ, ସୁଦୀପ୍ତ ଶତପଥୀ, ସୁମନ୍ତ ବେହେରା, ନାଥ କୃଷ୍ଣ ଜାଲ, ଛାତ୍ର କଂଗ୍ରେସ ସଭାପତି ଆନନ୍ଦକୁଲା ଓ ସନ୍ତୋଷ ଉଦାବର୍ ପ୍ରମୁଖ ଉପସ୍ଥିତ ଥିଲେ।

## ଶିକ୍ଷଣ କର୍ମଶାଳା ‘ଉନ୍ମେଷ’ ଉଦ୍‌ଯାପିତ

ଝାରସୁଗୁଡ଼ା,୧୮ ।୧୨(ସମିସ): କେଜି ବାଳିକା ଉଚ୍ଚ ବିଦ୍ୟାଳୟ ସମାଙ୍ଗିହାଠାରେ ଜିଲ୍ଲାର ବିଭିନ୍ନ ଉଚ୍ଚ ବିଦ୍ୟାଳୟର ଶହେ ଜଣ ଏ୧ ଆକାଂକ୍ଷୀ ଛାତ୍ରଛାତ୍ରୀଙ୍କୁ ନେଇ ସହାୟକ ଶିକ୍ଷଣ କାର୍ଯ୍ୟକ୍ରମ ‘ଉନ୍ମେଷ’ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଝାରସୁଗୁଡ଼ା ଓ ବେଦାନ୍ତ ଝାରସୁଗୁଡ଼ାର ମିଳିତ ଆନୁକୂଲ୍ୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମାଟ୍ରିକ ପରୀକ୍ଷାରେ ସଫଳତା ହାସଲ କରିବା ସହିତ ଜିଲ୍ଲାରେ ଏ୧ ଛାତ୍ରଛାତ୍ରୀଙ୍କ ସଂଖ୍ୟା ବୃଦ୍ଧି ଏହାର ଉଦ୍ଦେଶ୍ୟ ରହିଥିଲା। ଝାରସୁଗୁଡ଼ା ଜିଲ୍ଲା ଶିକ୍ଷା ଅଧିକାରୀ ଡ.ରାଧାକାନ୍ତ ଗଡତିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କୋଲାବିରା ବିଇଓ ପ୍ରକାଶ ସାହୁ, ସ୍ଥାନୀୟ ବିଦ୍ୟାଳୟ ପ୍ରଧାନଶିକ୍ଷକ ନିର୍ମଳ ଚାନ୍ଦ, ମୁରଲିପାଲି ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା କଳ୍ପନା ପ୍ରଧାନ, ଜମେରା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜୟ ଶଙ୍କର ନାଗ, ବାଘମୁଣ୍ଡା ଉଚ୍ଚ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ମହେନ୍ଦ୍ର ପଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ସଭାରେ ପିଏମ୍‌ଶ୍ରୀ ଜିଏଲ୍ ଉଚ୍ଚ ବିଦ୍ୟାଳୟ ବେଲପାହାଡର ପ୍ରଧାନଶିକ୍ଷକ ସଚିନ୍ଦ୍ର ପଟେଲ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ବିପ୍ଳବ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଯୋଗ ପ୍ରଶିକ୍ଷକ ମହେନ୍ଦ୍ର ପଧାନଙ୍କ ଦ୍ୱାରା ପ୍ରତିଦିନ ଯୋଗ ଶିକ୍ଷା ଦିଆଯାଉଥିଲା। ଅଭିଜ୍ଞ ଶିକ୍ଷକଙ୍କ ଦ୍ୱାରା ପ୍ରଶ୍ନପତ୍ର ପ୍ରସ୍ତୁତ ପୂର୍ବକ ମୂଲ୍ୟାୟନ କରାଯାଇ ଛାତ୍ରଛାତ୍ରୀଙ୍କ ଦ୍ୱନ୍ଦ୍ୱ ଦୂର କରାଯାଇଥିଲା। ଆସନ୍ତା ଜାନୁଆରୀରେ ଏହାର ଚତୁର୍ଥ କର୍ମଶାଳା ଆୟୋଜନ କରାଯିବ। ଅଭିଜ୍ଞ ବିଷୟ ଶିକ୍ଷକ ସଚିନ୍ଦ୍ର ପଟେଲ, ଶିବଶଙ୍କର ମେହେର, ଜୟଶଙ୍କର ନାଗ, କୁଶ ସା, ପ୍ରମୋଦ ପଟେଲ, ବିପ୍ଳବ ପାତ୍ର, ରଞ୍ଜନ ପଧାନ, ବିଜୟ ତ୍ରିପାଠୀ, ସାରିକା ତ୍ରିପାଠୀ, ନିତ୍ୟାନନ୍ଦ ନାୟକ, ଟୁନାରଣା, ଗୋବର୍ଦ୍ଧନ ସା, ଭାରତୀ ଭୋଇ, ଅରୁଣ ଭୋଇ, ସବିତା ସାହୁ, ସୁଜିତ ପଧାନ, ପିଣ୍ଟୁ ପଧାନ ପ୍ରମୁଖଙ୍କୁ ସାଧନକର୍ମୀ ଭାବେ ନିଯୁକ୍ତ କରାଯାଇଛି।

## ଧାନବିକ୍ରି ନେଇ କୃଷକ ସଂଗଠନର ଗୁରୁତ୍ୱପୂର୍ଣ୍ଣ ବୈଠକ



ଝାରସୁଗୁଡ଼ା,୧୮ ।୧୨(ସମିସ): ଧାନ ବିକ୍ରି ପାଇଁ ଟୋକନକୁ ନେଇ ସମଗ୍ର ଝାରସୁଗୁଡ଼ା ଜିଲ୍ଲାର ଚାଷୀ ମୁଣ୍ଡରେ ହାତ ଦେଇ ବସିଛନ୍ତି। ମାଁ ସମଲେଶ୍ୱରୀ କୃଷକ ସଂଗଠନ ରାଜପୁର ଚାନ୍ଦନୀମାଲ ଲୋଇସିଂ ଗୌଡମାଳ ଆନୁକୂଲ୍ୟରେ ଏନେଇ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲା ସଭାପତି ଦିଲୀପ ବଢ଼େଇ ଅଧ୍ୟକ୍ଷତା କରିଥିଲେ। ଚଳିତ ଖରିଫ ଋତୁରେ ଧାନ କିଣା ବିକା ସମସ୍ୟାକୁ ନେଇ ବିଶଦ ଭାବେ ଆଲୋଚନା ହୋଇ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ରାଜପୁର ଚାନ୍ଦନୀମାଲ ଲୋଇସିଂ ଗୌଡମାଳ ଅଞ୍ଚଳର ଚାଷୀଙ୍କର ସମସ୍ୟାର ସମାଧାନ ନିମନ୍ତେ ସରକାର ସମସ୍ତ ଚାଷୀଙ୍କର ଏକ କାଳୀନ ଟୋକନ ଓ ଟାର୍ଗେଟ ଦିଅନ୍ତୁ ବୋଲି ଦାବି କରିଥିଲେ। ଏହା ସମ୍ଭବ ନ ହେଲେ ଆଗାମୀ ଦିନରେ ସଙ୍ଗଠନର ସମସ୍ତ ଚାଷୀ ପରିବାରକୁ ନେଇ ରାଜରାସ୍ତାକୁ ଓହ୍ଲାଇବେ ଏବଂ ଦୁର୍ବାର ଆନ୍ଦୋଳନ କରାଯିବା ନେଇ ଚେତାବନୀ ଦିଆଯାଇଛି। ଏଥିପାଇଁ ଜିଲ୍ଲା ପ୍ରଶାସନ ଓ ସରକାର ଦାୟୀ ରହିବେ ବୋଲି କୃଷକ ସଂଗଠନ ପକ୍ଷରୁ କୁହାଯାଇଛି।

## ଝାରସୁଗୁଡ଼ା ବ୍ଲକ୍‌ସ୍ତରୀୟ କୁଇଜ୍ ପ୍ରତିଯୋଗିତା

ଝାରସୁଗୁଡ଼ା,୧୮ ।୧୨(ସମିସ): ଝାରସୁଗୁଡ଼ା ବ୍ଲକ୍ ସ୍ତରୀୟ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଅଧୀନ କୁଇଜ୍ ପ୍ରତିଯୋଗିତା ଗୁରୁବାର ଝାରସୁଗୁଡ଼ା ସହର ସ୍ଥିତ ଟାଉନ ହାଇସ୍କୁଲ ଏବଂ ବାଳିକା ଉଚ୍ଚବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଝାରସୁଗୁଡ଼ା ବ୍ଲକ୍ ଅନ୍ତର୍ଗତ ସମସ୍ତ କ୍ଲଷ୍ଟରରୁ ଆସିଥିବା ତୃତୀୟ ଶ୍ରେଣୀ ଠାରୁ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀ ଏହିକୁଇଜ୍ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ଛାତ୍ରଛାତ୍ରୀ ମାନଙ୍କୁ ଶ୍ରେଣୀ ଅନୁଯାୟୀ ଉପ-କନିଷ୍ଠ, କନିଷ୍ଠ ଏବଂ ବରିଷ୍ଠ ଏପରି ତିନି ଭାଗରେ ବିଭକ୍ତ କରି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଶେଷରେ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଉଦ୍‌ଯାପନୀ ସମାରୋହରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରବୀନ୍ଦ୍ର ମାଝୀ, ବି.ଇ.ଓ. ଅନୀଲ ପଟେଲ, ଏ.ବି.ଇ.ଓ. ରବୀନ୍ଦ୍ର ସାହୁ, ସୁଶାନ୍ତ ହୋତା ପ୍ରମୁଖ ଯୋଗଦାନ କରିଥିଲେ। ପ୍ରତିଯୋଗିତା କାର୍ଯ୍ୟକ୍ରମ ଏ.ବି.ଇ.ଓ ଅଜୟ ପାଟଯୋଶୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସୂରଜ ପଟେଲ, ଚେମାନନ୍ଦ ଦିହିରିଆ, ଅଶୋକ ଜୟାଲ ତଥା ବ୍ଲକ୍ ଅନ୍ତର୍ଗତ ସମସ୍ତ ସି.ଆର୍.ସି.ସି. ସହଯୋଗ କରିଥିଲେ।



## ପତ୍ନୀ ହତ୍ୟା ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ଦେବଗଡ଼,୧୮ ।୧୨(ସମିସ): ଦେବଗଡ଼ ଜିଲ୍ଲା ଓ ଦୌରାଜଜ ଗୁରୁବାର ଏକ ହତ୍ୟା ମାମଲାର ବିଚାର କରି ପତ୍ନୀ ହତ୍ୟା ଅଭିଯୋଗରୁ ଅଭିଯୁକ୍ତକୁ ନିର୍ଦ୍ଦୋଶରେ ଖଲାସ କରିଛନ୍ତି। ଗତ ୨୦୨୨ ମାର୍ଚ୍ଚ ୧୩ ତାରିଖ ବାରକୋଟ ଥାନା ଅଧୀନ ଜୟପିଚ୍ଛୁଲା ଗାଁର ଯୁଧିଷ୍ଠିର ମୁଣ୍ଡା ତାର ସ୍ତ୍ରୀ କୁଡାଣୀ ମୁଣ୍ଡାର ଚରିତ୍ରକୁ ସନ୍ଦେହ କରି ଟାଙ୍ଗିଆ ବେଣ୍ଟରେ ପିଟିପିଟି ହତ୍ୟା କରିଥିବା ବାରକୋଟ ଥାନାରେ ଅଭିଯୋଗ ହୋଇଥିଲା। ମୃତା କୁଡାଣୀଙ୍କ ଭାଇ ଜଗାବଳିଆ ଶବର ବାରକୋଟ ଥାନାରେ ଏହି ଅଭିଯୋଗ କରିଥିଲା। ପୁଲିସ ଯୁଧିଷ୍ଠିର ବିରୁଦ୍ଧରେ ଏକ ହତ୍ୟା ମାମଲା ରୁଜୁ କରିବା ସହ ତାକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେହିପରି ତଦନ୍ତ ପରେ ପୁଲିସ ଅଭିଯୁକ୍ତ ଯୁଧିଷ୍ଠିର ବିରୁଦ୍ଧରେ ଅଦାଲତରେ ଚାର୍ଜସିଟ ଦାଖଲ କରିଥିଲା। ଅଦାଲତରେ ବାରମ୍ବାର ଜାମିନ ଆବେଦନ କରାଯାଇଥିଲେ ହେଁ ଏହା ଖାରଜ ହେଉଥିଲା। ତେଣୁ ସେବେ ଠାରୁ ଯୁଧିଷ୍ଠିର ବିଚାରାଧିନ ବନ୍ଦୀ ଭାବେ ଜେଲ ହାଜତରେ ରହିଥିଲା। ଅଦାଲତ ମାମଲାର ବିଚାର କରି ୨୧ ଜଣ ସାକ୍ଷୀଙ୍କ ବୟାନ ଓ ଉଭୟ ପକ୍ଷ ଓକିଲଙ୍କ ଜବାବ ସୁଆଲକୁ ଭିତ୍ତିକରି ଆଜି ଉପଯୁକ୍ତ ପ୍ରମାଣ ଅଭାବରୁ ଯୁଧିଷ୍ଠିରକୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି।

## ବ୍ଲକ୍‌ସ୍ତରୀୟ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କୁଇଜ୍ ପ୍ରତିଯୋଗିତା

ଝାରସୁଗୁଡ଼ା,୧୮ ।୧୨(ସମିସ): ଲଖନପୁର ବ୍ଲକ୍‌ସ୍ତରୀୟ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଅଧୀନ କୁଇଜ୍ ପ୍ରତିଯୋଗିତା ପଞ୍ଚାୟତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଲଖନପୁର ଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ଲଖନପୁର ଶିକ୍ଷା ବ୍ଲକ୍ ଅଧୀନ ସମସ୍ତ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟର ଜଣେ ଲେଖାଏଁ, ଉପ କନିଷ୍ଠ, କନିଷ୍ଠ ଓ ବରିଷ୍ଠ ବର୍ଗର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଆୟୋଜିତ ସଭାରେ ଲଖନପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ସାହୁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଲଖନପୁର ସରପଞ୍ଚ ଆରତି ପଧାନ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଟିକେଶ୍ୱର ଜଗତ, ହେମସାଗର ଚୌଧୁରୀ, ସ୍ଥାନୀୟ ବିଦ୍ୟାଳୟର ଅଧ୍ୟକ୍ଷା ସଂଗୀତା ସାହୁ, ବରିଷ୍ଠ ଶିକ୍ଷକ ବିନୋଦ ବିଶ୍ୱାଳ, ସେକ୍ସନ ଅଫିସର ସଦାନନ୍ଦ ପଧାନ ପ୍ରମୁଖ ଯୋଗ ଦେଇଥିଲେ। ସମସ୍ତ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସିଆରସିସି ଚନ୍ଦ୍ରାନନ୍ଦ ବୁଡା ପରିଚାଳନା କରିଥିବା ବେଳେ ସିଆରସିସି ଲଳିତ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ରିଆମାଳ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ




ରିଆମାଳ,୧୮ ।୧୨(ସମିସ): ରିଆମାଳ ଶିଶୁ ବିଦ୍ୟାମନ୍ଦିରର ଗୁରୁବାର ୨୫ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅବସରପ୍ରାପ୍ତ ଶିକ୍ଷକ ଘନଶ୍ୟାମ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଦେବଗଡ଼ ଜିଲ୍ଲା ବିଜେପି ସଭାପତି ଅରୁଣ ସାହୁ ଯୋଗ ଦେଇଥିଲେ। ନୂଆଁପଡା ସଂସ୍କୃତ ମହାବିଦ୍ୟାଳୟ ଅଧକ୍ଷ ରୋହିତ ଦାସ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଶ୍ୱହିନ୍ଦୁ ପରିଷଦ ଖଣ୍ଡିୟସଙ୍ଘ ଚାଳକ ପ୍ରମୋଦ ପ୍ରଧାନ ମଞ୍ଚାସୀନ ଥିଲେ। ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ଯୁଧିଷ୍ଠିର ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଦ୍ୟାଳୟ ସମ୍ପାଦକ ଧିରେନ୍ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ହେମନ୍ତ ପ୍ରଧାନ ମଞ୍ଚ ସଂଯୋଜନା କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ରାକେଶ ସାହୁ ସଂଯୋଜନା କରିଥିଲେ। ବିଦ୍ୟାଳୟ ଛାତ୍ରୀ ସାଇ ସିଦ୍ଧି ମିଶ୍ର, ଇତିଶ୍ରୀ ପ୍ରଧାନ, ସ୍ମୃତିଲେଖା ପ୍ରଧାନ, ଶୁଭସ୍ମିତା ସାହୁ, ପ୍ରତୀକ୍ଷା ଦେହୁରୀ, ମନୀଷା ସ୍ୱାଇଁ ଓ ସୋନାଲିକା ବିଶ୍ୱାଳ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ। ଗତବର୍ଷ ବିଦ୍ୟାଳୟର ମାଟ୍ରିକ୍ ପରୀକ୍ଷା ଟପ୍ପର କ୍ରିଷ୍ଣା ବିଶ୍ୱାଳ ଓ ଗତବର୍ଷ ପଞ୍ଚମ ଶ୍ରେଣୀ ବୃତ୍ତି ପାଇଥିବା ଘନ୍ଶ୍ୟାମେଶ୍ୱର୍ ସାହୁଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସଞ୍ଜୟ ପ୍ରଧାନ, ପ୍ରତାପ ସ୍ୱାଇଁ, ରାଜେଶ ବେହେରା, ଭୀଷ୍ମ ବେହେରା, ବିରଜା ନନ୍ଦ, ହରେଶ ବେହେରା, ଭାରତୀ ପ୍ରଧାନ, ଗୀତାଞ୍ଜଳି ସାହୁ, ପ୍ରଭାତୀ ପ୍ରଧାନ, ସରିତା ସାମଲ, ସୌଦାମିନୀ ପରିଡା, ଲକ୍ଷ୍ମୀ ପ୍ରିୟା ମାଝୀ, ଗୀତାଞ୍ଜଳି ପଣ୍ଡା ଓ ସୁନୀତା ସାହୁଙ୍କ ସମେତ ଗୁରୁଜୀ ଓ ଗୁରୁମା ମାନେ ସହଯୋଗ କରିଥିଲେ।

## ପଲ୍ଲିଶ୍ରୀ ମେଳା ପାଇଁ ପ୍ରସ୍ତୁତି

ଦେବଗଡ,୧୮ ।୧୨(ସମିସ): ଓରମାସ ଡେପୁଟି ସିଇଓ ରବୀନ୍ଦ୍ର ପ୍ରଧାନଙ୍କ ଆବାହକତ୍ୱ ଓ ଜିଲ୍ଲାପାଳ କବିନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଉତ୍ସବ ପ୍ରଧାନପାଟରେ ପଲ୍ଲିଶ୍ରୀ ମେଳାର ଆୟୋଜନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପଲ୍ଲିଶ୍ରୀ ମେଳା, ପୁସ୍ତକ ମେଳା, ଖାଦ୍ୟ ମେଳା ଓ ଜିଲ୍ଲା ଉନ୍ନୟନ ପ୍ରଦର୍ଶନୀ ମଣ୍ଡପ ଜାନୁଆରୀ ୧୮ ରୁ ୨୨ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ବେଳେ ଉତ୍ସବ ପ୍ରଧାନପାଟ ଅବସରରେ ବଡ ବଗିଚା ପଡିଆ ଠାରେ ୫ ଦିନ ଧରି ମେଳା ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଯାଇଛି। ଆରକ୍ଷୀ ଅଧୀକ୍ଷକ ଅନିଲ ମିଶ୍ର, ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ରାଜେନ୍ଦ୍ର ମିଞ୍ଜ, ଉପ ଜିଲ୍ଲାପାଳ ପରକ୍ଷିତ ସାହୁ, ଡିପିଏମ୍ ଓଏଲେମ୍ ଶିଶିର ଷଡଙ୍ଗୀ, ସମେତ ଜିଲ୍ଲାସ୍ତରୀୟ ଅଧିକାରୀ ଓ ତିନି ବ୍ଲକ୍‌ର ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

### ଦଶମ ମା’ ଲକ୍ଷ୍ମୀ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ଚିଚିଣ୍ଡାକୁ ହରାଇ ମଧୁପୁର ଚାମ୍ପିଅନ

ଝାରସୁଗୁଡ଼ା,୧୮ ।୧୨(ସମିସ)



ଝାରସୁଗୁଡ଼ା ଜିଲ୍ଲା ସଦର ବ୍ଲକ୍ ଲୋଇସିଂହ ପଞ୍ଚାୟତ ଅନ୍ତର୍ଗତ ଭୋଇମୁଣ୍ଡା ଠାରେ ମାଁ ଲକ୍ଷ୍ମୀ ଯୁବ ସଙ୍ଘ ଭୋଇମୁଣ୍ଡା ଆନୁକୂଲ୍ୟରେ ଗତ ୧୪ ରୁ ୧୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଥିବା ପାଞ୍ଚ ଦିବସୀୟ ଦଶମ ମା ଲକ୍ଷ୍ମୀ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ମଧୁପୁର ଓ ଚିଚିଣ୍ଡା ଦଳ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ଫାଇନାଲରେ ମଧୁପୁର ଦଳ ବିଜୟୀ ହୋଇଥିବା ବେଳେ ଚିଚିଣ୍ଡା ଦଳ ଉପବିଜୟୀ ହୋଇଥିଲା।

ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନୀ ଉତ୍ସବ ତଥା ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଝାରସୁଗୁଡ଼ା ବ୍ଲକ୍ ଅଧ୍ୟକ୍ଷା ଯୋଗଦାନ କରିଥିବା ବେଳେ ଗାଁର ବରିଷ୍ଠ ବ୍ୟକ୍ତିଙ୍କ ଉପସ୍ଥିତିରେ ବିଜେତା ଓ ଉପ ବିଜେତା ଦଳକୁ ପୁରସ୍କୃତ କରାଯାଇଥିଲା।

୫ ଦିନ ଧରି ଚାଲିଥିବା ଟୁର୍ଣ୍ଣାମେଣ୍ଟକୁ ଆୟୋଜକ କମିଟି ସଭାପତି ଭୀମ ମେହେର, ସେକ୍ରେଟାରୀ ଗଦାଧର କଉଡି, ପ୍ରଦୀପ ମେହେର, ସନ୍ତୋଷ ମେହେରଙ୍କ ସମେତ ମା ଲକ୍ଷ୍ମୀ ୟୁଥ କ୍ଲବ୍ ଭୋଇମୁଣ୍ଡର ସମସ୍ତ ସଦସ୍ୟ ମାନେ ସହଯୋଗ କରିଥିଲେ।

## ପିଏମ୍‌ଶ୍ରୀ ହାଇସ୍କୁଲର ବାର୍ଷିକ କ୍ରୀଡ଼ା

ଝାରସୁଗୁଡ଼ା,୧୮ ।୧୨(ସମିସ): ଝାରସୁଗୁଡ଼ା ଜିଲ୍ଲା କିର୍ମିରା ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟରେ ଦୁଇ ଦିନିଆ ବାର୍ଷିକ କ୍ରୀଡ଼ା ଉତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଛି। ପ୍ରଧାନଶିକ୍ଷକ ସୌରୀନାରାୟଣ ସିଂହଙ୍କ ତତ୍ତ୍ୱାଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତହସିଲଦାର ସଞ୍ଜିବକୁଲ୍ଲୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡ଼ା ପତକା ଉତ୍ତୋଳନ କରି ଆରମ୍ଭ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ବିଡିଓ ଅଭିନାଶ ଲାକ୍ରା ମୁଖ୍ୟ ଅତିଥି, ବିଇଓ ଜୟନାରାୟଣ ପଣ୍ଡା, ସରପଞ୍ଚ ସନ୍ତୋଷିନୀ ପଟେଲ, ଏସଏମସି ସଭାପତି ଭରତ ବାଗ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ରୋହିତ ମୁଣ୍ଡା ଓ ଉଷା ମୁଣ୍ଡା ଚାମ୍ପିଅନ ହୋଇଥିଲେ। ଖେଳ ଶିକ୍ଷକ ଅମୀୟ ଷଣ୍ଢ, ସଞ୍ଜୟ ବେହେରା, ଅକ୍ଷୟ ନାଏକ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ଶିକ୍ଷକ କୌଶିକ ବେହେରା ମଞ୍ଚ ପରିଚିନା କରିଥିଲେ। ଶିକ୍ଷକ ଆଦିତ୍ୟ ମିଶ୍ର, ସୁଶୀଲ ପାଣ୍ଡେ, ସୁରଜ ସାହୁ, ଶିକ୍ଷୟିତ୍ରୀ ସଙ୍ଗିତା ନାୟକ, ଶିକ୍ଷାରାୟ, ନିକିତା ବାଗ, ଦେବକୀ ଖୁଣ୍ଟିଆ, ବବି ନାଏକ, ତପସ୍ୱିନୀ ରନବିଡା ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷକ ବିକାଶ ଭୋଇ ଧନ୍ୟବାଦ ଦେଇଥିଲେ।



## ଡାଲ୍‌ମିଆ ମହାବିଦ୍ୟାଳୟରେ ଶପଥଗ୍ରହଣ ପର୍ବ



**କୁତ୍ରା, ୧୮ ।୧୨(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଅଧୀନ ଝାରବେଡାଠାରେ ଥିବା ଡାଲମିଆ ମହାବିଦ୍ୟାଳୟରେ ସ୍ୱଦେଶୀ ସଙ୍କଳ୍ପ ପତ୍ର ଶପଥଗ୍ରହଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଏକ ସଭାର ଆୟୋଜନ କରାଯାଇଥିଲା । ମହାବିଦ୍ୟାଳୟର ଅଧକ୍ଷ ଡ. ଜିତେନ୍ଦ୍ର କୁମାର ପଟେଲ ସମସ୍ତ କର୍ମଚାରୀ ଏବଂ ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଧନ ମୂଳକ ଅଭିଭାଷଣ ଦେଇଥିବାବେଳେ ମହାବିଦ୍ୟାଳୟର ଅଧ୍ୟାପକ ମନୋଜ କୁମାର ବେହେରା ସଂଯୋଜନା କରିଥିଲେ । ହମିଦ ମହମ୍ମଦଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସମ୍ପାଦନା ହୋଇଥିବାବେଳେ ସମସ୍ତ ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା ଯୋଗଦାନ କରିଥିଲେ ।

## ଖାଦ୍ୟ କମିଶନରଙ୍କ ବଣାଇଁ ଗସ୍ତ



**ବଣାଇଁ, ୧୮ ।୧୨ (ସମିସ):** ରାଜ୍ୟ ଖାଦ୍ୟ କମିଶନର ଅକ୍ଷୟ କୁମାର ବେହେରା ଗୁରୁବାର ଦିନିକିଆ ଗସ୍ତରେ ଆସି ବଣାଇଁଗଡ଼ ବ୍ଲକର କିଛି ଅଙ୍ଗନବାଡ଼ି କେନ୍ଦ୍ର ଓ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି । ଶ୍ରୀ ବେହେରା ପ୍ରଥମେ ବଣାଇଁରେ ପହଞ୍ଚି ବଣାଇଁ -୪, ଥାନାପଡ଼ା, ଦେଓଗାଁ, କିଷାନପଡ଼ା ଅଙ୍ଗନବାଡ଼ି ପରିଦର୍ଶନ କରିଥିଲେ । ଏହାପରେ କମିଶନରଙ୍କ ଟିମ୍ ବଇଦପାଲି ବିଦ୍ୟାଳୟ, ବାବୁ ନୂଆଗାଁ ବିଦ୍ୟାଳୟ, ଗୋବିନ୍ଦପୁର ବିଦ୍ୟାଳୟରେ ପହଞ୍ଚି ମଧ୍ୟାହ୍ନ ଭୋଜନ ଖାଦ୍ୟର ମାନ ପରଖିଥିଲେ । ଟିମରେ ଶ୍ରୀ ବେହେରାଙ୍କ ସମେତ ବଣାଇଁଗଡ଼ ବିଡିଓ ଦିବ୍ୟଶଙ୍କର ଜୟପୁରିଆ, ସିଡିପିଓ ବୀଣାପାଣି ନାୟକ, ଏବିଇଓ ବାବୁରାମ ମହାନ୍ତ, ବଣାଇଁଗଡ଼ ଯୋଗାଣ ଅଧିକାରୀ ବିଷ୍ଣୁ ପ୍ରଧାନ, ଏସସିଏସଓ ବିଜୟ ସାହୁଙ୍କ ସମେତ ଅନ୍ୟ ଅଧିକାରୀମାନେ ସାମିଲ ହୋଇଥିଲେ । ଦର୍ଜ୍ଜି ଠାରେ ସମସ୍ତ ଅଧିକାରୀଙ୍କ ସହିତ ସମୀକ୍ଷା ବୈଠକ କରିଥିଲେ ।

## ମଧ୍ୟମସ୍ତରୀୟ ଅଧିକାରୀଙ୍କ ନିମନ୍ତେ ସଫ୍ଟ ସ୍କିଲ୍ ତାଲିମ



**ରାଉରକେଲା, ୧୮ ।୧୨(ସମିସ):** ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟର ଜ୍ଞାନାର୍ଜନ ଏବଂ ବିକାଶ କେନ୍ଦ୍ରରେ ମଧ୍ୟମସ୍ତରୀୟ ଅଧିକାରୀଙ୍କ ପାଇଁ ସଫ୍ଟ ସ୍କିଲ୍ ଉପରେ ଏକ ଦୁଇ ଦିନିଆ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ବୋକାରୋ ଷ୍ଟିଲ୍ ପ୍ଲାଣ୍ଟର ପିଆଣ୍ଡଏ ବିଭାଗର ପୂର୍ବତନ ନିର୍ବାହୀ ନିର୍ଦ୍ଦେଶକ ଡ. ଏସ୍‌ଏନ୍ ସିଂହ ସ୍ୱତନ୍ତ୍ର ପ୍ରଶିକ୍ଷକ ଭାବରେ କାର୍ଯ୍ୟ କରିଥିଲେ । ଉଦ୍‌ଘାଟନୀ ଅଧିବେଶନରେ ଏଚ୍‌ଆର ଏଲ ଆଣ୍ଡ ଡି ବିଭାଗର ସିଜିଏମ ପି. କେ. ସାହୁ ଏବଂ ଏଲ ଆଣ୍ଡ ଡି ବିଭାଗର ଜିଏମ ଏମ.କେ ଅଗ୍ରୱାଲ ଯୋଗଦେଇ ଅଂଶଗ୍ରହଣକାରୀଙ୍କୁ ସମ୍ବୋଧିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମୁଦାୟ ୧୯ ଜଣ ଅଧିକାରୀ ଯୋଗ ଦେଇଥିଲେ । ଅଧିବେଶନଗୁଡ଼ିକ ମତବିନିମୟ, ଚିନ୍ତନଶୀଳ ଅଭ୍ୟାସ ଏବଂ କାର୍ଯ୍ୟକ୍ଷେତ୍ରରେ ସହଯୋଗ ସହ ନେତୃତ୍ୱ ପ୍ରସ୍ତୁତିକୁ ଉନ୍ନତ କରିବା ପାଇଁ ଡିଜାଇନ୍ କରାଯାଇ ଥିଲା । ଏଥିରେ ମାମଲା ଆଧାରିତ ଆଲୋଚନା ଅନ୍ତର୍ଭୁକ୍ତ ଥିଲା ଯାହା ଅଂଶଗ୍ରହଣକାରୀଙ୍କୁ ସେମାନଙ୍କର ଦୈନନ୍ଦିନ ବୃତ୍ତିଗତ ଭୂମିକାରେ ପ୍ରଭାବଶାଳୀ ଭାବରେ ଏହି ତାଲିମ ଲବ୍ଧ ଜ୍ଞାନକୁ ପ୍ରୟୋଗ କରିବାକୁ ସକ୍ଷମ କରିବ । ଏହି କାର୍ଯ୍ୟକ୍ରମକୁ ଏମ୍.କେ ଅଗ୍ରୱାଲ ସଂଯୋଜନା କରିଥିଲେ ।

## ମରଣଯନ୍ତା ପାଲଟିଛି ଦେଓଗାଁ ଛକ

**ବଣାଇଁ, ୧୮ ।୧୨(ସମିସ):** ବଣାଇଁ ସହରର ପ୍ରମୁଖ ପ୍ରବେଶସ୍ଥଳ ଦେଓଗାଁ ଛକ । ଏଠାରେ ତିନୋଟି ରାସ୍ତାର ସଂଯୋଗ ସ୍ଥଳୀ । ପ୍ରତ୍ୟେକ ଦିନ ଏହି ଛକ ଦେଇ ଭାରୀଯାନ, ବସ୍, କାର୍ ଏହି ଛକଦେଇ ସୁନ୍ଦରଗଡ଼, ରାଉରକେଲା, ରାଜାମୁଣ୍ଡା ଦେଇ କୋଇଡ଼ା, ବଡ଼ବିଲ ଯାଉଥିବାବେଳେ ଅନ୍ୟ ଏକ ରାସ୍ତା ବାରକୋଟ, ସମ୍ବଲପୁର, କୁଚିଣ୍ଡା, ଝାରସୁଗୁଡ଼ା ଅଭିମୁଖେ ଯାଇଥାଏ । ପୂର୍ବରୁ ଗୋଟିଏ ରାସ୍ତା ଥିବାରୁ ଛକ ଏତେ ବିପଦ ପୂର୍ଣ୍ଣ ନ ଥିଲା । କିନ୍ତୁ ଦୀର୍ଘ ଛଅ ମାସ ପୂର୍ବରୁ ବ୍ରାହ୍ମଣୀ ନଦୀ ଉପରେ ତୁମକେଲା ସେତୁ ସମ୍ପୂର୍ଣ୍ଣ ହୋଇ ଗାଡ଼ି ଚଳାଚଳ କରିବାପରେ ଏହି ଛକ ଏବେ ସମ୍ପୂର୍ଣ୍ଣ ଭାବେ ବିପଦପୂର୍ଣ୍ଣ ପାଲଟିଛି । ଲଲେଇ ଓ ଜାଙ୍ଗଡ଼ା ସେତୁ ଦେଇ ଭୁବନେଶ୍ୱର ଯିବା ଆସିବା କରୁଥିବା ଅଧିକାଂଶ ଗାଡି ଏବେ ନରେନ୍ଦ୍ର ରାସ୍ତାରେ ନ ଯାଇ ଦେଓଗାଁ ଛକରୁ ସିଧାସଳଖ ରାଜାମୁଣ୍ଡା ଦେଇ ବିଭିନ୍ନ ସ୍ଥାନକୁ ଯାଉଛନ୍ତି । ହେଲେ ଦୈନିକ ହଜାର ହଜାର ଗାଡ଼ି ମୋଟର ଦେଓଗାଁ ଛକରୁ ହିଁ ମୋଡ଼ ପରିବର୍ତ୍ତନ କରୁଛନ୍ତି । ଏକ ସମୟରେ ଉଭୟ ରାସ୍ତାରେ ଗାଡ଼ି ଆସିବା ବେଳେ ଅନେକ ସମୟରେ ମୁହାଁ ମୁହିଁ ହେଉଛନ୍ତି । ତେଣୁ ଅଧିକାଂଶ ସମୟରେ ଛୋଟ ଛୋଟ ଦୁର୍ଘଟଣା ଘଟୁଥିଲେ ମଧ୍ୟ କେତେବେଳେ ଯେ ବଡ ଦୁର୍ଘଟଣା ନ ଘଟିବ କହି ହେବନାହିଁ । ତିନୋଟି ରାସ୍ତାର ସଂଯୋଗ ସ୍ଥଳ ହୋଇଥିଲେ ମଧ୍ୟ ପୂର୍ତ୍ତବିଭାଗ ବର୍ତ୍ତମାନ ସୁଦ୍ଧା ଛକର ସମ୍ପ୍ରସାରଣ କିମ୍ବା ପୁରୁଣା ଢାଞ୍ଚାକୁ ଏ ପର୍ଯ୍ୟନ୍ତ ପରିବର୍ତ୍ତନ କରି ପାରିନାହିଁ । ଦୁଇଦିନ ତଳେ ଜଣେ କାର୍ ଚାଳକଙ୍କ ଏଭଳି ବେପରୁଆ ଗାଡି ଚାଳନା ଯୋଗୁଁ ଦୁଇ ଜଣ ବାଇକ୍ ଆରୋହୀ ଗୁରୁତର ହୋଇ ବର୍ତ୍ତମାନ ପର୍ଯ୍ୟନ୍ତ ଡାକ୍ତରଖାନା ରେ ଚିକିତ୍ସିତ ହେଉଛନ୍ତି ।

## ୯ ଏମ୍‌ଏମ୍ କାର୍ବାଇନ୍ ଜବତ
# ସିପିଆଇ ମାଓବାଦୀ କ୍ୟାଡ଼ରଙ୍କ ଆତ୍ମସମର୍ପଣ

ରାଉରକେଲା, ୧୮ ।୧୨(ସମିସ)






ଝାଡ଼ଖଣ୍ଡ ରାଜ୍ୟ ସମେତ ଓଡ଼ିଶା - ଝାଡ଼ଖଣ୍ଡ ସୀମାନ୍ତରେ ସକ୍ରିୟ ଥିବା ସିପିଆଇ ମାଓବାଦୀ ସଂଗଠନର ଜଣେ କ୍ୟାଡର ମାଓବାଦୀ ରାଉରକେଲା ପୁଲିସ ନିକଟରେ ଆତ୍ମସମର୍ପଣ କରିଥିବା ଜଣାପଡ଼ିଛି । ସେ ଝାଡ଼ଖଣ୍ଡ ରାଜ୍ୟ ପଶ୍ଚିମ ସିଂହଭୂମ ଜିଲ୍ଲା ଜାମଦା ଥାନା ଅଧୀନ କଣ୍ଢୋଦ୍ୟା ଅଞ୍ଚଳର ରଘା କଲୁଣ୍ଡି ଓରଫ ଗଣେଶ ହୋଇଥିବାବେଳେ ତାଙ୍କ ଠାରୁ ଗୋଟିଏ ୯ - ଏମ୍‌ଏମ୍ କାର୍ବାଇନ ଜବତ କରାଯାଇଛି । ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ଚିନ୍ତାଧାରା ନେଇ ଗଣେଶ ଏଭଳି ପଦକ୍ଷେପ ନେଇଛନ୍ତି ବୋଲି ଗୁରୁବାର ଜିଲ୍ଲା ପୁଲିସ ମୁଖ୍ୟାଳୟ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାଏ ଓ ଏସ୍‌ପି ନୀତେଶ ୱାଧୱାନୀ ସୂଚନା ଦେଇଛନ୍ତି । ଉଭୟ ଡିଆଇଜି ଶ୍ରୀ ରାଏ ଓ ଏସପି ଶ୍ରୀ ୱାଧୱାନୀ ସୂଚନା ଦେଇ କହିଲେ ଗଣେଶ ୨୦୨୨ ମସିହାରେ ୧୨ ବର୍ଷ ବୟସରେ ରପ୍ପା ଓ ଗୁଙ୍ଗାଙ୍କ ସହଯୋଗରେ ମାଓ ସଂଗଠନରେ ଯୋଗ ଦେଇଥିଲା । କୁଖ୍ୟାତ ମାଓ ନେତା ମୋଚ୍ଛୁଙ୍କ ନେତୃତ୍ୱରେ ଗଣେଶ କାର୍ଯ୍ୟ କରିବା ସହ କୋଲହାନ ଏବଂ ସରଣ୍ଡା ଅଞ୍ଚଳରେ ସକ୍ରିୟ ରହିଥିଲା । ଏହାରି ମଧ୍ୟରେ ବାଲିବା, ତିରିଲପୋଷ, ଲୈଲୋର, ଜମାରଡିହି ଓ ଜୋଜୋଡେରା ଅଞ୍ଚଳରେ ମାଓ କାର୍ଯ୍ୟକଳାପରେ ସକ୍ରିୟ ଥିଲେ । ଚଳିତ ବର୍ଷ ସରଣ୍ଡା ଜଙ୍ଗଲରେ ବାଙ୍କୋ ନିକଟରେ ହୋଇଥିବା ବିସ୍ଫୋରକ ଲୁଟ୍ ଘଟଣା ସମେତ ରେଳଟ୍ରାକ ବିସ୍ଫୋରଣ ଓ ବାଙ୍କୋ ଆଇଇଡି ବିସ୍ଫୋରଣରେ ଆଦି ଘଟଣାରେ ସେ ସମ୍ପୃକ୍ତ ଥିଲା । ଏହାସହ ଗଣେଶ ଦକ୍ଷିଣ ଛୋଟନାଗପୁର ଡିଭିଜନର ସରଣ୍ଡା ଅଞ୍ଚଳରେ ମଧ ସକ୍ରିୟ ଥିଲେ । ତେବେ ତାଙ୍କ ଜୀବନ ପ୍ରତି ବିପଦ ଓ ଭୟ ରହିଥିବା ସହ ମାଓ କାର୍ଯ୍ୟକଳାପରେ ଅତିଷ୍ଠ ହୋଇ ସେ ଶେଷରେ ମାଓ ସଂଗଠନ ଛାଡିଥିବା ପୁଲିସ ନିକଟରେ ସ୍ୱୀକାର କରିଥିଲେ । ଓଡ଼ିଶା ସରକାରଙ୍କ ଆତ୍ମସମର୍ପଣ ଓ ପୁନର୍ବାସ ନୀତି ଅନୁଯାୟୀ, ଯୋଗ୍ୟତା ଭିତ୍ତିରେ ତାଙ୍କୁ ଆର୍ଥିକ ସହାୟତା, ପୁନର୍ବାସ ସୁବିଧା, ଦକ୍ଷତା ବିକାଶ ସହାୟତା, ସ୍ୱାସ୍ଥ୍ୟ ସେବା ଏବଂ ରାସନ ସୁବିଧା ଯୋଗାଇ ଦିଆଯିବ ବୋଲି ଏସପି ଶ୍ରୀ ୱାଧୱାନୀ ସୂଚନା ଦେଇଛନ୍ତି । ରାଉରକେଲା ପୁଲିସ ପକ୍ଷରୁ ଅନ୍ୟ ମାଓବାଦୀ କ୍ୟାଡର ମାନଙ୍କୁ ହିଂସା ଛାଡି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବା ପାଇଁ ଆତ୍ମସମର୍ପଣ କରିବାକୁ ନିବେଦନ କରାଯାଇଛି ।

## ଶାନ୍ତାଦେବୀ ଉଚ୍ଚ ବିଦ୍ୟାଳୟରେ ଜେଆର୍‌ସି ପ୍ରଶିକ୍ଷଣ ଶିବିର




**କୁତ୍ରା, ୧୮ ।୧୨(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଅଧୀନ କଟଙ୍ଗ ଶାନ୍ତାଦେବୀ ଉଚ୍ଚ ବିଦ୍ୟାଳୟରେ କୁତ୍ରା, ବଡ଼ଗାଁ ଓ ରାଜଗାଙ୍ଗପୁର ବ୍ଲକର ବିଭିନ୍ନ ବିଦ୍ୟାଳୟର ୬୦ଜଣ ଜେଆରସି କାଉନସିଲରଙ୍କୁ ନେଇ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି । କୁତ୍ରା ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବିନିରାନି ସରେଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବାବେଳେ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଡ. ନିତ୍ୟାନନ୍ଦ ବେହେରା ଓ ବରିଷ୍ଠ ଶିକ୍ଷକ ମେହେନ୍ଦ୍ର ସିଂହଙ୍କ ଉପସ୍ଥିତିରେ ଜେଆରସି ପତକା ଉତ୍ତୋଳନ କରାଯାଇଥିଲା । ପ୍ରଶିକ୍ଷଣ ଶିବିରରେ ଜେଆରସି ପ୍ରଶିକ୍ଷକ ଭାବେ ହେମଚନ୍ଦ୍ର କର, ମମତା ସ୍ୱାଇଁ, ଆମରଦ୍ୱୀପ କୁଜୁର, କଳ୍ପନା ସାହୁ ଜେଆରସିର ଇତିହାସ, ଏଚଆଇଭି ଏଡସ୍, ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା, ପ୍ରାଥମିକ ଚିକିତ୍ସା ଏବଂ ସଡ଼କ ସୁରକ୍ଷା ଆଦି ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ବୁଡୁକୁପଡ଼ା ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ମହାରଣା ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିଲେ । କଟଙ୍ଗ ସେବାଶ୍ରମର ପ୍ରଧାନ ଶିକ୍ଷକ ଧରଣୀଧର ଅଡ଼ା ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ କୁମାରୀ ଜୟପୁରିଆ, ପ୍ୟାରେଲାଲ ସାହୁ, ଭିକାରି ଦାସ, ଆଲିଶା ଟପ୍ପୋ ସହଯୋଗ କରିଥିଲେ ।

## ସ୍ମାର୍ଟ ଇଣ୍ଡିଆ ହାକାଥନ୍: ଏନ୍‌ଆଇଟି ଛାତ୍ର ଦଳ ବିଜେତା



ରାଉରକେଲା, ୧୮।୧୨(ସମିସ): ଏନଆଇଟି ରାଉରକେଲାର ଛାତ୍ର ଦଳ, 'ସ୍ୱଦେଶ', ସ୍ମାର୍ଟ ଇଣ୍ଡିଆ ହାକାଥନ୍ - ୨୦୨୫ ରେ ବିଜେତା ହୋଇଛନ୍ତି । ଗତ ଡିସେମ୍ବର ୮ରୁ ୧୨ ତାରିଖ ପର୍ଯ୍ୟନ୍ତ ଗୁଜରାଟର ପାରୁଲ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ଫାଇନାଲ ରାଉଣ୍ଡରେ 'ସ୍ମାର୍ଟ ସାବରମତୀ ନଦୀକୂଳ ଏବଂ ସହରାଞ୍ଚଳ ଜଳ ବଡିଜ୍' ଶୀର୍ଷକ ସମସ୍ୟା ବିବୃତ୍ତି ପାଇଁ ଦଳକୁ ବିଜେତା ଘୋଷିତ କରାଯାଇଥିଲା । 'ହ୍ୟାକ୍ ଫର୍ ଭାରତ, ବିଲ୍ଡ ଫର୍ ଦି ୱାର୍ଲ୍ଡ' ଜାତୀୟ ମିଶନର ଅଂଶ ଭାବରେ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟର ଇନୋଭେସନ୍ ସେଲ୍‌ର ସହଯୋଗରେ ସ୍ମାର୍ଟ ଇଣ୍ଡିଆ ହାକାଥନ୍ ୨୦୨୫ ଆୟୋଜନ କରାଯାଇଥିଲା । ବିଜୟୀ ଦଳରେ ମେକାନିକାଲ୍ ଇଞ୍ଜିନିୟରିଂ ବିଭାଗର ନିଲେଶ କୁମାର ଏବଂ ଦେବ ସୋନି, ପଦାର୍ଥ ବିଜ୍ଞାନ ବିଭାଗ (ସମଗ୍ର) ରିତିକ ପାଣ୍ଡେ ଏବଂ ବୈଦ୍ୟୁତିକ ଇଞ୍ଜିନିୟରିଂ ବିଭାଗର ଅମୋଲ ମୁନୋଟ୍, ସୁଚିସ୍ମିତା ବେହେରା ଏବଂ ଉଜ୍ଜ୍ୱଳ କୁମାର ରହିଥିଲେ । ସେମାନଙ୍କର ସମାଧାନ ଏକ ଅଭିନବ ଏବଂ ପ୍ରଯୁକ୍ତିବିଦ୍ୟା ଚାଳିତ ପଦ୍ଧତି ମାଧ୍ୟମରେ ସହରାଞ୍ଚଳ ଜଳ ପରିଚାଳନା ଏବଂ ସାଧାରଣ ସୁରକ୍ଷା ସହିତ ଜଡିତ ଗୁରୁତ୍ୱପୂର୍ଣ୍ଣ ଚ୍ୟାଲେଞ୍ଜଗୁଡ଼ିକୁ ସମାଧାନ କରିଥିଲା । ଟିମ୍ ସ୍ୱଦେଶ ଏକ ସ୍ୱୟଂଚାଳିତ ନଦୀ ପୃଷ୍ଠ ସଫା ରୋବୋଟ୍ ଡିଜାଇନ୍ ଏବଂ ସଫଳତାର ସହିତ ପ୍ରଦର୍ଶନ କରିଛି । ଯାହା ନଦୀ ପୃଷ୍ଠରୁ ଭାସମାନ ବର୍ଜ୍ୟବସ୍ତୁ ଅପସାରଣ କରିବାରେ ସକ୍ଷମ ବୋଲି ଜଣାପଡ଼ିଛି । ବର୍ଜ୍ୟବସ୍ତୁ ପରିଚାଳନା ବ୍ୟତୀତ ଏହି ସିଷ୍ଟମ ବୁଡ଼ିବା ଘଟଣା ଚିହ୍ନଟ କରିବା, ସାବରମତୀ ମିତ୍ର ମୋବାଇଲ୍ ଆପ୍ଲିକେସନ୍ ମାଧ୍ୟମରେ ନିକଟସ୍ଥ ନାଗରିକଙ୍କୁ ସତର୍କ ସୂଚନା ପଠାଇବା ଏବଂ ଆପ୍ ମାଧ୍ୟମରେ ଜନସାଧାରଣଙ୍କୁ ବାସ୍ତବ ସମୟ ଜଳ ଗୁଣବତ୍ତା ସୂଚନା ପ୍ରଦାନ କରିବା ପାଇଁ ମଧ୍ୟ ସକ୍ଷମ । ଏହି ସମସ୍ୟା ବିବୃତ୍ତି ପାଇଁ ଦେଶବ୍ୟାପୀ ପ୍ରାୟ ୧୨୦ ଦଳ ଭାଗନେଇଥିବା ବେଳେ ପ୍ରତ୍ୟେକ ଦଳରେ ଛଅ ଜଣ ସଦସ୍ୟ ଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭଦୋଦରା ମ୍ୟୁନିସିପାଲ୍ କର୍ପୋରେସନର କମିଶନର ଅରୁଣ ମହେଶ ବାବୁ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଏଆଇସିଟିଇର ନବସୃଜନ ନିର୍ଦ୍ଦେଶକ ଯୋଗେଶ ବ୍ରାହ୍ମଣକର ଯୋଗଦେଇଥିଲେ ।

## ବିଜୁ ଛାତ୍ର ଜନତା ଦଳର କର୍ମୀ ପ୍ରଶାନ୍ତ ବେଉରିଆଙ୍କ ବିୟୋଗ



**ରାଉରକେଲା, ୧୮ ।୧୨(ସମିସ):** ବିଜୁ ଛାତ୍ର ଜନତା ଦଳର ପୁରୁଣା କର୍ମୀ ତଥା ସଂଗଠକ ପ୍ରଶାନ୍ତ ବେଉରିଆଙ୍କର ବିୟୋଗ ହୋଇଯାଇଛି । ସେ ଜଣେ ଆଗଧାଡ଼ିର ସୁସଂଗଠକ ଥିଲେ । ଦୀର୍ଘ ଦିନ ଧରି ସେ କର୍କଟ ରୋଗରେ ପୀଡିତ ଥିଲେ । ତାଙ୍କ ବିୟୋଗରେ ରାଜ୍ୟ ବିଜୁ କୃଷକ ଜନତା ଦଳର ପୂର୍ବତନ ରାଜ୍ୟ ସମ୍ପାଦକ ସରୋଜ ପ୍ରଧାନ, ରାଉରକେଲା କେନ୍ଦ୍ରୀୟ ପୂଜା କମିଟିର ସାଧାରଣ ସମ୍ପାଦକ ମୁକ୍ତିକାନ୍ତ ବେହେରା, ମନୋଜ ବାରିକ, ଯୁବ ନେତା ରାଜୀବ ପ୍ରତିହାରୀ, ଶିଶିର ସାହୁ, କେଦାର ଦାସ, ଧ୍ରୁବ କର, ପ୍ରଜ୍ଞାନନ୍ଦ ମହାନ୍ତି ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି ।

## ସରସ୍ୱତୀ ପୂଜା କମିଟି ଗଠିତ

**ରାଉରକେଲା, ୧୮ ।୧୨(ସମିସ):** ଇସ୍ପାତ ସହରର ପୁରାତନ କ୍ଲବ୍ ଇସ୍ପାତ କ୍ଲବ୍ ଚଳିତ ବର୍ଷ ବିଦ୍ୟାଦାତ୍ରୀ ସରସ୍ୱତୀ ପୂଜା ପାଇଁ ପ୍ରସ୍ତୁତି ଆରମ୍ଭ କରିଛି । ଏହି କ୍ରମରେ ସେକ୍ଟର -୮ ସ୍ଥିତ କ୍ଲବ୍ ଠାରେ ପୂଜାକୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିତେନ ମାଛଖଣ୍ଡଙ୍କ ଆବାହକତ୍ୱରେ ଚଳିତବର୍ଷ ପୂଜା ପାଇଁ ନୂତନ କମିଟି ଗଠନ କରାଯାଇଛି । ସୁନ୍ଦର ତୋରଣ ଓ ଆଲୋକିକରଣକୁ ଗୁରୁତ୍ୱ ଦିଆଯିବ । ପ୍ରତି ବର୍ଷ ଭଳି ଗୋଟିଏ ଦିନ ଭଣ୍ଡାରା ଆୟୋଜନ ହେବ । ନୂତନ କମିଟିରେ ସଭାପତି ଭାବେ ଅଭିଜିତ୍ ବେହେରା, କାର୍ଯ୍ୟକାରୀ ସଭାପତି ନାରାୟଣ ନାୟକ, ଉପସଭାପତି ବିଶ୍ୱଜିତ୍ ସେବକ, ସାଧାରଣ ସମ୍ପାଦକ ଜିତେନ୍ଦ୍ର ମାଛଖଣ୍ଡ, ସମ୍ପାଦକ ପ୍ରିୟବ୍ରତ ମହନ୍ତ, ଯୁଗ୍ମ ସମ୍ପାଦକ ଦେବେନ୍ଦ୍ର ପଲାଇ ଓ କୋଷାଧ୍ୟକ୍ଷ ସୌମ୍ୟ ମହାନ୍ତିଙ୍କୁ ଦାୟିତ୍ୱ ଦିଆଯାଇଛି । କମିଟିକୁ ସହଯୋଗ କରିବା ପାଇଁ ଗଠିତ କାର୍ଯ୍ୟକାରୀ କମିଟିରେ କିଷାନ ଗୁରୁ, ଆଦୁଷ ସାହୁ, ଦୀପକ ପୃଷେଠ, ଦେବବ୍ରତ ପ୍ରଧାନ, ନବୀନ ଗୁରୁଙ୍ଗ, ରଞ୍ଜନ ନାୟକ, ରାଜା, ସୁଶୀଲ ସାଗର, ସଞ୍ଜୟ ସୁନା, ରକି, ଚଙ୍କି, ଆଦର୍ଶ ଓ ସତ୍ୟ ପ୍ରମୁଖ ରହିଛନ୍ତି ।

## ବିପିୟୁଟିରେ ଆନ୍ତର୍ଜାତୀୟ ସମ୍ମିଳନୀ ଆଜି

ରାଉରକେଲା, ୧୮।୧୨(ସମିସ): ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ (ବିପିୟୁଟି), ଓଡ଼ିଶା ପକ୍ଷରୁ 'ବିକାଶଶୀଳ ପ୍ରଯୁକ୍ତିବିଦ୍ୟାର ଉଦୀୟମାନ ଧାରା' ଉପରେ ଏହାର ପ୍ରଥମ ବିପିୟୁଟି ବହୁ-ଆନ୍ତର୍ଜାତୀୟ ସମ୍ମିଳନୀ ଶନିବାର ଅର୍ଥାତ୍ ୧୯ ରୁ ୨୧ ଡିସେମ୍ବର ୨୦୨୫ ପର୍ଯ୍ୟନ୍ତ ରାଉରକେଲା ସ୍ଥିତ ଛେଣ୍ଡ କ୍ୟାମ୍ପସରେ ଆୟୋଜିତ ହେବାକୁ ଯାଉଛି । ଉଦ୍‌ଘାଟନୀ ସମାରୋହ ଛେଣ୍ଡ କ୍ୟାମ୍ପସର ନେତାଜୀ ସୁଭାଷ ପ୍ରେକ୍ଷାଳୟରେ ଅନୁଷ୍ଠିତ ହେବ । ଏହି ସମ୍ମିଳନୀର ମୁଖ୍ୟ ଲକ୍ଷ୍ୟ ହେଉଛି ଦେଶ ତଥା ବିଦେଶର ପ୍ରମୁଖ ଶିକ୍ଷାନୁଷ୍ଠାନ ଏବଂ ସଂଗଠନର ଗବେଷକ, ଶିକ୍ଷାବିତ୍, ଶିଳ୍ପ ବିଶେଷଜ୍ଞ, ବୈଜ୍ଞାନିକ ଓ ବିଦ୍ୱାନମାନଙ୍କୁ ଏକତ୍ରିତ କରିବା । ଏହା ବିଜ୍ଞାନ, ଇଞ୍ଜିନିୟରିଂ ଏବଂ ପ୍ରବନ୍ଧନ ବିଷୟକ ବିଭିନ୍ନ କ୍ଷେତ୍ରରେ ଅଭିନବ ଗବେଷଣା ଏବଂ ଚିନ୍ତାଧାରାର ବିନିମୟ ପାଇଁ ଏକ ସକ୍ରିୟ ମଞ୍ଚ ଭାବରେ କାର୍ଯ୍ୟ କରିବ । ବିଚାର ପାଇଁ ୩୦୦ରୁ ଅଧିକ ଗବେଷଣାପତ୍ର ଦାଖଲ କରାଯାଇଥିଲା । ଏକ କଠୋର ସମୀକ୍ଷା ପ୍ରକ୍ରିୟା ପରେ ୮୬ ଟି ଉଚ୍ଚମାନର ପେପର ଉପସ୍ଥାପନା ପାଇଁ ମନୋନୀତ ହୋଇଛି । ସମସ୍ତ ଗୃହୀତ ପେପରଗୁଡ଼ିକ ବିଶ୍ୱବିଖ୍ୟାତ 'ସିଆରସି ପ୍ରେସ୍' ଦ୍ୱାରା ପୁସ୍ତକ ଆକାରରେ ପ୍ରକାଶିତ ହେବ, ଯାହା ଆନ୍ତର୍ଜାତୀୟ ସ୍ତରରେ ଏହାର ପ୍ରଭାବ ସୁନିଶ୍ଚିତ କରିବ । ଏହି ଅବସରରେ ଅନେକ ବିଶିଷ୍ଟ ବିଦ୍ୱାନ ଏବଂ ବୈଜ୍ଞାନିକଙ୍କ ସମେତ ଆଇଆଇଏସସି, ବେଙ୍ଗାଲୁରୁର ପ୍ରଫେସର ଏଲ.ଏମ. ପଟ୍ଟନାୟକ, ମ୍ୟାକଗିଲ୍ ବିଶ୍ୱବିଦ୍ୟାଳୟ, କାନାଡାର ପ୍ରଫେସର ଅଗସ୍ ସାସମିତୋ, ଏନୱାଇୟୁଏସଟି ପ୍ରଫେସର ଜି. ଏ. ରବି କିରଣ କିଙ୍ଗ ସାଉଦିଆର୍‌ବିଆ ଫହଦ୍ ୟୁନିଭରସିଟିର ପ୍ରଫେସର ମୁଫ୍ତି ମହମୁଦ, ଜାପାନ ପାଣିପାଗ ନିଗମର ମୁଖ୍ୟ ବୈଜ୍ଞାନିକ ଡ. ଶ୍ରୀଧର ନାୟକ, ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟର ପ୍ରଫେସର ଶିବ କୁମାର ଉଦ୍‌ଗାତା ଏବଂ ଆରସି ଫୋରନାକ୍ସ, ୟୁକେର ଡ. ଅମିତ କୁମାର ମିଶ୍ର ରହିଛନ୍ତି ।

## ଧାନମଣ୍ଡି ଖୋଲିବାରେ ବିଳମ୍ବ କାହା ସ୍ୱାର୍ଥରେ: ଓଡ଼ିଶା କୃଷକ ସଭା

**ରାଉରକେଲା, ୧୮ ।୧୨(ସମିସ):** ଧାନ ମଣ୍ଡି ଖୋଲିବାରେ ବିଳମ୍ବ ନେଇ ଓଡ଼ିଶା କୃଷକ ସଭା ଗର୍ଜିଛି । ଓଡ଼ିଶା କୃଷକ ସଭା ପକ୍ଷରୁ କୁହାଯାଇଛି ଯେ ଗତ ନଭେମ୍ବର ୨୧ ତାରିଖ ଦିନ ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ ପକ୍ଷରୁ ଆହୁତ ବୈଠକରେ ନିଷ୍ପତ୍ତି ହୋଇଥିଲା ଡିସେମ୍ବର ୧୫ ତାରିଖ ସୁଦ୍ଧା ସୁନ୍ଦରଗଡ଼ ଜିଲ୍ଲାରେ ଧାନମଣ୍ଡି ଖୋଲିବା । କାରଣ ଆମ ଜିଲ୍ଲାରେ ଖ୍ରୀଷ୍ଟିୟ ସମ୍ପ୍ରଦାୟର ପ୍ରାୟ ୨୫ ଭାଗରୁ ଉର୍ଦ୍ଧ୍ୱ ଜନସାଧାରଣ ବସବାସ କରନ୍ତି । ତେଣୁ ଆଗାମୀ ୨୫ ଡିସେମ୍ବର ୨୫ ବଡ଼ଦିନକୁ ଭଲ ଭାବରେ ପାଳନ କରିବାପାଇଁ ଏବଂ ସେମାନଙ୍କର ସୁବିଧା ପାଇଁ ଡିସେମ୍ବର ୧୫ ତାରିଖ ଦିନ ଧାନମଣ୍ଡି ଖୋଲିବାପାଇଁ ନିଷ୍ପତ୍ତି ହୋଇଥିଲା । ଏହି ବୈଠକରେ ଜିଲ୍ଲାର ସମସ୍ତ ବିଧାୟକ, ସମ୍ପୃକ୍ତ ବିଭାଗର ଅଧିକାରୀବୃନ୍ଦ ଏବଂ ବିଭିନ୍ନ କୃଷକ ସଂଗଠନର ନେତୃବୃନ୍ଦ ଉପସ୍ଥିତ ଥାଇ ନିଷ୍ପତ୍ତି ହୋଇଥିଲା । କିନ୍ତୁ ବାସ୍ତବରେ ଏହି ନିଷ୍ପତ୍ତି ଅଦ୍ୟାବଧି କାର୍ଯ୍ୟକାରୀ ହୋଇପାରିଲା ନାହିଁ । ଏହି ବିଳମ୍ବ କାହା ସ୍ୱାର୍ଥରେ ବୋଲି ଓଡ଼ିଶା କୃଷକ ସଭା ପ୍ରଶ୍ନ କରିଛି । ଏଠାରେ ଉଲ୍ଲେଖଯୋଗ୍ୟ, ବର୍ତ୍ତମାନ ସମଗ୍ର ଜିଲ୍ଲାରେ ଧାନ ଅମଳ ସରିଥିଲେ ହେଁ ଧାନମଣ୍ଡି ଖୋଲିବାର ବିଳମ୍ବକୁ ଏକ ସୁଯୋଗ ମନେ କରି ଦଲାଲମାନେ ଗାଁ ଗାଁ ବୁଲି ୧୭୦୦ରୁ ୧୮୦୦ ଟଙ୍କା । ଦେଇ ଧାନ କ୍ରୟ କରି ଚାଲିଛନ୍ତି । କୁଇଣ୍ଟାଲ୍ ପିଛା ୮୦୦ଟଙ୍କା । ଇନପୁଟ୍ ସବ୍‌ସିଡିକୁ ମିଶାଇ ୩୧୬୯ ଟଙ୍କା । ସର୍ବନିମ୍ନ ସହାୟକ ମୂଲ୍ୟ ହୋଇଥିଲା ବେଳେ ଚାଷୀମାନେ ହତାଶ ହୋଇ ନିଜର ପର୍ବକୁ ଆଖି ଆଗରେ ରଖି ଏବଂ ଅନ୍ୟ ସମ୍ପ୍ରଦାୟର ଲୋକେ ଧାର କରଜ ସୁଝିବାପାଇଁ ବାଧ ହୋଇ କୁଇଣ୍ଟାଲ୍ ପିଛା ୧୭୦୦ରୁ ୧୮୦୦ ଟଙ୍କା । ମଧ୍ୟରେ ଧାନ ବିକ୍ରି କରିବାରେ ଲାଗିଛନ୍ତି । ଏଥିରୁ ଚଷ୍ଟ ଅନୁମାନ ଯେ ସରକାର, ପ୍ରଶାସନ, ମିଲର୍ସ ଏବଂ ଦଲାଲମାନଙ୍କ ମଧ୍ୟରେ ଏକ ଅନୈତିକ ମେଣ୍ଟ ଚାଷୀ ସମାଜକୁ ବିପଦ ମୁଖକୁ ଠେଲି ଦେଇଛି ।

## ଟେବୁଲ୍ ଟେନିସ୍ ଚାମ୍ପିଅନସିପ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



**ରାଉରକେଲା, ୧୮ ।୧୨(ସମିସ):** ଟେବୁଲ୍ ଟେନିସ୍ ଚାମ୍ପିଅନସିପ୍ ଟୁର୍ଣ୍ଣାମେଣ୍ଟ -୨୦୨୫ ରାଉରକେଲା ଇସ୍ପାତ କାରଖାନାର ଇସ୍ପାତ ଇନ୍‌ଡୋର ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଯାଇଛି । ଉଦ୍‌ଘାଟନୀ ସମାରୋହରେ ଏଚଆର ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର ଅଧ୍ୟକ୍ଷତା କରିବା ସହିତ ଉକ୍ତ ଟୁର୍ଣ୍ଣାମେଣ୍ଟର ଶୁଭାରମ୍ଭ ଘୋଷଣା କରିଥିଲେ । ଚାମ୍ପିଅନସିପ୍ ଆରମ୍ଭ ହେବା ଅବସରରେ ଶ୍ରୀ ମିଶ୍ର କିଛି ବନ୍ଧୁତ୍ୱପୂର୍ଣ୍ଣ ସଟ୍ ମଧ୍ୟ ଖେଳିଥିଲେ । ଏହି ଅବସରରେ ସହର ଇଞ୍ଜିନିୟରିଂ ଏବଂ ଉଦ୍ୟାନ କୃଷି ବିଭାଗର ସିଜିଏମ ବି.କେ ଜୋଜୋ, ସେଲ କର୍ପୋରେଟ୍ ଅଫିସ୍ କ୍ରୀଡ଼ା ବିଭାଗର ଡିଜିଏମ୍ ସୌରଭ ଶୁକ୍ଲାଙ୍କ ସମେତ ତଥା କାର୍ଯ୍ୟକ୍ରମର ପର୍ଯ୍ୟବେକ୍ଷକମାନେ ଉପସ୍ଥିତ ଥିଲେ । ସମାବେଶକୁ ସମ୍ବୋଧିତ କରି ଶ୍ରୀ ମିଶ୍ର କର୍ମଚାରୀମାନଙ୍କ ମଧ୍ୟରେ ଶୃଙ୍ଖଳା, ଦଳଗତ କାର୍ଯ୍ୟ ଏବଂ ଶାରୀରିକ ସୁସ୍ଥତା ବୃଦ୍ଧି କରିବାରେ କ୍ରୀଡ଼ାର ମହତ୍ୱ ଉପରେ ଆଲୋକପାତ କରିଥିଲେ । ସେ ଆହୁରି ମଧ କହିଥିଲେ ଯେ ଏପରି ଆନ୍ତଃକାରଖାନା କ୍ରୀଡ଼ା କେବଳ ଏକ ସୁସ୍ଥ ଜୀବନଶୈଳୀକୁ ପ୍ରୋତ୍ସାହିତ କରେ ତାହା ନୁହେଁ ବରଂ ବିଭିନ୍ନ ସେଲ ୟୁନିଟର କର୍ମଚାରୀମାନଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ଏକତାକୁ ମଧ୍ୟ ସୁଦୃଢ଼ କରିଥାଏ । ଏହି ଚାମ୍ପିଅନ୍‌ସିପରେ ପୁରୁଷ ବର୍ଗରେ, ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ, ଦୁର୍ଗାପୁର ଷ୍ଟିଲ୍ ପ୍ଲାଣ୍ଟ, ସେଲ୍‌ଫ କର୍ପୋରେଟ୍ ଅଫିସ୍, ବିଶ୍ୱେଶରାୟ ଆଇରନ୍ ଆଣ୍ଡ ଷ୍ଟିଲ୍ ଲିମିଟେଡ୍ (ଭିଆଇଏସଏଲ), ଇସ୍କୋ ଷ୍ଟିଲ୍ ପ୍ଲାଣ୍ଟ (ଆଇଏସପି), ଚନ୍ଦ୍ରପୁର ୟୁନିଟ୍, ରାଞ୍ଚି ୟୁନିଟ୍, ଆଲୟ ଷ୍ଟିଲ୍ ପ୍ଲାଣ୍ଟ (ଏଏସପି) ଏବଂ ବୋକାରୋ ଷ୍ଟିଲ୍ ପ୍ଲାଣ୍ଟ (ବିଏସଏଲ)ରୁ ମୋଟ ୯ଟି ଦଳ ଅଂଶଗ୍ରହଣ କରୁଛନ୍ତି । ସେହିଭଳି ମହିଳା ବର୍ଗରେ, ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ (ଆରଏସପି) ଏବଂ ଦୁର୍ଗାପୁର ଷ୍ଟିଲ୍ ପ୍ଲାଣ୍ଟ (ଡିଏସପି)ରୁ ମଧ୍ୟ କେତେକ ଦଳଭାଗ ନେଉଛନ୍ତି । ଆରଏସପିର କ୍ରୀଡ଼ା ବିଭାଗର ଡେପୁଟି ମ୍ୟାନେଜର ରଘୁ ନନ୍ଦନ ପାଢ଼ୀ ସଂଯୋଜନା କରୁଛନ୍ତି ।

### ଜାଙ୍ଗଲା ବନ ସୁରକ୍ଷା ସମିତିର ଅଭିନବ ପ୍ରଚେଷ୍ଟା

## ବୁଢ଼ା ପର୍ବତ ଜଙ୍ଗଲକୁ ଫେରିବେ ବନ୍ୟପ୍ରାଣୀ



**ବଣାଇଁ, ୧୮ ।୧୨(ସମିସ):** ବଣାଇ ବନଖଣ୍ଡ ଅଧୀନସ୍ଥ ଜାଙ୍ଗଲା ଗ୍ରାମ ବନ ସୁରକ୍ଷା ସମିତି ପକ୍ଷରୁ ସ୍ଥାନୀୟ କମ୍ୟୁନିଟି ସଭାଗୃହଠାରେ ଜଙ୍ଗଲ ଓ ବନ୍ୟପ୍ରାଣୀ ସୁରକ୍ଷା ନିମିତ୍ତ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବନ ସୁରକ୍ଷା ସମିତିର ସଭାପତି ନବଘନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସାଧାରଣ ଲୋକଙ୍କ ଦ୍ୱାରା ବିଦ୍ୟୁତ ବ୍ୟବହାର ଦ୍ୱାରା ବନ୍ୟପ୍ରାଣୀଙ୍କ ହତ୍ୟା ବନ୍ଦ କରିବା ସର୍ବସାଧାରଣ ଜମିରେ ଗଛ ଲଗାଇବା ଏବଂ ସେମାନଙ୍କୁ ସୁରକ୍ଷା ଦେବା, ବିଶେଷକରି କିଛି ବର୍ଷ ପୂର୍ବେ ବନ ବିଭାଗ ଦ୍ୱାରା ଲଗାଯାଇଥିବା ନିମ୍ବ ଗଛ ଉପରେ ଧ୍ୟାନ ଦେବା; ଏବଂ ଭାଲୁ, ଶୃଗାଳ ଏବଂ ହରିଣ ଆଦି ସ୍ଥାନୀୟ ବନ୍ୟପ୍ରାଣୀଙ୍କ ପୁନଃପ୍ରବର୍ତ୍ତନ ପାଇଁ ଯୋଜନା କରିବା ଉପରେ ବିଶଦ ଆଲୋଚନା କରିଥିଲେ । ଏହା ଏକ ନୂତନ ପରିକଳ୍ପନା ଏବଂ ପ୍ରଥମ ଯୋଜନା, ଯାହା ଜଙ୍ଗଲ ପରିଚାଳନା ଇତିହାସରେ ପ୍ରଥମ ଥର ପାଇଁ ଏକ ବନ ସୁରକ୍ଷା ସମିତି ଦ୍ୱାରା ବନ୍ୟପ୍ରାଣୀ ପୁନଃପ୍ରବର୍ତ୍ତନ କରିବାକୁ ଚେଷ୍ଟା କରୁଛି । ଏ ପ୍ରଣାଳୀରେ ଭାଲୁ, ଶୃଗାଳ, ବିଲୁଆ ଏବଂ ହରିଣ ପରି ବନ୍ୟପ୍ରାଣୀ ପୁନଃ ପ୍ରବର୍ତ୍ତନ କରିବେ ବୋଲି ଆଶା ରଖିଛନ୍ତି ଗ୍ରାମବାସୀ । ସେମାନେ ବୈଷୟିକ ଏବଂ ଅନ୍ୟାନ୍ୟ ସହାୟତା ପାଇଁ ବନ ବିଭାଗକୁ ନେବାକୁ ଆଗଭର ହୋଇଛନ୍ତି । ଶିକ୍ଷା ମନ୍ତ୍ରଣାଳୟର ପୂର୍ବତନ ଅର୍ଥନୈତିକ ପରାମର୍ଶଦାତା ଡ. ଏନ. କେ. ସାହୁଙ୍କ କହିବା ଅନୁଯାୟୀ ତାଙ୍କ ସ୍କୁଲ ସମୟରେ ବୁଢାପର୍ବତ ଜଙ୍ଗଲରେ ଏବଂ ଏହାର ଆଖପାଖ ଅଞ୍ଚଳରେ ଦେଖାଯାଉଥିବା ବନ୍ୟପ୍ରାଣୀ ପାଇବା ଏବେ କେବଳ ଏକ ସ୍ୱପ୍ନ । ସ୍କୁଲ ପିଲାମାନେ ଜୀବନ୍ତ ଭାଲୁ, ଶୃଗାଳ, ବିଲୁଆ, ବନ୍ୟପ୍ରାଣୀ, ମୟୂର ଇତ୍ୟାଦି ଦେଖିବାରୁ ବଞ୍ଚିତ ହେଉଛନ୍ତି । ଏହି ଗାଁର ବନ ସୁରକ୍ଷା ସମିତି ବର୍ତ୍ତମାନ ପ୍ରାକୃତିକ ପରିବେଶର ସାମଗ୍ରିକତା ଏବଂ ଏହାର ପରସ୍ପର ସମ୍ବନ୍ଧିତ ଲାଭକୁ ଅନୁଭବ କରିଛନ୍ତି । ତେଣୁ ହଜିଯାଇଥିବା ବନ୍ୟପ୍ରାଣୀଙ୍କୁ ପୁନରୁଦ୍ଧାର କରିବା ପାଇଁ ଏହା ଗ୍ରାମ୍ୟବାସୀଙ୍କ ମହାନ ପ୍ରୟାସ ।

# ଦୁର୍ଘଟଣାରେ ଦୁଇ ସାମ୍ବାଦିକ ଗୁରୁତର





**ସିନାପାଲି, ୧୮ ।୧୨(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକର ଉପାନ୍ତ ନଙ୍ଗଲବୋର୍ଡ ଅଞ୍ଚଳରୁ ଖବର ସଂଗ୍ରହ କରି ଫେରୁଥିବା ବେଳେ ଖଇରପଦର ନିକଟରେ ବାଇକ୍‌ର ପଛ ଚକ ଫାଟି ଦୁର୍ଘଟଣା ଗ୍ରସ୍ତ ହେବା ଫଳରେ ଦୁଇ ସାମ୍ବାଦିକ ଝସକେତନ ରଣା ଓ ରମେଶ ଜଗତ ଗୁରୁତର ହୋଇଥିବା ଜଣାପଡ଼ିଛି। ଘଟଣା ସ୍ଥଳରୁ ଉଦ୍ଧାର କରି ପ୍ରଥମେ ସିନାପାଲି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିଲା। ପରେ ଝସକେତନ ରଣାଙ୍କୁ ଅଧିକ ଚିକିତ୍ସା ପାଇଁ ନୂଆପଡ଼ାକୁ ସ୍ଥାନାନ୍ତର କରଯାଇଛି। ବର୍ତ୍ତମାନ ଉଭୟ ସାମ୍ବାଦିକଙ୍କ ସ୍ୱାସ୍ଥ୍ୟ ସ୍ୱାସ୍ଥା ଭଲ ଥିବା ଜଣାପଡ଼ିଛି। ରମେଶ ଜଗତଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ହୋଇଥିବା ବେଳେ ଝସକେତନଙ୍କ ହାତରେ ଆଘାତ ହୋଇଛି। ଉଭୟ ସାମ୍ବାଦିକ ଗୋଟିଏ ବାଇକ୍‌ରେ ସାଙ୍ଗ ହୋଇ ଖବର ସଂଗ୍ରହ ପାଇଁ ଯାଇଥିଲେ।

# ନୂତନ ବ୍ରିଜ ନିର୍ମାଣ ଦାବିରେ ବିଜେଡିର ଦାବିପତ୍ର



**ଭବାନୀପାଟଣା, ୧୮ ।୧୨ (ସମିସ):** ଭବାନୀପାଟଣା ନିର୍ବାଚନ ମଣ୍ଡଳୀର ମାଡିଙ୍ଗପଦର ଚାରିଛକରେ ବିଜୁ ଜନତା ଦଳ ତରଫରୁ ତୁର୍କେଲରେ ଥିବା ତେଲନଦୀ ଉପରେ ଶୀଘ୍ର ନୂତନ ବ୍ରିଜ ନିର୍ମାଣ ଦାବିରେ ପ୍ରତିବାଦ ସଭା ଜିଲ୍ଲା ବିଜେଡି ସଭାପତି ତଥା ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ ଦିଶାରୀଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସରକାର କଳାହାଣ୍ଡି ଜିଲ୍ଲା ପ୍ରତି ବୈମାତୃକ ମନୋଭାବ ନେଉଥିବାରୁ କଳାହାଣ୍ଡି ବିଜୁ ଜନତା ଦଳ ତରଫରୁ ତୀବ୍ର ପ୍ରତିବାଦ କରାଯାଇଛି। ଉକ୍ତ ସଭାରେ ରାଜ୍ୟ ସାଧାରଣ ସମ୍ପାଦକ ପୁଷ୍ପେନ୍ଦ୍ର ସିଂ ଦେଓ, ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକ, ମହିଳା ସଭାନେତ୍ରୀ ଲଳିତା ନାଏକ, ବଦ୍ରି ପଟ୍ଟନାୟକ, ଜାକିର ହୁସେନ, ପ୍ରେମ ରଞ୍ଜନ ପାଣିଗ୍ରାହୀ, ଆଦିତ୍ୟ ନନ୍ଦ, ଅଭିନାଶ ଠାକୁର, ସୁରେନ୍ଦ୍ର ପ୍ରଧାନ, ସମସ୍ତ ଜିଲ୍ଲା ପରିଷଦ ସଭ୍ୟ ସଭ୍ୟା ସମସ୍ତ ପଞ୍ଚାୟତ ସଭାପତି, ବିଜୁ ଜନତା ଦଳର ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ ଦରୱାନଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା।

# ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**ଭବାନୀପଟଣା, ୧୮ ।୧୨(ସମିସ):** ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ, ଭବାନୀପଟଣାରେ ୨୦୨୫-୨୬ ଶିକ୍ଷାବର୍ଷର ବାର୍ଷିକ କ୍ରୀଡ଼ା ଦିବସ ଉତ୍ସାହ ଓ ଛାତ୍ରଛାତ୍ରୀ ଏବଂ କର୍ମଚାରୀଙ୍କ ସକ୍ରିୟ ଅଂଶଗ୍ରହଣ ସହ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମ ଅଧ୍ୟକ୍ଷ ଭୀମସେନ ପଣ୍ଡାଙ୍କ ନିର୍ଦ୍ଦେଶନାରେ ଆରମ୍ଭ ହୋଇ ପାରମ୍ପରିକ ଦୀପ ପ୍ରଜ୍ୱଳନ ସହ ଉଦ୍‌ଘାଟିତ ହୋଇଥିଲା। ଏହି ଅବସରରେ ଭାରତ ଭୂଷଣ ଦେଓ, ପୂର୍ବତନ ଓଡ଼ିଶା ରଣଜି ଟ୍ରଫି ଖେଳାଳି, ବିସିସିଆଇ ପରିଚାଳିତ ଓଡ଼ିଶା ଅଣ୍ଡର୍‌ଏଜ୍ କ୍ରିକେଟ୍ ଚୟନ ସମିତିର ପୂର୍ବତନ ସଦସ୍ୟ ଏବଂ ପ୍ରତିଷ୍ଠିତ କଳାହାଣ୍ଡି ବରପୁତ୍ର ପୁରସ୍କାର ପ୍ରାପ୍ତ, ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀ ଆକର୍ଷଣୀୟ ମାର୍ଚ୍ଚପାଷ୍ଟ ଓ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଶିଷ୍ଟାଚାର, ଦଳୀୟ ଭାବନା ଓ କ୍ରୀଡ଼ା ମନୋଭାବ ପ୍ରଦର୍ଶନ କରିଥିଲେ। କ୍ରୀଡ଼ା ଶିକ୍ଷକଙ୍କ ଦ୍ୱାରା ବାର୍ଷିକ କ୍ରୀଡ଼ା ରିପୋର୍ଟ ପ୍ରସ୍ତୁତ କରାଯାଇଥିଲା ଏବଂ ପରେ ବିଜେତାଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ମୁଖ୍ୟ ଅତିଥି ନିଜ ଉଦ୍‌ବୋଧନରେ ଛାତ୍ରଛାତ୍ରୀଙ୍କୁ ଶାରୀରିକ ସୁସ୍ଥତା, ଶିଷ୍ଟାଚାର ଓ ଚରିତ୍ର ଗଠନ ପାଇଁ କ୍ରୀଡ଼ାକୁ ଗୁରୁତ୍ୱ ଦେବାକୁ ପ୍ରେରଣା ଦେଇଥିଲେ। ଅଧ୍ୟକ୍ଷ ଭୀମସେନ ପଣ୍ଡା ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କର ପ୍ରୟାସକୁ ପ୍ରଶଂଶା କରି ଶିକ୍ଷା ସହ କ୍ରୀଡ଼ାର ସମନ୍ୱୟ ମାଧ୍ୟମରେ ସର୍ବାଙ୍ଗୀନବିକାଶ ପ୍ରତି ବିଦ୍ୟାଳୟର ପ୍ରତିବଦ୍ଧତା ପୁନଃବ୍ୟକ୍ତ କରିଥିଲେ।

# ପଣ୍ଡିଗାଁ-ମୁଖିଗୁଡା ରାସ୍ତା ଅସମ୍ପୂର୍ଣ୍ଣ

**କଳମପୁର, ୧୮ ।୧୨(ସମିସ)**

ଚାଷୀ ଅନେକ ସମସ୍ୟାର ସମ୍ମୁଖିନ ହୋଇ ଚାଷ କରିଥିଲେ। ନିଜ କଷ୍ଟ ଉପାର୍ଜିତ ଧାନକୁ ମଣ୍ଡି ମାଧ୍ୟମରେ ବିକ୍ରୀ କରି ଭଲ ଦୁଇ ପଇସା ପାଇବା ଆଶା କରିଥିଲେ। ଚଳିତ ବର୍ଷ ମଣ୍ଡି ଆରମ୍ଭରେ ଅହେତୁକ ବିଳମ୍ବ କରି ସାରିଛି ପ୍ରଶାସନ। ଡିସେମ୍ବର ୧୫ରୁ କାଁ ଭାଁ ମଣ୍ଡିରୁ ଧାନ ଉଠାଣ ହେଇଥିବା ବେଳେ ହାରାମାଲ, ତେନ୍ତୁଳିଖୁଣ୍ଟି, ପଞ୍ଚୁଆଗୁଡା ଭଳି ମଣ୍ଡି ଆଜି ପର୍ଯ୍ୟନ୍ତ ଆରମ୍ଭ ହୋଇ ନାହିଁ। ଚାଷୀ ଧାନ ଅମଳ କରି ଦୀର୍ଘ ଏକ ମାସ ଧରି କିଏ ଖଳାରେ ଗଦାଇ ରଖିଛି ତ କିଏ ରାସ୍ତା କଡରେ ଆଉ କିଛି ଚାଷୀ ଧାନ ମଣ୍ଡିରେ ଗଦାଇ ରଖିଛନ୍ତି। ଏଭଳି ସ୍ଥିତିରେ ହରାମାଲ, ପରୁଆଗୁଡା ଏବଂ ତେନ୍ତୁଳିଖୁଣ୍ଟି ଧାନମଣ୍ଡି ପାଇଁ ନିର୍ମାଣଧୀନ କଳମପୁର ପଣ୍ଡିଗାଁ ଛକରୁ ମୁଖିଗୁଡାକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗର ଅସମ୍ପୂର୍ଣ୍ଣ ରାସ୍ତା ଯୋଗୁଁ ଧାନ ପରିବହନରେ ନିୟୋଜିତ ଟ୍ରକ ଚଳାଚଳ କରିବାରେ ବାଧକ ସାଜିଛି। ଟ୍ରକ୍ ମାଧ୍ୟମରେ ଧାନ ପରିବହନ କରି ନେବା ବେଳେ ଏହି ଅସମ୍ପୂର୍ଣ୍ଣ ରାସ୍ତାରେ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ଗତ ବର୍ଷ ଦୁଇଟି ଟ୍ରକ୍ ରାସ୍ତା କଡ ଜମିରେ ଓଲଟି ପଡ଼ିବାରୁ ବୋଝେଇ



ହୋଇଥିବା ଧାନ ବସ୍ତା କାଦୁଅରେ ପଡ଼ିଥିଲା। କିନ୍ତୁ ସୌଭାଗ୍ୟ ବସତଃ ଉଭୟ ଟ୍ରକ୍ ଚାଳକ ସାମାନ୍ୟ ଆହତ ହୋଇଥିଲେ ମଧ୍ୟ ଆସନ୍ନ ବିପଦରୁ ବର୍ତ୍ତି ଯାଇଥିଲେ। ତଥାପି ରାସ୍ତା ନିର୍ମାଣ ଦାୟିତ୍ୱରେ ଥିବା ଠିକା ସଂସ୍ଥାର ଅବହେଳା ଯୋଗୁଁ ଗତ ଦୀର୍ଘ ତିନି ବର୍ଷରୁ ଅଧିକ ସମୟ ବିତି ସାରିଥିଲେ ମଧ୍ୟ କୋଟି କୋଟି ଟଙ୍କା ବ୍ୟୟ ଅଟକଳରେ ଚାଲିଥିବା ରାସ୍ତା କାମ ସମ୍ପୂର୍ଣ୍ଣ ହୋଇ ପାରିନାହିଁ। ରାସ୍ତା ଦାୟିତ୍ୱରେ ଥିବା ପୂର୍ତ୍ତ ବିଭାଗର ଦୂରଦୃଷ୍ଟି ଅଭାବ ଯୋଗୁଁ ଏଭଳି ସମସ୍ୟା ଦେଖା ଦେଇଛି। ରାସ୍ତାର ଉନ୍ନତିକରଣ ପାଇଁ ତେନ୍ତୁଳିଖୁଣ୍ଟି ମଣ୍ଡି ନିକଟରେ ୨ଶହ ମିଟର ରାସ୍ତାରେ ଥିବା ଜମି ବେସରକାରୀ। ଉକ୍ତ ଜମି ମାଲିକ ନିଜ କ୍ଷତିପୂରଣ ଦାବି କରିଥିବାରୁ ରାସ୍ତା କାମ ଠପ୍ ହେଇଯାଇଛି। ସେହି ସ୍ଥାନରେ ଖାଲ ଖମା ସହ ରାସ୍ତାର ଅବସ୍ଥା ଅତ୍ୟନ୍ତ ଦୟନୀୟ। ପୁଣି ଅଣ ଓସାରିଆ ହେଇଥିବାରୁ ଅନ୍ୟ ଗାଡିକୁ ରାସ୍ତା ଛାଡିବା ଚାଳକଙ୍କ ପାଇଁ ବିପଦ ସାଜିଛି। ତେଣୁ ଏହି ରାସ୍ତାରେ ଧାନ ବୋଝେଇ ଟ୍ରକ ପରିବହନ କରି ନେବାରେ ଚାଳକମାନେ ଅମଙ୍ଗ ହେଉଛନ୍ତି। ଯେଉଁଥିପାଇଁ ୩ଟି ମଣ୍ଡିର ଚାଷୀ ମାନେ ଦୁଃଖ ଭୋଗ କରୁଛନ୍ତି। ଅନ୍ୟ ଏକ ସମସ୍ୟା ଶ୍ରମିକଙ୍କ ପାଉଣା। ସଠିକ ସମୟରେ ମଣ୍ଡି ପରିଚାଳନାରେ ଥିବା ମହିଳା ଗୋଷ୍ଠୀଙ୍କ ପକ୍ଷରୁ ଶ୍ରମିକଙ୍କ ପାରିଶ୍ରମିକ ଦେଉନଥିବାରୁ ଶ୍ରମିକ ମାନେ କାମ କରିବା ନେଇ ଅମଙ୍ଗ ହେଉଛନ୍ତି, ଫଳରେ ମଣ୍ଡି କାର୍ଯ୍ୟ ସ୍ୱାଭାବିକ ହୋଇ ପାରୁନାହିଁ।ଏହାର ତୁରନ୍ତ ସମାଧାନ କରିବାକୁ ଚାଷୀଙ୍କ ମହଲରେ ଦାବି ହେଉଛି।

# ପ୍ରସିଦ୍ଧ ଛୁଟିରାଣୀ ଯାତ୍ରା

**ମ. ରାମପୁର, ୧୮ ।୧୨(ସମିସ):** କଳାହାଣ୍ଡି ଜିଲ୍ଲା ମ.ରାମପୁର ବ୍ଲକ ଡମ କର୍ଲାଖୁଣ୍ଟା ପଞ୍ଚାୟତର ଦୁଲେନ୍ ଗ୍ରାମର ରାହୁଲ୍ ନଦୀ କୂଳରେ ଛୁଟିରାଣୀ ଯାତ୍ରା ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି। ଯାତ୍ରା ତିନି ଦିନ ପର୍ଯ୍ୟନ୍ତ ପାଳନ ହୁଏ।ସୋମବାର ଅପରାହ୍ନରେ ରାହୁଲ ନଦୀ କୂଳରୁ ପୂଜାପାଠ କରି କଳସଯାତ୍ରା ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାର ସକାଳେ ମା'ଛୁଟି ରାଣୀଙ୍କ ପୂଜାର୍ଚ୍ଚନା କରି ଭକ୍ତମାନେ ମଙ୍ଗଳ କାମନା କରିଥାନ୍ତି। ରାତ୍ରିରେ ମନୋରଞ୍ଜନ କାର୍ଯ୍ୟକ୍ରମ ପାଇଁ ବୌଦ୍ଧ ଜିଲ୍ଲାର ପ୍ରସିଦ୍ଧ ବୈଠକି କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା।ବୁଧବାର ଦିନ ମନୋରଞ୍ଜନ କାର୍ଯ୍ୟକ୍ରମ ପାଇଁ ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ମଗସିର ଢୁଲିଆ ମହିଳା ଦଣ୍ଡ ନୃତ୍ୟ ପରିବେଷଣ କରାଯିବାର କାର୍ଯ୍ୟକ୍ରମ ରହିଛି।ଏଥିରେ ଦୁଲେନ, ପେଞ୍ଜିକୁପା, ଉଲିମୁଣ୍ଡା, ସିରଗୁନ, ସର୍ଗିପଲା ଗ୍ରାମର ସମସ୍ତ ଲୋକ ଯାତ୍ରା ପାଇଁ ସାହାଯ୍ୟ ସହାଯୋଗ କରିଥାନ୍ତି।ସଭାପତି ପ୍ରଫୁଲ୍ଲ ଘିଭେଲା, ସମ୍ପାଦକ ମହେନ୍ଦ୍ର ମଝି ପୂଜକ ବେଣୁ ଦାସ, କର୍ତ୍ତା ଚିନ୍ତାମଣି ପାତ୍ର, କେଶରି ପାତ୍ର ରହିଛନ୍ତି। ଛୁଟିରାଣୀ ପୂଜା କମିଟିର ସମସ୍ତ ଲୋକ ସାହଯୋଗ କରିଥିଲେ।

# ଗଡ଼ିଲା କୃଷି ଭିତ୍ତିକ ପ୍ରସାର ରଥ

**ଧର୍ମଗଡ଼, ୧୮ ।୧୨(ସମିସ):** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ସହରସ୍ଥିତ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରୁ ଗଡ଼ିଲା କୃଷି ଭିତ୍ତିକ ପ୍ରସାର କାର୍ଯ୍ୟକ୍ରମ ରଥ। ରଥକୁ ଧର୍ମଗଡ଼ କୃଷି ଜିଲ୍ଲା ଅଧିକାରୀ ନୌକେଶ୍ୱର ନାଗ ସବୁଜ ପତକା ଦେଖାଇ ଶୁଭାରମ୍ଭ କରିବା ସହିତ ଏହି ରଥ ଯାତ୍ରା ମାଧ୍ୟମରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଅନ୍ତର୍ଗତ ସରକାରଙ୍କ ପିଏମ କିଷାନ, ସିଏମ କିଷାନ, କୃଷକ ପଞ୍ଜୀକରଣ, କୃଷକ ଓଡ଼ିଶା, ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗୀ ଯୋଜନା, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ଭଳି ସରକାରଙ୍କ ସମସ୍ତ କୃଷି ଭିତ୍ତିକ ଯୋଜନା ସମ୍ପର୍କରେ ଚାଷୀମାନେ ବ୍ୟାପକ ସଚେତନତା ସୃଷ୍ଟି କରିବା ନେଇ ସୂଚନା ରହିଛି ବୋଲି ଶ୍ରୀ ନାଗ କହିଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା ଆୟୋଜିତ କୃଷି ଭିତ୍ତିକ ପ୍ରସାର ରଥ ଗୁରୁବାର ଠାରୁ



ଧର୍ମଗଡ଼ ବ୍ଲକ ର ସମସ୍ତ ପଞ୍ଚାୟତ ପରିକ୍ରମା କରିବାର କାର୍ଯ୍ୟକ୍ରମ ରହିଥିବା ବେଳେ ଆଜି ବ୍ରାହ୍ମଣଛେଣ୍ଡିଆ, କନାଗାଁ, ଡୁମେରଗୁଡା, ଟିପିଗୁଡା ଏବଂ କାଙ୍କେରି ପଞ୍ଚାୟତକୁ ଯାଇ ଅଭିନୟ ମାଧ୍ୟମରେ କଳାକାରଙ୍କ ଦ୍ୱାରା କୃଷକମାନଙ୍କୁ ସଚେତନ କରିବାର କାର୍ଯ୍ୟକ୍ରମ ରହିଛି। କାର୍ଯ୍ୟକ୍ରମରେ ଧର୍ମଗଡ଼ ବ୍ଲକ କୃଷି ଅଧିକାରୀ ହେମାନନ୍ଦ ମାଝୀ, ଅତିରିକ୍ତ ବ୍ଲକ କୃଷି ଅଧିକାରୀ କମଲେଶ ଶବର, ଅତିରିକ୍ତ ବ୍ଲକକୃଷି ଅଧିକାରୀ ଅର୍ଦ୍ଧେନ୍ଦୁ ସୁନ୍ଦର ନାୟକ, ବିଟିଏମ ଦେବାଶିଷ ଚାନ୍ଦ, ସମେତ ବହୁ ଚାଷୀ ଉପସ୍ଥିତ ଥିଲେ।

# କଳାହାଣ୍ଡି ବିଜେପିର ନୂତନ ଜିଲ୍ଲା କମିଟି ଗଠନ

**ଭବାନୀପାଟଣା, ୧୮ ।୧୨(ସମିସ):** ରାଜ୍ୟ ଭାଜପା ସଭାପତି ମନମୋହନ ସାମଲଙ୍କ ଅନୁମୋଦନ କ୍ରମେ କଳାହାଣ୍ଡି ଜିଲ୍ଲା ଭାଜପା ସଭାପତି ଯୁଗଳ କିଶୋର ପୋଡ଼ ଜିଲ୍ଲା କମିଟିର ୧୯ ଜଣ ପଦାଧିକାରୀଙ୍କ ନାମ ଘୋଷଣା କରିଛନ୍ତି। ଏହି କମିଟିରେ ବହୁ ଯୁବ ନେତା ଓ କାର୍ଯକର୍ତ୍ତାଙ୍କୁ ସ୍ଥାନ ମିଳିଛି। ସେମାନଙ୍କ ମଧ୍ୟରେ ୮ ଜଣ ଜିଲ୍ଲା ଉପ ସଭାପତି, ୩ ଜଣ ସାଧାରଣ ସମ୍ପାଦକ, ୮ ଜଣ ସମ୍ପାଦକ ଓ ଜଣେ କୋଷାଧ୍ୟକ୍ଷ ରହିଛନ୍ତି। ଜିଲା ଉପସଭାପତି ଭାବେ ମୁକେଶ ଅଗ୍ରୱାଲ, ଜୟଶଙ୍କର ନାଏକ, ପଦ୍ମଲୋଚନ ମିଶ୍ର, ରୂପେଶ ଜୈନ, ସୁକାନ୍ତି ସା, ସନ୍ତୋଷୀ ଦାସ, ନିରୁପମା ନାଏକ, ନିରୁପମା ସାମଲ ପ୍ରମୁଖଙ୍କୁ ଦାୟିତ୍ୱ ମିଳିଛି। ସତ୍ୟରଞ୍ଜନ ବେହେରା, ଲୋକନାଥ ଦୁର୍ଗା, ହିମାଂଶୁ ପଣ୍ଡାଙ୍କୁ ଜିଲା ସାଧାରଣ ସମ୍ପାଦକ ଦାୟିତ୍ୱ ମିଳିଛି। ସେହିପରି ଜିଲ୍ଲା ସମ୍ପାଦକ ଭାବେ ସନ୍ତୋଷ ବିଶି, ଅଙ୍କୁର ହରପାଲ୍, ଘନଶ୍ୟାମ ଗହିର, ହେମନ୍ତ ମାଝୀ, ମମତା ପଣ୍ଡା, ବିଭୀଷଣ ସାହୁ, ରିନା ଭୋଇଙ୍କୁ ଦାୟିତ୍ୱ ମିଳିଛି। ପୂର୍ବରୁ ଜିଲ୍ଲା କୋଷାଧ୍ୟକ୍ଷ ରହିଥିବା ବରିଷ୍ଠ ନେତା ପ୍ରମୋଦ ଜୈନଙ୍କୁ ପୁନର୍ବାର କୋଷାଧ୍ୟକ୍ଷ ଦାୟିତ୍ୱ ମିଳିଛି।

# କଳାହାଣ୍ଡି ଉତ୍ସବ ପ୍ରସ୍ତୁତି ବୈଠକ

**ମ.ରାମପୁର, ୧୮ ।୧୨ (ସମିସ):** ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମ.ରାମପୁର ଏବିଡିଓ ଲକ୍ଷ୍ମଣ ପଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବ୍ଲକ ଏଇଇ ବଲବିନ୍ଦର୍ ସିଂ ଯାଦବ, କଳାହାଣ୍ଡି ଜିଲ୍ଲା ବିଜେପି ଉପସଭାପତି ପଦ୍ମଲୋଚନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ମ.ରାମପୁର ବ୍ଲକର ବିଭିନ୍ନ ବିଭାଗର କର୍ମଚାରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶ୍ୟାମସୁନ୍ଦର ନାଏକ ଗତବର୍ଷର ବିବରଣୀ ଉପସ୍ଥାପନା କରିବାପରେ ପ୍ରତିବିଷୟ ସମ୍ପର୍କରେ ଆଲୋଚନା ପରେ ଘୁମୁରା ଉତ୍ସବ ପାଳନ କମିଟି ଗଠନ କରାଯାଇ ସମସ୍ତ କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ସମ୍ପାଦନା କରିବାକୁ ନିଷ୍ପତ୍ତି ହୋଇଥିଲା। ଚଳିତ ବର୍ଷ ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ଜାନୁଆରୀ ୧୦ ତାରିଖରେ ଦୁର୍ଗାମାଧବ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ପାଳନ କରାଯିବା ନେଇ ସ୍ଥିର ହୋଇଥିଲା।ଆଲୋଚନାରେ ବିକାଶ ରଞ୍ଜନ ସିଂହ ଦେଓ, ବ୍ଲକ କଳାକାର ସଂଘ ଉପସଭାପତି ଶ୍ରୀପତି ପଟ୍ଟନାୟକ, କଣ୍ଠଶିଳ୍ପୀ ସନ୍ତୋଷ କୁମାର ଦୁବେ, ଓଡ଼ିଶା ସରପଞ୍ଚ ସଂଘ ସଭାପତି ରୋମାଞ୍ଚ ସାହୁ, ସାମ୍ବାଦିକ ପ୍ରଶାନ୍ତ ସାମନ୍ତରା, ଉଦ୍ଧବ ପଣ୍ଡା, ସଂଗଠକ ଭଗବାନ ଭୋଇ, ବ୍ଲକ ବିଜେଡି ସଭାପତି ସତ୍ୟ ନାରାୟଣ ସାହୁ, ଦେଡ଼ଶୁଳୀ ସମିତିସଭ୍ୟ ଯଜ୍ଞସେନ ପଣ୍ଡା, ଆଇନଜୀବୀ ରାକେଶ ଶତପଥୀ, ଭବାନୀ ଶଙ୍କର ସାହୁ, ପ୍ରଦୀପ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଏବିଡିଓ ଶ୍ରୀ ପଧାନ ଧନ୍ୟବାଦାର୍ପଣ କରିଥିଲେ।

# ୨୧ରେ ରାଜ୍ୟସ୍ତରୀୟ ଭଲିବଲ ପ୍ରତିଯୋଗିତା

**କେସିଙ୍ଗା, ୧୮ ।୧୨ (ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ଭଲିବଲ ଆସୋସିଏସନ୍ ପକ୍ଷରୁ ଦ୍ୱିତୀୟ ରାଜ୍ୟ ସ୍ତରୀୟ ଦିନିକିଆ ଭଲିବଲ ପ୍ରତିଯୋଗିତା ଚଳିତ ମାସ ୨୧ ତାରିଖ ଦିନ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରେ ଥିବା ପଡ଼ିଆରେ ଅନୁଷ୍ଠିତ ହେବ ବୋଲି ଆସୋସିଏସନ୍ ପକ୍ଷରୁ କୁହାଯାଇଛି। ଚଳିତ ବର୍ଷ ଓଡ଼ିଶା ସମେତ ପଡୋଶୀ ଛତିଶଗଡ଼ ରାଜ୍ୟର ବଛା ବଛା ୬ ଟି ଟିମ କୁ ନେଇ ଅନୁଷ୍ଠିତ ହେବାକୁ ଥିବା ଉକ୍ତ ପ୍ରତିଯୋଗିତାର ବିଜେତା ଦଳକୁ ଟ୍ରଫି ସହିତ ନଗଦ ୨୦ ହଜାର ଟଙ୍କା ଓ ଉପବିଜେତା ଦଳକୁ ଟ୍ରଫି ସହିତ ନଗଦ ୧୫ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି କମିଟି ପକ୍ଷରୁ କୁହାଯାଇଛି।

# ଚନ୍ଦନ ମେହେର ମେମୋରିଆଲ କ୍ରିକେଟ ଉଦ୍‌ଘାଟିତ



**ସିନାପାଲି, ୧୮ ।୧୨ (ସମିସ):** ସିନାପାଲି କଲେଜ ନିକଟ ଧାନମଣ୍ଡି ପଡ଼ିଆରେ ଚନ୍ଦନ ମେହେର ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି। ସ୍ଥାନୀୟ ଉଦନ୍ତୀ ୟୁଥ୍ କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ସମାରୋହରେ ବରିଷ୍ଠ ଆଇନଜୀବୀ ବୈଶମ୍ପାୟନ ମେହେର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ସିନାପାଲି ବ୍ଲକ ଅଧ୍ୟକ୍ଷ ନୀଳମଣି ମେହେର, ତୁଳସୀରାମ ମେହେର, ଅଧ୍ୟାପକ କ୍ଷେତ୍ରମୋହନ ଦୁରିଆ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ପ୍ରିୟରଞ୍ଜନ ମେହେର, ବରିଷ୍ଠ ସାମ୍ବାଦିକ ଅଜିତ ଯୋଶୀ, ଉଦନ୍ତୀ ୟୁଥ୍ କ୍ଲବ୍ ସଭାପତି ସୁରଜ୍ ମେହେର, ତ୍ରିନାଥ ମେହେର ପ୍ରମୁଖ ମଞ୍ଚାସୀନ ଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ଯୁଗେନପଦର୍ ଓ କଲେଜ ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କଲେଜ ଏକାଦଶ ବିଜୟ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍ ରାମଛକ ଓ କାପଶି ଫାଇଭ ଷ୍ଟାର ମଧ୍ୟରେ ହୋଇଥିଲା। ତୃତୀୟ ମ୍ୟାଚ୍ ବିବେକାନନ୍ଦ ବାହାଲପଡ଼ା ଓ କରମାଦେବୀ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କାପସି ଫାଇଭ ଷ୍ଟାର ଓ ବିବେକାନନ୍ଦ ବାହାଲପଡ଼ା ବିଜୟ ହୋଇଥିଲା। ସେହିପରି ଚତୁର୍ଥ ମ୍ୟାଚ୍ ସିନାପାଲି ପ୍ରେସ୍ କ୍ଲବ୍ ଓ ସିନାପାଲି ସିନିୟର୍ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥଲା। ପ୍ରେସ୍ କ୍ଲବ୍ ବିଜୟ ହାସଲ କରିଥିଲା। ସିନାପାଲି ସିନିୟର ଦଳ କ୍ୟାପଟେନ ରଜନୀ ମାଝୀଙ୍କ ନେତୃତ୍ୱରେ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୫ ୱିକେଟ ବିନିମୟରେ ୪୭ରନ୍ ସଂଗ୍ରହ କରିଥିଲା। ଜବାବରେ ସିନାପାଲି ପ୍ରେସ୍ କ୍ଲବ୍ କ୍ୟାପଟେନ ସନ୍ତୋଷ ବାଗଙ୍କ ନେତୃତ୍ୱରେ ୭.୨ ଓଭରରେ ଦୁଇ ୱିକେଟ ବିନିମୟରେ ୪୮ ରନ୍ ସଂଗ୍ରହ କରି ବିଜୟ ଘୋଷିତ ହୋଇଥିଲା। ଏହି ଟୁର୍ଣ୍ଣାମଣ୍ଟରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିଛନ୍ତି। ୨୦ ତାରିଖରେ ଏହା ଉଦ୍‌ଯାପିତ ହେବ।

**ଆନ୍ତଃରାଜ୍ୟ ବୁଢ଼ାରଜା କ୍ରିକେଟ କପ୍ ସିଜନ୍-୭**

# ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ସୁନ୍ଦରଗଡ଼ ବିଜୟୀ

**ସିନାପାଲି, ୧୮ ।୧୨(ସମିସ)**

ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ସିଙ୍ଗଝର ସ୍ଥିତ ବୁଢ଼ାରଜା କ୍ରିକେଟ ପଡ଼ିଆ ରେ ଆୟୋଜିତ ହେଉଥିବା ବୁଢ଼ାରଜା କ୍ରିକେଟ ଟୁର୍ଣାମେଣ୍ଟ ସିଜନ-୭ର ଦ୍ୱିତୀୟ କ୍ୱାଟର ଫାଇନାଲ ମ୍ୟାଚ୍‌ରେ ଟିଟଲାଗଡ଼ ଏକାଦଶକୁ ହରାଇ ସୁନ୍ଦରଗଡ଼ ଏକାଦଶ ବିଜୟୀ ହୋଇଛି। ଆଜିର ମ୍ୟାଚ୍‌ରେ ଟିଟଲାଗଡ଼ ଏକାଦଶ ଟସ ଜିଣି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇ ସୁନ୍ଦରଗଡ଼ ଏକାଦଶକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ନିର୍ଦ୍ଧାରିତ ୨୦ ଓଭର ରେ ୬ ୱିକେଟ ବିନିମୟ ରେ ୨୪୩ ରନ ସଂଗ୍ରହ କରିଥିଲା। ଏହାର ଜବାବ ରେ ଟିଟଲାଗଡ଼ ଏକାଦଶ ୨୦ ଓଭର ରେ ୯ ୱିକେଟ ହରାଇ ୧୯୫ ରନ ସଂଗ୍ରହ କରି ପରାଜୟ ବରଣ କରିଥିଲା। ଆଜିର ମ୍ୟାଚରେ ମ୍ୟାନ ଅଫ ଦି ମ୍ୟାଚ୍ ଭାବରେ ଟିଟଲାଗଡ଼ ଏକାଦଶର ଦେବା ଦେବ




୫୬ ବଲରେ ୧୧୮ ରନ ସଂଗ୍ରହ କରି ମ୍ୟାନ୍ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଆଜିର ମୁଖ୍ୟ ଅତିଥି ଭାବରେ ୧୩ ନମ୍ବର ଯୋନ ଜିଲ୍ଲାପରିଷଦ ସଦସ୍ୟ ଯାଜ୍ଞସେନି କଟା ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବରେ ମଖାପଦର ସମିତି ସଭ୍ୟ ସୁରେନ୍ଦ୍ର ମଙ୍ଗରାଜ ଯୋଗଦାନ କରି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଅମ୍ପାୟାର ଭାବରେ ସଞ୍ଜୟ ବୈଠାରୁ, ପୟୋଜ କଶ୍ୟପ ରହିଥିବା ବେଳେ ମ୍ୟାଚ୍ ରେଫରି ଭାବରେ ଗଗନ ବିହାରୀ ନାଏକ କାଯର୍ଯ ତୁଲାଇ ଥିବା ବେଳେ ଉଦଘୋଶକ ଭାବରେ ପ୍ରକାଶ ପାତ୍ର, ନରେନ୍ଦ୍ର ନାଏକ, ଭିମରାଜ ତାଣ୍ଡି ପ୍ରମୁଖ ରହିଥଲେ। ସେହିପରି ସ୍କୋରର ଭାବରେ ଶାନ୍ତନୁ ବୈଠାରୁ, ଆକାଶ ବୈଠାରୁ, ପ୍ରଦୀପ ନାୟକ, ପ୍ରକାଶ ମାଝି ରହିଥିଲେ।




ଭତ୍ତା ଦେଉଛି ଯନ୍ତ୍ରଣା

# ଜମାଖାତାରୁ ଉଠାଣ ପାଇଁ ହଟହଟା ବୃଦ୍ଧା



**ଧର୍ମଗଡ଼, ୧୮ ।୧୨ (ସମିସ):** ସରକାର ଅନେକ ହିତାଧିକାରୀଙ୍କ ବାର୍ଦ୍ଧକ୍ୟ ଭତ୍ତା ସିଧାସଳଖ ବ୍ୟାଙ୍କଜମା ଖାତା ରେ ଦେଉଛନ୍ତି। ଯାହା ଅନେକ ହିତାଧିକାରୀଙ୍କ କ୍ଷେତ୍ରରେ ବ୍ୟାଙ୍କକୁ ଯାଇ ଟଙ୍କା ଉଠାଇବାରେ ସକ୍ଷମ ହୋଇ ପାରୁନାହାନ୍ତି। ବୟସ ଅପରାହ୍ନ ବେଳକୁ ଅନେକ ହିତାଧିକାରୀ ଅନେକ ଅସୁବିଧା ଦେଇ ଯାଉଥିବା ଦେଖିବାକୁ ମିଳୁଛି। ଏଭଳି ଧର୍ମଗଡ଼ ବ୍ଲକ ଜୟନ୍ତପୁର ପଞ୍ଚାୟତ ରଇନଗୁଡା ଗ୍ରାମର ହିତାଧିକାରୀ ବୃଦ୍ଧା ନିଲେ ଦେଇ (୭୪) ନାହିଁ ନ ଥିବା ଅସୁବିଧା ଭିତରେ ଭତ୍ତା ଖଣ୍ଡକ ପାଇଁ ଦୀର୍ଘ ୨କିମି ଗୁରୁଣ୍ଡି ଗୁରୁଣ୍ଡି ଯାଉଥିବା ଅଭିଯୋଗ ହୋଇଛି। ବର୍ତ୍ତମାନ ବୟସର ଆବଦ୍ଧ ଯୋଗୁଁ ସନ୍ତୁଳନ ହରାଉଥିବା ବେଳେ ବହୁ କଷ୍ଟରେ ଭତ୍ତା ପାଇଁ ଜୟନ୍ତପୁର କିମ୍ବା ବେହେରା ଯାଇ ବ୍ୟାଙ୍କରୁ ଉଠାଉ ଥିବା ପ୍ରକାଶ କରନ୍ତି। ଏପରିକି ନିଜ ଦୁଃଖ ବିଡିଓ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ବାରମ୍ବାର ଜଣାଇ ନିଜ ହାତରେ ବାର୍ଦ୍ଧକ୍ୟ ଭତ୍ତା ଦେବାକୁ ଅନୁରୋଧ କରିଥିଲେ ହେଁ କୌଣସି ପଦକ୍ଷେପ ନେଇ ନ ଥିବା ଅଭିଯୋଗ ହୁଏ। ଏଭଳି ଦୁର୍ବଳ ହିତାଧିକାରୀଙ୍କ ଘରକୁ ସେବା ଯୋଗାଇ ଦେବା ବ୍ୟବସ୍ଥା ଥିଲେ ହିଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ କିମ୍ବା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ନ ଥିବା କ୍ଷୁବ୍ଧ ପ୍ରକାଶ କରନ୍ତି। ତୁରନ୍ତ ନିଲେ ଦେଇଙ୍କୁ ଘରେ ସେବା ଯୋଗାଇ ଦେବାକୁ ଦାବି ହେଉଛି। ଏନେଇ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଯୋଗାଯୋଗ କରିଥିଲେ ହିଁ ସମ୍ଭବ ହୋଇ ନ ଥିଲା।

ଲଖନାପଡ଼ା ପ୍ରାଥମିକ ବିଦ୍ୟାଳୟ

# ମଧ୍ୟାହ୍ନ ଭୋଜନ ପରେ ସ୍କୁଲ ବନ୍ଦ

**ଜୁନାଗଡ଼, ୧୮ ।୧୨(ସମିସ)**

କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ବୁଡିଦର ପଞ୍ଚାୟତ ବଣପାହାଡଘେରା ଲଖନାପଡ଼ାଗ୍ରାମର ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାବ୍ୟବସ୍ଥାର ବିକଳଚିତ୍ର ସାମ୍ନାକୁ ଆସିଛି।ଏହି ବିଦ୍ୟାଳୟ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୨୨ଜଣ ଛାତ୍ରଛାତ୍ରୀ ପଢୁଥିବା ବେଳେ ଜଣେ ମାତ୍ର ଶିକ୍ଷକ ଅଛନ୍ତି। ସ୍କୁଲରେ ଦୁଇଟି ବିଦ୍ୟାଳୟ କୋଠରୀ ରହିଛି। ଗୋଟିଏ କୋଠରୀରେ ପାଠପଢ଼ା ଯାଉ ଥିବା ବେଳେ ଅନ୍ୟ ଏକ କୋଠରିରେ ମଧ୍ୟାହ୍ନ ଭୋଜନ ରୋଷେଇ ପାଇଁ ବ୍ୟବହୃତ ହେଉଛି। ସ୍କୁଲର ଜଣେ ମାତ୍ର ଶିକ୍ଷକ ବିଶିକେସନ ନାଏକ ଅଛନ୍ତି। ମଧ୍ୟାହ୍ନ ଭୋଜନ ସାରିବା ପରେ ଶିକ୍ଷକ ସ୍କୁଲ ବନ୍ଦ କରି ଦେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସରକାର ହଜାର ହଜାର ଟଙ୍କା ଦରମା ଦେଇ ଶିକ୍ଷକମାନଙ୍କୁ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ପଢେଇବା ପାଇଁ ନିୟୋଜିତ କରୁଛନ୍ତି। କିନ୍ତୁ ସରକାରଙ୍କ ବ୍ୟବସ୍ଥା ଠିକ୍ ଭାବେ ଶିକ୍ଷକମାନେ କାର୍ଯ୍ୟକାରି ନ କରିବା ଏବଂ ଠିକ୍ ଭାବେ ପାଠ ନ ପଢ଼ାଇ ହେତୁ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଆଶଙ୍କା ଦେଖାଦେଇଛି। ଆଜି ବୁଡିଦର ପଞ୍ଚାୟତର ଲଖନାପଡ଼ା ଗ୍ରାମର ପ୍ରାଥମିକ ବିଦ୍ୟାଳୟକୁ ଖବର ସଂଗ୍ରହ ପାଇଁ ଯାଇଥିବା ବେଳେ ଶିକ୍ଷକ ବିଶି କେଶନ ନାଇକ ସ୍କୁଲ ପରିସରରେ



ଗାଢ ନିଦରେ ଶୋଇଥିବା ବେଳେ ଛାତ୍ରଛାତ୍ରୀ ବାହାରେ ବୁଲୁଥିବା ଦେଖିବାକୁ ମିଳିଥିଲା। ଶିକ୍ଷକଙ୍କୁ ସ୍କୁଲ ସମୟରେ କାହିକି ଶୋଇଛନ୍ତି ପଚାରିବାରୁ ସେ ବିଇଓଙ୍କୁ ପଚାର ବୋଲି କହିଥିଲେ। ଗ୍ରାମବାସୀ ବାରମ୍ବାର ଶିକ୍ଷକ ପଦବୀ ପାଇଁ ଅଭିଯୋଗ କରିଥିଲେ ସୁଧା ବିଇଓ ତପନ ମାଝୀ କାହିଁକି ନିରବ ରହିଛନ୍ତି ପ୍ରଶ୍ନବାଚୀ ସୃଷ୍ଟି କରିଛି।ଏନେଇ ଜୁନାଗଡ଼ ବିଇଓ ତପନ ମାଝୀଙ୍କୁ ପଚାରିବାରୁ ଘଟଣା ଉପରେ ତଦନ୍ତ କରି ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଥିଲେ।

# କଲେଜ ପରିସରରେ ପୁଷ୍ଟି ଶସ୍ୟ ଖାଦ୍ୟ ମେଳା

**କୋମନା, ୧୮ ।୧୨ (ସମିସ):** ନୂଆପଡ଼ା ଜିଲ୍ଲା କୋମନାସ୍ଥିତ ପଞ୍ଚାୟତ ସମିତି କଲେଜରେ ଶ୍ରୀଅନ୍ନ ଅଭିଯାନ କାର୍ଯ୍ୟକ୍ରମ ସ୍ୱେଚ୍ଛାସେବୀ ସଂଗଠନ ସିପିଏସଡବ୍ଲୁ, କେନ୍ଦୁଭଟାଙ୍କ ତତ୍ତ୍ୱାବଧାନରେ ପୁଷ୍ଟି ଶସ୍ୟ ଖାଦ୍ୟ ମେଳା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବରେ ଜିଲ୍ଲା କୃଷି ଅଧିକାରୀ ପ୍ରଦୀପ କୁମାର ନାଏକ ମେଳାକୁ ଉଦ୍‌ଘାଟନ କରିଥିଲେ। ଉକ୍ତ ପୁଷ୍ଟି ଶସ୍ୟ ମେଳାରେରେ ଉପକୃଷି ଅଧିକାରୀ ଏସ.ରାୟ, ଜୟଦେବ ପ୍ରଧାନ ବ୍ଲକ ଉପାଧ୍ୟକ୍ଷ, ସ୍ୱେଚ୍ଛା ସେବୀ ସଂଗଠନ ସିପିଏସ ଦବ୍ଲୁ କେନ୍ଦୁଭଟାର କାର୍ଯ୍ୟକାରୀ ସମ୍ପାଦକ ବିରଞ୍ଚି ନାରାୟଣ ମହାପାତ୍ର, କଲେଜ ଅଧ୍ୟକ୍ଷ ଦୀପକ ଦାସ, ନୂଆପଡ଼ା ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ଘନଶ୍ୟାମ ଭୋଇ, ବରିଷ୍ଠ ସାମ୍ବାଦିକ ମାୟାଧର ସରାଫ, କଲେଜର ସମସ୍ତ ଅଧ୍ୟାପକ, ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ କଲେଜର ଦୁଇ ସହ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।ମୁଖ୍ୟଅତିଥି ଉଦ୍‌ବୋଧନ ଦେଇ ମାଣ୍ଡିଆ ଖାଇବା ଓ ଅନ୍ୟାନ୍ୟ ମିଲେଟ୍ ଜାତୀୟ ଖାଦ୍ୟ ଖାଇବା ଦ୍ୱାରା ଶରୀର ସୁସ୍ଥ ରହେ। ମିଲେଟ ଚାଷ ଦ୍ୱାରା ପରିବେଶର ସନ୍ତୁଳନ ରହି ଥାଏ ବୋଲି କହିଥିଲେ।ମିଲେଟର ବିଭିନ୍ନ ଖାଦ୍ୟ ଖାଇବା ଦ୍ୱାରା ଶରୀରକୁ ମିଳୁଥିବା ଭିଟାମିନ ବିଷୟରେ କଲେଜ ଅଧ୍ୟକ୍ଷ ଶ୍ରୀ ଦାସ ବୁଝାଇଥିଲେ। ଅନ୍ୟାନ୍ୟ ଅତିଥି ମାନେ ପରିବେଶ ସନ୍ତୁଳନ ତଥା ନିରୋଗ ଜୀବନ ଯାପନ ପାଇଁ ପୁଣି ମିଲେଟ ଖାଦ୍ୟ ଓ ଚାଷକୁ ଗୁରୁତ୍ୱ ଦେବା ପାଇଁ ଉପଦେଶ ଦେଇଥିଲେ। କାର୍ଯ୍ୟକ୍ରମକୁ ଶ୍ରୀଅନ୍ନ ଅଭିଯାନ ଓ ସ୍ୱେଚ୍ଛାସେବୀ ସଂଗଠନ ସିପିଏସ ଡବ୍ଲୁ କେନ୍ଦୁ ଭଟାର ବ୍ଲକ ସଂଯୋଜକ ଉଦେମଣି ନିଆଲ, ଗୌତମ ଦୂରିଆ, କୁବେର ପ୍ରଧାନ, ଦିବାକର ଠେଲା, ଉଦ୍ଧବ ଦଳ, ଖେମ୍ ସାଗର ଗହିର, ରିଲୁ ବାରିକ, ସୁଭାସିସ ବାରିକ ପ୍ରମୁଖ ସହଯୋଗ କରିଥିଲେ।



# ଜବାହର ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ



**କୋକସରା, ୧୮ ।୧୨(ସମିସ):** କୋକସରା ବ୍ଲକ ସଦର ମହକୁମାସ୍ଥିତ ଜବାହର ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଧୀର କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏଡିଓ ହେମ ସାଗର ମହାନନ୍ଦ ମୁଖ୍ୟବକ୍ତା, ବିଡିଓ ଡ଼. ହିମାଚଳ ମାଝୀ, ବିଇଓ ମହେଶ କୁମାର ଭାଟି, କୋକସରା ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀ, ଡିପିଇଓ ରୂପସିଂ ରାଉତ, ପୁରାତନ ଛାତ୍ର ପୁରୁଷୋତ୍ତମ ଗୁପ୍ତା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେକ୍ଷ କ୍ରୀଡା ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ସୀମାରାଣୀ ସିଂ ଓ ଶିକ୍ଷକ ହେମନ୍ତ କୁମାର ମାଝୀ ପରିଚାଳନା କରିଥିଲେ। ଖେଳ ଶିକ୍ଷକ ଅମିତ କୁମାର ମହାନ୍ତି, ବନିତା ରାଣୀ ଦତ୍ତ, ଦେବାଶିଷ ସାହୁ, ସୁନୀଲ ବିଶୋଇ, ଟଙ୍କଧର ଶବର, ଶିକ୍ଷୟିତ୍ରୀ ରଶ୍ମିତା ନିଆଲ କର୍ମଚାରୀ ସୁଶାନ୍ତ ମହାପାତ୍ର, ଅଶ୍ୱିନ କୁମାର ପଟ୍ଟନାୟକ, କାମାକ୍ଷ ନାଏକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।ଖେଳ ଶିକ୍ଷକ ଅମିତ କୁମାର ମହାନ୍ତି ଖେଳକୁ ପରିଚାଳନା କରିଥିଲେ।

# ଘର ଆଗରୁ ବାଇକ୍ ନେଇଗଲେ

**ତରଭା, ୧୮ ।୧୨(ସମିସ):** ତରଭା ସହରର ୩ ନମ୍ବର ୱାର୍ଡ ନୂଆପଡ଼ା ବାସିନ୍ଦା ସୁରେନ୍ଦ୍ର ମେହେରଙ୍କ ଘର ଆଗରୁ ତାଙ୍କ ବାଇକ୍ (ଓଡି ୩୧ ଜି ୮୭୩୩) ଗୁରୁବାର ଚୋରି ହୋଇଯାଇଛି। ମଧ୍ୟାହ୍ନ ୨ଟା ସମୟରେ ଦେଖିଲା ବେଳେ ବାଇକ୍ ନ ଥିଲା। ତେବେ ସିସି ଟିଭି କ୍ୟାମେରାରେ ଜଣେ ଯୁବକ ବାଇକ୍ ଚଳାଇ ଯାଉଥିବା ଦେଖା ଯାଉଥିଲେ ହେଁ ଚେହେରା ଅସ୍ପଷ୍ଟ ଦେଖାଯାଉଛି। ନୂଆପଡ଼ା ରାସ୍ତା ଭଳି ଏକ ବ୍ୟସ୍ତ ବହୁଳ ରାସ୍ତାରୁ ଦିନ ଦ୍ୱିପ୍ରହରରେ ବାଇକ୍ ଚୋରି ପୁଲିସ ପାଇଁ ଚ୍ୟାଲେଞ୍ଜ ହୋଇଛି।

# ଫେବୃୟାରୀ ୪ରୁ ଖଡ଼ିଆଳ ମହୋତ୍ସବ

**ଖଡ଼ିଆଳ, ୧୮ ।୧୨(ସମିସ):** ଫେବୃୟାରୀ ୪ତାରିଖଠାରୁ ବହୁ ପ୍ରତିକ୍ଷୀତ ଖଡ଼ିଆଳ ମହୋତ୍ସବ ଆରମ୍ଭ ହେବ। ଏହା ୫ ଦିନ ବ୍ୟାପି ହେବ ବୋଲି କମିଟି ତରଫରୁ କୁହାଯାଇଛି। ସ୍ଥାନୀୟ ହାଇସ୍କୁଲ ପଡ଼ିଆରେ ହେବାକୁ ଥିବା ୨୨ତମ ଖଡିଆଳ ହୋତ୍ସବ ପାଇଁ ସବୁ ପ୍ରକାର ପ୍ରସ୍ତୁତି ଆରମ୍ଭ ହୋଇଥିବା କମିଟିର ସଭାପତି ତଥା ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଓ ସମ୍ପାଦକ ପୃଥ୍ୱୀରାଜ ମହାନ୍ତି ସୂଚନା ଦେଇଛନ୍ତି।

# ପଦ୍ମଲୋଚନ ମିଶ୍ର ଜିଲ୍ଲା ବିଜେପି ଉପ ସଭାପତି

**ମ.ରାମପୁର, ୧୮ ।୧୨ (ସମିସ):** କଳାହାଣ୍ଡି ଜିଲ୍ଲା ମରାମପୁରର ବିଜେପି କର୍ମୀ ପଦ୍ମଲୋଚନ ମିଶ୍ରଙ୍କୁ ଜିଲ୍ଲା ଉପସଭାପତି ଭାବରେ ମନୋନୀତ କରାଯାଇଛିଙ୍ଗ ଶ୍ରୀ ମିଶ୍ର ପୂର୍ବରୁ ଦଳରେ ଜିଲ୍ଲା କାର୍ଯ୍ୟ କାରିଣୀ ସଦସ୍ୟ, ମଣ୍ଡଳ ପ୍ରଭାରୀ ଭାବେ ନିଜର ଦାୟିତ୍ୱ ନିର୍ବାହ କରୁଥିଲେ। ମ.ରାମପୁର ମଣ୍ଡଳ ସଭାପତି ଯଜ୍ଞ ସେନ ପଣ୍ଡା, ମୋହନ ଗିରି ମଣ୍ଡଳ ସଭାପତି ଖ୍ରୀଷ୍ଟ ଦତ୍ତ ରାଉତଙ୍କ ସମେତ ଅନ୍ୟ କର୍ମୀମାନେ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

ଜୟ ପ୍ରକାଶ ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟ

# ଆତ୍ମନିର୍ଭର ଭାରତ ସଂକଳ୍ପ ପାଠ



**ଭବାନୀପାଟଣା, ୧୮ ।୧୨(ସମିସ):** ସ୍ଥାନୀୟ ଜୟ ପ୍ରକାଶ ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟ ଭବାନୀପାଟଣାରେ ଆ।। ନିର୍ଭର ଭାରତ ସ୍ୱଦେଶୀ ଯାତ୍ରା ଓ?ଶା ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ଦ୍ୱାରା ପ୍ରେରିତ କାର୍ଯ୍ୟକ୍ରମ ଡିସେମ୍ବର ୧୫ରୁ୧୭ ତାରିଖ ମଧ୍ୟରେ ଅନୁଷ୍ଠିତ ହୋଇଛି।କାର୍ଯ୍ୟକ୍ରମରେ ଯୁବକମାନଙ୍କୁ ଆତ୍ମନିର୍ଭର ଭାରତ ସ୍ୱଦେଶୀ ଯାତ୍ରାର ଆଭିମୁଖ୍ୟ ବିଷୟରେ ସଚେତନ କରାଯିବା ସହ ବିକଶିତ ଭାରତ ପଥରେ ଏହାର ଆବଶ୍ୟକତା ରହିଛି ବୋଲି ମହାବିଦ୍ୟାଳୟର ଅଧ୍ୟକ୍ଷ ପରମେଶ୍ୱର ମୁଣ୍ଡ ମତବ୍ୟକ୍ତ କରିଛନ୍ତି। ସ୍ୱଦେଶୀ ଦ୍ରବ୍ୟର ବହୁଳ ବ୍ୟବହାର ଏବଂ ପାରମ୍ପରିକ ସାମଗ୍ରୀର ପୁନଃ ବ୍ୟବହାର ସଂରକ୍ଷଣକୁ ଅତ୍ୟଧିକ ଗୁରୁତ୍ୱ ଦିଆଯାଇଛି। ସଚେତନତା ବାର୍ତ୍ତାରେ ଆତ୍ତ ନିର୍ଭର ଭାରତ ସଂକଳ୍ପ ପତ୍ର ପାଠ କରାଯିବା ସହ ସେମାନଙ୍କ ମଧ୍ୟରେ ଦକ୍ଷତା ବୃଦ୍ଧି ପାଇଁ ଏକ ରିଲ୍ସ ନିର୍ମାଣ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଅଧ୍ୟାପକ ପ୍ରତାପ ଚନ୍ଦ୍ର ଦାଶ, ଶୁଭେନ୍ଦୁ କୁମାର ପାଢ଼ୀ, ସୁଶାନ୍ତ କୁମାର ଦାଶ ପ୍ରମୁଖ ଏହାର ପରିଚାଳନା କରିଥିଲେ। ଏଥିରେ ମୋଟ ୧୧୫ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

# ଡମ କର୍ଲାଖୁଣ୍ଟା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ମ.ରାମପୁର, ୧୮ ।୧୨ (ସମିସ):** କଳାହାଣ୍ଡି ଜିଲ୍ଲା ମ.ରାମପୁର ବ୍ଲକ ଡମ କର୍ଲାଖୁଣ୍ଟା ସରକାରୀ ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ ଗୁରୁବାର ଦିନ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୂର୍ଯ୍ୟକାନ୍ତ ସାହୁଙ୍କ ସଭାପତିତ୍ୱରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ପ୍ରଥମେ ମହାପ୍ରଭୁଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ ସଭାକାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ନୃତ୍ୟ ମାଧ୍ୟମରେ ସ୍ୱାଗତ କରାଯାଇଥିଲା। ବିଦ୍ୟାଳୟ ବାର୍ଷିକ କ୍ରୀଡାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ଯାଜ୍ଞସେନୀ ବାଗ, ମହନ୍ତର ପ୍ରଧାନ, କନକଲତା ଦାସ, ଜଗନ୍ନାଥ ପ୍ରଧାନ, ମମିତା ଶବର, ସୌମ୍ୟ ରଞ୍ଜନ ବାରିକ, ଉପେନ୍ଦ୍ର ସା, ରାଜୀବ ପୁଝାରୀ, ସନ୍ତୋଷିନି ନାଗ, ଶ୍ରୀକାନ୍ତ ପ୍ରଧାନ, ସଲୀନା ଗଡ଼ନାୟକ ସହକାରୀ ଶିକ୍ଷକ ଓ ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



# ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ

**ଧର୍ମଗଡ଼/ଗୋଲାମୁଣ୍ଡା, ୧୮ ।୧୨ (ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ବଡ଼ଚେରଗାଁ ପବ୍ଲିକ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଜୟ କୁମାର ନାଗଙ୍କ ସଭାପତିତ୍ୱ ରେ ମୁଖ୍ୟଅତିଥି ଭାବରେ ଗୋଲାମୁଣ୍ଡା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ଲିନା ଦାସ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଅବସରପ୍ରାପ୍ତ ଖେଳ ଶିକ୍ଷକ ଅଶୋକ କୁମାର ଭୋଇ, ସ୍ଥାନୀୟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସତ୍ୟ ନାରାୟଣ ନାଏକ ଗୋକୁଳ ଚନ୍ଦ୍ର ପ୍ରଧାନ, ମକର ମାଝୀସମେତ ଅନ୍ୟାନ୍ୟ ଅତିଥି ମଞ୍ଚାସିନ ହୋଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ସରୋଜ ସୁନା ପରିଚାଳନା କରିଥିବା ବେଳେ ଶିକ୍ଷକ ବେଦବ୍ୟାସ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।



# କୁଲିଆବନ୍ଧା ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



**ନୂଆପଡ଼ା, ୧୮ ।୧୨ (ସମିସ):** ନୂଆପଡ଼ାସଦର ବ୍ଲକ କୁଲିଆବନ୍ଧା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ କିଶୋର କୁମାର ପରିଡ଼ାଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଜନମଙ୍ଗଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ନରେଶ ଚନ୍ଦ୍ରକାର ମୁଖ୍ୟଅତିଥି ଭାବରେ ପତାକା ଦେଖାଇ ପ୍ରତିଯୋଗିତା ଆରମ୍ଭ କରିବାକୁ ସଂକେତ ଦେଇଥିଲେ। ଏହି ଅବସରରେ ବିଭିନ୍ନ ବିଭାଗରେ ପ୍ରତିଯୋଗିତା ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ କୁଲିଆବନ୍ଧା ସରପଞ୍ଚ ସଂତ୍ ରାମ ପାଣ୍ଡେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଗ୍ରାମର ବରିଷ୍ଠ ନାଗରିକ ହୀରାଲାଲ ପଟେଲ, ଲୋହିତ ଶବର, ବିଶେଶ୍ୱର ବେମାଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଜନମଙ୍ଗଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପୂର୍ବତମ ଖେଳ ଶିକ୍ଷକ ଅର୍ଜୁନ ମାଝି କ୍ରୀଡ଼ା ପ୍ରତିଯୋଗିତା ପରିଚାଳନା କରିଥିଲେ। ବିଦ୍ୟାଳୟର ଶିକ୍ଷକ ନାନ୍ତା ମାଝୀ, ରବି ଶଙ୍କର ଭୋଇ, ହୃଷିକେଶ ସାହୁ, ପଦନ କୁମାର ସିଂହ, ମନୋଜ କୁମାର ବରିହା, ପବିତ୍ର କୁମାର୍ ଦେଓ ଓ ସମୀର କୁମାର ବେହେରା ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଶିକ୍ଷକ ରବି ଶଙ୍କର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକାଙ୍କ କଳାହାଣ୍ଡି ଗସ୍ତ

# କ୍ଷେତ୍ର ପରିଦର୍ଶନ ଓ ବିଭିନ୍ନ ଯୋଜନାର ସମୀକ୍ଷା

**ଭବାନୀପାଟଣା, ୧୮ ।୧୨(ସମିସ)**

ରାଜ୍ୟ ସରକାରଙ୍କ ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଓଡ଼ିଶା ସରକାର ତଥା ରାଜ୍ୟ ପ୍ରଭାରୀ ଅଧିକାରିଣୀ ଡ଼.ବୃନ୍ଦା. ଡିଙ୍କ ଦୁଇ ଦିନିଆ କଳାହାଣ୍ଡି ଜିଲ୍ଲା ଗସ୍ତରେ ଆସି ଲାଞ୍ଜିଗଡ଼ ବ୍ଲକ ର ଗୁଣ୍ଡୁରୀସ୍ଥିତ ସ୍ୱାସ୍ଥ୍ୟକେନ୍ଦ୍ର, ଉପର ନଙ୍ଗଳବାହାଲୀସ୍ଥିତ ବିକାଶନଗର, କୁମୁଡାପଦର ଗ୍ରାମର କାଜୁ ଉଦ୍ୟାନ, ବିଶ୍ୱନାଥପୁରରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ।ଗୁଣ୍ଡୁରୀସ୍ଥିତ ସ୍ୱାସ୍ଥ୍ୟକେନ୍ଦ୍ରରେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ସହିତ ସ୍ୱାସ୍ଥ୍ୟ ସମସ୍ୟା ଉପରେ ବୁଝିଥିଲେ। ଗର୍ଭଧାରଣ ମାଆ ମାନଙ୍କର ପ୍ରସବ ଯତ୍ନ ପଞ୍ଜୀକରଣ ଠିକ ସମୟରେ କରିବା, ଗର୍ଭଧାରଣ ମା'ମାନଙ୍କର ରକ୍ତ ପରୀକ୍ଷା, ରୋଗୀଙ୍କୁ ଉଚିତ ସମୟରେ ବଟିକା ଓ ଟୀକା ପ୍ରଦାନ କରିବା, ଡାକ୍ତରଖାନାରେ ଗର୍ଭବତୀ ମା'ମାନଙ୍କର ପ୍ରସବ କରାଇବା, କମ ଓଜନ ଥିବା ଶିଶୁ ଉପରେ ଧ୍ୟାନ ଦେବା, ଶିଶୁମାନଙ୍କର ସମ୍ପୂର୍ଣ୍ଣ ଟୀକାକରଣ, ଯକ୍ଷ୍ମାରୋଗୀ ଚିହ୍ନଟ କରିବା ଉପରେ ଆଲୋଚନା କରିଥି। ଲାଞ୍ଜି ପଞ୍ଚାୟତର ବିକାଶନଗରରେ ମା'ମାନଙ୍କ ସୁବିଧା ଓ ଅସୁବିଧା ପଚାରି ବୁଝିଥିଲେ। ସେହିପରି କୁମୁଡାପଦରର କାଜୁ ଉଦ୍ୟାନ, ବିଶ୍ୱନାଥପୁରରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରିଥିଲେ।ସେଠାରେ ସ୍ୱାସ୍ଥ୍ୟ ଅଧିକାରୀ, କର୍ମଚାରୀ ଓ ରୋଗୀଙ୍କ ସହିତ ବାର୍ତ୍ତାଳାପ କରିଥିଲେ ଏବଂ ସ୍ୱାସ୍ଥ୍ୟ କେନ୍ଦ୍ର ସମସ୍ୟା ମାନ ବୁଝି ଥିଲେ। ପରିଦର୍ଶନ ସମାପ୍ତ କରି ଜିଲ୍ଲାପାଳଙ୍କ ସଦଭାବନା ସଭାଗୃହରେ ଆୟୋଜିତ ଆକାଂକ୍ଷା ଜିଲ୍ଲା କାର୍ଯ୍ୟକ୍ରମ, ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମର ବିଭିନ୍ନ ସୁଚକାଙ୍କ ଉପରେ ଆଲୋଚନା କରିଥିଲେ। ସମୀକ୍ଷା ବୈଠକରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ, ଉପ ଜିଲ୍ଲାପାଳ ଧର୍ମଗଡ଼ ପ୍ରେକ୍ଷା ଅଗ୍ରୱାଲ, ଭାରତୀୟ ପ୍ରଶାସନିକ ସେବା (ପ୍ରୋବେସନ) ଅନିମେଶ ପ୍ରଧାନ, ଉପନିର୍ଦ୍ଦେଶକ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଶ୍ରୀକାନ୍ତ ଦଳେଇଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ଭବାନୀପାଟଣା ବ୍ଲକ ଅଟ୍ଟାନଗୁଡା ସ୍ଥିତ (କୃତ୍ରିମ ବୁଦ୍ଧିମତା ଇଓ ଅଙ୍ଗନବାଡ଼ି କେନ୍ଦ୍ର, ଥୁଆମୂଳ ବ୍ଲକ ସାଇ ସୁରନି ମାଆ ଗୃହ ଓ ସ୍ୱାସ୍ଥ୍ୟକେନ୍ଦ୍ର, ଥୁଆମୂଳରାମପୁରରୁ କାଶିପୁର ପର୍ଯ୍ୟନ୍ତ ରାସ୍ତାର ନିର୍ମାଣ କାର୍ଯ୍ୟ, ସେହିପରି କାଣିଗୁମାର କଫି ଉଦ୍ୟାନ, ମୂଖିଗୁଡା ଠାରେ ପମ୍ପ ଷ୍ଟୋରେଜ୍ ପ୍ରକଳ୍ପର ସମୀକ୍ଷା, ଶେଷରେ ଜୟ ପାଟଣା ବ୍ଲକ ଖଲିଆଭଟ୍ଟା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ଗସ୍ତ ସମୟରେପ୍ରବେସନାରୀ (ଆଏଏସ)ଅନିମେଷ ପ୍ରଧାନ, ଉପନିର୍ଦ୍ଦେଶକ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଶ୍ରୀକାନ୍ତ ଦଳେଇ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ନିହାରେନ୍ଦ୍ର ପଣ୍ଡା ଓ ଡିପିଏମ ଦିଲ୍ଲୀପ କୁମାର ଦୁବେ ପ୍ରମୁଖ ଉପସ୍ଥିତ ଥିଲେ।



ପ୍ରତିଭା ଅନୁଷ୍ଠାନର ରୌପ୍ୟ ଜୟନ୍ତୀ ସମାରୋହର ଦ୍ୱିତୀୟ ସନ୍ଧ୍ୟା

# ସାହିତ୍ୟର ଭିତ୍ତିଭୂମି ହିଁ ମାଟି, ଜାତି ଓ ସଂସ୍କୃତିର ପରିଚୟ



**ଭବାନୀପାଟଣା, ୧୮ ।୧୨ (ସମିସ):** କଳା-ଶିଳ୍ପ ହିଁ କଳାହାଣ୍ଡିର ପ୍ରାଣ ଆଉ ଧର୍ମ। ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ରୂପେ ବିଶ୍ୱସ୍ତରରେ ପରିଚୟ ସୃଷ୍ଟି କରିଥିବା ପ୍ରତିଭା ଅନୁଷ୍ଠାନ ରୌପ୍ୟ ଜୟନ୍ତୀ ପାଳନ କରୁଛି।ବହୁ ଅବିସ୍ମରଣୀୟ ପ୍ରତିଭା ସୃଷ୍ଟି କରିଛି ଏବଂ ଭବିଷ୍ୟତ ପିଢ଼ି କ୍ଷେତ୍ରରେ ସମୃଦ୍ଧ କଳା ଓ କଳାକାରଙ୍କୁନେଇ ସ୍ୱପ୍ନ ଦେଖିବାର ଅଭିପ୍ସା ପ୍ରତିଭା ଅନୁଷ୍ଠାନର ମୁଖ୍ୟ ବୈଶିଷ୍ଟ। ଦ୍ୱିତୀୟ ସାଂସ୍କୃତିକ ସନ୍ଧ୍ୟାର ଉଦ୍ ଘାଟକ ଭାବେ ନର୍ଲା ବିଧାୟିକା ମନୋରମା ମହାନ୍ତି ଯୋଗଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ପୂର୍ବତନ ସଚିବ ବିଶିଷ୍ଟ ନାଟ୍ୟକାର ପ୍ରବୋଧ ରଥ ଏବଂ ସଂସ୍କୃତିପ୍ରେମୀ ତଥା ଶିକ୍ଷାବିତ) ଡ.ଅଜୟ ମିଶ୍ର ଯୋଗଦେଇଥିଲେ।ସାହିତ୍ୟ ହିଁ ମାଟିର, ଜାତି ଓ ସଂସ୍କୃତିର ପରିଚୟବୋଲି ବକ୍ତବ୍ୟ ରଖିଥିଲେ।ଏହି ଅବସରରେ ଉଲ୍ଲେଖନୀୟ ଅବଦାନ ପାଇଁ ଅବିନାଶ ମୁଣ୍ଡଙ୍କୁ (ପ୍ରତିଭା ସେବାରତ୍ନ ସମ୍ମାନ), ଜନାବ୍ ଅବଦୁଲ କାଦିର ଖାଁ ( ପ୍ରତିଭା ନାଟ୍ୟରତ୍ନ ସମ୍ମାନ), ପ୍ରକାଶ କୁମାର ନିଶଙ୍କ (ପ୍ରତିଭା ଶିକ୍ଷା ସମ୍ମାନ) ଓ ଗୌର ଚନ୍ଦ୍ର ମହାରଣା ( ପ୍ରତିଭା ଶିଳ୍ପୀ ସମ୍ମାନ) ସମ୍ମାନିତ କରାଯାଇଥିଲା। ପ୍ରାରମ୍ଭରେ ସଭାପତି ଧ୍ୟାନ ନନ୍ଦ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ସମ୍ପାଦକ ଚିଣ୍ଟୁ ପ୍ରସାଦ ନାଏକ ଧନ୍ୟବାଦ ଦେଇଥିଲେ। ଉତ୍ସବରେ ଅନୁଷ୍ଠାନର ଉପଦେଷ୍ଟା ସଞ୍ଜୀବ ସିଂ ମଞ୍ଚ ପରିଚାଳନା କରିଥିଲେ ଏବଂ ସୁଧୀର ନାୟକ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଆଗକୁ ନେଇଥିଲେ।

## ‘ପରବ’ ମୁଖ୍ୟ ସମାରୋହ ଉଦ୍‌ଘାଟିତ

# ସଂସ୍କୃତି ଓ ପରମ୍ପରା ଆମ ଜାତିର ସ୍ୱାଭିମାନ: ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର














କୋରାପୁଟ,୧୮।୧୨(ସମିସ): ଜାତୀୟ ସ୍ତରୀୟ ଲୋକ ମହୋତ୍ସବ ‘ପରବ-୨୦୨୫’ର ମୁଖ୍ୟ ସମାରୋହ ସ୍ଥାୟୀ ‘ପରବ ପଡ଼ିଆ’ରେ ଗୁରୁବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଛି। ନଗର ଉନ୍ନୟନ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଥମେ ପଲ୍ଲୀଶ୍ରୀ ମେଳାକୁ ଉଦଘାଟନ କରିଥିଲେ। ପରେ ଜିଲାପାଳ ତଥା ‘ପରବ’ କମିଟି ଅଧ୍ୟକ୍ଷ ମନୋଜ ସତ୍ୟବାନ ମହାଜନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପରବ ମୁଖ୍ୟ ସମାରୋହରେ ମନ୍ତ୍ରୀ ଶ୍ରୀ ମହାପାତ୍ର ମଶାଲ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ସଂସ୍କୃତି ଏକ ଜାତିର ପରିଚୟ, ଆମ ସ୍ୱାଭିମାନର ପ୍ରତୀକ, ତେଣୁ ଆମେ ଆମ ସଂସ୍କୃତି ପରମ୍ପରାକୁ ପରବ ମାଧ୍ୟମରେ ବଜାୟ ରଖିବା ବୋଲି ମୁଖ୍ୟ ଅତିଥି ବକ୍ତବ୍ୟ ରଖିଥିଲେ। ‘ପରବ’ ମାଧ୍ୟମରେ କୋରାପୁଟ ମାଟିର ସଂସ୍କୃତି ଓ ଐତିହ୍ୟ ନିଜର ପରିଚୟ ଦେଇଥାଏ, ‘ପରବ’ରେ ଆମ ଆଦିବାସୀଙ୍କ ଦ୍ୱାରା ଉତ୍ପାଦିତ ସାମଗ୍ରୀ ବିଦେଶୀ ପର୍ଯ୍ୟଟକ ମାନଙ୍କ ଦ୍ୱାରା କିଣା ଯିବା ଦ୍ୱାରା ସେମାନଙ୍କ ଆର୍ଥିକ ଅଭିବୃଦ୍ଧି ହେଉଛି ବୋଲି ମୁଖ୍ୟ ଅତିଥି ପ୍ରକାଶ କରିଥିଲେ। ପରବ ଆଜି ଜାତୀୟ ଆଦିବାସୀ ମହୋତ୍ସବ ମାନ୍ୟତା ପାଇବା ଆମ ପାଇଁ ଗର୍ବର ବିଷୟ ବୋଲି କହିଥିଲେ। ଆଦିବାସୀ ସଂସ୍କୃତି ପରମ୍ପରାକୁ ବଞ୍ଚାଇ ରଖିବା ପାଇଁ ‘ପରବ’ ପାଳନର ଯଥାର୍ଥତା ଉପରେ ମନ୍ତ୍ରୀ ପ୍ରତିପାଦନ କରିଥିଲେ। କୋରାପୁଟ ବିଧାୟକ ରଘୁରାମ ମାଛ , ପଟ୍ଟାଙ୍ଗି ବିଧାୟକ ରାମ ଚନ୍ଦ୍ର କାଡାମ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା, କୋଟପାଡ ବିଧାୟକ ରୂପ ଭତ୍ରା, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲକା, ଏସପି ରୋହିତ ବର୍ମା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ‘ପରବ’ ପାଳନର ଆଭିମୁଖ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କୋରାପୁଟ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରଛାତ୍ରୀ ବନ୍ଦେ ମାତରମ ସଙ୍ଗୀତ ପରିବେଷଣ କରିଥିଲେ। ଜିଲ୍ଲାପାଳ ,ସ୍ୱାଗତ ଭାଷଣ ଦେଇଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ଶେଷରେ ଅତିଥି ମାନେ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ବ୍ୟକ୍ତି ଓ କଳାକାର ମାନଙ୍କୁ ସମ୍ମାନିତ କରିଥିଲେ। ‘ପରବ’ର ପ୍ରଥମ ରାତିରେ ଦୂରୂଆ ସମ୍ପ୍ରଦାୟର ଢେମାଶା, ଓଡ଼ିଶୀ, ମସ୍ତିପୁଟର କାଠି ନାଚ, ଢେମଶା ନୃତ୍ୟ, ସାନ୍ତାଳୀ ଏବଂ ବିଶିଷ୍ଟ କଣ୍ଠଶିଳ୍ପୀ ଉମାକାନ୍ତ ବାରିକଙ୍କ ସଙ୍ଗୀତ ପରିବେଷଣ ଦର୍ଶକଙ୍କ ମନ ମୋହିଥିଲା।

## ‘ପରବ’ ମୁଖ୍ୟ ସମାରୋହ ପୂର୍ବରୁ ଜିଲ୍ଲାପାଳଙ୍କ ପୂଜାର୍ଚ୍ଚନା



କୋରାପୁଟ,୧୮।୧୨(ସମିସ): ଲୋକ ମହୋତ୍ସବ ‘ପରବ-୨୦୨୫’ର ମୁଖ୍ୟ ସମାରୋହ ସଫଳତା କାମନା କରି ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ପୂଜାର୍ଚ୍ଚନା କରିଛନ୍ତି। ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ଜିଲ୍ଲା ଉନ୍ନୟନ ଅଧିକାରୀ ବେଣୁଧର ଶବର, ଜିଲ୍ଲା ସଂସ୍କୃତି ସୂର୍ଯ୍ୟକାନ୍ତ ବେହେରା, ସଂସ୍କୃତି ପରିଷଦ ସଦସ୍ୟ ମାନେ ଗୁରୁବାର ସକାଳେ କୋରାପୁଟର ଅଧିଷ୍ଠାତ୍ରୀ ଦେବୀ ମା’ ମୁତ୍ୟାଲୁ ମା’ ମନ୍ଦିରରେ ପହଞ୍ଚି ଯଥା ରୀତି ନୀତି ଅନୁଯାୟୀ ପୂଜା କରିଥିଲେ।

## ‘ପରବ’ ମଞ୍ଚରେ ରାଜନୀତି ଭାଷଣ ଦେଲେ କୋଟପାଡ଼ ବିଧାୟକ

କୋଟପାଡ଼ ବିଧାୟକ ରୁପୁ ଭତ୍ରା ‘ପରବ’ ମଞ୍ଚରେ ନିଜ ବକ୍ତବ୍ୟରେ ସମ୍ପୂର୍ଣ୍ଣ ରାଜନୀତି ଭାଷଣ ଦେଇଛନ୍ତି। କୋଟପାଡ଼ ନିର୍ବାଚନ ମଣ୍ଡଳୀରେ ସ୍କୁଲ ସୂଚନା ଫଳକ ଭୁଶୁଡି ଜଣେ ଛାତ୍ରଙ୍କ ମୃତ୍ୟୁ ହୋଇଥିବା ଘଟଣାକୁ ଜିଲ୍ଲା ପରିଷଦ ଅଧ୍ୟକ୍ଷା ବକ୍ତବ୍ୟରେ ଉପସ୍ଥାପନ କରିଥିଲେ। ଏହାକୁ ବିଧାୟକ ଶ୍ରୀ ଭତ୍ରା ହଜମ କରି ପାରିଲେ ନାହିଁ। ସସ୍ମିତାଙ୍କ ବକ୍ତବ୍ୟରେ ପ୍ରତିକ୍ରୀୟାଶୀଳ ହୋଇ କୋଟପାଡ଼ ବିଧାୟକ ପରବ ମଞ୍ଚରେ ଦଳୀୟ ମଞ୍ଚ ଭଳି ଭାଷଣ ଦେଇ ପୂର୍ବ ସରକାରର ସମାଲୋଚନା କରିଥିଲେ।

## ଜିଲ୍ଲାଭିତ୍ତିକ ନିଯୁକ୍ତି ଦାବି ଦୋହରାଇଲେ ଜିଲ୍ଲା ପରିଷଦ ଅଧ୍ୟକ୍ଷା

‘ପରବ’ ମୁଖ୍ୟ ସମାରୋହରେ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା ଜିଲ୍ଲା ଭିତ୍ତିକ ନିଯୁକ୍ତି ପାଇଁ ଦାବି କରିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଗତବର୍ଷ ‘ପରବ’ ମୁଖ୍ୟ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜିଲ୍ଲା ଭିତ୍ତିକ ନିଯୁକ୍ତି ପ୍ରତି ତାଙ୍କ ସରକାର ବିଚାର କରିବ ବୋଲି କହିଥିଲେ। ତେବେ ଏହା ମଧ୍ୟରେ ଗୋଟିଏ ବର୍ଷ ବିତି ଯାଇଥିଲେ ସୁଦ୍ଧା ସେଥିପ୍ରତି ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇନଥିବା ମନେ ହେଉଛି ବୋଲି କହିଥିଲେ। ସେହିପରି କୋରାପୁଟ ଠାରେ ଏକ ସରକାରୀ ନର୍ସିଂ କଲେଜ ପ୍ରତିଷ୍ଠା ପାଇଁ ପୂର୍ବ ସରକାର ଅର୍ଥ ଦେଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ତାହା ଆରମ୍ଭ ହୋଇ ପାରିଲା ନାହିଁ। ତେଣୁ ନଗର ଉନ୍ନୟନ ମନ୍ତ୍ରୀଙ୍କ ମାଧ୍ୟମରେ ଏହି ବାର୍ତ୍ତା ମୁଖ୍ୟମନ୍ତ୍ରୀଙ୍କ ନିକଟରେ ପହଞ୍ଚାଇବା ପାଇଁ ଅନୁରୋଧ କରିଥିଲେ।

## ଓପିଏସ୍‌ସି ପରୀକ୍ଷା କେନ୍ଦ୍ର ପାଇଁ ଧନ୍ୟବାଦ ଜଣାଇଲେ

କୋରାପୁଟ ଜିଲ୍ଲାରେ ଓଡ଼ିଶା ପବ୍ଲିକ ସର୍ଭିସ କମିଶନ ପରୀକ୍ଷା କେନ୍ଦ୍ର କରିବା ପାଇଁ ଗତବର୍ଷ ପରବ ମୁଖ୍ୟ ସମାରୋହରେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି ରଖା ଯାଇଥିଲା। ତାହା ମୁଖ୍ୟମନ୍ତ୍ରୀ ଗ୍ରହଣ କରିଥିବା ହେତୁ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା ଧନ୍ୟବାଦ ଦେଇଥିଲେ।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

ରାୟଗଡା,୧୮।୧୨(ସମିସ): ଧାନ କାଟିବାକୁ ଯାଇ ଭାଇ ଭାଇଙ୍କ ବିବାଦରେ ଫସି ଜଣେ ଯୁବକ ମରଣାନ୍ତକ ଆକ୍ରମଣର ଶିକାର ହୋଇଥିବା ଜଣାପଡିଛି। ଆକ୍ରମଣ ଶିକାର ହୋଇଥିବା ଯୁବକ ଜଣଙ୍କ ହେଲେ ସନ୍ତୋଷ କୁଣ୍ଡୁକା। ସୂଚନାରୁ ଜଣାପଡିଛି ସନ୍ତୋଷଙ୍କ ଘର କୋଲନରା ବ୍ଲକ ଅନ୍ତର୍ଗତ ଗୁଆକଣା ଗ୍ରାମ। ସେ ରାୟଗଡା ବ୍ଲକ ମାଲିଗାଁରେ ରହି ମୂଲିଆ କାର୍ଯ୍ୟ କରୁଥିଲେ। ସେ କାମ କରୁଥିବା ଜମିରେ ଆଜି ସନ୍ଧ୍ୟାରେ ଜମିର ମାଲିକାନାକୁ ନେଇ ଭାଇ ଭାଇଙ୍କ ମଧ୍ୟରେ ବିବାଦ ହୋଇଥିଲା। ବିବାଦ ସମୟରେ ସନ୍ତୋଷ ଆସି ମଧ୍ୟସ୍ଥତା। କରୁଥିବା ବେଳେ ତାଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରାଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ରାୟଗଡା ମୁଖ୍ୟ ଚିକିତ୍ସାଳୟକୁ ଆଣି ଭର୍ତ୍ତି କରାଯାଇଥିଲା। ତାଙ୍କ ଅବସ୍ଥା ଆହୁରି ଗୁରୁତର ହେଉଥିବାରୁ ପ୍ରାଥମିକ ଚିକିତ୍ସା ପରେ ସନ୍ତୋଷଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ। ଘଟଣା ସମ୍ପର୍କରେ ସୂଚନା ପାଇ ଚାନ୍ଦିଲି ପୁଲିସ ତଦନ୍ତ କରୁଛି। ଏ ନେଇ ଚାନ୍ଦିଲି ଥାନା ଏସଆଇ ଆଶୁତୋଷ ସାହୁଙ୍କ ଠାରୁ ମିଳିଥିବା ସୂଚନା ପ୍ରକାରେ ଘଟଣାରେ ଅଭି ଚଣ୍ଡୀବଂଶ ନାମକ ଜଣେ ବ୍ୟକ୍ତି ସନ୍ତୋଷ ନାମକ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ପ୍ରାଥମିକ ଖବର ମିଳିଥିବା ବେଳେ ତଦନ୍ତ ଜାରି ରହିଥିବାରୁ ଘଟଣାର ପ୍ରକୃତ ସତ୍ୟ ପରେ ଜଣାପଡିବ ବୋଲି କହିଛନ୍ତି।

## ୧୦୦ ଦିନିଆ ସଚେତନତା ଅଭିଯାନର ଶୁଭାରମ୍ଭ

ରାୟଗଡ଼ା,୧୮।୧୨(ସମିସ): ରାୟଗଡ଼ା ଜିଲ୍ଲା ସମାଜ ମଙ୍ଗଳ ବିଭାଗ, ଆଭା ଅନୁଷ୍ଠାନର ଆନୁକୁଲ୍ୟରେ ବାଲ୍ୟ ବିବାହ ନିରୋଧ ପାଇଁ ସଚେତନତା, ସାମୁଦାୟିକ ଅଂଶଗ୍ରହଣ ଓ ବିଭାଗୀୟ ସମନ୍ୱୟକୁ ଲକ୍ଷ୍ୟରେ ରଖି “ବାଲ ବିବାହ ମୁକ୍ତ ଭାରତ’ ଅଭିଯାନ ଅନ୍ତର୍ଗତ ୧୦୦ ଦିନିଆ ସଚେତନତା ଅଭିଯାନର ଜିଲ୍ଲାସ୍ତରୀୟ ଶୁଭାରମ୍ଭ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ରେ ସଫଳତାର ସହ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ମୁଖ୍ୟ ବିକାଶ ଅଧିକାରୀ-ତଥା -କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମର ଆରମ୍ଭରେ ମିନତୀ ଦେଓ ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରୀ , ରାୟଗଡ଼ା ସମସ୍ତ ଅତିଥି, ଅଧିକାରୀ ଓ ଅଂଶଗ୍ରହଣକାରୀଙ୍କୁ ସ୍ୱାଗତ କରି, ୧୦୦ ଦିନିଆ ସଚେତନତା ଅଭିଯାନର ଉଦ୍ଦେଶ୍ୟ ଓ କାର୍ଯ୍ୟଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ସଭାକୁ ସମ୍ବୋଧନ କରି ଶ୍ରୀ ଅକ୍ଷୟ କୁମାର ଖେମୁଣ୍ଡୁ , ମୁଖ୍ୟ ବିକାଶ ଅଧିକାରୀ-ତଥା -କାର୍ଯ୍ୟନିର୍ବାହୀ ଅଧିକାରୀ , ରାୟଗଡ଼ା ,ବାଲ୍ୟବିବାହ ନିରୋଧ ପାଇଁ “ନିରୋଧ, ସୁରକ୍ଷା ଓ ଅଭିଯୋଗ ମୋକଦ୍ଦମା’ର ତିନିମୁଖୀ ରଣନୀତି ଉପରେ ଜୋର ଦେଇଥିଲେ। ଏହି ଅବସରରେ ପୁଲିସ ଅଧିକ୍ଷକଙ୍କ ପ୍ରତିନିଧି ଭାବେ ଇନ୍ସପେକ୍ଟର ଦିନକୃଷ୍ଣ ମିଶ୍ର ଉପସ୍ଥିତ ଥାଇ ରାୟଗଡ଼ା ଜିଲ୍ଲାରେ ବାଲ୍ୟବିବାହର ବର୍ତ୍ତମାନ ସ୍ଥିତି ବିଷୟରେ ଆଲୋଚନା କରିଥିଲେ। ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ, ରାୟଗଡ଼ା ଡାକ୍ତର ରୁମା ମହାପାତ୍ର, ଆଇନର ଗୁରୁତ୍ୱ ଓ ଲିଙ୍ଗ ଭିତ୍ତିକ ଭ୍ରୁଣହତ୍ୟା ରୋକିବାରେ ଏହାର ଭୂମିକା ବିଷୟରେ ଅଲୋକପାତ କରିଥିଲେ। ଶକ୍ତି ଅନୁଷ୍ଠାନର ନିର୍ଦ୍ଦେଶକ ରମେଶ ଚନ୍ଦ୍ର ନାୟକ ୧୦୦ ଦିନିଆ ସଚେତନତା ଅଭିଯାନର କାର୍ଯ୍ୟଯୋଜନା, ଲକ୍ଷ୍ୟ ଓ କାର୍ଯ୍ୟାନୁଷ୍ଠାନ ପଦ୍ଧତି ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଭାବରେ ଉପସ୍ଥିତ ସଭାସଦଙ୍କୁ ବୁଝେଇଥିଲେ। ଆଭା ଅନୁଷ୍ଠାନ ର ପ୍ରତିନିଧି ହେନା ରାଣୀ ପ୍ରଧାନ ଏ ସମ୍ପର୍କରେ କହିଥିଲେ। ଦିବାକର ପରିଚ୍ଛା ଜିଲ୍ଲା ସଂଯୋଜକ, ମହିଳା ସଶକ୍ତି କରଣ କେନ୍ଦ୍ର ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପ୍ରତିମା ରାଣୀ ଦାସ, ସୁରକ୍ଷା ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ। ମହିଳା ଓ ଶିଶୁ ବିକାଶ, ଶିକ୍ଷା, ସ୍ୱାସ୍ଥ୍ୟ, ପୁଲିସ, ମିଶନ ଶକ୍ତି, ଆଇସିଡ଼ିଏସ , ଆଦିବାସୀ କଲ୍ୟାଣ ବିଭାଗ, ମହିଳା ସଶକ୍ତି କରଣ କେନ୍ଦ୍ର , ଶକ୍ତି ଅନୁଷ୍ଠାନ, ଅଙ୍କୁର ଫାଉଣ୍ଡେଶନ ,ଏକକ କେନ୍ଦ୍ର , ଶକ୍ତି ସଦନ , ବିଭିନ୍ନ ବେସରକାରୀ ସଂସ୍ଥା ଓ ଅନ୍ୟାନ୍ୟ ହିତଧାରୀମାନେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଜିଲ୍ଲାର ସମସ୍ତ ବ୍ଲକ ଓ ଗ୍ରାମ ପଞ୍ଚାୟତ ସ୍ତରରେ ଏହି ଅଭିଯାନକୁ ସଫଳ କରିବା ପାଇଁ ସମୁହ ପ୍ରତିବଦ୍ଧତା ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମର ଶେଷରେ “ବାଲ୍ୟ ବିବାହ ମୁକ୍ତ ରାୟଗଡ଼ା’ ସୃଷ୍ଟି କରିବା ଓ “ବାଲ୍ୟ ବିବାହ ମୁକ୍ତ ଭାରତ’ ଲକ୍ଷ୍ୟ ସାଧନ ପାଇଁ ସମସ୍ତେ ସମୁହ ଶପଥ ଗ୍ରହଣ କରିଥିଲେ।

## ଏସ୍‌ୟୁସିଆଇର ବିକ୍ଷୋଭ

ବୈପାରିଗୁଡ଼ା,୧୮।୧୨(ସମିସ): ବୈପାରୀଗୁଡା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଏସ୍‌ୟୁସିଆଇ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ବିଭିନ୍ନ ଦାବି ନେଇ ୧୨ ଦଫା ଦାବି ସମ୍ବଳିତ ସ୍ମାରକପତ୍ର ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ବିଡିଓଙ୍କୁ ପ୍ରଦାନ କରାଯାଇଛି। ଏହା ପୂର୍ବରୁ ଶତାଧିକ ଶ୍ରମିକ, କୃଷକ, ଛାତ୍ର, ଯୁବକ ସ୍ଥାନୀୟ ଡାକ ବଙ୍ଗଳାରେ ସମବେତ ହୋଇ ସହର ପରିକ୍ରମା କରିଥିଲେ। ବ୍ଲକ ଅଫିସ ସମ୍ମୁଖରେ ବିଭିନ୍ନ ଦାବିରେ ସ୍ଲୋଗାନ ଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହା ପରେ ବିଡିଓଙ୍କ ଅନୁପସ୍ଥିତିରେ ସାମାଜିକ ସୁରକ୍ଷା ଅଧିକାରୀ କାର୍ତ୍ତିକ ପାଢ଼ୀ ଆସି ବିକ୍ଷୋଭକରୀଙ୍କ ଠାରୁ ଦାବିପତ୍ର ଗ୍ରହଣ କରିଥିଲେ। ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଶହୀଦ ଲକ୍ଷ୍ମଣ ନାୟକ ଛକ ବ୍ଲକ ସମ୍ମୁଖରେ ବିକ୍ଷୋଭ କରି ଏକ ସାଧାରଣ ସଭା କରିଥିଲେ। ଏହି ସଭାରେ ଏସୟୁସିଆଇ ବ୍ଲକ ସମ୍ପାଦକ କମ୍ରେଡ ସୂର୍ଯ୍ୟ ନାରାୟଣ ବିଷୋୟୀ ମୁଖ୍ୟବକ୍ତା, କାହ୍ନୁ ଚରଣ ବିଶ୍ୱଳ ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ୧୨ ଦଫା ଦାବି ଉପରେ ବକ୍ତବ୍ୟ ରଖିବା ସହ ରାଜ୍ୟ ଓ କେନ୍ଦ୍ର ବିଜେପି ସରକାରଙ୍କ ବିଭିନ୍ନ ଜନମାରଣ ନୀତିକୁ ତୀବ୍ର ବିରୋଧ କରି ଏସୟୁସିଆଇ କମ୍ୟୁନିଷ୍ଟ ଶକ୍ତିଶାଳୀ କରି ଗଣତାନ୍ତ୍ରିକ ଗଣ ଆନ୍ଦୋଳନ ଗଢି ତୋଳିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ବିକ୍ଷୋଭ ସଭାରେ ରାମ ବାରିକ , ଦଶରଥ ଖିଲ, ରାମଚନ୍ଦ୍ର ଗାଦବା , ଲକ୍ଷ୍ମୀ ବାରିକ ପ୍ରମୁଖ ନେତୃତ୍ୱ ନେଇଥିଲେ। ପ୍ରତି ପଞ୍ଚାୟତରେ ତୁରନ୍ତ ମଣ୍ଡି ଖୋଲି କ୍ୱିଣ୍ଟାଲ ପିଛା ୩୫୦୦ ଟଙ୍କାରେ ବିନା କଟ୍‌ନି ଛଟ୍‌ନିରେ ଧାନ କ୍ରୟ କରିବା, ଜଙ୍ଗଲ ଅଧିକାର ଆଇନ ୨୦୦୬ ଅନୁଯାୟୀ ଜଙ୍ଗଲ ଅଞ୍ଚଳରେ ୩ ପୁରୁଷ ଧରି ଚାଷ କରୁଥିବା ଚାଷୀଙ୍କୁ ସ୍ଥାୟୀ ପଟ୍ଟା ଯୋଗାଇ ଦେବା, ସରକାରୀ ଘୋଷଣା ଓ ସର୍ଭେର କ୍ରମ ଅନୁଯାୟୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବାସଗୃହ ସହ ,୩୦୦ ୟୁନିଟ୍ ବିଦ୍ୟୁତ୍ ଶୁଳ୍କ ଦେୟ ଛାଡ଼ କରି ପ୍ରତି ପରିବାରକୁ ପାନୀୟ ଜଳ, ଉଜ୍ୱଳା ଯୋଜନାରେ ଗ୍ୟାସ ଚୁଲା ସିଲିଣ୍ଡର ଯୋଗାଇ ଦେବା ଆଦି ଦାବି ଅନ୍ତର୍ଭୁକ୍ତ ଥିଲା।

■ ଜାରି ରହିଛି ଶୀତ ଲହରୀ, ଜନଜୀବନ ଅନ୍ତବ୍ୟସ୍ତ

## ବିଷମ କଟକରେ ପାରଦ ୧୨ ଡିଗ୍ରୀ ରେକର୍ଡ

ବିଷମ କଟକ,୧୮।୧୨(ସମିସ): ଜାଡରେ ଥରୁଛି ବିଷମ କଟକ ସହର। ୧୨ଡିଗ୍ରୀ ତାପମାତ୍ରାରେ ତଳ ମୁହାଁ ପାରଦ। ଜନଜୀବନ ଏକପ୍ରକାର ଅସ୍ତବ୍ୟସ୍ତ ହୋଇପଡିଛି। ପ୍ରବଳ ଶୀତ ସାଙ୍ଗକୁ ଘନ କୁହୁଡିର ଚାଦରରେ ଢାଙ୍କିହେଉଛି ରାସ୍ତା ଘାଟ। କୁହୁଡି ପ୍ରଭାବରେ ସକାଳ ୯ଘଣ୍ଟା ପର୍ଯ୍ୟନ୍ତ ରାସ୍ତା ଘାଟ ଦେଖା ଯାଉନାହିଁ। ଶୀତ ଏବଂ କୁହୁଡି ପ୍ରଭାବ କାରଣରୁ ଗାଡି ଚଳାଚଳ ବାଧାପ୍ରାପ୍ତ ହେଉଛି। ସେହିପରି ଅପରାହ୍ନ ୪ଟା ହେଲେ ପୁଣି ଶୀତର ଲହରୀ ଜାରି ହେଉଛି। ଶୀତର ଜାଡ଼କୁ ସମ୍ଭାଳି ନ ପାରି କିଏ ତାଟି କବାଟ ପକାଇ ଘର ଭିତରେ ରହୁଛନ୍ତି, ଆଉ କିଏ ଶୀତର ଦାଉରୁ ରକ୍ଷା ପାଇବା ପାଇଁ ରସ୍ତାଘାଟରେ ନିଆଁ ଲଗେଇ ବସୁଛନ୍ତି। ତଳ ମୁହାଁ ପାରଦ ଏବେ ପିଲା ଠାରୁ ବୁଢା ପର୍ଯ୍ୟନ୍ତ ସମସ୍ତଙ୍କ ଉପରେ ପ୍ରଭାବ ପକାଉଛି। ପୂର୍ବ ବର୍ଷ ମାନଙ୍କ ଶୀତ ତୁଳନାରେ ଚଳିତ ବର୍ଷ ଢେର ଗୁଣା ଅଧିକ ରହିଛି।

## ସାଂସଦ ଖେଳ ମହୋତ୍ସବ ବେଳେ ସହିଦଙ୍କୁ ଅସମ୍ମାନ ଅଭିଯୋଗ




କୋଷାଗୁମୁଡା,୧୮।୧୨(ସମିସ): ଆଜି ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ ଠାରେ ସାଂସଦ ଖେଳ ମହୋତ୍ସବ ଆରମ୍ଭ ହୋଇଯାଇଛି । ସର୍ବପ୍ରଥମେ ଗ୍ରାମର ଅଧିଷ୍ଠାତା ଦେବତା ପ୍ରଭୁ ରାଜା ଚାଉଁରିଆଙ୍କ ମନ୍ଦିରରେ ପୂଜାର୍ଚ୍ଚନା ସହ ଏକ ମଶାଲ ଦୀପ ଜାଳି ସମସ୍ତେ ଖେଳ ପଡିଆ ମଧ୍ୟକୁ ଆସି ଉଦଘାଟନ କରିଥିଲେ। ଉକ୍ତ ଖେଳ ମହୋତ୍ସବ ୧୮ରୁ ୨୦ ତାରିଖ ଧରି ଅନୁଷ୍ଠିତ ହେବାକୁ ଥିବା ବେଳେ ଏଥିରେ କ୍ରିକେଟ୍, ଫୁଟବଲ, ଭଲିବଲ, ୧୦୦ ମିଟର, ୨୦୦ ମିଟର, କୌତୁକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହେବ । କାର୍ଯ୍ୟକ୍ରମସ୍ଥଳ ନିକଟରେ କୋଷାଗୁମୁଡା ବ୍ଲକ ତଥା ଜିଲ୍ଲାର ବିରପୁତ୍ର ଶହୀଦ ପିଙ୍କୁ ପାତ୍ରଙ୍କ ପ୍ରତି ମୂର୍ତ୍ତି ଥିବା ବେଳେ ବ୍ଲକ ପ୍ରଶାସନ କିମ୍ବା ସ୍ଥାନୀୟ ରାଜନେତା ତାଙ୍କ ପ୍ରତିମୂର୍ତ୍ତିଠାରେ ପୁଷ୍ପମାଲ୍ୟ କିମ୍ବା ସମ୍ମାନ ପ୍ରଦର୍ଶନ କରାଯାଇ ନଥିଲା। ଏହି ଘଟଣା ସ୍ଥାନୀୟ ବୁଦ୍ଧିଜୀବୀ ଓ ଖେଳ ପ୍ରେମୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି। ବୀର ଶହୀଦ ପିଙ୍କୁ ପାତ୍ର ଜଣେ ସୁନାମ ଧନ୍ୟ ଫୁଟବଲ, କ୍ରିକେଟ, ଭଲିବଲ ଖେଳାଳୀ ଥିଲେ। ଜିଲ୍ଲା ଓ ରାଜ୍ୟ ବାହାରେ ତାଙ୍କର ନାଁ ଥିଲା। ଜଣେ ପ୍ରତିଷ୍ଠାବାନ ଖେଳାଳିକୁ କେମିତି ଭୁଲିଗଲା ସ୍ଥାନୀୟ ବ୍ଲକ ପ୍ରଶାସନ ବୋଲି ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ଏହି କାର୍ଯ୍ୟକ୍ରମରେ ଗଣଶିକ୍ଷା ମନ୍ତ୍ରୀଙ୍କ ପ୍ରତିନିଧି କୁଞ୍ଜ ବିହାରୀ ଦାଶ, ବ୍ଲକ ଅଧ୍ୟକ୍ଷା ସର୍ବେଶ୍ୱରୀ ମାଝୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଶିଷ ତ୍ରିପଠି, ସାଂସଦ ପ୍ରତିନିଧି ସୁରେଶ ପାତ୍ର, ବଦ୍ରି ନାରାୟଣ ସିଂ, ସମିତି ସଭ୍ୟ ତ୍ରିଲୋଚନ ଧାକଡ଼, ଲକ୍ଷ୍ମଣ ପୂଜାରୀଙ୍କ ସମେତ ଅନ୍ୟ ବରିଷ୍ଠ କର୍ମୀ ବ୍ଲକ ପ୍ରଶାସନିକ ଅଧିକାରୀ ପ୍ରମୁଖ ଉପସ୍ଥିତ ରହିଥିଲେ।

## ଅଧାପନ୍ତରିଆ ପଡ଼ିରହିଛି ‘ଭିୟୁ ଟାୱାର’

ଲକ୍ଷ୍ମୀପୁର,୧୮।୧୨(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ସ୍ଥିତ ନାରାୟଣପାଟଣା ରାସ୍ତା କଡ଼ରେ ଆରମ୍ଭ କରାଯାଇଛି ଏକ ଭିୟୁ ଟାୱାର। ଏହି ଟାୱାର ହେଲେ ଏଠି ଲୋକେ ଚଢି ଏହା ନିକଟରେ ଥିବା ସୌନ୍ଦର୍ଯ୍ୟମୟ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିବେ। ଏହା ଦ୍ୱାରା ଲୋକେ ମଧ୍ୟ ଖୁସି ଅନୁଭବ କରିବେ। ଏହି ଉଦ୍ଦେଶ୍ୟରେ ଏଠି ଏକ ଭିୟୁ ପଏଣ୍ଟ ପାଇଁ ବ୍ଲକ ପକ୍ଷରୁ କାର୍ଯ୍ୟ ଆରମ୍ଭ କରା ଯାଇଥିଲା। ଆରମ୍ଭ ହେବାର ଅନେକ ମାସ ବିତି ଯାଇଥିଲେ ମଧ୍ୟ ଶେଷ ହୋଇ ପାରୁ ନାହିଁ। ପିଲାର ଉଠି ଛାତ ପଡ଼ି ରହିଛି। କାମ ଆଗକୁ ବଢି ପାରୁ ନାହିଁ। ଯେତିକି ହୋଇଛି, ଆଉ କିଛି ଦିନ ପରେ ତାହା ମଧ୍ୟ ନଷ୍ଟ ହୋଇ ଯିବା ସମ୍ଭାବନା ରହିଛି। ଏହି କାମ ପାଇଁ ଯାହା ଅର୍ଥ ରହିଥିଲା, ତାହା ଖର୍ଚ୍ଚ କରାଯାଇଛି। ଆଉ ଅଧିକା ଅର୍ଥ ଆବଶ୍ୟକ ହେଉଥିବା ଜଣାପଡ଼ିଛି। ଗୋଟିଏ ଭିୟୁ ଟାୱାର ପାଇଁ କେତେ ଟଙ୍କା ଖର୍ଚ୍ଚ ହେବ ସେତିକି ଅଟକଳ ବା ବଜେଟ ରଖିବା କଥା । କିନ୍ତୁ ନିଅଣ୍ଟିଆ ଅର୍ଥ ରଖି ଏପରି ଅଧାପନ୍ତରିଆ ଭାବେ କାମକୁ ବନ୍ଦ ରଖିବା ଓ ସରକାରୀ ଅର୍ଥ ଖର୍ଚ୍ଚ କରି କୌଣସି କାମ ନ ଆସିବା ଏହା ଏକ ଦୁର୍ଭାଗ୍ୟ କଥା। ସରକାରୀ ଅର୍ଥକୁ ଠିକ ରୂପେ ବିନିଯୋଗ ହେବା ଆବଶ୍ୟକ। ତେଣୁ ଏହି ଟାୱାରକୁ ତୁରନ୍ତ ସମ୍ପୂର୍ଣ୍ଣ କରି ଯେଉଁ ଉଦ୍ଦେଶ୍ୟ ରେ କରାଯାଇଛି, ସେହି ଉଦ୍ଦେଶ୍ୟରେ ଲଗାଯିବା ପାଇଁ ସାଧାରଣରେ ଦାବି ହେଉଛି।

■ କଂଗ୍ରେସ ନେତାଙ୍କ ବିରୋଧରେ ବିଜେପିର ମିଥ୍ୟା ମାମଲା

# କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ



ମାଲକାନଗିରି,୧୮ ।୧୨ (ସମିସ): କଂଗ୍ରେସ ନେତାଙ୍କ ଉପରେ ବିଜେପିର ମିଥ୍ୟା ମାମଲାକୁ ବିରୋଧ କରି ଆଜି ମାଲକାନଗିରି ଜିଲ୍ଲା କଂଗ୍ରେସ ଦଳ ପକ୍ଷରୁ ଜିଲ୍ଲା କଂଗ୍ରେସ ଭବନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ୟଙ୍ଗ ଇଣ୍ଡିଆନ୍ ମାମଲାରେ କଂଗ୍ରେସ ନେତୃତ୍ୱ ସୋନିଆ ଗାନ୍ଧୀ ଏବଂ ରାହୁଲ ଗାନ୍ଧୀଙ୍କ ବିରୁଦ୍ଧରେ ଇଡିର କାର୍ଯ୍ୟଧାରା କୋର୍ଟ ଦ୍ୱାରା ସମ୍ପୂର୍ଣ୍ଣ ଅବୈଧ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି । ଗତ ଦଶନ୍ଧି ଧରି ମୋଦୀ ସରକାର ଦ୍ୱାରା ମୁଖ୍ୟ ବିରୋଧୀ ଦଳକୁ ଲକ୍ଷ୍ୟ କରି ଚାଲିଥିବା ଏହି ରାଜନୈତିକ ଉଦ୍ଦେଶ୍ୟମୂଳକ ଦମନ, ଆଜି ଦେଶବାସୀଙ୍କ ସମ୍ମୁଖରେ ଉଜାଗର ହୋଇଛି । ଯାହା ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ, ପ୍ରଚାର ସର୍ବସ୍ୱ ଏବଂ ଚରିତ୍ର ହନନ ଅଭିଯାନର ଅଂଶ ବିଶେଷ ବୋଲି ଦଳୀୟ ନେତା ଅଭିଯୋଗ କରିଛନ୍ତି । ଆମେ ସତ୍ୟ ପାଇଁ ଲଢୁଛୁ ବୋଲି ନାରା ଦେଇ ଜିଲ୍ଲା କଂଗ୍ରେସ କମିଟି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ମାଲକାନଗିରି ଜିଲ୍ଲା କଂଗ୍ରେସ କମିଟି ସଭାପତି ଜି. ଶ୍ରୀନିବାସ ରାଓଙ୍କ ନେତୃତ୍ୱ ରେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ପୂର୍ବତନ ସଭାପତି ଗୋବିନ୍ଦ ପାତ୍ର, ମଲା ମାଢି, ପର୍ଶୁରାମ ଭକ୍ତ, ପି କେଶୁରାଓ, ପ୍ରଭାକର ପାଲ, ପଦ୍ମପାଙ୍ଗି, ଭୀମ ବାର୍ଶେ, କୃଷ୍ଣଚନ୍ଦ୍ର ଅନୁଗୁ, ସରୋଜ ପାତ୍ର, ଦେବାଶିଷ ଦେବନାଥ, ବିନାୟକ ପାତ୍ର, ଦଶରଥ ଦୁରୁକା, ଲାଛୁ କ୍ରିଷନୀ, ପ୍ରମୋଦ ସେଠୀ, ଭାସ୍କର ପଟକା ପ୍ରମୁଖ କଂଗ୍ରେସ ନେତା ଓ କର୍ମୀ ଏହି ବିକ୍ଷୋଭରେ ଉପସ୍ଥିତି ଥିଲେ ।

# ଅସହାୟ ପରିବାରକୁ ସରକାରୀ ଯୋଜନାରେ ସାମିଲ ପାଇଁ ଶିବିର

ମାଥିଲି,୧୮ ।୧୨ (ସମିସ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଅନ୍ତର୍ଗତ ସାଲିମି ଗ୍ରାମ ଞ୍ଚାୟତରେ ଅସହାୟ ଓ ସମ୍ବେଦନଶୀଳ ପରିବାରମାନଙ୍କୁ ସରକାରୀ କଲ୍ୟାଣ ଯୋଜନା ସହିତ ସଂଯୋଗ କରିବା ଉଦ୍ଦେଶ୍ୟରେ ଏକ ବିଶେଷ ଶିବିର ଆୟୋଜିତ ହୋଇଥିଲା । ଏହି ଶିବିରରେ ଜଗନ୍ନାଥ ବାଟେ, ପିଏ, ଏସ୍ଏସ୍ଇପିଡି, ମାଥିଲି, ସୁବ୍ରତ ଚକ୍ରବର୍ତ୍ତୀ, ଆର୍ସିଏମ୍ଏସ୍ ଡିଇଓ, ବନ୍ଧୁ ଭୂମିଆ, ସରପଞ୍ଚ ସାଲିମି, ତ୍ରିନାଥ ମାଝି, ପଞ୍ଚାୟତ ସମିତି ସଦସ୍ୟ ସାଲିମି, ଏବଂ ଅର୍ଜୁନ ମାଝି, ଜେଏସ୍ ସାଲିମି ପ୍ରମୁଖ ଉପସ୍ଥିତ ଥିଲେ ।



ଶିବିରରେ ବୃଦ୍ଧାବସ୍ଥା ପେନ୍ସନ କାର୍ଡ, ବିଧବା ପେନ୍ସନ କାର୍ଡ, ରାସନ କାର୍ଡ, ଶ୍ରମିକ କାର୍ଡ ଇତ୍ୟାଦି ବିଭିନ୍ନ ସରକାରୀ ଯୋଜନାରେ ସଂଯୁକ୍ତ କରାଯାଇଥିଲା । ଏହି କାର୍ଯ୍ୟକ୍ରମଟି ଶକ୍ତି ସାମାଜିକ ସାଂସ୍କୃତିକ ଓ କ୍ରୀଡ଼ା ସଂଗଠନ, ମାଲକାନଗିରି ଦ୍ୱାରା ଆୟୋଜିତ ହୋଇଥିଲା ।

## ପାରିଶ୍ରମିକ ନ ପାଇ ୯ ଦାଦନ ଶ୍ରମିକ ଭୋକ ଉପାସରେ

# ଉଦ୍ଧାର ପାଇଁ ଭିଡିଓ ମାଧ୍ୟମରେ କଲେ ନିବେଦନ



ରାୟଗଡ଼ା,୧୮ ।୧୨(ସମିସ): ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକ ୯ ଜଣ ଯୁବକ ଦାଦନ ଖଟିବାକୁ ତେଲେଙ୍ଗାନା ରାଜ୍ୟର ହାଇଦ୍ରାବାଦ ନିକଟସ୍ଥ ଏକ ଘରୋଇ କମ୍ପାନୀକୁ ଯାଇଥିବା ବେଳେ ଦୀର୍ଘ ଦେଢ଼ ମାସ ଧରି ପାରିଶ୍ରମିକ ଟଙ୍କା ପାଇ ନ ଥିବାରୁ ନାନା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ହେଲେ ଏବେ କମ୍ପାନୀ କର୍ତ୍ତୃପକ୍ଷ ସେମାନଙ୍କୁ କାମ ଦେଉନାହିଁ କି କରିଥିବା କାମର ମଜୁରୀ ଦେଉ ନ ଥିବାରୁ ସେମାନଙ୍କ ପାଖରେ ଟଙ୍କା ନାହିଁ । ସାହାଯ୍ୟ ମାଗିଲେ ଧମକ ଦେବା ଭଳି ମାନସିକ ନିର୍ଯ୍ୟାତନାର ଶିକାର ହେଉଥିବା ଭିଡିଓ ମାଧ୍ୟମରେ ଶ୍ରମିକମାନେ ଜଣାଇଛନ୍ତି । ସେମାନେ ହେଲେ କାଶିପୁର ବ୍ଲକ ଓଡାଜୋର, ତଳଝିରି ଓ ଗୋଡ଼ିବାଲି ଗ୍ରାମ ପଞ୍ଚାୟତର ବିଟୁ ମାଝୀ, ଦଇତାରୀ ମାଝୀ, ବିଭୀଷଣ ମାଝି, କବି ମାଝୀ, ରାଜୁ ମାଝୀ, ବୁଲୁ ମାଝୀ, ମୋହନ ମାଝି, ସମ୍ରାଟ ମାଝୀ ଓ ବ୍ରଜ ମାଝୀ । ଏନେଇ ସେମାନେ କାଶୀପୁର ବ୍ଲକର ଅନ୍ତର୍ଜାତୀୟ ମାନବ ଅଧିକାର ରକ୍ଷକ ସଦନ ମାଝିଙ୍କୁ ଫୋନ ଯୋଗେ ସୂଚନା ଦେବା ସହିତ ଭିଡିଓ ବାର୍ତ୍ତା ଦେଇଛନ୍ତି । ସେମାନଙ୍କୁ ନିଜର ପ୍ରାପ୍ୟ ପାଇବାର ସୁବିଧା କରିବା ସହିତ ଘରକୁ ଫେରାଇ ଆଣିବା ପାଇଁ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶ୍ରମ ବିଭାଗକୁ ନିକଟରେ ଭିଡିଓ ମାଧ୍ୟମରେ ଅନୁରୋଧ କରିଛନ୍ତି । ଏଭଳିକି ସେମାନେ ନେଇଥିବା ଟଙ୍କା ସରିଯାଇଥିବା ବେଳେ ଗତ ୭ ଦିନ ହେଲାଣି ସେମାନେ ଠିକ୍ ଭବେ ଖାଇବାକୁ ପାଉନାହାନ୍ତି ବୋଲି ଅଭିଯୋଗ କରିଛନ୍ତି । ଏ ନେଇ ଜିଲ୍ଲା ଶ୍ରମ ଅଧିକାରୀ ରବୀନ୍ଦ୍ରନାଥ ତ୍ରିପାଠୀଙ୍କ ପ୍ରତିକ୍ରିୟା ନେବାରୁ ତେଲେଙ୍ଗାନା ରାଜ୍ୟ ଶ୍ରମ ବିଭାଗୀୟ ଅଧିକାରୀଙ୍କ ସହ ରାୟଗଡା ଓ ରାଜ୍ୟ ଶ୍ରମ ବିଭାଗ ପକ୍ଷରୁ ଉକ୍ତ ବିଷୟରେ ଆଲୋଚନା କରାଯାଇଛି । ହାଇଦ୍ରାବାଦ ଠାରୁ ସେମାନେ କାମ କରୁଥିବା ଗ୍ଲୋବାଲ ଷ୍ଟିଲ ନାମକ କମ୍ପାନୀ ଦୂରତା ପ୍ରାୟ ୪୫କିମି ହୋଇଥିବା ବେଳେ ଶୁକ୍ରବାର ସକାଳେ ତେଲେଙ୍ଗାନା ଅଧିକାରୀ ପହଞ୍ଚି ଅଧିକ ତଥ୍ୟ ପ୍ରଦାନ କରିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ । ୯ଜଣ ଯୁବକଙ୍କୁ ଉଦ୍ଧାର ପାଇଁ ରାଜ୍ୟ ସରକାର ପ୍ରୟାସ କରୁଛନ୍ତି ବୋଲି ସେ କହିଛନ୍ତି ।

**ଉଦ୍ଧାର ପାଇଁ ଟିମ୍ ଯିବେ : ଜିଲ୍ଲା ଶ୍ରମ ଅଧିକାରୀ**

# ଜେକେ କାଗଜକଳ ପ୍ରତିଷ୍ଠାତାଙ୍କ ଜନ୍ମବାର୍ଷିକୀ




ରାୟଗଡ଼ା,୧୮ ।୧୨(ସମିସ): ରାୟଗଡ଼ା ଜିଲ୍ଲାର ଜେକେପୁର ସ୍ଥିତ ଜେକେ କାଗଜକଳ, ୟୁନିଟି, ଜେକେପିଏମ୍, ରାୟଗଡ଼ା, ଜେକେ ସଂଗଠନର ଏକ ସଦସ୍ୟ। ବୁଧବାର ଏହାର ପ୍ରତିଷ୍ଠାତା ସ୍ୱର୍ଗତ ଲାଲା କମଳପତଜୀ ସଂଘାନିଆଙ୍କ ୧୪୧ତମ ଜନ୍ମ ବାର୍ଷିକୀ ପ୍ଲାଣ୍ଟ କ୍ୟାମ୍ପସ ମଧ୍ୟରେ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି, ପରିଚାଳନା କର୍ତ୍ତୃପକ୍ଷ, ଶ୍ରମିକ ଏବଂ ୟୁନିୟନର ପ୍ରତିନିଧିମାନେ ପ୍ରତିଷ୍ଠାତାଙ୍କ ପ୍ରତିମୂର୍ତିରେ ପୁଷ୍ପ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସ୍ୱର୍ଗତ ଶ୍ରୀ ସିଂଘାନିଆଙ୍କ ଅଗ୍ରଣୀ ଅବଦାନ ଆଧୁନିକ ଶିଳ୍ପ ଭାରତର ଅଭିବୃଦ୍ଧିରେ ଏକ ସ୍ଥାୟୀ ଛାପ ଛାଡିଯାଇଛି । ଜେକେ କାଗଜ କଳ କାର୍ଯ୍ୟ ନିର୍ବାହୀ ଉପାଧ୍ୟକ୍ଷ (କାର୍ଯ୍ୟ) ବିନୟ ଦ୍ୱିବେଦୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ । ସଭାରେ ଜେକେ ଗ୍ରୁପର ବିଶ୍ୱସ୍ତରୀୟ ସଫଳତାକୁ ପ୍ରଦର୍ଶିତ କରୁଥିବା ଏକ ଅଡିଓ-ଭିଜୁଆଲ ଉପସ୍ଥାପନା କରାଯାଇଥିଲା । ଏହି କାର୍ଯ୍ୟକ୍ରମର ପ୍ରମୁଖ ଆକର୍ଷଣ ମଧ୍ୟରେ ଦୀର୍ଘ ସେବା ପୁରସ୍କାର ପ୍ରଦାନ,ଯାହା ୧୯୭୬ ମସିହାରେ କର୍ମଚାରୀଙ୍କ ସମର୍ପଣ ଏବଂ ବିଶ୍ୱସ୍ତତାକୁ ସ୍ୱୀକୃତି ଦେବା ପାଇଁ ଜେକେ ସଂଗଠନର ଏକ ଚରସ୍ଥାୟୀ ପରମ୍ପରା ରହିଆସିଛି । ଗତ ୨୦୨୪ ବର୍ଷ ପର୍ଯ୍ୟନ୍ତ ଜେକେ ସଂଗଠନରେ ମୋଟ ୨୦୨୮୫ଜଣ କର୍ମଚାରୀଙ୍କୁ ସେମାନଙ୍କର ଦୀର୍ଘ ଏବଂ ପ୍ରଶଂସନୀୟ ସେବା ପାଇଁ ସମ୍ମାନିତ କରାଯାଇଛି । ଚଳିତ ବର୍ଷ ୨୦୦୦ ବ୍ୟାଚର ୧୩୪ଜଣ କର୍ମଚାରୀ ୨୫ବର୍ଷ ସେବା ପୂରଣ କରିବା ପରେ ଦୀର୍ଘ ସେବା ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ । ୪୦ବର୍ଷ ସେବା ପୂରଣ କରିଥିବା କର୍ମଚାରୀଙ୍କୁ ଲାଇଫ ଟାଇମ ଆସୋସିଏସନ ପୁରସ୍କାର ପ୍ରଦାନ କରାଯାଇଥିଲା । ୨୦୨୪ ପର୍ଯ୍ୟନ୍ତ ,୧୨୩ଜଣ କର୍ମଚାରୀ ଏହି ମର୍ଯ୍ୟାଦାଜନକ ସମ୍ମାନ ପାଇଛନ୍ତି । ୧୯୮୫ ବ୍ୟାଚର ୮ଜଣ କର୍ମଚାରୀଙ୍କୁ ଏହି ବର୍ଷ ବିଭିନ୍ନ ଜେକେ ବ୍ୟବସାୟରେ ସମ୍ମାନିତ କରାଯାଇଛି । ପୁରସ୍କାରପ୍ରାପ୍ତି ବ୍ୟକ୍ତିମାନେ ସେମାନଙ୍କ ପତ୍ନୀଙ୍କ ସହିତ ମୁଖ୍ୟ ଅତିଥିଙ୍କ ଠାରୁ ସ୍ମାରକୀ ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେରେ ମହାପ୍ରବନ୍ଧକ, ଏଚଆର ଆଣ୍ଡ ଆଇଆର, ସୁନଦୀପ ପାଣ୍ଡେ ଆବାହକ ଏବଂ ପରିଚାଳନା କରିଥିବା ବେଳେ ଉପାଧ୍ୟକ୍ଷ, ବାଣିଜ୍ୟକ, ବିଶ୍ୱଜିତ ଦ୍ୱିବେଦୀ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ଲକ୍ଷ୍ମୀପତ୍ ସିଂଘାନିଆ ସ୍କୁଲ ଏବଂ ଲକ୍ଷ୍ମୀପତ ସିଂଘାନିଆ ପବ୍ଲିକ ସ୍କୁଲ, ଜୟପୁରର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# 'ଆସ ସ୍କୁଲ ଯିବା-୨୦୨୫' ଶିକ୍ଷାସଭା କାର୍ଯ୍ୟକ୍ରମ

ମାଲକାନଗିରି,୧୮ ।୧୨(ସମିସ): ମାଲକାନଗିରି ବ୍ଲକ୍ ଅନ୍ତର୍ଗତ ଗୌଡ଼ଗୁଡା ଆଞ୍ଚଳିକ ସାଧନକେନ୍ଦ୍ରସ୍ତରରେ 'ଆସ ସ୍କୁଲ ଯିବା-୨୦୨୫' ଉଦ୍ଦେଶ୍ୟରେ ଶିକ୍ଷାସଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସିଆର୍ସିସ ରଞ୍ଜିତ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ନୀଳୀମାରୀ ଆଶ୍ରମ ବିଦ୍ୟାଳୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମାଲକାନଗିରି ବ୍ଲକର ଉପାଧ୍ୟକ୍ଷ ନିରଞ୍ଜନ ହାଲଦାର, ନାଏବ ସରପଞ୍ଚ ସୁବାଷ ବିଶ୍ୱାସ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ବିରା କୁମାରୀ ମାଢି ପ୍ରମୁଖ ମଞ୍ଚାସୀନ ହୋଇଥିଲେ । ସଭାଟିକୁ ପ୍ରଶାନ୍ତ କୁମାର ସେଠୀ ପରିଚାଳନା କରିଥିଲେ । ଏହି ପଞ୍ଚାୟତର ୧୫୧ ଜଣ ପିଲାଙ୍କୁ ଅଧାରୁ ପାଠପଢା ଓ କେବେ ମଧ ବିଦ୍ୟାଳୟ ଯାଇନଥିବା ସର୍ଭେରୁ ଚିହ୍ନଟ କରାଯାଇଥିବା ବେଳେ ସେମାନଙ୍କୁ ପ୍ରାଥମିକ ଓ ମାଧ୍ୟମିକସ୍ତରରେ ବୟସ ଅନୁଯାୟୀ ନାମ ଲେଖାଯାଇଥିଲା ।ସେହି ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ଆଜିର ଏହି ଶିକ୍ଷାସଭା କାର୍ଯକ୍ରମରେ ଆମନ୍ତ୍ରିତ କରାଯାଇ ସଚେତନର ବାର୍ତ୍ତା ପ୍ରଦାନ କରାଯିବା ସହ ଛାତ୍ରଛତ୍ରୀମାନଙ୍କୁ ବିଦ୍ୟାଳଗୁଡିକରେ ମିଳୁଥିବା ସୁବିଧା ସୁଯୋଗ ବିଷୟରେ ଆଲୋକପାତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପଞ୍ଚାୟତର ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀ, ରୁଦ୍ରମାଧବ ମେହେର, ବିନୋଦଭା ରାଉତ, ସୁରେନ୍ଦ୍ର ଦୋରା, ଗୌରୀପ୍ରଭା ମହାରଣା, ବିନୋଦିନୀ ବେହେରା, ଡି ସ୍ୱର୍ଣ୍ଣଲତା, ଶଶୀରେଖା ଦକ୍ଷଶ, ଉମାକାନ୍ତ ମୁଦୁଲି, ଦିବ୍ୟଜ୍ୟୋତି ପରିଡାଙ୍କ ସହ ଶିକ୍ଷକଶିକ୍ଷୟିତ୍ରୀ ମାନେ ଉପସ୍ଥିତ ରହି କାର୍ଯକ୍ରମକୁ ପରିଚାଳନା ତଥା ସହଯୋଗ କରିଥିଲେ । ଏହି ନୀଳିମାରୀ ଆଶ୍ରମ ବିଦ୍ୟାଳୟର ଛାତ୍ରୀ ସନ୍ତୋଷୀ ମାଡ଼କାମୀ ସୁରଭି କାର୍ଯ୍ୟକ୍ରମରେ ରାଜ୍ୟସ୍ତରକୁ ମନୋନୀତ ହୋଇଥିବାରୁ ତାଙ୍କୁ କ୍ଲଷ୍ଟର ତରଫରୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଶେଷରେ ଜୟଶ୍ରୀ ସୁଆର ଧନ୍ୟବାଦ ଅର୍ପଣ କରିଥିଲେ ।



# କାଠ ଆଣିବାକୁ ଜଙ୍ଗଲକୁ ଯାଇ ଯୁବକ ମୃତ

କୋରୁକୋଣ୍ଡା,୧୮ ।୧୨(ସମିସ): ଘର ପାଇଁ ଜାଳେଣି କାଠ ଆଣିବାକୁ ଜଙ୍ଗଲକୁ ଯାଇ ଶବ ହୋଇ ଫେରିଲେ ଯୁବକ । ଏହି ଘଟଣା ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ସୋମନାଥ ପୁର ପଞ୍ଚାୟତ ଖାରିଗୁଡା ଗାଁରେ ଘଟିଛି । ମିଳିଥିବା ସୂଚନା ଅନୁଯାୟୀ ଖାରିଗୁଡା ଗାଁର ଦିନେଶ ଲମତା(୨୮) ଗତକାଲି ଦିନ ୧୨ଟା ବେଳେ ଘର ଚାରିପଟେ ବାଡ଼ କରିବା ପାଇଁ ଗାଁ ନିକଟସ୍ଥ ଜଙ୍ଗଲକୁ ଯାଉଛି ବୋଲି କହି ଘରୁ ଯାଇଥିଲେ । ତେବେ ସେ ଦୀର୍ଘ ସମୟ ଧରି ଘରକୁ ଫେରି ନଥିଲେ । ତେଣୁ ଗ୍ରାମବାସୀ ଏବଂ ଘରଲୋକ ତାଙ୍କ ଆଖପାଖ ଜଙ୍ଗଲରେ ଖୋଜାଖୋଜି କରିଥିଲେ । ହେଲେ ନିଖୋଜ ଯୁବକଙ୍କର କୌଣସି ଖୋଜଖବର ମିଳିନଥିଲା । ଖାରିଗୁଡା ଗାଁର ଜଣେ ମହିଳାଙ୍କ କହିବାନୁଯାୟୀ ଗତକାଲି ନଦୀ ପାଖରେ ଥିବା ଏକ ଗଛରେ ହଠାତ୍ ନିଆଁ ଜଳିଲା ଏବଂ କିଛି ସମୟ ପରେ ନିଆଁ ଲିଭି ଯାଇଥିଲା । ନଦୀ କୂଳରେ ଥିବା ଏକ ଗଛକୁ ଲାଗି ବିଦ୍ୟୁତ ତାର ଯାଇଥିବା ବେଳେ ଯୁବକ ଜଣଙ୍କ ଗଛରେ କାଠ ହାଣୁଥିଲେ । ଗଛ ମୂଳରେ ଯୁବକଙ୍କ ଚପଲ ରହିଥିବା ବେଳେ ଟାଙ୍ଗିଆଟି କିଛି ଦୂରରେ ପଡି ରହିଥିବା ଦେଖିବାକୁ ମିଳିଛି । ଏଣୁ ଗଛ ସହ ବିଦ୍ୟୁତ ତାରର ସର୍ଟ ସର୍କିଟ ଯୋଗୁଁ ଯୁବକଙ୍କ ମୃତ୍ୟୁ ହୋଇଥିବା କୁହାଯାଉଛି । ତେବେ ଆଜି ଦିବା ୨ଟା ସମୟରେ ନିଜ ଘର ପଛପଟେ ଥିବା ଏକ ନଦୀରେ ଯୁବକଙ୍କ ଶବ ଭାସୁଥିବା ଜଣେ ଗ୍ରାମବାସୀ ଦେଖି ଘର ଲୋକଙ୍କୁ ଜଣାଇଥିଲେ । ଗ୍ରାମବାସୀ ମାନେ ସଙ୍ଗେ ସଙ୍ଗେ କୁଡୁମୁଲୁଗୁମ୍ମା ଦମକଳ ବାହିନୀ ଏବଂ ଓର୍କେଲ ପୁଲିସକୁ ଖବର ଦେଇଥିଲେ । ଘଟଣା ସ୍ଥଳରେ ଓର୍କେଲ ପୁଲିସ ଏବଂ ଅଗ୍ନିଶମ ବିଭାଗ କର୍ମଚାରୀ ମାନେ ପହଞ୍ଚିଥିଲେ । ଦମକଳ ବାହିନୀ କର୍ମଚାରୀ ମାନେ ପାଣିରେ ପଶି ଦଉଡ଼ି, ବାଉଁଶ ସାହାଯ୍ୟରେ ଦୀର୍ଘ ସମୟ ଧରି ପ୍ରୟାସ କରିବା ପରେ ଶେଷରେ ଯୁବକଙ୍କ ମୃତଦେହକୁ ନଦୀରୁ ଉଦ୍ଧାର କରିଥିଲେ । ଯୁବକଙ୍କ ଶବ ମିଳିଯିବା ପରେ ଖାରିଗୁଡା ଗ୍ରାମବାସୀ ଏବଂ ପରିବାର ଲୋକଙ୍କ ମଧ୍ୟରେ ଶୋକାକୁଳ ପରିବେଶ ଦେଖିବାକୁ ମିଳିଛି । ଓର୍କେଲ ପୁଲିସ ଘଟଣାର ପଞ୍ଚନାମା କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିବା ବେଳେ ଘଟଣାର ତଦନ୍ତ କରୁଛି କରୁଥିବା ଏସଆଇ ଅଜିତ କୁମାର ବାରିହା ସୂଚନା ଦେଇଛନ୍ତି ।

## ରାମଚନ୍ଦ୍ର ଉଲାକାଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ସ୍ଥାନ ବିବାଦ ଘନଉଛି

# ଉନ୍ମୋଚନ ପାଇଁ କଂଗ୍ରେସର ପ୍ରସ୍ତୁତି ବୈଠକ



➤ ରାଜନୈତିକ ଉଦ୍ଦେଶ୍ୟ ନେଇ କଂଗ୍ରେସର ସ୍ଥାନ ଜବରଦଖଲ: ବିଜେପି

➤ ପୌର ପ୍ରଶାସନ ଦେଇଛନ୍ତି ଜାଗା : କଂଗ୍ରେସ ବିଧାୟକ

ରାୟଗଡ଼ା,୧୮ ।୧୨(ସମିସ): ପୂର୍ବତନ ମନ୍ତ୍ରୀ ତଥା କୋରାପୁଟ ଲୋକସଭା ସାଂସଦ ସପ୍ତଗିରୀ ଉଲାକାଙ୍କ ବାପା ସ୍ୱର୍ଗତ ରାମଚନ୍ଦ୍ର ଉଲାକାଙ୍କ ପ୍ରତିମୂର୍ତି ସ୍ଥାପନାର ସ୍ଥାନକୁ ନେଇ ଗତ କିଛି ଦିନ ହେଲା ରାୟଗଡ଼ା ଜିଲ୍ଲା କଂଗ୍ରେସ ଏବଂ ବିଜେପି ମଧ୍ୟରେ ବିବାଦ ଘନେଇବାକୁ ଲାଗିଛି । ରାୟଗଡା ସହରର ୩୨୬ ନମ୍ବର ଜାତୀୟ ରାଜପଥର ଚିହ୍ନାରୀ ମେଡିକଲ ସମ୍ମୁଖ ରାସ୍ତା କଡରେ ଆସନ୍ତା ଡିସେମ୍ବର ୨୪ ତାରିଖରେ ପ୍ରତିମୂର୍ତି ଉନ୍ମୋଚନ କାର୍ଯ୍ୟକ୍ରମ ୧୦ ହଜାର ଲୋକଙ୍କ ଗହଣରେ କରାଯିବ ବୋଲି ବୁଧବାର ଜିଲ୍ଲା କଂଗ୍ରେସ କମିଟି ସଭାପତି ତଥା ବିଧାୟକ କାଡ୍ରକା ଅପାଲାସ୍ୱାମୀ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଥିବା ବେଳେ ଶିରିଗୁଡା ସ୍ଥିତ ଭାରତୀୟ ଜନତା ପାର୍ଟି କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ରାୟଗଡ଼ା ଜିଲ୍ଲା ସଭାପତି ଗୋପୀ ଆନନ୍ଦ, ବିଧାୟକ ପ୍ରାର୍ଥୀ ବସନ୍ତ ଉଲାକା,ସାଂସଦ ପ୍ରାର୍ଥୀ କାଳୀରାମ ମାଝି, କାଉନସିଲର ମଂଜୁଳା ମିଣିୟାକା, ଯୁବମୋର୍ଚ୍ଚା ଜିଲ୍ଲା ସଭାପତି ଉମେଶ ଖୋସଲା ପ୍ରମୁଖ ପ୍ରତିମୂର୍ତି ସ୍ଥାପନାକୁ ତୀବ୍ର ବିରୋଧ କରିବା ସହ ବେଆଇନ ଭାବେ ଜାଗା ଜବରଦଖଲ କରି ରାଜନୈତିକ ଉଦ୍ଦେଶ୍ୟ ନେଇ ଏହି ପ୍ରତିମୂର୍ତି ସ୍ଥାପନା କରାଯାଉଛି ବୋଲି ଅଭିଯୋଗ କରିଛନ୍ତି । ପୌର ପରିଷଦ ବୈଠକରେ ଉକ୍ତ ସ୍ଥାନରେ ଭଗବାନ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତି ସ୍ଥାପନା ପାଇଁ ନିଷ୍ପତି ନିଆଯାଇଥିବା ବେଳେ କିଭଳି ଭାବେ ଉକ୍ତ ଚିହ୍ନଟ ସ୍ଥାନରେ ସ୍ୱର୍ଗତ ଉଲାକାଙ୍କ ପ୍ରତିମୂର୍ତି ସ୍ଥାପନା କରାଯାଉଛି ବୋଲି କାଉନସିଲର ଶ୍ରୀମତି ମଂଜୁଳା ମିଣିୟାକା କହିବା ସହ ରେଜୁଲେସନରେ ଟେପରିଂ କରାଯାଉଥିବା ଅଭିଯୋଗ ଆଣିଛନ୍ତି । ସେହିପରି ସ୍ୱର୍ଗତଃ ଉଲାକାଙ୍କ ପ୍ରତି ଆମର ବହୁତ ସମ୍ମାନ ରହିଥିବା ବେଳେ ସର୍ବସାଧାରଣ ସ୍ଥାନକୁ କଂଗ୍ରେସ ସାଂସଦ ଜବରଦଖଲ କରି ବେଆଇନ ଭାବେ ନିଜ ବାପାଙ୍କ ପ୍ରତିମୂର୍ତି ସ୍ଥାପନା କରୁଥିବାରୁ ବିଜେପି ପକ୍ଷରୁ ନିନ୍ଦା ଓ ବିରୋଧ କରୁଛୁ ବୋଲି ବିଧାୟକ ପ୍ରାର୍ଥୀ ଶ୍ରୀ ଉଲାକା କହିଛନ୍ତି । ଯଦି ବେଆଇନ ନୁହେଁ ତେବେ ଉକ୍ତ ସ୍ଥାନର ପ୍ଲଟ ଓ ଖାତା ନଂ କଂଗ୍ରେସ ଦେଇପାରିବ କି ବୋଲି ପ୍ରଶ୍ନ କରିଛନ୍ତି । ସେହିପରି ରାସ୍ତା କଡ଼ ଡ୍ରେନ ନିକଟରେ ସ୍ୱର୍ଗତ ଶ୍ରୀ ଉଲାକାଙ୍କ ପ୍ରତିମୂର୍ତି ସ୍ଥାପନା କରାଯାଇ ତାଙ୍କୁ ଅପମାନ କରିବାକୁ କଂଗ୍ରେସର ଏହି ହୀନ ରାଜନୀତି ବୋଲି ଜିଲ୍ଲା ସଭାପତି ଗୋପୀ ଆନନ୍ଦ ପ୍ରକାଶ କରିଛନ୍ତି । ପ୍ରଶାସନ ପକ୍ଷରୁ ପ୍ରତିମୂର୍ତ୍ତି ସ୍ଥାପନା ନିର୍ମାଣ କାର୍ଯ୍ୟକୁ ସ୍ଥଗିତ ରଖାଯାଇଛି ବୋଲି ବସନ୍ତ ଉଲାକା କହିଛନ୍ତି । ଅପରପକ୍ଷେ ଜିଲ୍ଲା କଂଗ୍ରେସ ସଭାପତି ତଥା ରାୟଗଡ଼ା ବିଧାୟକ ଶ୍ରୀ କାଡ୍ରକା ଗତ ପୌର ପରିଷଦ ବୈଠକରେ ପାରିତ ଅନୁମୋଦନ ବିଷୟରେ କହିଛନ୍ତି । ସ୍ୱର୍ଗୀୟ ରାମଚନ୍ଦ୍ର ଉଲାକାଙ୍କ ପ୍ରତିମୂର୍ତି ପ୍ରତିଷ୍ଠାନକୁ ନେଇ ଅନୁମୋଦନ ହୋଇଥିବା ବେଳେ ଏହାର ଜାଗା ଚିହ୍ନଟ ପାଇଁ ନିର୍ବାହୀ ଅଧିକାରୀଙ୍କୁ ଅନୁରୋଧ କରାଯାଇଥିଲା । ଜାତୀୟ ରାଜପଥ ଚିହ୍ନାରୀ ମେଡିକଲ ଷ୍ଟୋର ସାମ୍ନାରେ ପ୍ରତିମୂର୍ତି ପ୍ରତିଷ୍ଠାନ ଠିକ ରହିବ ବୋଲି ନିର୍ବାହୀ ଅଧିକାରୀ ସଭାଗୃହରେ ଜଣାଇଥିଲେ । ଏହା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ପରେ ଏହାକୁ ସର୍ବସମ୍ମତି କ୍ରମେ ଅନୁମୋଦନ କରାଗଲା ବୋଲି ପୌର ପରିଷଦ ବୈଠକ ରେଜ୍ୟୁଲେସନରେ ଉଲ୍ଲେଖ ରହିଛି, ତେବେ କାହିଁକି ଆମେ ବେଆଇନ ଭାବେ ସ୍ଥାନ ଜବରଦଖଲ କରିବୁ ବୋଲି ବିଧାୟକ କହିଛନ୍ତି । ସାଂସଦ ନିଜ ଟଙ୍କାରେ ନିଜ ବାପାଙ୍କ ପ୍ରତିମୂର୍ତି ସ୍ଥାପନା କରୁଥିବା ବେଳେ କାହିଁକି ବିଜେପି ଏଥିରେ ବ୍ୟତିବ୍ୟସ୍ତ ହୋଇପଡୁଛି, ଆମେ ଜାଣିପାରୁ ନାହୁଁ ବୋଲି ସେ କହିଛନ୍ତି । ଆଜି ସ୍ଥାନୀୟ ସାର୍କିଟ ହାଉସ ସମ୍ମିଳନୀ କକ୍ଷରେ ବିଧାୟକ ଶ୍ରୀ କାଡ୍ରକାଙ୍କ ଅଧ୍ୟକ୍ଷତାରେ ପ୍ରତିମୂର୍ତି ଉନ୍ମୋଚନ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ।



# କିରୋସିନ ଢାଳି ମହିଳାଙ୍କୁ ପୋଡ଼ି ମାରିବା ଉଦ୍ୟମ

- ଶରୀର ୭୫ ପ୍ରତିଶତ ପୋଡ଼ିଯାଇଛି
- ସଙ୍କଟାପନ୍ନ ଅବସ୍ଥାରେ ମୃତ୍ୟୁ ସହ ସଂଗ୍ରାମ

ରାଜନଗର,୧୮ ।୧୨(ସମିସ): ତାଳଚୁଆ ସାମୁଦ୍ରିକ ଥାନା ଶୈଳେନ୍ଦ୍ରସରାଇ ଗ୍ରାମର ନିତାଇ ଖଟୁଆଙ୍କ ସ୍ତ୍ରୀ କବିତାଙ୍କୁ ସ୍ୱାମୀ, ଶାଶୂ, ଶଶୁରଙ୍କ ସହ ପରିବାରର ଅନ୍ୟ ସଦସ୍ୟମାନେ କିରୋସିନ ଢାଳି ପୋଡ଼ି ମାରିଦେବାକୁ ଉଦ୍ୟମ କରିଛନ୍ତି। କବିତାଙ୍କ ଚିତ୍କାର ଶୁଣି ପଡ଼ୋଶୀ ପହଞ୍ଚି ତାଙ୍କ ବାପଘରକୁ ଖବର ଦେବା ସହ ମେଡିକାଲରେ ଭର୍ତ୍ତି କରିଛନ୍ତି। କବିତାଙ୍କ ଶରୀରର ୭୫ ପ୍ରତିଶତ ପୋଡ଼ିଯାଇଛି। ଏବେ କଟକର ଏକ ଘରୋଇ ହସ୍ପିଟାଲରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ପୁଲିସ କବିତାଙ୍କ ସ୍ୱାମୀ ନିତାଇ ଖଟୁଆ, ଶଶୁର ସୁନୀଲ ଖଟୁଆଙ୍କୁ ଗିରଫ କରିଛି। ଖାସମୁଣ୍ଡା ଗାଁର ଲକ୍ଷ୍ମଣ ଚନ୍ଦ୍ର ମଣ୍ଡଳଙ୍କ ସାନ ଝିଅ କବିତା (୨୨) ୪ ବର୍ଷ ପୂର୍ବେ ଶୈଳେନ୍ଦ୍ରସରାଇର ସୁନୀଲ ଖଟୁଆଙ୍କ ପୁଅ ନିତାଇଙ୍କୁ ବିବାହ କରିଥିଲେ। ବିବାହର ବର୍ଷକ ପରେ ସ୍ୱାମୀ, ଶାଶୂ, ଶାଶୁର ତାଙ୍କୁ ନିର୍ଯାତନା ଦେଇଆସୁଥିଲେ। ବାରମ୍ବାର ଭଦ୍ରଲୋକ ବସି ସମାଧାନ କରିଥିଲେ। ଏପରିକି ଅଧିକାଂଶ ସମୟରେ କବିତାଙ୍କୁ ପରିବାର ଲୋକେ ଖାଇବାକୁ ଦେଉ ନ ଥିଲେ। ଗତ ୧୬ ତାରିଖ ଅପରାହ୍ନ ୩ଟାରେ ସ୍ୱାମୀ, ଶାଶୂ, ଶଶୁର ଓ ଦିଅର କବିତାଙ୍କୁ ମାଡ଼ ମାରିବା ସହ ତାଙ୍କ ଦେହରେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ। କବିତାଙ୍କ ଚିତ୍କାର ଶୁଣି ପଡ଼ୋଶୀ ଆସି ନିଆଁ ଲିଭାଇବା ସହ କବିତାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଛି। ସୂଚନାଯୋଗ୍ୟ, କବିତାଙ୍କର ୨ ବର୍ଷ ଓ ୩ ବର୍ଷର ଦୁଇ ସନ୍ତାନ ଅଛନ୍ତି।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ରାଜନଗର,୧୮ ।୧୨(ସମିସ): ରାଜନଗର ବ୍ଲକ ବାଘତେଁଳାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି) ର ଚତୁର୍ଥ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଛି। ରାଜନଗର ହାଇସ୍କୁଲ ପ୍ରଧାନଶିକ୍ଷକ ଜ୍ଞାନରଞ୍ଜନ ଛାଟୋଇ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଅପରାହ୍ନରେ ବିଦ୍ୟାଳୟ ଅଧ୍ୟକ୍ଷ ଚନ୍ଦନ କୁମାର କବିଙ୍କ ପୌରୋହିତ୍ୟ ଏବଂ ଶିକ୍ଷୟିତ୍ରୀ ଦୁର୍ଗାଶ୍ରୀ ଷଡ଼ଙ୍ଗୀଙ୍କ ସଂଯୋଜନାରେ ଆୟୋଜିତ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ପ୍ରତିଭା ପାତ୍ର, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ସତ୍ୟବାଦୀ ଜେନା, ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ଭାସ୍କର ରାଉତରାୟ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। କ୍ରୀଡ଼ା ଶିକ୍ଷକ ଦେବାଶିଷ ସାହୁଙ୍କ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ପ୍ରତିଯୋଗିତା ପରିଚାଳନା କରିଥିଲେ। ଏଥିରେ ୩ ଶହ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ରେଡ ହାଉସ୍ ପ୍ରତିଯୋଗୀମାନେ ଚାମ୍ପିଅନ ହୋଇଛନ୍ତି।

# ଜୟଦେବ ମହାପୁରୁଷ ମଠରେ ଶ୍ରଦ୍ଧାଞ୍ଜଳି ସଭା

ମହାକାଳପଡ଼ା,୧୮ ।୧୨(ସମିସ): ମହାକାଳପଡ଼ା ବ୍ଲକ୍ ଯଦୁପୁର ପଞ୍ଚାୟତ ଯଦୁପୁର ଗ୍ରାମସ୍ଥିତ ଶ୍ରୀ ଜୟଦେବ ମହାପୁରୁଷଙ୍କ ମଠରେ ଜଗତସିଂହପୁର ଜିଲ୍ଲା ଡିଙ୍କିଆ ନୂଆଗାଁ ମହାବୀର ମଠ ମହନ୍ତ ମହାରାଜ ବାବା ରାଜୀବଲୋଚନ ଦାସଙ୍କ ପିତା ଜନ୍ମେଜୟ ପରିଡ଼ାଙ୍କ ଶ୍ରାଦ୍ଧ ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ଉପଲକ୍ଷେ ଦୁଇଦିନ ଧରି ଭଜନ, ଜଣାଣ, ପ୍ରାର୍ଥନା ଓ ପ୍ରବଚନ ଆୟୋଜନ କରାଯାଇଥିଲା। ଅଞ୍ଚଳବାସୀ ତଥା ଆଧ୍ୟାତ୍ମିକପ୍ରେମୀ ଭାଇଭଉଣୀ ଓ ବାବାଙ୍କ ଅନୁଗାମୀ ବହୁ ସଂଖ୍ୟାରେ ଯୋଗଦେଇଥିଲେ। ସମସ୍ତଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା।

**ସହାୟତା ନାଁରେ ଶାସ୍ତି !**

# କ୍ୟାନସର ରୋଗୀଙ୍କୁ ବ୍ୟାଙ୍କ ନୋଟିସ୍

କେନ୍ଦ୍ରାପଡ଼ା,୧୮ ।୧୨(ସମିସ)

କ୍ୟାନସର ରୋଗରେ ପୀଡ଼ିତ ହୋଇ ମରଣ ସହ ଲଢ଼େଇ କରୁଥିବା ଜଣେ ମହିଳାଙ୍କ ପାଇଁ ସରକାରୀ ସହାୟତା ଯେଉଁଠି ଜୀବନର ଆଶା ହେବା କଥା, ସେଇଠି ତାଙ୍କୁ ବ୍ୟାଙ୍କ ନୋଟିସ୍, ଧମକ ମିଳିଛି। କେନ୍ଦ୍ରାପଡ଼ା ଜିଲ୍ଲା ଗରଦପୁର ବ୍ଲକ ବ୍ରହ୍ମପୁର ଗ୍ରାମର କ୍ୟାନସର ପୀଡ଼ିତା କଳ୍ପନା ପଣ୍ଡାଙ୍କ କ୍ଷେତ୍ରରେ ଏହି ଘଟଣା ଘଟିଛି। ଗତ ସେପ୍ଟେମ୍ବର ୨୩ ତାରିଖ ସାମ୍ବାଦିକମାନଙ୍କ ହସ୍ତକ୍ଷେପ ପରେ ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ଜରିଆରେ ସିଏମଆରଏଫ୍ ତହବିଲରୁ କଳ୍ପନାଙ୍କୁ ୫୦ ହଜାର ଟଙ୍କା ସହାୟତା ମିଳିଥିଲା। ଏହି ଟଙ୍କା କୌଣସି "ଦାନ' ନୁହେଁ ଏହା ଜଣେ କ୍ୟାନସର ରୋଗୀଙ୍କ ଅଧିକାର। ସେହି ଟଙ୍କାରେ କଳ୍ପନାଙ୍କ ଚିକିତ୍ସା, ପରୀକ୍ଷା ଓ ଔଷଧ କିଣା ଚାଲିଥିଲା। ତେବେ ୩ ମାସ ପରେ ହଠାତ୍ ବ୍ୟାଙ୍କରୁ ନୋଟିସ୍ ଆସିଲା 'ଟଙ୍କା ଫେରାନ୍ତୁ, ନ ହେଲେ ଆକାଉଣ୍ଟ ବନ୍ଦ।' ଏହି ନୋଟିସ୍ କେବଳ କାଗଜ ନୁହେଁ, ଏହା ମୃତ୍ୟୁ ଶଯ୍ୟାରେ ପଡ଼ିଥିବା ଜଣେ ରୋଗୀଙ୍କ ଉପରେ ମାନସିକ ଆକ୍ରମଣ। ଅଭିଯୋଗ ଅନୁସାରେ, କଳ୍ପନାଙ୍କ ବଡ଼ପୁଅଙ୍କ ଆକାଉଣ୍ଟରେ ଥିବା ୪୧ ହଜାର ଟଙ୍କା ଜମା କରି କାଟି ନିଆଯାଇଛି। ଏହାଛଡ଼ା ସେଭିଂ ଆକାଉଣ୍ଟରେ ଥିବା ୩,୫୦୦ ଟଙ୍କାକୁ ମଧ୍ୟ ଶୂନ୍ୟ କରାଯାଇଛି। ପ୍ରଶ୍ନ ହେଉଛି ଆଇନ କହେ କି ଜଣେ ରୋଗୀଙ୍କ ପୁଅର ଆକାଉଣ୍ଟରୁ ଟଙ୍କା କାଟି ନେବାକୁ? ଶାଳୀକଣ୍ଠା ବ୍ୟାଙ୍କର ଉତ୍ତର ଆହୁରି ଆଶ୍ଚର୍ଯ୍ୟଜନକ। ଭୁଲରେ ୫ ହଜାର ବଦଳରେ ୫୦ ହଜାର ତୁମ ମା'ଙ୍କ ଆକାଉଣ୍ଟକୁ ଯାଇଛି ବୋଲି ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ଯଦି ଏହା ଭୁଲ, ତେବେ ଭୁଲ କରିଥିବା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କାହିଁକି ନୁହେଁ? ଭୁଲର ଦଣ୍ଡ ଜଣେ କ୍ୟାନସର ରୋଗୀ କାହିଁକି ଭୋଗିବେ? ଅଭିଯୋଗ ଅନୁଯାୟୀ, କେନ୍ଦ୍ରାପଡ଼ା



ବଜାର ଏସବିଆଇ ବ୍ୟାଙ୍କର ନାଁ କହି ସରକାରୀ ସହାୟତା ବନ୍ଦ କରିଦେବା, ଥାନାରେ ଏତଲା ଦେଇ ଗିରଫ କରିବା ପର୍ଯ୍ୟନ୍ତ ଧମକ ଦିଆଯାଇଛି। ଏହି ଧମକ ଆଇନସମ୍ମତ ନା ଶକ୍ତିର ଅପବ୍ୟବହାର ତାହା ପ୍ରଶ୍ନବାଚୀ ସୃଷ୍ଟି କରିଚି। ଏହି ଅମାନବିକ ଚାପରେ କ୍ୟାନସର ପୀଡ଼ିତା କଳ୍ପନା ଗତ ୫ ଦିନ ଧରି ଖାଦ୍ୟପେୟ ଛାଡ଼ି ଦେଇଛନ୍ତି। ଏହା ରାଜ୍ୟ ପାଇଁ ଲଜ୍ଜାଜନକ ନୁହେଁ କି? ଭୁଲ କରିଥିବା ବ୍ୟାଙ୍କ କର୍ମଚାରୀ ସୁରକ୍ଷିତ, ରୋଗୀ ଦଣ୍ଡିତ ଏହା କେଉଁ ନ୍ୟାୟ? ଏନେଇ ପୁଅ ରମାକାନ୍ତ ପଣ୍ଡା ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ଅର୍ଥମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ଆରବିଆଇ ଓ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରି ଘଟଣାର ତଦନ୍ତ, ଦୋଷୀଙ୍କୁ ଚିହ୍ନଟ ଓ ରୋଗୀଙ୍କୁ ମାନସିକ ଆର୍ଥିକ ସୁରକ୍ଷା ଦାବି କରିଛନ୍ତି। ଏବେ ଦେଖିବାକୁ ବାକି ରହିଲା ସରକାର କ୍ୟାନସର ରୋଗୀଙ୍କ ପକ୍ଷରେ ଠିଆ ହେବେ ନା ବ୍ୟାଙ୍କ ଭୁଲକୁ ଘଣ୍ଟ ଘୋଡ଼ାଇବେ।

**କାହାର ଭୁଲ, କିଏ ଦଣ୍ଡିତ**

**କେନ୍ଦ୍ରାପଡ଼ାରେ 'ଲଭ୍ ଜିହାଦ' !**

# ପ୍ରେମ ଜାଲରେ ଫସାଇ ଯୁବତୀଙ୍କୁ ହାଇଦରାବାଦରେ ବିକ୍ରି

କେନ୍ଦ୍ରାପଡ଼ା,୧୮ ।୧୨(ସମିସ): କେନ୍ଦ୍ରାପଡ଼ା ଜିଲ୍ଲାରେ "ଲଭ୍ ଜିହାଦ' ଭଳି ଗୁରୁତର ଅଭିଯୋଗ ସାମ୍ନାକୁ ଆସିଛି। ଟାଉନ୍ ଥାନା ନସଢ଼ିପୁର ଗ୍ରାମର ଜଣେ ମହିଳା ତାଙ୍କ ସ୍ୱାମୀଙ୍କ ବିରୋଧରେ ଏହି ଅଭିଯୋଗ ଆଣି କେନ୍ଦ୍ରାପଡ଼ା ଏସ୍‌ପିଙ୍କୁ ଲିଖିତ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ତାଙ୍କ ସ୍ୱାମୀ ସଇଜୁଦ୍ଦିନ୍ ଭଲପାଇବା ନାମରେ ଭିନ୍ନ ସମ୍ପ୍ରଦାୟର ଯୁବତୀମାନଙ୍କୁ ପ୍ରଲୋଭିତ କରି ବିବାହ କରୁଥିଲେ। ପ୍ରାୟ ଏକ ବର୍ଷ ପୂର୍ବେ ସାଲେପୁର ଅଞ୍ଚଳର ଜଣେ ଯୁବତୀଙ୍କୁ ବିବାହ କରିଥିବା ବେଳେ ଏହି ବିବାହ ପାଇଁ ତାଙ୍କୁ ଏକ ଅନୁଷ୍ଠାନ ପକ୍ଷରୁ ୧୦ ଲକ୍ଷ ଟଙ୍କା ମିଳିଛି। ପରେ କେନ୍ଦ୍ରାପଡ଼ା ସଦର ଥାନା ଅଧୀନ ନାଗପୁରା ଅଞ୍ଚଳର ଅନ୍ୟ ଜଣେ ଯୁବତୀଙ୍କୁ ପ୍ରେମଜାଲରେ ଫସାଇ ବିବାହ କରିଛନ୍ତି। ଏହି ବିବାହ ବାବଦରେ ମଧ୍ୟ ୧୦ ଲକ୍ଷ ଟଙ୍କା ପାଇଛନ୍ତି। ବିବାହ କରିଥିବା ଜଣେ ଯୁବତୀଙ୍କୁ ସଇଜୁଦ୍ଦିନ ହାଇଦରାବାଦ ନେଇ ସେଠାରେ ବିକ୍ରି କରିଦେଇଥିବା ସନ୍ଦେହ ରହିଛି ବୋଲି ମହିଳା ଅଭିଯୋଗରେ ଦର୍ଶାଇଛନ୍ତି। ଅଭିଯୋଗକୁ ଗୁରୁତ୍ୱର ସହ ଗ୍ରହଣ କରି ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଥାନାରେ ମାମଲା ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଛି।

ଏ ସଂକ୍ରାନ୍ତରେ ଥାନା ଅଧିକାରୀ ଦିଲୀପ କୁମାର ସାହୁ କହିଛନ୍ତି ଯେ ଅଭିଯୋଗ ପରେ ସଇଜୁଦ୍ଦିନ୍ ନାମରେ ମାମଲା ରୁଜୁ ହୋଇଛି। ଅଭିଯୁକ୍ତକୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଉଛି। ସେ ଫେରାର ହୋଇଯାଇଛନ୍ତି। ଶୀଘ୍ର ତାଙ୍କୁ ଗିରଫ କରାଯିବ ବୋଲି ଥାନା ଅଧିକାରୀ ସାହୁ କହିଛନ୍ତି। ଏସ୍‌ପି ସିଦ୍ଧାର୍ଥ କଟାରିଆ କହିଛନ୍ତି ଯେ ମହିଳାଙ୍କ ଅଭିଯୋଗ ଆଧାରରେ ମାମଲା ରୁଜୁ ହୋଇଛି। ଏକ ପୁଲିସ ଟିମ୍ ହାଇଦରାବାଦ ଯାଇ ତଥ୍ୟ ସଂଗ୍ରହ କରୁଛି। ଏପଟେ ଏହି ଘଟଣାକୁ ନେଇ ସଂଖ୍ୟାଲଘୁ ସମ୍ପ୍ରଦାୟ ନେତା ସଲିମ୍ ଖାନ୍ କହିଛନ୍ତି ଯେ କୋରାନର କୌଣସି ସ୍ଥାନରେ ଅନ୍ୟାୟ, ବହୁ ବିବାହ ବା ଅର୍ଥ ପାଇଁ ବିବାହ କରିବାର ସମର୍ଥନ ନାହିଁ। ଯଦି ଏହି ଅଭିଯୋଗ ସତ୍ୟ ତେବେ ଏହା ନିନ୍ଦନୀୟ ଓ ଏହାର ନିରପେକ୍ଷ ଓ ଉଚ୍ଚସ୍ତରୀୟ ତଦନ୍ତ କରି ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବା ଆବଶ୍ୟକ ବୋଲି ସେ କହିଛନ୍ତି।

- ବିଜୁ ପକ୍କାଘର ପାଇଁ ୧୦ହଜାର ଦେଇ ବିଫଳ

# ଟଙ୍କା ଫେରସ୍ତ ମାଗିବାରୁ ହତ୍ୟା ଧମକ

ମାର୍ଶାଘାଇ,୧୮।୧୨(ସମିସ): ମାର୍ଶାଘାଇ ବ୍ଲକ କରିଲୋପାଟଣା ପଞ୍ଚାୟତ ରାଏଚାନ୍ଦ ଗ୍ରାମର ଭିନ୍ନକ୍ଷମ ବାବାଜୀ ଦାସ (୫୫)ଙ୍କର ବିଜୁ ପକ୍କାଘର କରିଦେବାକୁ କହି ପୂର୍ବତନ ସରପଞ୍ଚ ଭାଗ୍ୟଶ୍ରୀ ରାଉତରାୟଙ୍କ ସ୍ୱାମୀ ଦୀପକ ରାଉତରାୟ ୨୦୧୬ରେ ୧୦ ହଜାର ଟଙ୍କା ନେଇଥିଲେ। ବାବାଜୀ କରଜ ସୂତ୍ରରେ ଟଙ୍କା ଆଣି ଦୀପକଙ୍କୁ ଦେଇଥିଲେ। ହେଲେ ଇତିମଧ୍ୟରେ ୧୦ବର୍ଷ ବିତିବାକୁ ବସିଥିଲେ ମଧ୍ୟ ବାବାଜୀଙ୍କୁ ଘର ମିଳିଲାନାହିଁ। ଟଙ୍କା ଫେରସ୍ତ ପାଇଁ ବାବାଜୀ ଦୀପକଙ୍କ ଘରକୁ ବାରମ୍ବାର ଦୌଡ଼ୁଥିଲେ ମଧ୍ୟ ସେ ଶୁଣୁନାହାନ୍ତି। ଆଜି ଦେବି କାଲି ଦେବି କହି ଶେଷରେ ଡିସେମ୍ବର ୧୦ରେ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ନିରାଶ କଲେ। ଏପରିକି ପୂର୍ବତନ ସରପଞ୍ଚ ତାଙ୍କ ସ୍ୱାମୀ ପୂର୍ବତନ ସମିତିସଭ୍ୟ ଦୀପକ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏହାର ପ୍ରତିବାଦ କରିବାରୁ ଦୀପକ ବାବାଜୀଙ୍କୁ ତଣ୍ଟିଆ ମାରି ତଡ଼ିଦେଇଥିଲେ। ପୁନର୍ବାର ଟଙ୍କା ମାଗିଲେ ଜୀବନରୁ ମାରିଦେବେ ବୋଲି ଧମକ ଦେଇଥିବା ବାବାଜୀ କୁଜାନଗରୀ ଥାନା ଏବଂ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏନେଇ କୁଜାନଗରୀ ଥାନା ଅଧିକାରୀ ଅରବିନ୍ଦ ଶରଣ ମହାନ୍ତି କହିଛନ୍ତି ଯେ ଏତଲା ଆଧାରରେ ତଦନ୍ତ ଆରମ୍ଭ ହୋଇଛି। ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ସରପଞ୍ଚ ସଂଘ ପକ୍ଷରୁ ବେଳାଭୂମି ସଫେଇ

ରାଜନଗର,୧୮ ।୧୨(ସମିସ): ରାଜନଗର ବ୍ଲକ ସରପଞ୍ଚ ସଙ୍ଘ ପକ୍ଷରୁ ପେଣ୍ଠ ବେଳାଭୂମି ସଫେଇ କରାଯାଇଛି। ଆଗକୁ ନୂଆବର୍ଷ ଓ ବଡ଼ଦିନ ଆସୁଥିବାରୁ ପର୍ଯ୍ୟଟକମାନେ ପେଣ୍ଠ ଆସି ବଣଭୋଜି କରି ବେଳାଭୂମିର ମଜା ନେବେ। ତାହା ପୂର୍ବରୁ ସରପଞ୍ଚ ସଙ୍ଘର ଏ ପଦକ୍ଷେପ ସ୍ୱାଗତଯୋଗ୍ୟ ବୋଲି କୁହାଯାଇଛି। ଏହି ସଫେଇ କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ବିଡିଓ ତିଲୋତ୍ତମା ପୃଷ୍ଟି, ଉପାଧ୍ୟକ୍ଷ ଗଣେଷ ଚନ୍ଦ୍ର ଗୁଡ଼ିଆ, ସରପଞ୍ଚ ସଙ୍ଘ ସଭାପତି ଅଶୋକ ମହାନ୍ତି, ସରପଞ୍ଚ ନିରଞ୍ଜନ ରାଉତ, ସସ୍ମିତା ମହାନ୍ତି, ସଙ୍ଗୀତା ମହାପାତ୍ର, ଶୈଳେନ୍ଦ୍ର ମିଶ୍ର, ଇତିଶ୍ରୀ ମହାପାତ୍ର, ରାଣୀମଞ୍ଜରୀ ସେଠୀ, ବୀଣାପାଣି ପ୍ରଧାନ, ଚିତ୍ତରଞ୍ଜନ ପଣ୍ଡା, ନନ୍ଦ ଦୁଲାଲ ପରିଡ଼ା, ସମୀର ସେଠୀ, ହେମଲତା ମାହୁନ୍ତ, ତାପସ ସାହୁ, ପ୍ରତିମା ମହାନ୍ତି, ଉତ୍ତମା ସେଠୀ, ବରିଷ୍ଠ ନେତା ଦେବେନ୍ଦ୍ର ଜେନା, କୈଳାସ ପରିଡ଼ା, ଦିଲୀପ ପାତ୍ର, ରଞ୍ଜନ ମହାନ୍ତି, ରମଣୀ ରଞ୍ଜନ ମହାପାତ୍ର, ଆର୍ତ୍ତବନ୍ଧୁ ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ।

# ସରକାରୀ ଜମି ଜବରଦଖଲ ନେଇ ଉତ୍ତେଜନା

ରାଜନଗର,୧୮ ।୧୨(ସମିସ): ରାଜନଗର ତହସିଲ ଅନ୍ତର୍ଗତ ମହୁଲିଆ ପଞ୍ଚାୟତ ରାଜଗଡ ଗାଁରେ ସରକାରୀ ଜମି ଜଳାଶୟ ଜବରଦଖଲକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ରାଜନଗର ତହସିଲଦାରଙ୍କ ନିକଟରେ ଗ୍ରାମବାସୀ ଏନେଇ ଅଭିଯୋଗ କରିବା ସହିତ ଜବରଦଖଲ ଉଚ୍ଛେଦ କରିବା ପାଇଁ ଦାବି କରିଛନ୍ତି। ଅଭିଯୋଗ ମୁତାବକ ନଦୀ ଗ୍ରାସରେ ଘର ଜମି ହରାଇଥିବା ୨୮ ପରିବାରକୁ ରାଜଗଡ ଗ୍ରାମରେ ୪ ଦେଶମିଲ ଲେଖାଏଁ ଜମି ପ୍ରଦାନ କରାଯାଇଥିଲା। କିଛି ଲୋକ ଏହି ପଞ୍ଚାୟତର ଅର୍ଜୁନୀ ଜୋର (କେନାଲ) କୁ ଅବରୋଧ କରିଛନ୍ତି। ଜୋରର ଦୁଇ ପାଶ୍ର୍?ରେ କଦଳୀ ଗଛ ପକାଇ ଚାଷୀଙ୍କ ଯିବା ଆସିବା ବାଟ ମଧ୍ୟ ବନ୍ଦ କରିଦେଇଛନ୍ତି। ଏହି ଅବରୋଧ ଫଳରେ କେନାଲରେ ପାଣି ମଧ୍ୟ ଚାଷୀ ଆଉ ପାଇ ପାରୁନାହାନ୍ତି। ଏହି କେନାଲ ଉପରେ ମହୁଲିଆ ପଞ୍ଚାୟତ ପକ୍ଷରୁ କଲଭର୍ଟ ନିର୍ମାଣ ପାଇଁ ଅର୍ଥ ଆସିଥିଲେ ମଧ୍ୟ ଜବରଦଖଲ ଯୋଗୁ କଲଭର୍ଟ ନିର୍ମାଣ ହୋଇପାରୁନି। ଏହି ଗାଁରେ ଥିବା ଖାତା ନମ୍ବର ୨୫୪, ପ୍ଲଟ ନମ୍ବର ୭୦୩ କିସମ ଗ୍ରାମ୍ୟ ଜଙ୍ଗଲ ଓ ପ୍ଲଟ ନମ୍ବର ୭୦୪ କିସମ ଜଳାଶୟକୁ ଜବରଦଖଲ କରିବା ଯୋଗୁ ଗାଁର ମୂଳ ଅଧିବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ନେଇ କିଛି ଅସମାଜିକ ବ୍ୟକ୍ତି ଧମକ ଚମକ ଦେବା ଦ୍?ାରା ଗାଁରେ ଉତ୍ତେଜନା ପ୍ରକାଶ ପାଇଛି। ତୁରନ୍ତ ଜବରଦଖଲ ଉଚ୍ଛେଦ କରି ଗାଁରେ ଶାନ୍ତି ଫେରାଇ ଆଣିବାକୁ ଗ୍ରାମବାସୀ ତହସିଲଦାରଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି।

# ରେଳଲାଇନ୍‌ରୁ ଯୁବକଙ୍କ ମୃତଦେହ ଉଦ୍ଧାର

ଡେରାବିଶ,୧୮ ।୧୨(ସମିସ): ରେଳବାଇ ପୁଲିସ୍ ଗୁରୁବାର ଡେରାବିଶ ଥାନା ଗୋଲରାହାଟ ପଞ୍ଚାୟତ ପଣ୍ଡିତପାଟଣା ଗ୍ରାମର ରବିନାରାୟଣ କରଙ୍କ ପୁଅ ନିତାଇ (୩୫)ଙ୍କ ମୃତଦେହ ଯାଜପୁର ଜିଲ୍ଲା ବାଲିଚନ୍ଦ୍ରପୁର ଥାନା କୃଷ୍ଣଦାସପୁର ନିକଟ ରତ୍ନଗିରି ରେଳଷ୍ଟେସନ୍ ନିକଟ ରେଳଲାଇନରୁ ଉଦ୍ଧାର କରିଛି। ନିତାଇ ବାଙ୍ଗାଲୋରର ଏକ ଘରୋଇ ସଂସ୍ଥାରେ କାର୍ଯ୍ୟ କରୁଥିଲେ। ତିନିଦିନ ତଳେ ସେ ଘରକୁ ଫେରି ନ ଥିବା ତାଙ୍କ ସ୍ତ୍ରୀ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକଙ୍କ ପରାମର୍ଶ କ୍ରମେ ତାଙ୍କ ସ୍ତ୍ରୀ ବାଙ୍ଗାଲୋରରେ ରହୁଥିବା ଅଞ୍ଚଳର ଥାନାରେ ନିଖୋଜ ଅଭିଯୋଗ ରୁଜୁ କରିଥିଲେ। ମାତ୍ର ଗୁରୁବାର ଅପରାହ୍ନରେ ରତ୍ନଗିରି ଷ୍ଟେସନ୍‌ରୁ ୧୦୦ ମିଟର ଦୂର ରେଳଲାଇନ୍‌ରେ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ପୁଲିସ୍ ମୃତକଙ୍କ ପରିଚୟ ପାଇ ସେ ଡେରାବିଶ ଥାନା ନିତାଇ ବୋଲି ସ୍ପଷ୍ଟ ହେବାପରେ ପରିବାର ଲୋକଙ୍କୁ ଖବର ଦେଇଥିଲା। ପରିବାର ଲୋକେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ପୁଲିସ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ତେବେ କିଭଳି ଓ କେଉଁ ପରିସ୍ଥିତିରେ ନିତାଇଙ୍କ ମୃତ୍ୟୁ ହେଲା ସେ ନେଇ ପରିବାର ଲୋକ ସନ୍ଦେହରେ ଅଛନ୍ତି।



# କାର୍ ଧକ୍କାରେ ବାଇକ ଆରୋହୀ ଗୁରୁତର

ପଟ୍ଟାମୁଣ୍ଡାଇ/ଦାଣ୍ଡିସାହି,୧୮ ।୧୨(ସମିସ): ପଟ୍ଟାମୁଣ୍ଡାଇ ଧୋୟାଅଞ୍ଚଳକୁ ସଂଯୋଗ କରୁଥିବା ନାହିଆଡିଆ ସେତୁ ନିକଟରେ କାର ଓ ବାଇକ ମୁହାଁମୁହିଁ ଧକ୍କା ହେବାରୁ ବାଇକ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ କୁଳସାହି ଗ୍ରାମର ଶୁଭେନ୍ଦୁ ମଲିକ। ଶୁଭେନ୍ଦୁ ରାଜମିସ୍ତ୍ରି କାମ କରନ୍ତି। ଗୁରୁବାର ଅପରାହ୍ନ ୫ଟାରେ ବାଇକ୍ ଯୋଗେ ସେ କାମରୁ ଫେରୁଥିବା ବେଳେ ବିପରୀତ ଦିଗରୁ ଦ୍ରୁତ ଗତିରେ ଆସୁଥିବା କାର ବାଇକ୍‌କୁ ଧକ୍କାଦେଇ ଶୁଭେନ୍ଦୁଙ୍କ ଉପରେ ମାଡ଼ିଯାଇଥିଲା। ଶୁଭେନ୍ଦୁ କାର ତଳେ ଚାପି ହୋଇ ରହିଯାଇଥିଲେ। କାରର ଚେଚିସ ଓ ବଡିକୁ କଟରରେ କାଟି ତାଙ୍କୁ ଉଦ୍ଧାର କରାଯିବା ପରେ ପଟ୍ଟାମୁଣ୍ଡାଇ ମେଡିକାଲ ନିଆଯାଇଥିଲା। ତେବେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଜିଲ୍ଲା ମୁଖ୍ୟ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଅନ୍ୟପଟେ ଉକ୍ତ କାର୍ ସାଇକଲରେ ଯାଉଥିବା ସ୍ଥାନୀୟ ଅଞ୍ଚଳର ଚନ ସେଠୀଙ୍କୁ ମଧ୍ୟ ଧକ୍କା ଦେଇଥିଲା। ଫଳରେ ସାଇକଲ ଛିଟିକି ଯାଇ ଏକ ଗଛରେ ଲାଗିଥିବା ଦେଖିବାକୁ ମିଳିଛି। ସୌଭାଗ୍ୟବସତ ଚନଙ୍କର ବିଶେଷ କ୍ଷତି ହୋଇ ନାହିଁ। ଦୁର୍ଘଟଣା ଘଟାଇ କାର ଚାଳକ ଫେରାର ହୋଇଯାଇଛନ୍ତି। ଚଉଦକୁଲାଟ ଫାଣ୍ଡି ପୁଲିସ କାର ଜବତ କରି ତଦନ୍ତ ଚଳାଇଛି।

# ବିଭିନ୍ନ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ପଞ୍ଚୁପାଣ୍ଡବ,୧୮ ।୧୨(ସମିସ)

ଡେରାବିଶ ବ୍ଲକ ଛୋଟି ପଞ୍ଚାୟତ ରାମଚଣ୍ଡୀ ନିକେତନ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷୟିତ୍ରୀ ତପସ୍ୱିନୀ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଦୀପ କୁମାର ନାୟକ, ସମ୍ମାନିତ ଅତିଥି ଭାବେ ସିଆରସିସି ତ୍ରିଲୋଚନ ମଲ୍ଲିକ, ସରପଞ୍ଚ ରଜନୀ ମଳିକ, ପରିଚାଳନା କମିଟି ସଭାପତି ଭାଗବତ ମଲ୍ଲିକ ଯୋଗଦେଇଥିଲେ। ଶିକ୍ଷକ ସତ୍ୟରାମ ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ। କ୍ରୀଡ଼ା ଶିକ୍ଷୟିତ୍ରୀ ପ୍ରତିଜ୍ଞା ପରିଡ଼ା କ୍ରୀଡ଼ା ପ୍ରତିଯୋଗିତା ପରିଚାଳନା କରିଥିଲେ।

**ରାଜନଗର:** ରାଜନଗର ବ୍ଲକ ମହିଷାସୁରସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ମହିଷାସୁର ସରପଞ୍ଚ ଅଶୋକ କୁମାର ମହାନ୍ତି, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର କୋଷାଧ୍ୟକ୍ଷ ସଞ୍ଜୟ କୁମାର ବାଗ, ଆଇନଜୀବୀ ଦେବଦତ୍ତ ସେଠୀ ଯୋଗଦେଇଥିଲେ। ପ୍ରଧାନଆଚାର୍ଯ୍ୟ ସୁଲେଖା ବାରିକ ଧନ୍ୟବାଦ ଦେଇଥିଲେ। ବିଭୂତି ଲେଙ୍କା, କୈଳାସ ଜେନା, ସ୍ୱପ୍ନାରାଣୀ ସାହୁ, ଶୁଭଶ୍ରୀ ଲେଙ୍କା, କବିତା ବାରିକ, ପ୍ରଣତି ସ୍ୱାଇଁ, ଜୋତିର୍ମୟୀ ସାହୁ, ସୁଦୀପ୍ତ ନାୟକ ସହଯୋଗ କରିଥିଲେ।




**ମହାକାଳପଡ଼ା:** ମହାକାଳପଡ଼ା ବ୍ଲକ ରାଜଗଡ଼ ପଞ୍ଚାୟତ ବିଦ୍ୟାଳୟର ୪୮ ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦଯାପିତ ହୋଇଛି। ପ୍ରଧାନଶିକ୍ଷକ ଅଭୟ କୁମାର ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ କାର୍ଯ୍ୟକ୍ରମରେ ସରପଞ୍ଚ ମମତା ସାମଲ ମୁଖ୍ୟଅତିଥି, ନନ୍ଦିଘୋଷ ଟିଭିର ପ୍ରତିନିଧି ନୟନମଣି ସାମଲ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସରପଞ୍ଚ ମମତା ସାମଲ, ମୁଖ୍ୟବକ୍ତା ଭାବେ ରାଜ୍ୟ ଓଷ୍ଟା ସଂଘ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ କୁମାର ମହାପାତ୍ର, ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ପଦ୍ମନାଭ ପ୍ରତିହାରୀ, ସିଆରସିସି ନୀଳେନ୍ଦ୍ରି ପାଇଟାଳ ଯୋଗଦେଇଥିଲେ। ବିଦ୍ୟାଳୟର ଖେଳ ଶିକ୍ଷୟିତ୍ରୀ ପ୍ରକାଶିନୀ ସ୍ୱାଇଁ ଖେଳ ପରିଚାଳନା କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ଶୈଳଜା ମହନ୍ତ, ସ୍ନିଗ୍ଧାମୟୀ ରାଉତ, ମନସ୍ୱିନୀ ରାଉଳ, ପବିତ୍ର କୁମାର ରାଉଳ, ଅଜିତା ମହାପାତ୍ର, ଜୁନିଅର ଆସିଷ୍ଟାଣ୍ଟ ଅଶ୍ରୁମୋଚନ ବେହେରା, ଗୌତମ ଦାସ, ଶୋଭାରାଣୀ ପ୍ରତିହାରୀ ସହଯୋଗ କରିଥିଲେ। ପରିଚାଳନା କମିଟି ସଭାପତି, ସମ୍ପାଦକ ଓ ସମସ୍ତ ସଭ୍ୟ ଉପସ୍ଥିତ ଥିଲେ।



## ହୃଦଘାତରେ ଯୁବ ଇଞ୍ଜିନିୟର ମୃତ

ଢେଙ୍କାନାଳସଦର,୧୮ ।୧୨(ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ଦଧିସିଙ୍ଗା ଗ୍ରାମର ଯୁବ ଇଞ୍ଜିନିୟର ଦେବୀପ୍ରସାଦ ମହାନ୍ତି (୨୪)ଙ୍କର ହୃଦଘାତରେ ରାଜସ୍ଥାନ ଉଦୟପୁରଠାରେ ପରଲୋକ ହୋଇଛି । ସେଠାରେ ସେ କାର୍ଯ୍ୟରତ ଥିଲେ । ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ରାଜସ୍ଥାନ ସରକାରଙ୍କ ସହ ଯୋଗାଯୋଗ କରି ଦେବୀପ୍ରସାଦ କାର୍ଯ୍ୟ କରୁଥିବା କମ୍ପାନୀ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ । କମ୍ପାନୀ କର୍ତ୍ତୃପକ୍ଷ ସମ୍ମାନର ସହ ମୃତଦେହ ପଠାଇବା ବ୍ୟବସ୍ଥା କରିଥିଲେ । ଏଥି ସହିତ ପରିବାରକୁ ସମସ୍ତ ଆର୍ଥିକ ସହାୟତା ପାଇଁ ବ୍ୟବସ୍ଥା କରିଛନ୍ତି । ମଙ୍ଗଳବାର ତାଙ୍କ ମରଶରୀର ଭୁବନେଶ୍ୱର ବିମାନବନ୍ଦରରୁ ଦଧିସିଙ୍ଗା ଗ୍ରାମକୁ ଅଣାଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି । ଗତ ୧୪ ମାସ ହେଲା ସେ କମ୍ପାନୀରେ କାର୍ଯ୍ୟରତ ଥିଲେ । ତାଙ୍କ ଦେହାନ୍ତରେ ସାଂସଦ ପାଣି, ସ୍ଥାନୀୟ ବିଧାୟକ ତଥା ରାଜ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, କୃଷକନେତା ରାମଚନ୍ଦ୍ର ପାତ୍ର, ଯୁବମୋର୍ଚ୍ଚା ସଭାପତି ମହାଦୀପ ଯଶୋବନ୍ତ ମହିମା, ମନ୍ତ୍ରୀଙ୍କ ଗଁଦିଆ ପ୍ରତିନିଧି ରତିକାନ୍ତ ସାହୁ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି ।

## ୫ଏକର ଜମିର ଧାନ ନଷ୍ଟକଲେ ହାତୀପଲ



କଙ୍କଡ଼ାହାଡ଼,୧୮ ।୧୨(ସମିସ): ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ କନ୍ଧରା ଫରେଷ୍ଟ ସେକ୍ସନ ଅଧୀନ ବାମ୍ ପଞ୍ଚାୟତ କୀର୍ତ୍ତନପୁର ଭଗାମୁଣ୍ଡା ସାହିରେ ବୁଧବାର ବିଳମ୍ବିତ ରାତିରେ ୩୦ଟିକିଆ ହାତୀପଲ ଉପଦ୍ରବ କରିଛନ୍ତି । ସନ୍ଧ୍ୟାରେ ହାତୀପଲ କେନ୍ଦୁଝର ଜିଲ୍ଲା ସମାକୁଦ ଜଙ୍ଗଲ ଦେଇ ଢେଙ୍କାନାଳ ଜିଲ୍ଲା ଝାଞ୍ଜିରୀବେରଣା ଗ୍ରାମର ଚାଷ ଜମିକୁ ପଶିଆସିଥିଲେ । ଲକ୍ଷ୍ମୀଧର ପ୍ରଧାନଙ୍କ ତାର ବାଡ଼ ଭାଙ୍ଗି କୀର୍ତ୍ତନପୁର ଭଗାମୁଣ୍ଡା ସାହିରେ ବାଣେଶ୍ୱର ସିଂହ ଓ ବିରଞ୍ଚି ପ୍ରଧାନଙ୍କ ଚାଷ ଜମିରେ ଅମଳ କରି ରଖିଥିବା ଧାନବିଡ଼ା ଖାଇ ସମ୍ପୂର୍ଣ୍ଣ ନଷ୍ଟ କରିଦେଇଛନ୍ତି । ବାଣେଶ୍ୱରଙ୍କ ତିନି ଏକର ଜମିର ଧାନ ନଷ୍ଟ କରିଥିବା ବେଳେ ବିରଞ୍ଚିଙ୍କ ୨ ଏକର ଜମିର ଧାନ ଖାଇଦେଇଛନ୍ତି ହାତୀପଲ । ଏ ନେଇ ଉଭୟ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି ହୋଇଛି ।

## ସନ୍‌ରାଇଜ କ୍ଲବର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଉଦ୍‌ଯାପିତ



ହିନ୍ଦୋଳ,୧୮ ।୧୨(ସମିସ): ହିନ୍ଦୋଳ ଉପଖଣ୍ଡ ସାନରାଇଜ କ୍ଲବର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଉଦଯାପିତ ହୋଇଛି । ଅନୁଷ୍ଠାନର ବରିଷ୍ଠ କର୍ମକର୍ତ୍ତା ମହେନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରାକ୍ତନ ଅଧ୍ୟାପକ ରମେଶ ସାହୁ, ଅନୁଷ୍ଠାନର ସମ୍ପାଦକ ବିନୟ କୁମାର ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ବରିଷ୍ଠ ସାମ୍ବାଦିକ ବିକ୍ରମ ସାହୁ ମଞ୍ଚ ସଞ୍ଚାଳନ କରିଥିଲେ । ଏହି ଅବସରରେ ବହୁ କବି ଏବଂ ଚିତ୍ରଶିଳ୍ପୀଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଥିଲା । ଶେଷରେ ସୁବର୍ଣ୍ଣ ଜୟନ୍ତୀ ପତାକା ଅବତରଣ ପରେ ସଭାପତି ଭାସ୍କର ନାୟକଙ୍କୁ କ୍ରୀଡ଼ା ସମ୍ପାଦକ ରୋହିତ ସାହୁ ପ୍ରଦାନ କରିଥିଲେ ।

## ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦଯାପିତ



ଗଁଦିଆ,୧୮ ।୧୨(ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ କପିଳାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗୀତା ଗୁରୁବାର ଉଦଯାପିତ ହୋଇଛି । ଉପଜିଲ୍ଲାପାଳ ବିବୁଧ ଗଡ଼ନାୟକ ଏହାକୁ ଉଦଘାଟନ କରିଥିଲେ । ପ୍ରାୟ ୧୫୦ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇଥିଲେ । ଉଦଯାପନୀ ଉତ୍ସବକୁ କଲେଜ ଅଧ୍ୟକ୍ଷ ଗୋଲକ ନାୟକ ପରିଚାଳନା କରିଥିଲେ । କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ମେଡାଲ ଓ ସାର୍ଟିଫିକେଟ ପ୍ରଦାନ କରିଥିଲେ । ବାଳକ ବର୍ଗରେ ଇନ୍ଦ୍ରଜିତ ପରିଡା ଏବଂ ବାଳିକା ବର୍ଗରେ ସୀତା ମୁଣ୍ଡା ଚାମ୍ପିଅନ ହୋଇଥିଲେ । ଖେଳ ଶିକ୍ଷକ ଦୀପାଂଶୁ ତ୍ରିପାଠୀ ଏବଂ ଚିତ୍ତରଞ୍ଜନ ସାମଲ ଖେଳ ପରିଚାଳନା କରିଥିଲେ । ଅଧ୍ୟାପକ ପ୍ରିୟବ୍ରତ ପାତ୍ର କଲେଜର ଦ୍ରୁତତମ ଧାବକ ଓ ଧାବିକାଙ୍କୁ ପୁରସ୍କୃତ କରିଥିଲେ ।

# ଢେଙ୍କାନାଳ ବରା ଓ ପାଳ ବାଇଗଣକୁ ଜିଆଇ ମାନ୍ୟତା ଦାବି

ଢେଙ୍କାନାଳ,୧୮ ।୧୨(ସମିସ)



ଢେଙ୍କାନାଳ ଜିଲ୍ଲାର ପ୍ରସିଦ୍ଧ ବରା ଓ ପାଳ ବାଇଗଣକୁ ଜିଆଇ ଟ୍ୟାଗ ପ୍ରଦାନ ନିମନ୍ତେ ପ୍ରୟାସ ଆରମ୍ଭ ହୋଇଛି । ଗୁରୁବାର ପୂର୍ବାହ୍ନରେ କୃଷି ବିଜ୍ଞାନ କେନ୍ଦ୍ର ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଆଇଏଏସ. ପ୍ରୋବେସନର ଭଗତ ସାମଲ କଲ୍ୟାଣରାଓ ଯୋଗଦେଇ ଜିଲ୍ଲାର ବରା ଓ ପାଳ ବାଇଗଣ ସ୍ୱତନ୍ତ୍ର ଏବଂ ଖୁବ୍ ସ୍ୱାଦିଷ୍ଟ ବୋଲି ପ୍ରକାଶ କରିଥିଲେ । ଏହା ଜିଆଇ ମାନ୍ୟତା ପାଇବାର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ । ଏଥିପାଇଁ ସମସ୍ତ ବ୍ୟବସାୟୀ, ଚାଷୀ, ଗଣମାଧ୍ୟମ ପ୍ରତିନିଧି ଓ ବିଭାଗୀୟ ଅଧିକାରୀମାନେ ସହଯୋଗ କରିବାକୁ ପରାମର୍ଶ ଦେଇଥିଲେ । କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ତଥା ମୁଖ୍ୟ ବୈଜ୍ଞାନିକ ବିମଳେନ୍ଦୁ ମହାନ୍ତି ସମସ୍ତ ତଥ୍ୟ ସଂଗ୍ରହ କରାଯାଇ ଜିଆଇ ମାନ୍ୟତା ନିମନ୍ତେ ଆସନ୍ତା ଜାନୁଆରୀ ୧୫ ତାରିଖ ମଧ୍ୟରେ ଆବେଦନ କରାଯିବ ବୋଲି କହିଛନ୍ତି । ପାଳ ବାଇଗଣ ସମ୍ପର୍କରେ ସମସ୍ତ ପ୍ରକାରର ତଥ୍ୟ ଏକ କମିଟି ମାଧ୍ୟମରେ ସଂଗ୍ରହ କରାଯିବ । ବରାର ପ୍ରାମାଣିକ ତଥ୍ୟ ଆଦି ସଂଗ୍ରହ ମୋ ଢେଙ୍କାନାଳ ଚାନେଲର ଇଂ ସୌମ୍ୟବ୍ରତ ସାହୁଙ୍କ ଦ୍ୱାରା କରାଯିବ ବୋଲି ସେ ପ୍ରକାଶ କରିଥିଲେ । କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ଏହି ପାଳ ବାଇଗଣ ଓ ବରାର ସ୍ୱତନ୍ତ୍ରତା ପରୀକ୍ଷା କରାଯାଇ ଜିଆଇ ମାନ୍ୟତା ନିମନ୍ତେ ଆବେଦନ କରାଯିବ ବୋଲି ସେ କହିଥିଲେ । ବୈଠକରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ଡିପିସି, ମିଶନଶକ୍ତି, ଓରମାସ ଡେପୁଟି ସିଇଓ, ସ୍ୱିଟ୍ ଆସୋସିଏସନ ସଭାପତି, ସମ୍ପାଦକ, କପିଳେଶ୍ୱର ମହାଦେବ ଫାର୍ମର୍ ପ୍ରଡ୍ୟୁସର କୋ-ଅପରେଟିଭ ସୋସାଇଟିର କର୍ମକର୍ତ୍ତା, ମୋ ଢେଙ୍କାନାଳ ଚାନେଲର ଇଂ. ସୌମ୍ୟବ୍ରତ ସାହୁ ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ ।

● ଶୁଣିଲେନି ଜିଲ୍ଲାପାଳ

## ଟାଟା ପାୱାର ବିରୋଧରେ ଏକାଠି ହେଲେ ଉପଭୋକ୍ତା



ଢେଙ୍କାନାଳ,୧୮ ।୧୨(ସମିସ): ଢେଙ୍କାନାଳ ଜିଲ୍ଲାରେ ଟାଟା ପାୱାର ମନମୁଖି ଶାସନ ତଥା ସ୍ମାର୍ଟ ମିଟର ଆଳରେ ଉପଭୋକ୍ତାଙ୍କୁ ଶୋଷଣ ଅଭିଯୋଗ ଉପରେ ଜିଲ୍ଲାପାଳ କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ଗୁରୁବାର ପୁଣି ଥରେ କମ୍ପାନୀ ବିରୋଧରେ ଆନ୍ଦୋଳନ କରାଯାଇଛି । ଟାଟା ପାୱାର ନ ମାନିଲେ ବିଭିନ୍ନ କାର୍ଯ୍ୟାଳୟରେ କର୍ମଚାରୀ ଏବଂ ଅଧିକାରୀଙ୍କୁ ପ୍ରବେଶ କରିବାକୁ ଦିଆଯିବ ନାହିଁ ବୋଲି ଓକିଲ ସଙ୍ଘ ସଭାପତି କହିଛନ୍ତି । ଢେଙ୍କାନାଳରେ ଟାଟା ପାୱାର ବିଦ୍ୟୁତ ଯୋଗାଣ ନାମରେ ଉପଭୋକ୍ତାଙ୍କୁ ବିଭିନ୍ନ ଆଳରେ ଶୋଷଣ କରୁଛି । ଏହାକୁ ନେଇ ଜିଲ୍ଲାରେ ଅସନ୍ତୋଷ ଦେଖାଦେବା ସହିତ ଓକିଲ ସଙ୍ଘ ଆହ୍ୱାନରେ ଢେଙ୍କନାଳ ବନ୍ଦ ଡାକରା ଦିଆଯାଇଥିଲା । ବନ୍ଦକୁ ସମର୍ଥନ କରି ସହର ସହ ଆଖପାଖ ଅଞ୍ଚଳରେ ଦୋକାନ ବଜାର ବନ୍ଦ ରହିଥିଲା ।

ଟାଟା ପାୱାର ସ୍ମାର୍ଟ ମିଟର ନାମରେ ଶୋଷଣ କରୁଥିବାର ଅଭିଯୋଗ ହୋଇଛି । ପ୍ରଥମେ ଜିଲ୍ଲାର ବିଭିନ୍ନ ସଙ୍ଗଠନ ସହ ଆଲୋଚନା, କପିଳାସ ରାସ୍ତାରେ ଆଲୋକୀକରଣ, ସିଟି ହସ୍ପିଟାଲ କାର୍ଯ୍ୟକ୍ଷମ ସହିତ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ଶୋଷଣ ବନ୍ଦ କରିବାକୁ ଦାବି କରାଯାଇଥିଲା । ଢେଙ୍କାନାଳ ବନ୍ଦ ପରେ ଏକ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିଲା । ଜିଲ୍ଲାପାଳ ଦାବିପତ୍ର ଗ୍ରହଣ କରିବା ପରେ ଟାଟା ପାୱାର, ବିଦ୍ୟୁତ ଉପଭୋକ୍ତା କ୍ରିୟାନୁଷ୍ଠାନ କମିଟି ଏବଂ ପ୍ରଶାସନ ତରଫରୁ ଏକ ମିଳିତ ବୈଠକ ଆହ୍ୱାନ କରାଯାଇ ସମସ୍ୟା ସମାଧାନ କରିବାକୁ କହିଥିଲେ । କିନ୍ତୁ ଗୋଟିଏ ମାସ ବିତିଯାଇଥିଲେ ମଧ୍ୟ ଜିଲ୍ଲାପାଳ କୌଣସି ପଦକ୍ଷେପ ଗ୍ରହଣ କଲେନାହିଁ । ଏହାକୁ ନେଇ ପୁଣି ଥରେ ଟାଟା ପାୱାର ବିରୋଧରେ ଆନ୍ଦୋଳନ ଆରମ୍ଭ ହୋଇଛି । ଗୁରୁବାର ଏକ ବିଶାଳ ଶୋଭାଯାତ୍ରାରେ ବିଭିନ୍ନ ସଙ୍ଗଠନ ସହ ଜନସାଧାରଣ ଏକତ୍ରିତ ହୋଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏହାକୁ ନେଇ ଓକିଲ ସଙ୍ଘର ସଭାପତି ଗୋପାଳ ପାତ୍ରଙ୍କ କହିବା ଅନୁସାରେ ଟାଟା ପାୱାର ତା'ର ମନମାନିରୁ ନିବୃତ୍ତ ରହୁ । ଢେଙ୍କାନାଳ ବନ୍ଦ ପରେ ମୁଖ୍ୟମନ୍ତ୍ରୀ ଏବଂ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା । ଏକ ମାସ ବିତିଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଗଲା ନାହିଁ କିମ୍ବା ଜିଲ୍ଲାପାଳ ବୈଠକ ଡାକିଲେ ନାହିଁ । ତେଣୁ ବିଦ୍ୟୁତ ଉପଭୋକ୍ତା କମିଟି ପୁଣି ଥରେ ଆନ୍ଦୋଳନକୁ ଓହ୍ଲାଇବା ସହିତ ଦାବିପତ୍ର ପ୍ରଦାନ କରାଯାଇଛି । ଏହା ପରେ ଯଦି କୌଣସି ପଦକ୍ଷେପ ଗ୍ରହଣ କରା ନ ଯାଏ ତେବେ ଟାଟା ପାୱାର କର୍ମଚାରୀମାନଙ୍କୁ କୌଣସି କାର୍ଯ୍ୟାଳୟରେ ପୂରାଇ ଦିଆଯିବ ନାହିଁ । ଏଣିକି ଆମେ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କରିବୁ ନାହିଁ । ତଡ଼ି ତଡ଼ି ତାଙ୍କୁ ଏଠାରୁ ବିଦାୟ କରିଦେବୁ ବୋଲି ଓକିଲ ସଂଘ ସଭାପତି ପାତ୍ର କହିଛନ୍ତି । ଯେପର୍ଯ୍ୟନ୍ତ ନ୍ୟାୟ ନ ମିଳିଛି, ଆନ୍ଦୋଳନ ଜାରି ରହିବ ବୋଲି ସେ ଚେତାବନୀ ଦେଇଛନ୍ତି ।

## ବଣସିଂହ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଢେଙ୍କାନାଳ,୧୮ ।୧୨(ସମିସ): ଢେଙ୍କାନାଳ ଜିଲ୍ଲା ସଦର ବ୍ଲକ ବଣସିଂହ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି । ପୂର୍ବତନ ସରପଞ୍ଚ ଜୟନ୍ତ କୁମାର ହୋତା ମୁଖ୍ୟଅତିଥି, ରାଜ୍ୟ କଳା ସଂସ୍କୃତିର ଉପସଭାପତି ଅବନୀ ମିଶ୍ର ମୁଖ୍ୟବକ୍ତା, କଣ୍ଠଶିଳ୍ପୀ ସ୍ନିଗ୍ଧା ଧଳ, ରାଧାଦେଇପୁର ସରପଞ୍ଚ ଟୁନିକୁନି ସ୍ୱାଇଁ, ବଣସିଂହ ସରପଞ୍ଚ ପ୍ରମିଳା ବେହେରା, ଡିଗ୍ରୀ କଲେଜ ଅଧ୍ୟକ୍ଷ ଗଗନ ବିହାରୀ ସ୍ୱାଇଁ, ଅଧ୍ୟାପକ ଶରତ ଚନ୍ଦ୍ର ରାଉତ, ରମେଶ ଚନ୍ଦ୍ର ବାରିକ, ସମ୍ପାଦକ କାଳନ୍ଦୀ ଚରଣ ସ୍ୱାଇଁ, ସମାଜସେବୀ ଗଙ୍ଗାଧର ସେଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସଂସ୍କାର, ସଂସ୍କୃତି ଓ ପରମ୍ପରାକୁ ଜୀବନ ସହିତ ଯୋଡ଼ିପାରିଲେ ସଫଳତା ଅର୍ଜନ କରିପାରିବେ ବୋଲି କହିଥିଲେ । ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସୁଶାନ୍ତ କୁମାର ବାରିକ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶିକ୍ଷାବିତ ଶଙ୍କର୍ଷଣ ଶତପଥୀ ସଭାପତିତ୍ୱ କରିଥିଲେ । ଅଧ୍ୟାପିକା ରଶ୍ମିଲତା ପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା । ସର୍ବାଧିକ ନମ୍ବର ରଖିଥିବା ସ୍ମିତାଞ୍ଜଳି ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କଣ୍ଠଶିଳ୍ପୀ ପମି ମିଶ୍ର, ରଶ୍ମିରଞ୍ଜନ ପଣ୍ଡା, କମଳ ନନ୍ଦ ଓ ସ୍ନିଗ୍ଧା ଧଳ ସଙ୍ଗୀତ ପରିବେଷଣ କରିଥିଲେ । ଛାତ୍ରଛାତ୍ରୀମାନେ ନୃତ୍ୟ ପ୍ରଦର୍ଶନ କରିଥିଲେ । ଅଧ୍ୟାପିକା ସୁତପା ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜଳ ଯୋଗାଣ ନିମନ୍ତେ ଜିଲ୍ଲାପାଳଙ୍କୁ ଦାବି

ଢେଙ୍କାନାଳ,୧୮ ।୧୨(ସମିସ): ଗ୍ରାମମାନଙ୍କୁ ପାନୀୟଜଳ ଯୋଗାଣ ନିମନ୍ତେ ବିଛାଯାଇଥିବ ପାଇପଗୁଡ଼ିକ ନଷ୍ଟ ହୋଇ ପାଣି ଲିକ୍ କରୁଥିବାରୁ ଏହାର ମରାମତି କରି ଜଳ ଯୋଗାଣ କରିବାକୁ ବିକେଏମୟୁ ଜିଲ୍ଲା ସମ୍ପାଦକ ରବି ରଥ ଜିଲ୍ଲାପାଳଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଇଛନ୍ତି । ବର୍ତ୍ତମାନ କୂଅଗୁଡ଼ିକର ଜଳସ୍ତର କମି ଆସୁଛି । ପୂର୍ବରୁ ଯେଉଁ ଜଳ ଯୋଗାଣ ନିମନ୍ତେ ପାଇପ ବିଛାଯାଇଛି ତାହା ନଷ୍ଟ ହେବାକୁ ବସିଲାଣି । ପାଇପ୍ କନେକ୍ଟର ଭାଙ୍ଗିଯାଇଥିବାରୁ ପାଣି ଠିକ ଭାବେ ଯୋଗାଣ ହୋଇପାରୁନାହିଁ । ଟ୍ୟାପ୍‌ଗୁଡ଼ିକ ଭାଙ୍ଗି ପାଣି ବୋହିଚାଲୁଛି । ଠିକ୍ ଭାବେ ପାଇପ ବିଛାଯାଇ ନ ଥିବାରୁ ପାଇପଗୁଡ଼ିକ ଭାଙ୍ଗିଗଲାଣି । ବର୍ତ୍ତମାନ ପାନୀୟ ଜଳ ଯୋଗାଣ ପାଇଁ କାର୍ଯ୍ୟ ଚାଲୁ ରହିଥିବା ବେଳେ ଠିକାଦାର ଗୋଟିଏ ଗ୍ରାମରେ କାମ ସମ୍ପୂର୍ଣ୍ଣ ନ କରି ଅଧପନ୍ତରିଆ ଅବସ୍ଥାରେ ଛାଡ଼ି ଯାଉଛନ୍ତି । ଏହି ବିଷୟକୁ ଅନୁଧ୍ୟାନ କରି ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାକୁ ବିକେଏମୟୁ ଜିଲ୍ଲା ସମ୍ପାଦକ ରଥ ଦାବି କରିଛନ୍ତି ।

## ‘ନ୍ୟାସନାଲ ହେରାଲ୍ଡ ମାମଲା ଖାରଜ ଯଥାର୍ଥ’



ଢେଙ୍କାନାଳ,୧୮ ।୧୨(ସମିସ): ନ୍ୟାସନାଲ୍ ହେରାଲ୍ଡ ବାବଦରେ ଦିଲ୍ଲୀ ହାଇକୋର୍ଟରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଦାୟର କରିଥିବା ମାମଲା ଖାରଜ ହୋଇଥିବାରୁ ଏହାକୁ ଢେଙ୍କାନାଳ ଜିଲ୍ଲା କଂଗ୍ରେସ ପକ୍ଷରୁ ସ୍ୱାଗତ କରାଯାଇଛି । ସହରସ୍ଥିତ କଂଗ୍ରେସ ଜିଲ୍ଲା କାର୍ଯ୍ୟାଳୟରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ କଂଗ୍ରେସ ନେତୃମଣ୍ଡଳୀ ଓ କର୍ମୀମାନେ ଏକତ୍ରିତ ହୋଇଥିଲେ । ବରିଷ୍ଠ ନେତା ବିପ୍ରବର ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ସଭାରେ ବରିଷ୍ଠ ନେତା ତଥା ପୂର୍ବତନ ଜିଲ୍ଲା ସଭାପତି ସୁନୀଲ କୁମାର ଦାସ, ଜିଲ୍ଲା ଉପଦେଷ୍ଟା ପ୍ରେମଶଙ୍କର ମିଶ୍ର, ରୁଦ୍ରପ୍ରକାଶ ଶରଣ, ପିସିସି ସାଧାରଣ ସମ୍ପାଦକ ଶିଳ୍ପୀଶ୍ରୀ ହରିଚନ୍ଦନ, ଯୁବ କଂଗ୍ରେସ ନେତ୍ରୀ ସୁସ୍ମିତା ଦାଶ, ପୂର୍ବତନ ମହିଳା କଂଗ୍ରେସ ସଭାନେତ୍ରୀ ସ୍ମିତାରାଣୀ ସାମଲ, ପ୍ରବକ୍ତା ସରୋଜ କୁମାର ଶତପଥୀ, ପୂର୍ବତନ ଜିଲ୍ଲା ସାଧାରଣ ସମ୍ପାଦକ ଜିତେନ୍ଦ୍ର କୁମାର ସାହୁ, ସଂଗଠକ ଗୟାଧର ସେଠୀ, ସାରଙ୍ଗଧର ରାଜ, ଆଇନଜୀବୀ ବିକାଶ ରଞ୍ଜନ ନାଏକ, ସର୍ବେଶ୍ୱର ପରିଡ଼ା ପ୍ରମୁଖ ଯୋଗଦେଇଥିଲେ । କେନ୍ଦ୍ର ବିଜେପି ସରକାର କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏବଂ ସୋନିଆ ଗାନ୍ଧୀଙ୍କୁ ନ୍ୟାସନାଲ ହେରାଲ୍ଡ ମାମଲାରେ ମିଥ୍ୟାରେ ଛନ୍ଦି ଇଡି ଜରିଆରେ ବାରମ୍ବାର ସମନ କରିବା, ଇଡି ପକ୍ଷରୁ ଦିଲ୍ଲୀ ହାଇକୋର୍ଟରେ ମାମଲା ଦାୟର କରିବା ଅତ୍ୟନ୍ତ ନିନ୍ଦନୀୟ ଅଟେ ମତ ପ୍ରକାଶ ପାଇଥିଲା । ତେବେ ଦିଲ୍ଲୀ ହାଇକୋର୍ଟ ଏହି ମାମଲାକୁ ଖାରଜ କରିବା ଅତ୍ୟନ୍ତ ସ୍ୱାଗତଯୋଗ୍ୟ ଓ ଯଥାର୍ଥ । କୋର୍ଟ ଏହି ମାମଲାରେ ଉଚିତ ବିଚାର କରିଛନ୍ତି ବୋଲି କଂଗ୍ରେସ ନେତାମାନେ କହିଥିଲେ ।

● କଳ୍ପନା କ୍ଲବର କର୍ମକର୍ତ୍ତା ନିର୍ବାଚନ

## ଗୋବିନ୍ଦ ଉପସଭାପତି, ଶ୍ରୁତିପଦ ସମ୍ପାଦକ

ଢେଙ୍କାନାଳ,୧୮ ।୧୨(ସମିସ): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗରର ସର୍ବପୁରାତନ କଳ୍ପନା କ୍ଲବର ବାର୍ଷିକ କର୍ମକର୍ତ୍ତା ନିର୍ବାଚନ କ୍ଲବ ପରିସରରେ ଅନୁଷ୍ଠିତ ହୋଇଛି । କ୍ଲବର ସ୍ଥାୟୀ ସଭାପତି ଉପଜିଲ୍ଲାପାଳ ହେବାର ନିୟମ ଥିବା ବେଳେ ଅନ୍ୟ ପଦବୀ ପାଇଁ ନିର୍ବାଚନ ହୋଇଥିଲା ।





ଉପସଭାପତି ପଦ ପାଇଁ ଗୋବିନ୍ଦ ଚନ୍ଦ୍ର ସାହୁ ଓ ଅଯୋଧ୍ୟା ଶତପଥୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା । ଗୋବିନ୍ଦ ବିଜୟୀ ହୋଇଛନ୍ତି । ସମ୍ପାଦକ ଭାବେ ଶ୍ରୁତିପଦ ନନ୍ଦ ବିଶ୍ୱଜିତ ପଟ୍ଟନାୟକଙ୍କୁ ପରାସ୍ତ କରି ନିର୍ବାଚିତ ହୋଇଛନ୍ତି । କ୍ରୀଡ଼ା ସମ୍ପାଦକ ଭାବେ ବିଦ୍ୟାଧର ବରାଳ, ନାଟ୍ୟ ସମ୍ପାଦକ ଭାବେ ଜଗଦୀଶ ତ୍ରିପାଠୀ, କାର୍ଯ୍ୟନିର୍ବାହୀ ସଭ୍ୟ ଭାବେ ମିହିର ପ୍ରସାଦ ମହାପାତ୍ର, ଆଦିତ୍ୟ କୁମାର ଆଚାର୍ଯ୍ୟ, ହିମାଂଶୁ ଶେଖର ମହାପାତ୍ର, ସୁନୀଲ କୁମାର ପଟ୍ଟନାୟକ, ସୁବ୍ରତ କୁମାର ମହାନ୍ତି ନିର୍ବାଚିତ ହୋଇଛନ୍ତି । ବରିଷ୍ଠ ସଭ୍ୟ ଚିତ୍ତରଞ୍ଜନ ଦାସ ଓ ଗୌରୀଶଙ୍କର ପାଳ ନିର୍ବାଚନ ପରିଚାଳନା କରିଥିଲେ ।

ଖେଳ ପାଇଁ ପଡ଼ିଆ ନାହିଁ

## ବାର୍ଷିକ କ୍ରୀଡ଼ା ପାଇଁ ଏକ କିଲୋମିଟର ଯିବାକୁ ପଡୁଛି





ଭୁବନ,୧୮ ।୧୨(ସମିସ): ଢେଙ୍କାନାଳ ଜିଲ୍ଲା ଭୁବନ ଏନ୍‌ଏସି ଅନ୍ତର୍ଗତ ୧୯ଟି ବିଦ୍ୟାଳୟର ବିଦ୍ୟାର୍ଥୀଙ୍କ ପାଇଁ ଖେଳପଡ଼ିଆର ଅଭାବ ରହିଛି । ବିଦ୍ୟାଳୟଗୁଡ଼ିକର ବାର୍ଷିକ କ୍ରୀଡ଼ା ପାଇଁ ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ଖେଳପଡ଼ିଆ ଏକମାତ୍ର ସାହା ଭରସା ପାଲଟିଛି । ଯାହାକି ଭୁବନ ମିନି ଷ୍ଟାଡିୟମ ନାମରେ ନାମିତ ହୋଇଛି । ଏହି ଖେଳ ପଡ଼ିଆ ବ୍ୟତୀତ ଅନ୍ୟ ୧୮ ସ୍କୁଲରେ ନାହିଁ ଖେଳ ପଡ଼ିଆ । ନୂଆଭୁବନରେ ଥିବା ନୂଆଭୁବନ ନୋଡାଲ ଉଚ୍ଚ ବିଦ୍ୟାଳୟ, ଗୋଡ଼ିପଟଣା ଉଚ୍ଚ ପ୍ରାଥମିକ ସ୍କୁଲ, ତକ୍ଷଶିଳା, ଜାଭିୟର୍ସ, ସରସ୍ୱତୀ ଶିଶୁ ମନ୍ଦିରର ବିଦ୍ୟାର୍ଥୀ ନିଜ କ୍ୟାମ୍ପାସରେ ବାର୍ଷିକ କ୍ରୀଡ଼ା ଉତ୍ସବ କରିବାର ସୁଯୋଗ ନାହିଁ । ସମସ୍ତ ସ୍କୁଲ ନୂଆ ଭୁବନରେ ଥିବା କିଛି ବ୍ୟକ୍ତିଗତ ଜମିରେ ବାର୍ଷିକ ଖେଳକୁଦ କରୁଛନ୍ତି । ମଙ୍ଗଳବାର ନୂଆଭୁବନ ସ୍କୁଲର ବାର୍ଷିକ ଖେଳ ଉଦ୍‌ଯାପିତ ହୋଇଛି । ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିପିନ ବିହାରୀ ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ପ୍ରଧାନଶିକ୍ଷକ ଖଗେଶ୍ୱର ବେହେରାଙ୍କ ତତ୍ତ୍ୱାବଧାନରେ କ୍ରୀଡ଼ା ଶିକ୍ଷୟିତ୍ରୀ ଧରିତ୍ରୀ ପ୍ରିୟଦର୍ଶିନୀ ମିଶ୍ର, ପ୍ରଭାତ ନଳିନୀ ସାହୁ କ୍ରୀଡ଼ା ପରିଚାଳନା କରିଥିଲେ । ସେହିପରି ପୃଷ୍ଠି ପାଟଣା ନୋଡାଲ ସ୍କୁଲର ବାର୍ଷିକ କ୍ରୀଡ଼ା ବିଦ୍ୟାଳୟଠାରୁ ଏକ କିମି ଦୂରରେ ବୃଦ୍ଧେଶ୍ୱର ମନ୍ଦିର ନିକଟ ବେସରକାରୀ ପଡ଼ିଆରେ ବୁଧବାର ପ୍ରଧାନଶିକ୍ଷକ ମନମୋହନ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଛି । ପେଣ୍ଠସାହି, ହରିହରପୁର ପାଟଣା ସ୍କୁଲର କ୍ରୀଡ଼ା ବୃଦ୍ଧେଶ୍ୱର ପଡ଼ିଆରେ ହୋଇଥାଏ । ଭୁବନ ଏନ୍‌ଏସି ଅନ୍ତର୍ଗତ ଟୋଲଙ୍କବେରେଣିଠାରେ ଥିବା ଶ୍ରୀମା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ କ୍ରୀଡ଼ା ମିନି ଷ୍ଟାଡିୟମରେ ଉଦଘାଟିତ ହୋଇଛି । ବିଦ୍ୟାର୍ଥୀମାନଙ୍କ ଶାରୀରିକ, ମାନସିକ, ବୌଦ୍ଧିକ ବିକାଶ ଦିଗରେ ସହାୟକ ହେଉଥିବା କ୍ରୀଡ଼ା ପାଇଁ ପଡ଼ିଆ ଅଭାବ ଯୋଗୁଁ ପ୍ରଧାନଶିକ୍ଷକ ଦୀନବନ୍ଧୁ ବେହେରାଙ୍କ ତତ୍ତ୍ୱାବଧାନରେ ଭୁବନ ମିନି ଷ୍ଟାଡିୟମରେ କ୍ରୀଡ଼ା ଅନୁଷ୍ଠିତ ହେଉଛି । ପୃଷ୍ଠି ପୋଖରୀ, ହରିହରପୁର ପାଟଣାଠାରେ ଥିବା ଖେଳପଡ଼ିଆର ଉନ୍ନତୀକରଣ କରାଗଲେ ଯୁବ ଖେଳାଳିଙ୍କ ସହ ସ୍କୁଲ ବିଦ୍ୟାର୍ଥୀ ଖେଳକୁଦ କରିପାରନ୍ତେ ବୋଲି ପୂର୍ବତନ ଫୁଟବଲ ଖେଳାଳି ସନ୍ତୋଷ କୁମାର ବେହେରା, କ୍ରିକେଟ ଖେଳାଳି ଲକ୍ଷ୍ମୀଧର ସାହୁ, ଓସିଏ ସ୍ୱୀକୃତିପ୍ରାପ୍ତ ଅମ୍ପାୟର ବିପିନ ବିହାରୀ ସେଠୀ ମତ ଦେଇଛନ୍ତି ।

### ହରିହରପୁର ଓ ପୃଷ୍ଠିପାଟଣା ପଡ଼ିଆ ଉନ୍ନତୀକରଣ ପାଇଁ ଦାବି

## ସୁଲକ୍ଷଣା ଦେବୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଢେଙ୍କାନାଳ,୧୮ ।୧୨(ସମିସ): ଢେଙ୍କାନାଳ ସହରସ୍ଥିତ ସୁଲକ୍ଷଣା ଦେବୀ ସରକାରୀ ଉଚ୍ଚ ବିଦ୍ୟାଳୟର ୬୬ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଛି । ପ୍ରଧାନଶିକ୍ଷୟିତ୍ରୀ ମିନତୀ ଦେହୁରୀ କ୍ରୀଡ଼ା ମଶାଲ ପ୍ରଜ୍ୱଳନ ଓ କ୍ରୀଡ଼ା ପତାକା ଉତ୍ତୋଳନ କରି ଏହାକୁ ଉଦ୍‌ଘାଟନ କରିଥିଲେ । ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଦୀପ୍ତ କୁମାର ମହାପାତ୍ର, କୁଟୁଣିଆ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କରୁଣାକର ସେଠୀ, ବିଦ୍ୟାଳୟର କ୍ରୀଡ଼ା ଶିକ୍ଷୟିତ୍ରୀ ଜୟନ୍ତୀ ବେହେରାଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀଙ୍କ ସହଯୋଗରେ କ୍ରୀଡ଼ା ଅନୁଷ୍ଠିତ ହୋଇଥିଲା । ଶୁକ୍ରବାର ଏହି କ୍ରୀଡ଼ା ଉତ୍ସବ ଉଦଯାପିତ ହେବ ବୋଲି ପ୍ରଧାନଶିକ୍ଷୟିତ୍ରୀ ଦେହୁରୀ ସୂଚନା ଦେଇଛନ୍ତି ।